ନାୟକ
ଆମ ସମୟର

ମିଖାଇଲ ଲେରମଣ୍ଟୋଭ

ରବୀନ୍ଦ୍ରନାଥ ସିଂହ
ଅନୁବାଦକ

ଫ୍ରେଣ୍ଡସ୍ ପବ୍ଲିଶର୍ସ
କଟକ - ୨

"I write these lines in honour of one whom I have come to look upon as the Mayakovsky of my people. × ×

"× × The poet is too impetuous and honest to rest content with a blast or two against the local high-priests of corruption. He directly attacks the demoniacal in the spiritual substratum of human existence.

"My salutations to the revolutionary poetry of this self-schooled genius of Utkal, × ×"

Dr. T. Pati, D. Sc.

✦ ✦ ✦

"× × ରବୀନ୍ଦ୍ରନାଥ ସିଂହ ସ୍ୱୟଂସିଦ୍ଧ ଏକଲବ୍ୟ ପରି, ନୋହିଲେ ଗଣକବି ବୈଷ୍ଣବ ପାଣିଙ୍କ ପରି, ସେ ବନାଗୁରୁରେ କାବ୍ୟସାଧନା କରିଛନ୍ତି । ତାଙ୍କ ଗୁରୁ ଏଲିଅଟ୍, ଡାଇଲାନ୍ ଟମାସ୍, ସ୍ପେଣ୍ଡର, ପାଉଣ୍ଡ ନୁହନ୍ତି କି କାଳିଦାସ, ଭବଭୂତି, ରବୀନ୍ଦ୍ରନାଥ ନୁହନ୍ତି । ସେଥିପାଇଁ ତାଙ୍କ କବିତାରେ ରୂପକ ବା ରୂପକଳ୍ପତାର ବିନ୍ୟାସ ନାହିଁ, ଧ୍ୱନିର ଆଡ଼ମ୍ବର ନାହିଁ । ଦୁର୍ବୋଧତାର ଆର୍ମର୍-ଢଂକା 'ଇଣ୍ଟେଲେକ୍ଚୁଆଲିଜମ୍' ନାହିଁ । ମାତ୍ର ଅଛି, ଅନୁଭୂତିଲବ୍ଧ କଠୋର ଅଭିଜ୍ଞତାର ତୀବ୍ର ଅଭିଜ୍ଞାନ । × ×

"ତାଙ୍କ କବିତା ସହର-ଅରଣ୍ୟର ଚୂର୍ଣ୍ଣ-କୁନ୍ତଳ ନୁହେଁ କି ପ୍ଲାଷ୍ଟିକ୍ ଫୁଲର ପାଖୁଡ଼ା ନୁହେଁ । ସେ ସବୁ ନିତାନ୍ତ ବ୍ୟଥା-କଣ୍ଟକିତ-ହୃଦୟର କୁସୁମ । × × ତାଙ୍କ କବିତାର ଅନାଘ୍ରାତ ସୌରଭ, ଆମ୍ଭମାନଙ୍କର ରସେନ୍ଦ୍ରିୟକୁ (ରସନେନ୍ଦ୍ରିୟ ନୁହେଁ) କମ୍ପିତ କରେ × × ।"

ସୁରେନ୍ଦ୍ର ମହାନ୍ତି

Digitized by srujanika@gmail.com

"…ଏ ବହିଟିକୁ ଆମେ ପ୍ରଶଂସା କରୁନାହିଁ, କାରଣ ନିନ୍ଦା ଯେପରି ଏହାର କୌଣସି କ୍ଷତି କରିପାରିବ ନାହିଁ, ପ୍ରଶଂସା ମଧ୍ୟ ସେହିପରି ହେବ ନିରର୍ଥକ । ଯେତେଦିନ ପର୍ଯ୍ୟନ୍ତ ଏହାର ଶେଷ କପିଟି ବିକ୍ରି ନ ହୋଇଛି, ସେତେଦିନ ପର୍ଯ୍ୟନ୍ତ କେହି ଏବଂ କୌଣସି କିଛି ବି ଏହାର ଆବିର୍ଭାବ ବା ପ୍ରଚଳନ ବନ୍ଦ କରିପାରିବ ନାହିଁ ।"

—ଭିସାରିଓନ୍ ବେଲିନ୍‌ସ୍କି

" 'ନାୟକ ଆମ ସମୟର' ନାମକ ପୁସ୍ତକରେ ପାଞ୍ଚଟି ଗଳ୍ପ ଅଛି—'ବେଲ୍', 'ମାକ୍‌ସିମ୍ ମାକ୍‌ସିମୀଚ୍', 'ରାଜକୁମାରୀ ମେରି' ଏବଂ 'ଅଦୃଷ୍ଟବାଦୀ' । ଏଇ ଗଳ୍ପଗୁଡ଼ିକ ଗୋଟିଏ ମାତ୍ର ବିଷୟବସ୍ତୁ ଦ୍ୱାରା ସନ୍ନିବଦ୍ଧ । ଏଇ ପୁସ୍ତକରେ ତତ୍କାଳୀନ ସମୟର ନାୟକ ହିସାବରେ, ସେହି ଭୟଙ୍କର-କାଳ ଯାହାକୁ ସୃଷ୍ଟି କରିଥିଲା, ଲେର୍‌ମନ୍ତୋଭ ପେଚୋରିନ୍‌କୁ ବର୍ଣ୍ଣନା କରିଛନ୍ତି ଗୋଟିଏ ଉଚ୍ଛନ୍ନ ହୋଇ ଯାଇଥିବା, ନିଷ୍ଠୁର ଏବଂ ଅନାବଶ୍ୟକ ମଣିଷ ହିସାବରେ, ଯିଏ ଉଦାର ପ୍ରାକୃତିକ-ଦୃଶ୍ୟ ଏବଂ ସାଧାରଣ ହେଲେ ମଧ୍ୟ ବିସ୍ମୟକର-ମଣିଷମାନଙ୍କ ପାଖଦେଇ ନିର୍ବିକାର ଭାବରେ ଚାଲିଯାଏ । ତାଙ୍କର ପାଞ୍ଚଟିଯାକ କାହାଣୀ ଭିତରେ ଲେର୍‌ମନ୍ତୋଭ ପ୍ରକାଶ କରିଛନ୍ତି ନିଖୁଣ ଶିଳ୍ପଶୈଳୀ—ଯାହାଟା ଲିଖନ ପଦ୍ଧତି ଦିଗରୁ ବାସ୍ତବ, ବିଚକ୍ଷଣ, ସୁନିପୁଣ ଏବଂ ମନୋରମ ।"

—ଆଲେକ୍‌ସେଇ ଟଲ୍‌ଷ୍ଟୟ

Digitized by srujanika@gmail.com

ପ୍ରକାଶକ :
ଫ୍ରେଣ୍ଡସ ପବ୍ଲିଶର୍ସ,
ବିନୋଦବିହାରୀ, କଟକ-୨

"NAYAKA AMA SAMAYARA"

Translated into Oriya
by
Rabindranath Singh
From :
"HERO OF OUR TIME"
A Russian classic
by
Mikhail Lermontov.

Published by
Friends Publishers
Cuttack-2.
Rs 6. 00

ପ୍ରଥମ ଓଡ଼ିଆ ସଂସ୍କରଣ :
।। ଜାନୁୟାରୀ : ୧୯୬୭ ।।

ଅନୁବାଦକ :
।। ରବୀନ୍ଦ୍ରନାଥ ସିଂହ ।।

ମୁଦ୍ରଣ :
ଗୀତାଞ୍ଜଳି ପ୍ରେସ
କଟକ-୨

ଛଅ ଟଙ୍କା ମାତ୍ର

Digitized by srujanika@gmail.com

ସାମ୍ପ୍ରତିକ

ଓଡ଼ିଆ ଗଦ୍ୟସାହିତ୍ୟର

ମାନଦଣ୍ଡ

ସୁରେନ୍ଦ୍ର ମହାନ୍ତିଙ୍କୁ……

—ଅନୁ:

ପ୍ରକାଶକ :
ଫ୍ରେଣ୍ଡସ ପବ୍ଲିଶର୍ସ,
ବିନୋଦବିହାରୀ, କଟକ-୨

"NAYAKA AMA SAMAYARA"

Translated into Oriya
by
Rabindranath Singh
From :
"HERO OF OUR TIME"
A Russian classic
by
Mikhail Lermontov.

Published by
Friends Publishers
Cuttack-2.
Rs 6. 00

ପ୍ରଥମ ଓଡ଼ିଆ ସଂସ୍କରଣ :
॥ ଜାନୁୟାରୀ : ୧୯୬୬ ॥

ଅନୁବାଦକ :
॥ ରବୀନ୍ଦ୍ରନାଥ ସିଂହ ॥

ମୁଦ୍ରଣ :
ଗୀତାଞ୍ଜଳି ପ୍ରେସ
କଟକ-୨

ଛଅ ଟଙ୍କା ମାତ୍ର

Digitized by srujanika@gmail.com

ମିଖାଇଲ୍ ଲେର୍‌ମଣ୍ଟଭ୍

|| ୧୮୧୪-୧୮୪୧ ||

Digitized by srujanika@gmail.com

ମିଖାଇଲ୍ ଲେର୍‌ମଣ୍ଟଭ୍ :
କବି ପୁଷ୍କିନ୍‌ଙ୍କ ଉତ୍ତରାଧିକାରୀ

ମିଖାଇଲ୍ ଲେର୍‌ମଣ୍ଟଭ୍—ରୁଷ୍ ଦେଶର ବିଖ୍ୟାତ କବି ଏବଂ ନାଟ୍ୟକାର, ଔପନ୍ୟାସିକ ମଧ୍ୟ ।

ଲିଓ ଟଲଷ୍ଟୟ, ଆଣ୍ଟନ୍ ଚେଖଭ, ଫିଓଦର ଦସ୍ତୋୟେଭସ୍କି ପ୍ରଭୃତି ମହାନ୍ ରୁଷୀୟ ଲେଖକ ମାନଙ୍କର ନାମ ଯେପରି ରୁଷ୍ ଦେଶର ସୀମା ଅତିକ୍ରମ କରି ବିଶ୍ୱବ୍ୟାପୀ ପ୍ରସାରିତ, ମିଖାଇଲ୍ ଲେରମଣ୍ଟଭଙ୍କ ନାମ ସେପରି ପ୍ରସାରିତ ହୋଇ ନଥିଲେ ମଧ୍ୟ, ଲେରମଣ୍ଟଭ ଯେ ଅତି ଉଚ୍ଚ-ସମ୍ମାନ ଓ ସ୍ୱୀକୃତିର ଅଧିକାରୀ; ଏଥିରେ ସନ୍ଦେହର ଅବକାଶ ନାହିଁ ।

ଶୁଣିଲେ ବିସ୍ମିତ ହେବାକୁ ହୁଏ : ମନୀଷୀ ଲିଓ ଟଲଷ୍ଟୟଙ୍କ ବିଖ୍ୟାତ ଏପିକ୍ War and peaceର ଉତ୍ସ ହେଉଛି ମିଖାଇଲ୍ ଲେର୍‌ମଣ୍ଟଭଙ୍କ ରଚିତ "ବୋରୋଦିନୋ" ନାମକ ଏକ କ୍ଷୁଦ୍ର କବିତା ! ଏକଥା ନିଜେ ଟଲଷ୍ଟୟ ମଧ୍ୟ ସ୍ୱୀକାର କରିଛନ୍ତି ।

ଏ ଉପନ୍ୟାସର ତୃତୀୟ ପରିଚ୍ଛେଦ 'ତାମାନ'ର ପ୍ରତିଟି ବାକ୍ୟାଂଶ ଆଲୋଚନା ହେବା ଉଚିତ ବୋଲି ନିଜେ ଆଣ୍ଟନ୍ ଚେଖଭ ମତ ବ୍ୟକ୍ତ କରିଥିଲେ ।

ମହାନ୍ ଔପନ୍ୟାସିକ ନିକୋଲାଇ ଗୋଗଲ (୧୮୦୯—୧୮୫୨) ଲେରମଣ୍ଟଭଙ୍କ ସଂପର୍କରେ କହିବାକୁ ଯାଇ ମତ ଦେଇଥିଲେ : "ଆମ ଭିତରୁ କେହି ତାଙ୍କପରି ଏତେ ଶୁଦ୍ଧ, ସୁନ୍ଦର ଏବଂ ସୁରଭିତ-ଗଦ୍ୟ ରଚନା କରି ନାହାନ୍ତି ।"

ଲେର୍‌ମଣ୍ଟଭଙ୍କ ପରବର୍ତ୍ତୀ ପ୍ରତ୍ୟେକ ଲେଖକ ଲେର୍‌ମଣ୍ଟଭଙ୍କ ଠାରେ କମ୍ ଋଣୀ ନୁହନ୍ତି ! ଗଦ୍ୟ ଲେଖକ ମାନଙ୍କ ମଧ୍ୟରେ ହେର୍‌ଜେନ୍, ତୁର୍ଗେନେଭ, ନେକ୍ରାସୋଭ, ସାଲ୍‌ଟିକୋଭ-ଶ୍ଚେଦ୍ରିନ୍ ଓ ମାକ୍‌ସିମ୍ ଗର୍କି ଏବଂ କବି ମାନଙ୍କ ମଧ୍ୟରେ ବ୍ଲକ୍, ମାୟକୋଭସ୍କି, ସ୍ୱେ ସ୍ଲିନ୍ ଆଧୁନିକ ପ୍ରାୟ ପ୍ରତ୍ୟେକ ରୁଷୀୟ ସାହିତ୍ୟିକ ମାନଙ୍କ ମତରେ—ଲେରମଣ୍ଟଭ ଏବଂ ପୁଷ୍କିନ୍ ସେମାନଙ୍କ ନିଜ ନିଜ ଜୀବନକୁ ବହୁଭାବରେ ପ୍ରଭାବାନ୍ୱିତ ଓ ଅନୁପ୍ରାଣିତ କରିଛନ୍ତି ।

ପରବର୍ତ୍ତୀ ରୁଷୀୟ କବିତାକୁ କିପରି ଏକ ଆତ୍ମିକ-ବନ୍ଧନ ଲେରମଣ୍ଟଭଙ୍କ ସହିତ ଗ୍ରଥିତ କରିଛି, ତାହା କବି ଭ୍ଲାଦିମିର ମାୟକୋଭସ୍କିଙ୍କ "ତାମାରା ଆଣ୍ଡ୍ ଡେମନ୍" କବିତାରୁ ଜଣାପଡ଼େ । ସେଥିରେ ସେ ଲେରମଣ୍ଟଭଙ୍କୁ ସମ୍ବୋଧନ କରି କହିଛନ୍ତି :

"ତାଙ୍କର ପଦ୍ୟ-ପରମ୍ପରାର ଅନୁଗାମୀ ଆମେ !"

Digitized by srujanika@gmail.com

ବିଶ୍ୱସାହିତ୍ୟକୁ ପ୍ରଭାବିତ କରୁଥିବା ଲିଓ ଟଲଷ୍ଟୟ, ଦସ୍ତୋଏଭସ୍କି, ଚେଖଭ, ଗର୍କି, ବୁନିନ୍, ଶୋଲୋଖୋଭ ଏବଂ ଆଲେକ୍‌ସେଇ ଟଲଷ୍ଟୟଙ୍କ ମନସ୍ତାତ୍ତ୍ୱିକ ଗଦ୍ୟ-ରଚନାକୁ ଯେଉଁମାନେ ତାରିଫ୍ କରନ୍ତି, ସେମାନଙ୍କର ମନେ ରଖିବା ଉଚିତ ମିଖାଇଲ ଲେରମଣ୍ଟଭ ହେଉଛନ୍ତି ମନସ୍ତାତ୍ତ୍ୱିକ-ଉପନ୍ୟାସ ରଚନା କ୍ଷେତ୍ରରେ ରୁଷିଆରେ ସର୍ବପ୍ରଥମ ଏବଂ ସେହି ଚିନ୍ତାଧାରାର ସେ ପ୍ରଥମ ଉଦ୍‌ଗାତା । ତାଙ୍କର ଏହି ଉପନ୍ୟାସ "ନାୟକ ଆମ ସମୟର" ନୂତନ ଭାବ ପ୍ରଦାନରେ, ବୈଶିଷ୍ଟ୍ୟରେ ଅତି ଉଚ୍ଚସ୍ତରର ବୋଲି ପରିଚୟ ଦିଏ । ଏ ଉପନ୍ୟାସର ପାଞ୍ଚଟିଯାକ ପରିଚ୍ଛେଦ—ଯା'ର ଭିତରେ ଲେର୍‌ମଣ୍ଟଭ ତାଙ୍କର ନାୟକ 'ପେଚୋରିନ୍'ର ଚରିତ୍ରକୁ ଅନ୍ୟ ଜଣେ ନାୟକ ଏବଂ ପରିଶେଷରେ ସ୍ୱ-ମତାମତ ଦ୍ୱାରା ଚିତ୍ରିତ କରିଛନ୍ତି । ଉପନ୍ୟାସଟି ପ୍ରକାଶିତ ହେବାର ୧୨୫ ବର୍ଷ ପରେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଏହା ଅତି ବିସ୍ମୟକର ବୋଲି ମନେହୁଏ ।

ଯେତେବେଳେ ଷ୍ଟେନ୍‌ଥାଲ୍, ବ୍ୟାଲ୍‌ଜାକ୍, ଫେନିମୋର୍ କୁପର୍ ପ୍ରଭୃତି ଲେଖକଙ୍କ ରଚନାମାନ ପ୍ରକାଶିତ ହୋଇଥିଲା, ଏ ଉପନ୍ୟାସଟି ରଚିତ ହୋଇଥିଲା ଠିକ୍ ସେତିକି ବେଳେ । ଉପରୋକ୍ତ ମନୀଷୀ ମାନଙ୍କ ରଚନାକୁ ଲେର୍‌ମଣ୍ଟଭ ମନୋଯୋଗ ସହକାରେ ଅଧ୍ୟୟନ କରିଥିଲେ ମଧ୍ୟ ତାଙ୍କ ନିଜ ରଚନା ଥିଲା ସେମାନଙ୍କଠାରୁ ସଂପୂର୍ଣ୍ଣ ପୃଥକ୍—ଭିନ୍ନ ଧରଣର । ଏ ଉପନ୍ୟାସଟିର ନାୟକ 'ପେଚୋରିନ୍', ତା'ର ଚରିତ୍ର, ପରିବେଶ, ଜୀବନର ଟିକିନିଖି ଘଟଣା ଏବଂ ଉପନ୍ୟାସଟିର ବର୍ଣ୍ଣନା-ପାଟବ, ବୈଶିଷ୍ଟ୍ୟ କେବଳ ରୁଷ୍ ମାଟିରେହିଁ ସମ୍ଭବ ।

ଏ ଉପନ୍ୟାସଟିର ଆଉ ଏକ ଗୁଣ ହେଲା : ଏହା ଏକ ଗଦ୍ୟ ହୋଇଥିଲେ ମଧ୍ୟ ଜଣେ ମହାନ୍ କବିଙ୍କ ଦ୍ୱାରା ରଚିତ । ବର୍ଣ୍ଣନାର ଭଙ୍ଗୀ, ତୁଳନା, ଧ୍ୱନି ଏବଂ ଅନ୍ୟାନ୍ୟ ଆଳଙ୍କାରିକ-ସମାବେଶ 'ନାୟକ ଆମ ସମୟର' ଉପନ୍ୟାସଟିକୁ ଅତି ଅଦ୍‌ଭୁତ ଧରଣର କରି ଥୋଇଛି ।

ଏହା ବିଶ୍ୱସାହିତ୍ୟ ପୀଠରେ ଏକ ଉତ୍କୃଷ୍ଟତମ ସାହିତ୍ୟିକ କୃତି ।

ଇତିହାସରେ ଅନନ୍ୟସାଧାରଣ ମିଖାଇଲ୍ ଲେର୍‌ମଣ୍ଟଭଙ୍କ ସ୍ଥାନ ।

ରାଫେଲ୍, ମୋଜାର୍ଟ, ବାଇରନ୍, ପୁଷ୍କିନ୍ ଏବଂ ମାୟୁକୋଭସ୍କି ପ୍ରଭୃତି କବିମାନେ ସମସ୍ତେ [illegible] ୩୭ ବର୍ଷ ମଧ୍ୟରେ ପୃଥିବୀରୁ ବିଦାୟ ନେଇଥିଲେ ମଧ୍ୟ ଲେରମଣ୍ଟଭଙ୍କ ପରି କେହି ବିଶ୍ୱସାହିତ୍ୟରେ ଏତେ ଉଚ୍ଚସ୍ଥାନ ଅଧିକାର କରି ମାତ୍ର ୨୭ ବର୍ଷ ବୟସରେ ଘୃଣ୍ୟ ଦ୍ୱନ୍ଦ୍ୱଯୁଦ୍ଧ (duel) ରେ ପ୍ରାଣ ହରାଇ ନଥିଲେ ।

୧୮୧୪ ଖ୍ରୀଷ୍ଟାବ୍ଦ.......
ଅକ୍ଟୋବର ମାସର ତା ୧୫ ରିଖ ।

Digitized by srujanika@gmail.com

ରୁଷିଆର ମସ୍କୋ ନଗରୀରେ ଏଇଦିନ ଭୂମିଷ୍ଠ ହୁଅନ୍ତି ସାରସ୍ୱତ-ଜଗତର ଅମ୍ଳାନ କାବ୍ୟତାରକା ମିଖାଇଲ୍ ଲେରମଣ୍ଟଭ । ବାପା ଥିଲେ ତାଙ୍କର ଜଣେ ସାଧାରଣ ସୈନ୍ୟବାହିନୀର କ୍ୟାପ୍ଟେନ୍, ମା' ଗୋଟିଏ ବିତ୍ତଶାଳୀ ଜମିଦାରଙ୍କ କନ୍ୟା ହେଲେ ମଧ୍ୟ ତାଙ୍କର ବିବାହ ହୋଇଥିଲା ନିଜ ଶ୍ରେଣୀଠାରୁ ନିମ୍ନ ଶ୍ରେଣୀରେ।

୩ବର୍ଷ ବୟସରେ ମା-ଛେଉଣ୍ଡ ହୋଇଥିଲେ ଲେରମଣ୍ଟଭ । ତା ପରେ ଲେରମଣ୍ଟଭଙ୍କୁ ତାଙ୍କ ଆଈ ଏଲିଜାବେଥା-ଆର୍ସେନେଭା ବାପାଙ୍କ ପାଖରୁ ଆଣି ନେଇ ଯାଇଥିଲେ ।

ଲେର୍‌ମଣ୍ଟଭଙ୍କୁ ୧୩ବର୍ଷ ବୟସ ହେବା ପର୍ଯ୍ୟନ୍ତ ସେ ଭଲଗା କୂଳରେ ଥିବା ତୃଣଭୂମି ଅନ୍ତର୍ଗତ ତାର୍ଖୋନି ଜମିଦାରୀରେ ଲାଳିତ-ପାଳିତ ହୋଇଥିଲେ ଏବଂ ଉଚ୍ଚଶ୍ରେଣୀସ୍ଥମାନଙ୍କ ପାଇଁ ଉଦ୍ଦିଷ୍ଟ ମସ୍କୋର ଏକ ବିଦ୍ୟାଳୟରେ ଭର୍ତ୍ତି ହୋଇଥିଲେ ।

୨ବର୍ଷ ପରେ........

ମସ୍କୋ ବିଶ୍ୱବିଦ୍ୟାଳୟର ଭାଷାତତ୍ତ୍ୱ ଫ୍ୟାକଲ୍‌ଟିରେ ଯୋଗ ଦିଅନ୍ତି ଲେରମଣ୍ଟଭ ।

୧୮୨୫ ଖ୍ରୀଷ୍ଟାବ୍ଦ........

ଜାର୍‌ସାସିତ ରୁଷିଆରେ ଐତିହାସିକ "ଡିସେମ୍ବ୍ରିଷ୍ଟ୍ ଅଭ୍ୟୁତ୍ଥାନ" । ତା ପରେ ଜାର୍ ୧ମ ନିକୋଲସ୍‌ଙ୍କ ରାଜ୍ୟାଭିଷେକ । ଜାର୍ ୧ମ ନିକୋଲସ୍ ଗାଦୀନସୀନ୍ ହେବା ପରେ ପରେ ଯେତେବେଳେ ରୁଷିଆରୁ ସ୍ୱାଧୀନ-ଚିନ୍ତାଧାରାକୁ (ବିଶେଷକରି ଦେଶର ଶିକ୍ଷିତ ଯୁବକ ମାନଙ୍କ ଭିତରୁ) ଧ୍ୱଂସ କରିଦେବା ପାଇଁ ଉଦ୍ୟମ ଆରମ୍ଭକଲେ; ସେତେବେଳେ ଲେରମଣ୍ଟଭ ଯୋଗଦେଲେ ଗ୍ରୁପ-ପ୍ରତିବାଦ ସଭାରେ । ପ୍ରଗତିଶୀଳ ଅଧ୍ୟାପକ ମାନଙ୍କ ବିରୁଦ୍ଧାଚରଣ କରିବା ଅପରାଧରେ ତାଙ୍କୁ ବହିଷ୍କୃତ କରାହେଲା ବିଶ୍ୱବିଦ୍ୟାଳୟରୁ ।

ତା ପରେ ପିଟର୍ସବର୍ଗ ଅଭିମୁଖେ ଗଲେ ଲେରମଣ୍ଟଭ ।

ପ୍ରବେଶ କଲେ ପିଟର୍ସବର୍ଗର କ୍ୟାଭାଲ୍‌ରି ବିଦ୍ୟାଳୟରେ ।

୨ବର୍ଷ ପରେ........

ପହରାଦାର-ବାହିନୀରେ ନିଯୁକ୍ତି ପାଇଲେ ଲେର୍‌ମଣ୍ଟଭ ।

୧୪ ବର୍ଷ ବୟସରୁ ଲେର୍‌ମଣ୍ଟଭ କବିତା, ନାଟକାଦି ଲେଖା ଆରମ୍ଭ କରିଥିଲେ ନିଜକୁ ଆନନ୍ଦ ଦେବାପାଇଁ ନୁହେଁ; ଏକ ବାସ୍ତବ ଅବଲମ୍ବନ ରୂପେ । ସେତେବେଳ ପର୍ଯ୍ୟନ୍ତ ତାଙ୍କର କୌଣସି ଲେଖା ପ୍ରକାଶିତ ହୋଇ ନଥିଲା । ସେ ଇଂରାଜୀ, ଫରାସୀ, ଜର୍ମାନ୍, ଲାଟିନ୍ ଭାଷାମାନ ଜାଣିଥିବାରୁ ବିଶ୍ୱସାହିତ୍ୟର

Digitized by srujanika@gmail.com

ଅଧିକାଂଶ ଉତ୍କୃଷ୍ଟ ରଚନାମାନ ଅଧ୍ୟୟନ କରିବାକୁ ସକ୍ଷମ ହୋଇଥିଲେ ଏବଂ ହଜାର ହଜାର ଧାଡ଼ି କବିତା ତାଙ୍କ ମୁହଁରେ ଥିଲା ।

ଲେର୍‌ମଣ୍ଟଭଙ୍କ ଦୃଷ୍ଟିରେ ବାଇରନ୍ ଆଉ ପୁଷ୍କିନ୍ ଥିଲେ ସର୍ବଶ୍ରେଷ୍ଠ ।

ପୁଷ୍କିନ୍‌ଙ୍କୁ ସେ ଭକ୍ତି କରୁଥିଲେ ବୋଲି ପରେ ସେ ନିଜେ ସେତେବେଳର ଅପ୍ରତିଦ୍ୱନ୍ଦ୍ୱୀ ସମାଲୋଚକ ଭିସାରିଅନ୍ ବେଲିନ୍‌ସ୍କିଙ୍କ ପାଖରେ ସ୍ୱୀକାର କରିଛନ୍ତି ।

ଲେରମଣ୍ଟଭଙ୍କୁ ୨୨ ବର୍ଷ ବୟସ ହେବା ପର୍ଯ୍ୟନ୍ତ ସେ ତାଙ୍କ ସାହିତ୍ୟିକ ରଚନାଗୁଡ଼ିକୁ କେବଳ ନିଜ ବନ୍ଧୁମାନଙ୍କ ବ୍ୟତୀତ ଅନ୍ୟ କାହାକୁ ଦେଖାଇ ନ ଥିଲେ ।

ମହାକବି ପୁଷ୍କିନ ଯେତେବେଳେ ନିହତ ହେଲେ ଏକ ଦ୍ୱନ୍ଦ୍ୱଯୁଦ୍ଧ (duel)ରେ; ବଜ୍ରାଘାତ ପରି ସେତେବେଳେ ସେ ସମ୍ବାଦ ତରୁଣକବି ଲେରମଣ୍ଟଭଙ୍କ ହୃଦୟରେ ଶଙ୍ଖଧ୍ୱନିର ଏକ ପ୍ରତିଧ୍ୱନି ସୃଷ୍ଟି କଲା । ଏକଥା ସେତେବେଳେ ସର୍ବବାଦିତ ଥିଲା ଯେ, କବି ପୁଷ୍କିନ୍‌ଙ୍କ ଶତ୍ରୁମାନେ ପୁଷ୍କିନ୍‌ଙ୍କୁ ସବୁବେଳେ ଦଣ୍ଡଦେବା ଲାଗି ସୁଯୋଗ ଉଣ୍ଡି ଯୋଜନା କରୁଥିଲେ । ଯେଉଁ ଦ୍ୱନ୍ଦ୍ୱଯୁଦ୍ଧ (duel) ରେ ପୁଷ୍କିନ୍‌ଙ୍କୁ ହତ୍ୟା କରାଗଲା, ସେ ଦ୍ୱନ୍ଦ୍ୱଯୁଦ୍ଧ (duel)କୁ ତାଙ୍କର ଶତ୍ରୁମାନେ ସଙ୍ଗଠିତ କରିଥିଲେ । ପୁଷ୍କିନ୍‌ଙ୍କୁ ହତ୍ୟା କରାଯିବାରେ ସମଗ୍ର ବିଶ୍ୱ ଯେଉଁ ପ୍ରତିଭାକୁ ହରାଇ ବସିଲା, ସେଥିରେ ଦୁଃଖ ଓ ଭାବାବେଗ ପ୍ରକାଶ କରି ଯେଉଁମାନେ ଉକ୍ତ ପ୍ରତିଭାର ହତ୍ୟାକାରୀ ଏବଂ duelର ସଙ୍ଗଠକ ସେମାନଙ୍କ ପ୍ରତି ରୋଷ ପ୍ରକାଶ କରି ଏକ କବିତା ଲେଖିଥିଲେ ଲେରମଣ୍ଟଭ । ତାଙ୍କର ସେହି ବିଷାଦମୟ ଉଦ୍ଦୀପକ-କବିତାଟି ଅଭିଭୂତ କରିଦେଇଥିଲା ସମଗ୍ର ରୁଷିଆର ଜନସାଧାରଣଙ୍କୁ । ପାଣ୍ଡୁଲିପି ଅବସ୍ଥାରେ ବହୁଳ ପ୍ରଚାରିତ ହୋଇଥିଲା ଉକ୍ତ କବିତାଟି—ସେଥିରେ ରୁଷିଆର ଚିନ୍ତାଶୀଳ ଲୋକେ ନିଜ ନିଜର ଅନୁଭୂତିର ସ୍ରଷ୍ଟା ଦେଖିବାକୁ ପାଇଥିଲେ ଏବଂ ଲେରମଣ୍ଟଭ ଯେ ପୁଷ୍କିନ୍‌ଙ୍କ ସୁଯୋଗ୍ୟ ଉତ୍ତରାଧିକାରୀ; ତାହା ଜାଣିବାକୁ ପାଇଥିଲେ ସେମାନେ । ଉକ୍ତ କବିତାଟିକୁ ଶାସକଗୋଷ୍ଠୀ, ଏପରିକି ଜାର୍ ନିଜେ ନିଜର ଆଭିଜାତ୍ୟ ପ୍ରତି ଏକ ଚ୍ୟାଲେଞ୍ଜ୍ ଭାବରେ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ । ଫଳରେ ୧୮୩୭ ଖ୍ରୀଷ୍ଟାବ୍ଦରେ ଲେର୍‌ମଣ୍ଟଭଙ୍କୁ ଗିରଫ କରାଯାଇ ପଠାଇ ଦିଆଗଲା କକେଶସ୍‌କୁ । ସେହିବର୍ଷ ପୁରାତନ ରୁଷୀୟ ବାଲାଡ୍ ଭଙ୍ଗୀରେ ଲେରମଣ୍ଟଭଙ୍କ "ସଙ୍ଗ୍ ଅଫ୍ ଜାର୍ ଇଭାନ୍ ଭାସିଲିୟେଭିଚ୍" ରଚିତ ହୋଇଥିଲା ଏବଂ ସେହି କକେଶସ୍‌ରେ ଏଇ ଉପନ୍ୟାସଟିର ରୂପରେଖ ଦେଇଥିଲେ ଲେର୍‌ମଣ୍ଟଭ ।

୧୮୩୮—୧୮୩୯ ଖ୍ରୀଷ୍ଟାବ୍ଦ ।

Digitized by srujanika@gmail.com

ସାମୟିକ ଭାବରେ ପିଟର୍ସ୍‌ବୁର୍ଗ ଓ ସହର ବାହାରେଥିବା ତାଙ୍କ ରେଜିମେଣ୍ଟରେ ବାସ କରୁଥିଲେ ଲେରମଣ୍ଟଭ । ଏତିକବେଳେ ସେ କଳ୍ପିତ ହେଉଥିଲେ ରୁଷୀୟ ପଦ୍ୟ-ସାହିତ୍ୟର ପ୍ରତୀକ ରୂପରେ । ଏହି ସମୟରେ ବିଖ୍ୟାତ ଗଣତନ୍ତ୍ରୀ ସାମ୍ବାଦିକ ଭିସାରିଅନ୍ ବେଲିନ୍‌ସ୍କିଙ୍କ ପରିଚାଳିତ ପତ୍ରିକା 'ଅଟେଚେସ୍ତ୍‌ଭେନିୟେ ଜାପିସ୍କି'ର ଜଣେ ପ୍ରଧାନ କବି, ରୁଷୀୟ ପଦ୍ୟ-ସାହିତ୍ୟର ମାନଦଣ୍ଡ, କବି ପୁଷ୍କିନ୍‌ଙ୍କ ଉତ୍ତରାଧିକାରୀ ରୂପେ ବିବେଚିତ ହୋଇଥିଲେ ଲେରମଣ୍ଟଭ ।

ଅଭିଜାତ୍ୟ ଏବଂ ଶାସକର ପକ୍ଷ ସମର୍ଥକ ଭଡାଟିଆ ସମ୍ବାଦପତ୍ରମାନେ ଲେରମଣ୍ଟଭଙ୍କ ବ୍ୟକ୍ତିତ୍ୱ ଏବଂ ରଚନା ପ୍ରତି ଅତି ନୀଚ ଧରଣର କୁତ୍ସା କରିବାକୁ ଆଗେଇ ଆସିଥିଲେ ସେତେବେଳେ ।

୧୮୪୦ ଖ୍ରୀଷ୍ଟାବ୍ଦରେ ଲେରମଣ୍ଟଭଙ୍କୁ ଥରେ ଦ୍ୱନ୍ଦ୍ୱଯୁଦ୍ଧ (duel)କୁ ଡକା ହୋଇଥିଲା—ସେ ଥରକ ସେ ବଞ୍ଚି ଯାଇଥିଲେ—ସେଇ ଅପରାଧରେ ତାଙ୍କୁ ବାହାର କରି ଦିଆଯାଇଥିଲା ପିଟର୍ସବୁର୍ଗରୁ ।

ପୁଣି ଥରେ ଲେରମଣ୍ଟଭଙ୍କୁ ପଠାଗଲା କକେଶସ୍‌କୁ—ସେତେବେଳେ ସେଠି ଏକ ଭୟାବହ କ୍ଲାନ୍ତିକର ଯୁଦ୍ଧ ଚାଲିଥାଏ । ଭୀଷଣ ସଂଗ୍ରାମରେ ଜଡ଼ିତ ରହି ଲେରମଣ୍ଟଭଙ୍କ ସୃଜନଶୀଳ କାର୍ଯ୍ୟକଳାପ ବହୁ ପରିମାଣରେ ବ୍ୟାହତ ହୋଇଥିଲେ ମଧ୍ୟ, ରୁଷୀୟ ପାଠକଗୋଷ୍ଠୀର ଅତି ପ୍ରିୟ ବହୁ କବିତା ସେତେବେଳେ ସେ ରଚନା କରିଥିଲେ । ସେତିକବେଳେ କେବଳ ରୋମାଣ୍ଟିକ ଅନୁଭୂତି ବର୍ଣ୍ଣନା ସଙ୍ଗେ ସଙ୍ଗେ ରୁଷୀୟ ଜୀବନର ସମ୍ପୂର୍ଣ୍ଣ ବାସ୍ତବଚିତ୍ର ସେ ଅଙ୍କନ କରିଥିଲେ । ତାଙ୍କର "ନେଟିଭ୍ ଲାଣ୍ଡ୍"ରେ ସେ ବିଶାଳ ନଦୀ, ବନ, ନିର୍ଜନ ତୃଣଭୂମି, ଆବାସ ଓ ଶସ୍ୟଖଳାମାନଙ୍କର ନିଖୁଣ ଚିତ୍ର ଦେଇଛନ୍ତି—ପ୍ରତିଟି ଧାଡ଼ିରେ ଚ୍ୟାଲେଞ୍ଜ୍‌ର ସୂଚନା ସୂଚିତ ହୋଇଛି ।

୧୮୪୧ ଖ୍ରୀଷ୍ଟାବ୍ଦ ।

ଶେଷଥର ଲାଗି ଆଈଙ୍କୁ ଦେଖିବା ପାଇଁ ପିଟର୍ସ୍‌ବୁର୍ଗରେ ଯାଇ ପହଞ୍ଚିଛନ୍ତି ଲେରମଣ୍ଟଭ । ତାଙ୍କ ବନ୍ଧୁ, ପାଠକମାନଙ୍କ ପାଇଁ ଏହା ଏକ ଗଭୀର ଦୁଃଖଦାୟକ ଘଟଣା । ଅତିଅନ୍ୟାୟ ସର୍ତ୍ତରେ ତାଙ୍କୁ ରାଜଧାନୀରେ ଅଧିକ ରହିବା ଲାଗି ଆଦେଶ ଦିଆଗଲା ।

ଲେରମଣ୍ଟଭ ଜାଣିପାରିଲେ, ତାଙ୍କ ଦିନକାଳ ଶେଷ ହୋଇ ଆସୁଛି । ହୁଏତ ତାଙ୍କୁ କୌଣସି ଯୁଦ୍ଧରେ ପ୍ରାଣ ଦେବାକୁ ପଡ଼ିପାରେ ନତୁବା କୌଣସି ଦୂର ସ୍ଥାନରେ ମରିବାକୁ ହୋଇପାରେ ନିର୍ବାନ୍ଧବ ଅବସ୍ଥାରେ !

କକେଶସର କ୍ଷୁଦ୍ର ପିଆଟିଗୋର୍ସ୍କ ସହର ।

Digitized by srujanika@gmail.com

ଜୀବନର ଶେଷ ୬ ସପ୍ତାହ ଅତିବାହିତ ହୋଇଥିଲା ଏଇ ସହରରେ ମିଖାଇଲ ଲେରମଣ୍ଟଭଙ୍କର ।

ମୃତ୍ୟୁ ଯେପରି ଅଳ୍ପ ପଛଘୁଞ୍ଚା ଦେଉଛି :

ଏଇଆ ପ୍ରଥମେ ଅନୁଭବ କଲେ ଲେରମଣ୍ଟଭ । ତାଙ୍କ ନୋଟ୍‌ବୁକ୍‌ରେ ଥିବା କେତେକ କବିତାରୁ ଏହା ସ୍ପଷ୍ଟ ଜଣାପଡ଼େ ।

ଜୁଲାଇ ମାସର ତା ୨୭ ରିଖ........

୧୮୪୧ ଖ୍ରୀଷ୍ଟାବ୍ଦ । ପିଆଟିଗୋର୍ସ୍କ ସହର ଉପକଣ୍ଠରେ ଏହି ମହାନ୍ କାବ୍ୟତାରକା ଲେରମଣ୍ଟଭଙ୍କ ପ୍ରାଣ-ପ୍ରଦୀପର ପଲିତଶିଖା ଚିରଦିନ ପାଇଁ ନିଭିଗଲା........ନିଆଁର ଦିଆଗଲା । ତାଙ୍କ ଶତ୍ରୁମାନଙ୍କ ଦ୍ୱାରା ଆୟୋଜିତ ଏକ ଦ୍ୱନ୍ଦ୍ୱଯୁଦ୍ଧରେ ନିହତ ହେଲେ ସେ । ଯେଉଁ ଅବସରପ୍ରାପ୍ତ' ଅଫିସର ଜଣକ ତାଙ୍କୁ ହତ୍ୟା କରିଥିଲେ, ଆଉନ ତାଙ୍କ ପ୍ରତି ହୋଇଥିଲା ଦୟାଳୁ, ତାଙ୍କର ଏ କାର୍ଯ୍ୟ ପାଇଁ ତାଙ୍କୁ କୌଣସି ପ୍ରକାରର ଦଣ୍ଡ ଦିଆଯାଇ ନଥିଲା । ପ୍ରକୃତରେ ଲେରମଣ୍ଟଭ ମୋଟେ dual ଚାହିଁ ନଥିଲେ—ପ୍ରତିଦ୍ୱନ୍ଦ୍ୱୀଙ୍କୁ ଗୁଳି କରିବା ପରିବର୍ତ୍ତେ ସେ ଆକାଶକୁ ଗୁଳି ଚଳାଇଥିଲେ ।

"ତୁମେ ଯେ କ୍ଷୁଧାର୍ତ୍ତ-ଗୋଷ୍ଠୀ
ରହିଅଛ ଶାସକର ସିଂହାସନ ଘେରି,
ପ୍ରତିଭା ଓ ସ୍ୱାଧୀନତା, ଯଶ ଇତ୍ୟାଦିର........
....ତୁମେ ହତ୍ୟାକାରୀ ।"

ପୁଷ୍କିନ୍‌ଙ୍କୁ ହତ୍ୟା କରିଯିବା ଦିନ ଉପଲକ୍ଷେ ଏଇ ଯେଉଁ କବିତା ଆବୃତ୍ତି କରିଥିଲେ ଲେରମଣ୍ଟଭ; ସେଦିନ, ଅର୍ଥାତ୍ ତାଙ୍କ ନିଜକୁ ହତ୍ୟା କରାଯିବାବେଳେ ଆଉ ଏ କବିତା ସେ ଆବୃତ୍ତି କରି ନାହାନ୍ତି........କରି ପାରିଲେ ନାହିଁ ।

ସେମାନେ ସମସ୍ତେ ମଲେଣି ।

କିନ୍ତୁ କାଳଜୟୀ ମିଖାଇଲ୍ ଲେରମଣ୍ଟଭ ଆଜି ମଧ୍ୟ ବଞ୍ଚି ରହିଛନ୍ତି ! ଆମେ ତାଙ୍କ ଯୁଗଠାରୁ ଯେତେ ଯେତେ ଦୂରକୁ ଯାଉଥିବା, ସେତେ ସେତେ ନିକଟବର୍ତ୍ତୀ ହେଉଥିବା ତାଙ୍କର ।

—ରବୀନ୍ଦ୍ରନାଥ ସିଂହ

Digitized by srujanika@gmail.com

ଲେଖକର ମୁଖବନ୍ଧ*

ଯେ କୌଣସି ବହିର ମୁଖବଂଧ ହେଲା ତା'ର ପ୍ରଥମ ଆଉ ଶେଷ କଥନ । ହୁଏ ତ ସେଥିରେ ବହିଟିର ଉଦ୍ଦେଶ୍ୟ କାହାଣୀ ଥିବ, ନତୁବା ସେଇଟା ତା'ର ସମାଲୋଚକମାନଙ୍କ ପାଖରେ ଲେଖକଙ୍କୁ ସମର୍ଥନ କରୁଥିବ ! ସାଧାରଣତଃ କିନ୍ତୁ ପାଠକମାନେ ବହିର ନୈତିକ ଉପଦେଶ କିମ୍ବା ତା' ଉପରେ ସାଂବାଦିକ ମାନଙ୍କର ଆକ୍ରମଣ—କିଛି ହେଲେ ବି ଗ୍ରାହ୍ୟ କରଂତି ନାହିଁ । ସେଥିପାଇଁ ମୁଖବଂଧ ପଢ଼ଂତି ନାହିଁ ସେମାନେ । ତଥାପି ଏପରି ହେବା ଦୁଃଖର କଥା, ବିଶେଷକରି ଆମ ଦେଶରେ । ଆମର ଜନସାଧାରଣ ବର୍ତ୍ତମାନ ଏତେ ଅପରିଣତ ଓ ସରଳ-ହୃଦୟ ଯେ ସେମାନେ ବୁଝିପାରଂତି ନାହିଁ ସେଇ ଉପକଥା, ଯେଉଁ ଉପକଥାର ଶେଷରେ ନାହିଁ କୌଣସି ନୈତିକ-ଉପଦେଶ । ସେମାନେ ଉପହାସକୁ ଧରିପାରଂତି ନାହିଁ, ବୁଝିପାରଂତି ନାହିଁ ଶ୍ଳେଷ । ସେମାନଙ୍କୁ ମଣିଷ କରାଯାଇଛି ମନ୍ଦ ଭାବରେ । ବର୍ତ୍ତମାନ ସେମାନେ ଜାଣଂତି ନାହିଁ ଯେ ଆଧୁନିକ ଶିକ୍ଷା-ଦୀକ୍ଷା ତା ଅପେକ୍ଷା ଶାଣିତ, ପ୍ରାୟ ଅଦୃଶ୍ୟ ଅଥଚ ମାରାତ୍ମକ ଏକ ଅସ୍ତ୍ର ଆବିଷ୍କାର କରିଛି, ଯେଉଁଟା ଗୁପ୍ତଚରତାର ଛଦ୍ମବେଶରେ ଏପରି ଭାବରେ ଆଘାତ କରେ, ଯାହା କେବେହେଲେ ଲକ୍ଷ୍ୟ ଭ୍ରଷ୍ଟ ହୁଏ ନା । ଆମର ଜନ-ସାଧାରଣ ସେଇ ଗାଁ ଲୋକମାନଂକ ପରି ଯେଉଁମାନେ ପରସ୍ପର-ବିରୋଧୀ ଦୁଇ ଦେଶର କୂଟନୀତିଜ୍ଞଙ୍କ ଆଳାପ ଚଳୁଥିବା ଶୁଣି ଏଇ ଧାରଣାରେ ଉପନୀତ ହୁଅନ୍ତି ଯେ ସେମାନେ ସମ୍ଭବତଃ ପାରସ୍ପରିକ ମଧୁର-ବଂଧୁତ୍ୱ ଲାଗି ଆପଣାର ସରକାରକୁ ଠକୁଛଂତି ।

କେତେଜଣ ପାଠକ, ଏପରି କି କେତୋଟି ପତ୍ରିକା ବର୍ତ୍ତମାନ ବହିଟିକୁ ଆକ୍ଷରିକ ଭାବରେ ଗ୍ରହଣ କରିବାରେ ତାକୁ ଲାଂଛନା ଭୋଗକରିବାକୁ ହୋଇଛି । କେହି କେହି ପ୍ରକୃତରେ ଭୀଷଣ ଭାବରେ କ୍ଷୁବ୍ଧ ହୋଇଥିଲେ "ନାୟକ ଆମ ସମୟର" ପରି ଗୋଟାଏ ନୈତିକ-ଜ୍ଞାନହୀନ-ମଣିଷକୁ ଆଦର୍ଶ ହିସାବରେ ଉପସ୍ଥିତ କରିବାରେ । ଅନ୍ୟମାନେ ସୂକ୍ଷ୍ମଭାବରେ ମଂତବ୍ୟ କରିଥିଲେ ଯେ, ଲେଖକ ନିଜର ଏବଂ ତାଙ୍କର ପରିଚିତ ବ୍ୟକ୍ତିମାନଂକ ଚିତ୍ର ଅଙ୍କନ କରିଛନ୍ତି....।

* ଏ ଶିରୋନାମାଟି ଅନୁବାଦକର ।

Digitized by srujanika@gmail.com

ପୁଣି ପୂର୍ବର ଦୁର୍ବଳ-ରସିକତା ! କିନ୍ତୁ ସ୍ପଷ୍ଟତଃ ଭୁଷିଆ ଏପରି ଭାବରେ ସୃଷ୍ଟ ହୋଇଛୁ ଯେ, ଅନ୍ୟାନ୍ୟ ସବୁଦିଗରୁ ସେ ଯେତେ ଉନ୍ନତ କରୁ ନା କାହିଁକି, ଏ ଧରଣର ନିବୁଦ୍ଧିତାକୁ ଅତିକ୍ରମ କରିପାରିବ ନାହିଁ । ଆମ ଦେଶରେ ସବୁଠାରୁ ଅଦ୍ଭୁତ ରୂପକଥା ମଧ୍ୟ ଏଇ ସମାଲୋଚନାରୁ ପରିତ୍ରାଣ ପାଇବାର ପ୍ରାପ୍ତ ଆଶାନାହିଁ ଏହି କାରଣରୁ ଯେ, ସେଇଟି କୌଣସି ବ୍ୟକ୍ତିକୁ ନିନ୍ଦା କରିବାର ଗୋଟିଏ ପ୍ରଚେଷ୍ଟା ।

ପ୍ରିୟ ପାଠକ ! 'ନାୟକ ଆମ ସମୟର' ବାସ୍ତବିକ ଗୋଟିଏ ଚିତ୍ର, କିନ୍ତୁ ଗୋଟିଏ ମଣିଷର ନୁହେଁ; ଆମ୍ଭମାନଙ୍କ ଯୁଗର ପାପର ପୂର୍ଣ୍ଣ ପ୍ରକାଶକୁ ନେଇ ସୃଷ୍ଟି ହୋଇଛି ଏ ଚିତ୍ର । ହୁଏତ ଆପଣମାନେ ପୁଣି ମୋତେ କହିବେ: କୌଣସି ଲୋକ ଏତେ ଖରାପ ହୋଇ ପାରେ ନା । ମୁଁ କିନ୍ତୁ ଉତ୍ତର ଦେବି ଯେ, ଆପଣମାନେ ଯଦି ବିୟୋଗାନ୍ତକ ନାଟକ ଆଉ ରମନ୍ୟାସର ସବୁ ବଦ୍‌ମାସ୍‌ମାନଙ୍କ ଅସ୍ତିତ୍ୱକୁ ବିଶ୍ୱାସ କରିପାରନ୍ତି, ତା ହେଲେ ପେଚୋରିନ୍‌ର ଅସ୍ତିତ୍ୱକୁ ବିଶ୍ୱାସ କରିବେ ନାହିଁ କାହିଁକି ? ଯଦି ଆପଣମାନେ ଆହୁରି ବେଶି ଭୀତିପ୍ରଦ ଓ ଅପସନ୍ଦ ଚରିତ୍ରକୁ ପ୍ରଶଂସା କରିପାରନ୍ତି, ତାହେଲେ କାଳ୍ପନିକ ହେଲେ ମଧ୍ୟ ଏହି ଚରିତ୍ର ପ୍ରତି ଆପଣମାନେ କାହିଁକି ଆହୁରି ଦୟାଳୁ ହୋଇ ପାରନ୍ତି ନାହିଁ ? ତା'ର କାରଣ ଏଇଟା ନୁହେଁ କି, ସ୍ୱା ଭିତରେ ଏତେ ବେଶି ସତ୍ୟ ରହିଛି ଯେଉଁଟାକୁ ଆପଣମାନେ ପସନ୍ଦ କରନ୍ତି ନାହିଁ ?........

ଆପଣମାନେ ହୁଏତ କହିବେ, ଏ ବହିରୁ କୌଣସି ନୈତିକ-ଉନ୍ନତି ହେବନାହିଁ ? ମୁଁ କିନ୍ତୁ ଏକମତ ନୁହେଁ । ଜନସାଧାରଣଙ୍କୁ ଯଥେଷ୍ଟ ମିଠା ଖୁଆହୋଇଛି ଯେଉଁଥିରେ ସେମାନଙ୍କର ବଦ୍‌ହଜମ୍ ହୋଇପାରେ; ବର୍ତ୍ତମାନ ଦରକାର ତିକ୍ତ-ଔଷଧ ଆଉ ତୀବ୍ର-ସତ୍ୟର । ଆପଣମାନେ ତଥାପି କିନ୍ତୁ ମନେ କରିବେ ନାହିଁ ଯେ, ମାନବୀୟ-ପାପ ସଂଶୋଧନ କରିବା ପରି ଉଚ୍ଚାଶା ଏ ବହି-ଲେଖକର କୌଣସି ସମୟରେ ଥିଲା ବୋଲି । ଭଗବାନ ତାକୁ ଯେପରି ସେ ପ୍ରକାରର ଚପଳଅମିରୁ ରକ୍ଷାକରନ୍ତୁ ! ତାକୁ କେବଳ ଭଲ ଲାଗିଥିଲା ଆଧୁନିକ-ମଣିଷର ଚିତ୍ର ଆଙ୍କିବାକୁ—ଯେଉଁପରି ସେମାନଙ୍କୁ ସେ ଦେଖିଛି ଏବଂ ବାରଂ-ବାର, ତା'ର ଏବଂ ଆପଣଙ୍କର ଦୁର୍ଭାଗ୍ୟ, ସେ ଏଇ ଧରଣର ମଣିଷଙ୍କ ଦେଖାପାଇଛି । ଏଇ ଟିକିକ ଯଥେଷ୍ଟ ଯେ, ରୋଗ ଧରାପଡ଼ିଛି; କିପରି ସେ ସେଇଟାକୁ ଦୂର କରାଯିବ, ଏକମାତ୍ର ଭଗବାନ ହିଁ ଜାଣନ୍ତି ।

Digitized by srujanika@gmail.com

ଅନୁବାଦକର କଥା

ଓଡ଼ିଆ ପାଠକ-ଗୋଷ୍ଠୀର ଏକଦା ବୋଧହୁଏ ଧାରଣା ଥିଲା, ରୁଷ୍ ଦେଶର ସାହିତ୍ୟ ମାତ୍ରେହିଁ କମ୍ୟୁନିଷ୍ଟ-ସାହିତ୍ୟ ହୋଇଥିବ—ହେବାକୁ ବାଧ୍ୟ !

ଏଇଁ ମାତ୍ର କେତେବର୍ଷ ତଳେ····

ରୁଷୀୟ-ସାହିତ୍ୟର କୌଣସି ଉପନ୍ୟାସର ଅନୁବାଦ-ପାଣ୍ଡୁଲିପି ଧରିଥିଲେ ଯାକ ଯଦି କୌଣସି ଅନୁବାଦକ ପ୍ରକାଶକଙ୍କ ଦ୍ୱାରସ୍ଥ ହେଉଥିଲା, ତାହେଲେ କମ୍ ନିରୁତ୍ସାହିତ ହେଉ ନଥିଲା ସେ !

ଆଜି କିନ୍ତୁ ସେ ଅବସ୍ଥା ଧୀରେ ଧୀରେ ଅପସରି ଯାଉଛି କଚ୍ଛପ-ଗତିରେ, ଅଗଣିତ ଓଡ଼ିଆ-ପାଠକେ ବୁଝିଲେଣି : ରୁଷ୍ ଦେଶର ସାହିତ୍ୟ କେବଳ ନିର୍ଭେଳ ସାହିତ୍ୟ ପରିହିଁ ତା'ର ପରିଚୟ !

ଏଇ ଗତ କେତେବର୍ଷ ଭିତରେ ଏକାଧିକ ରୁଷୀୟ ଉପନ୍ୟାସର ଅନୁବାଦ ଓଡ଼ିଆ ଭାଷାରେ ପ୍ରକାଶିତ ହୋଇଛି—କେତେକ ପ୍ରକାଶ ଅପେକ୍ଷାରେ ମଧ୍ୟ ।

ପ୍ରଥମତଃ ରୁଷ୍ ସାହିତ୍ୟର ମହାନ୍ ଗଳ୍ପାପର ସହିତ ଓଡ଼ିଆ ପାଠକଙ୍କୁ ପରିଚିତ କରାଇବାକୁ ହେଲେ ବହୁ ପରିମାଣରେ ରୁଷୀୟ ଉପନ୍ୟାସ, ଗଳ୍ପ, କବିତା, ନାଟକାଦି ଓଡ଼ିଆରେ ଅନୁବାଦ ହୋଇ ପ୍ରକାଶ ପାଇବା ଦରକାର ଏବଂ ଦ୍ୱିତୀୟତଃ ତା'ର ପ୍ରକାଶନ-ଦାୟିତ୍ୱ ବହନ କରିବା ଉଚିତ ଭାରତରେ ଥିବା ସୋଭିଏଟ୍ ରୁଷ୍ ଦୂତାବାସର ସାଂସ୍କୃତିକ ବିଭାଗ (ଏଥିପାଇଁ ଦୂତାବାସର Provision ମଧ୍ୟ ରହିଛି ।) କିନ୍ତୁ ତାହା ହେଉଛି ବୋଲି ମୋର ମନେହୁଏ ନାହିଁ ।

Digitized by srujanika@gmail.com

ଏ ଉପନ୍ୟାସ ସମ୍ପର୍କରେ ଅନୁବାଦକ ହିସାବରେ ମୋର ବିଶେଷ କିଛି କହିବାର ନାହିଁ । ଯା ସମ୍ପର୍କରେ ସ୍ୱେ ନିଜେ ଓ ଏହାର ଲେଖକ ସ୍ୱୟଂ ଏବଂ ସବଶେଷରେ ଡ. ଆନ୍ଦ୍ରୋନିକଭଙ୍କ ଟିପ୍ପଣୀ ଯାହା ଯାହା କହିଛି, ତା ଠାରୁ ଆଉ ଅଧିକ ମୁଁ ବା କ'ଣ କହିବି ?

ଏହାର ଅନୁବାଦ-କାର୍ଯ୍ୟରେ ଯେତେବେଳେ ହାତ ଦେଇଥିଲି, ସେତେବେଳେ ମୋର ମାନସିକ-ଜଗତ୍‌ରେ ବାସ କରୁଥିଲା ଏକ ହିଂସ୍ର ପାଶବଶକ୍ତି—ସେତେବେଳେ ମଣିଷ ବ୍ୟତୀତ ଜୀବ-ଜଗତ୍‌ର ଯେ କୌଣସି ପ୍ରାଣୀଙ୍କ ପ୍ରତି ମୁଁ ହୋଇ ଉଠିଥିଲି ଈର୍ଷାନ୍ୱିତ । ନିଜର ମାନସିକ-ଜଗତ୍‌ର ଏହି ଦୁର୍ଦ୍ଦିନ ବେଳେ ଏ ଉପନ୍ୟାସଟିର ଅନୁବାଦ-କର୍ମ ମୋତେ ଚରମ-ଆନନ୍ଦ ଦେବାକୁ ସମର୍ଥ ହୋଇଥିଲା, ମୌଳିକ ସାହିତ୍ୟ ରଚନା ଭଳି ଏହାର ଅନୁବାଦକୁ ଶେଷ କରିଥିଲି ବିନା କ୍ଲାନ୍ତିରେ ।

ପରିଶେଷରେ ଏହାର ତରୁଣ ପ୍ରକାଶକ ବନ୍ଧୁଙ୍କୁ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ଅନୁବାଦ-କର୍ମରେ ମୋତେ ମୂଳରୁ ଶେଷପର୍ଯ୍ୟନ୍ତ ସହାୟତା କରିଥିବାରୁ ମୋର ସ୍ତ୍ରୀଙ୍କୁ ମଧ୍ୟ ଏଠାରେ ସ୍ମରଣ କରୁଛି ।

୧, ଜାନୁଆରୀ, ୧୯୬୭

Digitized by srujanika@gmail.com

ପ୍ରଥମ ଖଣ୍ଡ

Digitized by srujanika@gmail.com

୧

ବେଲ୍

ଟିଫ୍ଲିସ୍‌ଠାରୁ ଘୋଡ଼ାଟଣା ଡାକ ଗାଡ଼ିରେ ମୁଁ ଯାଉଥିଲି । ଗାଡ଼ିରେ ମାଲ୍‌ବୋଲି ଥିଲା ମାତ୍ର ଗ୍ରେଟ ଗୋଟାଏ ସୁଟ୍‌କେଶ୍, ତା'ର ଅର୍ଦ୍ଧେକ ପରିପୂର୍ଣ୍ଣ ଥିଲା ଜର୍ଜିଆ ଭ୍ରମଣ ସମ୍ପର୍କୀୟ ନାନା ତଥ୍ୟରେ । ଆପଣମାନଙ୍କର ସୌଭାଗ୍ୟ, ସେଦିନଠାରୁ ସେଥିରୁ ଅଧିକାଂଶ ହଜିଯାଇଛି; କିନ୍ତୁ ମୋର ସୌଭାଗ୍ୟ, ସୁଟ୍‌କେଶ୍ ଆଉ ତା' ଭିତରର ଜିନିଷପତ୍ର-ଗୁଡ଼ିକ ରହି ଯାଇଛି ।

ଯେତେବେଳେ ମୁଁ କୋଇଶାଉର ଉପତ୍ୟକାରେ ପହଞ୍ଚିଲି ସେତେବେଳେ ବରଫାବୃତ ଗୋଟିଏ ପାହାଡ଼ର ପଛପଟରେ ସୂର୍ଯ୍ୟ ଅସ୍ତଯିବାପାଇଁ ଉଦ୍ୟତ । ଅସେଣ୍ଟିୟ ଗାଡ଼ୁଆନ୍ ମୁକ୍ତ କଣ୍ଠରେ ଗୀତ ଗାଇ ଗାଇ ଘୋଡ଼ାଗୁଡ଼ିକୁ କ୍ରମାଗତ ଚାବୁକ୍ ମାରୁଥିଲା ଯେପରିକି ଦିନ ଥାଉ ଥାଉ କୋଇଶାଉ ପାହାଡ଼ର ଶିଖର ଦେଶରେ ପହଞ୍ଚି ହେବ । କି ଆଶ୍ଚର୍ଯ୍ୟ, ସୁନ୍ଦର ଏଇ ଉପତ୍ୟକାଟି ! ଚତୁର୍ଦ୍ଦିଗରେ ଦୁର୍ଗମ ପାହାଡ଼ ଉନ୍ନତଶିର ହୋଇ ଠିଆହୋଇଛି । ରକ୍ତାଭ ଦଣ୍ଡାୟମାନ ପାହାଡ଼ର ଦେହରେ ଝୁଲୁଛି ସବୁଜ ଲତା । ଚୂଡ଼ାରେ ପ୍ଲେନ୍ ଗଛର ଝାଡ଼ । ହଳଦିଆ ଗିରିପୃଷ୍ଠରେ ଝରଣା ସୃଷ୍ଟି କରିଛି ତା'ର ସରଣୀ । ବହୁତ ଉଚ୍ଚରେ ଉଜ୍ଜ୍ୱଳ ବରଫର ଝାଲର । ତଳେ ଆରଗ୍‌ଭା ଆଲିଙ୍ଗନ କରୁଛି ଏକ ନାମହୀନ ସ୍ରୋତକୁ । ସେଇ ସ୍ରୋତ ଗୋଟିଏ କଳା ଅନ୍ଧକାରମୟ ଗିରିଗର୍ତ୍ତ ଫୁଟାଇ ଆତ୍ମପ୍ରକାଶ କରିଛି ସଶବ୍ଦରେ, ତା'ପରେ ଦୂରକୁ ଟାଣି ହୋଇ ଯାଉଛି ରୂପେଲି ଫିତାପରି, ଦେହଟା ତା'ର ଚକଚକ ହେଉଛି, ଯେପରି ଗୋଟାଏ ସାପକାତି !

Digitized by srujanika@gmail.com

କୋଇଶାଉ୍ ପାହାଡ଼ର ପାଦଦେଶରେ ପହଞ୍ଚି ଆମେ ଗୋଟିଏ ଦୁଖାନ' ବାହାରେ ଅଟକିଲୁ । ସେଠାରେ କୋଡ଼ିଏ ଜଣ ପର୍ଯ୍ୟନ୍ତ ଜର୍ଜିଆ ଆଉ ପାହାଡ଼ିଆ ଲୋକ ଜମା ହୋଇ ହଇଚଇ କରୁଥିଲେ, ପାଖରେହିଁ ରାତକଟାଇବା ପାଇଁ ଦଳେ ଓଟ ଥମିଛନ୍ତି । ଆମ ଗାଡ଼ିଟାକୁ ଏଇ ବିକଟ ପାହାଡ଼ ଉପରକୁ ଟାଣିନେବା ପାଇଁ ତିନି ବଳଦ ଆମକୁ ଭଡ଼ା କରିବାକୁ ହେଲା, କାରଣ ଇତିମଧ୍ୟରେ ଶରତ୍‌କାଳ ଆସିଯାଇଛି ଏବଂ ମୃତ୍ତିକା ଉପରେ ଜମିଛି ବରଫର ପତଳା ପ୍ରଲେପ । ଉଠିବାକୁ ହେବ ପ୍ରାୟ ଦୁଇ ଘଣ୍ଟାର ପଥ ।

ଛ'ଟା ବଳଦ ଆଉ କେତେଜଣ ଅସେଟୀୟ ଲୋକଙ୍କୁ ଭଡ଼ା କରିବା ବ୍ୟତୀତ ଗତ୍ୟନ୍ତର ନଥିଲା । ସେମାନଙ୍କ ଭିତରୁ ଜଣେ ମୋ ସୁଟ୍‌କେଶ୍‌ଟିକୁ କାନ୍ଧରେ ଥୋଇଲା ଆଉ ଅନ୍ୟ ସମସ୍ତେ ବଳଦଗୁଡ଼ିକୁ ସାହାଯ୍ୟ କରିବାକୁ ଗଲେ—ସାହାଯ୍ୟ ମାନେ କେବଳ ଖୁବ୍ ପାଟି, ହଇଚଇ କରିବା ।

ମୋ' ଗାଡ଼ି ପଛରେ ଗୋଟିଏ ଚାରି ବଳଦଟଣା ଗାଡ଼ି ଆସୁଥିଲା । ସେମାନଙ୍କର ଖୁବ୍ ପରିଶ୍ରମ ହେଉଥିଲା ବୋଲି ମନେହେଲା ନାହିଁ, ଯଦିଓ ଗାଡ଼ି ଭିତରେ ମାଲ୍‌ମତା ଖୁନ୍ଦାଖୁନ୍ଦି ହୋଇ ଫୁଲିଉଠିଛି । ଏଥିରେ ମୁଁ କିଛିଟା ଆଶ୍ଚର୍ଯ୍ୟ ହେଲି । ଗାଡ଼ିଟାର ପଛରେ ରୌପ୍ୟମଣ୍ଡିତ କାବାର୍ଦୀୟ ପାଇପ୍ ଟାଣି ଟାଣି ତା'ର ମାଲିକ ଚାଲିଚାଲି ଚାଲିଛନ୍ତି । ପହରଣ ତାଙ୍କର ସାମରିକ କୋଟ୍, କାନ୍ଧ ଉପରେ କୌଣସି ସାମରିକ ଚିହ୍ନ ନାହିଁ, ମୁଣ୍ଡରେ ଲୋମଶ ଚେର୍କେଶୀୟ ଟୋପି । ଦେଖି ମନେହୁଏ, ତାଙ୍କର ବୟସ ଅଧଶତ ପାଖାପାଖି । ତାଙ୍କର କଳାଚମଡ଼ା ଦେଖି ବୁଝାପଡ଼େ । କକେଶସ୍ ଆରପାଖର ସୂର୍ଯ୍ୟ ସହିତ ତାଙ୍କର ଦୀର୍ଘ ପରିଚୟର କଥା ଏବଂ ତାଙ୍କର ଅସମୟରେ ପାଚିଯାଇଥିବା କେଶ, ତାଙ୍କର ଦୃଢ଼ ପଦକ୍ଷେପ ଓ ଶକ୍ତିଶାଳୀ ଚେହେର ସମ୍ବନ୍ଧରେ ମିଥ୍ୟା ଧାରଣା ସୃଷ୍ଟି କରେ । ତାଙ୍କ ପାଖକୁ ଆଗେଇଯାଇ ମୁଁ ନତ ହୋଇ ଅଭିବାଦନ କଲି । ଧୂଆଁର ଏକ ବିରାଟ ମେଘ ଛାଡ଼ି ନିଃଶବ୍ଦରେ ସେ ମୋ ଅଭିବାଦନର ପ୍ରତ୍ୟୁତ୍ତର ଦେଲେ !

ଦୁଖାନ—କକେଶୀୟ ସରାଇଖାନା ।

Digitized by srujanika@gmail.com

"ମନେ ହେଉଛି ଆମେ ସହଯାତ୍ରୀ !"

ପୁନର୍ବାର ସେ ନତ ହେଲେ କିନ୍ତୁ ପଦେ ହେଲେ ବି କଥା କହିଲେ ନାହିଁ ।

"ନିଶ୍ଚୟ ଆପଣ ସ୍ତାଭ୍ରେପ୍‌ଲକୁ ଯାଉଛନ୍ତି ?"

"ହଁ, ସେଇଠାକୁ ହିଁ ଯାଉଛି···କିଛି ସରକାରୀ ମାଲପତ୍ର ନେଇ ।"

"ଦୟାକରି ମୋତେ ବୁଝାଇ ଦେବେ, କିପରି ଗୋଟିଏ ବଳଦ ଆପଣଙ୍କର ଏଇ ଓଜନଦାର ଗାଡ଼ିଟାକୁ ଅନାୟାସରେ ଟାଣିନେଇ ଚାଲିଛନ୍ତି ଆଉ ଏ ଆଡ଼େ ଛ'ଟା ଜନ୍ତୁ ଏଇ ସବୁ ଅସେଟିୟମାନଙ୍କ ସାହାଯ୍ୟ ସତ୍ତ୍ୱେ ମଧ୍ୟ ମୋର ଖାଲି ଗାଡ଼ିଟାକୁ ପ୍ରାୟ ଟାଣି ହି ପାରୁନାହାନ୍ତି ?"

ଗୋଟାଏ ଧୂର୍ତ୍ତ ହସ ହସି ମୋ ଆଡ଼କୁ ଅର୍ଥପୂର୍ଣ୍ଣ ଦୃଷ୍ଟି ନିକ୍ଷେପ କଲେ ସେ ।

"ମନେ ହୁଏ ଆପଣ କକେଶସ୍‌କୁ ବେଶି ଦିନ ହେଲା ଆସିନାହାନ୍ତି ?"

"ପ୍ରାୟ ବର୍ଷେ ହେବ" ମୁଁ ଉତ୍ତର ଦେଲି ।

ପୁନର୍ବାର ସେ ହସିଲେ ।

"କାହିଁକି ଏକଥା ପଚାରୁଛନ୍ତି ?"

"କୌଣସି ବିଶେଷ କାରଣରୁ ନୁହେଁ, ମହାଶୟ ! ଏଇ ଏସିଆ-ବାସୀମାନେ ଘୋର ଶଇତାନ୍ ! ଆପଣ ନିଶ୍ଚୟ ହିଁ ଭାବୁଛନ୍ତି ଏମାନଙ୍କ ଚିତ୍କାର ଖୁବ୍ ଗୋଟାଏ ସାହାଯ୍ୟ କରୁଛି ! କେବଳ ଶଇତାନ ହିଁ ଜାଣେ, କ'ଣ ଆଗପଛ ଚିତ୍କାର କରନ୍ତି ଏମାନେ ! କିନ୍ତୁ ବଳଦଗୁଡ଼ିକ ଏମାନଙ୍କ କଥା ଠିକ୍ ବୁଝନ୍ତି । ଯଦିହେଲେ କୋଡ଼ିଏଟା ଜନ୍ତୁଙ୍କୁ ପ୍ରହାର କରନ୍ତୁ, ସେମାନେ କିନ୍ତୁ ପାଦେ ଆଗେଇବେ ନାହିଁ—ଏ ଲୋକଗୁଡ଼ାକ ଯଦି ନିଜ ନିଜ ଭାଷାରେ ଚିତ୍କାର କରୁଥିବେ·····। ଏମାନେ ଭୀଷଣ ପ୍ରତାରକ ! ଆଉ ଏମାନଙ୍କର ଆପଣ କ'ଣ ବା କରି ପାରନ୍ତେ···? ପଥିକ ମାନଙ୍କୁ ଏମାନେ ଶୋଷଣ କରିବାକୁ ଭଲ ପାନ୍ତି । ବଦମାସ୍ ଗୁଡ଼ାକ ଉଚ୍ଛନ୍ନ ହୋଇ ଯାଇଛନ୍ତି ! ଆପଣ ଦେଖିବେ, ଆପଣଙ୍କୁ ଏମାନେ ବକ୍‌ସିସ୍ ଦେବାପାଇଁ ବାଧ୍ୟ ବି କରିବେ । ବର୍ତ୍ତମାନ ମୁଁ

Digitized by srujanika@gmail.com

ଏମାନଙ୍କୁ ଚିହ୍ନି ନେଇଛୁ, ମୋତେ ଏମାନେ ଆଉ ବୋକା ବନେଇ ପାରିବେ ନାହିଁ !"

"ଏଠି କ'ଣ ଆପଣ ବହୁଦିନ ଧରି ଚାକିରି କରୁଛନ୍ତି ?"

"ହଁ, ମେରେଡିଥ ଧରି ଆଲେକ୍ସେଇ ପେଟ୍ରୋଭିଚ୍' ଏଠାରେ ରହିଛନ୍ତି ।" ସଳଖି ଠିଆ ହୋଇ ସେ ଉତ୍ତର ଦେଲେ, "ଜେନେରାଲ୍ ସେ ଯେତେବେଳେ ଆସନ୍ତି, ମୁଁ ସେତେବେଳେ ସବ୍-ଲେଫ୍‌ଟେନାଂଟ୍ । ପାହାଡ଼ୀ ଲୋକମାନଙ୍କ ବିରୁଦ୍ଧରେ ଲଢ଼ାଇ କରିବା ପାଇଁ ତାଙ୍କ ଅଧୀନରେ ଦୁଇଥର ମୋର ପଦୋନ୍ନତି ହୋଇଥିଲା ।"

"ଆଉ ବର୍ତ୍ତମାନ କ'ଣ କରୁଛନ୍ତି ?..."

"ବର୍ତ୍ତମାନ ମୁଁ ତୃତୀୟ ସୀମାନ୍ତବାହିନୀରେ ଅଛି । ଆଉ ଆପଣ ? ଯଦି କିଛି ମନେ ନ କରନ୍ତି !"

ମୁଁ ତାଙ୍କୁ ଜଣାଇଲି ।

ଏହାପରେ କଥାବାର୍ତ୍ତା ବନ୍ଦ ହୋଇଗଲା । ଆମେ ନୀରବରେ ପାଖାପାଖି ଚାଲିବାକୁ ଲାଗିଲୁ । ପାହାଡ଼ର ଚୂଡ଼ାରେ ଆସି ଆମେ ପାଇଲୁ ବରଫ । ସୂର୍ଯ୍ୟ ଅସ୍ତ ହେଲା ଆଉ ଦିନ ଯିବାପରେ ସଙ୍ଗେ ସଙ୍ଗେ ଘନୀଭୂତ ହୋଇ ଆସିଲା ରାତି, ଦକ୍ଷିଣ ଅଞ୍ଚଳରେ ଯେପରି ହୋଇଥାଏ । ଉଜ୍ଜ୍ୱଳ ତୁଷାରକୁ ଧନ୍ୟବାଦ—ଆମେ ଅନାୟାସରେ ବାଟଖୋଜି ପାଇପାରିଲୁ । ବାଟ ବର୍ତ୍ତମାନ ଉପରମୁହାଁ ହୋଇ ଉଠୁଛି, ଯଦିଓ ଆଗପରି ସେତେ ଉପର ମୁହାଁ ନୁହେଁ । ମୋର ସୁଟ୍‌କେଶ୍‌ଟାକୁ ଗାଡ଼ିଭିତରେ ରଖିବାକୁ ଏବଂ ବଳଦ ବଦଳରେ ଘୋଡ଼ା ଜୋଚିବାକୁ ଆଦେଶ ଦେଲି । ତା' ପରେ ନିମ୍ନ ଉପତ୍ୟକାକୁ ଶେଷ ଦେଖା ଦେଖିବା ପାଇଁ ବୁଲି ଅନାଇଲି । କିନ୍ତୁ ତେଉପରି ଗଡ଼ି ଆସିଥିବା ଘନ-କୁଜ୍‌ଝଟିକା ତାକୁ ସମ୍ପୂର୍ଣ୍ଣ ଢାଙ୍କି ରଖିଛି । ତା' ଭିତରୁ ଟିକିଏ ହେଲେ ବି ଶବ୍ଦ ଆମ ପାଖରେ ପହଞ୍ଚିଲା ନାହିଁ । ଅସେଟିୟମାନେ ଭୋଦ୍‌କା କିଣିବା ପାଇଁ ଟଙ୍କାର ଦାବୀ କରି ହଟ୍ଟଗୋଳ ପୂର୍ବକ ମୋତେ ଭିଡ଼ି ଧରିଲେ, କିନ୍ତୁ କ୍ୟାପ୍‌ଟେନ୍ ଏପରି ଭୟଙ୍କର ଧମକ ଦେଲେ ଯେ ମୁହୂର୍ତ୍ତକ ଭିତରେ ସେମାନେ ସେଥିରୁ ବିରତ ହେଲେ ।

'ଇୟାରମଲୋଭ୍—ଜେନେରାଲ୍ ଆଲେକ୍ସେଇ ପେଟ୍ରୋଭିଚ୍ ଇୟାରମଲୋଭ, ୧୮୧୭ ରୁ ୧୮୨୭ ପର୍ଯ୍ୟନ୍ତ ସିଏ ଜର୍ଜିଆର ବଡ଼ଲାଟ ଥିଲେ ।

Digitized by srujanika@gmail.com

"କି ଜାଣ ?" ସେ କହିଲେ, "ରୁଷ୍ ଭାଷାରେ ତ୍ରୁଟି କପରି କହିବାକୁ ହୁଏ ସେମାନେ ଜାଣନ୍ତି ନାହିଁ, କିନ୍ତୁ ବକ୍‌ସୀସ୍ ମଗିବା ସେମାନେ ଶିଖି ପକାଇଛନ୍ତି : 'ଅଫିସର ! ଭୋଦ୍‌କା ପାଇଁ ଆମକୁ ଟଙ୍କା ଦିଅନ୍ତୁ !' ଏପରିକି ଚାଚାର୍‌ମାନେ ବି ଏମାନଙ୍କ ଠାରୁ ଭଲ; ସେମାନେ ଅନ୍ତତଃ ମଦ୍ୟପାନ କରନ୍ତି ନାହିଁ...।"

ଘୋଡ଼ା ବଦଳାଇବା ଷ୍ଟେସନ ସେତେବେଳକୁ ମାଇଲ ଏ ଦୂରରେ । ଚତୁର୍ଦ୍ଦିଗ ନିସ୍ତବ୍ଧ, ଏତେ ନିସ୍ତବ୍ଧ ଯେ ଗୁଞ୍ଜନକର ମଶା କେଉଁଠି ଉଡ଼ୁଥାଉଛି ସେକଥା ଆପଣ ଜାଣିପାରିବେ । ବାଁ ପାଖରେ ଗଭୀର ଏକ ଅନ୍ଧାରୁଆ ଗହ୍ୱର ଆଁ କରି ରହିଛି । ତାକୁ ପାରିହେଲେ ଆମ ସମ୍ମୁଖରେ ଗିରିଫାଙ୍କ ଆଉ ଝରଣାର ଧାରାର ଅଙ୍କିତ ଛବି ଏବଂ ମୁଣ୍ଡ ଉପରେ ତୁଷାରର ସ୍ତରଗୁଡ଼ିକ ନେଇ ଘନନୀଳ ପାହାଡ଼ର ଚୂଡ଼ାଗୁଡ଼ିକ ମ୍ଳାନ ଆକାଶ ଭେଦ କରି ସ୍ପଷ୍ଟ ଦୃଷ୍ଟିଗୋଚର ହେଉଛି । ସେତେବେଳକୁ ଆକାଶରେ ଶେଷ ଗୋଧୂଳିର ଆଲୋକ ଲାଗିରହିଛି । ଅନ୍ଧକାର-ଆକାଶରେ ତାରା ଗୁଡ଼ିକ ମିଟି ମିଟି କରିବାକୁ ଆରମ୍ଭ କଲେ, ଆଉ ଆଶ୍ଚର୍ଯ୍ୟ, ମୋର ମନେ ହେବାକୁ ଲାଗିଲା ଆମ ଉତ୍ତରର ଆକାଶ ଅପେକ୍ଷା ବହୁ...ବହୁ ଊର୍ଦ୍ଧ୍ୱରେ ଏଠାକାର ତାରକାମାନେ ଯେତେଶ ଅଛନ୍ତି ! ରାସ୍ତାର ଦୁଇ ପାଖରେ ନଗ୍ନ କଳାକଳା ପଥର ମୁଣ୍ଡ ଟେକିଛି, ଆଉ ଏଠି ସେଠି ବରଫ ଭିତରୁ ଛୋଟ ଛୋଟ ଗଛମାନ ଉଙ୍କି ମାରୁଛନ୍ତି, ଗୋଟିଏ ହେଲେ ବି ଶୁଖିଲା ପତ୍ର ଖସ୍ ଖସ୍ ଆବାଜ୍ କରୁନାହିଁ ଏବଂ ଏଇ ପ୍ରକୃତିର ପ୍ରାଣହୀନ ଘୁମନ୍ତ ନିସ୍ତବ୍ଧତା ଭିତରେ କ୍ଳାନ୍ତ ଘୋଡ଼ାମାନଙ୍କ ନାକର ଶବ୍ଦ ଓ ରୁଷୀୟ ଗାଡ଼ିର ଘଣ୍ଟାର ବିକ୍ଷିପ୍ତ ଟୁଂ ଟାଂ ଧ୍ୱନି ଶୁଣିବାକୁ ବେଶ୍ ଭଲଲାଗେ ।

"କାଲିର ଦିନଟି ସୁନ୍ଦର ହେବ" ମୁଁ ମନ୍ତବ୍ୟ କଲି ।

ଉତ୍ତର ଦେଲେ ନାହିଁ କ୍ୟାପ୍‌ଟେନ୍ । ଠିକ୍ ସାମ୍ନା ପାହାଡ଼ ଆଡ଼କୁ ଅଙ୍ଗୁଳି ସଙ୍କେତ କରି ସେ ଦେଖାଇଲେ ।

"କ'ଣ ସେଇଟା ?" ମୁଁ ପଚାରିଲି ।

"ଗୁଡ୍-ଗୋରା ।"

"କିନ୍ତୁ କ'ଣ ହେଲା ?"

"ଦେଖୁଛନ୍ତି, ସେଥିରୁ କମିତ ଧୂଆଁ ଉଠୁଛି ?"

Digitized by srujanika@gmail.com

ବାସ୍ତବିକ ଗୁଡ଼୍-ଗୋସ ଭିତରୁ ଧୂଆଁ ଉଠୁଛି; ତା ଦେହରେ ଘଷିହୋଇ ଖଣ୍ଡ ଖଣ୍ଡ ହାଲୁକା କୁହୁଡ଼ି ଉଠିଆସୁଛି ଆଉ କଳା ଖଣ୍ଡେ ମେଘ ତା' ଚୂଡ଼ାଉପରେ ରହିଛି, ଏତେ କଳା ଯେ ଅନ୍ଧକାର-ଆକାଶରେ ମଧ୍ୟ ସେ ଦେଖା ଯାଉଛି ଗୋଟାଏ କଳା ଦାଗ ପରି ।

ଏ ମଧ୍ୟରେ ଆମେ ଘୋଡ଼ା ବଦଳାଇବାର ଷ୍ଟେସନ୍ ଏବଂ ତା' ଚାରିପାଖର ପାହାଡ଼ୀ ଘର ମାନଙ୍କର ଛାତ ଦେଖିବାକୁ ପାଇଛୁ ଆଉ ଆମ ଆଗରେ ସ୍ୱାଗତ ଜଣାଇ ମିଟି ମିଟି ହେଉଛି ଆଲୁଅଗୁଡ଼ିକ । ଏତିକି-ବେଳେ ହିମ-ଶୀତଳ ପବନର ଗୋଟାଏ ତେଜ ଆସିଲା, ଶିଖରଙ୍କଠାରେ ଶୁଣାଗଲା ସୁ···ସୁ··ଶବ୍ଦ । ଆରମ୍ଭ ହେଲା ଝିପି ଝିପି ବର୍ଷା । ଫେଲ୍ଟ୍ର ହାତଶୂନ୍ୟ ଘଟାଟୋପ୍ କାନ୍ଧ ଉପରେ ଦେଇଦେଇ ଆରମ୍ଭ ହେଲା ତୁଷାରପାତ । କ୍ୟାପ୍ଟେନଙ୍କ ଆଡ଼କୁ ସସମ୍ଭ୍ରମରେ ମୁଁ ସେତେବେଳେ ଅନାଇଲି·········

ବିରକ୍ତ ହୋଇ ସେ କହିଲେ, "ଆମକୁ ଏଠି ରାତି କଟାଇବାକୁ ପଡ଼ିବ । ଏଇ ଧରଣର ତୁଷାରଝଡ଼ ଭିତରେ କେହି ଯାଇ ପାରେନା । ହେସ୍ତ୍ରୋକ୍ଲସ୍ ପାହାଡ଼ରେ କୌଣସି ହିମାନୀ-ସପ୍ରପାତ ଦେଖିଛ ?" ଗାଡ଼ୁଆନକୁ ସେ ପ୍ରଶ୍ନକଲେ ।

ଅସେଟିଆର ଗାଡ଼ୁଆନ୍ ଉତ୍ତର ଦେଲା, "ନା ଆଜ୍ଞା । କିନ୍ତୁ ତଳକୁ ଓହ୍ଲାଇବାପାଇଁ ବହୁତ ଉନ୍ମୁଖ ହୋଇ ରହିଛନ୍ତି ।"

ଘୋଡ଼ା ବଦଳାଇବାର ଷ୍ଟେସନ୍ରେ ଯାତ୍ରୀମାନଙ୍କ ପାଇଁ ଘର ନ ଥିବାରୁ ଗୋଟାଏ ଧୂଆଁଭରା ପାହାଡ଼ିଆ ଚଟିଘରେ ଆମକୁ ରହିବାକୁ ଦିଆହେଲା । ମୋର ସହଯାତ୍ରୀଙ୍କୁ ମୁଁ ନିମନ୍ତ୍ରଣ କଲି ମୋ ସହିତ ଚା ପାନ କରିବାକୁ । କାରଣ, ମୋ ସହିତ ଲୁହାର ଗୋଟାଏ କେଟ୍ଲି ଥିଲା— କକେଶସ୍ ପର୍ଯ୍ୟଟନ କାଳରେ ମୋର ଏକମାତ୍ର ସାନ୍ତ୍ୱନା ।

ଗୋଟାଏ ଦଣ୍ଡାୟମାନ ଉଚ୍ଚ ପର୍ବତ ଦେହରେ ଚଟି ଘରଟିର ଗୋଟିଏ ପାଖ ଲାଗିରହିଛି । ତିନୋଟି ପିଚ୍ଛିଳ ଆର୍ଦ୍ର ସୋପାନଦେଇ ଦରଜାରେ ପହଞ୍ଚି ହୁଏ । ଅନ୍ଧାର ଭିତରେ ଠିକ୍ ମୁଁ ଗୋଟାଏ ଗୋରୁ ଉପରେ ମୁହଁମାଡ଼ି ପଡ଼ିଲି (ଏଠାକାର ଅଧିବାସୀମାନେ

Digitized by srujanika@gmail.com

ଭୃତ୍ୟମାନଙ୍କ ଘରକୁ ଗୃହାଳ ହିସାବରେ ବ୍ୟବହାର କରନ୍ତ) । କୁଆଡ଼କୁ ଯିବାପାଇଁ ହେବ ବୁଝିପାରିଲି ନାହିଁ । ଗୋଟାଏ ପାଖରେ ମେଣ୍ଢାପଲ ବୋବାଉଛନ୍ତି, ଅନ୍ୟପାଖରେ ଗୋଟାଏ କୁକୁର ଗରଗର ହେଉଛି । ଗୋଟାଏ ଆଡ଼େ ସୌଭାଗ୍ୟକ୍ରମେ ଆଲୁଅଟିଏ ମିଞ୍ଜି ମିଞ୍ଜି ହେଉଥିଲା । ତା'ର ସାହାଯ୍ୟରେ ଆଉ ଗୋଟିଏ ଜାଗା ପାଖକୁ ଆସିଲି । ସେଇଟି ଦେଖା ଯାଉଥିଲା ଦରଜା ପରି । ଏଠି ଆସି ମୋଟାମୋଟି ଗୋଟିଏ ଚିତ୍ତାକର୍ଷକ ଦୃଶ୍ୟର ସମ୍ମୁଖୀନ ହେଲି; ବଡ଼ ଚଟିଘରର ଛାତଟାକୁ ଧୂମମଳିନ ଦୁଇଟି ଖୁଣ୍ଟ ଧରି ରଖିଛି । ଭିତରଟା ଲୋକରେ ଭର୍ତ୍ତି । ଘରର ମଝିରେ ମାଟିଉପରେ ସାମାନ୍ୟ ନିଆଁ ଜଳୁଛି ଆଉ ଛାତ ଫାଙ୍କରୁ ପବନ ଆସି ଧୂଆଁକୁ ଠେଲି ଦେଉଛି ଭିତରକୁ । ଏତେ ଘନ ହୋଇ ସେ ଧୂଆଁ ଭାସି ରହିଛି ଯେ, ଆଖପାଖର ଜିନିଷକୁ ଚିହ୍ନିବା ପାଇଁ ମୋର କିଛି ସମୟ ଲାଗିଗଲା । ନିଆଁକୁ ଘେରି ବସି ରହିଛନ୍ତି ଦୁଇଟି ବୁଢ଼ୀ, ଦଳେ ପୁଅଝିଅ ଆଉ ଜଣେ ଶୀର୍ଣ୍ଣକାୟ ଜର୍ଜିବୃ ପୁରୁଷ । ସମସ୍ତଙ୍କର ପରିଧାନ ଛିଣ୍ଡା । ନିଆଁ ପାଖରେ ଆସନ୍ କରି ବସିବା ଆଉ ପାଇପ୍ ଧରାଇବା ବ୍ୟତୀତ ଆମମାନଙ୍କର ଆଉ କିଛି କରିବାର ନଥିଲା । ଗୁହୁଁ ଗୁହୁଁ ସୁ କେଟ୍ଲୀଟା ଆନନ୍ଦରେ ଗୀତ ଗାଇ ଉଠିଲା ।

"ବଚର ଲୋକଗୁଡ଼ିକ !" ଆମ ମଳିନ ଅତିଥି ସେବକ ମାନଙ୍କ ଆଡ଼କୁ ମୁଣ୍ଡ ହଲାଇ କ୍ୟାପ୍ଟେନଙ୍କ ଉଦ୍ଦେଶ୍ୟରେ ମୁଁ ମନ୍ତବ୍ୟ କଲି । ସେମାନେ ଆମ ଆଡ଼କୁ ନିଃଶବ୍ଦରେ ହତବାକ୍ ହୋଇ ଅନାଇଥିଲେ ।

ସେ ଉତ୍ତର ଦେଲେ, "ଲୋକଗୁଡ଼ାକ ଓଲୁ । ବିଶ୍ୱାସ କରନ୍ତୁ, ଏମାନେ କୌଣସି କାମ କରିପାରନ୍ତି ନାହିଁ, କିଛି ଶିଖି ମଧ୍ୟ ପାରନ୍ତି ନାହିଁ । ଆମ କାବାହସ୍ତୁ ବା ଚେଚେନ୍ସମାନେ ଉଦ୍ଧତ ଓ ଯାଯାବର ହେବା ସତ୍ତ୍ୱେ ମଧ୍ୟ ଅନ୍ତତଃ ସାହସୀ । କିନ୍ତୁ ଏମାନେ ଏପରିକି ଅସ୍ତ୍ରଶସ୍ତ୍ରରେ ମଧ୍ୟ କୌଣସି ଉତ୍ସାହ ଦେଖାନ୍ତି ନାହିଁ । ଏମାନଙ୍କ ଭିତରୁ କାହାରି ଜଣକ ପାଖରେ ମଧ୍ୟ ଖଣ୍ଡେ ଭଲ ଛୁରୀ ଆପଣ ଦେଖିବାକୁ ପାଇବେ ନାହିଁ । ଅସେଟ୍ନାପ୍ ମାନଙ୍କ ପାଖରୁ ଆପଣ କ'ଣ ବା ଆଶା କରିପାରନ୍ତି !"

"ଆପଣ କ'ଣ ବହୁକାଳ ଧରି ଚେଚ୍ନାରେ ଅଛନ୍ତି ?"

Digitized by srujanika@gmail.com

"ବେଶ୍ କିଛି ଦିନ ଧରି—କାମେନ୍ସି ବ୍ରୁଡ୍ ପଥରେ ଗୋଟିଏ ସୈନ୍ୟ-ଦଳ ସହିତ ମୁଁ ଦଶବର୍ଷ ଧରି ଦୁର୍ଗ ପହରା ଦେଉଛି । ସ୍ଥାନଟି ଆପଣ ଜାଣନ୍ତି ?"

"ଶୁଣିଛି ।"

"ହଁ, ଯଥେଷ୍ଟ ଭୋଗିବାକୁ ହୋଇଛି ଆମକୁ; ଭଗବାନଙ୍କୁ ଧନ୍ୟବାଦ, ବର୍ତ୍ତମାନ ଅବସ୍ଥା ଅନେକ ଶାନ୍ତ । କିନ୍ତୁ ଏପରି ଏକ ସମୟ ଥିଲା, ଦୁର୍ଗପ୍ରାଚୀର ପାଖରୁ ଶହେପାଦ ବି ଆପଣ ଆଗକୁ ଯାଇପାରିବେ ନାହିଁ, କାରଣ କୌଣସି ନା କୌଣସି ଲେମଣ ସଇତାନ୍ ଆପଣଙ୍କ ପାଇଁ ଅପେକ୍ଷା କରି ବସିଥା'ନ୍ତା । ଯେଉଁ ମୁହୂର୍ତ୍ତରେ ସେ ଆପଣଙ୍କୁ ଅସାବଧାନ ହେବା ଦେଖିଥାନ୍ତା, ସେଇ ମୁହୂର୍ତ୍ତରେ ଆପଣଙ୍କ ଗଳାରେ ପିନ୍ଧାଇଥାନ୍ତା ଫାଶୀର ଦଉଡ଼ି କିମ୍ବା ଆପଣଙ୍କ ମୁଣ୍ଡକୁ ପଛରୁ କରିଥାନ୍ତା ଗୁଳି । ଯାହାହେଉ, ଲୋକଗୁଡ଼ାକଙ୍କର କିନ୍ତୁ ସାହସ ଥିଲା !..."

"ନିଶ୍ଚୟ ଆପଣଙ୍କ ଜୀବନରେ ବହୁତ ଦୁଃସାହସିକ ଘଟଣା ଘଟିଛି ?" କୌତୁହଳୀ ହୋଇ ମୁଁ ପ୍ରଶ୍ନ କଲି ।

"ହଁ, ବହୁତ !..."

ତା'ପରେ ସେ ତାଙ୍କ ଶରୀର ବାଁ ପାଖ ଉପରଅଂଶଟାକୁ ଧରି ଟାଣିବାକୁ ଲାଗିଲେ, ମୁଣ୍ଡଟି ତାଙ୍କର ଛାତି ଉପରକୁ ଝୁଙ୍କି ପଡ଼ିଲା ଆଉ ସେ ଗଭୀର ଚିନ୍ତାରେ ମଗ୍ନହେଲେ । ତାଙ୍କ ପାଖରୁ କିଛି ନା କିଛି ଗୋଟାଏ ଗପ ଶୁଣିବାକୁ ମୋର ଭାରି କୌତୁହଳ ହେଲା—ଯେଉଁମାନେ ଘୂରି ବୁଲିବୁଲି ନାନା ତଥ୍ୟ ସଂଗ୍ରହ କରିଥାନ୍ତି, ସେମାନଙ୍କର ଏଇ ଧରଣର ଇଚ୍ଛାଟା ସ୍ୱାଭାବିକ । ଯା ଭିତରେ ରମ୍ ଫୁଟି ଉଠିଲା । ମୋ ସୁଟ୍‌କେଶ୍‌ରୁ ମୁଁ ଭ୍ରମଣ ସମୟରେ ବ୍ୟବହାର କରିବାର ଦୁଇଟି ପାତ୍ର ବାହାର କଲି, ସେଥିରେ ରମ୍ ଢାଳିଲି ଏବଂ ଗୋଟିଏ ପାତ୍ର ଥୋଇଲି କ୍ୟାପ୍ଟେନଙ୍କ ସାମ୍ନାରେ । ଢୋକେ ପିଇ ସେ ଯେପରି ନିଜକୁ ଉଦ୍ଦେଶ୍ୟ କରି କହିଲେ, 'ହଁ, ବହୁତ !' ତାଙ୍କର ସ୍ୱଗତୋକ୍ତିରେ ମୋର ଆଶା ବଢ଼ିଲା, କାରଣ ମୁଁ ଜାଣେ, କକେସସର ପୁରୁଣା କର୍ମଚାରୀମାନେ କଥାକହିବାକୁ, ଗଳ୍ପ କରିବାକୁ ଭଲ ପାଆନ୍ତି, ଗଳ୍ପ କରିବାର ସୁଯୋଗ ସଚରାଚର ସେମାନେ ପାଆନ୍ତି ନାହିଁ । କାରଣ, ପୁରା ପାଞ୍ଚବର୍ଷ ଧରି କୌଣସି ସୈନ୍ୟଦଳ

Digitized by srujanika@gmail.com

ସମ୍ଭବତ ସହରଟାରୁ ଦୂରରେ ହୁଏତ ସେମାନଙ୍କୁ ରଖାହୁଏ, ଯେଉଁଠି ଚାଳିଶବର୍ଷ ଧରି ସେମାନଙ୍କୁ 'ସୁ-ପ୍ରଭାତ' ବୋଲି ଅଭିବାଦନ କରିବାପାଇଁ କେହି ନଥାନ୍ତି (ଏଇ ଧରଣର ଅଭିବାଦନ ସାର୍ଜେଂଟ୍-ମେଜର୍ ମାନଙ୍କ କଥାବାର୍ତ୍ତାର ଅନ୍ତର୍ଭୁକ୍ତ ନୁହେଁ) । ଆଉ କଥାବାର୍ତ୍ତା ହେବାର ବହୁତ କିଛି ମଧ୍ୟ ଥାଏ : ଗୃହପାଖର ଅସଭ୍ୟ, ଅଦ୍ଭୁତ ଲୋକମାନେ, ସବଦାର୍ଣ୍ଣି ବିପଦରେ ଉପସ୍ଥିତ ଆଉ ନାନା ବସ୍ତୁସ୍ତକର ଦୁଃସାହସିକ ଘଟଣା; ସେ କଥା ଏତେ ଅଳ୍ପ ଯେ ଆମେ ଲେଖିପାରିବୁ ଭାବିଲେ ଦୁଃଖ ହୁଏ ।

"ହ୍ୱିସ୍କେ ରମ୍ ମିଶାଇବାକୁ ଚାହାନ୍ତି କି ?" ମୋର ସଙ୍ଗୀଙ୍କୁ ମୁଁ ପଚାରିଲି, "ହିଫ୍‌ଲାମ୍ବରୁ ଆସିଥିବା ମୋ ପାଖରେ କିଛି ଧଳା ରମ୍ ଅଛି । ଥଣ୍ଡା ଲାଗୁଛି ବର୍ତ୍ତମାନ ।"

"ନା, ଧନ୍ୟବାଦ, ମୁଁ ମଦ ଖାଏ ନାହିଁ ।"

"ସିଏ କି କଥା ?"

"ସତରେ ମ, ପ୍ରତିଜ୍ଞା କରି ଛାଡ଼ି ଦେଇଛି । ଜାଣନ୍ତି, ଯେତେବେଳେ ମୁଁ ସବ୍-ଲେଫ୍‌ଟେନାଂଟ୍ ଥିଲି, ସେତେବେଳେ ଦିନେ ଆମେ ପ୍ରଚୁର ମଦ୍ୟପାନ କରିଥିଲୁ, ଆଉ ସେଇ ମାସେହିଁ ବିପଦ ସଂକେତ ଧ୍ୱନିତ ହୋଇଥିଲା । ସୈନ୍ୟଶ୍ରେଣୀରେ ସେଥିପାଇଁ ଆମେ ହାଜର ହେଲୁ ତେଣୁ ମତ୍ତ ଅବସ୍ଥାରେ । ଆଲେକ୍ସେଇ ପେଟ୍ରୋଭିଚ୍ ଯେତେବେଳେ ସେ ଅବସ୍ଥାରେ ଆମକୁ ଆବିଷ୍କାର କଲେ, ସେତେବେଳେ କି ଫଜତ୍ ନ ଖାଇଛୁ ଆମେ ! ଭଗବାନ କରନ୍ତୁ, ମୋତେ ଯେପରି ଆଉ ସେହି ଉନ୍ମତ୍ତ କୌଣସି ଲୋକର ମୁହାଁମୁହିଁ ହେବାକୁ ନ ହୁଏ । ଆଉ ଠିକ୍‌କୁ ଆମେ ସାମରିକ ଅଦାଲତରେ ହାଜର୍ ହୋଇଥାନ୍ତୁ, ଜାଣ ! ଆମମାନଙ୍କ ଅବସ୍ଥାଟା ଏଇ ଧରଣର : ମଝିରେ ମଝିରେ ପୂରା ଗୋଟାଏ ବର୍ଷ କଟାଇବାକୁ ହୁଏ କାହାରି ମୁଖ ଦର୍ଶନ ନକରି—ଆଉ ଅପଣ ଯେବେ ମଦଖାଇବା ଅଭ୍ୟାସ କରନ୍ତି ତା ହେଲେ ଅପମାନରୁ ଉଦ୍ଧାର ନାହିଁ ।"

କଥାଟା ଶୁଣି ମୁଁ ପ୍ରାୟ ଆଶା ଛାଡ଼ିଦେଲି ।

"ଚେର୍‌କେଶୀୟମାନଙ୍କ କଥାଇ ଧରନ୍ତୁ", ସେ କହିଚାଲିଲେ, "ବିବାହ ଉତ୍ସବରେ କିଂବା ଅଂତ୍ୟେଷ୍ଟିକ୍ରିୟା ବେଳେ ବୁଜା[1] ପାନକରି

[1] ଚେର୍‌କେଶର ଏକ ଜାତୀୟ ମାଲ୍‌ଟା ମଦ ।

Digitized by srujanika@gmail.com

ମାତାଲ୍ ହେବା ସଙ୍ଗେ ସଙ୍ଗେ ହାତାହାତି ସୁରୁ ହୋଇଯାଏ । ଏଥିରେ ତ କୌଣସି ପ୍ରକାରେ ମୁଁ ବଞ୍ଚି ଯାଇଥିଲି, ଯଦିଓ ମୁଁ ଥିଲି ଏକ ଶାନ୍ତିପ୍ରିୟ ବଜାର ଅତିଥି ।"

"କ'ଣ ଘଟିଥିଲା ?"

ପାଇପ୍‌ଟାକୁ ତମାଖୁରେ ପରିପୂର୍ଣ୍ଣ କରି ସେ ଦମେ ଟାଣିଲେ ଆଉ ତା' ପରେ କାହାଣୀ ଆରମ୍ଭ କଲେ : "ଜାଣନ୍ତି, ଥରେ ମୁଁ ଟେରେକ୍‌ର ଅନ୍ୟ ପାର୍ଶ୍ୱରେ ସୈନ୍ୟଦଳ ସହିତ ଗୋଟିଏ ଦୁର୍ଗରେ ନିଯୁକ୍ତ ଥିଲି ପ୍ରାୟ ପଞ୍ଚବର୍ଷ ପୂର୍ବରୁ ! ଗୋଟିଏ ଶରତ୍ ଋତୁରେ ଖାଦ୍ୟସାମଗ୍ରୀ ମଦଦ ଦେଇ ଦଳେ ସୈନ୍ୟ ଆସିଲେ, ସେମାନଙ୍କ ଭିତରେ ଥିଲା ଜଣେ ଅଫିସର, ପ୍ରାୟ ବର୍ଷ ପଚିଶର ଏକ ଯୁବକ । ପୂରା ସାମରିକ ପୋଷାକରେ ସଜ୍ଜିତ ହୋଇ ସେ ମୋ ପାଖରେ ଆସି ହାଜର ହେଲା, ଆଉ କହିଲା—ଦୁର୍ଗରେ ମୋ ସହିତ ରହିବାର ଆଦେଶ ସେ ପାଇଛି । ତା'ର ଚେହେରା ଏତେ ମଳିନ, ପୋଷାକପତ୍ର ଏତେ ପରିଷ୍କାର-ପରିଚ୍ଛନ୍ନ ଯେ ସଙ୍ଗେ ସଙ୍ଗେ ମୁଁ ବୁଝିପାରିଲି, ସେ ନୂଆକରି ଆସିଛି କକେସସ୍‌କୁ । 'ନିଶ୍ଚୟ ଆପଣ ରୁଷିଆରୁ ଏଠାକୁ ବଦଳି ହୋଇ ଆସିଛନ୍ତି ?' ମୁଁ ତାକୁ ପ୍ରଶ୍ନ କଲି । 'ଠିକ୍ କହିଛନ୍ତି ସାର୍ !' ସେ ଉତ୍ତର ଦେଲା । ତା ହାତକୁ ଧରି ମୁଁ କହିଲି, 'ଏଠି ଆପଣଙ୍କୁ ପାଇ ଆନନ୍ଦିତ ହେଲି, ଖୁବ୍ ଆନନ୍ଦିତ । ସ୍ଥାନଟା ଆପଣଙ୍କୁ ଟିକେ ଗତାନୁଗତିକ ବୋଧ ହେବ..... କିନ୍ତୁ ଆମେ ଯେ ପରସ୍ପର ସହିତ ବେଶ୍ ଖାପଖୁଆଇ ଚଳିପାରିବୁ, ସେ ବିଷୟରେ ମୋର ସନ୍ଦେହ ନାହିଁ । ଆଉ ଦୟାକରି ମୋତେ କେବଳ ମାକ୍‌ସିମ୍ ମାକ୍‌ସିମୀଚ୍ ବୋଲି ଡାକିବେ । ଆଉ ଗୋଟିଏ କଥା, ପୂରା ସାମରିକ ପୋଷାକ ପିନ୍ଧିବା ଆପଣଙ୍କର ଦରକାର ନାହିଁ । ଅଫିସରଙ୍କ ଟୋପି ପିନ୍ଧି ଆସିବେ ।' ତା'ର ବାସସ୍ଥାନ ତାକୁ ଦେଖାଇ ଦିଆହେଲା ଆଉ ଦୁର୍ଗଭିତରେ ସେ ଅବସ୍ଥାପିତ ହେଲା ।"

"ତା ନାଁ କ'ଣ ?" ମାକ୍‌ସିମ୍ ମାକ୍‌ସିମୀଚ୍‌ଙ୍କୁ ମୁଁ ପଚାରିଲି ।

"ତା' ନାଁ.....ଗ୍ରିଗୋରି ଆଲେକ୍ସାଂଡ୍ରଭିଚ୍ ପେଚୋରିନ୍ । ଆପଣଙ୍କୁ ଜବରଦସ୍ତ କହିପାରେ ଟୋକାଟା ଖୁବ୍ ଭଲ ଥିଲା, ଯଦିଓ କିଛିଟା ଅଦ୍ଭୁତ ଧରଣର । ଯେପରି, ବର୍ଷା ଆଉ ଥଣ୍ଡା ଭିତରେ ସାରାଦିନ

Digitized by srujanika@gmail.com

ସେ ଶଂକାର କଣ କହାଏ; ଅନ୍ୟର ସେଥିରେ କ୍ଳାନ୍ତ ହେବାର କଥା, କିନ୍ତୁ ସେ ହୁଏନା । ଅଥଚ ମଝିରେ ମଝିରେ ତା' ଘରକୁ ସାମାନ୍ୟ ଟିକେ ପବନ ପଶି ଆସିଲେ ସେ କୁହେ ତାକୁ ଥଣ୍ଡା ଧରୁଛି, ଝରକାରେ କବାଟ ବାଡ଼େଇ ହେଲେ ତା'ର ଶବ୍ଦରେ ସେ ଚମକି ମଳିନ ହୋଇଯାଏ, ଯଦିଓ ମୁଁ ସ୍ୱଚକ୍ଷୁରେ ଦେଖିଛି ତାକୁ ଏକୁଟିଆ ବଣୁଆ ବାର୍‌ହା ଆଡ଼କୁ ଆଗେଇ ଯିବାରେ; ମଝିରେ ମଝିରେ ଘଣ୍ଟା ଘଣ୍ଟା ଧରି ତାକୁ ଆପଣ କଥା କୁହାଇବାକୁ ଚେଷ୍ଟାକରି ଫେଲ୍ ମାରିବେ, କିନ୍ତୁ ଯେତେବେଳେ ସେ ଗପ କରିବାକୁ ଆରମ୍ଭ କରିବ, ହସି ହସି ପେଟ ଫାଟିଯିବ ଆପଣଙ୍କର···। ହଁ, ଘରି ଅଦ୍‌ଭୁତ ଧରଣର ଜିଲ ଥିଲ ସେ, ଆଉ ଦେଖିଲେ ମନେ ହେବ, ବେଶ୍ ଅବସ୍ଥାପନ୍ନ—ତା' ପାଖରେ ଯେଉଁ ସବୁ ଦାମିକା ଷ୍ଟେଟ ଷ୍ଟେଟ ନନା ଧରଣର ଜିନିଷପତ୍ର ଥିଲ, ତାକୁହିଁ ଦେଖି ଏ ଧାରଣା ମୋର ହୋଇଥିଲ !······"

"କେତେ ଦିନ ଧରି ସେ ଆପଣଙ୍କ ପାଖରେ ଥିଲ ?" ମୁଁ ପଚାରିଲି ।

"ବର୍ଷେ ଖଣ୍ଡେ । ମୋ ପକ୍ଷରେ ସ୍ମରଣୀୟ ସେଇ ବର୍ଷଟି, ମୋର ସେ ଯଥେଷ୍ଟ ଅସୁବିଧା ସୃଷ୍ଟି କରିଥିଲ, ଭଗବାନ ତାକୁ କ୍ଷମା କରନ୍ତୁ ! କିନ୍ତୁ, ଯାହାହେଉ, ଏପରି ଧରଣର ଲୋକ ଅଛନ୍ତି ଆଗରୁ ଯାହାଙ୍କ ଭାଗ୍ୟରେ ଲେଖା ଥାଏ ନାନା ଅଦ୍‌ଭୁତ ଘଟଣା ଘଟିବ ବୋଲି !"

"ଅଦ୍‌ଭୁତ ଘଟଣା ?" ଆଉଟିକେ ସ୍ପୃ ତାକୁ ତାକୁ ବିସ୍ମିତ ହୋଇ ମୁଁ ପ୍ରଶ୍ନ କଲି ।

"କାହାଣୀଟା ଆପଣଙ୍କୁ କହିବି । ଆମ ଦୁର୍ଗର ପ୍ରାୟ ୭ ମାଇଲ୍ ଦୂରରେ ଜଣେ ଶାନ୍ତିପ୍ରିୟ ରଜା ଥିଲେ । ତାଙ୍କର ଏକ ପନ୍ଦର ବର୍ଷ ବୟସର ପୁଅ ଘୋଡ଼ାରେ ବସି ଆମ ସହିତ ଦେଖା କରିବାକୁ ଆସେ । ଏପରି ଗୋଟିଏ ଦିନ ବି ଯାଏନା ଯୋଉଦିନ କି କୌଣସି ଫାଙ୍କରେ ଆମକୁ ସେ ଦେଖା କରିବାକୁ ନ ଆସେ । ବାସ୍ତବିକ ପେଟ୍ରୋଭିଚ୍ ଆଉ ମୁଁ ତାକୁ ବଗାଡ଼ ଦେଇଥିଲୁ । କି ଚମତ୍କାର ପିଲଟା ! ସବୁକିଛି କରିବାକୁ ପ୍ରସ୍ତୁତ—ଘୋଡ଼ାରେ ବସି ଦୌଡ଼ ଆସୁ ଆସୁ ଜମିରୁ ନଇଁପଡ଼ି ତଳୁ ଟୋପିଟାକୁ ଉଠାଇ ନେବା କିମ୍ବା ଲକ୍ଷ୍ୟଭେଦ କରିବା—ସବୁ ରକମ ବ୍ୟାପାରରେ ସେ ପଟୁ । କିନ୍ତୁ ତା'ର ଗୋଟାଏ ଖରାପ ସ୍ୱଭାବ

Digitized by srujanika@gmail.com

ଥିଲା : ଟଙ୍କା-ପଇସା ଉପରେ ଘୋର ଦୁର୍ବଳତା । ଥରେ ନିତାନ୍ତ ଥଟ୍ଟା-ତାମସା ଛଳରେ ପେରେଗ୍ରିନ୍ କହିଥିଲି ଯେ ସେ ଯଦି ତା' ବାପାର ଛେଳିପଲରୁ ସବୁଠାରୁ ଭଲ ଛେଳି ଯୋଉଟା ସେଇଟାକୁ ଚୋରି କରି ଆଣିପାରେ ତା ହେଲେ ତାକୁ ସେ ଗୋଟିଏ ସ୍ୱର୍ଣ୍ଣମୁଦ୍ରା ଦେବି । ଆଉ ତା' ପରେ କ'ଣ ହୋଇଥିଲା, ମନେ କରନ୍ତୁ ! ତା' ପର ରାତିରେ ଜନ୍ତୁଟାର ଶିଙ୍ଗ ଧରି ଟାଣି ଟାଣି ସେ ନେଇ ଆସିଥିଲା । କିନ୍ତୁ ମଝିରେ ମଝିରେ ତା ପଛରେ ଆମେ ଟିକେ ଲାଗିଲେ ହିଁ ସେ ରାଗି, ଆଖି ଦୁଇଟିକୁ ଲାଲ୍ କରି, ତା' ଛୁରିଟାକୁ ବାହାର କରିବାକୁ ଉଦ୍ୟତ ହୁଏ । ମୁଁ କୁହେ, 'ଅଜାମାତୃ, ଏଇ ଗରମ ମୁଣ୍ଡଟ ନେଇ ତୁମେ ବିପଦରେ ପଡ଼ିବ । ତୁମ ମୁଣ୍ଡ ପକ୍ଷରେ ଏଇଟା ସ୍ୱାମାନ[1] !'

"ଦିନେ ବୁଢ଼ା ରଜା ନିଜେ ଆସିଲେ ବିବାହର ନିମନ୍ତ୍ରଣ କରିବାକୁ; ତାଙ୍କ ବଡ଼ ଝିଅକୁ ବିବାହ ଦେବାକୁ ଯେ ଯାଉଛନ୍ତି ଆଜି ଯେହେତୁ ଆମେ ଦୁହେଁ କୁନାକ୍[2] ସେହେତୁ—ସେ 'ତାତାର୍' ହେଲେ ବି—ପ୍ରତ୍ୟାଖ୍ୟାନ କରିବାର ଉପାୟ ନଥିଲା । ଅତଏବ ଆମେ ବାହାରି ପଡ଼ିଲୁ । ଗାଁରେ ପହଞ୍ଚିବା ପରେ ଦଳେ କୁକୁର ଭୁକିଭୁକି ଆମ ପାଖକୁ ଆସିଲେ । ଆମକୁ ଦେଖି ମାଇପେ ସବୁ ଲୁଚିଲେ; ଯାହାଙ୍କ ମୁହଁ ଆମେ ଝଲକାଏ ଲେଖେଁ ଦେଖିବାକୁ ପାଇଲୁ, ସେମାନେ ମୋଟେ ସୁନ୍ଦରୀ ନୁହନ୍ତି । 'ଚେର୍କେଶୀୟ ମହିଳାମାନଙ୍କ ସମ୍ବନ୍ଧରେ ମୋର ଉଚ୍ଚଧାରଣା ଥିଲା', ପେରେଗ୍ରିନ୍ ମୋତେ କହିଲା । 'ଟିକେ ସବୁର୍ କରନ୍ତୁ', ହସିଦେଇ ମୁଁ କହିଲି । ମୋ ମୁଣ୍ଡରେ ଗୋଟାଏ ମତଲବ୍ ଥିଲା ।

"ରଜାଙ୍କ ଆବାସରେ ବହୁତ ଲୋକ ଜମିଛନ୍ତି । ଆପଣ ତ ଜାଣନ୍ତି ଯେ ଏସିଆବାସୀମାନଙ୍କ ଭିତରେ ପ୍ରଥା ହେଲା, ଯାହା ସହିତ ସାକ୍ଷାତ ହୁଏ ବିବାହ-ଉତ୍ସବକୁ ତାକୁହିଁ ନିମନ୍ତ୍ରଣ କରିବା । ଯଥାବିଧି ସମ୍ମାନର ସହିତ ଆମକୁ ସମ୍ବର୍ଦ୍ଧନା ଜ୍ଞାପନ କରି ଅତିଥିଶାଳାକୁ ନିଆହେଲା । କିନ୍ତୁ ଆମ ଘୋଡ଼ା ଗୁଡ଼ିକୁ ସେମାନେ କୋଉଠି ରଖିଲେ ତାହା ଲକ୍ଷ୍ୟକରିବାକୁ ମୁଁ ଭୁଲିଲି ନାହିଁ । ମଣ୍ଡପରେ ଯଦି ଅଦୃଷ୍ଟପୂର୍ବ କିଛି ଗୋଟାଏ ଘଟେ, ଆପଣ ବୁଝିନେବେ ତ ?"

[1] ସ୍ୱାମାନ – (ତାତାର ଭାଷାରେ) ଖରାପ ।

[2] କୁନାକ୍ – ବନ୍ଧୁ (ଲେଖକଙ୍କ ମନ୍ତବ୍ୟ) ।

Digitized by srujanika@gmail.com

"ସେମାନେ କପରି ବିବାହ-ଉତ୍ସବ କରନ୍ତି ?" କ୍ୟାପ୍‌ଟେନ୍‌ଙ୍କୁ ମୁଁ ପ୍ରଶ୍ନ କଲି ।

"ଏଇ, ସାଧାରଣ ଭାବରେ । ପ୍ରଥମେ ମୋଲ୍ଲା କୋରାନରୁ ସେମାନଙ୍କୁ କିଛି ମନ୍ତ୍ର ଶୁଣାନ୍ତି, ତା'ପରେ ନବବିବାହିତ ଆଉ ସେମାନଙ୍କ ଆତ୍ମୀୟମାନଙ୍କୁ ଉପହାର ଦିଆଯାଏ । ସେମାନେ ଖାଆନ୍ତି ଆଉ ସୁରା ପାନ କରନ୍ତି—ସେତେବେଳେ ଗାଁ ଲୋକମାନେ ନାନା ପ୍ରକାର ଖେଳ ଆରମ୍ଭ କରିଦିଅନ୍ତି । ସବୁବେଳେ ସେଠାରେ ଥାଏ ଅସମ୍ଭବ ଝଲମଲ ପୋଷାକ ପିନ୍ଧି ଗୋଟାଏ ଲୋକ, ଯେ ଆଉ ବେଢଙ୍ଗା ଗୋଟାଏ ଘୋଡ଼ାରେ ଚଢ଼ି ଭଣ୍ଡାମି କରେ ସମସ୍ତଙ୍କୁ ହସାଇବା ପାଇଁ । ପରେ, ଅନ୍ଧକାର ହୋଇଗଲେ ଅତିଥିଶାଳାରେ ଆସର ଯାହାକୁ ବଲ୍-ନୃତ୍ୟ କହନ୍ତି ତାହାହିଁ, ଆରମ୍ଭ ହୁଏ । ଗୋଟାଏ ହତଭାଗା ବୁଢ଼ା ତିନୋଟି ତାରଯୁକ୍ତ ଗୋଟିଏ ବାଦ୍ୟଯନ୍ତ୍ର ବଜାଇ ଚାଲେ......ମନେ-ପଡ଼ୁନାହିଁ ସେଇଟାକୁ ସେମାନେ କ'ଣ କହନ୍ତି...ଆମର ବାଲାଲାଇକା ପରି ଦେଖିବାକୁ ସେଇଟା । ଯୁବତୀ ଆଉ ଯୁବକ ଦୁଇଟି ଧାଡ଼ିରେ ମୁହାଁମୁହିଁ ହୋଇ ଠିଆହୁଅନ୍ତି, ତାଳିମାରନ୍ତି ଆଉ ଗୀତ ଗାଆନ୍ତି । ତା'ପରେ ଗୋଟିଏ ଯୁବକ ଓ ଗୋଟିଏ ଯୁବତୀ ଘରର ମଝିକୁ ଚାଲି ଆସନ୍ତି ଏବଂ ପରସ୍ପରର ଉଦ୍ଦେଶ୍ୟରେ କବିତା ଆବୃତ୍ତି ଆରମ୍ଭ କରନ୍ତି, ଯାହା ସବୁ ସେମାନେ ଗୀତ ଗାଆନ୍ତି ଏବଂ ଅନ୍ୟମାନେ ତାଳ ଧରନ୍ତି । ପେଚୋରିନ୍ ଆଉ ମୁଁ ସମ୍ମାନର ଆସନ ଅଧିକାର କରିଥିଲୁ ଆଉ ଆମେ ଯେତେବେଳେ ବସିଥିଲୁ, ଗୃହକର୍ତ୍ତାଙ୍କ ଝିଅଟି, ଷୋହଳ-ସତର ବର୍ଷର, ଆଗକୁ ଆସି ସେମାନଙ୍କ ଉଦ୍ଦେଶ୍ୟରେ ଗୀତ ଗାଇ ଚାଲିଲା...କ'ଣ କହିବି ତାକୁ ?...ଏକ ପ୍ରକାରର ପ୍ରଶଂସା ।"

"ଝିଅଟି କି ଗୀତ ଗାଇଥିଲା ତାହା ଆପଣଙ୍କର ମନେ ଅଛି ?"

"ହଁ, ମନେହୁଏ ଗୀତଟି ଏଇ ଧରଣର ଥିଲା : 'ଆମର ତରୁଣ ଅଶ୍ୱାରୋହୀମାନେ ସୁନ୍ଦର ଆଉ ତାଙ୍କ କୋଟ୍ ଉପରେ ରୂପାର ଜରି, କିନ୍ତୁ ଏଇ ତରୁଣ ରୁଷ୍ ଅଫିସର୍‌ଟି ଆହୁରି ବେଶି ସୁନ୍ଦର୍ ଆଉ ତାଙ୍କ ଜରିଗୁଡ଼ିକ ସୁନାର । ଅନ୍ୟମାନଙ୍କ ଭିତରେ ସେ ଯେପରି ପପଲାର୍ ଗଛ, ତଥାପି ମଧ୍ୟ ଆମ ବଗିଚାରେ ସିଏ ବଢ଼ିବେ ନାହିଁ ନା ପ୍ରସ୍ଫୁଟିତ

Digitized by srujanika@gmail.com

ହେବେନାହିଁ ।' ଉଠି ଠିଆହେଲା ପେରେଗ୍ରେଶନ୍, ସାମ୍ନାରେ ନତ ହୋଇ ଅଭିବାଦନ କଲା ଏବଂ ହାତଦ୍ୱାରା ନିଜର କପାଳ ଆଉ ବକ୍ଷ ସ୍ପର୍ଶକରି ମୋତେ ଅନୁରୋଧ କଲା ଯୁବତୀଟିକୁ ପ୍ରତ୍ୟୁତ୍ତର ଦେବାଲାଗି । ସେମାନଙ୍କ ଭାଷା ମୁଁ ଭଲ ଜାଣେ । ତା'ର ଉତ୍ତର ମୁଁ ତର୍ଜମା କରିଦେଲି……

"ଝିଅଟି ଚାଲିଯିବା ପରେ ପେରେଗ୍ରେଶନ୍‌କୁ ମୁଁ ଚୁପ୍‌କରି କହିଲି, 'କୁହନ୍ତୁ, ଝିଅଟି କପରି ଲାଗିଲା ?'

'ଅପୂର୍ବ' ସେ ଉତ୍ତର ଦେଲା । 'ଝିଅଟିର ନାଁ କ'ଣ ?' 'ତା ନାଁ ବେଲ୍', ମୁଁ ଉତ୍ତର ଦେଲି ।

"ଆଉ ବାସ୍ତବିକ୍, ଝିଅଟି ଅପରୂପା ରୂପସୀ : ଦୀର୍ଘ, ତେଜସ୍ୱିନୀ ଆଉ ହରିଣ ପରି ତା' କଳା ଆଖିର ଚାହାଣି, ନିଜ ହୃଦୟର ଅନ୍ତଃସ୍ଥଳରେ ଯେପରି ଯାଇ ପହଞ୍ଚି ଯାଏ ! ପେରେଗ୍ରେଶନ୍ ନିମଗ୍ନ ହେଲା ଚିନ୍ତାରେ, ତା' ଉପରୁ ଆଖି ଅପସାରିତ କଲାନାହିଁ ଆଉ ଝିଅଟି ମଧ୍ୟ ବାରମ୍ବାର ତା ଆଡ଼କୁ କଣେଇ କଣେଇ ଚାହିଁବାକୁ ଲାଗିଲା । କିନ୍ତୁ ପେରେଗ୍ରେଶନ କେବଳ ଏକା ନୁହେଁ ଯିଏ ଏଇ ସୁନ୍ଦରୀ ରାଜକୁମାରୀ ଆଡ଼କୁ ମୁଗ୍‌ଧଦୃଷ୍ଟିରେ ଅନାଇଥିଲା । ଘର କୋଣରୁ ଆଉ ଦୁଇଟି ସ୍ଥିର ଏବଂ ଜ୍ୱଳନ୍ତ ଆଖି ତା ଆଡ଼କୁ ଏକ୍ ଦୃଷ୍ଟିରେ ଅନାଇ ରହିଥିଲା ମଧ୍ୟ । ଭଲକରି ଚାହିଁ ଦେଖି ମୋର ବନ୍ଧୁବରର କାଜ୍‌ବିଚକୁ ଚିହ୍ନିପାରିଲି । ସେ ଲୋକଟାକୁ ଆପଣ ଠିକ୍ ବନ୍ଧୁ କହି ପାରିବେ ନାହିଁ, ଯଦିଓ ତା' ଭିତରେ ଏପରି କିଛି ନଥିଲା ଯେଉଁଥିରେ କୁହାଯିବ ଆମମାନଙ୍କ ପ୍ରତି ସେ ଶତ୍ରୁଭାବାପନ୍ନ । ତାକୁ ବହୁବାର ସନ୍ଦେହ କରା ହୋଇଥିଲା କିନ୍ତୁ କେବେହେଲେହେଁ ତାକୁ କୌଣସି ପ୍ରକାରର ପ୍ରତାରଣା ବ୍ୟାପାରରେ ଧରାହୋଇନି । ମଝିରେ ମଝିରେ ଦୁର୍ଗକୁ ଆମ ପାଖକୁ ମେଣ୍ଢା ବିକ୍ରି କରିବାକୁ ସେ ଆସେ, ଆଉ ଶସ୍ତା ଦରରେ ବିକ୍ରି କରେ, କିନ୍ତୁ କେବେ ହେଲେ ଦର କଷାକଷି କରେନା, ଯିଏ ଯାହା ଦର କହିବ, ସେଇ ଦର ତାକୁ ଦେବାକୁହିଁ ହେବ; କେବେହେଲେ ବି ଦାମ୍ ସେ କମାଏ ନାହିଁ, ଏପରିକି ଯଦି ତା' ଉପରେ ତା ଜୀବନ ନିର୍ଭର କରେ ତଥାପି ବି ନୁହେଁ । ତା ସମ୍ବନ୍ଧରେ ପ୍ରବାଦ ଥିଲା ଯେ କୁବାନ୍ ପାରିହୋଇ ଆବ୍ରେକ୍'ମାନଙ୍କ ସହିତ ସେ ଘୋଡ଼ାରେ

'ପାହାଡ଼ିଆ ଲୋକେ, ଯେଉଁମାନେ ହୁଏତ ଏକା କିମ୍ବା କ୍ଷୁଦ୍ର କ୍ଷୁଦ୍ର ଦଳରେ ବିଜେତାମାନଙ୍କ ବିରୁଦ୍ଧରେ ଗରିଲା ଯୁଦ୍ଧ ଚଳାନ୍ତି ।

ଚଢ଼ି ଯାଏ ଆଉ ସହଜରେ କହିବାକୁ ଗଲେ ତା'ର ଚେହେରାଟା ଥିଲା ଉଜାପୁତଙ୍କ ପରି : ଖର୍ବାକାର, ମାଂସପେଶୀବହୁଳ ଆଉ ଓସାରିଆ କାନ୍ଧ··· । କି ଧୂର୍ତ୍ତ ବା ନଥିଲା ସେ··· ପୂରା ଶଇତାନ୍‌ଙ୍କ ପରି ଧୂର୍ତ୍ତ । ଯେଉଁ ବେଶ୍‌ମେତ୍[1]ଟା ସେ ପିନ୍ଧେ ସବଦାଙ୍କି ସେଇଟା ଛଡ଼ା ଆଉ ତାଳିପକା, କିନ୍ତୁ ଅସ୍ତ୍ର-ଶସ୍ତ୍ର ଗୁଡ଼ିକ ଥିଲା ଅତି ଉନ୍ନତ । ଘୋଡ଼ାଟା ତା'ର ସମସ୍ତଙ୍କ ଭିତରେ ଥିଲା ବିଖ୍ୟାତ—ବାସ୍ତବିକ ତାଠାରୁ ଅଧିକ ଭଲ ଘୋଡ଼ା କଥା କଳ୍ପନା କରିପାରିବେ ନାହିଁ ଆପଣ । ସେ ଅଞ୍ଚଳର ଅଶ୍ୱାରୋହୀମାନେ ତା' ପ୍ରତି ଈର୍ଷାନ୍ୱିତ ହେବାର ଯଥେଷ୍ଟ କାରଣ ଥିଲା, ବାରମ୍ବାର ସେମାନେ ଚେଷ୍ଟା କରିଥିଲେ ଘୋଡ଼ାଟାକୁ ଚୋରିକରି ନେବା-ପାଇଁ, କିନ୍ତୁ ପାରିଲେ ନାହିଁ । ବର୍ତ୍ତମାନ ଘୋଡ଼ାଟାକୁ ଯେପରି ମୁଁ ଦେଖିପାରୁଛି, ସେଇଟା ଯେମିତି ମୋ ଆଖି ସାମ୍ନାରେ ରହିଛି : ଆଲକାତରା ପରି କଳା, ଗୋଡ଼ ଗୁଡ଼ାକ ଯେପରି ବେହେଲା ତାରପରି ଆଉ ଆଖି ଦୁଇଟି ବେଲାର ଆଖିଠୁ ମନ୍ଦ ନୁହେଁ । କି ଶକ୍ତିଶାଳୀ ସତେ ନଥିଲା ଜନ୍ତୁଟା : ଏକା ଦମ୍‌ରେ ପଚାଶ ମାଇଲ ଦୌଡ଼ିପାରୁଥିଲା । ଶିକ୍ଷାର ବ୍ୟାପାରରେ କୁହାଯାଇପାରେ—କୁକୁର ପରି ତା ପ୍ରଭୁର ଅନୁଗାମୀ ସେ, ଏପରିକି ତା କଣ୍ଠର ସ୍ୱର ପର୍ଯ୍ୟନ୍ତ ଚିହ୍ନିପାରେ ! କାଜ୍‌ବିଚ କେବେହେଲେ ତାକୁ ବାନ୍ଧି ରଖେନାହିଁ । କହିବାକୁ ଗଲେ ପୁରା ଗୋଟାଏ ଡକାୟତର ଘୋଡ଼ା !······

“ସେଇ ସନ୍ଧ୍ୟାରେ ଅତି ବିଷଣ୍ଣ ଥିଲା କାଜ୍‌ବିଚ୍ । ଆଗରୁ ଏତେ ବିଷଣ୍ଣ ହେବା ତାକୁ ମୁଁ କେବେହେଲେ ଦେଖିନାହିଁ । ତା ବେଶ୍‌ମେଟ୍ ତଳେ ମୁଁ ଗୋଟାଏ ବର୍ମ ମଧ୍ୟ ଲକ୍ଷ୍ୟ କଲି । ମୁଁ କହିଲି, ‘ନିଶ୍ଚୟହିଁ ଗୋଟାଏ ବିଶେଷ କାରଣରୁ ରହିଛି ବର୍ମଟା—ଗୋଟାଏ ମତଲବ୍‌ରେ ।’

“ଘର ଭିତରଟାରେ ଅସହ୍ୟ ଗରମ, ସେଥିପାଇଁ ମୁଁ ବାହାରର ଖୋଲା ପବନ ଭିତରକୁ ବାହାରି ଆସିଲି । ପାହାଡ଼ ଉପରେ ରାତି ଓହ୍ଲାଇ ଆସୁଛି, ସର୍ପିଳ ଭାବରେ ଗିରିସଙ୍କଟ ଗୁଡ଼ିକ ଭିତରେ ପ୍ରବେଶ କରୁଛି କୁଜ୍‌ଝଟିକା ଆଉ ବିଚ୍ଛୁରିତ ହୋଇ ପଡ଼ୁଛି ।

“ଯେଉଁ ଘୁଡ଼ଶିରେ ଆମ ଘୋଡ଼ାମାନେ ଥିଲେ, ମନେହେଲା, ସେ ଘୁଡ଼ଶି ଭିତରକୁ ଯାଇ ଦେଖିବି ଘୋଡ଼ାମାନଙ୍କୁ ଖାଇବାକୁ

[1] ଛାଲର ଶ୍ରେଷ୍ଠ ଗରମ ଜାମା ।

Digitized by srujanika@gmail.com

ଦଆହେଉଛନ୍ତି କି ନାହିଁ, ତା ଛଡ଼ା ସବୁବେଳେ ସାବଧାନ ରହିବା ମଧ୍ୟ ଉତ୍ତମ : ମୋର ଘୋଡ଼ାଟି ମଧ୍ୟ ଥିଲା ଅତି ଭଲ ଆଉ ବହୁତ କାବାର୍ଦୀୟ ଲୋକ ତା ଆଡ଼କୁ ଲୋଲୁପ ଦୃଷ୍ଟି ନିକ୍ଷେପ କରି ମନ୍ତବ୍ୟ କରିଥିଲେ: 'ଇୟୁକଶି ଟେକ ଇୟୁକଶି[1] !'

"ପ୍ରାକାରର ଧାରେ ଧାରେ ଅତି ସାବଧାନତାର ସହିତ ମୁଁ ଅଗ୍ରସର ହେଉଥିଲି, ଏତିକିବେଳେ ନାନା କଣ୍ଠସ୍ୱର ଶୁଣିବାକୁ ପାଇଲି । ତତ୍‌କ୍ଷଣାତ ଜଣକର କଣ୍ଠସ୍ୱର ମୁଁ ଚିହ୍ନିପାରିଲି; ସେଇ ଦୁର୍ଦ୍ଦାନ୍ତ ଆଜାମାତ୍ ପାଟି କରୁଥିଲା—ଆମ ନିମନ୍ତ୍ରଣକାରୀର ପୁଅ । ଆଉ ଜଣେ ଶାନ୍ତଭାବରେ କହୁଥିଲା କଥା । ମୁଁ ଭାବିଲି, 'କେଜାଣି କି ମତଲବ୍‌ରେ ଅଛନ୍ତି ସେମାନେ ! ମୋ ଘୋଡ଼ାଟା ସମ୍ବନ୍ଧରେ ନୁହେଁ ତ ?' ପ୍ରାକାର ପାଖରେ ବସିପଡ଼ି ମୁଁ କାନପାରି ଶୁଣିଲି, ଚେଷ୍ଟାକଲି ଯେପରି ପ୍ରତିଟି କଥା ଶୁଣିପାରିବି । ସବୁକଥା ଶୁଣିବା ଅସମ୍ଭବ ଥିଲା, କାରଣ, ସେତେବେଳେ ଘରଭିତରେ ଗୀତ ଆଉ ନାନା ସ୍ୱରର ଗୁଞ୍ଜନ ଏଇ କୌତୂହଳୋଦ୍ଦୀପକ କଥାବାର୍ତ୍ତାକୁ ବୁଡ଼ାଇ ଦେଉଥିଲା ।

'ତୁମ ଘୋଡ଼ାଟି ଭାରି ସୁନ୍ଦର !' ଆଜାମାତ୍ କହୁଥିଲା । 'ମୁଁ ଯଦି ଏକ ଘୋଡ଼ାହାଟର ପ୍ରଭୁ ଆଉ ତିନିଶହ ଘୋଟକୀର ମାଲିକ ହୁଅନ୍ତି ତାହେଲେ ସେମାନଙ୍କ ଭିତରୁ ଅଧେ ତୁମ ଘୋଡ଼ାଟା ପାଇଁ ଦେଇ ଦିଅନ୍ତି, କାଜ୍‌ବିଚ୍ !'

"ଓ-ହୋ, ଏଠିବି ତାହେଲେ କାଜ୍‌ବିଚ୍ ରହିଛି !' ମୁଁ ଭାବିଲି ଆଉ ମନେପଡ଼ିଗଲା ବର୍ମର କଥାଟା ।

"ମୁହୂର୍ତ୍ତେ ନିସ୍ତବ୍ଧ ରହି କାଜ୍‌ବିଚ୍ ଉତ୍ତର ଦେଲା, 'ତୁମେ ଠିକ୍ କହୁଛ, ସମସ୍ତ କାବାର୍ଦାରେ ସ୍ୱା'ର ସମକକ୍ଷ ତୁମେ ଖୋଜିଲେ ପାଇବ-ନାହିଁ । ଥରେ ଟେରେକ୍ ଅତିକ୍ରମ କରି ଆବ୍ରେକ୍‌ମାନଙ୍କ ସହିତ ମୁଁ ଯାଉଥିଲି ଯୁଦ୍ଧକରି କିଛି ରୁଷ୍ ଘୋଡ଼ା ଛଡ଼ାଇ ଆଣିବାକୁ । ଭାଗ୍ୟ ଖରାପ ଥିଲା ଆମର, ନାନାଦିଗରେ ଆମେ ଖେଳେଇ ହୋଇ ପଡ଼ିଲୁ । ସତରଜଣ କସାକ୍ ଆମର ଅନୁଧାବନ କଲେ; ଏଥି ଭିତରେ

---

[1] ତାତାର୍ ଭାଷାରେ—ଭଲ ଘୋଡ଼ା, ଖୁବ୍ ଭଲ ।

Digitized by srujanika@gmail.com

ଟ୍ୟାଜର୍ ମାନଙ୍କ ଚିତ୍କାର ଆମପଛରେ ଆମେ ଶୁଣିବାକୁ ପାଉଥିଲୁ ଆଉ ଆଗରେ ଥିଲା ଏକ ଘନ-ଜଙ୍ଗଲ । ଜିନ୍ ଉପରେ ନଇଁପଡ଼ି, ଆଲ୍ଲାଙ୍କ ହାତରେ ନିଜକୁ ସମର୍ପଣ କରି ଜୀବନରେ ସେଇ ପ୍ରଥମ ଘୋଡ଼ାଟିକୁ ଚାବୁକ୍ ମାରି ମୁଁ ଅପମାନ ଦେଇଥିଲି । ଗଛପତ୍ର ଭିତର ଦେଇ ସେ ଚଟେଇଙ୍କ ପରି ଉଡ଼ିଚାଲିଲା, କଣ୍ଟାରେ ଛିଡ଼ିଗଲା ମୋର ପୋଷାକଟେ ଆଉ କାସିଗର୍ ଗଛର ଶୁଖିଲା ଡାଳଗୁଡ଼ିକ ମୋ ମୁହଁ ଉପରେ ଚାବୁକ୍ ମାରିବାକୁ ଲାଗିଲେ । ଘୋଡ଼ା ମୋର କଣ୍ଟାଗଛ ଉପର ଦେଇ ଆଉ ଗୁଳ୍ମଦ୍ୱାରା ଅରଣ୍ୟାନୀକୁ ଘର୍ଷଣ କରି ଛୁଟି ଚାଲିଲା । ମୋ ପକ୍ଷରେ ଭଲ ହୋଇଥାନ୍ତା ଜଙ୍ଗଲରେ ପହଞ୍ଚିବା ଆଗରୁ ତା ଉପରୁ ଖସିପଡ଼ି ପାଦରେ ଚାଲି ଜଙ୍ଗଲ ଭିତରେ ଲୁଚିଯିବାଟା । କିନ୍ତୁ ତାର ସାନ୍ନିଧ ପରିତ୍ୟାଗ କରିବାକୁ କେବେହେଲେ ମନ ବଳାଇଲିନାହିଁ । ଆଉ ମହମ୍ମଦ ମୋତେ ପୁରସ୍କୃତ କଲେ । କେତେଗୁଡ଼ାଏ ଗୁଳି ମୋ ମୁଣ୍ଡ ଉପରେ ସାଏଁ ସାଏଁ ହୋଇ ଚାଲିଗଲା; କସାକ୍‌ମାନେ ସେତେବେଳେ ଘୋଡ଼ାରୁ ଓହ୍ଲାଇ ମୋ ପଛରେ ଦୌଡ଼ିବାକୁ ଆରମ୍ଭ କରିଛନ୍ତି, ଏଇଟା ମୁଁ ଶୁଣିବାକୁ ପାଉଥିଲି··· । ହଠାତ୍ ମୋ ସାମ୍ନାରେ ଗୋଟାଏ ଗଭୀର ଗହ୍ୱର ଦେଖାଗଲା; ମୁହୂର୍ତ୍ତକ ପାଇଁ ମୋ ଘୋଡ଼ାଟି ଇତସ୍ତତଃ ହୋଇଗଲା ଆଉ ତା ପରେ ଡେଇଁଲା । କିନ୍ତୁ ଅନ୍ୟପାଖର ସମତଳ ମାଟିରୁ ତା ପଛ ଗୋଡ଼ ଦୁଇଟି ଖସିଗଲା ଆଉ ତା ଆଗଗୋଡ଼ ଦ୍ୱାରା ସେ ମାଟିକୁ ଜାବୁଡ଼ି ଧରି ଝୁଲିବାକୁ ଲାଗିଲା । ଲଗାମ୍ ଛାଡ଼ିଦେଇ ମୁଁ ପଡ଼ିଲି ଗହ୍ୱର ଭିତରେ । ଏଥିରେ ଘୋଡ଼ାଟା ବଞ୍ଚିଗଲା, କୌଣସି ରକମ ନିଜକୁ ସେ ଉପରକୁ ଟାଣିଆଣିଲା । ଏ ସବୁକୁ ଦେଖିଥିଲେ କସାକ୍‌ମାନେ, କିନ୍ତୁ ସେମାନଙ୍କ ଭିତରୁ କେହି ଗହ୍ୱର ଭିତରକୁ ପଶି ମୋତେ ଖୋଜି ନାହାନ୍ତି; ସମ୍ଭବତଃ ସେମାନେ ଭାବିଥିଲେ ମୁଁ ମରିଯାଇଛି ! ତା' ପରେ ମୁଁ ଶୁଣିବାକୁ ପାଇଲି ମୋ ଘୋଡ଼ାଟା ପଛରେ ସେମାନେ ଦୌଡ଼ିଛନ୍ତି । ମୋ ଛାତିଟା ହୃତପିଣ୍ଡ ଦପ୍ ଦପ୍ କରୁଥିଲା; ଗହ୍ୱର ଭିତରର ଘାସ ଭିତରେ ଗୁରୁଣ୍ଡି ଗୁରୁଣ୍ଡି ଯାଉଛି, ଦେଖିଲି : ମୁଁ ଆସି ଜଙ୍ଗଲର ବାହାରେ—ଜଙ୍ଗଲରୁ କେତେଜଣ କସାକ୍‌ଙ୍କୁ ଘୋଡ଼ାରେ ଚଢ଼ି ଫାଙ୍କା ଜାଗାକୁ ବାହାରିବାର, ପୁଣି ଦେଖିଲି ମୋର କାରାଗିଓଜ୍‌କୁ ସେମାନଙ୍କ ପାଖକୁ ସିଧାସଳଖ ଦୌଡ଼ି

* "ଅବିଶ୍ୱାସୀ ମାନଙ୍କ ପ୍ରତି ମୁସଲ୍‌ମାନ ମାନଙ୍କର ଅପମାନଜନକ କଥା, "ନାସ୍ତିକ—କୁକୁର"

Digitized by srujanika@gmail.com

ଆସିବାରେ । ଚତ୍‌କାର କରି ତା' ଆଡ଼କୁ ସମସ୍ତେ ଦୌଡ଼ନ୍ତେ । ବନ୍ଧୁ ସମସ୍ତ ଧରି ସେମାନେ ତାର ଅନୁଧାବନ କଲେ । ତା' ଭିତରୁ ଜଣେ ଥରେ ଦୁଇଥର ଗୋଟାଏ ଫାଶ ତା' ବେକରେ ପ୍ରାୟ ପିନ୍ଧାଇ ବି ଦେଇଥିଲେ । ମୁଁ କମ୍ପିବାକୁ ଲାଗିଲି, ତଳକୁ ଦୃଷ୍ଟି ନିକ୍ଷେପ କରି ପ୍ରାର୍ଥନା କରିବାକୁ ଲାଗିଲି । କେତେ ମୁହୂର୍ତ୍ତ ପରେ ବୁଲିପଡ଼ି ଅନାଇଁ ଦେଖିଲି : ପବନ ପରି ମୋର କାରାଗିଓଜ୍ ମୁକ୍ତ ଅବସ୍ଥାରେ ଛୁଟି ଚାଲିଛି, ତା'ର ଲାଞ୍ଜ ଲମ୍ବା ହୋଇ ଉଡ଼ୁଛି ଆଉ ଏଆଡେ ଗ୍ୟାଉରିମାନେ ସମତଳ ଭୂମିରେ ସେମାନଙ୍କ କ୍ଳାନ୍ତ-ଘୋଡ଼ାମାନଙ୍କ ପିଠିରେ ଗୋଟାକ ପରେ ଗୋଟାଏ ବନ୍ଧୁ ପଛରେ ପଡ଼ିରହିଛନ୍ତି । ଆଲ୍ଲାଙ୍କ ନାମରେ ଶପଥ କରି କହୁଛି, ଏ କଥାଗୁଡ଼ିକ ସତ ! ବହୁତ ଘଣ୍ଟା ପର୍ଯ୍ୟନ୍ତ ଗହ୍ୱର ଭିତରେ ବସିରହିଲି । ଆଉ କ'ଣ ଘଟିଲା ଧାରଣା କରିପାରିବ ଆଜାମତ୍ ? ହଠାତ୍ ଅନ୍ଧକାର ଭିତରେ ଶୁଣିବାକୁ ପାଇଲି ଗହ୍ୱରର ପାଖଦେଇ ଗୋଟାଏ ଘୋଡ଼ା ଛୁଟିଗଲା—ନାକବାଟ ସେ ଆବାଜ୍ କରୁଛି, କରୁଛି ହ୍ରେଷା ଆଉ ଖୁରରେ ଆଘାତ କରୁଛି ମାଟିକୁ । ମୋ କାରାଗିଓଜର ସ୍ୱର ମୁଁ ବାରିପାରିଲି, ସେଇଟି ମୋର ସଙ୍ଗୀ !...ତା' ପରଠାରୁ ଆଉ କେବେହେଲେ ଆମେ ବିଚ୍ଛିନ୍ନ ହୋଇନାହୁଁ ।'

"ଘୋଡ଼ାର ମସୃଣ ବେକକୁ ଥାପୁଡ଼େଇବାର ଶବ୍ଦ ଆଉ ତାକୁ ନାନା ନାମରେ ଆଦରର ସମ୍ବୋଧନ କରିବା ଶବ୍ଦ ଶୁଣାଯିବାକୁ ଲାଗିଲା ।

"ଆଜାମାତ୍ କହିଲା, 'ମୋର ଯେବେ ହଜାରଟା ଘୋଡ଼ୀ ଥାନ୍ତେ ତାହେଲେ ତୁମ କାରାଗିଓଜ୍‌ର ବଦଳରେ ମୁଁ ସେମାନଙ୍କୁ ଦେଇ-ଦେଇଥାନ୍ତି ।'

" 'ଇଓକ୍,'[1] ମୁଁ ନିଅନ୍ତି ନାହିଁ,' କାଜ୍‌ବିଚ୍ ଉଦାସୀନ ସ୍ୱରରେ ଉତ୍ତର ଦେଲା ।

" 'ଶୁଣ, କାଜ୍‌ବିଚ୍', ଆଜାମାତ୍ ତୋଷାମୋଦ କରି କହିଲା, 'ତୁମେ ଭଲଲୋକ ଆଉ ସାହସୀ ଘୋଡ଼ସବାର୍ । ମୋ ବାପା ରୁଷୀୟ-ମାନଙ୍କୁ ଡରନ୍ତି । ମୋତେ ପାହାଡ଼ ଉପରକୁ ଯିବାପାଇଁ ଦିଅନ୍ତି ନାହିଁ । ତୁମ ଘୋଡ଼ାଟିକୁ ମୋତେ ଦେଇଦିଅ ଆଉ ତୁମେ ଯାହା ଚାହିଁବ ମୁଁ

[1] ଇଓକ୍—(ତାତାର୍ ଭାଷାରେ) ନା ।

Digitized by srujanika@gmail.com

ତାହା କରିବ । ତୁମପାଇଁ ବାପାଙ୍କର ସବୁଠାରୁ ଭଲ ବନ୍ଧୁକ କମ୍ପା ତରବାରିଟି ମୁଁ ଚୋରିକରି ଆଣିବି—ଯୋଉଟା ତୁମେ ଚାହିଁବ । ଆଜି ତାଙ୍କ ତରବାରିଟା ଅସଲ ଗୁର୍‌ଦା[1] ତା'ର ଧାରଟା ତୁମ ହାତ ଉପରେ ରଖ, ସେ ନିଜେ ନିଜେ ଗମ୍ଭୀର ହୋଇ ତୁମ ମାଂସ ଭିତରେ ଭେଦ କରିଯିବ, ତୁମର ଏଇ ବର୍ମ ତାକୁ ଅଟକାଇ ପାରିବ ନାହିଁ ।'

"କାଜ୍‌ବିଚ୍‌ ନୀରବ ରହିଲା ।

" 'ଯେତେବେଳେ ପ୍ରଥମକରି ତୁମର ଘୋଡ଼ାଟିକୁ ଦେଖେ', କହି-ଚାଲିଲା ଆଜାମାଟ୍‌, 'ତୁମକୁ ନେଇ ଡେଇଁ ଡେଇଁ ସେ ଚାଲିଛି, ଫୁଲି ଉଠୁଛି ତା'ର ନାକ, କ୍ଷୁରଦ୍ୱୟରୁ ତା'ର ଅଗ୍ନିର ସ୍ଫୁଲିଙ୍ଗ ଛିଟିହୋଇ ପଡ଼ୁଛି, ମୋ ଛାତିଟା ଯେପରି କ'ଣ ହୋଇଗଲା, ମୁଁ ସବୁକିଛି ଜିନିଷ ଉପରୁ ହରାଇଲି ଆକର୍ଷଣ । ମୋ ବାପାଙ୍କର ସବୁଠାରୁ ଭଲ ଭଲ ଘୋଡ଼ାମାନଙ୍କୁ ମୁଁ ଅବଜ୍ଞା କଲିଣି, ସେମାନଙ୍କ ଉପରେ ଚଢ଼ି କାହା ଆଗକୁ ଯିବାକୁ ମୋର ଲଜ୍ଜା ହୁଏ; ମୋ ମନରେ ଆଜି ଆନନ୍ଦ ନାହିଁ । ମନ ଦୁଃଖରେ ଦିନ ପରେ ଦିନ କଟାଉଛି ଗୋଟିଏ ପାହାଡ଼ ଉପରେ ବସି, କେବଳ ଭାବୁଛି ତୁମର କଳା ଘୋଡ଼ାଟିର କଥା—ତା'ର ଚାଲିବାର ଗର୍ବିତ-ଭଙ୍ଗୀ, ଝରଚର ତା'ର ସିଧା ମସୃଣ ପିଠି ଆଜି ମୋ ଆଡ଼କୁ ସିଧାସଳଖ ଅନାଇଁ ରହିଥିବା ତା'ର ଜ୍ୱଳନ୍ତ-ଦୃଷ୍ଟି, ଯେପରି ମୋ ସହିତ ସେ କଥା କହିବାକୁ ଚାହେଁ ! ମୋତେ ତୁମେ ଯଦି ତୁମ ଘୋଡ଼ାଟିକୁ ବିକି ନ ଦିଅ ତାହେଲେ କାଜ୍‌ବିଚ୍‌, ମୁଁ ମରିଯିବି', ଥରଥର କଣ୍ଠରେ କହିଲା ଆଜାମାଟ୍‌ ।

"ମୋର ମନେହେଲା, ସେ ଯେପରି କହିଁ କହିଁ ହୋଇ କାନ୍ଦୁଛି ଆଉ ଆପଣଙ୍କୁ କହିବି ଯେ, ଆଜାମାଟ୍‌ ଅତି ଏକ୍‌ଜିଦିଆ ପିଲା, ଯେତେବେଳେ ସେ ଆହୁରି ପିଲା ଥିଲା ସେତେବେଳେ କୌଣସି କଥା ତା' ଆଖିରେ ଲୁହ ଆଣିପାରି ନାହିଁ ।

"ତା କାନ୍ଦ ବଦଳରେ ମୁଁ ହସଭଳି ଗୋଟାଏ ଶବ୍ଦ ଶୁଣିଲି ।

" 'ଶୁଣ !' ଆଜାମାଟ୍‌ କହିଲା । ବର୍ତ୍ତମାନ ତା'ର ସ୍ୱର ଦୃଢ଼ । 'ତୁମେ ଦେଖ, ମୁଁ ଯେ କୌଣସି କାମ କରିବାକୁ ପ୍ରସ୍ତୁତ । ତୁମେ

---

[1] ଗୁର୍‌ଦା—ଏକ ବିଶେଷ ଧରଣର ଚମତ୍କାର କାରୁକାର୍ଯ୍ୟ ଖଚିତ ତରବାରି ।

Digitized by srujanika@gmail.com

ଯଦ୍ଵ ଇଚ୍ଛାକର ତାହେଲେ ମୋର ଭଉଣୀକୁ ମୁଁ ସ୍ୱେଚ୍ଛାକରି ଆଣିଦେଇ ପାରେ । କି ସୁନ୍ଦର ସିଏ ନାଚପାରେ ଆଉ ଗାଇପାରେ ! ଆଉ ତା' ସୁନା ସୂତାର କାମ ବାସ୍ତବିକ ଆଶ୍ଚର୍ଯ୍ୟ ! ତୁରସ୍କର ପାଦଶାରର ମଧ୍ୟ ତା'ପରି କୌଣସି ବୋହୂ ନ ଥିଲେ··· । ତାକୁ ପାଇବାକୁ ଇଚ୍ଛା ଥିଲେ କାଲି ସନ୍ଧ୍ୟାରେ ଗିରିସଙ୍କଟ ପାଖରେ, ଯେଉଁଠି ଝରଣା ବହିଯାଉଛି, ମୋ ପାଇଁ ଅପେକ୍ଷା କର; ଅନ୍ୟ ଗାଁକୁ ଯିବାର ବାଟଧରି ତାକୁ ନେଇ ମୁଁ ଯିବି—ଆଉ ସେ ତୁମରି ହୋଇଯିବ । ବେଲ୍ଲାର ଦାମ୍ କ'ଣ ତୁମ ଘୋଡ଼ା ଦାମ୍ ସହିତ ସମାନ ନୁହେ ?'

"ଅନେକ···ଅନେକ ସମୟ ଧରି ନୀରବ ରହିଲା କାଜ୍‌ବିଚ୍ । ଅବଶେଷରେ ଉତ୍ତର ଦେବା ପରିବର୍ତ୍ତେ ମୃଦୁସ୍ୱରରେ ସେ ଗୋଟିଏ ପ୍ରାଚୀନ ଗୀତ ଗାଇଲା * :

ଅପରୂପା, ସୁନ୍ଦରୀ,
ଆମର ଏ ଦେଶେ ଛନ୍ତି ଅନେକ ନାରୀ,
ଦୂର-ଗଗନର ତାରା ଉଜ୍ଜ୍ୱଳ
ହୋଇ, ମିଟିମିଟି କରେ—
ତାଙ୍କରି ସେହି ଆଖିର ଅନ୍ଧକାରେ ।
କିଣିଯାଏ ହୋଇ ସମସ୍ତ ମଧୁର
ଯେତେବେଳେ ଆମେ ଅତୀବ ଅଧୀର ହୋଇ,
କେଉଁ ଏକ କୁମାରୀରେ ।
ବକ୍ଷେ ଜଡ଼ାଇ ଧରୁ ଧୀରେ, ଅତି ଧୀରେ ।
ଯୁବା ମଣିଷର
ସ୍ୱାଧୀନତା ସିନା ଅତୀବ ମଧୁର,
ଅଗଣିତ ନାରୀ କିଣିବାକୁ ମିଳେ
ସ୍ୱର୍ଣ୍ଣର ବିନିମୟେ,
କିନ୍ତୁ ଗୋଟିଏ ତେଜସ୍ୱାନ୍ ଘୋଡ଼ା
ଅତୁଳ-ବିତ୍ତ ପ୍ରାପ୍ୟେ,

* କାଜ୍‌ବିଚ୍‌ର ଗୀତଟି ମୋତେ ଅବଶ୍ୟ କୁହାଯାଇଥିଲା ଗଦ୍ୟରେ । ସେଇଟିକୁ ଛନ୍ଦରେ ଲେଖିଥିବାରୁ ପାଠକମାନଙ୍କ ପାଖରେ ମୁଁ କ୍ଷମାପ୍ରାର୍ଥୀ; କିନ୍ତୁ ଅଭ୍ୟାସ ଯିବ କୁଆଡ଼େ ?
(ଲେର୍‌ମଁଟଭଙ୍କ ବକ୍ତବ୍ୟ) ।

Digitized by srujanika@gmail.com

କରେନା ତୁମକୁ କେବେଁ ପ୍ରତାରଣା
ବିଶ୍ୱାସ କେବେଁ ଭଙ୍ଗ କରେନା
ପ୍ରାନ୍ତର ପରେ ଘୂର୍ଣ୍ଣି ସମାନ
ଯାଏ ଉଡ଼ି, ଉଡ଼ି ଯାଏ ।

"ବୃଥାଟାରେ ଆଜାମାତ୍ ତା' ପାଖରେ ଅନୁନୟ-ବିନୟ କରି ବୁଝାଇଲା, କାନ୍ଦିଲା, ତୋଷାମୋଦ୍ କଲା, ଅବଶେଷରେ ତା' ଉପରେ କ୍ରୋଧାନ୍ୱିତ ହୋଇ ଉଠିଲା କାଜ୍‌ବିଚ୍ ।

" 'ହଟ୍ ଏଠୁ, ଯାଃ ! ତୁ କ'ଣ ପାଗଳ ହୋଇଛୁ ? ମୋ ଘୋଡ଼ାକୁ ତୁ କେବେହେଲେ କିଣି ପାରିବୁ ନାହିଁ ! ପ୍ରଥମେ ଦୁଇକ ଦମ୍ ଯାଉ ଯାଉ ସେ ତୋତେ ତା ପିଠିରୁ ଫୋପାଡ଼ି ଦେବ ଆଉ ପଥରରେ ବାଜି ମୁଣ୍ଡ ତୋର ଚୂରମାର ହୋଇଯିବ ।'

" 'ମୁଁ ?' କ୍ରୋଧରେ ଆତ୍ମହରା ହୋଇ ଚିତ୍କାର କରିଉଠିଲା ଆଜାମାତ୍ ଆଉ ତା'ର କ୍ଷୁଦ୍ର ଛୁରିଟା ସାଙ୍ଗୁ ଉପରେ ଝଣଝଣ ହୋଇ ଉଠିଲା । ଗୋଟିଏ ବଳଶାଳୀ ହାତ ତାକୁ ଘୁଞ୍ଚି ଫୋପାଡ଼ି ଦେଲା ଓ ସେ କାଉଁଶକଣିର ବାଡ଼ଟା ଉପରେ ଏପରି ଜୋର୍‌ରେ ଯାଇ ପଡ଼ିଲା ଯେ ସେଇଟା କମ୍ପି ଉଠିଲା । 'ଏଥର ତାମସା ଆରମ୍ଭ ହେବ', ମୁଁ ଭାବିଲି ଆଉ ଘୋଡ଼ାଶାଳକୁ ଦୌଡ଼ିଯାଇ ମୋ ଘୋଡ଼ାଗୁଡ଼ିକୁ ଯୋଚି ସେମାନଙ୍କୁ ପଛପାଖ ଅଗଣାକୁ ନେଇ ଆସିଲି । ଦୁଇମିନିଟ ଭିତରେ ଘର ମଧ୍ୟରେ ହଟ୍ଟଗୋଳ ଆରମ୍ଭ ହୋଇଗଲା । ଘଟଣା ଏହା ଘଟିଥିଲା ! ଆଜାମାତ୍ ଘର ମଧ୍ୟରେ ଛିଣ୍ଡା ବେଶ୍‌ମେଟ୍ ପିନ୍ଧି ଦୌଡ଼ିଯାଇ କହିଥିଲା ଯେ କାଜ୍‌ବିଚ୍ ତାକୁ ଖୁନ୍ କରିବାକୁ ବସିଥିଲା । ସମସ୍ତେ ତତ୍‌କ୍ଷଣାତ୍ ବାହାରି-ଆସି ନିଜ ନିଜ ବନ୍ଧୁକଗୁଡ଼ିକୁ ଉଠାଇନେଲେ ଆଉ ତାମସା ସୁରୁ ହୋଇଗଲା । ସୁରୁ ହୋଇଗଲା ଆର୍ତ୍ତନାଦ ଆଉ ଚିତ୍କାର, ଶୁଣାଯିବାକୁ ଲାଗିଲା ବନ୍ଧୁକର ଆବାଜ୍, କିନ୍ତୁ ଏ ଭିତରେ କାଜ୍‌ବିଚ୍ ତା ଘୋଡ଼ାରେ ଚଢ଼ି ଭିଡ଼ ଭିତରେ ଦୈତ୍ୟ ପରି ଘୁରି ବୁଲୁଥିଲା ଆଉ ତା' ତରବାରିଦ୍ୱାରା ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ହଟାଉଥିଲା । 'ଏହା ଭିତରେ ଜଡ଼ିତ ହେବାଟା ଖୁବ୍ ଖରାପ ହେବ,' ପେଚୋରିନ୍‌ର ହାତ ଧରି ମୁଁ କହିଲି, 'ଯେତେଶୀଘ୍ର ସମ୍ଭବ ପଳାଇବା ଭଲ ନୁହେଁ କି ?"

Digitized by srujanika@gmail.com

" 'ଟିକେ ଅପେକ୍ଷାକର ଦେଖାଯାଉ କପରି ଏଇଟା ଶେଷ ହେଉଛି ।'

" 'ନିଶ୍ଚୟ ଖୁବ୍ ଖରାପ ଭାବରେ ଶେଷ ହେବ; ଏଇସବୁ ଏସିଆବାସୀମାନଙ୍କ ବେଳକୁ ଏଇପରି କାଣ୍ଡହିଁ ଘଟିଥାଏ । ଯେତେବେଳେ ସେମାନେ ଆକଣ୍ଠ ବୁଜା ପାନ କରନ୍ତି ସେତେବେଳେ ସେମାନେ ହଣାହଣି କରିବାକୁ ଛୁଟନ୍ତି ।'

"ଘୋଡ଼ାରେ ଚଢ଼ି ଆମେ ଘରକୁ ଫେରିଲୁ ।"

"ଖାଜ୍‌ବଟ୍‌ର କ'ଣ ହେଲା ?" ଅସନ୍ତୁଷ୍ଟ ହୋଇ ମୁଁ ପ୍ରଶ୍ନ କଲି ।

"ଏଇସବୁ ଲୋକଙ୍କର କ'ଣ ହୋଇପାରେ ?" କ୍ୟାପ୍‌ଟେନ୍ ତାଙ୍କ ଗ୍ଲାସ ନିଃଶେଷ କରି କହିଲେ, "ଅବଶ୍ୟହିଁ ସେ ହଜାଇଯାଇ ପାରିଥିଲା ।"

"ସିଏ ଆହତ ହି ହୋଇନାହିଁ ?" ମୁଁ ପଚାରିଲି ।

"ଏକମାତ୍ର ଭଗବାନହିଁ ଜାଣନ୍ତି । ଏଇ ଶଇତାନ୍‌ଗୁଡ଼ାକ ଭାରି ଶକ୍ତ । ସେମାନଙ୍କ ଭିତରୁ କେତେଜଣଙ୍କୁ ଲଢ଼ିବାରେ ମୁଁ ଦେଖିଛି, ଜଣକୁ ହୁଏତ ସଙ୍ଗୀନ୍ ମୁନରେ ପାର୍ଶ୍ୱ-ବିପାର୍ଶ୍ୱ କରି ବିଧା ହୋଇଛି, ତଥାପି ବି ସେ ତରବାରୀ ବୁଲାଉଥାଏ ।"

ଟିକେ ନୀରବ ରହି ମାଟିରେ ପାଦଟାକୁ ଟିକେ ବାଡ଼େଇ ଦେଇ କ୍ୟାପ୍‌ଟେନ୍ କହି ଚାଲିଲେ :

"ଗୋଟିଏ ଘଟଣା ପାଇଁ ନିଜକୁ ମୁଁ କୌଣସି ଦିନ କ୍ଷମା କରିବି ନାହିଁ । ଦୁର୍ଗକୁ ଫେରିଯିବା ପରେ କୌଣସି ଶଇତାନ ଯେପରି ମୋ ଦ୍ୱାରା ପେଚ୍ଲୋରିନ୍‌କୁ କୁହାଇଲା, ବାଡ଼ର ପଛପଟେ ମୁଁ ଯାହା ଶୁଣିଛି, ସେଇ କଥାଗୁଡ଼ିକ । ସେ ହସିବାକୁ ଲାଗିଲା—ଧୂର୍ତ୍ତ ଶୃଗାଳଟା—ଯଦିଓ ସେ ଏଥି ଭିତରେ ଗୋଟାଏ ମତଲବ ଭାବି ଭାବି ଆବିଷ୍କାର କରିଥିଲା ।"

"କ'ଣ ସେଇଟା ? ମୋତେ କୁହନ୍ତୁ !"

"ମନେହେଉଛି ଆପଣଙ୍କୁ କହିବାକୁ ହେବ ! ଗପଟା ଆରମ୍ଭ କରିଛି, ସେଥିପାଇଁ ସେଇଟାକୁ ଶେଷ କରିବା ଦରକାର ।"

"ପ୍ରାୟ ଚାରିଦିନ ପରେ ଘୋଡ଼ାରେ ଚଢ଼ି ଦୁର୍ଗକୁ ଆସିଲା ଆଜାମାତ୍ । ଯଥାରୀତି ସେ ଗଲା ପେଚ୍ଲୋରିନ୍ ସହିତ ସାକ୍ଷାତ କରିବା

Digitized by srujanika@gmail.com

ପାଇଁ । ଆଜାମାତ୍ ପାଇଁ କିଛି ନା କିଛି ସୁ-ଖାଦ୍ୟ ସବୁବେଳେ ସେ ରଖେ । ମୁଁ ମଧ୍ୟ ସେଠି ଥିଲି । ଘୋଡ଼ା ସମ୍ପର୍କରେ ଆଲୋଚନା ଆରମ୍ଭ ହେଲା ଅଭ୍ ପେଟ୍ରେରିନ୍ କାଜ୍‌ବିଚ୍ ଘୋଡ଼ାର ପ୍ରଶଂସା ଆରମ୍ଭ କଲା; ଘୋଡ଼ାଟା ହରିଣ ପରି ତେଜସ୍ୱୀ ଅତି ସୁନ୍ଦର ଅଭ୍ ପେଟ୍ରେରିନ୍ କହିଲା ସମଗ୍ର ପୃଥିବୀରେ ତା'ର ସମକକ୍ଷ ନାହିଁ ।

"ଛୋଟ ଟୋକାର ଆଖି ଜଳି ଉଠିଲା, କିନ୍ତୁ ପେଟ୍ରେରିନ୍ ଏପରି ଭାବ ଦେଖାଇଲା, ଯେପରି ସେ ଲକ୍ଷ୍ୟ କରିନାହିଁ ! ଆଲୋଚନାର ବିଷୟ ମୁଁ ବଦଳାଇବାକୁ ଚେଷ୍ଟା କଲି, କିନ୍ତୁ ସଙ୍ଗେ ସଙ୍ଗେ ସେ ଆଲୋଚନାକୁ ନେଇ ଆସିଲା କାଜ୍‌ବିଚ୍ ଘୋଡ଼ା ଉପରକୁ । ଆଜାମାତ୍ ଆସିଲେ ପ୍ରତିଥରହିଁ ଏଇ ଘଟଣା ଘଟେ । ତିନି ସପ୍ତାହ ପରେ ମୁଁ ଲକ୍ଷ୍ୟ କଲି, ଆଜାମାତ୍ ମଳିନ ହୋଇ ଉଠିଛି ଆଉ ଶୁଖି ଯାଉଛି ପ୍ରେମ ପାଇଁ ଉପନ୍ୟାସର ନାୟକମାନେ ଯେପରି ଶୁଖିଯାନ୍ତି । ଏ ସବୁ ବ୍ୟାପାରର କାରଣ କ'ଣ ?···

"ପରେ ସବୁ ଗଳ୍ପଟିକୁ ମୁଁ ଶୁଣିଥିଲି । ପେଟ୍ରେରିନ୍ ତାକୁ ଉତ୍ତେଜିତ କରିଏପରି ଅବସ୍ଥାରେ ଆଣି ପକାଇଥିଲା ଯେ ଶେଷ ପର୍ଯ୍ୟନ୍ତ ଟୋକାଟା ଏକେବାରେ ମୋଡ଼ିହୋଇ ଯାଇଥିଲା । ଥରେ ସେ ତାକୁ ସିଧାସଳଖ କହିଲା : 'ମୁଁ ଦେଖିବାକୁ ପାଉଛି ଆଜାମାତ୍, ତୁମର ଘୋଡ଼ାଟା ଦରକାର ··ଦରକାର । ତେବେ ସେଇଟିକୁ ତୁମର ପାଇବାର ସମ୍ଭାବନା ହେଉଛି ତୁମ ମୁଣ୍ଡର ପଛପଟଟାକୁ ଦେଖି ପାରିବା ସହିତ ସମାନ । ବର୍ତ୍ତମାନ କୁହ, ଯେବେ ସେଇଟାକୁ କେହି ତୁମକୁ ଦିଏ ତା ହେଲେ ତୁମେ କ'ଣ ତାକୁ ଦେବ ?···'

" 'ସେ ଯାହା ମାଗିବ ତାହା ।" ଆଜାମାତ୍ ଉତ୍ତର ଦେଲା ।

" 'ତାହେଲେ ତୁମପାଇଁ ଘୋଡ଼ାଟାକୁ ମୁଁ ଆଣିଦେବି, କିନ୍ତୁ ଗୋଟିଏ ସର୍ତ୍ତରେ··· । ଶପଥ କରି କୁହ, ସେ କାମ ତୁମେ କରିବ ?···'

" 'ମୁଁ ଶପଥ କରୁଛି··· । ତୁମକୁ ବି କିନ୍ତୁ ଶପଥ କରିବାକୁ ହେବ !'

" 'ଭଲକଥା ! ମୁଁ ଶପଥ କରି କହୁଛି, ଘୋଡ଼ାଟା ତୁମେ ପାଇବ, ତା ବଦଳରେ କେବଳ ତୁମ ଭଉଣୀ ବେଲାକୁ ମୋତେ ଦେବାପାଇଁ

Digitized by srujanika@gmail.com

ହେବ । କାସ୍ଟିଗିଓନ୍ ହେବ ତାର କାଲିମ୍'! ଆଶା କରେ ଏଇ ଚୁକ୍ତି ତୁମର ମନଃପୂତ ହେବ !'

"ଆଜାମାତ୍ ନୀରବ ହୋଇଗଲା ।

" 'ତୁମେ ରାଜି ନାହିଁ ? ଯାହା ତୁମର ମର୍ଜି ! ଭାବିଥିଲି, ତୁମେ ମଣିଷ ହୋଇ ତିଆରି ହୋଇଛ, କିନ୍ତୁ ଦେଖୁଛି ବର୍ତ୍ତମାନ ତୁମେ ଶିଶୁ; ଘୋଡ଼ା ଚଢ଼ିବା ପକ୍ଷରେ ତୁମେ ନିହାତି ପିଲା ମଣିଷ···'

"ଆଜାମାତ୍ କହିଉଠିଲା । 'ମୋ ବାପାଙ୍କ କଥା ତାହେଲେ କ'ଣ ହେବ ?' ସେ ପ୍ରଶ୍ନ କଲା ।

" 'ସିଏ କ'ଣ କେବେ ହେଲେ କୁଆଡ଼େ ଯାଆନ୍ତି ନାହିଁ ?'

" 'ସେ କଥା ଠିକ୍···'

" 'ତାହେଲେ ତୁମେ ରାଜି ତ ?'

" 'ମୁଁ ରାଜି', ଅନୁଚ୍ଚ ସ୍ୱରରେ କହିଲା ଆଜାମାତ୍ ପୁରାପୁରି ମୃତ୍ୟୁର ଭଳି ପାଣ୍ଡୁର ହୋଇ । 'କେବେ ?'

" 'ପରେ ଯେତେବେଳେ କାଜ୍‌ବିଚ୍ ଏଠିକି ଆସିବ; ଦଶଟା ଖଣ୍ଡେ ମେଣ୍ଢା ସିଏ ଦେଇ ଆସିବ କହିଛି । ବାକି ସବୁଟା—ମୋର ମୁଣ୍ଡ ବଥା । ଆଉ ଚୁକ୍ତି ବାବଦ ତୁମ ଭଗଟାକୁ ତୁମେ ଖିଆଲ୍ ରଖ ଆଜାମାତ !',

"ଏଇପରି ଭାବରେ ସେମାନେ ସମସ୍ତ ଘଟଣା ସମ୍ବନ୍ଧରେ ଏକମତ ହେଲେ···ମୁଁ ନିଶ୍ଚୟ କହିବି···ବ୍ୟାପାରଟି ବାସ୍ତବିକ କୁତ୍ସିତ । ପରେ ସେ କଥା ମୁଁ ପେଚୋରିନ୍‌କୁ କହିଥିଲି । ସେ କିନ୍ତୁ ଉତ୍ତରରେ କହିଥିଲା ଯେ ଆଦିମ ଜାତିର ଚେର୍‌କେଶୀୟ ଝିଅର ତା' ପରି ସୁନ୍ଦର ସ୍ୱାମୀ ପାଇବାରେ ଆନନ୍ଦିତ ହେବା ଉଚିତ, କାରଣ ସ୍ଥାନୀୟ ପ୍ରଥା ଅନୁସାରେ ସେ ତା'ର ସ୍ୱାମୀହିଁ ହେବ । ପୁଣି କହିଥିଲା ଯେ କାଜ୍‌ବିଚ୍ ହେଉଛି ଡକାଏତ୍ ଏବଂ ଯେପରି ଭାବରେହିଁ ହେଉ ତାକୁ ଦଣ୍ଡ ଦେବାହିଁ ଦରକାର । ଆପଣ କହନ୍ତୁ ଏହା ବିରୁଦ୍ଧରେ କ'ଣ ମୁଁ କହିପାରେ ?·····ସେତେବେଳେ କିନ୍ତୁ ଏଇ ଷଡ଼ଯନ୍ତ୍ର ସମ୍ବନ୍ଧରେ ମୁଁ କିଛିବି ଜାଣିନଥିଲି । ତା' ପରେ ଥରେ କାଜ୍‌ବିଚ୍ ଆସି ପଚାରିଲା ଆମର ମେଣ୍ଢା ଆଉ ମହୁ ଦରକାର କି ନାହିଁ, ଆଉ ମୁଁ ତାକୁ କହିଲି ଆଗାମୀ କାଲି କିଛି ଆଣିବାକୁ । ପିଲାଟାକୁ

[1]ଉପଜାତି ପ୍ରଥା ଅନୁସାରେ ସ୍ତ୍ରୀ ପାଇଁ ଯୌତୁକ ସମ୍ପତ୍ତି ନେଇକେ ଦଅନ୍ତି ।

Digitized by srujanika@gmail.com

ପେଚ୍ରେରିନ୍ କହିଲ, 'ଆଜାମାତ୍, କାଲି କାସ୍‌ବିଓଜ୍ ମୋ କବଳରେ ପଡ଼ିବ । ଆଜ ରାତ୍ରିରେ ବେଲାକୁ ଯଦି ଏଠିକି ନେଇ ନ ଆସ, କାଲି ତୁମେ ଚାହେଁଲେ ଘୋଡ଼ାଟାକୁ ଦେଖିବାକୁ ପାଇବ ନାହିଁ···'

" 'ବେଶ୍!' କହି ଆଜାମାତ୍ ଘୋଡ଼ା ଛୁଟାଇ ଦୌଡ଼ିଲା ତା' ନିଜ ଘରକୁ ।

"ସନ୍ଧ୍ୟାରେ ପେଚ୍ରେରିନ୍ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଦୁର୍ଗରୁ ଘୋଡ଼ା ଚଢ଼ି ବାହାରି ଗଲା । ସବୁକିଛି ସେମାନେ କିପରି ହାସଲ କରିଥିଲେ ସେ କଥା ମୁଁ ଜାଣେନା—ରାତିରେ କିଂତୁ ସେମାନେ ଦୁଇଜଣ ଯାକ ଫେରିଲେ ଆଉ ପ୍ରହରୀ ଦେଖିଲା, ଆଜାମାତ୍‌ର ଘୋଡ଼ାର ଜିନ୍‌ରେ ଗୋଟିଏ ଝିଅ ହାତଗୋଡ଼ ବଂଧା ଆଉ ଓଢ଼ଣାରେ ଢଂକା ଅବସ୍ଥାରେ ଶୋଇ ରହିଛି ।"

"ଆଉ ଘୋଡ଼ାଟା ?" କ୍ୟାପ୍‌ଟେନ୍‌ଂକୁ ମୁଁ ପ୍ରଶ୍ନ କଲି ।

"ଟିକେ ସବୁର୍ କରଂତୁ, ଟିକେ ! ପରଦିନ ଭୋର୍‌ରେ ଯେଉଁ ଦଶଟା ମେଣ୍ଢାଙ୍କୁ ସେ ବିକ୍ରି କରିବାକୁ ଆଣିଥିଲା ସେଗୁଡ଼ାକୁ ଘଉଡ଼ାଇ ଦେଇ ଘୋଡ଼ା ପିଠିରେ ସବାର୍‌ହୋଇ ଆସିଲା କାଜ୍‌ବିଚ୍ । ଖୋଟାଏ ବାଡ଼ରେ ତା ଘୋଡ଼ାଟାକୁ ବାନ୍ଧି ମୋ ସହିତ ସେ ଦେଖା କରିବାକୁ ଆସିଲା ଆଉ ତାକୁ ଚା' ପିଇବାକୁ ଦେଲି, କାରଣ ସେ ଡକାଏତ୍ ହେବା ସତ୍ତ୍ୱେ ମଧ୍ୟ ମୋର ବନ୍ଧୁ ଅଟେ ।

"ନାନା ବିଷୟରେ ଆମେ କଥାବାର୍ତ୍ତା କରିବାକୁ ଲାଗିଲୁ··· । ହଠାତ୍ ଲକ୍ଷ୍ୟ କଲି କାଜ୍‌ବିଚ୍ ଚମକି ଉଠିଲା; ତା'ର ଚେହେରା ବଦଳିଗଲା ଆଉ ସେ ଦୌଡ଼ିଲା ଝରକାଟା ଆଡ଼କୁ । ଦୁର୍ଭାଗ୍ୟକ୍ରମେ ଝରକାଟାର ପଛପଟ ଅଗଣା ଆଡ଼କୁ ଥିଲା । 'କଣ ହେଲା ?' ମୁଁ ପଚାରିଲି ।

" 'ମୋ ଘୋଡ଼ାଟା !···ଘୋଡ଼ାଟା !' ସେ କହିଲା, ସର୍ବାଙ୍ଗ ତା'ର ଥର ଥର ହୋଇ ଥରୁଛି ।

" 'ଆଉ ବାସ୍ତବିକ ଘୋଡ଼ାଟାପୁର ଶବ୍ଦ ମୁଁ ଶୁଣିବାକୁ ପାଇଲି । 'ନିଶ୍ଚୟ କେତେଜଣ କସାକ୍ ଆସି ପହଞ୍ଚି ଯାଇଛନ୍ତି···'

" ' ନା ! ଉରୁସ୍ ଇୟାମାନ୍, ଇୟାମନ୍¹, ସେ ଗର୍ଜନ କରି ଉଠିଲା

¹ତାତାର୍ ଭାଷାରେ—ରୁଷୀୟମାନେ ଖରାପ୍, ଖରାପ୍ ।

Digitized by srujanika@gmail.com

ଆଜି ବଣୁଆ ଚିତାବାଘ ପରି ଛୁଟିଗଲା । ଦୁଇଟି ଲମ୍ଫରେ ସେ ଯାଇ ହାଜର ହେଲା ଅଗଣାରେ; ଦୁର୍ଗ ଫାଟକରେ ଏକ ପ୍ରହରୀ ବନ୍ଧୁକ ଦେଖାଇ ତା'ର ପଥରୋଧ କଲା, କିନ୍ତୁ ବନ୍ଧୁକଟାକୁ ଡେଇଁ ଗସ୍ତାଧର ସେ ଛୁଟିଲା··· । ଦୂରରେ ଧୂଳିର ମେଘ ଉଡ଼ୁଛି—ଆଜାମାତ୍ ତେଜସ୍ୱୀ କାରଗିଓଜ୍‌କୁ ଛୁଟାଇ ଦୌଡ଼ୁଛି । ଦୌଡ଼ୁ ଦୌଡ଼ୁ କାଜ୍‌ବିଚ୍ ତା ନିଜ ବନ୍ଧୁକରୁ ଗୁଳିବର୍ଷଣ କଲା । ମୁହୂର୍ତ୍ତେ ସେ ସ୍ଥିର ହୋଇ ଠିଆ ହେଲା ଲକ୍ଷ୍ୟଭ୍ରଷ୍ଟ ହୋଇଛି କି ନାହିଁ ଭାବିବା ଲଗି; ତା'ପରେ ସେ ଆର୍ତ୍ତନାଦ କରି ଉଠିଲା, ପଥରରେ ବାଡ଼େଇ ବନ୍ଧୁକଟିକୁ ଚୂର୍ଣ୍ଣ-ବିଚୂର୍ଣ୍ଣ କରି ପକାଇଲା ଓ ତଳେ ପଡ଼ିଯାଇ ଗଡ଼ି ଗଡ଼ି ପିଲାଙ୍କ ପରି କାନ୍ଦିବାକୁ ଆରମ୍ଭ କଲା··· । ଦୁର୍ଗର ଲୋକେ ଭିଡ଼ ଜମାଇ ଆସି ତାକୁ ଘେରି ଠିଆ ହୋଇଗଲେ, କିନ୍ତୁ କାହାକୁ ହେଲେ ବି ସେ ଦେଖିବାକୁ ପାଇଲା ନାହିଁ । ଦୁର୍ଗର ଲୋକେ କିଛି ବେଳ ଠିଆହୋଇ ନିଜ ନିଜ ଭିତରେ କଥାବାର୍ତ୍ତା ହୋଇ ଫେରିଗଲେ । ମୁଁ ହୁକୁମ୍ ଦେଲି ମେଣ୍ଢାର ଦାମ୍ ବାବଦ ଟଙ୍କା ତା ପାଖରେ ରଖି ଦେବାକୁ, ସିଏ କିନ୍ତୁ ଛୁଇଁଲା ବି ନାହିଁ । ଖାଲି ମୁହଁ ତଳକୁ କରି ମୁର୍ଦାର ପରି ପଡ଼ି ରହିଲା । ବିଶ୍ୱାସ କରିପାରିବେ, ସମସ୍ତ ରାତିଟା ସିଏ ଏଇପରି ଅବସ୍ଥାରେ ଶୋଇଥିଲା ? ପରଦିନ ସକାଳେ ସିଏ ଖାଲି ଦୁର୍ଗକୁ ଫେରିଥିଲା ପଚାରିବାକୁ କେହି ଜାଣିଛି କି ନାହିଁ ଚୋରଟା କିଏ ? ଜଣେ ପ୍ରହରୀ, ସିଏ ଆଜାମାତ୍‌କୁ ଦେଖିଥିଲା ଘୋଡ଼ାଟିକୁ ଖୋଲିବାରେ ଆଉ ନେଇ ପଳାଇ ଯିବାରେ, ମନେ କଲାନାହିଁ କଥାଟିକୁ ଗୋପନ ରଖିବାର ଦରକାର ଅଛି ବୋଲି । ନାଁ ଟା ଶୁଣିବା ପରେ କାଜ୍‌ବିଚ୍‌ର ଆଖି ଦୁଇଟା ଜଳି ଉଠିଲା ଆଉ ସେ ଚାଲିଲା ଆଜାମାତ୍ ବାପାର ବାସସ୍ଥାନ ଆଡ଼କୁ ।”

“ତା ବାପା କ'ଣ କଲେ ?”

“ମୁସ୍କିଲ୍ ହେଲା, କାଜ୍‌ବିଚ୍ ତାଙ୍କର ଦେଖା ପାଇନାହିଁ । ଛ'ଦିନ ପାଇଁ ସେ କୁଆଡ଼େ ବାହାରକୁ ଯାଇଥିଲେ । ସିଏ ନ ଗଲେ କ'ଣ ଆଜାମାତ୍ ତା' ଭଉଣୀକୁ ଚୋରି କରି ଆଣି ପାରିଥାନ୍ତା ?

“ବାପା ଫେରି ଦେଖିଲେ ପୁଅ ଆଉ ଝିଅ କେହି ବି ନାହାନ୍ତି । ପୁଅଟା ଥିଲା ଧୂର୍ତ୍ତ; ସିଏ ଭଲଭାବରେ ଜାଣେ ଧରା ପଡ଼ିଲେ ତା' ମୁଣ୍ଡଟାର ଦାମ୍ ପାଞ୍ଚଲଟାଏ ବି ହବନାହିଁ । ସେଥିପାଇଁ ତା' ପରଠାରୁହିଁ

Digitized by srujanika@gmail.com

ମେ ଫେଭର୍ । ଖୁବ୍ ସମ୍ଭବ ସେ କୌଣସି ଆବ୍ରେକ୍ ଦସ୍ୟୁଦଳରେ ଯୋଗ ଦେଇଥିଲା ଆଉ ସମ୍ଭବତଃ ତା'ର ଜନ୍ମଭୂମି ଜୀବନ ଚେରେକ୍ କମ୍ୟାକୁବାନ୍‌ର ଆରପାଖରେ ଶେଷ ହୋଇଥିଲା ! ତାହାହିଁ ତା'ର ପ୍ରାପ୍ୟ !···

"ସ୍ୱୀକାର କରିବାକୁହିଁ ହେବ ଯେ ଘଟଣାଟା ମୋ ପକ୍ଷରେ ବି ସରଳ ହୋଇନାହିଁ । ସେତିକବେଳେ ଶୁଣିଲି ଚେର୍‌ନେକଣ ସ୍ତ୍ରୀ ଅଛି ପେରେଗ୍ରେଭନ୍ ପାଖରେ ରହୁଛି, ମୁଁ ମୋ କାନ୍ଧରେ ସାମରିକ ସନ୍ତକ ଲଗାଇ, ତରବାରୀ ଝୁଲାଇ ତା' ସହିତ ଦେଖା କରିବାକୁ ଗଲି ।

"ପ୍ରଥମ ଘରର ବିଛଣାରେ ସେ ଶୋଇଥିଲା । ଗୋଟାଏ ହାତ ତା ମୁଣ୍ଡତଳେ, ଅନ୍ୟ ହାତରେ ବହୁବେଳରୁ ନିଭି ଯାଇଥିବା ଗୋଟାଏ ପାଇପ୍ । ଅନ୍ୟ ଘରକୁ ଯିବା ଦରଜାରେ ତାଲା ପଡ଼ିଛି, ଆଉ ତାଲା ଦେହରେ ଘୁଣ୍ଟା ଲାଗିନାହିଁ; ଏକାସାଙ୍ଗରେ ସବୁଗୁଡ଼ାକ ମୁଁ ଲକ୍ଷ୍ୟ କଲି ।···ଦରଜା ପାଖରେ ଠିଆହୋଇ ଖଣ୍ଟିକାଶ ମାରିଲି, ତଳକାଠରେ ଗୋଡ଼ ବାଡ଼େଇଲି, କିନ୍ତୁ ସିଏ ଏପରି ଭାବ ଦେଖାଇଲା, ଯେପରି କିଛି ଶୁଣିବାକୁ ପାଉନାହିଁ !

" 'ଏନ୍‌ସାଇନଟା ମହାଶୟ !' ଯେତେ କଠୋର ଭାବରେ ସମ୍ଭବ ଡାକିଲି । 'ଆପଣ କ'ଣ ବୁଝିପାରୁ ନାହାନ୍ତି ଯେ ମୁଁ ଆପଣଙ୍କ ସହିତ ଦେଖା କରିବାକୁ ଆସିଛି ?'

" 'ଓ-ହୋ, କମିଶନ ଅଛନ୍ତି ମାକ୍‌ସିମ ମାକ୍‌ସିମୀର୍ ! ଗୋଟାଏ ପାଇପ୍ ଧରାଇବେ ?' ବିଛଣାରୁ ନ ଉଠି ସେ ଉତ୍ତର ଦେଲା ।

" 'ମୋତେ କ୍ଷମା କରନ୍ତୁ ! ମୁଁ ମାକ୍‌ସିମ୍-ମାକ୍‌ସୀର୍ ନୁହେ : ଆପଣଙ୍କ ପାଖରେ ମୁଁ ଜଣେ କ୍ୟାପ୍‌ଟେନ୍ !'

" 'ଆ-ହା ! ସେଥିରେ କିଛି ଯାଏ-ଆସେନା । ଚା ଖାଇବେ ? ଆପଣ ଯଦି ଜାଣନ୍ତେ ମୋ ମନରେ କି ପ୍ରକାରର ବୋଝ ନଦାହୋଇ ରହିଛି !'

" 'ମୁଁ ସବୁ ଜାଣେ ।' ବିଛଣା ପାଖକୁ ଆଗେଇଯାଇ କହିଲି ।

" 'ତାହେଲେ ତ ଆହୁରି ଭଲ । ସମସ୍ତ ବୃତ୍ତାନ୍ତକୁ ପୁଣି ପୁନରାବୃତ୍ତି କରିବା ପରି ମାନସିକ ଅବସ୍ଥା ମୋର ବର୍ତ୍ତମାନ ନାହିଁ ।'

" 'ଏନ୍‌ସାଇନ୍‌ଟା ଅଜ୍ଞା, ଆପଣ ଏପରି ଗୋଟାଏ ଅପରାଧ କରିଛନ୍ତି ଯାହାପାଇଁ ମୋତେ ବି ହୁଏତ କୈଫିୟତ୍ ଦେବାକୁ ହୋଇପାରେ···'

Digitized by srujanika@gmail.com

" 'ନିଷ୍ଠୁର, କାହିଁକି ନ ହେବ ? ଆମେ ସବୁ ସମୟରେ କ'ଣ ସବୁ-କିଛିକୁ ସମାନ ଭାବରେ ଭୋଗ କରିନାହୁଁ ?'

" 'ତାମ୍‌ସା କରିବା ବେଳ ଏଇଟା ନୁହେଁ । ଆପଣଙ୍କ ତରବାରୀଟିକୁ ସମର୍ପଣ କରିବେ କି ?'

" 'ମିଛ୍‌କା ! ତରବାରୀଟା ।'

"ମିଛ୍‌କା ତରବାରୀଟା ଆଣିଦେଲି । ଏଇ ଭାବରେ ମୋର କର୍ତ୍ତବ୍ୟ କରି ବିଛଣାରେ ବସି ମୁଁ କହିଲି, 'ଶୁଣନ୍ତୁ ପେରେଗ୍ରିନ୍‌ ! ଆପଣଙ୍କୁ ସ୍ୱୀକାର କରିବାକୁହିଁ ହେବ ଯେ ଆପଣ ଭଲ କାମ କରିନାହାନ୍ତି ।'

" 'କଣ ଭଲ କାମ କରିନାହିଁ ?'

" 'ବେଲ୍‌କୁ ଗ୍ରେଫରକରି ଆଣିବା··· । ଆଜ୍ଞାମାତ୍ରଟା କି ବଦ୍‌ମାସ୍‌ ! ଜାଣନ୍ତୁ, ଅବିକା ଏଇଟା ସ୍ୱୀକାର କରନ୍ତୁ' ! ତାକୁ ମୁଁ କହିଲି ।

" 'ସ୍ୱୀକାର କରିବାକୁ ଯିବି କାହିଁକି ? ଝିଅଟି· ମୋତେ ଭାରି ଭଲ ଲାଗେ !···'

"ଏ କଥାର କି ଉତ୍ତର ଦେବି, କହନ୍ତୁ ?···ମୁଁ ହତବୁଦ୍ଧି ହୋଇ-ଯାଇଥିଲି । ତା ସତ୍ତ୍ୱେ ବି ମୁହୂର୍ତ୍ତେ ନୀରବ ରହି ତାକୁ ମୁଁ କହିଲି ଯେ ଝିଅଟିର ବାପା ଜୋର୍‌ କଲେ ଝିଅଟିକୁ ଫେରାଇ ଦେବାକୁ ହେବ ।

" 'ନା, ଫେରାଇ ଦେବାକୁ ହେବନାହିଁ !'

" 'କିନ୍ତୁ ସେ ଯଦି ଜାଣିପାରନ୍ତି ତାହେଲେ କ'ଣ ହେବ ?'

" 'ସେ କିମିତି ଜାଣିବେ ?'

" ପୁଣି ମୁଁ କଥା ଖୋଜି ପାଇଲି ନାହିଁ । 'ଶୁଣନ୍ତୁ !' ଅଧା ଠିଆହୋଇ କହିଲି ପେରେଗ୍ରିନ୍‌, 'ଆପଣ ଲୋକ ହିସାବରେ ଭଲ—ବର୍ବରଟା ହାତକୁ ଆମେ ଯେବେ ଝିଅଟିକୁ ଦେବା ତାହେଲେ ହୁଏତ ସେ ଝିଅଟିକୁ ମାରି ପକାଇବ, ନହେଲେ ବନ୍ଦୀ କରିଦେବ । ଯାହା ଘଟିଯାଇଛି ତାକୁ ଫେରାଇ ହୁଏନା ଆଉ ଅତିରିକ୍ତ ତତ୍ପର ହୋଇ ସବୁକିଛି ପଣ୍ଡ କରି ଲାଭ ନାହିଁ । ଆପଣ ତରବାରୀଟା ରଖନ୍ତୁ, ଝିଅଟିକୁ କିନ୍ତୁ ମୋତେ ରଖିବାକୁ ଦିଅନ୍ତୁ···'

" 'ତାକୁ ମୁଁ ଥରେ ଦେଖିବାକୁ ଚାହେଁ' । ମୁଁ କହିଲି ।

Digitized by srujanika@gmail.com

“ ‘ଏଇ ଦରଜା ସେପାଖରେ ସିଏ ଅଛି; ମୁଁ ଆଜି ନିଜେ ତାକୁ ଦେଖିବାକୁ ଆଶାକରି ହତାଶ ହୋଇଛି । ଜଡସଡ ହୋଇ ଗୋଟିଏ କୋଣରେ ବସିରହିଛି ସେ । କଥା ବି ସେ କୁହେନା, ମୁହଁ ଉଠାଇ ଅନାଏଁ ବି ନାହିଁ; ହରିଣ ପରି ସେ ଭୀରୁ । ତାତାର୍-ଭାଷା ଜାଣିଥିବା ଦୋକାନ୍‌ଦାରର ସ୍ତ୍ରୀକୁ ମୁଁ ନିଯୁକ୍ତ କରିଛି ତା'ର ଦେଖାଶୁଣା ପାଇଁ ଆଉ ତା' ମୁଣ୍ଡରେ ଏଇ କଥାଟା ଢୁକାଇବା ପାଇଁ ଯେ ସିଏ ମୋ'ର । କାରଣ ମୋ ବ୍ୟତୀତ କେବେହେଲେ ଅନ୍ୟ କାହାରି ହେବନାହିଁ,’ ଟେବୁଲ୍ ଉପରେ ବିଧାମାରି ସେ କହିଲା । କଥାଟିକୁ ମୋତେ ବି ସ୍ୱୀକାର କରିବାକୁ ହେଲା··· । ମୁଁ କ'ଣ କରିପାରେ କୁହନ୍ତୁ ? ଏପରି ଧାରଣାର ଦଲେ ଲୋକ ଅଛନ୍ତି ଯିଏକି ନିଜର ଦମ୍ଭ ବଜାୟ ରଖନ୍ତି ।”

“ଶେଷପର୍ଯ୍ୟନ୍ତ କ'ଣ ହେଲା ?” ମାକ୍‌ସିମ୍-ମାକ୍‌ସିମୀଚ୍‌ଙ୍କୁ ମୁଁ ପଚାରିଲି, “ଶେଷପର୍ଯ୍ୟନ୍ତ ପ୍ରକୃତରେ ଝିଅଟିକୁ କ'ଣ ସେ ଜୟ କରି ପାରିଥିଲା ନା ଝିଅଟି ତା ଘରକଥା, ଆତ୍ମୀୟସ୍ୱଜନ କଥା ଭାବି ଭାବି ମରିଗଲା ?”

“ଶୁଣନ୍ତୁ, ଗାଁ କଥା ଓ ଆତ୍ମୀୟସ୍ୱଜନଙ୍କ କଥା ଝିଅଟି ବା ଭାବିବ କାହିଁକି ? ତା' ଗାଁରୁ ଯେଉଁ ପାହାଡ଼ ଗୁଡ଼ିକ ଦେଖାଯାଏ ଦୁର୍ଗଠାରୁ ବି ସେଇ ପାହାଡ଼ଗୁଡ଼ିକ ସେ ଦେଖିପାରେ, ଏଇ ସବୁ ଅଶିକ୍ଷିତ ଲୋକମାନେ କେବଳ ତାହାହିଁ ଚାହାନ୍ତି । ତା ଛଡ଼ା ପେଚୋରିନ୍ ପ୍ରତିଦିନ ତାକୁ କିଛି ନା କିଛି ଉପହାର ଦିଏ । ପ୍ରଥମେ ସରବରେ ଗୋଟିଏ ବି କଥା ନକହି ଉପହାର ଗୁଡ଼ିକୁ ଗୋଟିଏ ପାଖକୁ ଉଠାଇ ଫୋପାଡ଼ି ଦିଏ ସେ, ଫଳରେ ସେଗୁଡ଼ିକ ଦୋକାନଦାର ସ୍ତ୍ରୀର ସମ୍ପତ୍ତି ହୋଇ ଯାଏ ଆଉ ତା'ର ବାଗ୍ମିତା ବଢ଼େ । ଆଃ ! ଉପହାର ! ଖଣ୍ଡେ ରଙ୍ଗୀନ୍ କନା ପାଇଁ ମାଇପେମାନେ କ'ଣ ନ କରନ୍ତି !···କିନ୍ତୁ ମୁଁ ଅନ୍ୟ କଥାକୁ ଚାଲି ଯାଉଛି··· । ତା ହୃଦୟକୁ ଜୟ କରିବା ପାଇଁ ପେଚୋରିନ୍‌କୁ ଦୀର୍ଘଦିନ ଧରି କଠିନ ଉଦ୍ୟମ କରିବାକୁ ହୋଇଥିଲା; ଏଥିଭିତରେ ସେ ତାତାର୍ ଭାଷା ଶିଖିବାକୁ ଲାଗିଲା । ଆଉ ବେଲା ମଧ୍ୟ ଆମମାନଙ୍କ ଭାଷା ବୁଝିବାକୁ ଆରମ୍ଭ କଲା । ଧୀରେ ଧୀରେ ତା ଆଡ଼କୁ ମୁହଁ ଟେକିବାକୁ ଆରମ୍ଭ କଲା ଝିଅଟି, ପ୍ରଥମେ ଆଡ଼ ଆଖିରେ । କିନ୍ତୁ ସବୁବେଳେ ହିଁ ଥାଏ ବିଷଣ୍ଣ ଆଉ ମୋ ମନ ମଧ୍ୟ ଖରାପ ନ ହୋଇ ରହିପାରେ ନା ଯେତେବେଳେ ପାଖ ଘରରୁ ନିମ୍ନସ୍ୱରରେ

Digitized by srujanika@gmail.com

ତାକୁ ତା'ର ନିଜଭାଷାରେ ଗୀତ ଗାଇବା ଶୁଣିବାକୁ ପାଏ । ଝରକା ପାଖଦେଇ ଯାଉ ଯାଉ ଥରେ ଯେଉଁ ଦୃଶ୍ୟ ଦେଖିଥିଲି ସେ କଥା କେବେ-ହେଲେ ମୁଁ ଭୁଲିପାରିବି ନାହିଁ : ବେଲା ଚୁଲ୍ଲୀ ପାଖର ଗୋଟିଏ ବେଞ୍ଚ୍‌ରେ ବସିଥିଲା, ମୁହଁଟା ତା'ର ହାତ ଉପରକୁ ଝୁଙ୍କି ପଡ଼ିଛି ଆଉ ପେଚୋରିନ୍ ତା ଆଗରେ ଠିଆହୋଇ କହୁଛି, 'ଶୁଣ, ଅବୁଝ ହୁଅନା' କହୁଥିଲା ସେ, ତୁମେ କ'ଣ ବୁଝିପାରୁ ନାହଁ ଦିନେ ନା ଦିନେ ତୁମେ ମୋର ହେବ—ଜାଣିକି ତାହେଲେ ମୋତେ ଏପରି ଯନ୍ତ୍ରଣା ଦିଅ ? କିମ୍ବା ହୁଏତ ତୁମେ କୌଣସି ଚେଚେମାସ୍‌କୁ ଭଲପାଅ ? ଯଦି ଭଲପାଅ ତାହେଲେ ଏଇକ୍ଷଣି ମୁଁ ତୁମକୁ ତୁମ ଗ୍ରାମରେ ଛାଡ଼ିଦେବି ।' ଶିହରି ଉଠିଥିଲା ସେ, ପ୍ରାୟ ବୁଝିହୁଏ ନାହିଁ ଏପରି ଭାବରେ ମୁଣ୍ଡ ହଲାଇଲା । 'କିମ୍ବା' ପେଚୋରିନ୍ କହିଚାଲିଲା, 'ତୁମ ପାଖରେ କ'ଣ ମୁଁ ଏକାନ୍ତ ଘୃଣାର ପାତ୍ର ?' ଝିଅଟି ଦୀର୍ଘଶ୍ୱାସ ପକାଇଲା । 'ହୁଏତ ତୁମର ଧର୍ମ ତୁମକୁ ବାରଣ କରୁଛି ମୋତେ ଭଲ ପାଇବା ପାଇଁ ?' ଝିଅଟି ମଳିନ ହୋଇ ଉଠିଲା, କିନ୍ତୁ କଥା କହିଲା ନାହିଁ । 'ମୋତେ ବିଶ୍ୱାସ କର, ସମସ୍ତ ଜାତିପାଇଁ ମାତ୍ର ଗୋଟିଏ ଆଲ୍ଲାହ୍ ଅଛନ୍ତି, ସିଏ ଯଦି ମୋତେ ତୁମକୁ ଭଲ ପାଇବାର ଅନୁମତି ଦେଇଥାନ୍ତି, ତାହେଲେ କାହିଁକି ସେ ତୁମକୁ ମନାକରିବେ ମୋତେ ଭଲ ପାଇବାକୁ ?' ସିଏ ତା ମୁହଁକୁ ସିଧାସଳଖ ଚାହିଁଲା, ଯେପରି ଏଇ ନୂଆ ଚିନ୍ତାରେ ସେ ଖୁବ ବିସ୍ମିତ ହୋଇଛି; ଆଖିରେ ତା'ର ସନ୍ଦେହର ଛାୟା, ସେ ଆଶ୍ୱାସ ଖୋଜୁଥିଲା । ଆଖି ଦୁଇଟି ତା'ର କି ଅଦ୍ଭୁତ ! ଦୁଇଖଣ୍ଡ ଜ୍ୱଳନ୍ତ କୋଇଲାରୁ ଯେପରି ନିଆଁ ଦାଉଦାଉ ହେଉଛି ।

" 'ବେଲା, ଶୁଣ !' ପେଚୋରିନ୍ କହିଚାଲିଲା, 'ତୁମକୁ ମୁଁ କିପରି ଭଲପାଏ ଦେଖିପାରୁଛ ? ତୁମକୁ ଖୁସି କରିବାପାଇଁ ସବୁକିଛି କରିବାକୁ ମୁଁ ପ୍ରସ୍ତୁତ । ମୁଁ ଚାହେଁ ତୁମେ ଆନନ୍ଦରେ ଥାଅ; ଯଦି ପୁଣି ମନମରା ହୋଇ ରହିବ, ତାହେଲେ ମୁଁ ବଞ୍ଚିବି ନାହିଁ । ମୋତେ ଜବାବ ଦିଅ, ତୁମେ ଆଉରି ହସ-ଖୁସିରେ ରହିବ ?' ମୁହୂର୍ତ୍ତେ ସେ ଚିନ୍ତାକଲା, ତାର କଳା ଆଖି ଦୁଇଟି ପେଚୋରିନ୍‌ର ମୁହଁକୁ ଖୁଣ୍ଟିନାଣ୍ଟି ଦେଖି ଚାଲିଲା, ତା' ପରେ ସେ ସସ୍ନେହରେ ହସି ରାଜିହୋଇ ମୁଣ୍ଡ ହଲାଇଲା । ଝିଅଟିର ହାତକୁ ଉଠାଇ ନେଇ ତାକୁ ଚୁମ୍ବନ କରିବା ପାଇଁ ସେ ପ୍ରାଣାନ୍ତକ ଚେଷ୍ଟା କରିଚାଲିଲା; ଝିଅଟି କିନ୍ତୁ ଦୁର୍ବଳ ଭାବରେ ବାଧାଦେଇ ବାରବାର କହି

Digitized by srujanika@gmail.com

ଝଲକ, 'ଦୟାକର, ଦୟାକର, ନା, ନା···!' ପେଚୋରିନର ଜିଦ୍ ଚପିଗଲା; ଝିଅଟି କମ୍ପି ଉଠି କଇଁ କଇଁ ହୋଇ କାନ୍ଦିବାକୁ ଆରମ୍ଭ କଲା; 'ମୁଁ ତୁମର ବନ୍ଦୀ, ତୁମର କ୍ରୀତଦାସୀ', ସେ କହିଲା, 'ନିଶ୍ଚୟ ତୁମେ ମୋ ଉପରେ ଜୋର୍ କରିପାର···' ପୁନର୍ବାର ଆଖିରୁ ତା'ର ଲୁହ ଝରିଲା ।

"ପେଚୋରିନ୍ ନିଜ କପାଳରେ ଢୁଷିମାରି ପାଖ ଘରକୁ ଦୌଡ଼ି ଚାଲିଗଲା । ମୁଁ ତା ପାଖକୁ ଗଲି; ଛାତି ଉପରେ ହାତ ଭାଙ୍ଗି ବିଷଣ୍ଣ ମୁହଁରେ ସେ ପଦଚାରଣା କରୁଥିଲା । 'ଏଥର କ'ଣ ?' ତାକୁ ପ୍ରଶ୍ନ କଲି । 'ସେ ନାରୀ ନୁହେ, ପିଶାଚୀ !' ସେ ଉତ୍ତର ଦେଲା, 'କିନ୍ତୁ ମୁଁ ଆପଣଙ୍କ ପାଖରେ ଶପଥ କରି କହୁଛି ଯେ ସିଏ ମୋରି ହେବ !' ମୁଁ ମୁଣ୍ଡ ହଲାଇଲି । 'ଆମର ବାଜି ରଖିବାକୁ ଚାହାନ୍ତି ?' ସେ କହିଲା, 'ସାତଦିନ ଭିତରେ ତାକୁ ମୁଁ ଜୟ କରିବି ।' 'ବେଶ୍, ଏଇକଥା ରହିଲା !' ହାତ ଝାଙ୍କି ଏଇ ବାଜିରେ ରାଜିହୋଇ ଆମେ ବିଦାୟ ନେଲୁ ।

"ତା ତହିଁଆରଦିନ କିଜ୍‌ଲ୍ୟାକୁ କେତେକ ଜିନିଷ କିଣିବା ପାଇଁ ସେ ଏକ ଦୂତ ପଠାଇଲା ଆଉ ଏତେ ପ୍ରକାରର ପାରସ୍ୟ ଦେଶର ପୋଷାକପତ୍ର ଆସି ପହଞ୍ଚିଲା ଯେ, ଯାହା ଅବର୍ଣ୍ଣନୀୟ ।

"'କ'ଣ ମନେ କରୁଛନ୍ତି ମାକ୍‌ସିମ୍-ମାକ୍‌ସିମିଚ୍ ?' ଉପହାର ଗୁଡ଼ିକ ମୋତେ ଦେଖାଇ ଦେଖାଇ ସେ ପଚାରିଲା, 'ଏସିଆର କୌଣସି ସୁନ୍ଦରୀ କ'ଣ ଏଇ ଧରଣର ଅସ୍ତ୍ର-ଶସ୍ତ୍ରକୁ ବାଧାଦେଇ ପାରିବ ?' ଚେର୍‌କେଶୀୟ ଝିଅମାନଙ୍କୁ ଚିହ୍ନି ନାହାନ୍ତି ଆପଣ,' 'ମୁଁ କହିଲି । 'ସେମାନେ ପୁରାପୁରି ଜର୍ଜିୟ କିମ୍ବା କକେଶସ୍ ଆରପାଖର ତାତାର୍ ଝିଅମାନଙ୍କ ପରି ନୁହନ୍ତି— ମୋଟେ ନୁହନ୍ତି । ଚରିତ୍ର ସମ୍ବନ୍ଧରେ ସେମାନଙ୍କର ନିଜସ୍ୱ ଆଇନ୍-କାନୁନ୍ ଅଛି; ଜାଣନ୍ତୁ ତ, ଅନ୍ୟ ଭାବରେ ସେମାନେ ମଣିଷ ହୋଇଛନ୍ତି ।' ହସିଦେଇ ପେଚୋରିନ୍ ଏକ ସାମରିକ ସଙ୍ଗୀତ ମୁହଁରେ ସିଟିମାରି ଗାଇବାକୁ ଲାଗିଲା ।

"ଯାହାହେଉ, ଦେଖାଗଲା ମୋରି କଥା ହିଁ ଠିକ୍ : ଉପହାରଗୁଡ଼ିକ ମାତ୍ର ଅର୍ଦ୍ଧେକ କାମ କରିଛି; ସେ ଆହୁରି ଅମାୟିକ ଆହୁରି ପ୍ରତ୍ୟୟଶୀଳ

Digitized by srujanika@gmail.com

ହୋଇ ଉଠିଲା, କିନ୍ତୁ ତା'ଠାରୁ ବେଶିକିଛି ନୁହେଁ । ସେଥିପାଇଁ ପେଟ୍ରୋଭିନ୍ ସ୍ଥିର କଲା, ହାତରେ ଥିବା ଶେଷ ତାସ୍ ପଟକୁ ଖେଳିବ । ତା'ପର ସକାଳେ ସେ ହୁକୁମ ଦେଲା ଘୋଡ଼ାଠାରେ ଜିନ୍ ଲଗାଇବା ପାଇଁ, ପୋଷାକପତ୍ର ପିନ୍ଧିଲା ଚେରକେଶୀୟମାନଙ୍କପରି, ସାଙ୍ଗରେ ନେଲା ଅସ୍ତ୍ରଶସ୍ତ୍ର ଆଉ ତା'ପରେ ଗଲା ତା ପାଖକୁ । 'ବେଲା'! ସେ କହିଲା, 'ତୁମେ ଜାଣ, ତୁମକୁ ମୁଁ କେତେ ଭଲପାଏ ? ତୁମକୁ ଚୋରି କରିବା ସ୍ଥିର କରିଥିଲି ଏଇ ବିଶ୍ୱାସରେ ଯେ ଯେତେବେଳେ ତୁମେ ମୋତେ ଚିହ୍ନି ପାରିବ ସେତେବେଳେ ତୁମେ ବି ଭଲ ପାଇବ ମୋତେ । କିନ୍ତୁ ମୁଁ ଭୁଲ କରିଥିଲି; ସେଥିପାଇଁ, ବିଦାୟ ! ମୋର ଯାହା ଅଛି ସବୁକିଛି ତୁମକୁ ଦେଇଗଲି, ଇଚ୍ଛାହେଲେ ତୁମ ପିତାଙ୍କ ନିକଟକୁ ତୁମେଫେରି ଯାଇପାର—ତୁମକୁ ମୁକ୍ତି ଦେଲି । ତୁମ ଉପରେ ମୁଁ ଅନ୍ୟାୟ କରିଛି, ସେଥିପାଇଁ ମୋର ଦଣ୍ଡ ପାଇବା ଦରକାର । ବିଦାୟ ! ଘୋଡ଼ାରେ ଚଢ଼ି ମୁଁ ଚାଲିଯିବି—କୋଉଠିକି ? ଜାଣେନା ! ହୁଏତ ଅଳ୍ପଦିନ ଭିତରେ ମୁଁ ଗୁଳି କିମ୍ବା ତରବାରି ଆଘାତରେ ମରିବି; ସେ ଘଟଣା ଘଟିବା ପରେ ମୋତେ ଭାବିବ ଆଉ ଚେଷ୍ଟା କରିବ କ୍ଷମା ଦେବାକୁ ।' ମୁହଁ ବୁଲେଇ ବିଦାୟ ନେବା ଲାଗି ତା ଆଡ଼କୁ ସେ ବଢ଼ାଇ ଦେଲା ହାତଟାକୁ । ଝିଅଟି ତା' ହାତକୁ ଗ୍ରହଣ କଲା ନାହିଁ ନା ପଦେ କଥା ବି କହିଲା ନାହିଁ ! ଦରଜା ପଛରେ ଠିଆ ହୋଇ ଫାଙ୍କ ଦେଇ ତା ମୁହଁ ମୁଁ ଦେଖିବାକୁ ପାଇଲି । ମୋର ଦୁଃଖହେଲା ତା ପାଇଁ—ତା'ର କ୍ଷୁଦ୍ର ସୁନ୍ଦର ମୁହଁଟି ମଡ଼ାର ପରି କି ମ୍ଳାନ ହୋଇ ଯାଇଛି ! କୌଣସି ଉତ୍ତର ଶୁଣିବାକୁ ନ ପାଇ ଦରଜା ଆଡ଼କୁ ପେଟ୍ରୋଭିନ୍ ଆଗେଇଗଲା କେତେ ପାଦ । ସେ କମ୍ପୁଥିଲା, ଆଉ ଜାଣନ୍ତି, ପ୍ରକୃତରେ ମୁଁ ବିଶ୍ୱାସକରେ ସିଏ ଯାହା କହିବ ବୋଲି ଭୟ ଦେଖାଇଥିଲା ସତରେ ସିଏ ତାହା କରି ପାରିବ । ସେଇ ପ୍ରକୃତିର ଲୋକ ବି ସେ ଥିଲା । କିନ୍ତୁ ଦରଜାରେ ସେ ହାତ ଦେଉ ଦେଉ ଝିଅଟି କୁଦିପଡ଼ି, କହିଁ କହିଁ ହୋଇ କାନ୍ଦି ତା'ର ଗଳାକୁ ଜଡ଼ାଇ ଧରିଲା । ବିଶ୍ୱାସ କରନ୍ତୁ, ଦରଜା ପଛରେ ଠିଆ ହୋଇ ମୁଁ ବି କାନ୍ଦିଲି, ମାନେ ପ୍ରକୃତରେ କାନ୍ଦି ନାହିଁ, କିନ୍ତୁ—କ'ଣ କହିବି, ଯାହଉ, ସିଏ ଗୋଟାଏ ବୋକାଙ୍କ ପରି କାଣ୍ଡ !......"

ନୀରବ ହେଲେ କ୍ୟାପ୍‌ଟେନ୍ ।

Digitized by srujanika@gmail.com

“ ‘ସ୍ୱୀକାର କରିବାରେ ଲଜ୍ଜା ନାହିଁ ।’ ହିନେ ପରେ ନିଜର ମନକୁ ଧରି ଟାଣୁଟାଣୁ ସେ କହିଲେ, ‘ମୋତେ ଈର୍ଷା ଲାଗିଥିଲା, କାରଣ, କୌଣସି ଝିଅ କେବେହେଲେ ମୋତେ ଏପରି ଭାବରେ ଭଲପାଇ ନାହିଁ ।’

“ସେମାନଙ୍କର ଆନନ୍ଦ କେତେଦିନ ସ୍ଥାୟୀ ହୋଇଥିଲା ?” ମୁଁ ପଚାରିଲି ।

“ଝିଅଟି ସ୍ୱୀକାର କରିଥିଲା ଯେ, ପ୍ରଥମ ଦିନ ମେରେଡିଥ୍‌ଙ୍କୁ ଦେଖିବା ପରଠାରୁ ସେ ପ୍ରାୟ ତାଙ୍କୁ ସ୍ୱପ୍ନ ଦେଖେ ଆଉ ଅନ୍ୟ କୌଣସି ପୁରୁଷ ତା ମନରେ ସେପରି ରେଖାପାତ କେବେହେଲେ କରିନାହିଁ । ହଁ, ସେମାନେ ସୁଖୀ ହୋଇଥିଲେ !”

“କି ଗତାନୁଗତିକ !” ଅନିଚ୍ଛା ସତ୍ତ୍ୱେ ମଧ୍ୟ ମୁଁ କହି ଉଠିଲି । ବାସ୍ତବିକ ମୁଁ ଆଶା କରିଥିଲି ଶେଷଟା ହେବ ବିୟୋଗାନ୍ତକ । ମୋ ଆଶା ଏପରି ଅକସ୍ମାତ୍ ଚୂରମାର୍ ହୋଇଯିବା ଦେଖି ମୁଁ ପ୍ରଚଣ୍ଡ ଆଘାତ ପାଇଲି !...“କହିବେ ନାହିଁ ନିଶ୍ଚୟ,” ମୁଁ କହିଚାଲିଲି, “ତାର ବାବା ଅନୁମାନ କରିନାହାନ୍ତି ଯେ ସେ ଆପଣମାନଙ୍କ ସଜ୍ଜିତ ଦୁର୍ଗ ଭିତରେ ଥିଲା ?”

“ମନେହୁଏ କିଛିଟା ସେ ଅନୁମାନ କରିଥିଲେ ! ଯା ହେଉ, ଦିନ କେତୋଟା ପରେ ଆମେ ଶୁଣିଥିଲୁ ସେ ନିହତ ହୋଇଥିଲେ ବୋଲି । ଘଟଣାଟା ଏଇ...”

ପୁନଶ୍ଚ ମୋର କୌତୁହଳ ଉଦ୍ରେକ ହେଲା ।

“ଆପଣଙ୍କୁ କହିବା ଦରକାର ଯେ କାଜ୍‌ବିଚ୍‌ର ଧାରଣା ହୋଇଥିଲା, ଆଜାମାତ୍ ତା ବାପାଙ୍କର ସମର୍ଥନ ପାଇ ଘୋଡ଼ାଟିକୁ ଚୋରି କରିଥିଲା, ଅନ୍ତତଃ ଏଇଆ ମୋର ଧାରଣା । ସେଥିପାଇଁ ସେ ଦିନେ ଗାଁ ଠାରୁ ତିନି ମାଇଲ୍ ଦୂରରେ ରାସ୍ତା ପାଖରେ ଅପେକ୍ଷା କରିଥିଲା; ବୃଦ୍ଧ ସେତେବେଳେ ତାଙ୍କ ଝିଅର ନିଷ୍ଫଳ-ଅନୁସନ୍ଧାନ କରି ଫେରୁଥିଲେ । ବୃଦ୍ଧ ତାଙ୍କର ପ୍ରଜାମାନଙ୍କୁ ପଛରେ ପକାଇ ଗଭୀର ଚିନ୍ତାରେ ନିମଗ୍ନ ହୋଇ ଶେଷ-ଗୋଧୂଳିରେ ପଥ ଉପରେ ଅଶ୍ୱପୃଷ୍ଠରେ ଧୀରେ ଧୀରେ ଯେତେବେଳେ ଫେରୁଥିଲେ, ସେତେବେଳେ କାଜବିଚ୍ ଅକସ୍ମାତ୍ ଗୋଟିଏ

Digitized by srujanika@gmail.com

ବୁଦା ଭିତରୁ ହଠାତ୍ ପରି ଲମ୍ଫ ଦେଇ ତାଙ୍କ ପଛପଟେ ଘୋଡ଼ା ଉପରକୁ ଉଠି, ଛୁରୀରେ ଆଘାତ କରି ତାଙ୍କୁ ତଳେ ପକାଇ ଦେଇ ଘୋଡ଼ାର ଲଗାମ୍ ଧରି ଅଦୃଶ୍ୟ ହୋଇଗଲା । କେତେଜଣ ପ୍ରଜା ଗୋଟିଏ ପାହାଡ଼ ଉପରୁ ଘଟଣାଟା ଦେଖିବାକୁ ପାଇଥିଲେ, କିନ୍ତୁ ପଛେ ପଛେ ଅନୁସରଣ କରା ଯିବା ସତ୍ତ୍ୱେ ମଧ୍ୟ ସେମାନେ କାଜିବର୍‌କୁ ଧରି ପାରିଲେ ନାହିଁ ।”

“ଅତଏବ ସିଏ ତା’ର ଘୋଡ଼ାର କ୍ଷତି ପୂରଣ କରିଥିଲା ଓ ପ୍ରତିଶୋଧ ବି ନେଇଥିଲା,” ମୋ ସଙ୍ଗୀଠାରୁ ମତାମତ ଜାଣିବା ପାଇଁ ମୁଁ କହିଲି ।

“ସେମାନଙ୍କ ଆଇନ ଅନୁସାରେ ସେ ଠିକ୍ କରିଥିଲା,” କହିଲେ କ୍ୟାପ୍‌ଟେନ୍ ।

ଯେଉଁସବୁ ଜାତି ଭିତରେ ସେମାନଙ୍କୁ ରହିବାକୁ ହୁଏ ସେସବୁ ଜାତିର ପ୍ରଥାକୁ ରୁଷୀୟ ମଣିଷ ମାନିନେବାର କ୍ଷମତା ଦେଖି ଅନିଚ୍ଛା-ସତ୍ତ୍ୱେ ବି ମୁଁ ବିସ୍ମିତ ହେଲି । ମୁଁ ଜାଣେନା, ମାନସିକ ଏଇ ଚରିତ୍ର ପାପ ନା ପୁଣ୍ୟର ପରିଚୟ; କିନ୍ତୁ ଏଥିରୁ ପ୍ରକାଶିତ ହୁଏ ଏକ ଆଶ୍ଚର୍ଯ୍ୟ ମାନସିକ ନମନୀୟତା ଓ ସେଇ ସହଜ ସ୍ୱାଭାବିକ ବୁଦ୍ଧିର, ଯାହା ଅନ୍ୟାୟକୁ କ୍ଷମା କରେ ଯେତେବେଳେ ସେ ଅନ୍ୟାୟ ପ୍ରୟୋଜନୀୟ କିମ୍ବା ଯାହାକୁ ଉଚ୍ଛେଦ କରିବା ଅସମ୍ଭବ ବୋଲି ମନେହୁଏ !

ଏଥି ଭିତରେ ଆମର ଚା’ ପାନ ଶେଷ ହୋଇଛି । ବାହାରେ ଅନେକ ବେଳୁ ଆମର ଘୋଡ଼ାମାନେ ବରଫ ଭିତରେ ଠିଆହୋଇ କମ୍ପୁଛନ୍ତି । ପଶ୍ଚିମ ଆକାଶରେ ଜହ୍ନ ମଳିନ ହୋଇ ଉଦୟ ହୋଇଛି ଆଉ ସେହି କଳାମେଘ ଭିତରେ ଜହ୍ନଟା ବୁଡ଼ିଯିବାକୁ ବସିଛି ଏବଂ ସେଇ ମେଘମାନେ ଦୂର ପାହାଡ଼-ଚୂଡ଼ାର ଛିନ୍ନ ପରଦା ପରି ଝୁଲି ଆସୁଛନ୍ତି । ଆମେ ବାହାରକୁ ବାହାରିଲୁ । ମୋ ସଙ୍ଗୀର ଭବିଷ୍ୟତ ବାଣୀକୁ ମିଥ୍ୟା ପ୍ରତିପନ୍ନ କରି ଆବହାଓ୍ୱା ପରିଷ୍କାର ହୋଇ ଉଠିଲା ଆଉ ସୂଚନା ମିଳିଲା ଶାନ୍ତ ଉଷାର । ପୂର୍ବଦିଗର ପାଣ୍ଡୁର ଆଲୋକ କ୍ରମଶଃ ଗୋଲାପି ବର୍ଣ୍ଣର ଆକାଶରେ ବିଚ୍ଛୁରିତ ହୋଇ ପଡ଼ିବାରେ ଏବଂ ତା’ର ଆଭା ଅକ୍ଷତ ତୁଷାରବୃତ ଦଣ୍ଡାୟମାନ ପାହାଡ଼ ଦେହରେ ପ୍ରସାରିତ ହେବା ସଙ୍ଗେ ସଙ୍ଗେ, ଆଶ୍ଚର୍ଯ୍ୟଭାବରେ ପରସ୍ପରଜଡ଼ିତ ବହୁ ଊର୍ଦ୍ଧ୍ୱର ତାରକାର ମାଳାଗୁଡ଼ିକ ଗୋଟିଏ ପରେ ଗୋଟିଏ ମିଳେଇ ଯିବାକୁ ଲାଗିଲେ । ବାମ

Digitized by srujanika@gmail.com

ଆଉ ଦକ୍ଷିଣରେ ଆଁ କରି ରହିଛି ରହସ୍ୟମୟ ଅନ୍ଧକାର, ଅତଳସ୍ପର୍ଶୀ ଗହ୍ୱରମାନ । ଉଚ୍ଚ ପର୍ବତର ଖୋଲ ଆଉ ଗୁହା ଭିତରେ ଦେଇ ସାପପରି କୁଣ୍ଡଳ ସୃଷ୍ଟି କରି ଅଙ୍କାବଙ୍କା କୁହୁଡ଼ିମାନେ ସେଠି ଗୁରୁଣ୍ଡି ଗୁରୁଣ୍ଡି ଚାଲିଛନ୍ତି, ଯେପରି ଆସନ୍ନ ବିପଦର ଭୟରେ !

ଆକାଶରେ ଆଉ ପୃଥିବୀରେ ଗୋଟାଏ ବିପୁଳ ଶାନ୍ତି, ସକାଳେ ପ୍ରାର୍ଥନା କରିବା ବେଳେ ମଣିଷର ହୃଦୟରେ ଯେପରି ଶାନ୍ତି ଥାଏ । ମଝିରେ ମଝିରେ ଘୋଡ଼ାମାନଙ୍କର ହିମ-ଶୁଭ୍ର କେଶର ବିପର୍ଯ୍ୟସ୍ତ କରି ଅଣ୍ଡା ଘୂରେଇ ପବନର ଛୁରା ଆସୁଛି । ଆମେ ଯାତ୍ରା ଆରମ୍ଭ କଲୁ । ଗୁଲ୍‌-ଗୋବାର ଅଙ୍କାବଙ୍କା ପଥରେ ପାଞ୍ଚଟା ବେଗଣ ଘୋଡ଼ା ଆମ ଗାଡ଼ି-ଗୁଡ଼ିକୁ ଅତି କଷ୍ଟରେ ଟାଣିନେଇ ଚାଲିଲେ—ଆମେ ପଛେ ପଛେ ଚାଲିଲୁ । ଘୋଡ଼ାମାନେ ଯେତେବେଳେ ଗାଡ଼ି ଟାଣି ପାରୁ ନ ଥିଲେ, ଗାଡ଼ି ଚକରେ ଆମେ ସେତେବେଳେ ପଥର ଠେକିଦେଲୁ; ମନେହେଲା ବାଟଟା ସିଧା ଆକାଶ ଆଡ଼କୁ ଅନାଇଁ ରହିଛି, କାରଣ ଯେତେଦୂର ପର୍ଯ୍ୟନ୍ତ ଦୃଷ୍ଟି ଯାଏ ରାସ୍ତାଟା କ୍ରମେ ଉପରକୁ ହିଁ ଉଠେ ଆଉ ଅବଶେଷରେ ମେଘ ଭିତରେ ଅଦୃଶ୍ୟ ହୁଏ । ସେଇ ମେଘମାଳା ଶୀକାର-ସନ୍ଧାନୀ ଶକୁନ ପରି ପର୍ବତର ଗୁଲ୍‌-ଗୋବାର ଚୂଡ଼ାରେ ବସିଥିଲେ । ପାଦତଳେ ବରଫ ମଡ଼ମଡ଼ ଶବ୍ଦ କରୁଛି । ପବନ ଏତେ ହାଲୁକା ହୋଇ ଯାଇଛି ଯେ, ନିଃଶ୍ୱାସ ନେବାକୁ କଷ୍ଟ ହୁଏ । କ୍ରମାଗତ ମନେ ହେବାକୁ ଲାଗିଲା, ମୋର ରକ୍ତ ଛୁଟିଛି ମୁଣ୍ଡ ଆଡ଼କୁ । ତଥାପି ତା ସହିତ ମୋ ସତ୍ତା ଭିତରେ ଗୋଟାଏ ଆନନ୍ଦର ପ୍ରବାହ ବହିବାକୁ ଲାଗିଲା । କାହିଁକି ଜାଣେନା, ପୃଥିବୀର ଏତେ ଉର୍ଦ୍ଧ୍ୱରେ ରହିବାକୁ ଭଲ ଲାଗିଲା ! ମାନୁଛି, ଅନୁଭୂତିଟା ପିଲାଳିଆମି । କିନ୍ତୁ ସମାଜର ଆଇନ୍-କାନୁନ୍‌ଠାରୁ ଯେତେ ଦୂରକୁ ଆମେ ଚାଲିଆସୁ ଆଉ ପ୍ରକୃତିର ଯେତେ ପାଖରେ ଆସି ପହଞ୍ଚୁ, ସେତେ ଅନିଚ୍ଛାସତ୍ତ୍ୱେ ମଧ୍ୟ ଆମେ ପୁଣି ପିଲା ହୋଇଯାଉ । ଆତ୍ମା ଯାହାକୁ ସଂଗ୍ରହ କରିଛି ତାର ଦ୍ୱାରା ମୁକ୍ତ ହୁଏ—ଆଉ ସେଇଟା ହୋଇଯାଏ ଯେବେ ସେ ଯାହା ଥିଲା ଏବଂ ପୁଣି ଭବିଷ୍ୟତରେ ଯେବେ ହୁଏତ ସେ ଯାହା ହେବ ! ମୋ ପରି ଯେଉଁମାନଙ୍କୁ ନିର୍ଜନ ପାହାଡ଼ମାନଙ୍କରେ ଘୂରି ବୁଲିବାକୁ, ହୋଇଛି, ସେମାନଙ୍କର ଅଦ୍‌ଭୁତ ଗଠନ କ୍ରମାଗତ ହୋଇଛି ଦେଖିବାକୁ ଆଉ ସାଗ୍ରହରେ ନିଃଶ୍ୱାସ ନେବାକୁ ହୋଇଛି ତା'ର ଗିରିସଙ୍କଟର ପ୍ରାଣବନ୍ତ

Digitized by srujanika@gmail.com

ଚବନରେ—ସେହିମାନେହିଁ ବୁଝିବେ ଏଇ ରହସ୍ୟମୟ ଛବିଗୁଡ଼ିକୁ, ବର୍ଣ୍ଣନା, ଅଙ୍କିତ ଆଉ ରଙ୍ଗୀନ୍ କରି ତୋଳିବାରେ ମୋର ଅଦମ୍ୟ ଆଗ୍ରହର କାହାଣୀ । ଅବଶେଷରେ ଆମେ ପହଞ୍ଚିଲୁ ଗୁଡ଼୍-ଗୋଭର ଚୂଡ଼ାରେ ଆଉ ଆମ ଚାରିପାଖର ଦୃଶ୍ୟାବଳୀ ଦେଖିବା ପାଇଁ ଅଟକିଲୁ । ଗୋଟାଏ ଧୂସର ମେଘ ଏଇ ପାହାଡ଼ ଚୂଡ଼ାରେ ବିଶ୍ରାମ ନେଉଛି ଆଉ ତା'ର ଥଣ୍ଡା ନିଃଶ୍ୱାସରେ ଆସନ୍ନ ତୁଷାର-ଝଞ୍ଜାର ସଙ୍କେତ । କିନ୍ତୁ ପୂର୍ବ ଦିଗଟା ଏତେ ପରିଷ୍କାର ଆଉ ସୁନେଲି ଯେ ଆମେ, ଅର୍ଥାତ୍ କ୍ୟାପ୍ଟେନ୍ ଆଉ ମୁଁ, ପୂରାପୂରି ସେ କଥା ଭୁଲିଗଲୁ··· । ହଁ, କ୍ୟାପ୍ଟେନ୍ ମଧ୍ୟ : କାରଣ ଆମପରି ଉଲ୍ଲସିତ କାହାଣୀ-କୁହା ଆଉ ଲେଖକଙ୍କଠାରୁ ବି ସରଳ-ହୃଦୟମାନେ ପ୍ରକୃତିର ସୌନ୍ଦର୍ଯ୍ୟ ଏବଂ ମହିମା ହଜାର ଗୁଣରେ ବେଶି ଅନୁଭବ କରିପାରନ୍ତି ।

"ନିଶ୍ଚୟ ଆପଣ ଏ ଧରଣର ଆଶ୍ଚର୍ଯ୍ୟ ସୁନ୍ଦର ଦୃଶ୍ୟ ଦେଖିବାରେ ଅଭ୍ୟସ୍ତ", ତାଙ୍କୁ ମୁଁ କହିଲି ।

"ହଁ, ମଣିଷ ଏପରିକି ଗୁଳିର ଶବ୍ଦରେ ମଧ୍ୟ ଅଭ୍ୟସ୍ତ ହୋଇ ଉଠିପାରେ, ଅର୍ଥାତ୍ ଅନିଚ୍ଛା ସତ୍ତ୍ୱେ ମଧ୍ୟ ଦ୍ରୁତତର ହୋଇ ଉଠିଥିବା ତା'ର ହୃତ୍ସ୍ପନ୍ଦନକୁ ବି ଲୁଚାଇପାରେ !"

"ମୁଁ କିନ୍ତୁ ଅନ୍ୟକଥା ଶୁଣିଛି । ମୁଁ ଶୁଣିଛି ଯେ, କୌଣସି କୌଣସି ଅଭିଜ୍ଞ-ଯୋଦ୍ଧାଙ୍କ ପାଖରେ ସେ ଶବ୍ଦ ସଙ୍ଗୀତ ପରି ।"

"ହଁ, ସେ ବେଶ ମଧୁର ମଧ୍ୟ—ଯଦି ଆପଣ ଜାଣିବାକୁ ଚାହାନ୍ତି; କିନ୍ତୁ ତା'ର ଏକମାତ୍ର କାରଣ, ସେ ଶବଦ ହୃଦୟକୁ ଦ୍ରୁତଗାମୀ କରେ । ଦେଖନ୍ତୁ", ପୂର୍ବଦିଗକୁ ହାତ ଉଠାଇ ସେ କହିଲେ, "କି ସୁନ୍ଦର ଦେଶ !"

ବାସ୍ତବିକ ଏ ଧରଣର ଦୃଶ୍ୟ ପୁଣି ଦେଖିବାକୁ ପାଇବାର ଆଶା ମୋର କମ୍ : ଆମ ତଳେ କୋଇଶାଉର ଉପତ୍ୟକା, ଆରଗ୍ଭ ଓ ଆଉ ଗୋଟିଏ ନଦୀ ତା'ରି ଉପର ଦେଇ ଦୁଇଟି ରୂପେଲି ସୂତାପରି ବହିଯାଇଛି; ତା' ଉପରେ ନୀଳାଭ କୁହୁଡ଼ି କିଛି ସେପଟେଇ ସେପଟେଇ ଆସୁଛି, ସବୁଠାରୁ ପାଖର ଛାୟାଚ୍ଛନ୍ନ ଜାଗାରେ ସକାଳର ଉଷ୍ମରଶ୍ମି ଭିତରେ ଚାହୁଁଛି ଆଶ୍ରୟ ନେବାକୁ; ଦକ୍ଷିଣ ଆଉ ବାମରେ ପର୍ବତଶ୍ରେଣୀ,

Digitized by srujanika@gmail.com

ଗୋଟିଏ ଅନ୍ୟଟି ଅପେକ୍ଷା ଉଚ୍ଚ, ପରସ୍ପରକୁ କଟାକଟି କରି ତୁଷାର ଓ ଲତା-ଗୁଳ୍ମଦ୍ୱାରା ଆବୃତ ହୋଇ ବହୁଦୂର ପର୍ଯ୍ୟନ୍ତ ଚାଲିଯାଇଛି । ଦୃଷ୍ଟି ଯେତେଦୂରକୁ ଯାଏ ଖାଲି ପାହାଡ଼ ଆଉ ପାହାଡ଼, କିନ୍ତୁ କୌଣସି ଦୁଇଟି ପାହାଡ଼ ଗୋଟିଏ ଧରଣର ନୁହେଁ—ଆଉ ଏଇ ସମସ୍ତ ତୁଷାର ଗୋଲାପୀ ଆଭା ରଞ୍ଜିତ କରି ଏତେ ପ୍ରଫୁଲ୍ଲ ଆଉ ଉଜ୍ଜ୍ୱଳ ଭାବରେ ଜଳୁଛି ଯେ ସେଠାରେ ଚିରକାଳ ଧରି ରହିବାକୁ ଇଚ୍ଛାହୁଏ । ସୂର୍ଯ୍ୟ ଏଇ ମାତ୍ର ପ୍ରଥମ ବାହାରୁଛି ଗୋଟିଏ ଗାଢ଼ ନୀଳରଙ୍ଗର ପାହାଡ଼ର ପଶ୍ଚାତଭାଗରୁ, ଯେଉଁଟାକୁ କେବଳ ଅଭ୍ୟସ୍ତଦୃଷ୍ଟି ଝଡ଼ର ମେଘ ବୋଲି ଚିହ୍ନିପାରିବ । କିନ୍ତୁ ସୂର୍ଯ୍ୟର କଚ୍ଛଟା ଉପରେ ବସ୍ତାଇ ହୋଇ ରହିଛି ରକ୍ତିମ ଗୋଟାଏ ଆଲୋକର ଫିତା । ତା' ଆଡ଼କୁ ମୋର ମନୋଯୋଗ ଆକର୍ଷଣ କଲେ ମୋର ସଙ୍ଗୀ । "ମୁଁ ଆପଣଙ୍କୁ କହିଥିଲି", ସେ ଚିତ୍କାର କରି ଉଠିଲେ, "ଆଗରେ ଦୁର୍ଯୋଗ । ଆମକୁ ଚଞ୍ଚଳ ଯିବାକୁ ହେବ, ତା ନହେଲେ ହ୍ରେସ୍ତୋଭସ୍କା ପଥରେ ଏଇଟା ଆମକୁ ଧରିବ । ଆହେ, ଟିକେ ଚଞ୍ଚଳ ହୁଅ !" ଗାଡ଼ିଆନ୍‌ମାନଙ୍କ ଉଦ୍ଦେଶ୍ୟରେ ସେ କହିଲେ ।

ବ୍ରେକ୍‌ର କାମ କରିବା ପାଇଁ ଗାଡ଼ିଚକାରେ ଚେନ୍ ଯୋଡ଼ା ହେଲା, ଯେଉଁଥିରେ କି ସେଗୁଡ଼ାକ ଖସି ନ ଯାଏ । ଘୋଡ଼ାର ଲଗାମ୍ ଧରି ଆମେ ଓହ୍ଲାଇବାକୁ ଆରମ୍ଭ କଲୁ । ଆମ ଡାହାଣ ପାଖରେ ଗୋଟାଏ ଉଚ୍ଚା ପାହାଡ଼ ଆଉ ବାଁ ପାଖରେ ଏତେ ଗଭୀର ଗୋଟାଏ ଖାତ ଯେ, ତଳର ଏକ ଅସେଟିଆନ୍ ଗାଁ ସୋୟାଲୋ ଚଢ଼େଇର ବସାପରି ଛୋଟ ଦେଖାଯାଉଛି; ଭାବି ଶିହରି ଉଠିଲୁ, ବର୍ଷକୁ ଦଶ-ବାରଥର ଏଇ ବାଟ ଦେଇ ରାତିରେ ବାର୍ତ୍ତାବାହୀମାନେ ସେମାନଙ୍କର ଧଡ଼ଧଡ଼ ଶବ୍ଦ କରୁଥିବା ଗାଡ଼ିରୁ ନ ଓହ୍ଲାଇ ମଧ୍ୟ ଯାଆନ୍ତି—ବାଟଟା ଏତେ ସରୁ ଯେ ଦୁଇଟି ଗାଡ଼ି ପାଖାପାଖି ଯାଇପାରେ ନାହିଁ । ଆମ ଗାଡ଼ିଆନ୍ ଭିତରୁ ଜଣେ ରୁଷୀୟ ଇଆରସ୍ଲାଭ୍‌ଲ୍‌ର ଚାଷୀ, ଅନ୍ୟ ଜଣକ ଅସେଟିଆନ୍ । ଅସେଟିଆନ୍‌ଟି ପାଖର ଦୁଇଟି ଘୋଡ଼ାଙ୍କୁ ଠିକ୍ ସମୟରେ ଝୁଆଇ ମଝି ଘୋଡ଼ାଟାର ଲଗାମ୍ ଧରି ସବୁ ପ୍ରକାରର ସାବଧାନତା ଅବଲମ୍ବନ କରି ଚାଲିଛି । କିନ୍ତୁ ଆମର ଅସାବଧାନ ଗାଡ଼ିଆନ୍‌ଟି ଚାଳକର ଆସନରୁ ଓହ୍ଲାଇବାର ପରିଶ୍ରମ ପର୍ଯ୍ୟନ୍ତ କରିନାହିଁ । ଯେତେବେଳେ ତା ପାଖରେ ମୁଁ ପ୍ରସ୍ତାବ କଲି ଯେ ମୋର ସୁଟ୍‌କେଶ୍‌ଟା ପାଇଁ ଅନ୍ତତଃ—ଯେଉଁଟାକୁ

Digitized by srujanika@gmail.com

ଖାତ ଭିତରକୁ ପଶି ପୁନରୁଦ୍ଧାର କରିବାର ବାସନା ମୋର ନାହିଁ, ତା'ର କଷ୍ଟଟା ଉଦ୍‌ବେଗ ପ୍ରକାଶ କରିବା ଉଚିତ ଥିଲା, ସେ ଉତ୍ତର ଦେଲା, "କିଛି ମନେ କରିବେ ନାହିଁ, ଆଜ୍ଞା ! ଭଗବାନଙ୍କ ଦୟାରୁ ଠିକ୍ ଅନ୍ୟମାନଙ୍କ ପରି ସେଠି ଆମେ ପହଞ୍ଚିବା । ଏଇ ପ୍ରଥମକରି ଆମେ ସେଠାକୁ ଯାଉନାହୁଁ ।" ଆଜି ସେ ଠିକ୍‌ହିଁ କହିଥିଲା; କଥାଟି ସତ ଯେ, ସେଠି ହୁଏତ ଆମେ ଶିଖପଦରେ ପହଞ୍ଚି ପାରି ନ ଥାନ୍ତୁ···ତଥାପି ଆମେ ପହଞ୍ଚିଲୁ ଶିଖପଦରେ । ସବୁ ଦର୍ଶକ ଯେବେ ଘଟଣାଟାକୁ ତଳେଇ କରି ଚିନ୍ତା କରନ୍ତି ତାହେଲେ ସେମାନେ ଦେଖିବାକୁ ପାଇବେ ଜୀବନ ସମ୍ବନ୍ଧରେ ଖୁବ୍ ବେଶି ମୁଣ୍ଡ ଘୂରାଇ ଲାଭ ନାହିଁ······

ସମ୍ଭବତଃ ବେକର ଗଳ୍ପଟିକୁ ଶେଷ ପର୍ଯ୍ୟନ୍ତ ଶୁଣିବାକୁ ଚାହାନ୍ତି ଆପଣମାନେ ? ପ୍ରଥମତଃ ମୁଁ କିନ୍ତୁ ଉପନ୍ୟାସ ଲେଖିବାକୁ ବସିନାହିଁ, ବସିଛି ଭ୍ରମଣ-କାହାଣୀ ଲେଖିବାକୁ । ସେଥିପାଇଁ କ୍ୟାପ୍ଟେନ୍ ଯେତେବେଳ ଯାଏଁ ବାସ୍ତବିକ ସ୍ୱଇଚ୍ଛାରେ ପୁନର୍ବାର ସେ କାହାଣୀକୁ ଆରମ୍ଭ ନକରିଛନ୍ତି, ତା' ଆଗରୁ ମୁଁ ତାଙ୍କଦ୍ୱାରା ତାକୁ କୁହାଇ ପାରୁନାହିଁ । ସେଥିପାଇଁ, ଆପଣମାନଙ୍କୁ ଅପେକ୍ଷା କରିବାକୁ ହେବ, ନତୁବା ଇଚ୍ଛାହେଲେ କେତୋଟି ପୃଷ୍ଠା ଲେଉଟାଇ ଯିବାକୁ ହେବ । ମୁଁ କିନ୍ତୁ ଉପଦେଶ ଦେବି, ନ ଲେଉଟାଇବା ପାଇଁ, କାରଣ, ଷ୍ଟେଫ୍ରୋସ୍ପା ପାହାଡ଼ (ଅଥବା ଲ୍ୟ ମଁଟ୍ ସେଣ୍ଟ୍ ଷ୍ଟିଫ୍ରୋଫ୍[1], ଜ୍ଞାଣ ଗାଂବା ଯେଉଁ ନାମ ଦେଇଥିଲେ) ଅତିକ୍ରମ କରିବାଟା ଆପଣମାନଙ୍କ କୌତୁହଳର ଉପଯୁକ୍ତ । ତା ପରେ ଆମେ ଗ୍ରୁଣ୍ଡ୍-ଗୋଗ୍ରର ଟେର୍‌ଟାସ୍ଥ ଦେଲନାକୁ ଓହ୍ଲେଇବାକୁ ଲାଗିଲୁ··। ନାମଟା କି ରୋମାଣ୍ଟିକ୍ ! ଅଗମ୍ୟ ଉଚ୍ଚ ପାହାଡ଼ ଗୁଡ଼ିକରେ ଏଥିଭିତରେ ହୁଏତ ଆପଣମାନେ ମୃତଆତ୍ମାମାନଙ୍କ ଆଡ୍ଡା ବୋଲି କଳ୍ପନା କରିବାକୁ ଆରମ୍ଭ କରି ଦେଇଛନ୍ତି— କିନ୍ତୁ କରିଥିଲେ ଭୁଲ୍ କରିଛନ୍ତି; ଟେର୍‌ଟାସ୍ଥ-ଦେଲନା ନାମଟା ଆସିଛି 'ଟେର୍ତ୍'ରୁ 'ଷ୍ଟେର୍ତ୍'ରୁ ନୁହେଁ । କାରଣ ଜର୍ଜିଆର ସୀମାନ୍ତ ଏକଦା ଏଇବାଟେ ଦେଇ ଅତିକ୍ରମ କରିଥିଲା ।[2] ଉପତ୍ୟକାଟି ବାୟୁତାଡ଼ିତ ତୁଷାର ରାଶିଦ୍ୱାରା

[1] ଫରାସୀ ଭାଷାରେ—ସାଧୁ ଷ୍ଟିଫ୍ରୋଫଙ୍କ ପାହାଡ଼ ।

[2] ମୂଳ ରୁଷ୍‌ଭାଷାରେ—କଥାରେ ମାର୍ ପେଞ୍ଚ୍, 'ଟେର୍ତା' ଅର୍ଥ ରେଖା ଆଉ 'ଷ୍ଟେର୍ତ୍' ଅର୍ଥ ମୃତଆତ୍ମା

Digitized by srujanika@gmail.com

ଆବୃତ । ଫଳରେ ସାରଚର୍‌ ତାମ୍‌ବୋଭ୍‌, ଏବଂ ଆମ ଦେଶର ଅନ୍ୟାନ୍ୟ ସୁନ୍ଦର ଜାଗାମାନଙ୍କ ସହିତ ତା'ର ଗଭୀର ସାଦୃଶ୍ୟ ଅଛି ।

"ଏଇଠାରେ ହେଷ୍ଟୋଗ୍ରସ୍ପା", ଚେରଚୋଗ୍ର ଦେଲନା ଆଡ଼କୁ ଓହ୍ଲାଇ ଆସିବା ବେଳେ କ୍ୟାପ୍‌ଟେନ୍‌ ତୁଷାରବୃତ ଗୋଟିଏ ପାହାଡ଼ ଆଡ଼କୁ ଅଙ୍ଗୁଳି ସଙ୍କେତ କରି ଦେଖାଇଲେ । ଚୂଡ଼ା ଉପରେ ପଥରର ସ୍ପଷ୍ଟ ଚିହ୍ନର ଗୋଟିଏ କଳା ପରିଲେଖ ଦେଖାଯାଉଛି, ତାକୁ ଅତିକ୍ରମ କରି ଯାଇଛି ଅତି ଅସ୍ପଷ୍ଟ ଗୋଟିଏ ପଥ । ପାହାଡ଼ର ରାସ୍ତା ଯେତେବେଳେ ବରଫରେ ବୁଡ଼ିଯାଏ, ସେତେବେଳେ ଏଇ ରାସ୍ତାଟି ବ୍ୟବହାର ହୁଏ । ଆମ ଗାଡ଼ିର ଚାଳକମାନେ କହିଲେ ଯେ ବର୍ତ୍ତମାନ ବରଫର ଅତଡ଼ା ଖସିନାହିଁ । ଘୋଡ଼ାମାନଙ୍କର ସେଥିରେ ପରିଶ୍ରମ ନ ହୁଏ ସେଥିପାଇଁ ସେମାନେ ଆମକୁ ଟିକେ ବୁଲାଣିବାଟରେ ନେଇଚାଲିଲେ । ଗୋଟାଏ ମୋଡ଼ ବୁଲିବା ପରେ ଆମେ ପାଞ୍ଚଜଣ ଅସେଟିଆ ଲୋକଙ୍କ ଦେଖାପାଇଲୁ । ସେମାନେ ଆମ ପାଖରେ କାମ କରିବାକୁ ଚାହିଁଲେ ଆଉ ଗାଡ଼ିର ଚକ ଗୁଡ଼ିକୁ ଧରି ଚିତ୍କାର କରିକରି ଆମ ଗାଡ଼ିଗୁଡ଼ିକୁ ଚଳାଇବାରେ ସେମାନେ ସାହାଯ୍ୟ କଲେ । ବାସ୍ତବରେ ରାସ୍ତାଟି ବିପଜ୍ଜନକ । ଆମର ଦକ୍ଷିଣଦିଗରେ ମୁଣ୍ଡ ଉପରେ ଝୁଲୁଛି ତୁଷାରର ସ୍ତୂପ । ସମ୍ଭବତଃ ପବନର ପ୍ରଥମ ଆଘାତରେହିଁ ଖାତ ଭିତରେ ପଡ଼ିବାକୁ ଉଦ୍ୟତ ହୋଇ ରହିଛି : ସରୁ ରାସ୍ତାଟାର କିଛି ଅଂଶ ବରଫରେ ପରିପୂର୍ଣ୍ଣ, ଏଠି ସେଠି ପାଦ ବୁଡ଼ିଯାଏ । ଅନ୍ୟଗୁଡ଼ିକ ସୂର୍ଯ୍ୟତାପରେ ଆଉ ରାତିର ଶୀତଳର ପ୍ରଭାବରେ ଜମି ହୋଇଯାଇଛି ବରଫ । ସେଥିପାଇଁ ଆମେ ଅତି କଷ୍ଟରେ ଅଗ୍ରସର ହେବାକୁ ଲାଗିଲୁ । ଘୋଡ଼ାମାନେ ବାରମ୍ବାର ପଛକୁ ପଡ଼ିଯାଉଥିଲେ । ଆମ ବାଁ ପାଖରେ ଗଭୀର ଗୋଟାଏ ଫାଟ ଆଁ କରି ବସିଛି । ତା ତଳେ ଗୋଟାଏ ଜଳସ୍ରୋତ । ବରଫର ଆବରଣ ପାଇଁ କେବେ ସେଇଟି ଆଖିର ଆଢ଼ୁଆଳକୁ ଚାଲିଯାଉଛି, କେବେ ଅବା କଳା ପଥରର କ୍ଷୁଦ୍ର ଅଂଶ ଭିତରେ ସବେଗରେ ଫେନିଳ ହୋଇ ଉଠୁଛି । ହେଷ୍ଟୋଗ୍ରସ୍ପା ପାହାଡ଼ ପ୍ରଦକ୍ଷିଣ କରିବାକୁ ପୂରା ଦୁଇଘଣ୍ଟା କଟିଗଲା—ଦୁଇଘଣ୍ଟା ଲାଗିଲା ଦୁଇ ମାଇଲ ପଥ ଅତିକ୍ରମ କରିବାକୁ ! ଏଥିଭିତରେ ମେଘମାଳାଗୁଡ଼ିକ ତଳକୁ ଓହ୍ଲାଇ ଆସିଲେ, ତୁଷାର ଆଉ କୁଆପଥର ପଡ଼ିବାକୁ ଆରମ୍ଭ

Digitized by srujanika@gmail.com

କଲା । ଗିରିସଙ୍କଟ ଚୂଡ଼ାକ ଭିତରେ ପବନ ଠିକ୍ ଡକାଏତ୍ ସୋଲୋଭେଇ[1] ପରି ଚିତ୍କାର କରି ଆଉ ମୁହଁରେ ସିଟିମାରି ଉଠିଲା । ଦେଖୁ ଦେଖୁ ଘନ ମେଘରୁ ଆସିଥିବା କୁହୁଡ଼ିର ଢେଉରେ ପଥରର ସ୍ତମ୍ଭଟା ହୋଇଗଲା ଅଦୃଶ୍ୟ । ପ୍ରତିଟି ଢେଉ ଅନ୍ୟଟି ଅପେକ୍ଷା ଘନ··· । ପ୍ରସଙ୍ଗତଃ ଏଇ ସ୍ତମ୍ଭ ସମ୍ପର୍କରେ ଅଦ୍ଭୁତ ଅଥଚ ସାଧାରଣରେ ସ୍ୱୀକୃତ ଏକ ଉପାଖ୍ୟାନ ଅଛି—ସେଇଟି କ୍ୟାଡେ କକେଶସ୍ ଭିତର ଦେଇ ଭ୍ରମଣ ସମୟରେ ସମ୍ରାଟ୍ ପ୍ରଥମ ପିଓତ୍ରର ଠିଆ କରାଇଥିଲେ ! କିନ୍ତୁ ପିଓତ୍ରର ପ୍ରଥମତଃ କେବଳ ଦାଗେସ୍ତାନ୍‌ରେ ଥିଲେ ଏବଂ ଦ୍ୱିତୀୟତଃ, ସ୍ତମ୍ଭ ଉପରେ ବଡ଼ ବଡ଼ ହରଫ୍‌ରେ ଖୋଦିତ ହୋଇ ଲେଖା ଅଛି ଯେ ଜେନେରାଲ ଇଆର୍ମୋଲଭଙ୍କ ଆଦେଶରେ ସେଇଟିକୁ ସ୍ଥାପନ କରାଯାଇଥିଲା —ନିର୍ଦ୍ଦିଷ୍ଟ ଭାବରେ କହିବାକୁ ଗଲେ—୧୮୨୪ ସାଲରେ । ଖୋଦିତ ହୋଇଥିବା ଲେଖାଟି ଥିବା ସତ୍ତ୍ୱେ ବି ଉପାଖ୍ୟାନଟି ଏପରି ଚେର ବିସ୍ତାର କରିଛି ଯେ, କୋଉଟା ପ୍ରକୃତରେ ବିଶ୍ୱାସଯୋଗ୍ୟ ତାହା ବୁଝି ହୁଏନାହିଁ । ବିଶେଷ କରି ଆମେ ଯେତେବେଳେ ଖୋଦିତ ହୋଇଥିବା ଲେଖାକୁ ବିଶ୍ୱାସ କରିବାରେ ଅଭ୍ୟସ୍ତ ନୋହୁଁ ।

କୋବି ଷ୍ଟେସନ୍‌ରେ ପହଞ୍ଚିବାକୁ ଆମକୁ ବର୍ତ୍ତମାନ ସ୍ତୂପୀକୃତ ବରଫ ଢଙ୍କା ପଥରର ସ୍ତର ଆଉ ନରମ ତୁଷାର ଭିତର ଦେଇ ଆହୁରି ପାଞ୍ଚ ମାଇଲ ଓହ୍ଲେଇବାକୁ ହେବ । ଘୋଡ଼ାଗୁଡ଼ାକ ଏକେବାରେ ଥକି ଯାଇଛନ୍ତି ଆଉ ଆମେ ସମ୍ପୂର୍ଣ୍ଣ ଥଣ୍ଡା ହୋଇ ଯାଇଛୁ—ଏଆଡ଼େ ତୁଷାର-ଝଞ୍ଜା ଦ୍ରୁତରୁ ଦ୍ରୁତତର ବେଗରେ ବହିବାକୁ ଆରମ୍ଭ କରିଛି, ଅନେକଟା ଆମ ଦେଶର ଉତ୍ତରଅଞ୍ଚଳର ତୁଷାର-ଝଞ୍ଜା ପରି, କେବଳ ତା'ର ଉନ୍ମତ୍ତ ଗତାନୁଗତିକ ଧ୍ୱନି ଆହୁରି କରୁଣ, ଆହୁରି ଶୋକାବହ । ମୁଁ ଭାବିଲି 'ହେ ମୋର ନିର୍ବାସିତ, ତୁମେ ବି କାନ୍ଦୁଛ ତୁମର ବିଶାଳ, ସୀମାହୀନ ପ୍ରାନ୍ତର ପାଇଁ—ଯେଉଁଠି ତୁମର ବରଫ-ଡେଣା ମେଲାଇବାର ବିସ୍ତୃତି ଅଛି—ଆଉ ଏଠି ତୁମର ନିଃଶ୍ୱାସ ଆସୁଛି ରୁଦ୍ଧହୋଇ, ବନ୍ଦୀ ହୋଇ ରହିଥିବା ଈଗଲ୍ ପରି, ଯିଏ ତା' ଲୁହା ପଞ୍ଜୁରିର ଜାଲି ଉପରେ ଚିତ୍କାର କରି ଡେଣା ପିଟେ !'

"କିଛି ଭଲ ମନେହେଉ ନାହିଁ !" କହିଲେ କ୍ୟାପ୍‌ଟେନ୍ । "ଦେଖନ୍ତୁ, ଚାରିପାଖରେ କୁହୁଡ଼ି ଆଉ ବରଫ ବ୍ୟତୀତ କିଛି ଦେଖାଯାଉ

[1] ରୁଷ୍ ପୌରାଣିକ ଉପାଖ୍ୟାନର ନାୟକ ।

Digitized by srujanika@gmail.com

ନାହିଁ । ସାବଧାନ, ହୁଏତ ଫାଟ ଭିତରେ ପଡ଼ିବେ ନ ହେଲେ କୌଣସି ଜଘନ୍ୟ ଗାଡ଼ିରେ ଯିବେ ଅଟକି' । ଏଇ ହେଉଛି ଏସିଆ ! ମଣିଷଙ୍କ ପରି ନଦୀମାନଙ୍କୁ ମଧ୍ୟ ବିଶ୍ୱାସ ନାହିଁ !" ନାକରେ ଶବ୍ଦ କରି ଆଉ ରହିରହି ଯାଉଥିବା ଘୋଡ଼ାମାନଙ୍କ ଉପରେ ଚାବୁକ୍ ମାରି ଗାଡ଼ିୱାନ୍‌ମାନେ ଚିତ୍କାର ଏବଂ ଗାଳିଗୁଲଜ୍ କରି ଚାଲିଲେ । ଚାବୁକ୍ ମାରିବା ସତ୍ତ୍ୱେ ମଧ୍ୟ ଘୋଡ଼ାମାନେ ଆଉ ପାଦେ ଆଗକୁ ଯିବାକୁ ମଙ୍ଗିଲେ ନାହିଁ । ଶେଷରେ ଜଣେ ଗାଡ଼ିୱାନ୍ କହିଲା, "କର୍ତ୍ତା ! ଆଜି ଆମେ ଆଉ କୋବ ଷ୍ଟେସନ୍‌ରେ ପହଞ୍ଚି ପାରିବା ନାହିଁ । ବେଳ ଥାଉ ଥାଉ ବାଁ ଆଡ଼କୁ ଆଗେଇବା ପାଇଁ ଆଦେଶ ଦେବେ ନାହିଁ ? ସେଇ ତାଲୁ ଜାଗାଟାରେ ଗୋଟାଏ କଳା-ସ୍ତୂପ ଦେଖିବାକୁ ପାଉଛି—କେତେଟା ପାହାଡ଼ିଆ ଘର ସେଠି ଅଛିବୋଲି ମନେ ହେଉଛି ! ଯାତ୍ରୀମାନେ ଖରାପ ପାଗରେ ସେଇଠି ଆଶ୍ରୟ ନିଅନ୍ତି ।" ତା' ପରେ ଜଣେ ଅପେକ୍ଷସ୍ଥକୁ ଅଙ୍ଗୁଳି-ସଙ୍କେତ କରି କହିଲା, "ଏମାନେ କହୁଥିଲେ ଭୋଦ୍‌କା ପାଇଁ କିଛି ଟଙ୍କା ଦେଲେ ଆମକୁ ରାସ୍ତା ଦେଖାଇ ନେଇଯିବେ ।"

"ମୁଁ ଜାଣେ, ସବୁକଥା ଜାଣେ । ତୁମକୁ କହିବାକୁ ହେବ ନାହିଁ," କହିଲେ କ୍ୟାପ୍‌ଟେନ୍, "ଏଇ ସେଇ ଶଇତାନ୍‌ମାନେ ! ଯେ କୌଣସି ଲୋକ ଭୋଦ୍‌କା ପାଇଁ କିଛି ଟଙ୍କା ପାଇଲେ ଖୁସି ହୁଏ ।"

ମୁଁ କହିଲି, "ସବୁ ବୁଝିପାରୁଛି । କିନ୍ତୁ ଆପଣଙ୍କୁ ମାନିବାକୁ ହେବ ସେମାନେ ନଥିଲେ ଆମକୁ ଆହୁରି ବେଶି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାନ୍ତା ।"

ସେ ଅସ୍ପଷ୍ଟ ଭାବରେ କହିଲେ, "ହୁଏତ, ହୁଏତ ! କିନ୍ତୁ ଏ ପ୍ରକାରର ଗାଇଡ୍‌ମାନଙ୍କୁ ମୁଁ ଚିହ୍ନେ । ସହଜାତ-ବୁଦ୍ଧି ଦ୍ୱାରା ସେମାନେ ଜାଣି ପାରନ୍ତି, କେବେ ଆପଣଙ୍କୁ ଚଛାକାଟି ହେବ । ସେମାନେ ନଥିଲେ ଆପଣ ଯେପରି ବାଟ ଚିହ୍ନି ପାରି ନଥାନ୍ତେ !"

ଅତଏବ ଆମେ ବାଁ ଡଗକୁ ମୁହାଁଇଲୁ ଆଉ ତା'ପରେ କୌଣସି-ମତେ ବହୁ ଅସୁବିଧା ପରେ ଗ୍ଲେଟ ଗୋଟିଏ ଆଶ୍ରୟସ୍ଥଳରେ ପହଞ୍ଚିଲୁ । ସେଠାରେ ଖଣ୍ଡ ଖଣ୍ଡ ପଥର ଦ୍ୱାରା ତିଆରି ହୋଇଥିବା ଦୁଇଟି ପାର୍ବତ୍ୟ କୁଟୀର । ଛିଣ୍ଡା ପୋଷାକପତ୍ର ପରିହିତ ସେଠାକାର ଲୋକମାନେ ଆମକୁ

Digitized by srujanika@gmail.com

ସ୍ୱାଗତ କଲେ । ପରେ ଜାଣିବାକୁ ପାଇଥିଲି, ସରକାର ସେମାନଙ୍କ ଭରଣ-ପୋଷଣ କରନ୍ତି ଏଇ ସର୍ତ୍ତରେ ଯେ ପଥିକମାନେ ଝଡ଼ବର୍ଷା ଭିତରେ ପଡ଼ିଲେ ସେମାନଙ୍କୁ ଆଶ୍ରୟ ଦେବାକୁ ହେବ ।

ନିଆଁ ପାଖରେ ବସି ମୁଁ କହିଲି, "ଏଥିରେ ଭଲହିଁ ହେବ ଏଥର ଆପଣ ମୋତେ ବେଲ୍ଲା ଗଳ୍ପର ଶେଷଟି କହିବେ; ମୁଁ ନିଶ୍ଚିତ ଭାବରେ ଜାଣେ, ସେଠି ସେଇଟା ଶେଷ ହୋଇନାହିଁ ।"

କ୍ୟାପ୍ଟେନ୍ ଉତ୍ତର ଦେଲେ, "ଏତେ ନିଶ୍ଚିତ କପରି ହେଲେ ?" ମୁହଁରେ ତାଙ୍କର ଧୂର୍ତ୍ତ-ହସ, ଆଖି ଦୁଇଟି ଚକ୍‌ଚକ୍ କରି ଉଠିଲା ।

"କାରଣ ସେଇଟା ସ୍ୱାଭାବିକ ନୁହେଁ, ସେପରି ଆଶ୍ଚର୍ଯ୍ୟ ଯାହାର ଆରମ୍ଭ, ଶେଷଟି ମଧ୍ୟ ତା'ର ସେହିପରି ହେବା ଉଚିତ ।"

"ଠିକ୍ ଧରିଛନ୍ତି…"

"ଶୁଣି ଆନନ୍ଦିତ ହେଲି ।"

"ଆପଣ ଆନନ୍ଦିତ ହୋଇ ପାରନ୍ତି, କିନ୍ତୁ ଭାବି ବସିଲେ ମୋତେ ବାସ୍ତବିକ ଖରାପ ଲାଗେ । ଭାରି ଭୋଳା ଥିଲା ଝିଅଟି, ବେଲ୍ଲା ! ଶେଷଆଡ଼କୁ ନିଜ ଝିଅପରି ତାକୁ ମୁଁ ଭଲ ପାଉଥିଲି, ସିଏ ମଧ୍ୟ ମୋତେ ସେଇପରି ଭଲ ପାଉଥିଲା । ଆପଣଙ୍କୁ କହିବା ଦରକାର, ସଂସାର ବୋଇଲେ ମୋର କିଛି ନାହିଁ । ଆଜକୁ ବାରବର୍ଷ ହେଲା ମୋ ବାପ-ମା'ଙ୍କର କୌଣସି ସମ୍ବାଦ ମୁଁ ପାଇନାହିଁ ଆଉ ବିବାହ କରିବା ଦରକାର ବୋଲି ଯା ପୂର୍ବରୁ ମୋର ମନେହୋଇ ନାହିଁ । ବର୍ତ୍ତମାନ ଆଉ ବିବାହ କରିବାଟା ସେ ଶୋଭନୀୟ ନୁହେଁ; ଆପଣଙ୍କୁ ସେ କଥା ସ୍ୱୀକାର କରିବାକୁ ହେବ । ସେଥିପାଇଁ ତାକୁ ସ୍ନେହ କରିବାକୁ ପାଇ ମୁଁ ଆନନ୍ଦିତ ହୋଇ ଉଠିଲି । ମୋ ପାଖରେ ସେ ଗୀତ ଗାଏ ଆଉ ଲେଜ୍‌ଗିଙ୍କା ନାଚ ନାଚେ… । କି ନାଚ ବା ସେ ନ ନାଚେ ! ଆମ ପ୍ରଦେଶର ତରୁଣୀମାନଙ୍କୁ ମୁଁ ଦେଖିଥିଲି ଆଉ ଥରେ ମସ୍କୋର ନୋବଲ୍‌ସ୍ କ୍ଲବ୍‌କୁ ପ୍ରାୟ କୋଡ଼ିଏ ବର୍ଷ ପୂର୍ବେ ଯାଇଥିଲି ! କିନ୍ତୁ ସେମାନଙ୍କ ଭିତରୁ କେହି ବି ତା ଗୋଡ଼ ଆଙ୍ଗୁଠିକୁ ସରି ନୁହଁନ୍ତି ! ପେଚୋରିନ୍ ତାକୁ ଖେଳଣା ପରି ସଜାଏ, ଆଦର-ସୋହାଗ କରେ । ସିଏ ଏତେ ସୁନ୍ଦର ହୋଇ ଉଠିଲା, ଯାହା ବିସ୍ମୟକର । ତା' ମୁହଁ ଆଉ ହାତରୁ ରୌଦ୍ରଦଗ୍ଧ ଭାବଟା ଅଦୃଶ୍ୟ ହେଲା ଆଉ ତା'ର

Digitized by srujanika@gmail.com

ଗାଲ ଦ'ଟା ହୋଇ ଉଠିଲା ଗୋଲାପୀ··· । ଜ ଆନନ୍ଦମୁଖର ଥିଲା ଝିଅଟି, ଆଜି ମୋ ପିଠିରେ ହନରତ ଲଗିଥିଲା, ଦୁଷ୍ଟଟା··· । ଈଶ୍ୱର ତାକୁ ଯେପରି କ୍ଷମା କରନ୍ତୁ !······"

"ତା' ବାପାଙ୍କର ମୃତ୍ୟୁସମ୍ବାଦ ଆପଣ ତାକୁ ଜଣାଇବା ପରେ କ'ଣ ହେଲା ?"

"ସେ ତା ନୂତନ ଆବେଷ୍ଟନୀ ଭିତରେ ଖାପ୍ ଖୁଆଇ ନନେବା ପର୍ଯ୍ୟନ୍ତ ବହୁଦିନ ଧରି ଆମେ ସମ୍ବାଦଟାକୁ ଗୋପନ ରଖିଥିଲୁ । ତାକୁ କହିବା ପରେ ଦୁଇଦିନ ଧରି ସେ କାନ୍ଦିଲା···ତା' ପରେ ଭୁଲିଗଲା ।

"ଚମତ୍କାର ଭାବରେ ପ୍ରାୟ ଛଅମାସ କଟିଲା । ଆପଣଙ୍କୁ ଏ ଭିତରେ ନିଶ୍ଚୟ କହିଛି ଯେ, ପେରେଗ୍ରିନ୍‌ର ଭରି ଶୀକାର ନିଶା ଥିଲା । ଗୋଟାଏ ଅଦମ୍ୟ ଶକ୍ତି ତାକୁ ଟାଣିନିଏ ବନର ସନ୍ନିକଟକୁ···ବାର୍‌ହା କମ୍ବା ବଣୁଆ ଛେଳି ପ୍ରଭୃତି ଶୀକାର କରିବା ପାଇଁ । ବର୍ତ୍ତମାନ କିନ୍ତୁ ଦୁର୍ଗ ସୀମାର ବାହାରକୁ ଯିବାପାଇଁ ତା'ର ଇଚ୍ଛା ହୁଏନାହିଁ । ତା'ପରେ ମୁଁ ଲକ୍ଷ୍ୟକଲି ପୁଣି ସେ ବିଷଣ୍ଣ ହୋଇ ଉଠୁଛି । ହାତ ଦୁଇଟିକୁ ପଛରେ ଜଡ଼ାଇ ଘର ଭିତରେ ସେ ଟହଲ ମାରେ । ଦିନେ କାହାକୁ କିଛି ନ କହି ତା' ବନ୍ଧୁକଟି ଧରି ସେ ବାହାରି ପଡ଼ିଲା; ସାରା ସକାଳବେଳାଟା ତା'ର ଆଉ ଦେଖା ନାହିଁ । ଏ ଘଟଣା ଘଟିଲା ଥରେ, ଦୁଇଥର, ତା'ପରେ କ୍ରମଶଃ ଘନଘନ । ମୋର ମନେହେଲା 'ସବୁକିଛି ଭଲ ଭାବରେ ଚଳୁନାହିଁ, ନିଶ୍ଚୟ ଝଗଡ଼ା ହୋଇଛି' !

"ଦିନେ ସକାଳବେଳା ସେମାନଙ୍କୁ ଦେଖିବାକୁ ଯାଇ ଦେଖିଲି, କଳା ସିଲ୍‌କ୍‌ର ବେଶ୍‌ମେତ୍ ପିନ୍ଧି ବିଛଣାରେ ବସି ରହିଛି ବେଲା । ଏତେ ମଳିନ ଆଉ ବିଷଣ୍ଣ ତା'ର ଚେହେରା ଯେ ବାସ୍ତବିକ ଦେଖିବା ମାତ୍ରେ ମୁଁ ଡରିଗଲି ।

"ପଚାରିଲି, 'ପେରେଗ୍ରିନ୍ କାହିଁ ?'

" 'ଶୀକାର କରିବାକୁ ଯାଇଛନ୍ତି ।'

" 'କେବେଠୁଁ ଯାଇଛି ? ଆଜି ?'

"ସେ ଉତ୍ତର ଦେଲା ନାହିଁ, ମନେହେଲା କଥା କହିବାକୁ ତା'ର କଷ୍ଟ ହେଉଛି !

Digitized by srujanika@gmail.com

" 'ନା, ଗତକାଲି', ଦୀର୍ଘଶ୍ବାସ ପକାଇ ଅବଶେଷରେ ସେ କହିଲା ।

" 'ଗ୍ରାଣ୍ଡକରେ ତା'ର କୌଣସି ବିପଦ ଘଟିନାହିଁ' ?

" 'ଗତକାଲି ସାରାଦିନ ଧରି ମୁଁ ଖାଲି ଭାବିଛି ଆଉ ଭାବିଛି', ସେ କହିଲା । ଲୁହରେ ତା'ର ଆଖି ଦୁଇଟି ପୂରି ଯାଇଛି । 'ଆଉ ନାନାକଥା କଳ୍ପନା କରି ଡରିଯାଇଛି । ପ୍ରଥମେ ଭାବିଥିଲି, ଗୋଟାଏ ବାଘ୍‌ଢ଼ା ତାଙ୍କୁ ଆହତ କରିଛି, ତା' ପରେ ଭାବିଥିଲି, ଡେଟେମାସ୍ମାନେ ହୁଏତ ତାଙ୍କୁ ପାହାଡ଼କୁ ଧରିନେଇ ଯାଇଛନ୍ତି··· । ଆଉ ବର୍ତ୍ତମାନ ମୋର ମନେହେବାକୁ ଆରମ୍ଭ କରିଛି, ସିଏ ଆଉ ମୋତେ ଭଲ ପାଆନ୍ତି ନାହିଁ ।'

" 'ପ୍ରକୃତରେ, ସତ କହୁଛି, ସୁନାଟି ମୋର୍, ସ୍ତ୍ରୀ ଠାରୁ ଝଗଡ଼ ଆଉକିଛି ଭାବିବା ତୋ' ପକ୍ଷରେ ସମ୍ଭବ ନୁହେ !'

"ଚାହାଣୀରେ ସେ ଭାଙ୍ଗିପଡ଼ିଲା, ତା ପରେ ସେଚ୍ଛାରେ ମୁଣ୍ଡ ଉଠାଇ, ଆଖି ପୋଛି କହିଚାଲିଲା :

" 'ମୋତେ ସିଏ ଯଦି ଭଲ ନ ପାଆନ୍ତି, କାହିଁକି ତାହେଲେ ମୋତେ ଆମ ଘରକୁ ପଠାଇ ଦେଉନାହାନ୍ତି ? ମୁଁ ତ ଜବରଦସ୍ତ ତାଙ୍କର ଚଳନ୍ତ ହୋଇ ରହିବାକୁ ଚାହୁଁନାହିଁ ! ଆଉ ଏପରି ଭାବରେ ଚାଲିଲେ ମୁଁ ମରିଯିବି; ମୁଁ ତ ତାଙ୍କର କ୍ରୀତଦାସୀ ନୁହେ, ମୁଁ ରାଜକନ୍ୟା !···'

"ତାକୁ ମୁଁ ବୁଝାଇବାକୁ ଚେଷ୍ଟାକଲି, 'ଶୁଣ୍ ବେଲା, ତୋର ପଛେ ପଛେ ସବୁବେଳେ ତ ସେ ବସିରହି ପାରିବେ ନାହିଁ ! ଯୁବକ ସେ ଆଉ ଭଲପାଏ ଶିକାର କରିବାକୁ । ସିଏ ଯିବ ଆଉ ଫେରି ବି ଆସିବ । କିନ୍ତୁ ତୁ ଯେବେ ବିମର୍ଷ ହୋଇ ରହୁ, ତାହେଲେ ଫଳ ହେବ ଏଇ— ତୋତେ ନେଇ ଅଚିରେ ସେ କ୍ଳାନ୍ତହୋଇ ପଡ଼ିବ ।'

" ସେ କହିଲା, 'ଠିକ୍ କହୁଛନ୍ତି, ଠିକ୍ । ମୁଁ ଖୁବ୍ ପ୍ରଫୁଲ୍ଲିତ ରହିବି ।' ଏଇଆ କହି ହସିହସି ସେ ତା' ବେହେଲାଟି ନେଇ ଗୀତ ଗାଇ ନାଚିବାକୁ ଆରମ୍ଭ କଲା ମୋ ଚାରିପାଖରେ । କିନ୍ତୁ ଅଚିରେ ପୁଣି ବିଛଣାରେ କାହୁଡ଼ି ହୋଇପଡ଼ି ଦୁଇ ହାତରେ ନିଜ ମୁହଁକୁ ଢାଙ୍କିଲା ।

"ତା ପାଇଁ ବା କ'ଣ ମୁଁ କରିପାରିବି ? ଆପଣ ତ ଜାଣନ୍ତି, ନାରୀମାନଙ୍କ ସହିତ କେବେହେଲେ ମୋର ସମ୍ବନ୍ଧ ନଥିଲା । ମୁଁ ମୁଣ୍ଡ

Digitized by srujanika@gmail.com

ଘବ୍ରାଇବାକୁ ଲାଗିଲି କୌଣସି ପ୍ରକାରେ ତାକୁ ସାନ୍ତ୍ୱନା ଦେବାପାଇଁ, କିନ୍ତୁ ଭାବିଭାବି କିଛି କୂଳ-କିନାରା ପାଇଲି ନାହିଁ । କିଛିବେଳ ଆମେ ଦୁହେଁ ନୀରବ ରହିଲୁ··· । ଆପଣଙ୍କୁ ନିଶ୍ଚିତ ଭାବରେ କହିପାରେ ଭାରି ଅପ୍ରୀତିକର ଅବସ୍ଥା ସେଇଟା !

“ଅବଶେଷରେ ତାକୁ କହିଲି, ‘ମୋ ସାଙ୍ଗରେ ଯିବୁ ଦୁର୍ଗ ଆଡ଼କୁ ବୁଲିବା ପାଇଁ ? ଭାରି ସୁନ୍ଦର ଆବହାଓ୍ୱା !’ ସେତେବେଳେ ସେପ୍ଟେମ୍ବର ମାସ, ଦିନଟି ବାସ୍ତବିକ ସୁନ୍ଦର, ଖରା ପଡ଼ୁଛି ଅଥଚ ଖୁବ୍ ଗରମ ନୁହେଁ, ପାହାଡ଼ଗୁଡ଼ିକ ଏତେ ପରିଷ୍କାର ଦେଖାଯାଉଛି, ଯେପରି ମନେହୁଏ, କେହି ସେମାନଙ୍କୁ ସଜାଇଛି । ଆମେ ବାହାରି ପଡ଼ିଲୁ । ଦୁର୍ଗର ପ୍ରାକାରରେ ଏଣେତେଣେ ଟହଲ ମାରିଲୁ ନୀରବରେ । ଟିକେ ପରେ ଘାସର ଗାଲିଚା ଉପରେ ସେ ବସିଲା, ମୁଁ ମଧ୍ୟ ତା ପାଖରେ ବସିଲି । ବାସ୍ତବିକ ଭାବିବାକୁ ମଜା ଲାଗେ, ପରିଚାରିକା ପରି ମୁଁ ତାକୁ ନେଇ କେମିତି ମୁଣ୍ଡ ଘୁରେଇଥିଲି ।

“ଟିକେ ଉଚ୍ଚା ଜାଗାରେ ଥିଲା ଆମର ଦୁର୍ଗଟା । ପ୍ରାକାର ଉପରୁ ଭାରି ସୁନ୍ଦର ଦୃଶ୍ୟ ଆଖିରେ ପଡ଼େ : ଗୋଟାଏ ଆଡ଼େ ମସ୍ତ ଖୋଲାଜାଗା, ତା ଉପରେ କେତେଟା ଦାଗ । ତାହା ଶେଷ ହୋଇଛି ଗୋଟିଏ ଜଙ୍ଗଲରେ । ସେଇ ଜଙ୍ଗଲ ବସ୍ତୁଇ ହୋଇ ପଡ଼ୁଛି ପର୍ବତ ଶ୍ରେଣୀର ଚୂଡ଼ା ପର୍ଯ୍ୟନ୍ତ । ଏଇ ଖୋଲା ଜାଗାରେ ଏଠିସେଠି ନାନା ଗ୍ରାମରୁ ଉଠୁଥିବା ଧୂଆଁ ଆଖିରେ ପଡ଼େ ଆଉ ଦେଖାଯାଏ ଘୋଡ଼ା ଦଳ ଚରି ବୁଲୁଛନ୍ତି । ଅନ୍ୟ ପାଖରେ ବହିଯାଉଛି ଟ୍ରେଟ ଏକ ନଦୀ, ଗୋଟିଏ ପାଖରେ ତା’ର ଘନ ଲତା-ଗୁଳ୍ମ, ତାହାହିଁ ଢାଙ୍କି ରଖିଛି ପାହାଡ଼ଗୁଡ଼ିକୁ, ଆଉ ସେହି ପାହାଡ଼ଗୁଡ଼ିକ ମିଶିଛି କକେଶସ୍‌ର ପ୍ରଧାନ ପର୍ବତଶ୍ରେଣୀ ସହିତ । ଆମେ ଦୁର୍ଗ କୋଣର ଗୋଟିଏ ଗମ୍ବୁଜ ଉପରେ ବସିଥିଲୁ । ସେଇଠାରୁ ଦୁଇଆଡ଼ର ଦୃଶ୍ୟ ଆଖିରେ ପଡ଼େ । ପ୍ରାକୃତିକ ଦୃଶ୍ୟ ମନଦେଇ ଦେଖୁଦେଖୁ ଲକ୍ଷ୍ୟକଲି, ଧୂସର ରଙ୍ଗର ଘୋଡ଼ାରେ ଚଢ଼ି ଗୋଟାଏ ଲୋକ ଜଙ୍ଗଲରୁ ବାହାରି କ୍ରମଶ ପାଖକୁ ଆସିବାରେ ଲାଗିଲା । ଶେଷକୁ ସେ ଅଟକିଲା ଟ୍ରେଟ ନଦୀଟିର ଆର ପାଖରେ—ଆମେ ଯେଉଁଠି ବସିଥିଲୁ ସେଠାରୁ ପ୍ରାୟ ଶହେ ସାଜେନ୍* ଦୂରରେ ଆଉ ତା’ପରେ ପାଗଳପରି

*ଏକ ସାଜେନ୍ ପ୍ରାୟ ଦେଢ଼ଗଜ ସହିତ ସମାନ ।

Digitized by srujanika@gmail.com

ଘୋଡ଼ା ସମେତ ଘୂରିବାକୁ ଲାଗିଲା । ଘଟଣାଟା କ'ଣ ?···'ମୋ ଅପେକ୍ଷା ତୋ ଆଖି ବହୁତ ତରୁଣ, ବେଲା ! ଦେଖ୍ ତ, ଘୋଡ଼୍‌ସବାର୍‌କୁ ଚିହ୍ନି ପାରୁଛୁ କି ନାହିଁ,' ମୁଁ କହିଲି :

" 'ଭାବି ପାରୁନାହିଁ କାହାକୁ ଦେଖିବାକୁ ଆସି ସେ ଧନ୍ୟ କରିଛି !'

"ଲକ୍ଷ୍ୟକରି ବେଲା ଚିତ୍କାର କରି ଉଠିଲା, 'ଇଏ ତ କାଜ୍‌ବିଚ୍ !'

" 'ହଁ, ସେଇ ଡକେଇତଟା ! ଆମକୁ ଉପହାସ କରିବାକୁ ଆସିଛି ନା କ'ଣ ?' ନିରୀକ୍ଷଣ କରି ଦେଖି ଚିହ୍ନି ପାରୁଥିଲି କାଜ୍‌ବିଚ୍‌କୁ । ସେଇ ରୌଦ୍ରଦଗ୍ଧ କାଳିଆ ମୁହଁ ଆଉ ସେଇ ମଇଳା ଶତଚ୍ଛିନ୍ନ ପୋଷାକ । ମୋ ହାତକୁ ଜୁପିଧରି ବେଲା କହିଲା, 'ଏଇଟା ମୋ ବାପାଙ୍କର ଘୋଡ଼ା' । ଥରଥର ସେ କମ୍ପି ଉଠିଲା ଆଉ ଜଳି ଉଠିଲା ତା'ର ଆଖି ଦୁଇଟା । ମୁଁ ମନେ ମନେ ଭାବିଲି, 'ବାଃ, ତୋ ଶିରା ଭିତରେ ବି ଦସ୍ୟୁର ରକ୍ତ ବହୁଛି !'

"ଜଣେ ପ୍ରହରୀକୁ ଡାକି ମୁଁ କହିଲି, 'ଶୁଣ୍ ! ଚଟାପଟ୍ ଏଇ ଲୋକଟାକୁ ଧରାଶାୟୀ କରି ଦେ ! ତାହେଲେ ରୂପାର ଗୋଟାଏ ରୁବଲ୍ ପାଇବୁ ।'

" 'କରୁଛି ହଜୁର୍ । ମୁସ୍କିଲ୍ କେବଳ ଲୋକଟା ସ୍ଥିରହୋଇ ରହୁନାହିଁ··· ।' ହସିକରି ମୁଁ କହିଲି, 'ତାକୁ ସ୍ଥିର ହେବାକୁ ଆଦେଶ ଦେ !' ପ୍ରହରୀ ହାତ ହଲାଇ ଚିତ୍କାର କରି ଉଠିଲା, 'ହେ ଟୋକା, ରହ, ରହ ଟିକେ, ଲଟୁପରି ବୁଲିବା ବନ୍ଦ୍ କର୍ ।'

"କାଜ୍‌ବିଚ୍ ଶୁଣିବା ପାଇଁ ସ୍ଥିର ହେଲା, ସମ୍ଭବତଃ ଭାବିଥିଲା ତା ସହିତ ଆମେ କଥା କହିବାକୁ ଚାହୁଁ—କିନ୍ତୁ ଆମେ ତାହା ଚାହୁଁନାହୁଁ । ପ୍ରହରୀ ଟ୍ରିଗର୍ ଦାବିଲା··· । ଗୁଡ଼ୁମ୍ !···କିନ୍ତୁ ଗୁଳିଟା ବାଜିଲା ନାହିଁ, ପୁଣି···ପୁଣି ଯେତେବେଳେ ବାରୁଦ ଜଳି ଉଠିଲା, ଘୋଡ଼ାଟାକୁ ଚାବୁକ୍ ମାରିଲା କାଜ୍‌ବିଚ୍ ଯେଉଁଥିରେ କି ସେ ଗୋଟାଏ କଡ଼କୁ ଘୁଞ୍ଚିଯାଏ । ରେକାବ୍ ଉପରେ ଠିଆହେଲା କାଜ୍‌ବିଚ୍, ନିଜ ଭାଷାରେ ଚିତ୍କାର କରି କ'ଣ ଯେପରି କହିଲା, ପବନରେ ହଲିଲା ତା'ର ଚାବୁକ୍ ଆଉ ପଲକେ ଭିତରେ ହେଲା ଅଦୃଶ୍ୟ ।

"ପ୍ରହରୀକୁ ମୁଁ କହିଲି, 'ତୋର ଲଜ୍ଜା ହେବା ଉଚିତ୍ !'

Digitized by srujanika@gmail.com

"ଉତ୍ତରରେ ସେ କହିଲା, 'ହଜୁର୍, ସିଏ ମରିବାକୁହିଁ ଯାଇଛି । ଏଗୁଡ଼ାକ ଏପରି ଅଭିଶପ୍ତ ଜାତି ଯେ ଗୋଟିଏ ଗୁଳିରେ ଆପଣ ସ୍ବାଙ୍କୁ ମାରିପାରିବେ ନାହିଁ ।'

"ପନ୍ଦର ମିନିଟ୍ ପରେ ମେଟେଗ୍ବରିନ୍ ଫେରି ଆସିଲା । ବେଲା ତା ପାଖକୁ ଯାଇ ଦୁଇ ହାତରେ ତାର ଗଳାକୁ ଜଡ଼ାଇ ଧରିଲା । ଦୀର୍ଘ ଅନୁପସ୍ଥିତି ପାଇଁ ଟିକେହେଲେ ବି ତିରସ୍କାର, ଟିକେ ହେଲେ ବି ଅନୁଯୋଗ ସେ କଲାନାହିଁ… । ଏପରିକି, ତା ଉପରେ ମୁଁ ବି ବିଗିଡ଼ି ଗଲି । 'ମହାଶୟ', ମୁଁ କହିଲି, 'ନଦୀ ଆରପାଖରେ ଟିକେ ଆଗରୁ ଆସି ପହଞ୍ଚିଥିଲା କାଜ୍‌ବିଚ୍, ତା' ଉପରକୁ ଆମେ ଗୁଳି ଚଳାଇଥିଲୁ; ସହଜରେ ତା ସହିତ ଆପଣଙ୍କର ଦେଖା ହୋଇଯାଇ ପାରିଥାନ୍ତା ! ଏହି ପାହାଡ଼ିଆଗୁଡ଼ିକ ପ୍ରତିହିଂସା-ପରାୟଣ ଜାତି, ଆଉ ଆପଣ କ'ଣ ଜାଣନ୍ତି ନାହିଁ, ସିଏ ସନ୍ଦେହ କରିନାହିଁ ଆଜାମାତ୍‌କୁ ଆପଣ କିଛି ସାହାଯ୍ୟ କରିଥିଲେ ? ବାଜିରଖି କହିପାରେ, ବେଲାକୁ ସେ ଏଠି ଦେଖିଛି । ମୁଁ ଜାଣେ, ବର୍ଷେ ଆଗରୁ ତା' ଉପରେ ସେ ଅତ୍ୟନ୍ତ ଆକୃଷ୍ଟ ହୋଇଥିଲା । ମୋତେ ସେ ନିଜେ ସେ କଥା କହିଥିଲା । ଟିକେ ମୋଟା କାଲିମ୍ ଯୋଗାଡ଼ କରି ପାରିଥିଲେ ନିଶ୍ଚୟ ସେ ତାକୁ ବିବାହ କରିଥାନ୍ତା……।' ଗମ୍ଭୀର ହୋଇଗଲା ପେଚୋରିନ୍, କହିଲା, 'ଆମକୁ ଆହୁରି ସାବଧାନ ହେବାକୁ ପଡ଼ିବ… । ବେଲା, ଆଜିଠାରୁ ତୁମକୁ ଆଉ ଦୁର୍ଗର ପ୍ରାକାରକୁ ଯିବାପାଇଁ ହେବନାହିଁ ।'

"ସେହି ସନ୍ଧ୍ୟାରେ ବହୁ ସମୟ ଧରି ତା ସହିତ ମୋର କଥାବାର୍ତ୍ତା ହେଲା; ଅଭାଗିନୀ ଝିଅଟି ପ୍ରତି ତା' ମନୋଭାବ ବଦଳି ଯାଇଛି ଦେଖି ମୋର ଦୁଃଖ ହେଲା, କାରଣ ଅର୍ଦ୍ଧେକ ସମୟରୁ ବି ବେଶି ଶୀକାର କରିବାକୁ ଯିବା ବ୍ୟତୀତ ମଧ୍ୟ ତା' ସହିତ ସେ ଉଦାସୀନ ବ୍ୟବହାର କରି ଚାଲିଲା, ତା' ପ୍ରତି ଲେସ କ୍ବଚିତ୍ ପ୍ରୀତିପୂର୍ଣ୍ଣ ଭାବ ପ୍ରଦର୍ଶନ କରେ । ଆଖି ଆଗରେ ବେଲା ଶୁଖି ଯିବାକୁ ଲାଗିଲା, ଗାଲ ଦୁଇଟି ପଶିଗଲା, ବଡ଼-ବଡ଼ ଆଖି ଦୁଇଟି ହୋଇଆସିଲା ନିଷ୍ପ୍ରଭ । ଯେତେବେଳେ ତାକୁ ପଚାରେ 'ଦୀର୍ଘନିଃଶ୍ୱାସ ପକାଉଛୁ କାହିଁକି, ବେଲା ? ତୋର କ'ଣ ମନ ଭଲ ନାହିଁ ?' ସେ କୁହେ, 'ନା,' । 'ତୋର କିଛି ଦରକାର ?' 'ନା' । 'ତୋ ଘରଲୋକଙ୍କ

Digitized by srujanika@gmail.com

ପାଇଁ କ’ଣ ତୋ’ ମନ କଟିତ ବ୍ୟଥିତ ହେଉଛି ?’ ‘ମୋର ଆତ୍ମୀୟ, ପରଲୋକ କେହି ନାହାନ୍ତି ।’ ଦିନପରେ ଦିନ ତା’ ମୁହଁରୁ ‘ହଁ’ ବା ‘ନାହିଁ’ ଛଡ଼ା ଅଉ କିଛି ଶୁଣା ଗଲା ନାହିଁ ।

“ପେତ୍ରୋଭିଚ୍ ସହିତ ଏ ସମ୍ବନ୍ଧରେ ମୁଁ କଥାବାର୍ତ୍ତା କରିବାକୁ ଆରମ୍ଭ କଲି । ସେ କହିଲା, ‘ଶୁଣନ୍ତୁ, ମାକ୍‌ସିମ୍ ମାକ୍‌ସିମୀଚ୍ !! ମୋର ଚରିତ୍ର ଦୁର୍ଭାଗ୍ୟମଣ୍ଡିତ; ସେଥିପାଇଁ ମୋର ଶିକ୍ଷାଦୀକ୍ଷା ଦାୟୀ ନା ଭଗବାନ, ଯିଏ ମୋତେ ଏ ଧରଣର ସୃଷ୍ଟି କରିଛନ୍ତି, ସେ କଥା ମୁଁ ଜାଣେନା । ମୁଁ ଖାଲି ଏଇକଥା ଜାଣେ ଯେ, କାହା ମନରେ ମୁଁ ଯେବେ ଦୁଃଖ ଦିଏ ମୁଁ ତା ଅପେକ୍ଷା କମ୍ ଦୁଃଖ ପାଏନି ନାହିଁ । ଜାଣି, ଏ ଘଟଣାରେ ସେମାନେ ସାନ୍ତ୍ୱନା ପାଇବେ ନାହିଁ—କିନ୍ତୁ, ତଥାପି, ଘଟଣାଟା ଏଇ । ଯୌବନର ପ୍ରଥମରେ, ସେହି ସମୟରୁ, ବାପ-ମାଙ୍କ କଟକଣାରୁ ବାହାରି, ଟଙ୍କା ଦେଇ ଯେତେ ସବୁ ଆନନ୍ଦ କିଣାଯାଏ ତା’ର ଭିତରକୁ ମୁଁ ଡେଇଁ ପଡ଼ିଥିଲି, ଆଉ ସ୍ୱଭାବତଃ ହିଁ ଏଇ ସବୁ ଆନନ୍ଦରେ ମୋର ବିତୃଷ୍ଣା ଆସିଗଲା । ତା’ ପରେ ମୁଁ ସମାଜ ସହିତ ମିଶିଲି, କିନ୍ତୁ ଦେଖୁ ଦେଖୁ ସେଥିରେ ମଧ୍ୟ କ୍ଳାନ୍ତି ଅନୁଭବ କଲି । ସମାଜର ସୁନ୍ଦରୀ ଯୁବତୀଙ୍କ ପ୍ରେମରେ ମୁଁ ପଡ଼ୁଥିଲି, ସେମାନେ ମଧ୍ୟ ଭଲପାଉଥିଲେ ମୋତେ । କିନ୍ତୁ ସେମାନଙ୍କର ଭଲପାଇବା କେବଳ ମୋର ଉଚ୍ଚାଶା ଆଉ ଅହଂକାରକୁ ବଢ଼ାଇ ଦିଏ, ମୋର ହୃଦୟ ଥାଏ ଶୂନ୍ୟ ହୋଇ···। ମୁଁ ଲେଖା-ପଢ଼ା ଆରମ୍ଭ କଲି କିନ୍ତୁ ସେଥିରେ ମଧ୍ୟ କ୍ଳାନ୍ତି ଆସିଗଲା; ମୁଁ ଦେଖିଲି ଯଶ କିମ୍ବା ଆନନ୍ଦ ତା ଉପରେ ଟିକେ ହେଲେ ନିର୍ଭର କରେ ନାହିଁ, କାରଣ ସବୁଠାରୁ ସୁଖୀ ଲୋକ ହେଉଛନ୍ତି ଅଶିକ୍ଷିତ ମାନେ ଆଉ ଯଶ ନେବାକୁ ହେଉଛି କପାଳ ଜୋର୍, ତାକୁ ପାଇବାକୁ ହେଲେ କେବଳ ଧୂର୍ତ୍ତ ହେବାକୁ ହୁଏ । ସେତେବେଳେ ମୋତେ ଗତାନୁଗତିକ ବୋଧ ହେଲା······। ଅଳ୍ପଦିନ ଭିତରେ ହିଁ ମୁଁ କକେସସ୍‌କୁ ବଦଳି ହୋଇଗଲି; ଏଇଟା ହିଁ ମୋ ଜୀବନର ସବୁଠାରୁ ଆନନ୍ଦର ସମୟ । ମୁଁ ଆଶାକଲି ଚେଚେନ୍‌ମାନଙ୍କ ଗୁଳି ଭିତରେ ଗତାନୁଗତିକତା ରହିବ ନାହିଁ—କିନ୍ତୁ ତାହା ମଧ୍ୟ ନିଷ୍ଫଳ ହେଲା । ଗୋଟିଏ ମାସ ଭିତରେ ସେମାନଙ୍କ ବନ୍ଧୁକଗୋଳ ଆଉ ମୃତ୍ୟୁର ସାନ୍ନିଧ୍ୟରେ ମୁଁ ଏତେ ଅଭ୍ୟସ୍ତ ହୋଇଗଲି ଯେ, ସତ କହିବାକୁ ଗଲେ, ମଶାମାନେ ମୋତେ ସେମାନଙ୍କଠାରୁ ବେଶି ବିରକ୍ତ କରନ୍ତି—ଫଳରେ ଜୀବନ ହୋଇ

ଉଠିଲି ଆହୁରି ବୈଚିତ୍ର୍ୟହୀନ, କାରଣ ବର୍ତ୍ତମାନ ମୁଁ ମୋର ଶେଷ ଆଶା ହରାଇଲି । ଯେତେବେଳେ ବେଲାକୁ ମୁଁ ମୋ ଘରେ ଦେଖିଲି, ଯେତେବେଳେ ପ୍ରଥମ କରି ତାକୁ ମୁଁ ମୋ କୋଳରେ ଚାପିଧରି ପ୍ରଥମ ଥର ପାଇଁ ତା'ର କଳା କୁଞ୍ଚିତ କେଶଗୁଚ୍ଛକୁ ଚୁମ୍ବନ କଲି, ବୁଦ୍ଧଙ୍କ ପରି ମୋର ମନେ ହୋଇଥିଲା ଯେ ସେ ବୋଧେ ସ୍ୱର୍ଗର ଦୂତ, ଦୟାଳୁ ଭାଗ୍ୟ ତାକୁ ମୋ ପାଖକୁ ପଠାଇ ଦେଇଛି……! ପୁନର୍ବାର ମୁଁ ଭୁଲ୍ କଲି : ଅସଭ୍ୟ ନାରୀର ପ୍ରେମ ସଭ୍ୟବଂଶର ନାରୀଠାରୁ କିଛିଟା ଭଲ; କିନ୍ତୁ ଜଣକର ମୂର୍ଖତା ଆଉ ସରଳତା ଅନ୍ୟର ଛଳନା ପରି ସମାନ ଗତାନୁଗତିକ । ଯଦି ଜାଣିବାକୁ ଚାହାନ୍ତି ଶୁଣନ୍ତୁ, ଅତିକା ତାକୁ ମୁଁ ଭଲପାଏ, ତା' ପାଖରେ ମୁଁ କୃତଜ୍ଞ କେତୋଟି ଖୁବ୍ ଆନନ୍ଦିତ ମୁହୂର୍ତ୍ତ ପାଇଁ । ତା' ପାଇଁ ମୁଁ ଜୀବନ ମଧ୍ୟ ଦେଇପାରେ—ତଥାପି ତାକୁ ନେଇ ମୋର ଗୋଟାଏ କ୍ଳାନ୍ତି ଆସିଯାଉଛି……। ମୁଁ ଜାଣେନା, ମୁଁ ନିର୍ବୋଧ ନା ବଦ୍‌ମାସ୍; କିନ୍ତୁ ସତକଥାଟା ଏତିକି ଯେ, ତା' ପରି ମୁଁ ମଧ୍ୟ ଅନୁକମ୍ପାର ଯୋଗ୍ୟ, ହୁଏ ତ ବେଶି ମଧ୍ୟ : ଅଭିଜାତ ସମାଜ ମୋର ଆତ୍ମାକୁ ଦଳିଚକଟି ଦେଇଛି, ମନ ମୋର ଅସ୍ଥିର, ମୋର ହୃଦୟରେ ତୃପ୍ତି ନାହିଁ; କିଛି ବି ମୋ ପାଖରେ ଯଥେଷ୍ଟ ନୁହେଁ : ଆନନ୍ଦ ପରି ଦୁଃଖରେ ମଧ୍ୟ ମୁଁ ଶୀଘ୍ର ଅଭ୍ୟସ୍ତ ହୋଇ ପଡ଼େ । ଦିନୁଦିନ ଜୀବନ ମୋର ନିଃସ୍ୱତର ହୋଇ ଚାଲିଛି । ମୋର କେବଳ ଅବଶିଷ୍ଟ ଗୋଟିଏ ମାତ୍ର ଉପାୟ ଅଛି—ସେଇଟା ହେଉଛି ଘୂରିବୁଲିବା । ଯେତେଶୀଘ୍ର ସମ୍ଭବ ମୁଁ ବାହାରିପଡ଼ିବି—ଭଗବାନ କରନ୍ତୁ ୟୁରୋପରେ ନୁହେଁ—ଆମେରିକା, ଆରବ, ଭାରତବର୍ଷ ଆଉ ହୁଏତ ବାଟରେ କୋଉଠି ମୁଁ ମରିବି ! ଅନ୍ତତଃ ମୁଁ ନିଶ୍ଚିତ ଯେ ଝଡ଼ ଆଉ ଖରାପ ବାଟ ସାହାଯ୍ୟରେ ଏଇ ଶେଷ ଅବଲମ୍ବନଟି ଶୀଘ୍ର ମୋତେ ସାନ୍ତ୍ୱନା ଦେବ ।' ଏଇମିତି ବହୁ ସମୟ ଧରି ସେ କହିଚାଲିଲା ଆଉ ତା'ର କଥାଗୁଡ଼ିକ ମୋ ମନରେ ନେସିହୋଇଗଲା, କାରଣ ସେକଥା ମୁଁ ପ୍ରଥମେ ଶୁଣିଲି ଗୋଟିଏ ପଚିଶ ବର୍ଷର ପୁରୁଷ ପାଖରୁ । ଭଗବାନଙ୍କ ପାଖରେ ଆଶାକରେ ସେଇ ଯେପରି ଶେଷଥର ପାଇଁ ହୁଏ···। ଆଶ୍ଚର୍ଯ୍ୟ !

'ସମ୍ଭବତଃ ନିକଟରେ ଆପଣ ରାଜଧାନୀକୁ ଯାଇଥିଲେ, ହୁଏତ ଆପଣ ମୋତେ କହିପାରିବେ', କ୍ୟାପ୍‌ଟେନ୍ ମୋତେ ଉଦ୍ଦେଶୀ କରି କହିଚାଲିଲେ, ସେଠାକାର ଯୁବକ ସମସ୍ତେ ଏଇ ଧରଣର କି ନା !"

Digitized by srujanika@gmail.com

ଉତ୍ତରରେ କହିଲି, ସେଠାରେ ଅନେକ ଏଇପରି କହିଥାନ୍ତି, ଖୁବ୍ ସମ୍ଭବ ସେମାନେ ସତକଥା କୁହନ୍ତି; କହିଲି, ମୋଟ ଉପରେ ସମାଜର ଉପର ସ୍ତରର ଅନ୍ୟାନ୍ୟ ଫେଶନ୍ ସବୁ ମୋହମୁକ୍ତ ଆରମ୍ଭ ହେବା ଫଳରେ ସେଇଟା ନିମ୍ନସ୍ତରକୁ ଓହ୍ଲାଇ ଆସିଛି । ସେଇଟା ତାକୁ ଜୀର୍ଣ୍ଣ କରି ପକାଇଛି । ବର୍ତ୍ତମାନ, ଯେଉଁମାନେ ବାସ୍ତବିକ ସବୁଠାରୁ ବେଶି ବୈଚିତ୍ର୍ୟହୀନତାରେ କ୍ଳାନ୍ତ, ସେଇଟାକୁ ସେମାନେ ପ୍ରକାଶ ନକରିବାକୁ ଏପରି ପ୍ରାଣପଣେ ଚେଷ୍ଟା କରନ୍ତି ଯେ, ମନେହୁଏ, ସେଇଟା ପାପବିଶେଷ ! କ୍ୟାପ୍‌ଟେନ୍ ଏଇ ସୂକ୍ଷ୍ମତା ବୁଝିପାରିଲେ ନାହିଁ । ସେ ମୁଣ୍ଡ ହଲାଇ ଧୂର୍ତ୍ତ ହସ ହସିଲେ ।

“ମନେହୁଏ ପ୍ରଥମେ ଫରାସୀମାନେହିଁ ବୈଚିତ୍ର୍ୟହୀନ ଫେସନ୍ ସୃଷ୍ଟି କରିଥିଲେ ?”

“ନା, ଇଂରେଜ୍‌ମାନେ !”

“ଓ ! ସେଇଆ ବୋଧେ !!” ସେ ଉତ୍ତର ଦେଲେ । “ସେମାନେ ଅବଶ୍ୟ ସବୁ ସମୟରେହିଁ ନିର୍ଘାତ୍ ମାତାଲ୍‌ର ଜାତି !”

ଅନିଚ୍ଛା ସତ୍ତ୍ୱେ ବି ମନେ ପଡ଼ିଗଲା ମସ୍କୋର ଗୋଟିଏ ମହିଳାଙ୍କ କଥା, ଯିଏ କହିଥିଲେ ବାଇରନ୍ ମାତାଲ ଛଡ଼ା ଆଉ କିଛି ନୁହନ୍ତି । କ୍ୟାପ୍‌ଟେନ୍‌ଙ୍କ ଉକ୍ତି ଅବଶ୍ୟ ବେଶି କ୍ଷମାର ଯୋଗ୍ୟ, କାରଣ ନିଜେ ମଦ୍ୟପାନ କରୁନଥିବାରୁ ସ୍ୱଭାବତଃହିଁ ନିଜକୁ ସେ ବିଶ୍ୱାସ କରାଇବାକୁ ଚାହାନ୍ତି ଯେ, ପୃଥିବୀର ଯାବତୀୟ ଅନର୍ଥର କାରଣ ହେଲା ଅତିମାତ୍ରାରେ ମଦ ପିଇବା ।

ପୁଣି ସେ କାହାଣୀଟି କହିଚାଲିଲେ ଏଇପରି ଭାବରେ !

“କାଜ୍‌ବିଚ୍ ଆଉ ଆସିନାହିଁ, ତଥାପି କେଉଁ ଏକ ଅଜଣା କାରଣରେ, ମନରୁ ମୁଁ ଏଇ ଧାରଣାଟାକୁ ଝାଡ଼ି ଫୋପାଡ଼ି ଦେଇପାରିଲି ନାହିଁ ଯେ ତା'ର ଆସିବାଟା ନିରର୍ଥକ ନୁହେ ଏବଂ ସେ ଗୋଟାଏ ମନ୍ଦ ମତଲବରେ ଅଛି !

“ଥରେ ପେଚୋରିନ୍ ମୋତେ ରାଜି କରାଇଲା ତା ସହିତ ବାରହା ଶିକାର କରି ଯିବାପାଇଁ । ମୁଁ ଯିବାକୁ ଚାହୁଁନାହିଁ, କାରଣ ମୋ ପାଖରେ ଆଉ ବାରହାର ଅର୍ଥ କ'ଣ ? ଶେଷପର୍ଯ୍ୟନ୍ତ କିନ୍ତୁ ସେ ତା ସହିତ

Digitized by srujanika@gmail.com

ମୋତେ ଯିବାକୁ ବାଧ୍ୟ କଲା । ଖୁବ୍ ସକାଳୁ ଆମେ ବାହାରି ପଡ଼ିଲୁ, ସାଙ୍ଗରେ ନେଲୁ ପାଞ୍ଚଜଣ ସୈନିକଙ୍କୁ । ଦଶଟା ପର୍ଯ୍ୟନ୍ତ ଆମେ କଣ୍ଟାବାଇଁଶି ବୁଦା ଆଉ ଜଙ୍ଗଲ ବାଡ଼ଆବାଡ଼ କରି ଚାଲିଲୁ, କିନ୍ତୁ ଗୋଟିଏ ହେଲେ ବି ଜନ୍ତୁର ଦର୍ଶନ ମିଳିଲା ନାହିଁ । 'ଫେରିଲେ ଭଲ ହୁଅନ୍ତା ନାହିଁ ?' ମୁଁ କହିଲି । 'ଏକ୍‌ଜିଦିଆ ହୋଇ ଲାଭ କ'ଣ ? ଆପଣ ତ ନିଜେହିଁ ଦେଖିବାକୁ ପାଉଛନ୍ତି ଘଟଣା ନିଷ୍ଫଳ ।' କିନ୍ତୁ ପେଷ୍ଟେରିନ୍ ଗରମ ଏବଂ କ୍ଳାନ୍ତ ସତ୍ତ୍ୱେ ମଧ୍ୟ ଖାଲିହାତରେ ଫେରିବାକୁ ଚାହିଁଲା ନାହିଁ । ତା'ର ସ୍ୱଭାବଟାହିଁ ଏଇ ଧରଣର । କୌଣସି ଜିନିଷ ଉପରେ ଜିଦ୍ ହେଲେ ତାକୁ ସେଇଟାକୁ ପାଇବାକୁହିଁ ହେବ । ଅବଶେଷରେ ପ୍ରାୟ ଦ'ପହର ବେଳକୁ ଆମେ ଗୋଟିଏ ଅଭିଶପ୍ତ ବାର୍‌ହା ଦେଖିବାକୁ ପାଇଲୁ !······ଗୁଡ଼୍ମ୍ ! ଗୁଡ଼୍ମ୍ !! ···କିନ୍ତୁ ନା ! ଜନ୍ତୁଟା କଣ୍ଟାବାଇଁଶି ବୁଦା ଭିତରେ ପଶିଗଲା···। ହଁ, ବାସ୍ତବିକ ଘଟଣା ଆମର ଅମଙ୍ଗଳ ଥିଲା !······ଟିକେ ବିଶ୍ରାମ ନେଇ ଆମେ ଘରମୁହାଁ ହେଲୁ ।

"ଘୋଡ଼ାରେ ଚଢ଼ି ପାଖାପାଖି ହୋଇ ଆମେ ଚାଲିଲୁ, ଚୁପ୍‌ଚାପ୍, ଲଗାମ୍ ଗୁଡ଼ିକ ଢ଼ିଲା । ପ୍ରାୟ ଦୁର୍ଗପର୍ଯ୍ୟନ୍ତ ଯାଇ ପହଞ୍ଚିଛୁ, ଯଦିଓ ଜଙ୍ଗଲ ଭିତରୁ ଆମେ ସେଇଟିକୁ ଦେଖିବାକୁ ପାଉନଥିଲୁ, ଏତିକିବେଳେ ବନ୍ଧୁକର ଗୋଟାଏ ଆବାଜ୍ ହେଲା··· । ପରସ୍ପର ଆଡ଼କୁ ଆମେ ଚାହାଁଚାହିଁ ହେଲୁ ! ଏକପ୍ରକାର ସନ୍ଦେହ ଆମ ମନରେ ବିଦ୍ୟୁତ୍‌ପରି ଝଲସି ଉଠିଲା । ଶବ୍ଦ ଆଡ଼କୁ ଅତିଶୀଘ୍ର ଘୋଡ଼ା ଝପଟାଇ ଯାଇ ଆମେ ଦେଖିଲୁ ଦଳେ ସୈନ୍ୟ ଦୁର୍ଗର ପ୍ରାକାର ଉପରେ ଗୋଟିଏ ଜାଗାରେ ଏକଜିତ ହୋଇ ପଡ଼ିଆ ଆଡ଼କୁ ଅଙ୍ଗୁଳି ସଙ୍କେତ କରି ଦେଖାଉଛନ୍ତି— ପଡ଼ିଆରେ ଛୁଟିଚି ଗୋଟାଏ ଘୋଡ଼୍‌ସବାର ଉଠିପଡ଼ି । ତା' ଜିନ୍‌ରେ ଧଳା ଦେଖାଯାଉଛି ଗୋଟାଏ କ'ଣ ? ପେଷ୍ଟେରିନ୍ ଚେଚେନ୍ୟୁମାନଙ୍କ ପରି ଚିତ୍କାର କରି, ଖୋଲରୁ ବନ୍ଧୁକଟି ବାହାର କଲା ସନ୍ଧାନ କରି ଛୁଟିଲା, ମୁଁ ବି ଛୁଟିଲି ତା ପଛେ ପଛେ ।

"ସୌଭାଗ୍ୟକ୍ରମେ, ଶୀକାରରେ ଆମ କପାଳ ମନ୍ଦ ଥିବାରୁ ଆମ ଘୋଡ଼ାମାନେ କ୍ଳାନ୍ତ ହୋଇନାହାନ୍ତି, ସେମାନେ ପ୍ରାଣପଣେ ଦୌଡ଼ିବାକୁ ଲାଗିଲେ ଆଉ ଦ୍ରୁତ ମୁହୂର୍ତ୍ତରେ ଆମେ ଆମ ଶୀକାରର ନିକଟତର

Digitized by srujanika@gmail.com

ହେଲୁ··· । ଶେଷପର୍ଯ୍ୟନ୍ତ ଆମେ କାଜବର୍‌କୁ ଚିହ୍ନିପାରିଲୁ । ଯଦିଓ ବୁଝିପାରିଲୁ ନାହିଁ ଆଗରେ କ'ଣ ସେ ଧରିଛି ! ପେରେଗ୍ରିନ୍‌ର ପାଖାପାଖି ହୋଇ ମୁଁ ଚିତ୍କାର କଲି, 'ସ୍ନେକଟା କାଜ୍‌ବର୍ ।' ସେ ମୋ ଆଡ଼କୁ ଅନାଇ, ମୁଣ୍ଡ ହଲାଇ ଘୋଡ଼ାଟାକୁ ସ୍ପର୍‌କ୍ ମାରିଲା ।

"ଅବଶେଷରେ କାଜ୍‌ବର୍‌କୁ ଆମେ ଆମ ବନ୍ଧୁକର ରେଞ୍ଜ୍ ଭିତରେ ପାଇଲୁ । ତା'ର ଘୋଡ଼ାଟା କ୍ଲାନ୍ତ ହୋଇପାଇଥିଲା, ସେଇଟା ଆମ ଘୋଡ଼ାଠୁଁ ନିରସା ଥିଲା କି ନାହିଁ ଜାଣେନା । ସିଏ କିନ୍ତୁ ଜନ୍ତୁଟାକୁ ଜୋର୍‌ରେ ଦୌଡ଼ାଇ ପାରୁ ନଥିଲା, ଯଦିଓ ସେ ପ୍ରାଣପଣେ ଚେଷ୍ଟା କରୁଥିଲା । ମୋର ଦୃଢ଼ ବିଶ୍ବାସ, ସେଇ ମୁହୂର୍ତ୍ତରେ ତା'ର ମନେ ପଡ଼ୁଥିଲା କାବ୍‌ଗିଓନ୍‌ର କଥା··· ।

"ଆଗକୁ ଝୁଙ୍କି ଦେଖେ ପେରେଗ୍ରିନ୍ ଘୋଡ଼ାରେ ବସି ଦୌଡ଼ୁ-ଦୌଡ଼ୁ ବନ୍ଧୁକର ଟ୍ରିଗାର୍ ଉପରେ ଆଙ୍ଗୁଠି ଥୋଉଛି । 'ଗୁଳି କରିବ-ନାହିଁ !' ମୁଁ ଚିତ୍କାର କରି କହିଲି । 'ଘୋଡ଼ାଟାକୁ ନଷ୍ଟ କରନା, ରହିଲ ଆମେ ତାକୁ ଅକ୍ତିଆର କରିନେବା ।' କିନ୍ତୁ ଯୌବନ ଏଇପରି ଗୋଟାଏ ବସ୍ତୁ ! ଭୁଲ୍ ସମୟରେ ସବୁବେଳେ ମୁଣ୍ଡ ଗରମ କରିପକାଏ··· ।

"ଗୁଳିର ଆବାଜ୍ ଶୁଣାଗଲା ଆଉ ବୁଲେଟ୍‌ଟା ଘୋଡ଼ା ପଛ ଗୋଡ଼କୁ ଜଖମ କଲା; ଜନ୍ତୁଟା ବାରଥର ଖଣ୍ଡେ କୁଦାମାରି ଆଣ୍ଠୁମାଡ଼ି ତଳେ ପଡ଼ିଲା । ଜିନ୍‌ରୁ ଡିଆଁ ମାରି ଓହ୍ଲାଇଲା କାଜ୍‌ବର୍, ଯେତେବେଳେ ଆମେ ତା ହାତରେ ଦେଖିବାକୁ ପାଇଲୁ ଓଢ଼ଣାଢ଼ଙ୍କା ବନ୍ଧା ହୋଇଥିବା ଗୋଟିଏ ଯୁବତୀ । ଯୁବତୀଟି ହେଲା ବେଲା···ଆହା, ବିଚାରି !···ନିଜ ଭାଷାରେ କାଜ୍‌ବର୍ ଆମ ଉଦ୍ଦେଶ୍ୟରେ କ'ଣ ଯେପରି କହି ଚିତ୍କାର କରି ଉଠିଲା ଆଉ ତା ଛୁରୀଟାକୁ ବେଲା ଉପରେ ଉଠାଇ ଧରିଲା ।

"ନଷ୍ଟ କରିବା ପରି ସମୟ ଆଉ ନାହିଁ, ମୁଁ ବି ଆଖିବୁଜି ଗୁଳି ଚଳାଇଲି । ମୋର ଗୁଳି ହୁଏତ ତା କାନ୍ଧରେ ବିଦ୍ଧ ହୋଇଥିଲା, କାରଣ ହଠାତ୍ ତା ହାତଟା ଝୁଲି ପଡ଼ିଲା··· । ଧୂଆଁ ଯେତେବେଳେ ପରିଷ୍କାର ହୋଇଗଲା, ଦେଖିଲି, ଆହତ ଘୋଡ଼ାଟା ମାଟିରେ ପଡ଼ିରହିଛି ଆଉ ଠିକ୍ ତା' ପାଖକୁ ଲାଗି ବେଲା; ଏଆଡ଼େ କାଜ୍‌ବର୍ ତା ବନ୍ଧୁକଟାକୁ

Digitized by srujanika@gmail.com



Digitized by srujanika@gmail.com

ଫୋପାଡ଼ିଦେଇ ବଣବୁଦା ଭିତରେ ଯାଇ ଗୋଟାଏ ସିଧା ପାହାଡ଼ ଦେହରେ ଘେଣ୍ଟେଇ ଘେଣ୍ଟେଇ ଉପରକୁ ଉଠୁଛି । ମୁଁ ତାକୁ ଖସାଇ ପକାଇବାକୁ ଚାହୁଁଥିଲି, କିନ୍ତୁ ବର୍ତ୍ତମାନ ବନ୍ଧୁକଟାରେ ଗୁଳି ନାହିଁ ! ଓହ୍ଲାଇ ପଡ଼ି ଆମେ ଦୌଡ଼ିଲୁ ବେଲ୍ ପାଖକୁ । ବିଚରା ସ୍ଥିରହୋଇ ପଡ଼ିରହିଛି, ଅବିଶ୍ରାନ୍ତ ରକ୍ତ ଝରୁଛି ତା' କ୍ଷତସ୍ଥାନରୁ...... । କି ଶଇତାନ୍ ! ଛାତିରେ ଛୁରୀ ବସାଇଥିଲେ ମୁହୂର୍ତ୍ତକ ଭିତରେ ସବୁକିଛି ଶେଷହୋଇ ଯାଇଥାନ୍ତା, କିନ୍ତୁ ଏପରି ଜଘନ୍ୟତମ ଭାବରେ ପିଠିରେ ଛୁରାମାଡ଼ ! ଚେତା ନ ଥିଲା ବେଲର । ଓଢ଼ଣାଟାକୁ ଖଣ୍ଡଖଣ୍ଡ କରି ଚିରି ଆମେ ପଟି ବାନ୍ଧିଲୁ । ମିଛଟାରେ ଫେରେଞ୍ଚନ୍ ତା ହେମାଳ ଓଠକୁ ଚୁମ୍ବନ କରିବାକୁ ଲାଗିଲା, କୌଣସିଥିରେ ତା'ର ଚେତା ଫେରାଇ ହେଲାନାହିଁ ।

"ଫେରେଞ୍ଚନ୍ ତା' ଘୋଡ଼ାରେ ଚଢ଼ିଲା । ତଳୁ ତାକୁ ଟେକିଦେଲି, କୌଣସି ରକମରେ ତା' ସାମ୍ନାରେ ଜିନ୍ ଉପରେ ଥୋଇଲି ବେଲ୍କୁ । ହାତରେ ସେ ତାକୁ ଜଡ଼ାଇ ଧରିଲା । ଆମେ ଫେରି ଚାଲିଲୁ । କେତେମିନିଟ୍ ଚୁପ୍ଚାପ୍ ରହିବା ପରେ ଫେରେଞ୍ଚନ୍ କହିଲା, 'ଶୁଣନ୍ତୁ ମାକ୍ସିମ୍ ମାକ୍ସିମିଚ୍ ! ଏମିତି ଚାଲିଲେ କେବେହେଲେ ଆମେ ଏହାକୁ ଜୀବିତ ଅବସ୍ଥାରେ ନେଇ ଘରେ ପହଞ୍ଚି ପାରିବୁ ନାହିଁ ।'

" 'ଠିକ୍ କହୁଛନ୍ତି', ମୁଁ କହିଲି, ଆଉ ସବୁଠାରୁ ଜୋର୍ରେ ଘୋଡ଼ା ଛୁଟାଇଲୁ । ଦୁର୍ଗ ଫାଟକରେ ଆମପାଇଁ ଲୋକେ ଭିଡ଼ ଜମାଇ ଅପେକ୍ଷା କରିଥିଲେ । ସାବଧାନତାର ସହିତ ଆମେ ଆହତ ବେଲ୍କୁ ଫେରେଞ୍ଚିନ୍ର ଘରକୁ ନେଇଯାଇ ଡାକ୍ତରଙ୍କୁ ଡାକିପଠାଇଲୁ । ଯଦିଓ ଡାକ୍ତର ମାତାଲ୍ ଅବସ୍ଥାରେ ଥିଲେ, ତଥାପି ଆମ ଅନୁରୋଧରେ ଆସି ହାଜର୍ ହେଲେ ଆଉ କ୍ଷତସ୍ଥାନ ପରୀକ୍ଷାକରି କହିଲେ ଯେ ବେଲ୍ ଦିନକରୁ ବେଶୀ ବଞ୍ଚିବ ନାହିଁ, କିନ୍ତୁ ଡାକ୍ତର ଭୁଲ୍ କଥା କହିଥିଲେ......"

"ସିଏ ତାହେଲେ ବଞ୍ଚିଲା ?" କ୍ୟାପ୍ଟେନ୍ଙ୍କ ହାତକୁ ଧରି ମୁଁ ପଚାରିଲି, ନିଜ ଇଚ୍ଛା ବିରୁଦ୍ଧରେ ମଧ୍ୟ ମୁଁ ଆନନ୍ଦିତ ହେଲି ।

"ନା" ସେ ଉତ୍ତରରେ କହିଲେ, "ଡାକ୍ତରଙ୍କର ଖାଲି ଏତିକିକ ଭୁଲ୍ ହୋଇଗଲା—ବେଲ୍ ଆହୁରି ଦୁଇଦିନ ଅଧିକା ବଞ୍ଚିଥିଲା ।"

"କିନ୍ତୁ କହନ୍ତୁ, କାଜ୍ବିଚ୍ କିମିତି ବେଲ୍କୁ ଚୋରିକରି ପାରିଲା ?"

Digitized by srujanika@gmail.com

"ଏଇମିତ : ପେଟ୍ରୋଭିଚ୍ ଆଦେଶକୁ ଅମାନ୍ୟ କରି ସେ ଦୁର୍ଗ ଛାଡ଼ି ନଦୀକୁ ଯାଇଥିଲା । ପଡ଼ୁଥିଲା ଗରମ । ପାଣିରେ ଗୋଡ଼ ଲମ୍ବାଇ ଗୋଟାଏ ପଥର ଉପରେ ସେ ବସିଥିଲା । କାଜ୍‌ବିଚ୍ ପାଦ ଚପିଚପି ଆସି ତାକୁ ଧରି ତା ମୁହଁକୁ ବାନ୍ଧିପକାଇ ଗୋଟାଏ ବୁଦା ଭିତରକୁ ତାକୁ ଟାଣି ନେଇଯାଇ, କୁଦାମାରି ଘୋଡ଼ା ଉପରକୁ ଉଠି ପଳାଇଥିଲା ! କୌଣସି ରକମ ଚିତ୍କାର କରିବାକୁ ସମର୍ଥ ହୋଇଥିଲା ବେଲା, ପ୍ରହରୀମାନେ ହଟ୍ଟଗୋଳ କରି ଉଠି ଗୁଳି ଚଳାଇଥିଲେ କିନ୍ତୁ ସେମାନେ ଲକ୍ଷ୍ୟଭ୍ରଷ୍ଟ ହେଲେ । ଠିକ୍ ସେତିକିବେଳେ ଆମେ ପହଞ୍ଚିଲୁ ।"

"କାଜ୍‌ବିଚ୍ ବେଲାକୁ ନେଇ ପଳାଇ ଯାଉଥିଲା କାହିଁକି ?"

"ସମସ୍ତେ ଜାଣନ୍ତି, ଏଇ ଚେର୍‌କେଶୀୟ ଗୁଡ଼ାକ ଚୋରଙ୍କ ଜାତି । ଯାହାକିଛି ଅରକ୍ଷିତ ଭାବରେ ପଡ଼ିଥିଲେ ତାକୁ ନେବାପାଇଁ ସେମାନଙ୍କ ପାଟିରୁ ନାଳ ଗଡ଼େ; ସେମାନଙ୍କର ସେଇଟା ଦରକାର ଥାଉ ବା ନଥାଉ ଚୋରି କରନ୍ତି—ଚୋରି ନକରି ସେମାନେ ରହିପାରିବେ ନାହିଁ । ତା'ଛଡ଼ା ବହୁଦିନରୁ ବେଲା ଉପରେ ତା'ର ନଜର ଥିଲା ।"

"ଆଉ ସେ ମରିଗଲା ?"

"ହଁ, କିନ୍ତୁ ଭାରି କଷ୍ଟ ପାଇଥିଲା, ଆଉ ଆମେ ବି ତା'ପାଖରେ ବସିବସି କ୍ଳାନ୍ତ ହୋଇଯାଇଥିଲୁ । ରାତି ପ୍ରାୟ ଦଶଟାବେଳେ ତାର ଜ୍ଞାନ ଫେରି ଆସିଲା; ତା ବିଛଣା ପାଖରେ ଆମେ ବସିଥିଲୁ । ଆଖି ମେଲିବା ସଙ୍ଗେ ସଙ୍ଗେ ସେ ପେଟ୍ରୋଭିଚ୍‌କୁ ଡାକିଲା । 'ମୁଁ ଏଇଠି, ତୁମରି ପାଖରେ, ମୋର ଜାନେଚକା',' ତା ହାତଟାକୁ ଉଠାଇ ନେଇ ସେ ଉତ୍ତର ଦେଲା । ବେଲା କହିଲା, 'ମୁଁ ମରିଯିବି ।' ଆମେ ତାକୁ ସାନ୍ତ୍ୱନା ଦେବାକୁ ଲାଗିଲୁ, କହିଲୁ, ଡାକ୍ତର କହିଛନ୍ତି ନିଶ୍ଚୟ ତାକୁ ଭଲ କରିଦେବେ ! ସିଏ କିନ୍ତୁ ମୁଣ୍ଡ ହଲାଇ କାନ୍ଥ ଆଡ଼କୁ ଅନାଇଲା : ସିଏ ମରିବାକୁ ଚାହେଁନା !...

"ରାତିରେ ସେ ଭୁଲ୍ କରିବାକୁ ଆରମ୍ଭ କଲା । ତା ମୁଣ୍ଡଟା ଯେପରି ପୋଡ଼ି ଯାଉଥିଲା ଆଉ ରହିରହି ଜ୍ୱରରେ କମ୍ପୁଥିଲା ସେ । ସେତେବେଳେ ସେ ତା'ର ବାପା ଆଉ ଭାଇମାନଙ୍କ କଥା ମନେପକାଇ

'ଜାନେଚକା—ଅର୍ଥାତ୍, ରୁଷ୍‌ଭାଷାରେ 'ପ୍ରିୟା' ।

Digitized by srujanika@gmail.com

କ'ଣ କହୁଥିଲା; ସେ ଚାହୁଁଥିଲା ତା'ର ଘରକୁ ଫେରିଯିବାକୁ । ତା'ପରେ ମେଗ୍ରେଟନ୍ ସମ୍ବନ୍ଧରେ ମଧ୍ୟ ସେ କହିଲା, ନାନା ପ୍ରିୟ ନାମରେ ସେ ତାକୁ ଡାକିଲା କମ୍ପା ତିରସ୍କାର କଲା ବର୍ତ୍ତମାନ ସିଏ ତାକୁ ଭଲ ପାଉନାହିଁ ବୋଲି ।···

"ହାତ ଉପରେ ମୁଣ୍ଡରଖି ନିଃଶବ୍ଦରେ ସେ ଶୁଣିଗଲି । କିନ୍ତୁ ଏହି ସମସ୍ତ ଭିତରେ ତା ଆଖି-ପଲ୍ଲବରେ ବୁନ୍ଦାଏ ଲୁହ ବି ଦେଖିବାକୁ ପାଇଲି ନାହିଁ ମୁଁ; ଜାଣେନା ସେ ବସ୍ତୁତଃ କାନ୍ଦ ପାରୁଥାନ୍ତା ନା ନିଜକୁ ଲୁଚି ରଖିଥିଲା ? ମୋ କଥା କହିପାରେ, ଏପରି ମର୍ମାନ୍ତକ କାନ୍ଦ ମୁଁ କେବେହେଲେ ଦେଖିନାହିଁ ।

"ସକାଳ ଆଡ଼କୁ ଆଜେବାଜେ କଥା କହିବା ତା'ର ବନ୍ଦ ହେଲା, ପ୍ରାୟ ଘଣ୍ଟାଏ କାଳ ସେ ସ୍ଥିରହୋଇ ପଡ଼ିରହିଲା ! ସେ ଏତେ ମ୍ଳାନ ଆଉ ଦୁର୍ବଳ ହୋଇ ପଡ଼ିଥିଲା ଯେ, ତା'ର ନିଃଶ୍ୱାସ ପ୍ରାୟ ଜଣା ପଡୁନଥିଲା । ଟିକେ ପରେ ସେ ସ୍ୱସ୍ଥତା ଅନୁଭବକରି ପୁଣି କଥାବାର୍ତ୍ତା କରିବାକୁ ଆରମ୍ଭ କଲା । କିନ୍ତୁ ଭାବିପାରିବେ, ସିଏ କ'ଣ କହୁଥିଲା ? ସେ ସବୁ ଚିନ୍ତା ଯେଉଁମାନେ ମରିବାକୁ ବସିଛନ୍ତି କେବଳ ସେଇମାନଙ୍କ ମୁଣ୍ଡରେ ଡୁକିପାରେ !···ସିଏ ଖ୍ରୀଷ୍ଟିଆନ୍ ନୁହେଁବୋଲି ଦୁଃଖ କରୁଥିଲା ଆଉ କହୁଥିଲା, ଅନ୍ୟ ଜଗତରେ ତା'ର ଆତ୍ମା କେବେହେଲେ ମେଗ୍ରେଟନ୍ ସହିତ ମିଳିତ ହୋଇ ପାରିବ ନାହିଁ, କହୁଥିଲା, ସ୍ୱର୍ଗରେ ଅନ୍ୟ କୌଣସି ଝିଅ ତା'ର ଆତ୍ମାର ସଙ୍ଗୀ ହେବ । ମୋର ମନେହେଲା ମୃତ୍ୟୁ ପୂର୍ବରୁ ତାକୁ ହୁଏତ ଖ୍ରୀଷ୍ଟିଅନ୍ ଧର୍ମରେ ଦୀକ୍ଷିତ କରିବା ଉଚିତ. କିନ୍ତୁ ସେକଥା ଯେତେବେଳେ କହିଲି ବହୁ ସମୟଧରି ଦ୍ୱିଧାଗ୍ରସ୍ତ ଅବସ୍ଥାରେ ମୋ ଆଡ଼କୁ ସେ ଅନାଇ ରହିଲା, ପଦେ କଥାବି କହିପାରିଲା ନାହିଁ । ଶେଷରେ କହିଲା, ଯେଉଁ ଧର୍ମରେ ସେ ଜନ୍ମ ହୋଇଛି ସେହି ଧର୍ମରେହିଁ ସେ ମରିବ ! ତା'ର ମଳିନ ଗାଲ ଦୁଇଟି ପଶିଯାଇଛି, କ୍ରମଶଃ ତାର ଆଖି ଦୁଇଟି ଯେପରି ବଡ଼ ହୋଇଉଠୁଛି ଆଉ ତା'ର ଓଠ ଦୁଇଟି ପୋଡ଼ିଯାଉଛି । ତା ଜ୍ୱରର ଉତ୍ତାପ ଯେପରି ଗରମ ପ୍ଳୀହ ଦଣ୍ଡପର ତା ବୁକୁରେ ଲୁଚିହୋଇ ଯାଉଥିଲା !

"ଆସିଲା ବିଭତ୍ସ ରାତି । ଆଖିର ପଲକ ନପକାଇ ଆମେ ବସିରହିଲୁ ତା ବିଛଣା ପାଖରେ । ଭାରି କଷ୍ଟ ପାଉଥିଲା ସେ, ଅର୍ତ୍ତନାଦ

Digitized by srujanika@gmail.com

କରୁଥିଲା । କିନ୍ତୁ ଟିକେ ସୁସ୍ଥବୋଧ କଲାମାତ୍ରେ ପେରେଗ୍ରିନ୍‌କୁ ସେ ଆଶ୍ୱାସ ଦେଉଥିଲା ଭଲ ବୋଧ କରୁଛି ବୋଲି, ତାକୁ କହୁଥିଲା ଶୋଇବାକୁ, ତା ହାତକୁ ଚୁମ୍ବନ କରୁଥିଲା । ଭୋର୍ ହେବାର ଠିକ୍ ଆଗରୁହିଁ ମୃତ୍ୟୁ-ଯନ୍ତ୍ରଣା ଅନୁଭବ କରିବାକୁ ଆରମ୍ଭ କଲା ବେଲା । ଖୋଲି ଫୋପାଡ଼ି ଦେଲା ବ୍ୟାଣ୍ଡେଜ୍, ଫଳରେ ପୁଣି ରକ୍ତ ଛୁଟିଲା । କ୍ଷତସ୍ଥାନକୁ ବାନ୍ଧି ଦେବାପରେ ମୁହୂର୍ତ୍ତକ ପାଇଁ ସେ ନୀରବ ହେଲା ଆଉ ପେରେଗ୍ରିନ୍‌କୁ କହିଲା ତାକୁ ଚୁମା ଦେବାପାଇଁ । ବିଛଣା ପାଖରେ ନତଜାନୁ ହୋଇ ବସି, ତକିଆ ଉପରୁ ମୁଣ୍ଡଟିକୁ ଉଠାଇ ନେଇ ପେରେଗ୍ରିନ୍ ତାର ଓଠକୁ ବେଲାର ଶୀତଳ ହୋଇ ଆସୁଥିବା ଓଠ ଉପରେ ଚାପି ଧରିଲା । ବେଲା ତା'ର କମ୍ପମାନ ହାତଦେଇ ଜୋର୍‌ରେ ଜଡ଼ାଇ ଧରିଲା ପେରେଗ୍ରିନ୍‌ର ଗଳାକୁ, ଯେପରି ଏଇ ଚୁମ୍ବନ ଦ୍ୱାରା ନିଜର ଆତ୍ମା ତାକୁ ସେ ଦେଇ ଦେବାକୁ ଚାହେଁ··· ! ହଁ, ଭଲ ହୋଇଥିଲା ତା'ର ମରିଯିବାଟା ! ପେରେଗ୍ରିନ୍ ତାକୁ ଯଦି ଛାଡ଼ି ଚାଲିଯାଇଥାନ୍ତା କ'ଣ ହୋଇଥାନ୍ତା ତା'ର ତାହେଲେ ? ଆଉ·· ଦିନେ ନା ଦିନେ ତାହା ନିଶ୍ଚୟ ଘଟିଥାନ୍ତା···

"ତହିଁ ଆରଦିନର ପ୍ରଥମ ଅର୍ଦ୍ଧେକଟି ସେ ଥିଲା ଶାନ୍ତ । ଆମର ଡାକ୍ତରଟି ଔଷଧ ଦେଇ ତାକୁ ଆହୁରି ଯନ୍ତ୍ରଣା ଦେବାସତ୍ତ୍ୱେ ମଧ୍ୟ ସେ ଶାନ୍ତ ଆଉ ବାଧ୍ୟ ଥିଲା । ମୁଁ ଆପତ୍ତିକରି କହିଥିଲି, 'ଶୁଣନ୍ତୁ ଆଜ୍ଞା ! ଆପଣ ତ ନିଜେ କହୁଛନ୍ତି ସିଏ ବଞ୍ଚିବ ନାହିଁ, ତାହେଲେ ଆପଣଙ୍କର ଏ ସବୁ ଔଷଧ-ପତ୍ରର ଦରକାର କ'ଣ ?'

'ହେଲେବି ଚେଷ୍ଟାକରି ଯିବାକୁ ହେବ', ସେ ଉତ୍ତର ଦେଲେ, 'ଯେଉଁଥିରେ ମୋ ବିବେକ ଶାନ୍ତି ପାଇବ' । ବିବେକ—ବାସ୍ତବିକ !

" 'ଅପରାହ୍ନରେ ସେ ତୃଷାରେ ଯନ୍ତ୍ରଣା ଅନୁଭବ କଲା । ଝରକା-ଗୁଡ଼ିକ ଆମେ ଖୋଲିଦେଲୁ, କିନ୍ତୁ ବାହାରଟା ଘରଠାରୁ ବି ଗରମ । ତା' ବିଛଣା ପାଖରେ ବରଫ ରଖାହେଲା, କିନ୍ତୁ କୋଉଥିରେ ବି କିଛି ହେଲାନାହିଁ । ମୁଁ ଜାଣେ, ଏଇ ଅସହ୍ୟ ତୃଷା ହେଉଛି ଆସନ୍ନ ମୃତ୍ୟୁର ସଙ୍କେତ । ପେରେଗ୍ରିନ୍‌କୁ ସେକଥା କହିଲି । 'ପାଣି, ପାଣି' ବିଛଣାରୁ ମୁଣ୍ଡ ଉଠାଇ ଭଗ୍ନ ସ୍ୱରରେ ବାରମ୍ବାର କହିବାକୁ ଲାଗିଲା ବେଲା ।

"କାଗଜପରି ଧଳା ହୋଇଯାଇ ସିଏ ଗୋଟିଏ ଗିଲାସରେ ଗିଲାସେ ପାଣି ନେଇ ତାକୁ ଦେଲା । ହାତରେ ନିଜ ଆଖି ଦୁଇଟିକୁ ବୁଜି ମୁଁ

Digitized by srujanika@gmail.com

ପ୍ରାର୍ଥନା ମନ୍ତ୍ର ପାଠ କରିବାକୁ ଲାଗିଲି, କୌଣସିଟି ମନେନାହିଁ··· । ହିଁ, ଜୀବନରେ ବହୁକଷ୍ଟର ଅଭିଜ୍ଞତା ମୋର ଅଛି, ହସ୍‌ପିଟାଲ୍‌ ଆଉ ଯୁଦ୍ଧ କ୍ଷେତ୍ରରେ ମଣିଷ ମରିବାରେ ମୁଁ ଦେଖିଛି—କିନ୍ତୁ ଏପ୍ରକାରର କଷ୍ଟ କେବେହେଲେ ଦେଖିନାହିଁ । ମୋତେ ସ୍ୱୀକାର କରିବାକୁ ହେବ, ଆଉରି ଏକ କାରଣରେ ମୁଁ କଷ୍ଟ ବୋଧ କରୁଥିଲି; ମୃତ୍ୟୁ ପୂର୍ବରୁ ଥରେହେଲେବି ମୋ କଥା ତା'ର ମନେ ପଡ଼ିନାହିଁ, ଆଉ ମୋର ମନେହୁଏ, ମୁଁ ତାକୁ ବାପପରି ଭଲପାଏ··· ! ଯାଃ, ଭଗବାନ ତାକୁ କ୍ଷମା କରନ୍ତୁ । କିନ୍ତୁ ମୁଁ ବା କିଏ ଯାହାକୁ ସେ ମନେ ପକାଇବ ମୃତ୍ୟୁ-ଶଯ୍ୟାରେ ?···

"ପାଣି ଟୋପାକ ପିଇ ସେ ତୃପ୍ତି ଅନୁଭବ କଲା, ଆଉ ପ୍ରାୟ ତିନି ମିନିଟ୍‌ ପରେ ତା'ର ଦେହାନ୍ତ ହେଲା । ତା ଓଠ ଉପରେ ଆମେ ଗୋଟିଏ ଅଇନା ଲୁଚି ଧରିଲୁ, କିନ୍ତୁ ସେଥିରେ କିଛି ଦେଖାଗଲା ନାହିଁ !··· ପେଟ୍ରୋଭିଚ୍‌କୁ ମୁଁ ଘରୁ ବାହାରକୁ ନେଇଗଲି । ଦୁର୍ଗ-ପ୍ରାକାର ଉପରେ ବହୁ ସମୟ ଧରି ପାଖାପାଖି କଥା ନକହି, ପଛରେ ହାତରଖି ଏ ଢଗରୁ ସେଢଗକୁ ପଦଚାରଣା କଲି । ତା' ମୁହଁ ଉପରେ କୌଣସି ରକମର ଭାବାନ୍ତର ନଦେଖି ମୋତେ ଭାରି ବିରକ୍ତ ଲାଗିଲା, କାରଣ, ତା'ରି ଅବସ୍ଥାରେ ପଡ଼ିଥିଲେ ମୁଁ ତ କାନ୍ଦି କାନ୍ଦି ମରି ଯାଇଥାନ୍ତି ! ଅବଶେଷରେ ସେ ତଳେ ବସି ବାଡ଼ିରେ ଗାର କାଟିବାକୁ ଲାଗିଲା । ତାକୁ ସାନ୍ତ୍ୱନା ଦେବାପାଇଁ, ଜାଣନ୍ତି, ମୁଁ କଥା କହିବାକୁ ଲାଗିଲି, ଆଉ କୋଉଥି ପାଇଁ ନହେଉ, ଭଦ୍ରତା ଦେଖାଇବା ପାଇଁ । ସେଥିରେ ସେ ମୁହଁ ଉଠାଇ ହସିବାକୁ ଲାଗିଲା··· । ସେଇ ହସରେ ମୋର ଦେହ ସିର୍‌ ସିର୍‌ ହୋଇ ଉଠିଲା···। କଫିନ୍‌ ତିଆରି କରିବାପାଇଁ କହିବାକୁ ମୁଁ ଉଠି ଠିଆହେଲି ।

"ସ୍ୱୀକାର କରୁଛି ଯେ, ଅନ୍ୟ ଢଗରେ ମନ ଦେବାପାଇଁ ଏ କାମ ମୋର । ମୋ ପାଖରେ ଯେଉଁ ଖଣ୍ଡେ ଟର୍କୁମ୍ ସିଲ୍‌କ କନା ଥିଲା ସେଇ କନାରେ କଫିନ୍‌ଟାକୁ ଢାଙ୍କିଦେଲି ଆଉ ପେଟ୍ରୋଭିଚ୍‌ ପାଇଁ ଯେଉଁସବୁ ଚେର୍‌କେଶୀୟ ରୁପେଲି ଜରି ସେ କିଣିଥିଲା ସେଇଥିରେ ସଜାଇଲି କଫିନ୍‌ଟାକୁ ।

"ଉଣ୍ଟିଆରଡନ ଷ୍ଟୋ'ର୍‌ରୁ ତାକୁ ଆମେ କବର ଦେଲୁ ଦୁର୍ଗର ବାହାରେ, ନଦୀ କୂଳରେ । ଯେଉଁଠି ସିଏ ଶେଷଥର ପାଇଁ ବସିଥିଲା ସେଇ ଜାଗାଟାର ପାଖରେ । ଗ୍ରେଟ କବରଟିକୁ ବର୍ତ୍ତମାନ ଢେର ଉଚ୍ଚରୁ ଧଳା ସ୍ଲାକ୍‌ଶିଆ ଆଉ ଏଲ୍‌ଡାର ଗଛର ଝାଡ଼ । ମୁଁ ଗୋଟାଏ କ୍ରୁଶ ସେଠି ବସେଇବ ବୋଲି ଭାବିଥିଲି, କିନ୍ତୁ ଜାଣନ୍ତିତ ସେଇଟା ଟିକେ ବିଦ୍‌ଘୁଟ ଦେଖାଯିବ, କାରଣ ସିଏତ ଖ୍ରୀଷ୍ଟିଆନ୍ ନଥିଲା···"

"ଆଉ ପେରେଗ୍ରିନ୍‌ର କ'ଣ ହେଲା ?"

"ପେରେଗ୍ରିନ୍ ବହୁଦିନ ଧରି ଭୋଗୁଥିଲା ଆଉ ରୋଗୀ ମଧ୍ୟ ହୋଇ-ଯାଇଥିଲା । ଆ-ହା, ବିଚରା ! କିନ୍ତୁ ତା' ପରଠାରୁ ଆମେ କେବେହେଲେ ବେଲା କଥା ଆଲୋଚନା କରିନାହୁଁ । ମୁଁ ଜାଣିଥିଲି ସେଥିରେ ସେ କଷ୍ଟ ପାଉଛି, ସେଥିପାଇଁ ସେକଥା ଉଲ୍ଲେଖ କରିବାକୁ ମୁଁ ଯିବି ବା କାହିଁକି ? ପ୍ରାୟ ତିନିମାସ ପରେ ତାକୁ ଆଦେଶ ଆସିଲା ଅମୁକ ସୈନ୍ୟ ଦଳରେ ଯୋଗ ଦେବାପାଇଁ । ସେ ଚାଲିଗଲା ଜର୍ଜିଆ । ତା' ପରଠାରୁ ଆମର ଆଉ ଦେଖାସାକ୍ଷାତ ହୋଇନାହିଁ··· । ଓଃ, ହଁ, ମନେପଡ଼ୁଛି, ନିକଟରେ କିଏ ଯେପରି କହୁଥିଲା ଯେ ସିଏ ରୁଷିଆକୁ ଫେରିଯାଇଛି, ଯଦିଓ ସାମରିକ ଆଦେଶପତ୍ରରେ ସେ କଥା ଉଲ୍ଲେଖ ନାହିଁ । ସାଧାରଣତଃ ଏଠି ଖବର ପହଞ୍ଚିବାକୁ ଅନେକ ସମୟ ଲାଗେ ।"

ଏଠି, ସମ୍ଭବତଃ ନାନା ଚିନ୍ତନ-ସୂତ୍ରକୁ ଛଡ଼ିବା ପାଇଁ, ବର୍ଷକର ପୁରୁଣା ସମ୍ବାଦ ପାଇବାର ଅସୁବିଧା ସମ୍ପର୍କରେ ସେ ଦୀର୍ଘ ଏକ ଭାଷଣ ଦେଲେ !

ତାଙ୍କୁ ମୁଁ ବାଧା ବି ଦେଲିନାହିଁ, ତାଙ୍କ କଥା ମଧ୍ୟ ଶୁଣିଲି ନାହିଁ ।

ଘଣ୍ଟାଏ ପରେ ପୁଣି ଯାତ୍ରା ଆରମ୍ଭ ହେଲା । ତୁଷାର-ଝଞ୍ଜା ଥମିଯାଇଛି, ଆକାଶ ହୋଇଯାଇଛି ପରିଷ୍କାର । ଆମେ ବାହାରି ପଡ଼ିଲୁ । ରାସ୍ତାରେ ଅବଶ୍ୟ ବେଲା ଆଉ ପେରେଗ୍ରିନ୍ ସମ୍ବନ୍ଧରେ କଥାର ମୋଡ଼ ନ ବୁଲେଇ ମୁଁ ରହିପାରିଲି ନାହିଁ ।

"କାଜ୍‌ବିଚ୍‌ର କ'ଣ ହେଲା ସେ କଥା କେବେହେଲେ ଜାଣିବାକୁ ପାଇଥିଲେ କି ?" ମୁଁ ପଚାରିଲି ।

Digitized by srujanika@gmail.com

"କାଜ୍‌ବର୍ ? ବାସ୍ତବିକ ମୁଁ ଜାଣିନାହିଁ··· । ଶୁଣିଛି, ଟେର୍‌କେଶୀପୁ-ମାନଙ୍କର ଗୋଟିଏ କାଜ୍‌ବର୍ ଅଛି ସେମାନଙ୍କର ଡାହାଣ ପାଖର ଦଳରେ—ସାହସୀ ଟୋକା, ସବୁବେଳେ ପିନ୍ଧେ ଲାଲ୍ ବେଣ୍ଟମେଣ୍ଟ୍, ଆମ ଗୋଳାବର୍ଷଣ ଭିତରେ ଧୀରେ ଧୀରେ ଘୋଡ଼ା ଛୁଟାଇ ଚାଲେ ଆଉ ଯେତେବେଳେ ତା' ପାଖଦେଇ ଗୁଳି ସାଏଁ କରି ଚାଲିଯାଏ ଅତିଶୟ ନମ୍ରତାର ସହିତ ସେ ହୁଟଟେ ଟଳେ ଟଳେ ଅଭିବାଦନ କରେ । କିନ୍ତୁ ସିଏ ସେଇ ଏକା ଲୋକ କି ନୁହେଁ ସେଥିରେ ମୋର ସନ୍ଦେହ ଅଛି !···"

'କୋର' ସ୍କ୍ୱେୟାର୍‌ରେ ମ କ୍ସିମମାକ୍ସିମୀଚ୍ ଆଜି ମୁଁ ବିଦାୟ ନେଲି । କାରଣ, ମୁଁ ଡ୍ରାକଗାଡ଼ିରେ ଚାଲିଲି ଆଉ ତାଙ୍କର ଓଜନିଆ ମାଲପତ୍ର ପାଇଁ ସେ ମୋ ସହିତ ସମାନ ତାଳ ରଖିପାରିଲେ ନାହିଁ । ସେତେବେଳେ କେବେହେଲେ ଆମେ ଭାବିନାହୁଁ ଯେ ପୁଣି ଆମର ଦେଖାହେବ ! ତଥାପି ଦେଖା ହୋଇଥିଲା, ଆଉ ଆପଣମାନେ ଚାହିଁଲେ ସେ ଗଲ୍ପଟି ମୁଁ କହିବି—କିନ୍ତୁ ସେ ଗଲ୍ପଟା ସ୍ୱୟଂ-ସମ୍ପୂର୍ଣ୍ଣ··· । ଆପଣ-ମାନଙ୍କୁ କିନ୍ତୁ ମାନିବାକୁ ହେବ ଯେ, ମାକ୍ସିମ୍‌ମାକ୍ସିମୀଚ୍ ଆପଣ-ମାନଙ୍କର ଶ୍ରଦ୍ଧା ପାଇବାପରି ମଣିଷଟିଏ ?···ଯଦି ଏକଥା ଆପଣମାନେ ମାନନ୍ତି ତାହେଲେ ଗଲ୍ପଟି ପାଇଁ—ଯଦିଓ ଏଇଟା ମସ୍ତବଡ଼—ମୁଁ ଯଥେଷ୍ଟ ପୁରସ୍କାର ପାଇଛି ବୋଲି ମନେ କରିବି ।

Digitized by srujanika@gmail.com

୨

ମାକ୍‌ସିମ୍ ମାକ୍‌ସିମୀଚ୍

ମାକ୍‌ସିମ୍ ମାକ୍‌ସିମୀଚ୍‌ଙ୍କ ପାଖରୁ ବିଦାୟ ନେଇ ମୁଁ ଚାଲିଲି ଟେରେକ୍ ଆଉ ଦାରିଆଲ୍ ଗିରିସଙ୍କଟ ଭିତର ଦେଇ । କାଜ୍‌ବେକ୍‌ରେ ଖାଇଲି ଜଳଖିଆ, ଲାର୍‌ସ୍‌ରେ ଚା' ଏବଂ ନୈଶଭୋଜ ସମୟରେ ପହଞ୍ଚିଲି ଭ୍ଲାଦିକାଭ୍‌କାଜ୍‌ରେ । ମୁଁ ଆପଣମାନଙ୍କୁ ବିରକ୍ତ କରିବି ନାହିଁ ପର୍ବତମାନଙ୍କର ବର୍ଣ୍ଣନା ଦେଇ—ସେଇସବୁ ବିସ୍ମୟସୂଚକ ଶବ୍ଦ, ଯାହାର କିଛି ଅର୍ଥ ହୁଏନା ଆଉ ଚିତ୍ର—ଯାହା କିଛିହେଲେବି ବୁଝାଏ ନାହିଁ, ବିଶେଷ କରି ସେହିମାନଙ୍କ ପାଖରେ, ଯେଉଁମାନେ କେବେହେଲେ ଏ ଅଞ୍ଚଳକୁ ଆସିନାହାନ୍ତି କିମ୍ବା ପରିସଂଖ୍ୟକ ସଂକ୍ରାନ୍ତ ତଥ୍ୟ ଦ୍ୱାରା ସେଗୁଡ଼ିକ ନିଶ୍ଚୟ କେହି କଷ୍ଟ କରି ପଢ଼ିବାକୁ ଯିବେ ନାହିଁ ।

ମୁଁ ବର୍ତ୍ତମାନ ଗୋଟିଏ ପାନ୍ଥ ନିବାସରେ ପହଞ୍ଚିଲି, ଯେଉଁଠି ସବୁ ଯାତ୍ରୀମାନେହିଁ ପହଞ୍ଚନ୍ତି ଏବଂ ଯେଉଁଠି ପ୍ରସଙ୍ଗତଃ କେହିବି ନାହାନ୍ତି ଯେ ଆପଣଙ୍କୁ ଫେଜେଣ୍ଟର୍ ରୋଷ୍ଟ୍ କିମ୍ବା ବନ୍ଧାକୋବିର ଝୋଳ ଦେଇପାରିବେ । କାରଣ, ଯେଉଁ ତିନିଜଣ ଅସହାୟ ମଣିଷଙ୍କ ଉପରେ ତା'ର ଦାୟିତ୍ୱ, ସେମାନେ ହୁଏତ ଏତେ ବୋକା କିମ୍ବା ଏତେ ମାତାଲ୍ ଯେ, ସେମାନଙ୍କୁ କିଛିବି ବୁଝାଇବା ସମ୍ଭବ ନୁହେ ।

ଶୁଣିଲି, ସେଠି ମୋତେ ଆହୁରି ତିନିଦିନ ରହିବାକୁ ହେବ । କାରଣ, ଇଏକାତେରିନୋଗ୍ରାଦ୍‌ରୁ 'ଓକାଜିଆ'* ବର୍ତ୍ତମାନ ଆସି ପହଞ୍ଚି ନହିଁ । ସେହି କାରଣରୁ ସେଇଟା ଫେରିବା ବାଟରେ ପଡ଼ିବ ନାହିଁ ।

* 'ଓକାଜିଆ'ର ଅର୍ଥ 'ଉପଲକ୍ଷ', 'ଦୁଃସାହସିକତା' ମଧ୍ୟ ହୁଏ; ସୁପ୍ରସିଦ୍ଧ ଉକ୍ତି 'ଚ୍ଟୋ ଜା ଓକାଜିଆ !' (କି ଓକାଜିଆ !) ମାନେ 'କି ଦୁର୍ଭାଗ୍ୟ !'

Digitized by srujanika@gmail.com

କ ଓକାଜଆ !···କିନ୍ତୁ ଗୋଟାଏ ବାଜେ ଶ୍ଳେଷାଳଂକାରରୁ କୌଣସି ଛୁର୍ଣ୍ଣୀସ୍ତ ଲୋକ ସାନ୍ତ୍ୱନା ପାଇପାରେ ନାହିଁ । ସମସ୍ତ କଟାଇବାପାଇଁ ମୁଁ ସ୍ଥିର କଲି ମ.କ୍ସିମ୍ ମାକ୍ସିମୀଚ୍‌ଙ୍କ ପାଖରୁ ଶୁଣିଥିବା ବେଲା ଗଳ୍ପଟିକୁ ଲେଖିବ । ସେତେବେଳେ ଜାଣି ନଥିଲି ସେଇଟି ଦୀର୍ଘ ନାନା ଗଳ୍ପଗୁଚ୍ଛର ଗୋଟିଏ ପ୍ରଥମଖଣ୍ଡ ହୋଇ ଠିଆହେବ ବୋଲି । ଅତଏବ ଦେଖି ପାରୁଛନ୍ତି, ତୁଚ୍ଛ ଗୋଟିଏ ଘଟଣାର ଗୁରୁତ୍ୱପୂର୍ଣ୍ଣ ପରିଣତି ହୋଇପାରେ !··· କିନ୍ତୁ ହୁଏତ ଆପଣମାନେ ଜାଣନ୍ତି ନାହିଁ 'ଓକାଜଆ' ଜିନିଷଟା କ'ଣ ? ସେଇଟା ହେଉଛି ପଦାତିକ-ବାହିନୀର ଅଧଟାଏ ଆଉ ଗୋଟିଏ କମାଣ, ଯାହାର ଆଶ୍ରୟରେ ସରକାରୀ ସମ୍ପତ୍ତି ଭ୍ଲାଦିକାଭ୍‌କାଜ୍‌ଠାରୁ ଇଏକାତେରିନୋଗ୍ରାଦ୍‌ପଥରେ କାବାର୍ଦ୍ଦା ଅତିକ୍ରମ କରେ ।

ପ୍ରଥମ ଦିନଟି କଟିଲା ଘୋର ବୈଚିତ୍ର୍ୟହୀନତା ଭିତରେ : କିନ୍ତୁ ପରଦିନ ଭୋର୍‌ରେ ଗୋଟାଏ ଗାଡ଼ି ଆସି ପହଞ୍ଚିଲା ପାନ୍ଥନିବାସ ଅଗଣାରେ··· । ସେଥିରେ ମାକ୍ସିମ୍ ମାକ୍ସିମୀଚ୍ !···ପୁରାତନ ବନ୍ଧୁ ପରି ପରସ୍ପରକୁ ଆମେ ଅଭିବାଦନ କଲୁ । ମୋ କୋଠରୀରେ ତାଙ୍କୁ ମୁଁ ରହିବାକୁ ଦେଲି । ଲୌକିକତାର ଧାର୍ ସେ ଧାରନ୍ତି ନାହିଁ, ଏପରିକି ସେ ମୋ କାନ୍ଧ ଥାପୁଡ଼େଇଲେ ଆଉ ତାଙ୍କ ମୁହଁଟା ଏପରି ଭାବରେ ବଙ୍କେଇ ହେଲା, ଯାହାର ଅର୍ଥ ହେଉଛି ମୃଦୁହାସ । ଅଦ୍ଭୁତ ଲୋକ !···

ରନ୍ଧନ ବିଦ୍ୟାରେ ମାକ୍ସିମ୍ ମାକ୍ସିମୀଚ୍ ଅତିଶୟ ପାରଦର୍ଶୀ । ଫେଜେଣ୍ଟର୍ ଆଶ୍ଚର୍ଯ୍ୟ ରୋଷ୍ଟ୍ ସେ ତିଆରି କଲେ, ତା ସହିତ ଅତି ଚମତ୍କାର ଚଟଣି । ମୋତେ ସ୍ୱୀକାର କରିବାକୁ ହେବ, ସେ ନଥିଲେ ଥଣ୍ଡା ଜିନିଷ କିଛି ଖାଇ ମୋତେ ସନ୍ତୁଷ୍ଟ ହେବାକୁ ହୋଇଥାନ୍ତା । ଆମ ଖାଦ୍ୟପଦାର୍ଥର ସ୍ୱଳ୍ପତାକୁ ବୋତଲେ କାଖେତିସ୍ତ ମଦ ଭୁଲିବାରେ ସାହାଯ୍ୟ କଲା; କାରଣ ହିଁ ତିସ୍ତ କୌଣସି ପ୍ରକାରର ନଥିଲା । ତା' ପରେ ଆମେ ପାଇପ୍ ଧରି ଧୂମପାନ ପାଇଁ ପ୍ରସ୍ତୁତ ହେଲୁ । ମୁଁ ବସିଲି ଝରକା ପାଖରେ, ସେ ବସିଲେ ଚୁଲ୍ଲୀଟା ପାଖରେ, ଯେଉଁଠି ନିଆଁ ଜଳୁଥିଲା, । କାରଣ ଦିନଟି ଥିଲା ଥଣ୍ଡା । ନୀରବରେ ଆମେ ବସିରହିଲୁ; କହିବାପରି

Digitized by srujanika@gmail.com

କହୁ ନାହିଁ··· । ଏ ଭାବରେ ଚଣ୍ଡକର୍ଣ୍ଣଙ୍କ ସବୁକହୁ ସେ ତାଙ୍କ ସମ୍ବନ୍ଧରେ କହିଲେ । ଝରକା ବାହାରକୁ ମୁଁ ଚାହିଁଲି । ଅନେକ ଅନୁଚ୍ଚ ଆବାସ ତେରେକ୍ କୂଳରେ ଏକାଠି ହୋଇ ରହିଛି । ଏଠି ତେରେକ୍ ପ୍ରଶସ୍ତରୁ ହୋଇଛି ପ୍ରଶସ୍ତତର । ଗଛର ଫାଙ୍କଦେଇ ଏଇ ଆବାସଗୁଡ଼ିକ ଆଖିରେ ପଡ଼େ । ଦୂରରେ ପର୍ବତର ସୁନୀଳ ପ୍ରାଚୀର କରତ ଦାନ୍ତପରି କଟାକଟା, ତା' ସହିତ ରହିଛି କାଜ୍‌ବେକ୍, କାର୍ଡ଼ିନ୍ୟାଲ୍‌ପରି ଧଳା ଟୋପି ପିନ୍ଧି ଉନ୍ନତଶିର ହୋଇ । ସେମାନଙ୍କୁ ମନେ ମନେ ମୁଁ ବିଦାୟ ଜଣାଇଲି; ସେମାନଙ୍କୁ ଛାଡ଼ିଯିବାକୁ ମୋର ଦୁଃଖ ହେଲା··· ।

ଏଇମିତି ବହୁସମୟ ଆମେ ବସିରହିଲୁ । ବରଫାବୃତ ଚୂଡ଼ାଗୁଡ଼ିକର ପଛରେ ସୂର୍ଯ୍ୟ ଅସ୍ତ ଯାଉଛନ୍ତି ଆଉ ଉପତ୍ୟକା ଉପରେ ବିଛୁରିତ ହୋଇ ପଡ଼ିଛି ଦୁଧଫେଣ ଧବଳ କୁଜ୍‌ଝଟିକା । ଠିକ୍ ସେତିକବେଳେ ବାହାରେ ଘଣ୍ଟାର ଟିଂ ଟିଂ ଆବାଜ ଆଉ ଗାଡ଼ିଆନ୍‌ମାନଙ୍କର ଚିତ୍କାର ଆମେ ଶୁଣିବାକୁ ପାଇଲୁ । କେତେଗୁଡ଼ିଏ 'ଗାଡ଼ି ପାନ୍ଥନିବାସର ଅଗଣାରେ ଆସି ପ୍ରବେଶ କଲା, ସେଥିରେ ବସିଥିଲେ ଅପରିଚ୍ଛନ୍ନ ଆର୍ମେନିଆନ୍‌ମାନେ । ସବା ପଛରେ ଆସିଲା ଖାଲି ଗୋଟାଏ ଗାଡ଼ି । ସେଇଟା ଏତେ ହାଲୁକା, ଆରାମପ୍ରଦ ଆଉ ସୁନ୍ଦର ଯେ ସେମାନଙ୍କ ଦେହରେ ବିଦେଶୀ ଛାପ ସ୍ପଷ୍ଟ । ପଛରେ ଚାଲି ଚାଲି ଆସୁଥିଲା ଗୋଟିଏ ଲୋକ, ମସ୍ତବଡ଼ ତା ନିଶଯୋଡ଼ାକ, ପିନ୍ଧିଛି ଡଲ୍‌ମ୍ୟାନ୍ । ଚାକର ପକ୍ଷରେ ତା'ର ବେଶଭୂଷା ଭଲ । କିନ୍ତୁ ଯେଉଁଭାବରେ ପାଇପ୍‌ରୁ ସେ ପାଉଁଶ ଝାଡ଼ିଲା ଆଉ ଗାଡ଼ିଆନ୍‌ମାନଙ୍କୁ ବକାବକି କଲା, ସେଥିରେ ତା'ର ପଦମର୍ଯ୍ୟାଦା ସମ୍ବନ୍ଧରେ ସନ୍ଦେହର ଅବକାଶ ରହିଲା ନାହିଁ । ଗୋଟାଏ ଅଳସୁଆ-ଭଦ୍ରଲୋକର ସିଏ ଅତିପ୍ରିୟ ପ୍ରଶ୍ରୟ ପାଇଥିବା ଭୃତ୍ୟ— ଅନେକଟା ରୁଷୀୟ ଫିଗାରୋ ପରି । ଝରକାରୁ ତାକୁ ଡାକି କହିଲି, 'ହଇଓ, କୁହ, ଓକୋଜଆ ଆସିଛି କି ନାହିଁ ?' ବେଶ୍ ଉଦ୍ଧତ ଭାବରେହିଁ ସେ ମୋ ଆଡ଼କୁ ଚାହିଁଲା, ସିଧା କଲା ଗଳାବନ୍ଧଟାକୁ, ତା ପରେ ବିପରୀତ ଦିଗକୁ ମୁହଁ ବୁଲାଇ ଠିଆହେଲା । ଜଣେ ଆର୍ମେନିଆନ୍, ଯିଏ ତା'ର ପାଖେପାଖେ ଚାଲୁଥିଲା, ହସିଦେଇ ତା' ବଦଳରେ ଉତ୍ତର ଦେଲା, ଏଇଟାହିଁ ଓକୋଜଆ ଆଉ ସେଇଟା ଅନ୍ୟ ସକାଳେ ଫେରିବା ବାଟରେ

Digitized by srujanika@gmail.com

ବାହାରିବ । 'ଈଶ୍ୱରଙ୍କୁ ଧନ୍ୟବାଦ !' ଠିକ୍ ସେତିକିବେଳେ ୱିରକା ପାଖରେ ପହଞ୍ଚି ମାକ୍‌ସିମ୍ ମାକ୍‌ସିମୀଚ୍ କହିଲେ, 'ଗାଡ଼ିଟା ଚମତ୍କାର !' ପୁନର୍ବାର ସେ ଯୋଗକଲେ, 'ସମ୍ଭବତଃ କୌଣସି ଅଫିସର୍ ଯାଉଛନ୍ତି ଟିଫ୍‌ଲିସ୍‌କୁ, କୌଣସି ସ୍ୱେର କାର୍ଯ୍ୟ ସନ୍ଧାନରେ ବୋଧହୁଏ ! ବୁଝାପଡ଼ୁଛି, ଆମ ପର୍ବତମାନଙ୍କୁ ସେ ଚିହ୍ନନ୍ତି ନାହିଁ ! ନା, ମହାଶୟ, ଏ ଧରଣର ଗାଡ଼ି ଆପଣମାନଙ୍କ ପାଇଁ ନୁହେ । ଏପରିକି ବିଲାତି ଗାଡ଼ିବି ଏଠାକାର ଧକଡ଼-ଚକଡ଼ ସହ୍ୟକରି ପାରିବେ ନାହିଁ । କିଏ ହୋଇପାରେ—ଚାଲନ୍ତୁ, ବାହାର କରିଯାଉ··· ।' ଆମେ କୋଠା ଉପରକୁ ଗଲୁ । ତା'ରି ଅନ୍ୟପ୍ରାନ୍ତରେ ପାଖଘରକୁ ଯିବାର ଦରଜାଟା ଖୋଲା । ଚାକର ଆଉ ଗାଡ଼ିଆନ୍‌ମାନେ ଭିତରକୁ ଜିନିଷପତ୍ରମାନ ବୋହିନେଇ ଆସୁଥିଲେ ।

"ଶୁଣ ବନ୍ଧୁ," କ୍ୟାପ୍‌ଟେନ୍ ଚାକରକୁ ପଚାରିଲେ, "ଏଇ ଚମତ୍କାର ଗାଡ଼ିଟା କାହାର, ଏଁ ?·····ବାସ୍ତବିକ ଭାରି ଚମତ୍କାର ଗାଡ଼ିଟା ! ···" ଚାକର ଅସ୍ପଷ୍ଟ ଭାବରେ କ'ଣ ଗୋଟାଏ କହି ମୁହଁ ନ ବୁଲେଇ ସୁଟ୍‌କେସ୍‌ର ଦଉଡ଼ି ଖୋଲିବାକୁ ଲାଗିଲା । ମାକ୍‌ସିମ୍‌ମାକ୍‌ସିମୀଚ୍‌ଙ୍କର ରାଗ ହେଲା । ସେ ରୁଢ଼ ଲୋକଟିର ବେକରେ ଟିପାମାରି କହିଲେ : "ହଇଓ, ତୁମକୁ ପରା ମୁଁ କ'ଣ ପଚାରୁଛି ·····"

"କାହାର ଗାଡ଼ି ?···ତୁମ କର୍ତ୍ତାଙ୍କର···"

"ଆଉ ତୁମର କର୍ତ୍ତାଟି କିଏ ?"

"ପେଚୋରିନ୍·····"

"କ'ଣ କହିଲ ? ପେଚୋରିନ୍ ?···ହାୟ ଭଗବାନ !···କେବେ ସିଏ କକେଶସ୍‌ରେ ଚାକିରି କରୁଥିଲେ ?···"

ମାକ୍‌ସିମ୍‌ମାକ୍‌ସିମୀଚ୍ ମୋ ଆସ୍ତିନ୍‌କୁ ଟାଣିଦେଇ ଚିତ୍କାର କରି କହିଲେ । ଆନନ୍ଦରେ ତାଙ୍କ ଆଖି ସଜଳ ହୋଇ ଆସିଲା ।

"ସେୟା ତ ମୋର ମନେହୁଏ ! କିନ୍ତୁ ବହୁଦିନ ହେଲା ମୁଁ ତାଙ୍କ ପାଖରେ କାମ କରୁନାହିଁ ।"

"ବେଶ୍, ବେଶ୍, ତା ହେଲେ ବୁଝ ! ନାଁ ତା'ର ଗ୍ରିଗୋରି ଆଲେକ୍ସାଂଦ୍ରଭିଚ୍ ପେଚୋରିନ୍ ନୁହେ ? ତୁମ କର୍ତ୍ତା ସହିତ ମୋର ଭାରି

Digitized by srujanika@gmail.com

ଘଟିବ ଥିଲା ।" ଯୁବକର କାନ୍ଧକୁ ଥଟ୍ଟାରେ ସେ ଥାପୁଡ଼େଇ ଦେଲେ, ସେଥିରେ ସେ ପଡ଼ି ଯାଉଯାଉ ରହିଗଲା ।···

ଯୁବକଟା ଭ୍ରୂକୁଞ୍ଚନ କଲା, "କ୍ଷମା କରିବେ ଆଜ୍ଞା, ଆପଣ କିନ୍ତୁ ମୋ କାମରେ ବାଧା ଦେଉଛନ୍ତି ।"

"ବାଜେ କଥା କୁହନା ! ବୁଝି ପାରୁନାହିଁ, ତୁମ କର୍ତ୍ତାର ମୁଁ ବହୁଦିନର ବନ୍ଧୁ ? ଆମେ ଏକା ସାଙ୍ଗରେ ଲଢ଼ିଛୁ ମଧ୍ୟ··· । କୋଉଠି ବର୍ତ୍ତମାନ ତାଙ୍କର ଦେଖା ମିଳିବ ?···"

ଯୁବକଟା କହିଲା ଯେ, ପେଚୋରିନ୍ କର୍ନେଲ୍ ଏନ୍···ଙ୍କ ସହିତ ରାତି ଭୋଜନ କରିବେ, ସେହିଠାରେ ହିଁ ରାତିରେ ରହିବେ ।

"ଆଜି ରାତିରେ ସେ ଏଠାକୁ ଆସିବେ ନାହିଁ ?" ପ୍ରଶ୍ନ କଲେ ମାକ୍ସିମ୍ ମାକ୍ସିମୀର୍ । "ହୁଏତ କୌଣସି କାରଣରେ ଆଜି ତାଙ୍କ ସହିତ ତୁମେ ଦେଖା କରିବ ! ଯଦି ଦେଖା କର, ତା ହେଲେ କହିବ ଯେ ମାକ୍ସିମ୍ ମାକ୍ସିମୀଚ୍ ଏଠି ଅଛନ୍ତି । ଖାଲି ଏଇଆ କହିଲେ ହିଁ ସେ ବୁଝିପାରିବେ··· ଭୋଦ୍କା କିଣିବା ପାଇଁ ତୁମକୁ ଗୋଟାଏ ଦ୍ୱୁସ୍ମିଗ୍ରିଭେନ୍ନ* ଦେବି···"

ଏଇ ସାମାନ୍ୟ ପଇସାର କଥା ଶୁଣି ଯୁବକଟା ବଡ଼େଇ ଦେଖାଇବା ସତ୍ତ୍ୱେ ମଧ୍ୟ କଥା ଦେଲା, ମାକ୍ସିମ୍ ମାକ୍ସିମୀଚ୍ ଯାହା କହିଛନ୍ତି ତାହା କରିବ ।

ସଗର୍ବରେ ମାକ୍ସିମ୍ ମାକ୍ସିମୀଚ୍ ମୋତେ କହିଲେ, "ମୁଁ କହୁଛି, ସଙ୍ଗେସଙ୍ଗେ ସେ ଦୌଡ଼ି ଆସିବ । ତା ସହିତ ଦେଖା କରିବା ପାଇଁ ମୁଁ ଯିବି ଫାଟକ ବାହାରକୁ··· । କି ଦୁଃଖର କଥା, ଏନ୍···ଙ୍କୁ ମୁଁ ଚିହ୍ନି ନାହିଁ········"

ଫାଟକ ବାହାରେ ଗୋଟିଏ ବେଞ୍ଚ୍‌ରେ ବସି ରହିଲେ ମାକ୍ସିମ୍ ମାକ୍ସିମୀଚ୍ । ମୁଁ ମୋ କୋଠରୀକୁ ଚାଲିଗଲି । ମୋତେ ବି ସ୍ୱୀକାର କରିବାକୁ ହେବ, ପେଚୋରିନ୍ ପାଇଁ କିଛିଟା ଔତ୍ସୁକ୍ୟ ନେଇ ମୁଁ ବି ଅପେକ୍ଷା କରି ରହିଲି । କାରଣ କ୍ୟାପ୍ଟେନ୍‌ଙ୍କ ଗଳ୍ପ ଯଦିଓ ମଣିଷଟି ସମ୍ବନ୍ଧରେ ମୋ ମନରେ କୌଣସି ଅନୁକୂଳ ଛବି ଆଙ୍କିନାହିଁ, ତଥାପି ତ

*ଅଶୀ କୋପେକ୍ ମୂଲ୍ୟର ରୁଷ୍ ମୁଦ୍ରା ।

Digitized by srujanika@gmail.com

ତଳସର କେତୋଟି ବୈଶିଷ୍ଟ୍ୟ ମୋର ମନେ ହୋଇଥିଲା ଅସାଧାରଣ ବୋଲି । ଘଣ୍ଟାଏ ପରେ ଯାନ ଲୋକଙ୍କ ଭିତରୁ ଜଣେ ଧୂମାୟିତ ଗୋଟିଏ ଚୁଆର କେଟ୍‌ଲି ନେଇ ଆସିଲା । ଝରକାବାଟ ଦେଇ ମୁଁ ତାଙ୍କୁ ଡାକ କହିଲି, "ମାକ୍‌ସିମ୍ ମାକ୍‌ସିମୀଚ୍, ଚା' ପିଇବେ ?"

"ନା, ଧନ୍ୟବାଦ ।"

"ଟିକେ ପିଇବା ଭଲ । ରାତି ବି ହୋଇଗଲାଣି ଆଉ ଥଣ୍ଡା ମଧ୍ୟ ପଡ଼ିଲାଣି ।"

"ନା, ଧନ୍ୟବାଦ……"

"ଯାହା ଇଚ୍ଛା ଆପଣଙ୍କର !" କହି ଏକୁଟିଆ ଚା' ପିଇବାକୁ ବସିଲି । ପ୍ରାୟ ଦଶ ମିନିଟ୍ ପରେ ଘରକୁ ଆସିଲେ ବୃଦ୍ଧ । "ଆପଣ ଠିକ୍ କହିଥିଲେ" କହିଲେ ସେ । "ଟିକେ ଚା' ପିଆ ହଉ…। ଆପଣ ତ ଜାଣନ୍ତି, ମୁଁ ଏତେ-ବେଳଯାଏଁ ଅପେକ୍ଷା କରିଥିଲି । ଚାକରଟା ତା ପାଖକୁ ବହୁ ସମୟ ହେଲା ଗଲାଣି; ମନେ ହେଉଛି କୌଣସି ଗୋଟାଏ କାମରେ ସେ ଅଟକି ଯାଇଛି !"

ଅତିଶୀଘ୍ର ସେ କପେ ଚା' ଗଳାଧଃକରଣ କଲେ, ଦ୍ୱିତୀୟ କପ୍ ପ୍ରତ୍ୟାଖ୍ୟାନ କଲେ, ତା ପରେ ଫେରିଗଲେ ପୁଣି ଫାଟକ ବାହାରକୁ । ବିଚଳିତ ହୋଇଉଠିଲେ ସେ । ବୃଦ୍ଧ ଯେ ପେଚୋରିନ୍‌ର ଉଦାସୀନତାରେ ଆଘାତ ପାଇଛନ୍ତି, ସେକଥା ଆଉ ଅଛପା ରହିଲା ନାହିଁ, ବିଶେଷକରି ନିକଟରେ ଯେହେତୁ ସେ ତାଙ୍କ ବନ୍ଧୁତ୍ୱର କଥା ମୋ ଆଗରେ କହିଛନ୍ତି ଆଉ ସେ ଘଣ୍ଟାକ ପୂର୍ବରୁ ନିଶ୍ଚିତ ଥିଲେ ଯେ, ତାଙ୍କ ନାମ ଶୁଣିବା ମାତ୍ରେ ପେଚୋରିନ୍ ତାଙ୍କ ପାଖକୁ ଦୌଡ଼ି ଆସିବ !

ରାତି ହେଉଛି । ଅନ୍ଧକାର । ପୁଣି ମୁଁ ଝରକାଟା ଖୋଲି ମାକ୍‌ସିମ୍ ମାକ୍‌ସିମୀଚ୍‌ଙ୍କୁ ଡାକ କହିଲି ଶୋଇବାର ସମୟ ହେଲାଣି ବୋଲି । ଅସ୍ପଷ୍ଟ ଭାବରେ ଯେପରି କ'ଣ କହିଲେ ସେ, ପୁଣି ତାଙ୍କୁ ଘରକୁ ଚାଲି-ଆସିବାକୁ ମୁଁ ଅନୁରୋଧ କଲି । କିନ୍ତୁ ସେ କିଛି କହିଲେ ନାହିଁ ।

ବେଞ୍ଚ୍ ଉପରେ ଗୋଟାଏ ମଦମବସ୍ତ୍ର ଥୋଇ, କାଉଚ୍‌ରେ ଶୋଇ, ଗ୍ରେଟ୍‌କୋଟ୍‌ରେ[୪] ସମସ୍ତ ଦେହଟାକୁ ଢାଙ୍କି ମୁଁ ଶୀଘ୍ର ଶୋଇପଡ଼ିଲି ।

[୪] ସାମରିକ ଅଫିସର୍‌ମାନେ ଯେଉଁ ଧରଣର ଓଭର୍‌କୋଟ୍ ବ୍ୟବହାର କରନ୍ତି ।

Digitized by srujanika@gmail.com

ମାକ୍‌ସିମ୍‌ ମାକ୍‌ସିମୀଚ୍‌ ସ୍ତବ୍ଧ ଅଧରେ ମୋତେ ନଜରଠାଇଥିଲେ ଶାନ୍ତରେ ସାରାରାତି ମୁଁ ଶୋଇଥାନ୍ତି । ଟେବୁଲ୍‌ ଉପରେ ପାଇପ୍‌ଟାକୁ ଫୋପାଡ଼ି ଦେଇ ଘର ଭିତରେ ସେ ଟହଲ ମାରିଲେ, ତା ପରେ ଚୁଲ୍ଲୀଟା ସାଙ୍ଗରେ ଲାଗିଲେ । ଅବଶେଷରେ ଶୋଇରହି ବହୁ ସମୟ ଧରି ସେ କାଶିଲେ, ଲେପ ପକେଇଲେ ଆଉ ଯନ୍ତ୍ରଣାରେ ପଡ଼ିରହି ଛଟପଟ ହେଲେ……

"ଗୁରବୋକ କାମୁଡ଼ୁଛନ୍ତି ?" ମୁଁ ପଚାରିଲି ।

"ହଁ, ଗୁରବୋକ"……ସେ ଦୀର୍ଘଶ୍ୱାସ ପକାଇ ଉତ୍ତର ଦେଲେ ।

ତନ୍ଦ୍ରା ଆରବ୍ଦନ ଭୋର୍‌ରୁ ମୁଁ ଉଠିଲି । କିନ୍ତୁ ମାକ୍‌ସିମ୍‌ ମାକ୍‌ସିମୀଚ୍‌ ମୋ ପୂର୍ବରୁ ଉଠିଛନ୍ତି । ତାଙ୍କୁ ଦେଖିଲି ଫାଟକ ବାହାରେ ବେଞ୍ଚ୍‌ ଉପରେ ସେ ବସିଛନ୍ତି । "କମାଣ୍ଡାଣ୍ଟ୍‌ଙ୍କ ସହିତ ମୋତେ ଦେଖା କରିବାକୁ ହେବ" ସେ କହିଲେ ।"ପେଚୋରିନ୍‌ ଯଦି ଆସେ ଦୟାକରି ମୋତେ ଡାକ ପଠାଇବେ"…

ଡାକଦେବି ବୋଲି ମୁଁ ଜବାବ ଦେଲି । ସିଏ ଏପରି ଭାବରେ ଦୌଡ଼ିଲେ ଯେ ଯେପରି ତାଙ୍କ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ଯୌବନର ଶକ୍ତି ଆଉ କ୍ଷିପ୍ରତା ଫେରି ପାଇଛି !

ସକାଳଟା ସୁନ୍ଦର । ପାହାଡ଼ ଉପରେ ଜମିଛି ସୁନେଲି ମେଘ ଯାସମାନ ନୂତନ ପର୍ବତଶୃଙ୍ଗରାଜି ପରି । ଫାଟକ ସାମ୍ନାରେ ଗୋଟାଏ ଓସାରିଆ ପଡ଼ିଆ, ତା'ଠୁଁ ଦୂରରେ ବଜାର; ରବିବାର ବୋଲି ଜନ କୋଳାହଳ । ଖାଲିପାଦରେ ଅସେଟିଆ ଯୁବକମାନେ, ବାଡ଼ି ଗଛର ଚେଲାବାର ତିଆରି ଝୁଡ଼ିରେ ମହୁଫେଣାଗୁଡ଼ିକ ଭର୍ତ୍ତିକରି ପିଠିରେ ବାନ୍ଧି ମୋ ଗୃହପାଖରେ ଘେରିଗଲେ । ମୁଁ କିନ୍ତୁ ସେମାନଙ୍କୁ ଘଉଡ଼ାଇ ଦେଲି, କାରଣ ମୁଁ ଅନ୍ୟକଥା ଏତେ ଭାବୁଥିଲି ଯେ ସେମାନଙ୍କ ସହିତ ସମୟ ନଷ୍ଟ କରିବାକୁ ମୋର ଅବସର ନଥିଲା । କ୍ୟାପ୍‌ଟେନ୍‌ଙ୍କ ଉତ୍‌କଣ୍ଠା ମୋ ଉପରେ ଅଜାଡ଼ି ହୋଇ ପଡ଼ିବାକୁ ଆରମ୍ଭ କଲା ।

ଦଶମିନଟ୍‌ ବି ଯାଇନାହିଁ ଏତିକିବେଳେ ଯେଉଁ ଲୋକଟି ପାଇଁ ଆମେ ଅପେକ୍ଷା କରିଥିଲୁ, ପଡ଼ିଆର ଆରପାଖରେ ସେ ଦେଖାଗଲା । ତା' ସହିତ କର୍ଣ୍ଣେଲ୍‌ ଏନ୍‌··। ସେ ତାକୁ ପାନ୍ଥନିବାସରେ ପହଞ୍ଚାଇ

Digitized by srujanika@gmail.com

ଦେଇ ବିଦାୟ ନେଲେ ଆଉ ଦୁର୍ଗକୁ ଯିବାପାଇଁ ଫେରିଲେ । ଜଣେ ଲୋକକୁ ସଙ୍ଗେ ସଙ୍ଗେ ମୁଁ ପଠାଇଲି ମାକ୍ସିମ୍ ମାକ୍ସିମିଚ୍‌ଙ୍କୁ ଡାକି ଆଣିବା ପାଇଁ ।

ପେଚୋରିନ୍‌ର ଚାକର ତା ସମ୍ମତି ଦେଖାଇ ତାକୁ କହିଲା, ଘୋଡ଼ାମାନେ ବର୍ତ୍ତମାନ ପ୍ରସ୍ତୁତ ହେବେ । ତା ପରେ ଗୋଟାଏ ସିଗାର୍ ବାକ୍ସ ଦେଇ ଆଦେଶ ମୁତାବକ କାମ କରିବାକୁ ଶୁଣି ଚାକରଟା ଚାଲିଗଲା । ପେଚୋରିନ୍ ଗୋଟାଏ ସିଗାର୍ ଲଗାଇ, ଦୁଇଥର ଖଣ୍ଡେ ହାଇ ମାରି ଫାଟକ ଆରପାଖର ଗୋଟାଏ ବେଞ୍ଚ୍‌ରେ ବସିଲା, ଏଥର ତା ଚେହେରାର ବର୍ଣ୍ଣନା ଦେବାକୁ ଚେଷ୍ଟା କରିବା ଉଚିତ ।

ବେଶି ଉଚ୍ଚାନୁହେଁ ସେ, ମଧ୍ୟମ : ତାର ରୁଜୁ ପତଳା ଦେହ ଆଉ ତାର ଓସାରିଆ କାନ୍ଧରୁ ବୁଝାପଡ଼େ ଯାଯାବର କଷ୍ଟ ଆଉ ଆବହାଓ୍ୱାର ପରିବର୍ତ୍ତନ ସହ୍ୟ କରିବା ପରି ଶକ୍ତ ତା'ର ଗଢ଼ଣ— ରାଜଧାନୀରେ ଲମ୍ପଟର ଜୀବନ ଯାପନ କରିବା କିମ୍ବା ଭାବାବେଗର ସଂଘର୍ଷ କିଛି ବି ତାକୁ ଦୁର୍ବଳ କରିପାରି ନାହିଁ । ତା'ର ଧୂଳିଧୂସର ଭେଲ୍‌ଭେଟ୍ କୋଟ୍‌ର ଶେଷର ଦୁଇଟା ବୋତାମ ବ୍ୟତୀତ ସବୁ ଗୁଡ଼ିକ ଖୋଲା । ଅଭ୍ୟାସ ତା'ର ସମ୍ଭ୍ରାନ୍ତ ମଣିଷ ପରି । ତା'ର ମଇଳା ଦସ୍ତାନାଗୁଡ଼ିକ ମନେହୁଏ ତା'ର ଶ୍ରେଷ୍ଠ ଅଭିଜାତ ହାତ ଦିଓଟି ପାଇଁ ଠିକ୍ ଭାବରେ ତିଆରି ହୋଇଥିଲା ! ଗୋଟାଏ ଦସ୍ତାନା ସେ ଟାଣି ଖୋଲି ପକାଇବା ପରେ ତା'ର ମ୍ଲାନ ଅଙ୍ଗୁଳି ଗୁଡ଼ିକର ଶୀର୍ଣ୍ଣତା ଦେଖି ମୁଁ ଅବାକ୍ ହୋଇଗଲି । ତା'ର ଚାଲିବା ଭଙ୍ଗୀ ଅଳସ ଓ ଉଦାସୀନ କିନ୍ତୁ ମୁଁ ଲକ୍ଷ୍ୟ କଲି, ହାତ ଦୁଇଟାକୁ ସେ ଦୋହଲାଏ ନାହିଁ—ଚରିତ୍ରର ଗୋଟିଏ ବିଶେଷ ଧରଣର ସଂଯମର ଅଭ୍ରାନ୍ତ ଇଙ୍ଗିତ । ଏଗୁଡ଼ିକ କିନ୍ତୁ ମୋର ପର୍ଯ୍ୟବେକ୍ଷଣ ଉପରେ ପ୍ରତିଷ୍ଠିତ ମୋର ନିଜର ମତାମତ । ଅନ୍ଧ ଭାବରେ ଏଗୁଡ଼ିକୁ ମାନିନେବା ପାଇଁ ଆପଣମାନଙ୍କୁ ମୁଁ କହୁନାହିଁ ! ବେଞ୍ଚ୍ ଉପରେ ଯେତେବେଳେ ସେ ବସିଲା, ତା'ର ଉନ୍ନତ ଦେହଟା କୁଜା ହୋଇଗଲା, ମନେହେଲା ଯେପରି ତା ପିଠିରେ ମୁଣ୍ଡଟା ନାହିଁ ! ତା'ର ସମସ୍ତ ଭାବ-ଭଙ୍ଗୀରେ ବର୍ତ୍ତମାନ ଆତ୍ମପ୍ରକାଶ କଲା ଏକ ପ୍ରକାରର ସ୍ନାୟବିକ ଦୁର୍ବଳତା; ସେ ବସିପଡ଼ିଲା, ବାଲ୍‌ଜାକ୍ ବର୍ଣ୍ଣିତ ତିରିଶିବର୍ଷ ବୟସର

Digitized by srujanika@gmail.com

ଛୁଣ୍ଡାଳ ଟୋକାମାନେ କ୍ଲାନ୍ତିକର ବଲ୍‌ନୃତ୍ୟ ପରେ ଯେପରି ଆଗମ ତଉକ ଉପରେ ଫାଁ ଗାଳଦେଇ ପଡ଼ନ୍ତି । ପ୍ରଥମ ଦର୍ଶନରେ ତା'ର ବୟସ ତେଇଶି ବର୍ଷରୁ ବେଶି ବୋଲି ମନେହେଉ ନାହିଁ, ଯଦିଓ ପରେ ତା'ର ବୟସ ଷଠିଶି ବୋଲି ମାନିବାକୁ ମୁଁ ପ୍ରସ୍ତୁତ ଥିଲି । ତା ହସ ଭିତରେ ଶିଶୁ-ହସର ପୂର୍ଣ ଥିଲା । ଝିଅମାନଙ୍କ ପରି ନରମ ତା ଦେହର ଚମ । ତା'ର ସ୍ୱାଭାବିକ କୁଞ୍ଚିତ ସୁନେଲି-ବାଳ ତା'ର ଉନ୍ନତ ମ୍ଲାନଲଲାଟ ସତ୍ତ୍ୱେ ସୁନ୍ଦର ମାନେ । ଭଲକରି ଲକ୍ଷ୍ୟ କଲେ ଖାଲି ସେଇଠି ଦେଖାଯାଏ ଅତି ସୂକ୍ଷ୍ମରେଖାର ଜାଲି । ହୁଏତ ସେଗୁଡ଼ାକ ବୋଧ ଆଉ ଆଧ୍ୟାତ୍ମିକ ଅସ୍ଥିରତା କେବେ ବହୁତ ବେଶି ପ୍ରକଟିତ ହୁଏ । ତା'ର ବାଳଗୁଡ଼ିକ ସୁନେଲି ହେଲେ ମଧ୍ୟ ଭ୍ରୂ ଆଉ ନିଶ ଦୁଇଟା କଳା—ଧଳା ଘୋଡ଼ାର କଳାକେଶର ଆଉ କଳା ଲାଞ୍ଜ ଯେପରି ତା ଆଭିଜାତ୍ୟର ନିଶ୍ଚିତ ଚିହ୍ନ, ଏଗୁଡ଼ିକ ବି ସେହିପରି । ଏତିକି କହି ତାର ବର୍ଣ୍ଣନା ଶେଷ କରିବି ଯେ, ନାକଟା ତା'ର ସାମାନ୍ୟ ଉନ୍ନତ, ଦାନ୍ତଗୁଡ଼ିକ ଆଖି ଝଲସି ଯିବା ପରି ଚକ୍‌ଚକ୍ ଧଳା, ଆଖି ଦୁଇଟି ପିଙ୍ଗଳ ବର୍ଣ୍ଣର; କିନ୍ତୁ ତା ଆଖି ସମ୍ବନ୍ଧରେ ଆଉ ଗୋଟାଏ ଦୁଇଟା କଥା କହିବି ।

ପ୍ରଥମତଃ ସେ ଯେତେବେଳେ ହସେ ଆଖି ଦୁଇଟି ତାର ହସେ ନାହିଁ ! ମଣିଷ ଭିତରେ ଏଇ ଧରଣର ବୈଶିଷ୍ଟ୍ୟ କେବେହେଲେ କ'ଣ ଆପଣମାନେ ଲକ୍ଷ୍ୟ କରିଛନ୍ତି ?···ମନ୍ଦ ପ୍ରକୃତି ଅଥବା ଗମ୍ଭୀର ଓ ସର୍ବଦା ଉପସ୍ଥିତ-ବିଷନ୍ନତାର ସେଇଟା ଲକ୍ଷଣ । ଯଦି କୁହାଯାଏ ତା ହେଲେ କହିବି ଯେ ସେଗୁଡ଼ିକ ଅର୍ଦ୍ଧନିମିଳିତ ଆଖି-ପଲ୍ଲବ ତଳେ ଜଳୁଛି ଏକ ପ୍ରକାରର ଅନୁପ୍ରଭ-ଜ୍ୟୋତିରେ । ଆଧ୍ୟାତ୍ମିକଉଷ୍ଣତା ଅଥବା ଉଦ୍‌ବେଗର କଳ୍ପନାଦାଇଁ ନୁହେଁ, ସେଇଟା ହେଉଛି ମସୃଣ-ଇସ୍-ପାତ୍‌ର ଝଲକ ପରି······କିନ୍ତୁ ଶୀତଳ । ଦୃଷ୍ଟି ତା'ର ଚକିତ କିନ୍ତୁ ମର୍ମଭେଦୀ ଓ ପୀଡ଼ାଦାୟକ, ଅବିବେଚକ-ପ୍ରଶ୍ନପରି ପ୍ରଭାବ ତାର ଅସ୍ୱସ୍ତିକର । ଯଦି ତାହା ଏତେ ଶାନ୍ତ ଓ ଉଦ୍ଦେଶ୍ୟହୀନ ହୋଇ ନଥାନ୍ତା, ତାହେଲେ ତାକୁ ଉଦ୍ଧତ ବୋଲି ମନେହୋଇ ପାରନ୍ତା ! ତା ଜୀବନର କିଛି ଘଟଣା ମୁଁ ଜାଣେ ବୋଲି ହୁଏତ ଏଇସବୁକଥା ମୋ ମନକୁ ଆସିଲା ! ଅନ୍ୟ କେହିହେଲେ ସମ୍ପୂର୍ଣ୍ଣ ଭିନ୍ନ ଧାରଣା

Digitized by srujanika@gmail.com

କରନ୍ତେ । କିନ୍ତୁ ଯେହେତୁ ଆପଣମାନେ ମୋ ବ୍ୟତୀତ ଅନ୍ୟ କାହା ପାଖରୁ ତା କଥା ଜାଣିପାରିବେନାହିଁ, ସେଥିପାଇଁ ଏହି ବର୍ଣ୍ଣନା ନେଇହିଁ ଆପଣମାନଙ୍କୁ ସନ୍ତୁଷ୍ଟ ରହିବାକୁ ହେବ । ପରିଶେଷରେ ମୋତେ କହିବାକୁହିଁ ହେବ, ମୋଟାମୋଟି ବାସ୍ତବିକ ସିଏ ଦେଖିବାକୁ ସୁନ୍ଦର, ଆଉ ତାର ମୁହଁଟା ଏପରି ଅସାଧାରଣ, ଅଭିଜାତ ସମାଜର ଯୁବତୀ ମାନଙ୍କ ପାଖରେ ଯାହା ବିଶେଷକରି ପ୍ରିୟ ।

ଘୋଡ଼ାମାନେ ଯେ ଗୁହେଲେ, ଜୁଆଳି ସହିତ ଲଗିଥିବା ଘଣ୍ଟି ଗୁଡ଼ିକ ମଝିରେ ମଝିରେ ଟୁଂ ଟାଂ ହେଉଛି ଆଉ ଗୁକର ଏଥିଭିତରେ ଦୁଇଥର ପେରେଗ୍ରିନ୍‌କୁ କହିଛି ଯେ ଗାଡ଼ି ପ୍ରସ୍ତୁତ । ତଥାପି କିନ୍ତୁ ମାକ୍‌ସିମ୍ ମାକ୍‌ସିମ୍‌ଚିଙ୍କ ଦେଖାନାହିଁ । ସୌଭାଗ୍ୟକ୍ରମେ ପେରେଗ୍ରିନ୍ ଗଭୀର ଚିନ୍ତାରେ ନିମଗ୍ନ ଥିଲା, ଅନାଇଥିଲା କକେଶାସ୍‌ର ନୀଳ ପାହାଡ଼ମାଳା ଆଡ଼କୁ । ବୁଝା ପଡ଼ୁଥିଲା, ଯିବାପାଇଁ ତାର ଉଦ୍‌ବେଗ ନାହିଁ । ମୁଁ ତା ପାଖକୁ ଗଲି, "ଯଦି ଆପଣ ଆଉଟିକେ ଅପେକ୍ଷା କରନ୍ତି······" ମୁଁ କହିଲି, "ତାହେଲେ ଆପଣଙ୍କର ଜଣେ ପୁରାତନ ବନ୍ଧୁଙ୍କ ସହିତ ସାକ୍ଷାତ ହେବ ।"

"ଓ-ହୋ, ଠିକ୍‌କଥା !" ଶୀଘ୍ର ସେ ଉତ୍ତର ଦେଲା, "କାଲି ତାଙ୍କ କଥା ଶୁଣିଥିଲି । କିନ୍ତୁ କୋଉଠି ସିଏ ?" ପଡ଼ିଆ ଆଡ଼କୁ ଫେରିଲି ଆଉ ଦେଖିଲି, ମାକ୍‌ସିମ୍ ମାକ୍‌ସିମୀଚ୍ ଆମ ଆଡ଼କୁ ପ୍ରାଣପଣେ ଛୁଟିଛନ୍ତି । କେତୋଟି ମୁହୂର୍ତ୍ତ ଭିତରେ ଆମପାଖରେ ସେ ଆସି ପହଞ୍ଚିଲେ । ତାଙ୍କର ଦମ୍ ପ୍ରାୟ ବନ୍ଦହୋଇ ଆସୁଛି, ବୁନ୍ଦା ବୁନ୍ଦା ଝାଳ ଗଡ଼ି ପଡ଼ୁଛି ମୁହଁରୁ, ଟୋପି ଭିତରୁ ବାହାରି ଆସିଥିବା କେତୋଟି ଓଦା ପାଚିଲା ବାଳ କପାଳ ସହିତ ଜଡ଼ିଯାଇଛି ଆଉ ଆଣ୍ଠୁ ଦୁଇଟି ଥର ଥର ହୋଇ ଥରୁଛି······ପ୍ରାୟ ସେ ପେରେଗ୍ରିନ୍‌ର ଗଳା ଜଡ଼ାଇ ଧରିବାକୁ ଯାଉଥିଲେ, ପେରେଗ୍ରିନ୍ କିନ୍ତୁ ଆବେଗହୀନ ଭାବରେ ହାତ ବଢ଼ାଇଦେଲା – ଯଦିଓ ହସଟା ତାର ମଧୁର ! ମୁହୂର୍ତ୍ତକ ପାଇଁ କ୍ୟାପ୍‌ଟେନ୍ ହତବାକ୍ ହୋଇଗଲେ, ତା'ପରେ ଆଗ୍ରହର ସହିତ ନିଜର ଦୁଇହାତରେ ତାର ହାତଟାକୁ ଚାପି ଧରିଲେ, ସେତେବେଳକୁ ସେ କଥା କହି ପାରୁନାହାନ୍ତି ।

Digitized by srujanika@gmail.com

"ଭାରି ଖୁସି ହେଲି, କିପରି ଅଛନ୍ତି ମାକ୍ସିମ୍ ମାକ୍ସିମୀଚ୍ ?" ପଚାରିଲା ପେଚୋରିନ୍ ।

"ଆଜ୍ଞା.....ତୁମେ ?...ଆଜ୍ଞା...ଆପଣ ?..." ବୃଦ୍ଧ ଥରଥର କଣ୍ଠରେ କହିବାକୁ ଲାଗିଲେ, ଆଖି ଲୁହରେ ପୂରି ଉଠିଲା, "ବହୁବର୍ଷ ପରେ...ବହୁତ...ବହୁଦିନପରେ...କିନ୍ତୁ ଆପଣ ଚାଲିଲେ କୋଉଠିକି ?

"ପାରସ୍ୟକୁ...ଆହୁରି, ଆହୁରି ଦୂରକୁ..."

"ଆଶାକରେ ବର୍ତ୍ତମାନ ଯାଉନାହାନ୍ତି । ଟିକେ ରହିବେ ତ ? ଅବା ଚାଲିଯିବେ ? ବହୁଦିନହେଲା ଦେଖା ହୋଇନାହିଁ ।"

"ମୋତେ ଯିବାକୁହିଁ ହେବ ମାକ୍ସିମ୍ ମାକ୍ସିମୀଚ୍ !" ସେ କହିଲା ।

"ହାୟ ଭଗବାନ, ଏତେ ତରତର ହେବାର କ'ଣ ଦରକାର ? କେତେ କଥା ଅଛି ପଚାରିବାକୁ...ଅନ୍ତତଃ କୁହନ୍ତୁ ଖବର କ'ଣ ? ଅବସର ଗ୍ରହଣ କରିଛନ୍ତି କି...? କ'ଣ କରୁଥିଲେ ଏତେଦିନ ଧରି ?"

"ବୈଚିତ୍ର୍ୟହୀନତା ଭିତରେ ଦିନ କଟାଉଥିଲି ।" ହସିହସି ପେଚୋରିନ୍ ଉତ୍ତର ଦେଲା ।

"ମନେଅଛି ଦୁର୍ଗରେ ଆମେ କିପରି ଥିଲୁ ? ଶିକାର କରିବାପକ୍ଷରେ ଭାରି ଚମତ୍କାର ଜାଗା । ବେଶ୍ ମନେପଡ଼ୁଛି ?....."

ଟିକେ ମଳିନ ହୋଇଯାଇ ମୁହଁ ବୁଲାଇଲା ପେଚୋରିନ୍...।

"ହଁ, ମୋର ମନେପଡ଼ୁଛି," ସେ କହିଲା, ଆଉ ତା ସହିତ ଅସ୍ୱାଭାବିକ ଭାବରେ ହାଇମାରିଲା...।

ମାକ୍ସିମ୍ ମାକ୍ସିମୀଚ୍ ତାକୁ ଆହୁରି ଘଣ୍ଟାଏ ଦି'ଘଣ୍ଟା ରହିବା ପାଇଁ ଅନୁରୋଧ କଲେ, "ମଧ୍ୟାହ୍ନ ଭୋଜନଟା ଚମତ୍କାର ହେବ" ସେ କହିଲେ, "ମୋର ଦି'ଟା ଫେଜେଣ୍ଟ୍ ଅଛି, ଆଉ ଏଠାକାର କାଖେଟିଆନ୍ ମଦ ଚମତ୍କାର...ଅବଶ୍ୟ ଜର୍ଜିଆ ପରି ନୁହେଁ, କିନ୍ତୁ ଏଠି ଯାହା ମିଳେ ତା' ଭିତରେ ସବୁଠୁଁ ଭଲ । ଆଉ ଆମେ ଗଳ୍ପ ବି କରିପାରିବା...। ଆପଣଙ୍କର ସେଣ୍ଟ ପିଟର୍ସବର୍ଗରେ ଥିବା ବେଳର ଗଳ୍ପ ଆପଣ ମୋତେ କହିବେ, ନୁହେଁ ?.."

"ବାସ୍ତବିକ୍ ମୋର କହିବା ପରି କିଛି ନାହିଁ...। ମୋତେ ବର୍ତ୍ତମାନ ବିଦାୟ ନେବାକୁହିଁ ହେବ, କାରଣ ମୋତେ ଯିବାକୁ ହେବ ବର୍ତ୍ତମାନ...

Digitized by srujanika@gmail.com

ଜରୁରୀ କାମ ଅଛି । ମୋ କଥା ଯେ ଆପଣଙ୍କର ମନେଅଛି ସେଥିପାଇଁ ମୁଁ କୃତଜ୍ଞ···" ବୃଦ୍ଧଙ୍କ ହାତକୁ ଚାପିଧରି ସେ କହିଲା ।

ବୃଦ୍ଧ ଭ୍ରୂକୁଞ୍ଚିତ କଲେ···। ସେ ସ୍ତବ୍ଧ ଏବଂ ମୁଗ୍ଧ ହୋଇଥିଲେ ଯଦିଓ ନିଜର ଅନୁଭୂତିକୁ ଚାପିବାପାଇଁ ଚେଷ୍ଟା କରିଥିଲେ ପ୍ରାଣପଣେ । "ଭୁଲିଯିବ !" ସେ ଅପ୍ରସ୍ତୁତଭାବରେ କହିଲେ, "ନା, କିଛି ବି ମୁଁ ଭୁଲିନାହିଁ···। ଅଚ୍ଛା, ଯାଃ !···ମୁଁ କେବେ ଆଶା କରିନାହିଁ ଏପରି ଭାବରେ ଆମର ଦେଖାହେବ···"

"ଥାଉ, ଥାଉ, ଆଉ କୁହନ୍ତୁ ନାହିଁ" କହି ପେଚୋରିନ୍ ତାଙ୍କୁ ବନ୍ଧୁପରି ଆଲିଙ୍ଗନ କଲା । "ମୋର ମନେହୁଏନା ମୁଁ ବଦଳି ଯାଇଛି ବୋଲି । ଯା ହେଉ, ଯୁଆ ଉପରେ ହାତ ନାହିଁ । ଆମର ବିଭିନ୍ନ ପଥରେ ଆମକୁ ଯିବାକୁହିଁ ହେବ, ଇଏତ ବିଧିର ବିଧାନ··· । ଭଗବାନହିଁ ଜାଣନ୍ତି, ପୁଣି ଆମର ଦେଖାହେବ କି ନାହିଁ··· !" ଗାଡ଼ିରେ ବସି ସେ ଏଇକଥା କହିଲା । ଏଥିଭିତରେ ଗାଡ଼ିଆନ୍ ଲଗାମ୍ ସଜାଡ଼ି ନେଉଛି ।

'ଟିକେ ସବୁର୍ କର ! ଟିକେ ।" ଗାଡ଼ିର କବାଟଟାକୁ ଧରି ହଠାତ୍ ମାକ୍ସିମ ମାକ୍ସିମଚ୍ ଚିତ୍କାର କରି ଉଠିଲେ : "ଏକେବାରେ ଭୁଲିଯାଇଥିଲି··· । ଗ୍ରିଗୋରି ଆଲେକ୍ସାଣ୍ଡ୍ରୋଭିଚ୍ ପେଚୋରିନ୍, ଆପଣଙ୍କ କାଗଜପତ୍ରଗୁଡ଼ିକ ବର୍ତ୍ତମାନଯାଏଁ ମୋ ପାଖରେ ଅଛି···ତାକୁ ସାଙ୍ଗରେ ନେଇ ମୁଁ ବୁଲୁଛି···ଭାବିଥିଲି, ଜର୍ଜିଆରେ ଆପଣଙ୍କ ଦେଖା ପାଇବି, ସ୍ୱପ୍ନରେ ମଧ୍ୟ କେବେହେଲେ ଭାବିନାହିଁ ଭଗବାନ ଆମକୁ ଏଇଠି ସାକ୍ଷାତ କରାଇବେ··· । ସେଗୁଡ଼ାକ ମୁଁ କ'ଣ କରିବି ?"

"ଆପଣଙ୍କର ଯାହା ଖୁସି !" ପେଚୋରିନ୍ କହିଲା, "ବିଦାୟ !···"

"ତାହେଲେ ଆପଣ ଯାଉଛନ୍ତି ପାରସ୍ୟ ? କେବେ ସେଠୁ ଫେରିବେ ବୋଲି ଭାବୁଛନ୍ତି ?" ତା ଉଦ୍ଦେଶ୍ୟରେ ଚିତ୍କାର କରି ପ୍ରଶ୍ନ କଲେ ମାକ୍ସିମ୍ ମାକ୍ସିମିଚ୍ ।···'

ବହୁତ ଦୂରକୁ ଚାଲି ଯାଇଛି ଗାଡ଼ିଟା, କିନ୍ତୁ ପେଚୋରିନ୍ ଏପରି ଭାବରେ ହାତ ହଲାଇବାକୁ ଲାଗିଲା, ଯାହାର ଅର୍ଥ ଏଇପରି ଭାବରେ

Digitized by srujanika@gmail.com

କରାଯାଏ : ମୁଁ କେବେ ଫେରିବି କି ନାହିଁ ସେ ବିଷୟରେ ସନ୍ଦେହ ଅଛି, ଏପରି କୌଣସି କାରଣ ନାହିଁ, ଯାହାପାଇଁ ଫେରିବାକୁ ହେବ !

ପଥୁରିଆ ରାସ୍ତା ଉପରେ ଘଣ୍ଟାର ଟୁଂଟାଂ ଧ୍ୱନି ଆଉ ଚକର ଘଡ଼ଘଡ଼ ଶବ୍ଦ ଦୂରରେ ମିଳାଇଯିବାର ବହୁ ସମୟ ପରେ ମଧ୍ୟ ବୃଦ୍ଧ ନିଜର ଚିନ୍ତାରେ ତନ୍ମୟ ହୋଇ ସ୍ଥିର ଭାବରେ ଠିଆହୋଇ ରହିଲେ ।

"ହଁ", ଅବଶେଷରେ ସେ କହିଲେ । ନୈରାଶ୍ୟର ଅଶ୍ରୁ ତାଙ୍କ ଆଖିପତାରେ ଟଳମଳ ହେବା ସତ୍ତ୍ୱେ ବି ଗୋଟାଏ ବେପରୁଆ ଭାବ ଦେଖାଇବା ପାଇଁ ଚେଷ୍ଟା କଲେ ସେ । "ନିଶ୍ଚୟ ଆମେ ବନ୍ଧୁ ଥିଲୁ, କିନ୍ତୁ ଆଜିକାର ଦିନରେ ବନ୍ଧୁତ୍ୱର ଅର୍ଥ ବା କ'ଣ ? ତା' ପାଖରେ ମୋର ଦାମ୍ ବା କେତେଟିକେ ? ମୁଁ ଧନୀ ବି ନୁହେଁ, ଆଉ ତା' ଛଡ଼ା ମୋର ବହୁତ ବୟସ ବି ହୋଇ ଯାଇଛି··· । ସେଣ୍ଟ୍ ପିଟର୍ସ୍‌ବର୍ଗ୍‌କୁ ଯାଇ କି ନବାବ୍ ବା ସେ ହୋଇ ନଥିଲା ! ଗାଡ଼ିଟା ଆଉ ତା ଗାଡ଼ିଆନ୍‌ର ଢମାକ୍ କଥାଟା ଥରେ ଭାବନ୍ତୁ ନା !" ଏସବୁ କଥା ସେ କହିଲେ ଏକ ଶ୍ଳେଷାତ୍ମକ ହସ ହସି, "ମୋତେ କୁହନ୍ତୁ ତ !" ମୋ ଆଡ଼କୁ ଅନାଇ ସେ କହିଚାଲିଲେ, "ଆପଣଙ୍କର କ'ଣ ମନେହୁଏ ? କି ପ୍ରକାରର ଦାନବ ତାକୁ ବର୍ତ୍ତମାନ ପାରସ୍ୟକୁ ଠେଲିନେଇ ଯାଉଛି ? ଅଦ୍ଭୁତ ନୁହେଁକି ? ମୁଁ ଅବଶ୍ୟ ଚିରକାଳହିଁ ଜାଣେ, ସିଏ ଗୋଟାଏ ଖାମ୍‌ଖିଆଲି ଲୋକ, ତା' ଉପରେ ନିର୍ଭର କରାଯାଏ ନାହିଁ । ତଥାପି ସିଏ ଅପଘାତରେ ମଲେ ଦୁଃଖାବହ ଘଟଣା ହେବ···କିନ୍ତୁ ଆପଣ ତ ଦେଖିଲେ, କିଛି ବି କରିବାର ନାହିଁ । ସବୁବେଳେ ମୁଁ କୁହେ ଯେ, ଯେଉଁମାନେ ପୁରାତନ ବନ୍ଧୁମାନଙ୍କୁ ଭୁଲି ଯା'ନ୍ତି ତାଙ୍କର କେବେ ଭଲ ହୁଏନାହିଁ !···" ଯା ପରେ ନିଜର ବିଚଳିତ ଭାବକୁ ଲୁଚାଇବା ପାଇଁ ସେ ବୁଲି ଠିଆହେଲେ, ତା'ପରେ ତାଙ୍କ ନିଜ ଗାଡ଼ି ପାଖରେ ଟହଲ ମାରିଲେ, ଏପରି ଭାବ ଦେଖାଇବାକୁ ଲାଗିଲେ, ଯେପରି ଚକଗୁଡ଼ିକୁ ପରୀକ୍ଷା କରୁଛନ୍ତି ! ଏଆଡ଼େ ତାଙ୍କ ଆଖି ଲୁହରେ ଭରି ଉଠିଛି ।

"ମାକ୍‌ସିମ୍ ମାକ୍‌ସିମିଚ୍ !" ତାଙ୍କ ପାଖକୁ ଯାଇ ମୁଁ କହିଲି, "ପେଚୋରିନ୍ କ'ଣ ସବୁ କାଗଜପତ୍ର ଆପଣଙ୍କ ପାଖରେ ରଖି ଯାଇଛି ?"

"ଭଗବାନ ଜାଣନ୍ତୁ ! କେତୋଟି ଡାଇରି କମ୍ବା ଅଛି···"

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

"ସେଗୁଡ଼ାକ ରଖି କ'ଣ କରିବେ ?"

"ସେଗୁଡ଼ାକ ? ସେଗୁଡ଼ାକୁ ବନ୍ଧୁକର ଟୋଟା ତିଆରି କରିବା ପାଇଁ ବ୍ୟବହାର କରିବି ।"

"ମୋତେ ବରଂ ସେଗୁଡ଼ାକ ଦେଇ ଦିଅନ୍ତୁ !"

ବିସ୍ମିତ ହୋଇ ମୋ ଆଡ଼କୁ ସେ ଅନାଇଲେ, ରୁଦ୍ଧଶ୍ୱାସରେ କ'ଣ ଅସ୍ପଷ୍ଟ ଭାବରେ କହିଲେ, ତା' ପରେ ତାଙ୍କ ସୁଟ୍‌କେଶ୍‌ଟିକୁ ଅଣ୍ଡାଳିବାରେ ଲଗିଲେ । ଗୋଟାଏ ଡାଇରି ବାହାର କରି ଘୃଣାର ସହିତ ତଳେ ଫୋପାଡ଼ି ଦେଲେ ସେ । ବିଶ୍ୱାସ, କୃତଜ୍ଞତା ଆଉ ଦଶମଟାର ମଧ୍ୟ ପ୍ରଥମଟାର ଭାଗ୍ୟରେ ଯାହା ଘଟିଥିଲା ତାହାହିଁ ଘଟିଲା । ବୃଦ୍ଧଙ୍କ ରାଗ ଭିତରେ ଗୋଟାଏ ପିଲାଳିଆମି ଭାବ ଥିଲା । ସେଥିପାଇଁ ଦୁଃଖିତ ହୋଇଥିଲି ବୋଲି ହସକୁ ରୁନ୍ଧିଲି···

ସେ କହିଲେ, "ଏଇ ଧରନ୍ତୁ ! ଆପଣଙ୍କ ଆବିଷ୍କାର ପାଇଁ ଅଭିନନ୍ଦନ ଜଣାଉଛି···"

"ଏଗୁଡ଼ିକୁ ନେଇ ମୋର ଯାହା ଖୁସି କରି ପାରିବି ?"

"ଇଚ୍ଛା ହେଲେ ଖବରକାଗଜରେ ଛାପିଦେବେ, ମୋର କ'ଣ ଯାଏ ଆସେ ? ବାସ୍ତବିକ ମୁଁ ତାର ବନ୍ଧୁ ନା ଆତ୍ମୀୟ ? ଅବଶ୍ୟ ବହୁଦିନ ତଳେ ତା' ସହିତ ଏକାଠି ରହିଥିଲି; କିନ୍ତୁ ମୁଁ ତ କେତେ ପ୍ରକାରର ଲୋକଙ୍କ ସହିତ ରହିଛି···!"

କ୍ୟାପ୍‌ଟେନ୍ ତାଙ୍କ ମତ ପରିବର୍ତ୍ତନ କରିପାରନ୍ତି, ଏଇ ଭୟରେ କାଗଜପତ୍ରଗୁଡ଼ିକ ସଙ୍ଗେ ସଙ୍ଗେ ମୁଁ ନେଇନେଲି । ଟିକେ ପରେ ଆମକୁ ଜଣାଇ ଦିଆହେଲା ଯେ ଘଣ୍ଟାକ ଭିତରେ ଓକାଜିଆ ଛାଡ଼ିଯିବ । ମୋ ଘୋଡ଼ାମାନଙ୍କୁ ଯୋଚିବାକୁ ମୁଁ ହୁକୁମ ଦେଲି । ମୁଁ ଯେତେବେଳେ ଟୋପି ପିନ୍ଧୁଛି ସେତେବେଳେ କ୍ୟାପ୍‌ଟେନ୍ ମୋ କୋଠରୀକୁ ଆସିଲେ । ଯିବା ପାଇଁ ପ୍ରସ୍ତୁତ ହେବାର କୌଣସି ଲକ୍ଷଣହିଁ ସେ ଦେଖାଇଲେ ନାହିଁ । ତାଙ୍କ ଭିତରେ ଗୋଟାଏ ଅସ୍ୱାଭାବିକ ଉଦାସୀନ ଭାବ ରହିଛି ।

"ଆପଣ ଯିବେନାହିଁ ?"

"ନା"

"କାହିଁକି ?"

Digitized by srujanika@gmail.com

"କମାଣ୍ଡାଣ୍ଟଙ୍କ ସହିତ ଦେଖା ହୋଇନାହିଁ । ତାଙ୍କୁ କିଛି ସରକାରୀ ରିପୋର୍ଟ ଦେବାକୁ ହେବ…"

"ତାଙ୍କସହିତ ଦେଖା କରିବାକୁ ଯାଇଥିଲେ ?"

"ହଁ, ନିଶ୍ଚୟ, କିନ୍ତୁ ସେ ଘରେ ନଥିଲେ ।"

ପିଏ କ'ଣ କହିବାକୁ ଚାହାନ୍ତି ମୁଁ ବୁଝିଲି । ସମ୍ଭବତଃ, ଜୀବନରେ ପ୍ରଥମ, ସରକାରୀ ଭାଷାରେ କହିବାକୁ ଗଲେ ନିଜ ସୁବିଧା ପାଇଁ ବଡଗ ବୃଦ୍ଧ ତାଙ୍କ କର୍ତ୍ତବ୍ୟରେ ଅବହେଳା କରିଥିଲେ—ଆଜି ଏଇ ହେଲା ତା'ର ଉପାସ୍ନନ !

"ମାକ୍‌ସିମ୍ ମାକ୍‌ସିମୀଚ୍, ମୁଁ ଭାରି ଦୁଃଖିତ" ମୁଁ କହିଲି, "ଏତେ ଶୀଘ୍ର ଆମର ବିଚ୍ଛିନ୍ନ ହେଉଛୁ ବୋଲି । ବାସ୍ତବିକ ମୁଁ ଭାରି ଦୁଃଖିତ ।"

"ଆପଣମାନଙ୍କପରି ତରୁଣମାନଙ୍କ ସହିତ ମୋ ପରି ଅଶିକ୍ଷିତ ବୁଢ଼ା କିପରି ତାଳ ଦେଇ ପାରିବ ?…ଆପଣମାନେ ଅହଙ୍କାରୀ, ଅଭିଜାତ ସମାଜର ତରୁଣମାନେ : ଯେତିଆଡ଼େ ଏଠି ଚେର୍‌କେଶୀୟ ଗୁଳି ଛୁଟିଛି ବୋଲି କୌଣସିମତେ ଆପଣମାନେ ଆମମାନଙ୍କୁ ବରଦାସ୍ତ କରନ୍ତି… କିନ୍ତୁ ଭବିଷ୍ୟତରେ ହଠାତ୍ ଯଦି ଆମର ଦେଖାହୁଏ ତାହେଲେ ମୋ ପରି ଲୋକର କରମର୍ଦ୍ଦନ କରିବାକୁ ଆପଣମାନଙ୍କୁ ଲଜ୍ଜା ହେବ ।"

"ମାକ୍‌ସିମ୍ ମାକ୍‌ସିମୀଚ୍ ! ଏ ଧରଣର ଦୋଷରେ ଦୋଷୀ ହେବାପାଇଁ ମୁଁ କିଛି କରିନାହିଁ ।"

"ଜାଣନ୍ତି ତ, ମୁଁ ସାଧାରଣ ଭାବରେ କହୁଛି । ଯାହାହେଉ, ଆପଣଙ୍କର ମଙ୍ଗଳ ହେଉ, ଆପଣଙ୍କ ଯାତ୍ରା ଯେପରି ଆନନ୍ଦ ଦାୟକ ହେଉ ।"

ଅବସାଦରେ ଆମେ ବିଦାୟ ନେଲୁ । ସହୃଦୟ ମାକ୍‌ସିମ୍ ମାକ୍‌ସିମୀଚ୍ ବର୍ତ୍ତମାନ ଜଣେ ଏକ୍‌ଜିଦିଆ ବଦ୍‌ମିଜାଜୀ କ୍ୟାପ୍‌ଟେନ୍ । କିନ୍ତୁ କାହିଁକି ? କାରଣ ଅନ୍ୟମନସ୍କତା ବା ଅନ୍ୟ କୌଣସି କାରଣରେ ପେଚୋରିନ୍ ତାଙ୍କ ଆଡ଼କୁ ଖାଲି ହାତ ପ୍ରସାରିତ କରିଥିଲା ଯେତେବେଳେ ସେ ତାଙ୍କୁ ଆଲିଙ୍ଗନ କରିବାକୁ ଚାହିଁଥିଲେ । କୌଣସି ଯୁବକର ସୁନ୍ଦରତମ

Digitized by srujanika@gmail.com

ଆଶା ଓ ସ୍ୱପ୍ନକୁ ଧୂଳିସାତ୍ ହେବାର ଦେଖିଲେ କଷ୍ଟହୁଏ, ଯେଉଁ ଗୋଲାପୀ-
ମାୟା ଦ୍ୱାରା ମଣିଷରେ କର୍ମ ଓ ଆବେଗ ସେ ଦେଖିଥିଲେ ତାକୁ ହରାଇବାର
ଦେଖିଲେ କଷ୍ଟହୁଏ—ତଦଓ ଯେତେବେଳେ ଆଶା ଥାଏ ଯେ ପୁରୁଣା
ଭ୍ରାନ୍ତିର ବିନିମୟରେ ମେ ହୁଏତ ନୂଆ ଭ୍ରାନ୍ତି ଖୋଜି ପାଇବ—ସେଇଟା
ମଧ୍ୟ ସମାନ ଭାବରେ କଷ୍ଟଦାୟୀ, ତଥାପି ସମାନ ଭାବରେ ମଧୁର ··।
କିନ୍ତୁ ମାକ୍ସିମ୍ ମାକ୍ସିମୀଚ୍‌ଙ୍କ ବୟସରେ ସେଗୁଡ଼ିକର ବିନିମୟରେ
ପାଇବାର ଅଛି କ'ଣ ? ଇଚ୍ଛା ନ କଲେ ବି ହୃଦୟ ହୁଏ କଠିନତର
ଆଉ ଆତ୍ମା ଶୁଖି ଆସେ······

ମୁଁ ଏକା ରହିଲି ।

ଘେତ୍ରେରିନ୍ର
ଡାଇରି

Digitized by srujanika@gmail.com

॥ ଭୂମିକା ॥

ନିକଟରେ ମୁଁ ଜାଣିବାକୁ ପାଇଛି, ପାରସ୍ୟରୁ ଫେରିବା ବେଳେ ଫେରେନ୍ଟନ୍‌ର ମୃତ୍ୟୁ ହୋଇଛି ବୋଲି । ମୁଁ ସନ୍ତୁଷ୍ଟ ହୋଇଥିଲି ଏ ସମ୍ବାଦରେ, କାରଣ, ଏ ଘଟଣା ତା'ର ରଚନାକୁ ଛାପିବାର ଅଧିକାର ମୋତେ ଦେଇଛି । ଅନ୍ୟ ଲୋକର ରଚନାରେ ନିଜର ନାମ ସ୍ୱାକ୍ଷର କରିବାର ସୁଯୋଗ ମୁଁ ଗ୍ରହଣ କଲି । ଭଗବାନ କରନ୍ତୁ, ଏଇ ନିର୍ଦ୍ଦୋଷ-ଛଳନା ପାଇଁ ପାଠକମାନେ ଯେପରି ମୋତେ ଦଣ୍ଡ ନ ଦିଅନ୍ତୁ !

ଅବକା ମୁଁ ଅଳ୍ପ କଥାରେ ବୁଝାଇ କହିବି, କାହିଁକି, ଯେଉଁ ଲୋକକୁ କେବେହେଲେ ଜାଣିନାହିଁ, ତା'ର ଗୋପନତମ କାହାଣୀ ଜନସାଧାରଣଙ୍କ ପାଖରେ ବ୍ୟକ୍ତ କରିବା ପାଇଁ ଉଦ୍‌ବୁଦ୍ଧ ହୋଇଥିଲି । ତା'ର ବନ୍ଧୁ ହୋଇଥିଲେ କାହାଣୀଟା ନ ହେଲେ ଲୁଚ୍ଚା ଯାଇଥାନ୍ତା; କାରଣ ପ୍ରକୃତ ବନ୍ଧୁର ବିଶ୍ୱାସଘାତକ ଅପରିଣାମଦର୍ଶୀତାକୁ ସମସ୍ତେହିଁ ତାରିଫ୍ କରି ପାରନ୍ତି । ମୁଁ କିନ୍ତୁ ତାକୁ ମାତ୍ର କେତୋଟି ମୁହୂର୍ତ୍ତ ପାଇଁ ଦେଖିଥିଲି, ଅତଏବ ତାକୁ ସେଇ ଦୁର୍ବୋଧ-ଘୃଣାର ସହିତ ଦେଖିବା ସମ୍ଭବ ନୁହେଁ, ଯେଉଁଟା ବନ୍ଧୁଭାବର ମୁଖାପିନ୍ଧା କେବଳ ଅପେକ୍ଷା କରିଥାଏ ମୃତ୍ୟୁ ଅଥବା ଦୁଃସମୟ ପାଇଁ, ଯେଉଁଥିରେ ସ୍ନେହର ପାଙ୍କକୁ ନେଇ ତା ମୁଣ୍ଡ ଉପରେ ନିନ୍ଦା, ଉପଦେଶ, ଥଟ୍ଟା ଏବଂ ଅନୁକମ୍ପାର ଶିଳାବୃଷ୍ଟି କରିଷ୍ଟଲେ ।

ଏଇ ରଚନାଗୁଡ଼ିକ ପୁନର୍ବାର ପଢ଼ି ମୁଁ ନିଃସନ୍ଦେହ ହୋଇଛି, ମଣିଷଟି ଆନ୍ତରିକତାର ସହିତ ନିର୍ଦ୍ଦୟ ଭାବରେ ତା ନିଜର ଦୁର୍ବଳତା ଓ ପାପର କାହାଣୀକୁ ଲେଖିଛି । କୌଣସି ଲୋକର ଆତ୍ମାର କାହାଣୀ, ସେ ଆତ୍ମା ଯେତେ ହୀନ ହେଉନା କାହିଁକି, ଯେ କୌଣସି ଜାତିର କାହାଣୀଠାରୁ କମ୍ ଚିତ୍ତାକର୍ଷକ ଓ ଶିକ୍ଷାପ୍ରଦ ନୁହେଁ, ବିଶେଷ କରି ସେଇଟା ଯଦି ପରିଣତ ମନର ଆତ୍ମ-

Digitized by srujanika@gmail.com

ପର୍ଯ୍ୟବେକ୍ଷଣର ଫଳହୁଏ ଆଉ ଲେଖା ହୋଇଥାଏ ଦୟା କିମ୍ବା ବିସ୍ମୟ ଉଦ୍ରେକ କରିବାର ଦାମ୍ଭିକ-ଇଚ୍ଛାକୁ ବାଦ୍ ଦେଇ । ରୁଷୋଙ୍କର ସ୍ୱୀକାରୋକ୍ତିର ନାନା ଦୋଷ ଭିତରେ ଗୋଟିଏ ହେଲା ଯେ, ସେଇଟିକୁ ସେ ତାଙ୍କର ବନ୍ଧୁମାନଙ୍କୁ ପଢ଼ି ଶୁଣାଇଥିଲେ ।

ଅତଏବ କିଛି ଭଲକାମ କରିବାର ଇଚ୍ଛାରେହିଁ ଯେଉଁ ଡାଇରି ହଠାତ୍ ପାଇଥିଲି, ତା'ର କେତେ କେତେ ଅଂଶ ପ୍ରକାଶ କରିବାକୁ ମୁଁ ଉତ୍ସାହିତ ହୋଇଛି । ଯଦିଓ ସବୁ ଚରିତ୍ରର ନାମକୁ ମୁଁ ବଦଳାଇ ଦେଇଛି, ତଥାପି ଏଥିରେ ଯେଉଁମାନଙ୍କର ଉଲ୍ଲେଖ ଅଛି ବୋଧହୁଏ ସେମାନେ ନିଜ ନିଜକୁ ଚିହ୍ନି ପାରିବେ ଆଉ ହୁଏତ ଯେଉଁ ଲୋକ ବର୍ତ୍ତମାନ ଆଉ ଇହଜଗତରେ ନାହିଁ, ତାର ଯେଉଁ-ସବୁ କର୍ମ ପାଇଁ ସେମାନେ ଅଭିଯୋଗ କରିଥିଲେ ସେଗୁଡ଼ିକର ପ୍ରକୃତ କାରଣ ଜାଣି ପାରିବେ । କାରଣ, ଆମେ ଯାହା ବୁଝିପାରୁ ତାହା ପ୍ରାୟ କ୍ଷମା କରିଥାଉ ।

ଏ ବହିରେ ମୁଁ କେବଳ ସେଇ ସବୁ ଅଂଶକୁ ଉଦ୍ଧୃତ କରିଛି ଯାହା ସହିତ ପେଚୋରିନ୍‌ର କକେଶସ୍‌ରେ ଥିବା ବେଳର ସଂବଂଧ ଅଛି । ତା ଛଡ଼ା ମଧ୍ୟ ମୋ ପାଖରେ ଗୋଟାଏ ମୋଟା ଖାତା ଅଛି, ଯେଉଁଥିରେ ସେ ନିଜର ପୁରା ଜୀବନର କାହାଣୀ ଲେଖିଛି । କୌଣସିଦିନ ଜନସାଧାରଣଙ୍କ ବିଚାର ପାଇଁ ସେଇଟିକୁ ମଧ୍ୟ ପେସ୍ କରାହେବ; ବର୍ତ୍ତମାନ କିନ୍ତୁ ନାନା ଗୁରୁତ୍ୱପୂର୍ଣ୍ଣ କାରଣ ପାଇଁ ନିଜେ ମୁଁ ଦାୟିତ୍ୱ ନେବାକୁ ସାହାସ କରୁନାହିଁ ।

କେତେଜଣ ପାଠକ ହୁଏତ ଜାଣିବାକୁ ଚାହିଁବେ ଯେ, ପେଚୋରିନ୍‌ର ଚରିତ୍ର ସମ୍ବନ୍ଧରେ ମୋ ନିଜର ମତାମତ କ'ଣ ? ମୋର ଉତ୍ତର ବହିଟିର ନାମରୁହିଁ ଜଣା ପଡ଼ିବ । ସେମାନେ କହିବେ, "ଇଏ ତ କିନ୍ତୁ ତିକ୍ତ ଶ୍ଳେଷ !" ମୁଁ ସେ ସବୁ ଜାଣେ ନା ।

Digitized by srujanika@gmail.com

୧

ତାମାନ

ରୁଷିଆର ସମସ୍ତ ସମୁଦ୍ର-ତଟବର୍ତ୍ତୀ ସହର ଭିତରେ ତାମାନ ସବୁଠାରୁ ଜଘନ୍ୟ । ସେଠି ମୁଁ ପ୍ରାୟ ଅନାହାରରେ ମରିବାକୁ ବସିଥିଲି ଅଧିକନ୍ତୁ ମୋତେ ବୁଡ଼ାଇ ମାରିବାର ଚେଷ୍ଟା ମଧ୍ୟ ହୋଇଥିଲା । ବହୁତ ରାତିରେ ଘୋଡ଼ାଟଣା ଡାକଗାଡ଼ିରେ ସେଠି ମୁଁ ପହଞ୍ଚିଲି । ଏକମାତ୍ର ପକ୍କାଘରର ଫାଟକ ସାମ୍ନାରେ ଗାଡ଼ିଆନ୍ ଟ୍ରୟକା[1]ର କ୍ଳାନ୍ତ ଘୋଡ଼ାମାନଙ୍କୁ ଅଟକାଇଲା । ସହରର ପ୍ରବେଶ ପଥର ସାମ୍ନାରେହିଁ ଥିଲା ଘରଟା । ଗାଡ଼ିର ଟିଂ ଟିଂ ଶବ୍ଦରେ ପହରାରେ ଥିବା କୃଷ୍ଣସାଗରର କସାକ୍ ଜାଗିଉଠି ହଠାତ୍ ଚିତ୍କାର କରିଉଠିଲା, "କିଏ ଯାଉଛି ?" ଘର ଭିତରୁ ଜଣେ କସାକ୍ ସର୍ଜେଣ୍ଟ୍ ଆଉ ସ୍ଥାନୀୟ ପୁଲିସ୍ ବାହାରି ଆସିଲେ । ମୁଁ କହିଲି ଯେ ମୁଁ ଜଣେ ଅଫିସର, ସରକାରୀ କାର୍ଯ୍ୟରେ ଗୋଟିଏ ସେନାବାହିନୀକୁ ଯାଉଛି । ଦାବୀ ଜଣାଇଲି ରାତ୍ରିବାସର । ପୁଲିସ୍‌ର ଲୋକଟି ମୋତେ ନେଇଗଲା ସହରକୁ । ଯେଉଁ ଘରେ ରହିବା କଥା ସେଇଟା ଭର୍ପୂର୍ । ଭୀଷଣ ଶୀତ ଆଉ କ୍ରମାଗତ ତିନି ରାତି ଶୋଇ ନ ଥିବାରୁ ମୁଁ କ୍ଳାନ୍ତ । ସେଥିପାଇଁ ମିଜାଜ୍ ଗରମ ହୋଇ ଉଠିବାକୁ ଆରମ୍ଭ କଲା । "ହତଭାଗା, ଯୋଉଠିକି ଇଚ୍ଛାହଉଚି ସେଇଠିକି ନେଇଚଲ୍—ମନ ଯଦି ହଉଚି ନରକକୁ ମଧ୍ୟ—ରହିବାର ଜାଗା ପାଇଲେହିଁ ହେଲା !" ଚିତ୍କାର କରି ମୁଁ କହିଲି । ମୁଣ୍ଡର ପଛପଟଟାକୁ କୁଣ୍ଡେଇ ପୁଲିସ୍‌ର ଲୋକଟା କହିଲା, "ଗୋଟାଏ ଜାଗା ଅବକା ଖୋଜିବାକୁ ବାକି ଅଛି । ହଜୁର୍, ଜାଗାଟା କିନ୍ତୁ ଆପଣଙ୍କର ପସନ୍ଦ ହବନାହିଁ, ସେଠି

[1]ଟ୍ରୟକା — ରୁଷ୍‌ଦେଶର ତିନିଘୋଡ଼ାଯୁକ୍ତ ଗାଡ଼ି ।

Digitized by srujanika@gmail.com

ନାନା ଅଦ୍ଭୁତ କାଣ୍ଡ ସବୁ ଘଟେ !" ତା'ର ଶେଷ ଉକ୍ତିର ଅସଲ ଅର୍ଥ ଧରି ନ ପାରି ମୁଁ ତାକୁ କହିଲି ସେଇଠିକି ନେଇ ଯିବାକୁ । ବହୁ ସମୟ ଧରି କାଦୁଅଭରା ଗଳି ମାନଙ୍କ ଭିତରେ ଆମେ ବୁଲିଲୁ, ଦୁଇ ପାଖରେ ଜୀର୍ଣ୍ଣ ପାଚେରୀ, ତା ପରେ ସମୁଦ୍ର ତୀର ଉପରେ ଥିବା ଛୋଟ ଗୋଟିଏ କୁଟୀରରେ ପହଞ୍ଚିଲୁ ଆମେ ।

ମୋର ସ୍ୱାମୀ-ବାସସ୍ଥାନର ଗ୍ଲାନ ବାଉଁଶ କଣିର । ଧଳା କାନ୍ଥ ଉପରେ ସ୍ୱଚ୍ଛମାତ୍ରାରେ ପଡ଼ୁଛି ଚନ୍ଦ୍ର କିରଣ । ଅଗଣାଟା କଙ୍କରିଳ ପଥରର ପାଚେରୀରେ ଘେରା । ସେଠି ଆଉ ଗୋଟିଏ ଭଙ୍ଗା କୁଡ଼ିଆ, ପ୍ରଥମଟି ଅପେକ୍ଷା କ୍ଷୁଦ୍ର ଆଉ ପ୍ରାଚୀନ । କୁଡ଼ିଆର କାନ୍ଥକୁ ଘସି ହୋଇ ତଖ ପାହାଡ଼ ହଠାତ୍ ସମୁଦ୍ର ପର୍ଯ୍ୟନ୍ତ ଲମ୍ବି ଯାଇଛି । ତଳେ ଘନଫେନିଳ ତେଜ ବେଳାଭୂମି ଉପରେ କ୍ରମାଗତ ଗର୍ଜନ କରି ଭାଙ୍ଗି ପଡ଼ୁଛି । ପ୍ରଶାନ୍ତ ଦୃଷ୍ଟିରେ ଚନ୍ଦ୍ର ଅନାଇ ରହିଛି ବିକ୍ଷୁବ୍ଧ ଅଥଚ ଆଜ୍ଞାବହ ସମୁଦ୍ର ଆଡ଼କୁ । ସେଇ ଚନ୍ଦ୍ରାଲୋକରେ ଦେଖିବାକୁ ପାଇଲି ତୀରଠାରୁ ଦୂରରେ ଦୁଇଟି ଜାହାଜ ନଙ୍ଗର୍ ପକାଇ ରହିଛି, ଫିକା-ଦିଗନ୍ତର ପଟ୍ଟଭୂମିରେ ସେମାନଙ୍କର କଳା-ମାସ୍ତୁଲ୍ ଓ ଦଉଡ଼ି ଯେପରି ନିଶ୍ଚଳ ଗୋଟାଏ ମାକଡ଼ସାର ଜାଲ ! ଭାବିଲି, "ଜାହାଜ ସେଠି ନଙ୍ଗର୍ ପକାଇ ରହିଛି । କାଲି ମୁଁ ଗେଲେନ୍‌ଜିକୁ ଯାତ୍ରା କରିବି ।"

ସୀମାନ୍ତ-ବାହିନୀର ଜଣେ କସାକ୍ ମୋର ଭୃତ୍ୟ । ମୋର ସୁଟ୍‌କେଶ୍‌ଟାକୁ ଓହ୍ଲାଇ ଗାଡ଼ିଆନ୍‌କୁ ବିଦାୟ କରି ଦେବାକୁ କହି ମୁଁ ଘରର ମାଲିକକୁ ଡାକ ଦେଲି । କୌଣସି ଉତ୍ତର ନାହିଁ ! ଧକ୍କା ମାରିଲି ଦରଜାରେ, ତଥାପି କୌଣସି ଉତ୍ତର ନାହିଁ··· । ଏହାର ଅର୍ଥ କ'ଣ ? ଅବଶେଷରେ ଅଳନ୍ଦରେ ଚଉଦ ବର୍ଷର ଗୋଟିଏ ପିଲା ଦେଖା ଦେଲା ।

"ଘରର ମାଲିକ କାହାନ୍ତି ?"

"ନାହାନ୍ତି ।"

"କ'ଣ କହିବାକୁ ଚାହୁଁ, ଏ ଘରର କ'ଣ କେହି ମାଲିକ ନାହାନ୍ତି ?"

"ଜଣେ ହେଲେ ବି ନାହାନ୍ତି ।"

"ଆଉ ମାଲିକାଣୀ ?"

Digitized by srujanika@gmail.com

"ସହରକୁ ଯାଇଛନ୍ତି ।"

"ମୋ ପାଇଁ କବାଟ କିଏ ଖୋଲିବ ?" କବାଟରେ ଗୋଇଠା ମାରି ମୁଁ କହିଲି । ଦରଜାଟା ଖୋଲିଗଲା ଆଉ ଭିତରୁ ଗୋଟାଏ ଦୁର୍ଗନ୍ଧ ବାହାରି ଆସିଲା । ଚାକର ଗୋଟାଏ ଡିଆସିଲି ଜଳାଇ ପିଲାଟାର ନାକପାଖକୁ ନେଇ ଆସିଲା । ସେଇ ଆଲୋକରେ ଦେଖିଲି ଦୁଇଟି ଧଳା ଆଖି । ସେ ଅନ୍ଧ, ଜନ୍ମରୁ ସଂପୂର୍ଣ୍ଣ ଅନ୍ଧ । ମୋ ସାମ୍ନାରେ ସେ ସ୍ଥିର ହୋଇ ଠିଆହୋଇ ରହିଲା, ମୁଁ ତା'ର ମୁହଁଟିକୁ ନିରୀକ୍ଷଣ କରି ଦେଖିଲି ।

ମୁଁ ସ୍ୱୀକାର କରୁଛି ଯେ ଅନ୍ଧ, ଟେରା, କାଲ, ଘୁଙ୍ଗା, ଛେଙ୍ଗଟା, କୁଜା ଇତ୍ୟାଦି ସମସ୍ତଙ୍କ ଉପରେ ବି ମୋର ଗୋଟାଏ ଘୋରତର କୁସଂସ୍କାର ଅଛି । ମୁଁ ଲକ୍ଷ୍ୟ କରିଛି ଯେ, ସବୁବେଳେ ମଣିଷର ବାହ୍ୟ ଚେହେରା ସହିତ ତା' ଅନ୍ତରର ଏକ ଆଶ୍ଚର୍ଯ୍ୟ ସମ୍ପର୍କ ଅଛି—ମନେ ହୁଏ ଯେପରି କୌଣସି ଅଙ୍ଗ ହରାଇଲେ ତା'ର ଆତ୍ମା ବି ଯେପରି ଅନୁଭବ କରିବାର ଶକ୍ତି କିଛିଟା ହରାଏ !

ସେଥିପାଇଁ ମୁଁ ଅନ୍ଧ ପିଲାଟିର ମୁହଁ ପରୀକ୍ଷା କରିବାକୁ ଲାଗିଲି । କିନ୍ତୁ ଯେଉଁ ମୁହଁରେ ଆଖି ନାହିଁ ସେଥିରୁ କ'ଣ ବା ବୁଝାଯିବ ·····? ଅନିଚ୍ଛା ସତ୍ତ୍ୱେ ମଧ୍ୟ କରୁଣାର ସହିତ ବହୁସମୟ ଧରି ତା' ଆଡ଼କୁ ଚାହିଁରହିଲି । ତା'ର ପତଳା ଓଠ ଉପରେ ଅସ୍ପଷ୍ଟ ହସ ଖେଳିଗଲା, କାହିଁକି ଜାଣେନା, ସେଇଟା ମୋତେ ଅତ୍ୟନ୍ତ ଅପ୍ରୀତିକର ବୋଧହେଲା ! ମନରେ ମୋର ଚକିତ ଏକ ସନ୍ଦେହ ଝଲସି ଉଠିଲା ଯେ, ସିଏ ଯେତେଟା ଅନ୍ଧ ଦେଖା ଯାଉଛି ସେତେଟା ନୁହେ । ବୃଥାରେ ମୁଁ ନିଜକୁ ବୁଝାଇବାକୁ ଚେଷ୍ଟା କଲି, ଆଖିରେ ପରଳ ମାଡ଼ିଛି ଏ ଛଳନା କରିବାଟା ଅସମ୍ଭବ । ଆଉ କାହିଁକି ବା ଲୋକ ସେପରି କରିବ ? କିନ୍ତୁ ସନ୍ଦେହ ନ କରି ପାରିଲି ନାହିଁ, କାରଣ, ପ୍ରାୟ ମୁଁ ଆଗରୁ ଧାରଣା କରିନେବାରେ ଅଭ୍ୟସ୍ତ·····

"ତୁ କ'ଣ ଘର ମାଲିକର ପୁଅ ?" ଅବଶେଷରେ ତାକୁ ମୁଁ ପଚାରିଲି ।

"ନା ।"

Digitized by srujanika@gmail.com

"ଚାହେଲେ ଭୁ କଏ ?"

"ଅନାଥ, ଗରିବ ଏକ ଅନାଥ ।"

"ମାଲିକାଣୀର କ'ଣ କେହି ପୁଅ-ଝିଅ ଅଛନ୍ତି ?"

"ନା, ତା'ର ଗୋଟିଏ ଝିଅ ଥିଲା, କିନ୍ତୁ ସିଏ ଗୋଟାଏ ଡାକାର୍ ସାଙ୍ଗରେ ସମୁଦ୍ର ଆରପାଖକୁ ପଳାଇଛି ।"

"କି ଧରଣର ଡାକାର୍ ?"

"ଶଇତାନ୍ ଜାଣେ, କ୍ରାଇମିଆର ଡାକାର୍, କେର୍ଚ୍‌ର ମାଝି !"

କୁଟୀରରେ ମୁଁ ପ୍ରବେଶ କଲି । ଘରର ଆସବାବପତ୍ର ମଧ୍ୟରେ ଖାଲି ଦୁଇଟା ବେଞ୍ଚ୍, ଗୋଟାଏ ଟେବୁଲ୍ ଆଉ ଚୁଲି ପାଖରେ ବଡ଼ଟ ଗୋଟାଏ ସିନ୍ଦୁକ । କାନ୍ଥରେ ଗୋଟିଏ ହେଲେ ବି ଛବି ନାହିଁ—ଦୁର୍ଲକ୍ଷଣ । ଗୋଟାଏ ଭଙ୍ଗା-ଝରକା ଭିତରେ ଦେଇ ବହି ଆସୁଛି ସମୁଦ୍ରର ପବନ । ସୁଟ୍‌କେଶ୍‌ରୁ ଗୋଟାଏ ମହମବତୀ ବାହାର କରି ଜଳାଇ ମୁଁ ମୋ ଜିନିଷପତ୍ରଗୁଡ଼ିକ ଠିକ୍‌ଠାକ୍ କରିବାକୁ ଲାଗିଲି । ତରବାରି ଆଉ ବନ୍ଧୁକଟିକୁ ଘରର ଗୋଟାଏ କଣରେ ଥୋଇଲି, ଟେବୁଲ୍ ଉପରେ ରଖିଲି ପିସ୍ତଲ୍‌ଟାକୁ ଆଉ ମୋର କ୍ଲୋକ୍‌ଟାକୁ ବିଛେଇ ଦେଲି ଗୋଟିଏ ବେଞ୍ଚ୍ ଉପରେ, ଅନ୍ୟ ବେଞ୍ଚ୍‌ଟିରେ କସାକ୍ ଯୁବକଟି ତା କ୍ଲୋକ୍‌ଟାକୁ ବିଛାଇଲା, ଦଶ ମିନିଟ୍ ଭିତରେ ସିଏ ଘୁଙ୍ଗୁଡ଼ି ମାରିଲା, ମୁଁ କିନ୍ତୁ ଶୋଇ ପାରିଲି ନାହିଁ । ଅନ୍ଧକାର ଭିତରେ ଧଳା ଆଖିବାଲା ଟୋକାଟା ମୋ ଆଗରେ ଯେପରି ଭାସି ବୁଲିଲା !

ଏଇପରି ଭାବରେ ପ୍ରାୟ ଘଣ୍ଟାଏ କଟିଲା । ଝରକା ଉପରେ ଆସି ପଡ଼ୁଛି ଜ୍ୟୋତ୍ସ୍ନା ଆଉ ଗୋଟିଏ ରଶ୍ମି ଲେଟି ପଡ଼ୁଛି କୁଟୀର ଭିତରେ । ଅକସ୍ମାତ୍ ଘର ଭିତର ସେହି ଆଲୋକିତ ଅଂଶର ଉପର ଦେଇ ଦୌଡ଼ିଗଲା ଗୋଟାଏ ଛାୟା । ଟିକେ ଉଠି ମୁଁ ଅନାଇଲି ଝରକାର ବାହାରକୁ । ପୁଣି କିଏ ଯେପରି ସାମ୍ନା ଦେଇ ଦୌଡ଼ି ଅଦୃଶ୍ୟ ହୋଇଗଲା, ଭଗବାନ ଜାଣନ୍ତି କୋଉଠି ! ସମୁଦ୍ର ଖରି ପର୍ଯ୍ୟନ୍ତ ଲମ୍ବି ଯାଇଥିବା ପର୍ବତଶ୍ରେଣୀ ଦେଇ ସମୁଦ୍ର ଖରିକୁ ଓହ୍ଲାଇଯିବା ତା' ପକ୍ଷରେ ସମ୍ଭବ ବୋଲି ମନେହେଲା ନାହିଁ, କିନ୍ତୁ ଅନ୍ୟ କୋଉଠିକି ଯିବା ଜନ୍ତୁଟା ପକ୍ଷରେ

Digitized by srujanika@gmail.com

ଅସମ୍ଭବ । ମୁଁ ଉଠିପଡ଼ିଲି, ପିନ୍ଧିଲି ମୋର ବେଣ୍ଟମେଣ୍ଟ୍, କମରବନ୍ଧରେ ଝୁଲାଇନେଲି ଗୋଟାଏ ଛୁରି, ତା' ପରେ ପାଦ ଚପିଚପି ବାହାରିଲି ବାହାରକୁ । ମୋ ଆଡ଼କୁ ଆସୁଥିଲା ସେଇ ଅନ୍ଧ ଟୋକାଟା । ପାଚଶ ପାଖକୁ ଯିବାପାଇଁ ମୁଁ ଠିଆହେଲି । ସେ ଦ୍ୱିଧାହୀନ ଅଥଚ ସାବଧାନୀ ପାଦରେ ଚାଲିଗଲା ମୋ ସାମ୍ନାଦେଇ । କାଖରେ ତା'ର ଗୋଟିଏ ବଣ୍ଡିଲ୍ । ନୌକା ଯୋଉଠି ଅଟକେ ସେଇଆଡ଼କୁ ସିଏ ଗୋଟାଏ ସରୁଆ ରାସ୍ତା ଧରି ଓହ୍ଲାଇବାକୁ ଲାଗିଲା । ମୁଁ ଭାବିଲି, "ଆଜି ଅନ୍ଧମାନେ ଦେଖିପାରନ୍ତି, ଘୁଙ୍ଗାମାନେ ପାରନ୍ତି ଚିତ୍କାର କରି !" ତା' ଉପରେ ଭଲକରି ନଜର ରଖିଲି, ଯେପରି ସେ ମୋ ଆଖିର ଆଢ଼ୁଆଳକୁ ଚାଲି ନଯାଏ ।

ଏଥି ଭିତରେ ଜହ୍ନକୁ ଢାଙ୍କିଦେଲା ମେଘ ଆଉ ସମୁଦ୍ରରୁ ଉଠିଲା କୁହୁଡ଼ି । ତା' ଭିତରଦେଇ ତୀରର ସବୁଠାରୁ ସନ୍ନିକଟ-ଜାହାଜର ଛଣ୍ଡ ଆଲୁଅ ପ୍ରାୟ ଦେଖା ଯାଉନାହିଁ ! ତୀର ଉପରେ ଢେଉମାନଙ୍କର ଫେଣ-ମୁଣ୍ଡକ ଜଳଜଳ କରୁଛି । ଯେ କୌଣସି ମୁହୂର୍ତ୍ତରେ ତା'ର ବୁଡ଼ିଯିବାର ଭୟ । ବହୁକଷ୍ଟରେ ବାଟ ଚିହ୍ନି ଓହ୍ଲେଇ ଦେଖିଲି : ଅନ୍ଧ ଟୋକାଟା ଥିର ହେଲା, ତା' ପରେ ଦକ୍ଷିଣ ଦିଗକୁ ଫେଣ ପାଣିର ଏତେ ପାଖ ଦେଇ ସେ ଚାଲିବାକୁ ଆରମ୍ଭ କଲା ଯେ, ମନେହେଲା, ଢେଉଗୁଡ଼ାକ ତାକୁ ନିଶ୍ଚୟ ଭସାଇ ନେଇଯିବ ସମୁଦ୍ର ଭିତରକୁ । ଯେପରି ନିଶ୍ଚିତ ଭାବରେ ଗାଡ଼ମାନଙ୍କୁ ଏଡ଼ାଇ, ଗୋଟିଏ ପଥରରୁ ଅନ୍ୟ ଗୋଟିଏ ପଥର ଉପରେ ପାଦ ପକାଇ ପକାଇ ସେ ଚାଲିଛି, ତାହା ଦେଖି ସ୍ପଷ୍ଟ ବୁଝାପଡ଼ିଲା ଯେ, ଏଇଥରକ ସେ ଏଇ ଭାବରେ ପ୍ରଥମ ଥର ପାଇଁ ଯାଉନାହିଁ । ଶେଷରେ ସେ ଅଟକିଲା । ଯେପରି କିଛି ଶୁଣିବାକୁ ଚାହେଁ ! ତା' ପରେ ବଣ୍ଡିଲ୍‌ଟାକୁ ପାଖରେ ଥୋଇ ସେ ତଳେ ବସିପଡ଼ିଲା । ସିଧା ତୀର ସଂଲଗ୍ନ ଉଦ୍‌ଗତ ଏକ ପଥର ପଛରେ ଲୁଚିରହି ତା' ଉପରେ ମୁଁ ନଜର୍ ରଖି ଚାଲିଲି । କେତେ ମିନିଟ୍ ପରେ ଅନ୍ୟ ଦିଗରୁ ଧଳା ଲୁଗା ଘୋଡ଼ହୋଇ ଗୋଟିଏ ମୂର୍ତ୍ତିର ଆବିର୍ଭାବ ହେଲା । ଅନ୍ଧ ଟୋକାଟି ପାଖକୁ ଅସି ସେ ବସିପଡ଼ିଲା । ପବନରେ ଭାସିଆସୁଥିବା ସେମାନଙ୍କର ଅସଂଲଗ୍ନ କଥା ଶୁଣିବାକୁ ପାଇଲି ।

Digitized by srujanika@gmail.com

"କ'ଣ କହୁଛୁ ?" ଗୋଟିଏ ନାଗରକଣ୍ଠ କହିଲା ।

"ଭଲ ଝଡ଼, ଇଆଙ୍କୋ ଆସିବ ନାହିଁ ।"

"ଇଆଙ୍କୋ ଝଡ଼କୁ ଡରେନାହିଁ," ଅନ୍ୟ ଜଣକ ଉତ୍ତର ଦେଲା ।

"ଘନ ହୋଇ ଉଠିଛି କୁହୁଡ଼" ପୁଣି ଶୁଣାଗଲା ନାଗରକଣ୍ଠ, ସେଥିରେ ବିସ୍ମୟର ସୁର୍ ।

"ପହରାଦାର୍ ଜାହାଜଗୁଡ଼ିକ ଆଖିରେ ଧୂଳି ଦେବାଟା ସହଜ ହେବ ସେଥିରେ ।" ଶୁଣାଗଲା ଉତ୍ତର ।

"ସିଏ ଯଦି ବୁଡ଼ିଯାଏ ତାହେଲେ ?"

"ଗଲେ ଯିବ, ସେଥିରେ କ'ଣ ଅଛି ? ରବିବାରରେ ନୂଆ ଫିତା ନ ବାନ୍ଧି ତୁମେ ଯିବ ଗୀର୍ଜାକୁ ।"

କିଛିବେଳ ଚୁପ୍‌ଚାପ୍ । ଗୋଟାଏ ଘଟଣାରେ ମୁଁ କିନ୍ତୁ ଅବାକ୍ ହେଲି : ଅନ୍ଧ ଟୋକାଟା ପୂର୍ବରୁ ମୋ ସହିତ ଉପଭାଷାରେ କଥାବାର୍ତ୍ତା ହୋଇଥିଲା, ବର୍ତ୍ତମାନ ସେ ଶୁଦ୍ଧ ରୁଷ୍ ଭାଷାରେ କଥା କହୁଛି !

"ଦେଖିଲୁ ତ, ମୋ କଥାହିଁ ଠିକ୍ ।" ତାଳିମାରି ଅନ୍ଧ ଟୋକାଟା ପୁଣି କହି ଉଠିଲା । "ଇଆଙ୍କୋ ସମୁଦ୍ର, କମ୍ବା କୁହୁଡ଼ି କମ୍ବା ଖାଉର ପହରାଦାର୍‌ମାନଙ୍କୁ ଭୟ କରେନାହିଁ । ଶୁଣ୍, ଏଗୁଡ଼ାକ ଢେଉର ଶବ୍ଦ ହେବା ନୁହେଁ, ମୋତେ ବୋକା ବନେଇ ପାରିବୁ ନାହିଁ : ଏଗୁଡ଼ାକ ତା'ର ଲମ୍ବା ଲମ୍ବା ଆହୁଲର ଶବ୍ଦ ।"

ଝିଅଟି କୁଦିପଡ଼ି ଠିଆହୋଇ ଉଦ୍‌ବିଗ୍ନ ଭାବରେ ଦୂରକୁ ଅନାଇବାକୁ ଲାଗିଲା । 'କଣ, ପ୍ରଳାପ କରୁଛୁ, ନୁହେଁ !" ସେ କହିଲା, "ମୁଁ କିଛି ଦେଖିବାକୁ ପାଉନାହିଁ ।"

ମୋତେ ସ୍ୱୀକାର କରିବାକୁ ହେବ, ମୋର ସମସ୍ତ ଚେଷ୍ଟା ସତ୍ତ୍ୱେ ମଧ୍ୟ ଦୂରରେ କୌଣସି ନୌକା ମୁଁ ଦେଖିବାକୁ ପାଇଲି ନାହିଁ । ଏଇପରି ଭାବରେ ଦଶ ମିନିଟ୍ କଟିବା ପରେ ପାହାଡ଼ ପରି ବଡ଼ ବଡ଼ ଢେଉଗୁଡ଼ିକ ଭିତରେ ଗୋଟାଏ ଛୋଟ ବିନ୍ଦୁ ଦେଖାଗଲା—କେବେ ବଡ଼ କେବେ ବା ଛୋଟ ହୋଇଯାଉଛି ସେହି ବିନ୍ଦୁ । ଧୀରେଧୀରେ ଢେଉର ଚୂଡ଼ାକୁ ଉଠି ଲମ୍ଫ ଦେଉଛି ତଳକୁ ପୁଣି—ଏଇପରି ଭାବରେ ନୌକାଟି କୂଳ

Digitized by srujanika@gmail.com

ଆଡକୁ ଅଗ୍ରସର ହେଉଛି । ଯେଉଁ ନାବିକ ଏପରି ସଙ୍କଟରେ ପ୍ରଣାଳୀର ଝୋଡ଼ଏ ରାସ୍ତା ଦୂରକୁ ଅତିକ୍ରମ କରିବାର ଝୁଙ୍କି ନିଜ କାନ୍ଧ ଉପରକୁ ନେଇପାରେ ବାସ୍ତବିକ ସିଏ ବେପରୁଆ, ଆଉ ଯେଉଁ କାରଣରୁ ଏ କାମ ସେ କରିଛି ନିଶ୍ଚୟ ସେଇଟା ଅତିଶୟ ଜରୁରୀ । ଏଇକଥା ଭାବୁଭାବୁ ମନକୁ ମୋର ହୃଦ୍‌ସ୍ପନ୍ଦନ ହୋଇ ଉଠିଲା ଦ୍ରୁତତର । କ୍ଷୁଦ୍ର ନୌକାଟିକୁ ମୁଁ ଦେଖିବାକୁ ଲାଗିଲି, ହଂସ ପରି ନିପୁଣ ଭାବରେ ବୁଡ଼ିବାରେ, ଜଳ-ଗହ୍ୱରରୁ ଛିଟିକି ପଡ଼ୁଥିବା ଫେଣ ଭିତର ଦେଇ ଆନ୍ଦୋଳର ଦ୍ରୁତ-ସଂଚାଳନ ସହିତ ନାଚି ଉଠିବାରେ—ମନେହୁଏ ଯେପରି ଡେଣା ହଲଉଛି ! ମୁଁ ଭାବିଲି, ଖାଇ ଉପରେ ସବେଗରେ ପିଟିହୋଇ ସେଇଟା ଚୂର୍ମାର୍ ହୋଇଯିବ । କିନ୍ତୁ ନିଖୁଣ ଭାବରେ ସେଇଟା ବୁଲିଯାଇ ପଥର-ହାରା ଆଡ଼ୁଆଳ ହୋଇଥିବା ଛୋଟ ଗୋଟିଏ ସ୍ଥାନରେ ପ୍ରବେଶ କଲା ନିରାପଦରେ । ନୌକା ଭିତରୁ ବାହାରି ଆସିଲା ମଧ୍ୟମ ଧରଣର ଉଚ୍ଚ ଗୋଟିଏ ଲୋକ, ମୁଣ୍ଡରେ ତା'ର ମେଷଚର୍ମର ତିଆର୍ ଟୋପି । ହାତରେ ସେ ଇଙ୍ଗିତ କଲା ଆଉ ସେମାନେ ତିନିଜଣ ନୌକା ଭିତରୁ କ'ଣ ଯେପରି ଟାଣି ବାହାର କରିବା ଆରମ୍ଭ କଲେ ! ଏତେ ବେଶି ଜିନିଷ ଥିଲା ଯେ, ଆଜି ପର୍ଯ୍ୟନ୍ତ ମୁଁ ବୁଝିପାରି ନାହିଁ, ନୌକାଟି କିପରି ବୁଡ଼ି ଯାଇ ନ ଥିଲା ! ପ୍ରତ୍ୟେକ ଗୋଟାଏ କରି ବଣ୍ଡିଲ୍ କାନ୍ଧରେ ନେଇ କୂଳ ଦେଇ ସେମାନେ ଚାଲିଲେ । ଅଳ୍ପ ସମୟ ଭିତରେହିଁ ସେମାନେ ମୋ ଦୃଷ୍ଟିର ବାହାରକୁ ଚାଲିଗଲେ । ବାସସ୍ଥାନକୁ ଫେରିବାକୁ ହେଲା ମୋତେ । ମୋତେ ସ୍ୱୀକାର କରିବାକୁ ହେବ, ଏଇ ସବୁ ଅଦ୍ଭୁତ ଘଟଣା ମୋ ଭିତରେ ଭୟ ସଂଚାର କରିଥିଲା । ସକାଳ ପର୍ଯ୍ୟନ୍ତ ଧୈର୍ଯ୍ୟଧରିବା ମୋ ପକ୍ଷରେ ହୋଇ ଉଠିଲା କଷ୍ଟକର ।

ନିଦରୁ ଉଠି ମୋତେ ସଂପୂର୍ଣ୍ଣ ସଜ୍ଜିତ ଅବସ୍ଥାରେ ଦେଖି ମୋର କସାକ୍-ଚାକରଟି ଅତି ଆଶ୍ଚର୍ଯ୍ୟ ହେଲା । ତାକୁ କିନ୍ତୁ ମୁଁ କୌଣସି କୈଫିୟତ୍ ଦେଲି ନାହିଁ । ଛୋଟ ଛୋଟ ଛିଣ୍ଡା ଛିଣ୍ଡା ମେଘରେ ଆବୃତ ନୀଳ ଆକାଶ ଆଉ ଫିମିଆର ଗାଢ଼ ନୀଳାଭ ରଙ୍ଗର ବେଳାଭୂମିକୁ—ସିଧାସଳଖ ଯେଉଁଟି ଲମ୍ବି ଯାଇଛି ଫିତାପରି ବହୁଦୂର ପର୍ଯ୍ୟନ୍ତ ଆଉ ଶେଷ ହୋଇଛି ଧଳା ଲାଇଟ୍-ହାଉସ୍ ସ୍ଥାପିତ ହୋଇଥିବା ଉଚ୍ଚ ଏକ ପାହାଡ଼ରେ—ଠିକେ

Digitized by srujanika@gmail.com

ପ୍ରଶଂସା କରି ଫାନାଗୋରିଆ ଦୁର୍ଗର କମାଣ୍ଡାଣ୍ଟଙ୍କୁ ପଚାରିବାକୁ ଗଲି କେବେ ମୁଁ ଗେଲେନ୍‌ଜିକ୍କୁ ଯାଇପାରିବି !

କିନ୍ତୁ ହାୟ ! ସଠିକ୍ ଭାବରେ ସେ ମୋତେ କିଛି କହି ପାରିଲେ ନାହିଁ । ବନ୍ଦରରେ ଜାହାଜଗୁଡ଼ିକ ହୁଏତ ଖାଲି ପହରାଦାର୍ ନଚୁବା ବାଣିଜ୍ୟ ପୋତ ! ଖେଷ୍ଟୋକ୍ସ ଗୁଡ଼ିକରେ ସେତେବେଳକୁ ମାଲ୍ ଭର୍ତ୍ତି କାମ ଆରମ୍ଭ ମଧ୍ୟ ହୋଇ ନାହିଁ । "ହୁଏତ ତିନି ଚାରିଦିନ ଭିତରେ ଗୋଟିଏ ଡାକ ଜାହାଜ ଆସି ପହଞ୍ଚିବ !", କମାଣ୍ଡାଣ୍ଟ୍ କହିଲେ, "ସେତେବେଳେ ଦେଖାଯିବ ।" ବିଷଣ୍ଣ ଓ କ୍ରୁଦ୍ଧ ହୋଇ ଫେରିଲି ମୋ ବାସସ୍ଥାନକୁ । ମୋର କସାକ୍-ଭୃତ୍ୟ କବାଟ ଫିଟାଇ ଦେଲା, ମୁହଁରେ ତାର ଆତଙ୍କର ଛାପ୍ପା ।

"ହଜୁର୍, ଦୁଃସମ୍ବାଦ !" ସେ କହିଲା ।

"ହଁ, ଭଗବାନ ଜାଣନ୍ତି, କେବେ ଆମେ ଯାଇପାରିବା !"

ଏଥର ସେ ଆହୁରି ଦୁଶ୍ଚିନ୍ତାଗ୍ରସ୍ତ ଦେଖାଗଲା । ମୋ ଆଡ଼କୁ ନଇଁପଡ଼ି ସେ ଫୁସ୍ ଫୁସ୍ କରି କହିଲା :

"ଏଠି କମିତି ଗୋଟାଏ ଦେହ ଶୀତେଇ ଜାଗା ! କୃଷ୍ଣସାଗର ସେନାଦଳର ସର୍ଜେଣ୍ଟ୍‌ଙ୍କ ସହିତ ଆଜି ମୋର ଦେଖା ହୋଇଥିଲା । ତାଙ୍କୁ ମୁଁ ଚିହ୍ନିଥିଲି । ଗତବର୍ଷ ଏକା ସୈନ୍ୟବାହିନୀରେ ଆମେ ଥିଲୁ । ଆମେ କୋଉଠି ରହୁଛୁ କହିବାରୁ ସେ କହିଲେ, 'ବନ୍ଧୁ, ଜାଗାଟା ଦେହ ଶୀତେଇବାର ଜାଗା, ଲୋକଗୁଡ଼ାକ ସୁବିଧାର ନୁହନ୍ତି !' ଆଉ, ଭଲକଥା, ଏଇ କଣାଟା କି ପ୍ରକାରର ଟୋକା ? ସବୁଆଡ଼େ ଏକୁଟିଆ ଯାଏ ବୁଲି ଯାଏ, ବଜାରକୁ ଯାଏ ପାଣି ଆଣିବାକୁ......ଆପଣ ବୁଝିପାରିବେ, ଏଠି ଏ ସବୁ ବ୍ୟାପାରରେ ସେମାନେ ଅଭ୍ୟସ୍ତ ।"

"ସେଥିରେ କ'ଣ ହେଲା ? ଘରର ମାଲିକାଣୀ ଆସିଛି ?"

"ଆପଣ ଯେତେବେଳେ ବାହାରେ ଥିଲେ ଗୋଟିଏ ବୁଢ଼ୀ ତା' ଝିଅକୁ ନେଇ ଆସିଥିଲା ।"

"କୋଉ ଝିଅ ? ତା'ର କେହି ଝିଅ ନାହାନ୍ତି !"

"ଭଗବାନ ଜାଣନ୍ତି, ଝିଅଟା ତାହେଲେ କିଏ ? ବୁଢ଼ୀ ଅବିକା ତା ଘରେ ଅଛି ।"

Digitized by srujanika@gmail.com

ଭିତରକୁ ଗଲି । ଚୁଲିରେ ଭଲକରି ଆଁଚ ଦିଆ ହୋଇଛି ଆଉ ଦରିଦ୍ର ଲୋକଙ୍କ ତୁଳନାରେ ମଧ୍ୟାହ୍ନ ଭୋଜନ ପାଇଁ ବେଶ୍ ଭଲ ଖାଦ୍ୟର୍ନ୍ଧି ରନ୍ଧା ହେଉଛି । ମୋର ସବୁ ପ୍ରଶ୍ନର ଜବାବରେ ବୁଢ଼ୀ କହିଲା ଯେ ସିଏ କାଲୁଣୀ, ମୋ କଥା ଶୁଣିପାରୁନାହିଁ । କ'ଣ ଆଉ କରିବି ? ମୁଁ ସେଇ ଅନ୍ଧ ଟୋକାଟାର କାନକୁ ଧରି କହିଲି, ସିଏ ଚୁଲିପାଖରେ ବସି ଚୁଲିରେ ଜାଳ ଦେଉଥିଲା, "ଆରେ କଣା ଭୂତ, ଅନ୍ଧକା କହ, କାଲି ରାତିରେ ବଣ୍ଡିଲ୍‌ଟା ନେଇ କୁଆଡ଼େ ଯାଇଥିଲୁ ?" ସିଏ କାନ୍ଦଉଠି ଆହାକାହା ହୋଇଗଲା, ''କୋଉଠିକି ଯାଇଥିଲି ?···କୋଉଠିକି ନୁହେଁ···କୌଣସି ବଣ୍ଡିଲ୍ କଥା ମୁଁ ଜାଣେନାହିଁ ।" କ'ଣ ଘଟିଛି ଶୁଣିବାକୁ ପାଇ ଏଥର ବୁଢ଼ୀ ଅସନ୍ତୋଷ ପ୍ରକାଶ କରିବାକୁ ଲାଗିଲା, "ଇଏ କି ସନ୍ଦେହ, ପୁଣି ଏଇ ବିଚରାଟି ଉପରେ ! କ'ଣ ସିଏ କରିଛି ଆପଣଙ୍କର ?"

ଏଥର ମୁଁ ଅତି ବିରକ୍ତ ହୋଇ ଚାଲି ଆସିଲି ଆଉ ରହସ୍ୟ ଭେଦ କରିବା ପାଇଁ ଦୃଢ଼ ପ୍ରତିଜ୍ଞ ହେଲି ।

ମୋର କ୍ଲୋକ୍‌ଟାକୁ ଜଡ଼ାଇ ଦୂରକୁ ଚାହିଁ କୂଳ ପାଖର ଏକ ପଥର ଉପରେ ମୁଁ ବସିରହିଲି । ଗତ ରାତିର ଝଡ଼ରେ ବିକ୍ଷୁବ୍ଧ ସମୁଦ୍ର ମୋ ସମ୍ମୁଖରେ ପ୍ରସାରିତ । ଶୋଇପଡ଼ିଥିବା ସହରର ମର୍ମର ଧ୍ୱନି ପରି ତାର ଗତାନୁଗତିକ ଗର୍ଜନ ଅତୀତ ଦିନର କାହାଣୀ ମନେ ପକାଇ ଦେଲା । ମୋର ଭାବନା ଭାସି ଚାଲିଲା ଉତ୍ତରକୁ, ଆମର ଶୀତଳ ରାଜଧାନୀକୁ । ତନ୍ମୟ ହୋଇ ଭାବୁଭାବୁ ସବୁକିଛି ଭୁଲିଗଲି···। ଏଇପରି ଘଣ୍ଟାଏ କିମ୍ବା ଆହୁରି ବେଶି ବେଳ କଟିଗଲା···। ଅକସ୍ମାତ୍ ଗୀତ ପରି କିଛି ଗୋଟାଏ ଶୁଣିବାକୁ ପାଇଲି ! ସେଇଟା ଗୀତ ଅବଶ୍ୟ, କଣ୍ଠଟି ମଧୁର, ନାରୀକଣ୍ଠ ପରି, କିନ୍ତୁ କୋଉଠୁ ଆସୁଛି ?···ମୁଁ ସେଇଟିକୁ ଶୁଣିବାକୁ ଲାଗିଲି ଅଦ୍ଭୁତ ସୁର୍, କେବେ ମୃଦୁ ଓ ବିଳାପକାରୀ, କେବେ ଦ୍ରୁତ ଆଉ ପ୍ରାଣରସରେ ପୂର୍ଣ୍ଣ । ଚାରିଆଡ଼କୁ ଅନାଇଲି, କିନ୍ତୁ କାହାକୁ ଦେଖିଲି ନାହିଁ । ପୁଣି ଶୁଣିଲି, ମନେ ହେଲା ସେଇଟା ଯେପରି ଆସୁଛି ଆକାଶରୁ ! ମୁଁ ଉପରକୁ ଚାହିଁ ଦେଖିଲି : ମୋ କୁଡ଼ିଆ ଛାତଉପରେ ଡୋରିଆ ପୋଷାକ ପିନ୍ଧିଥିବା ଗୋଟିଏ ଝିଅକୁ : ଖୋଲା ବାଳ, ବାସ୍ତବିକ ଯେପରି ଗୋଟିଏ ଜଳ-କୁମାରୀ ! ହାତଦେଇ ସୂର୍ଯ୍ୟକୁ ଆଢ଼ୁଆଳ କରି ଦିଗନ୍ତ ଆଡ଼କୁ ସେ ଅନାଇ ରହିଛି, କେତେବେଳେ ହସୁଛି ଆଉ କଥା କହୁଛି ମନକୁ ମନ, କେବେ ପୁଣି ଗାଉଛି ଗୀତଟାକୁ ।

Digitized by srujanika@gmail.com

ଗୀତଟିକୁ ମୁଁ ମୁଖସ୍ଥ କରିନେଲି :

ସୀମାହୀନ ନୀଳ-ସାଗର ଛାତିରେ
ଜାହାଜ ସବୁ
—ତରଂଗାୟିତ ସାଗର ଦେଇ·····
ଧଳାପାଲ୍ ଟେକି ଯାଂନ୍ତି ଉଡ଼ି,
କ୍ରମାଗତ ପୁଣି ଯାଂନ୍ତି ଆଗେଇ
ଯାଂନ୍ତି ଉଡ଼ି ।
ତାଙ୍କରି ମେଳେ ମାସ୍ତୁଲ୍‌ହୀନ ମୋହର ନାବ
ଆଗେଇ ଚାଲେ·····
ଦୁଇ-ଆହୁଲରେ ଆଗେଇ ଚାଲେ ।
ବହିଲା ପବନ, ଗର୍ଜିଲା ଝଡ
ଦୋହଲି ଉଠୁଛି ଜାହାଜ ସବୁ,
ଓସାରିଆ କରି ବଢ଼ାଇଛି
ନିଜ ନିଜର ଡେଣା
ପୁଣି ପ୍ରାଣପଣେ ଛୁଟନ୍ତି, ଯେଣେ
ଯେଉଁଠାରେ ନାହିଁ ବତାସ ଦାଉ ।
ସେତେବେଳେ ମୁହିଁ
ନତଜାନୁ ହୋଇ
କ୍ଷୁବ୍ଧ-ସାଗର ପାଖେ ପ୍ରାର୍ଥନା:
ବାଢ଼ିଲି ମୋର :
"ଛୁଡ଼ିଦିଅ ମୋର ଏ ଶ୍ରେଷ୍ଠ ନାଆଟି
ଭୟଂକର !
ମୋ ନାଆ ଭିତରେ ଦାମିକା ଜିନିଷ
ରହିଛି ପୂରି···"
ଅନୁନୟ ତାକୁ ବହିଲି କରି ।
ଏଇ ଏ ରାତିର ଅଂଧକାରେ,
ସାହସୀ ଲୋକଟେ ନାଆ ଚଳାଉଛି
ଆସ୍ତେ, ଧୀରେ ।

Digitized by srujanika@gmail.com

ଅନିଚ୍ଛା ସତ୍ତ୍ୱେ ବି ମନେ ପଡ଼ିଲା, ଗୋଟିଏ ପ୍ରକାର ସ୍ୱର ଶୁଣିଥିଲି ଗତ ରାତ୍ରରେ । ମୁହୂର୍ତ୍ତକ ପାଇଁ ମୁଁ ଚିନ୍ତାରେ ନିମଗ୍ନ ହେଲି । ପୁଣି ଯେତେବେଳେ ଗଛ ଉପରକୁ ଅନାଇଲି, ଦେଖିଲି ଝିଅଟି ଆଉ ସେଠି ନାହିଁ । ଅକସ୍ମାତ୍ ମୋ ସାମ୍ନାଦେଇ ସେ ଚାଲିଗଲା, ବର୍ତ୍ତମାନ ସେ ଭିନ୍ନ ଗୋଟିଏ ଗୀତ ଧରିଛି । ଆଂଗୁଠି ମଳି ମଳି ବୁଢ଼ୀ ପାଖକୁ ସେ ଦୌଡ଼ିଗଲା । ଶୁଣିବାକୁ ପାଇଲି ତର୍କ-ବିତର୍କରେ ସେମାନଙ୍କର ସ୍ୱର ପଞ୍ଚମକୁ ଉଠିଛି । ବୁଢ଼ୀ ଖୁବ୍ ରାଗିଗଲା କିନ୍ତୁ ଝିଅଟି କେବଳ ଉଚ୍ଚସ୍ୱରରେ ହସିବାକୁ ଲାଗିଲା । ଟିକେ ପରେ ମୋର ଜଳ-କୁମାରୀ ପୁଣି ଆସିଲା ନାଚି ନାଚି । ମୋ ଆଡ଼କୁ ଆଗେଇ ଆସିବା ବେଳେ ଟିକେ ରହି ସିଧା ସେ ମୋ ଆଖିକୁ ଅନାଇଲା; ମୋତେ ସେଠି ଦେଖି ସେ ଯେପରି ଅବାକ୍ ହୋଇଯାଇଛି ! ତା'ପରେ ତାଚ୍ଛଲ୍ୟର ଭାବ ଦେଖାଇ ବୁଲିପଡ଼ି ସେ ଧୀରେଧୀରେ ନୌକା ରହିବା ସ୍ଥାନକୁ ଓହ୍ଲାଇ ଗଲା । ଏଇଠାରେ ଅବଶ୍ୟ ଘଟଣାଟା ଶେଷ ହେଲାନାହିଁ; ସାରାଦିନ ଧରି ମୋ ଘରର ଚାରିପାଖରେ ସେ ଘୂରିବାକୁ ଲାଗିଲା, କେତେବେଳେ ଗୀତ ଗାଏ, କେତେବେଳେ କୁଦା ମାରେ—ମୁହୂର୍ତ୍ତେ ବିଶ୍ରାମ ନାହିଁ । ଅଦ୍ଭୁତ ଜୀବ ବାସ୍ତବିକ ସେ ! ମୁହଁରେ ତା'ର ଏତେ ଟିକେ ଉନ୍ମାଦର ଚିହ୍ନ ନାହିଁ; ବରଞ୍ଚ ତା'ର ଆଖି ଦୁଓଟି ଅନ୍ତର୍ଭେଦୀ ଦୃଷ୍ଟିରେ ଦେଖିନେଲା ମୋତେ । ସେହି ଚାହାଣି ଭିତରେ ଥିଲା ଗୋଟାଏ ଆକର୍ଷଣୀ ଶକ୍ତି । ପ୍ରତିଟି ଚାହାଣି ଯେପରି କହୁଛି ତାକୁ ପ୍ରଶ୍ନ କରିବା ପାଇଁ ! କିନ୍ତୁ ଯିମିତି ମୁଁ କଥା କହିବାକୁ ଯାଇଛି, ସେ ଦୌଡ଼ି ଚାଲିଗଲା ଧୂର୍ତ୍ତ ହସ ହସିହସି ।

ତା'ପରି କୌଣସି ଝିଅ ମୁଁ କେବେହେଲେ ଦେଖିନାହିଁ । ମୋତେ ଦେଖିବାକୁ ସୁନ୍ଦର ନୁହେ, ଯଦିଓ ସୌନ୍ଦର୍ଯ୍ୟ ସମ୍ବନ୍ଧରେ ଗୋଟାଏ ଧାରଣା ଆଗରୁ ମୋ ମନ ଭିତରେ ରହିଛି । ତା' ଭିତରେ ଉତ୍କୃଷ୍ଟ ବଂଶର ପରିଚୟ ଯଥେଷ୍ଟ···ଆଉ ଘୋଡ଼ାମାନଙ୍କ ବେଳକୁ ଯେପରି ଝିଅମାନଙ୍କ ବେଳକୁ ସେହିପରି ସେଇଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଅବସ୍ଥାର ତରୁଣ ଫ୍ରାନ୍ସର । ଏଇଟା ଅର୍ଥାତ୍ ସଂଭ୍ରାନ୍ତବଂଶଜାତ, ତରୁଣ ଫ୍ରାନ୍ସ ନୁହେ ପ୍ରଧାନତଃ ବୁଝାଯାଏ ଚଳଣି ଆଉ ହାତଗୋଡ଼ ଦେଖି, ଏବଂ ବିଶେଷକରି ତା'ର ଲକ୍ଷଣ ନାକରେ ଧରାପଡ଼େ । ଚୁଳିଆରେ ନିଖୁଣ

Digitized by srujanika@gmail.com

ନାକ ଗ୍ରେଟ ପାଢ ଅପେକ୍ଷା ବହୁତ କମ୍ । ମୋର ଗାଡ୍ରିକାକୁ ଦେଖି ମନେହେଲା ନାହିଁ ଅଠରବର୍ଷରୁ ବେଶି ହେବ ବୋଲି । ତା'ର ଅସାଧାରଣ ଲାଳିତ୍ୟମୟ ଦେହ, ମୁଣ୍ଡ ହଲାଇବାର ବିଶିଷ୍ଟ ଭଙ୍ଗୀ, ତା'ର ସ୍ୱର୍ଣ୍ଣ ପିଙ୍ଗଳ ବର୍ଣ୍ଣର ବାଳ ଓ କାନ୍ଧରେ ସୁନେଲି ଧରଣର ଆଉ ଆଉ ବିଶେଷକରି ତା'ର ନିଖୁଣ ନାକ ମୋତେ ମୁଗ୍ଧ କଲା । ଯଦିଓ ତା'ର ବେଶ-ଭୂଷାଣି ମୋର ସନ୍ଦେହଜନକ ଓ ବନ୍ୟ ବୋଲି ମନେ ହୋଇଥିଲା ବରଂ ଯଦିଓ ତା ହସ ଭିତରେ ଏପରି କିଛି ଥିଲା, ଯାହା ଭାଷାରେ ପ୍ରକାଶ କରିହେବ ନାହିଁ; ତଥାପି ପୂର୍ବଜାତ ଧାରଣା ଗୁଡ଼ିକରହିଁ ବିଜୟ ହେଲା । ନିଖୁଣ ନାକର ଗଢ଼ଣ ମୋର ମୁଣ୍ଡ ଘୂରାଇଦେଲା; ମୋର ମନେହେଲା ମୁଁ ବୋଧେ ଗ୍ୟେଟେଂକର ମିନନ୍‌କୁ ଖୋଜି ପାଇଛି, ତାଙ୍କ ଜର୍ମାନ୍ କଳ୍ପନାର ଅପରୂପ ଉଦ୍‌ଭାବନକୁ । ଆଉ ବାସ୍ତବିକ ସେ ଦୁହିଁଙ୍କ ଭିତରେ ବିଶେଷ ମେଳ ଅଛି—ସେଇ ଚରମ ଆକୁଳତାରୁ ନିମେଷକରେ ପଥର ପାଲଟି ଯିବା, ସେଇ ଖିଆଲି କଥୋପକଥନ, ସେଇ ଲମ୍ଫ ମାନ ଏବଂ ସେଇ ବିଚିତ୍ର ସଙ୍ଗୀତ……

ସନ୍ଧ୍ୟା ଆଡ଼କୁ ତାକୁ ମୁଁ ଦରଜା ପାଖରେ ଅଟକାଇ ନିମ୍ନଲିଖିତ କଥୋପକଥନରେ ଜଡ଼ିତ କଲି :

"କିହ ହୃଦଶ !" ମୁଁ କହିଲି, "ଆଜି ଗ୍ଲାଡ ଉପରେ କ'ଣ କରୁଥିଲ ?"

"ଦେଖୁଥିଲି ଦେବନ ବଢ଼େ କେଉଁ ଦିଗରୁ ।"

"କାହିଁକି ?"

"ପବନ ଯେଉଁଠାରୁ ବହେ, ଆନନ୍ଦ ମଧ୍ୟ ଆସେ ସେଇଠାରୁ ।"

"ସତେ ! ଆନନ୍ଦକୁ ନିମନ୍ତ୍ରଣ କରୁଥିଲ ଗୀତ ଗାଇ ?"

"ଯେଉଁଠି ଗୀତ, ସେଇଠାରେହିଁ ସୌଭାଗ୍ୟ ।"

"ଧର, ଗୀତ ଗାଇ ଯଦି ତୁମେ ଦୁଃଖ ପାଅ ?"

"ସେଥିରେ କ'ଣ ଅଛି ! ସମସ୍ତ ଭଲ ନ ହେଲେ ମନ୍ଦ ହେବ । ଆଉ ତାଛଡ଼ା ଭଲଠାରୁ ମନ୍ଦ ବେଶି ଦୂରରେ ନୁହେ ।"

"ସେ ଗୀତଟି କିଏ ତୁମକୁ ଶିଖାଇଛି ?"

Digitized by srujanika@gmail.com

"କେହି ଶିଖାଇ ନାହାନ୍ତି । ମନକୁ ଯାହା ଆସେ, ତାକୁହିଁ ଗାଏ । ଯାହାପାଇଁ ଗାଏ, ସିଏ ଶୁଣେ । ଯାହାର ଏ ଗୀତ ଶୁଣିବା ଦରକାର ନାହିଁ ସେ ବୁଝିପାରିବ ନାହିଁ ।"

"ନାଁ କ'ଣ ତୁମର ? କୋକିଳକଣ୍ଠୀ ?"

"ଯିଏ ମୋ ନା ଦେଇଛି, ସେଇ ଜାଣେ ।"

"କିଏ ତୁମ ନାଁ ଦେଇଛି ?"

"ମୁଁ କେମିତି ଜାଣିବ ?"

"ତୁମେ ଭାରି ଗମ୍ଭୀର । କିନ୍ତୁ ତୁମର କିଛି କିଛି ଖବର ମୁଁ ପାଇଛି ।"

(ତା ମୁହଁର ଭାବ ବଦଳିଲା ନାହିଁ, ଏପରିକି କମ୍ପିଲା ବି ନାହିଁ ତା'ର ଓଠ, ଯେପରି ସେଥିରେ ତା'ର କିଛି ଯାଏଆସେ ନାହିଁ !)

"ମୁଁ ଜାଣେ, ଗତକାଲି ରାତିରେ ସମୁଦ୍ରଶରକୁ ତୁମେ ଗଡ଼ୁଥିଲ ।" ଗୁଳି ମାରି ଯାହା ଦେଖିଛି ସବୁକିଛି ମୁଁ କହିଲି, ଭାବିଥିଲି ଘାବରେଇ ଯିବ; କିନ୍ତୁ ବୃଥା ! ସେ କେବଳ ହସରେ ଫାଟି ପଡ଼ିଲା : "ବହୁତ କିଛି ଦେଖିଛ ତୁମେ କିନ୍ତୁ ଜାଣ ଅଳ୍ପ ! ଯାହା ବା ଜାଣ, ତାକୁ ତାଲା ଦେଇ ବାକ୍ସରେ ରଖିବା ଭଲ ।"

"ଧର ! କମାଣ୍ଡାଣ୍ଟଙ୍କୁ ଯଦି ମୁଁ ସେକଥା ଜଣାଏ ?" ମୁଁ ଅତ୍ୟନ୍ତ ଗମ୍ଭୀର, ଏପରିକି, ମୁହଁର ଭାବକୁ କଠୋର କଲି । ଅକସ୍ମାତ୍ ସେ ଡ଼ିଆଁ ମାରି ଦୌଡ଼ି ଚାଲିଯାଇ ଗୀତ ଗାଇଲା, ପଳାଇଲା, ବଣ-ବୁଦାରୁ ଉସ୍ଲାଭୂର ଚଢ଼େଇ ଯେପରି ଉଡ଼ି ଅଦୃଶ୍ୟ ହୁଏ । ମୋର ଶେଷୋକ୍ତି କଥାଟି ଥିଲା ଏକେବାରେ ଅବାନ୍ତର, ଯଦିଓ ସେତେବେଳେ ତା'ର ସମ୍ପୂର୍ଣ୍ଣ ମର୍ମ ମୁଁ ଅନୁମାନ ବି କରିପାରି ନାହିଁ—ସେ କଥା କହିଥିଲି ବୋଲି ଭବିଷ୍ୟତରେ ମୋତେ ଆକ୍ଷେପ କରିବାକୁ ହୋଇଥିଲା ।

ଅନ୍ଧକାର ହେବାକୁ ଆରମ୍ଭ କରିଛି । ମୋର କସାକ୍-ଚାକରଟାକୁ କହିଲି କେଟ୍‌ଲଟାକୁ ଚୁଲ୍ଲିରେ ବସାଇବା ପାଇଁ, ଜଳାଇଲି ଗୋଟାଏ ମହମବତି, ଆଉ ଭ୍ରମଣର ସଙ୍ଗୀ ପାଇପ୍‌ଟା ଟାଣିଟାଣି ବସିରହିଲି ଟେବୁଲ୍‌ଟା ପାଖରେ । ଘଣ୍ଟା ଭିତରେ ଯେତେବେଳେ ହ୍ୱିଷ୍କିସ୍ ଗିଲାସ୍

Digitized by srujanika@gmail.com

ଚା’ ଶେଷ କରିବାକୁ ବସିଛି ସେତିକିବେଳେ ଦରଜାଟା ହଠାତ୍ ଶବ୍ଦକରି ଉଠିଲା ଆଉ ମୋ ଚଷ୍ଟପଟ୍ ଶୁଣିବାକୁ ପାଇଲି ପୋଷାକର ମୃଦୁ ଖସ୍‌ଖସ୍ ଆୱାଜ୍ ଆଉ ହାଲୁକା ପାଦର ଶବ୍ଦ । ଚମକି ପଡ଼ି ବୁଲି ଅନାଇଲି ମୁଁ; ସେଇ ଝିଅଟି, ମୋର ଜଳ-କୁମାରୀ ! ପଦେ ହେଲେ ବି କଥା ନ କହି ମୋର ମୁହାଁମୁହିଁ ହୋଇ ସେ ବସିଲା ଆଉ କ’ଣ ଗୋଟାଏ ଅଜଣା କାରଣରେ ଜାଣେନା, ମନେହେଲା କୋମଳ ମଧୁର ଆଖିରେ ଚାହିଁଲା ସେ ମୋତେ । ବହୁବର୍ଷ ପୂର୍ବରୁ ଯେଉଁ ଆଖିଗୁଡ଼ିକ ମୋର ଜୀବନକୁ ଏପରି ଯଥେଚ୍ଛାଚାରୀ ଭାବରେ ଶାସନ କରିଥିଲା ଏଇ ଆଖି ସେଇକଥାକୁ ସ୍ମରଣ କରାଇ ଦେଲା । ମନେହେଲା ଝିଅଟି ଅପେକ୍ଷା କରିଛି ମୁଁ କେତେ-ବେଳେ କଥା କହିବି; କିନ୍ତୁ ସବୁକିଛି ଏପରି ଗୋଳିଆମିଶା ହୋଇ ଯାଇଥିଲା ଯେ ପଦେ କଥା ବି ମୁଁ କହି ପାରିଲି ନାହିଁ । ମୂର୍ଦାର ପରି ମଳିନ ମୁହଁରୁ ତା ମାନସିକ ଆନ୍ଦୋଳନ କଥା ଜଣାପଡ଼େ । ଉଦ୍ଦେଶ୍ୟହୀନ ଭାବରେ ତାର ହାତ ଦୁଇଟା ଟେବୁଲ୍ ଉପରେ ଘୂରି ବୁଲିବାକୁ ଲାଗିଲା । ଲକ୍ଷ୍ୟ କଲି ସେ ଗୁଡ଼ିକ ଟିକେ କମ୍ପୁଛି । କେବେ ମନେହେଲା ବକ୍ଷଦେଶ ତା’ର ଫୁଲି ଉଠୁଛି, ନିଶ୍ୱାସ ବନ୍ଦକରି ରହୁଛି ସେ । କୌତୁକ-ନାଟ୍ୟଟି ସ୍ୱାଦହୀନ ହୋଇ ଆସିବାରୁ ଅତ୍ୟନ୍ତ ଗଦ୍ୟମୟ ଭାବରେ ମୁଁ ତା’ର ଉପସଂହାର ଟାଣିବାକୁ ଉଦ୍ୟତ ହେଲି, ଅର୍ଥାତ୍ ତାକୁ କପେ ଚା’ ପିଇବାକୁ ଦେବାର ପ୍ରସ୍ତାବ କଲି । ଠିକ୍ ସେତିକିବେଳେ ସେ କୁହାଟଡ଼ି, ତାର ଦୁଇହାତରେ ମୋର ବେକ ବେଷ୍ଟନ କରି ମୋ ଓଠ ଉପରେ ଭଜା ଆଉ ଜ୍ୱଳନ୍ତ-ଚୁମ୍ବନ ଅଙ୍କି ଦେଲା । ମୋ ସାମ୍ନାରେ ସବୁକିଛି ଅନ୍ଧାର ହୋଇ ଆସିଲା, ଘୂରିବାକୁ ଲାଗିଲା ମଥାଟା ଆଉ ମୋ ଯୌବନର ସମସ୍ତ କାମନା ଦ୍ୱାରା ତାକୁ ମୁଁ ଆଲିଙ୍ଗନ କଲି । କିନ୍ତୁ ମୋ ଆଲିଙ୍ଗନରୁ ସେ ବାହାରିଗଲା ସାପପରି । କାନପାଖରେ ସେ ଫୁସ୍‌ଫୁସ୍ କରିଉଠିଲା, “ସମସ୍ତେ ଶୋଇପଡ଼ିବା ପରେ ସମୁଦ୍ରକୂଳରେ ମୋ ସହିତ ଦେଖାକର ।” ତା ପରେ ଝଡ଼ର ବେଗରେ ଘରଭିତରୁ ସେ ବାହାରିଥିଲା । ଯିବାବେଳେ ଚା’ କେଟ୍‌ଲି ଆଉ ଜଳୁଥିବା ମହମବତୀଟାକୁ ଦେଲା ଓଲଟେଇ । “ଶଇତାନୀ !” ବୋଲି କହି ମୋର କସାକ୍-ଭୃତ୍ୟଟା ଚିତ୍କାର କରି ଉଠିଲା । ଗୋଟାଏ ନଡ଼ାଗଦାରେ ସେ ଶୋଇଥିଲା ଆରାମ୍ କରି ଆଉ

Digitized by srujanika@gmail.com

ଯୋଉ ରମ୍' ମୁଁ ପିଇନାହିଁ, ତା'ର ହାଗ ନିଜକୁ ସେ ଗରମ କରିନେବ ବୋଲି ମନସ୍ଥ କରିଥିଲି । ଚମକି ପଡ଼ି ମୁଁ ମୋ ସମ୍ବିତ୍ ଫେରି ପାଇଲି ।

ପ୍ରାୟ ଦୁଇଘଣ୍ଟା ପରେ, ନୌକା ରହିବା ସ୍ଥାନଟା ଯେତେବେଳେ ନିସ୍ତବ୍ଧ, ମୋର କସାକ୍-ସ୍କନରଟାକୁ ଜଗାଇଲି । ତାକୁ କହିଲି, "ଯଦି ପିସ୍ତଲ୍‌ର ଆବାଜ୍ ଶୁଣୁ ତାହେଲେ ଦୌଡ଼ ଓହ୍ଲେଇ ଆସିବୁ ସମୁଦ୍ର କୂଳକୁ ।" ସିଏ ବଡ଼ବଡ଼ ଆଖିରେ ଅନେଇଲା କିନ୍ତୁ ଯାନ୍ତ୍ରିକ ଭାବରେ କହିଲା, "ହଜୁର୍... !" ମୁଁ ମୋ କମରବନ୍ଧରେ ଗୋଟାଏ ପିସ୍ତଲ୍ ଗୁଞ୍ଜି ବାହାରି ପଡ଼ିଲି ।

ଡାଲୁ ଜାଗାଟାର ଉପରେ ମୋ ପାଇଁ ଅପେକ୍ଷା କରିଥିଲା ଝିଅଟି । ଆବରଣ ତା'ର ଖୁବ୍ ପତଳ', ତା'ର ପତଳା ଦେହ ଉପରେ ଫ୍ଲେଟ ଗୋଟିଏ ଶାଲ ।

"ମୋ ପଛେ ପଛେ ଆସ !" କହି ମୋ ହାତକୁ ସେ ଧରିଲା ଆଉ ଆମେ ବନ୍ଧ ତଳକୁ ଗଡ଼ିବାକୁ ଆରମ୍ଭ କଲୁ । ଜାଣେନା, ମୋ ମୁଣ୍ଡଟା ଛିଡ଼ି ଯାଇନାହିଁ କପରି ! ତଳକୁ ଓହ୍ଲାଇ ଆମେ ଦକ୍ଷିଣ ଦିଗକୁ ବୁଲିଲୁ ଆଉ ଗତ କାଲି ରାତିରେ ଅନ୍ଧ ଟୋକାଟାକୁ ଅନୁସରଣ କରିବାପାଇଁ ଯୋଉ ବାଟରେ ଯାଇଥିଲି ସେଇ ବାଟରେ ଚାଲିଲୁ । ସେତେବେଳକୁ ଜହ୍ନ ଉଠି ନାହିଁ, କେବଳ ମାତ୍ର ଦୂରନ୍ତର ଆଲୋକସ୍ତମ୍ଭ ପରି ଦୁଇଟି ତାରା ଗାଢନୀଳ ଆକାଶ ଦେହରେ ଜଳୁଛି । ନିୟମିତ ସମୟ ଭିତରେ ନଆସି ଢେଉଗୁଡ଼ିକ ଟିକେ ବିଳମ୍ବରେ ଗୋଟିକ ପରେ ଗୋଟିଏ ଆସୁଛି, ଖର ପାଖରେ ନଙ୍ଗର୍ ପକାଇ ଯେଉଁ ଏକମାତ୍ର ନୌକାଟି ରହିଛି, ତାକୁ ପ୍ରାୟ ଦୋହଲଉ ନାହିଁ ! ମୋର ସଙ୍ଗିନୀ କହିଲା, "ଚାଲ, ନୌକାରେ ବସିବା ।" ମୁଁ ଦ୍ୱିଧା କଲି, କାରଣ, ଭାବପ୍ରବଣ ସମୁଦ୍ର-ଭ୍ରମଣରେ ସିତାର କୌଣସି ପ୍ରକାର ଅଭିରୁଚି ମୋର ନାହିଁ । କିନ୍ତୁ ସେତେବେଳେ ପଛୁଇବାର ଆଉ ସମୟ ନୁହେଁ । ଝିଅଟି ଡିଆଁ ମାରି ନୌକା ଉପରକୁ ଉଠିଲା, ମୁଁ ମଧ୍ୟ ତା'ର ଅନୁସରଣ କଲି, ମୁଁ କିଛି ବୁଝିବା ଆଗରୁହିଁ ଆମର ଯାତ୍ରା ଆରମ୍ଭ ହେଲା । ଏଥର ମୁଁ କ୍ରୋଧାନ୍ୱିତ ହୋଇ ପଚାରିଲି "ଏହାର ଅର୍ଥ କ'ଣ ?" ମୋତେ ଠେଲି ଗୋଟାଏ ଆସନରେ ବସାଇ ଆଉ ତା'ର ବାହୁ ଦ୍ୱାରା

Digitized by srujanika@gmail.com

ମୋତେ ଜଡ଼ାଇଧରି ଫିଅଟି କହିଲା, "ସ୍ୱାର ଅର୍ଥ ହେଲା, ତୁମକୁ ମୁଁ ଭଲପାଏ……" ତା'ର ଗାଲକୁ ମୋ ଗାଲ ଉପରେ ସେ ଚାପି ଧରିଲା ଆଉ ତା'ର ତପ୍ତ-ନିଃଶ୍ୱାସ ମୋର ମୁହଁ ଉପରେ ମୁଁ ଅନୁଭବ କଲି । ଅକସ୍ମାତ ପାଣିରେ ଯେପରି କ'ଣ ଗୋଟାଏ ଭୁସ୍ କରି ଡେଇଁଲା ! କମର-ବନ୍ଧରେ ହାତଦେବାକୁ ଗଲି, କିନ୍ତୁ ମୋ ପିସ୍ତଲ୍‌ଟା ହରଣ୍ଣେଲ ହୋଇଛି । ବର୍ତ୍ତମାନ ମୋ ମନରେ ଏକ ସାଂଘାତିକ ସନ୍ଦେହ, ରକ୍ତ ଛୁଟିବାକୁ ଲାଗିଲା ମଥାକୁ । ପଛକୁ ବୁଲି ଅନାଇ ଦେଖିଲି ଯେ କୂଳରୁ ଆମେ ଏଥି ଭିତରେ ପ୍ରାୟ ପଚିଶ ସାଜେନ୍ ଦୂରକୁ ଚାଲି ଆସିଛୁ । ମୁଁ ବି ପହଁରି ଜାଣେନାହିଁ ! ତାକୁ ମୁଁ ଠେଲି ଘୁଞ୍ଚାଇ ଦେବାକୁ ଗଲି, କିନ୍ତୁ ଛଲେଇପରି ମୋ ପୋଷାକପତ୍ରକୁ ସେ ଭିଡ଼ି ଧରିଲା । ହଠାତ୍ ଏପରି ଜୋର୍‌ରେ ଗୋଟାଏ ଠେଲା ଦେଲା, ଯେଉଁଥିରେ ଆଉ ଟିକକରେ ନୌକାଟାରୁ ମୁଁ ପାଣିରେ ପଡ଼ିଯାଇଥାନ୍ତି । ଦୋହଲିବାକୁ ଲାଗିଲା ନୌକାଟା, କିନ୍ତୁ ଭାରସାମ୍ୟ ମୁଁ ଫେରି ପାଇଲି । ତା' ପରେ ଆମ ଭିତରେ ଜୀବନ ର ଆଶା ତ୍ୟାଗ କରି ଧସ୍ତାଧସ୍ତି ଆରମ୍ଭ ହେଲା । କ୍ରୋଧରେ ମୋର ଶକ୍ତି ବଢ଼ି ଉଠିଲା କିନ୍ତୁ ଅଳ୍ପ ସମୟ ଭିତରେ ଲକ୍ଷ୍ୟକଲି ଯେ ମୋର ପ୍ରତିଦ୍ୱନ୍ଦ୍ୱୀ ମୋ ଠାରୁ ବହୁତ ଚତୁର…… । ତା'ର ଶୀର୍ଣ୍ଣ ହାତଦୁଇଟି ଶକ୍ତକରି ଧରି ମୁଁ ଚିତ୍କାର କରି ଉଠିଲି, "କ'ଣ ଚାହଁ ତୁମେ ?" ଶୁଣିବାକୁ ପାଇଲି ତା ଆଙ୍ଗୁଠି ଗୁଡ଼ିକ ମଡ଼୍ ମଡ୍ କରି ଉଠୁଛି, କିନ୍ତୁ ସେ ଆର୍ତ୍ତନାଦ କରି ଉଠିଲା ନାହିଁ : ସାପପରି ତା'ର ପ୍ରକୃତି ଯନ୍ତ୍ରଣା ସହ୍ୟ କଲା ।

ଉତ୍ତରରେ ସେ କହିଲା, "କ'ଣ ଘଟିଛି ତାହା ତ ଦେଖିଛ । ତୁମେ ତ ଆମ ନାମରେ ଅଭିଯୋଗ କରିବ ବୋଲି କହୁଛ ।" ଅମାନୁଷିକ ଶକ୍ତିରେ ମୋତେ ସେ ନୌକାର ଉପର ପାଖର ଧାରରେ ଚାପି ଧରିଲା, ଯେତେବେଳଯାଏଁ ଆମେ ଦୁହେଁ ଅଣ୍ଟା ପର୍ଯ୍ୟନ୍ତ ପାଣି ଉପରେ ନଇଁଲୁ— ତା'ର ବାଳଗୁଡ଼ିକ ବୁଡ଼ିଲା ପାଣି ଭିତରେ । ସେତେବେଳେ ଚରମ ମୁହୂର୍ତ୍ତ ଉପସ୍ଥିତ । ନୌକାର ତଳଟାକୁ ଆଣ୍ଠୁ ଦ୍ୱାରା ଜୋର୍ କରି ଧରି ଗୋଟାଏ ହାତରେ ତା'ର ବେଣୀ ଅନ୍ୟ ହାତରେ ତା'ର ଗଳାକୁ ଚିପିଧରିଲି । ମୋ ପୋଷାକପତ୍ରରୁ ତା'ର ହାତ ଅଲଗା ହୋଇଗଲା ଆଉ ଆଖି ପିଛୁଳାକେ ତାକୁ ମୁଁ ନିକ୍ଷେପ କଲି ସମୁଦ୍ରରେ ।

Digitized by srujanika@gmail.com

ସେତେବେଳକୁ ଯଥେଷ୍ଟ ଅନ୍ଧକାର ହୋଇ ଯାଇଛି । ଦୁଇଥର ଖଣ୍ଡେ ତା ମୁଣ୍ଡଟା ଫେଣ ଉପରେ ଭାସିଉଠିବାର ଦୃଶ୍ୟ ଦେଖିବା ପରେ ସେ ସମ୍ପୂର୍ଣ୍ଣ ଭାବରେ ମୋର ଦୃଷ୍ଟିର ଅନ୍ତରାଳକୁ ଚାଲିଗଲା······

ନୌକା ତଳୁ ମୁଁ ଗୋଟାଏ ପୁରୁଣା ଆହୁଲର ଟୁକୁରା ଖୋଜ କରି ପାଇଲି ଏବଂ ଅତି କଷ୍ଟରେ କୌଣସି ପ୍ରକାରେ କୂଳରେ ଆସି ପହଞ୍ଚିଲି । କୂଳ ଧରି କୁଟୀରକୁ ଫେରିବା ପଥରେ ଅନିଚ୍ଛାସତ୍ତ୍ୱେ ମଧ୍ୟ ମୋର ଦୃଷ୍ଟି ପଡ଼ିଲା, ଯେଉଁଠି ସେତିକାଲି ରାତିରେ ଅନ୍ଧ ଟୋକାଟା ସେଇ ନୌକା-ନାବିକ ପାଇଁ ଅପେକ୍ଷା କରିଥିଲା । ଜହ୍ନ ଉଠି ଆସୁଥିଲା ଆଉ ତା'ର ଆଲୋକରେ ମୋର ମନେ ହେଲା ଦେଖିବାକୁ ପାଇଲି, ଧଳା ପୋଷାକ ପିନ୍ଧା ଗୋଟିଏ ମୂର୍ତ୍ତିକୁ, ଜଳକୂଳରେ ବସି ରହିଛି ସେ । କୌତୂହଳୀ ହୋଇ ଅଗ୍ରସର ହେଲି ତା ଆଡ଼କୁ ଏବଂ ଜଳକୂଳରୁ ଉଠିଥିବା ଉଚ୍ଚ ଗୋଟାଏ ଜାଗାରେ ଘାସ ଉପରେ ଶୋଇପଡ଼ିଲି । ତଳେ ଯାହାକିଛି ଘଟୁଛି ମୁଣ୍ଡଟା ସାମାନ୍ୟ ଉଠାଇ ସବୁକିଛି ଦେଖିବାକୁ ପାଇଲି । ମୋର ସେଇ ଜଳ-କୁମାରୀକୁ ସେଠି ଦେଖି ମୁଁ ଖୁବ୍ ବିସ୍ମିତ ହେଲି ନାହିଁ; ପ୍ରାୟ ଆନନ୍ଦିତ ହେଲି । ତା'ର ଓଦାକେଶ ନିଗାଡ଼ି ସେ ସମୁଦ୍ରର ପାଣି ବାହାର କରୁଥିଲା । ଓଦା ପୋଷାକପତ୍ର ଭିତରୁ ତା'ର ସୁଠାମ ଗଢ଼ଣ ଏବଂ ସୁଉଚ୍ଚ ବକ୍ଷଦେଶର ରେଖା ମୁଁ ଦେଖିବାକୁ ପାଇଲି । ଅଳ୍ପ ସମୟ ଭିତରେ ଦୂରରେ ଗୋଟିଏ ନୌକା ଦେଖାଗଲା, ଦ୍ରୁତଗତିରେ ସେଇଟି ତୀର ଆଡ଼କୁ ଅଗ୍ରସର ହେଉଛି । ଗତରାତିପରି ସେଇ ନୌକାରୁ ତାତାର୍ ଟୋପି ପିନ୍ଧା ଗୋଟିଏ ଲୋକ ବାହାରି ଆସିଲା, ଯଦିଓ ତା ମୁଣ୍ଡଟା କସାକ୍ ମାନଙ୍କ ପରି ଲଣ୍ଡା । କଟିରେ ତା'ର ଗୋଟାଏ ବଡ଼ ଛୁରୀ । ଝିଅଟି କହିଲା, "ଇଆଙ୍କୋ, ସର୍ବନାଶ ହୋଇଛି ।" ସେମାନେ କଥା କହିବାକୁ ଲାଗିଲେ କିନ୍ତୁ ଏତେ ନିମ୍ନସ୍ୱରରେ ଯେ ମୁଁ ଶୁଣି ପାରିଲି ନାହିଁ । ଅବଶେଷରେ ଜୋର୍‌ରେ ଇଆଙ୍କୋ ପ୍ରଶ୍ନକଲା, "ଆଉ କଣାଟା କୋଉଠି ?" ଉତ୍ତର ଆସିଲା, "ତାକୁ ମୁଁ ପଠାଇ ଦେଇଛି ।" କେତେ ମିନିଟ୍ ପରେ ପିଠିରେ ଗୋଟାଏ ଥଳିନେଇ ହାଜର୍ ହେଲା ଅନ୍ଧ ଟୋକାଟା । ଥଳିଟା ରଖାହେଲା ନୌକାରେ ।

ଇଆଙ୍କୋ କହିଲା, "ହେ କଣା, ଶୁଣ୍ ! ଜାଗାଟା ଉପରେ ନଜର୍ ରଖ୍······କ'ଣ କହୁଛି ବୁଝିଲୁ ? ସେଠି ବହୁତ ଦାମିକା ଜିନିଷ ଅଛି···

Digitized by srujanika@gmail.com

ଆଉ କହ ଯେ (ନାମଟା ମୁଁ ଶୁଣିପାରିଲି ନାହିଁ) ମୁଁ ଆଜି ତା'ର ଚାକର ନୁହେ । ନାନା ଗଣ୍ଡଗୋଳ ହୋଇ ଯାଇଛି, ସେଥିପାଇଁ ସେ ଆଜି ମୋ ଦେଖା ପାଇବ ନାହିଁ । ଏପରି ଚାଲିବା ବିପଜ୍ଜନକ । ଅନ୍ୟ ଜାଗାକୁ କାମ ଖୋଜିବାକୁ ଯାଉଛି ମୁଁ । ମୋ ପରି ବେପରୁଆ ଲୋକ ସିଏ ଖୋଜି ପାଇବ ନାହିଁ । ତାକୁ କହ, ଆହୁରି ମୁକ୍ତହାତରେ ଟଙ୍କା ଦେଲେ ଇଆଙ୍କୋ ବି ତାକୁ ଛାଡ଼ି ଯାଇନଥାନ୍ତା । ଯୋଉଠି ପବନ ବହେ ଆଉ ସମୁଦ୍ର ଗର୍ଜନ କରେ ସେଇଠି ମୁଁ ସବୁବେଳେ ଚାକରି ଖୋଜି ପାଇବି ।" ଟିକେ ରହି ଇଆଙ୍କୋ ପୁଣି କହିଚାଲିଲା, "ଝିଅଟିକୁ ମୁଁ ନେଇ ଚାଲିଲି । କାରଣ, ଏଠି ଆଉ ସେ ରହିପାରିବ ନାହିଁ । ଆଉ ବୁଢ଼ୀଟାକୁ କହ ଯେ, ତା'ର ମରିବାର ସମୟ ହୋଇ ଯାଇଛି । କେବେହେଲେ ଆମ ଦେଖା ସେ ଆଉ ପାଇବ ନାହିଁ ।"

"ମୋର କ'ଣ ହେବ ?" ଅନ୍ଧ ଚିତ୍କାର କରି ଉଠିଲା ।

"ତୋତେ ନେଇ ମୁଁ କ'ଣ କରିବି ?" ଉତ୍ତର ଆସିଲା । ସ୍ତ୍ରୀ ଭିତରେ ମୋର ଜଳକୁମାରୀ ନୌକାକୁ ଉଠି ହାତରେ ଇଙ୍ଗିତ କଲା ତା'ର ସଙ୍ଗୀକୁ । ଅନ୍ଧ ହାତରେ କ'ଣ ଗୋଟାଏ ଗୁଞ୍ଜିଦେଇ ଇଆଙ୍କୋ ଅସ୍ପଷ୍ଟ ଭାବରେ କହିଲା, "ଏଇ ନେ ! ତୋ ପାଇଁ କିଛି କିଣ୍ !"

"ବାପ୍, ଖାଲି ଏତିକି ?" ଅନ୍ଧ ପଚାରିଲା ।

"ଆଚ୍ଛା, ଏଇଟା ବି ନେ !" ପଥର ଉପରେ ପଡ଼ି ମୁଦ୍ରାଟା ଟଂ କରି ଉଠିଲା । ଅନ୍ଧ ସେ'ଟିକୁ ଉଠାଇ ନେଲା ନାହିଁ । ଇଆଙ୍କୋ ନୌକାରେ ଚଢ଼ିଲା । ସମୁଦ୍ର ଆଡ଼କୁ ପବନ ବହୁଥିଲା ବୋଲି ସେମାନେ ଗ୍ରେଟ ଗୋଟିଏ ପାଲ ଦେଇ ଚଞ୍ଚଳ ଦୂରକୁ ଚାଲିଗଲେ । ଅନ୍ଧ ବସିରହିଲା ଉପକୂଳରେ; ମୁଁ ଗୋଟାଏ ଶବ୍ଦ ଶୁଣିବାକୁ ପାଇଲି, ମନେହେଲା କ୍ରନ୍ଦନ : ଅନ୍ଧ ପିଲାଟା କାନ୍ଦୁଛି, ବହୁ···ବହୁସମୟ ଧରି ସେ କାନ୍ଦି ଚାଲିଲା·····ମନଟା ମୋର ଭାରାକ୍ରାନ୍ତ ହୋଇ ଉଠିଲା । କାହିଁକି ଭାଗ୍ୟ ମୋତେ ଏଇ ସତ୍ ଚୋର-କାରବାରୀମାନଙ୍କ ଶାନ୍ତିମୟ ଜୀବନ ଭିତରେ ଆଣି ପକାଇଲା ? ଏମାନଙ୍କ ଶାନ୍ତିରେ ବ୍ୟାଘାତ ଘଟାଇଛି ମୁଁ, କୂଅର ସ୍ଥିର ଶାନ୍ତ ଜଳରେ ନିକ୍ଷେପିତ ଖୋଡ଼ ପରି, ଆଉ ଗୋଡ଼ଟା ପରି ଆଉ ଟିକକୁ ମୁଁ ବି ଅତଳକୁ ଚାଲି ଯାଇଥାନ୍ତି !

Digitized by srujanika@gmail.com

ମୋ କୁଟୀରକୁ ଫେରି ଆସିଲି । ବାରଣ୍ଡାରେ କାଠପାଟ ଉପରେ ମହମବତିଟା ଶେଷଥରପାଇଁ ଦପ୍ ଦପ୍ କରୁଛି ଆଜି ଏଆଡ଼େ ମୋର କସାକ୍-ରକ୍ଷକର ଆଦେଶ ସତ୍ତ୍ୱେ ବି ଦୁଇହାତରେ ଗୋଟାଏ ବନ୍ଧୁକକୁ ଲୁପିଧରି ଶୋଇଛି । ତାକୁ ମୁଁ ବିରକ୍ତ କଲିନାହିଁ । ମହମବତିଟାକୁ ଉଠାଇ ନେଇ ଭିତରକୁ ଗଲି । କିନ୍ତୁ ହାୟ, ମୋର ବାକ୍ସ, ରୌପ୍ୟଖଚିତ ତରବାରି, ଦାଗେସ୍ତାନୀ ଛୁରୀ—ଯୋଡ଼ିଟାକୁ ଜଣେ ବନ୍ଧୁ ପାଖରୁ ଉପହାର ପାଇଥିଲି—ସବୁ ଅଦୃଶ୍ୟ ହୋଇଛି ! ବର୍ତ୍ତମାନ ବୁଝିପାରିଲି, ହତଭାଗା ଅନ୍ଧ ଟୋକାଟା କି ଜିନିଷ ନେଇ ଯାଇଥିଲା । କସାକ୍-ରକ୍ଷକକୁ ବିନା ଆଡ଼ମ୍ବରରେ ଧକ୍କାମାରି ଉଠାଇ ଗାଳିଗୁଲଜ୍ କଲି, କ୍ରୋଧାନ୍ୱିତ ହୋଇ ଉଠିଲି । କିନ୍ତୁ ଏ ବିଷୟରେ ସେତେବେଳେ ଆଉ କିଛି କରିବାର ନ ଥିଲା ଆଉ ମୋ ଉପରବାଲା ପାଖରେ ଏ ନେଇ ଅଭିଯୋଗ କରିବା କି ହାସ୍ୟକର ନୁହେ ଯେ, ଗୋଟାଏ ଅନ୍ଧ ଟୋକା ମୋର ଜିନିଷପତ୍ର ଚୋରି କରିଛି ଏବଂ ଗୋଟାଏ ଅଠର ବର୍ଷର ଟୋକୀ ଆଉ ଟିକେହେଲେ ମୋତେ ବୁଡ଼ାଇ ମାରିଥାନ୍ତା ? ଭଗବାନଙ୍କୁ ଧନ୍ୟବାଦ, ପରଦିନ ସକାଳେ ଚାଲିଯିବାର ସୁଯୋଗ ମିଳିଗଲା । ମୁଁ ତାମାନ୍ ତ୍ୟାଗ କଲି । ପରେ ସେହି ବୁଢ଼ୀର ଆଉ ବିଚରା ଅନ୍ଧ ଟୋକାଟାର କ'ଣ ହେଲା ଜାଣେନା । ଆଉ ତା ଛଡ଼ା ମଣିଷର ଆନନ୍ଦ ବେଦନା ସହିତ ମୋ ପରି ଏକ ଭ୍ରାମ୍ୟମାଣ ଅଫିସର୍‌ର, ଅଧିକନ୍ତୁ ଯାହାକୁ ସରକାରୀ କାମରେ ଘୂରି ବୁଲିବାକୁ ହୋଇଛି, ତା'ର ସଂପର୍କଟା ବା କ'ଣ ?........

॥ ପ୍ରଥମ ଖଣ୍ଡ ସମାପ୍ତ ॥

Digitized by srujanika@gmail.com

ଦ୍ୱିତୀୟ ଖଣ୍ଡ

ପେଓ୍ୱେରନ୍ ଡାଇରିର ଶେଷାଂଶ

Digitized by srujanika@gmail.com

୨

ରାଜକୁମାରୀ ମେରି

୧୧, ମଇ

ଗତ କା'ଲି ପିଆଟଗୋର୍‌ସ୍କରେ ପହଞ୍ଚି ସହରତଳି ମାଶ୍‌ତ୍ରୁକ୍‌ର ପାଦଦେଶରେ ମୁଁ ଘରଖଣ୍ଡା ନେଇଛି । ସହର ଭିତରେ ଏଇଟାହିଁ ସବୁଠାରୁ ଉଚ୍ଚ ଜାଗା, ଏତେ ଉଚ୍ଚ ଯେ ଝଡ଼ବର୍ଷା ସମୟରେ ମେଘଗୁଡ଼ିକ ମୋ ଦ୍ୱାରରେ ଆସି ବାଜନ୍ତି । ଆଜି ସକାଳ ପାଞ୍ଚଟାବେଳେ ଯେତେବେଳେ ଝରକା ଖୋଲିଲି, ମୋ ବାସସ୍ଥାନ ସାମ୍ନା ବଗିଚାର ଫୁଲ ଗନ୍ଧରେ ଘର ଭିତରଟା ପୂରି ଉଠିଲା । ଚେରି ଗଛ ଫୁଲରେ ଭରା, ଡାଳଗୁଡ଼ିକ ଉଙ୍କି ମାରୁଛି ମୋ ଝରକା ପାଖରେ ଆଉ ମଝିରେ ମଝିରେ ପବନ ତା'ର ଧଳା ପାଖୁଡ଼ା ଗୁଡ଼ିକୁ ଆଣି ମୋ ଲେଖିବା ଟେବୁଲ୍‌ ଉପରେ ବିଛାଇ ଦେଉଛି । ତିନିଦିଗର ଚମତ୍କାର ଦୃଶ୍ୟ ମୁଁ ଦେଖିବାକୁ ପାଉଛି । ପଶ୍ଚିମରେ ପଞ୍ଚଶୃଙ୍ଗ ନୀଳ ପାହାଡ଼ ଦେଖାଯାଉଛି ଅସ୍ପଷ୍ଟ "ଅନ୍ତର୍ହିତ ଝଞ୍ଜାର ଶେଷ ମେଘ"* ପରି; ଉତ୍ତର ଦିଗନ୍ତକୁ ଢାଙ୍କି ମୁଣ୍ଡ ଟେକିଛି ମାଶ୍‌ତ୍ରୁକ, ଯେପରି ପାରସ୍ୟର ଲୋମଶ ଟୋପି ! ପୂର୍ବଦିଗର ଦୃଶ୍ୟ ଆହୁରି ମନୋରମ : ମୋ ସାମ୍ନାରେ ପରିଷ୍କାର ନୂତନ ସହରଟି ନାନା ବର୍ଣ୍ଣ-ରଙ୍ଗରେ ଝଲେ ଝଲେଇ ହୋଇ ଉଠୁଛି, ରୋଗନିରାମୟକାରୀ ପ୍ରସ୍ରବଣ ଗୁଡ଼ିକ ଅସ୍ପଷ୍ଟ କଳକଳ ଧ୍ୱନି କରୁଛନ୍ତି ଆଉ ସେହି ପ୍ରକାରର କଳରୋଳ କରୁଛନ୍ତି ନାନାଭାଷା-ଭାଷୀ ଜନତା, ଆହୁରି ଦୂରରେ ପାହାଡ଼ର କ୍ରମଶଃ ଉଚ୍ଚ ହୋଇ ଯାଇଥିବା ଶ୍ରେଣୀ ନୀଳରୁ ନୀଳତର ହୋଇ ଦେଖାଯାଉଛି ଅସ୍ପଷ୍ଟ, ଏଆଡ଼େ

*ପୁଶ୍‌କିନ୍‌ଙ୍କ କବିତାରୁ ।

Digitized by srujanika@gmail.com

ଦିଗନ୍ତର କିନାର୍‌ରେ ତୁଷାରମଣ୍ଡିତ ଶୃଙ୍ଗ ଗୁଡ଼ିକର ରୂପେଲିମାଳା ଲମ୍ବି ଯାଇଛି—କାଜ୍‌ବେକ୍ ଦାବି ହୋଇଛି ଆରମ୍ଭ ଆଉ ଦୁଇଶୃଙ୍ଗ ଏଲ୍‌ବ୍ରୁଜ୍ ଦାବି ହୋଇଛି ଶେଷ··· । ଏପରି ଦେଶରେ ବାସକରିବା ବାସ୍ତବିକ ଆନନ୍ଦର ! ଏକ ଉଲ୍ଲସିତ ଅନୁଭୂତି ମୋର ଧମନୀରେ ପ୍ରବାହିତ ହେଉଛି । ଶିଶୁର ଚୁମ୍ବନ ପରି ନିର୍ମଳ ଆଉ ତାଜା ପବନ, ସୂର୍ଯ ଉଜ୍ଜ୍ୱଳ, ଆକାଶ ନୀଳ—ଏହା ଠାରୁ ଆଉ ବେଶି କ'ଣ କିଏ ଚାହେ ? କାମନା, ବାସନା ଆଉ ମନସ୍ତାପ ପାଇଁ ସ୍ଥାନ କାହିଁ ? କିନ୍ତୁ ଯିବାର ବେଳ ହୋଇଛି । ଏଲିଜାବେଥ୍ ପ୍ରସ୍ରବଣ ପର୍ଯ୍ୟନ୍ତ ମୁଁ ବୁଲିବୁଲି ଯିବି, ଶୁଣିଛି ସକାଳେ ସେଠି ଖଣିଜ-ଜଳର ସ୍ରୋତ ଆସି ମିଳିତ ହୁଏ ।

ସହରର ଭିତରେ ବୁଲ୍‌ଭାର୍ ଦେଇ ବୁଲିବା ବେଳେ ଦେଖିଲି କେତୋଟି ନବନନ୍ଦ ଦଳ ଧୀରେ ଧୀରେ ପାହାଡ଼ ଦେହରେ ଉଠୁଛନ୍ତି । ସେମାନଙ୍କ ଭିତରୁ ଅଧିକାଂଶ ଯେ ସମତଳଭୂମିର ଜମିଦାର ପରିବାରର ସେ କଥା ସ୍ପଷ୍ଟ ଜଣାପଡ଼େ ପୁରୁଷମାନଙ୍କର ସାବେକ କାଳର ଜୀର୍ଣ୍ଣ କୋଟ୍ ଆଉ ସେମାନଙ୍କ ସ୍ତ୍ରୀ-କନ୍ୟା ମାନଙ୍କ ପରିପାଟୀ, ବେଶଭୂଷା ଦେଖି । ମୋତେ ସେମାନେ ସନ୍ଦେହ କୌତୂହଳର ସହିତ ଦେଖିବାକୁ ଲାଗିଲେ । ମୋ କୋଟ୍‌ର ପିଟର୍ସ୍‌ବୁର୍ଗ-ଗୁଁଟ୍ ପ୍ରଥମେ ସେମାନଙ୍କୁ ପ୍ରତାରଣା କରିଥିଲା, କିନ୍ତୁ ମୋର ସାମରିକ ଚିହ୍ନ ଗୁଡ଼ିକୁ ଦେଖିପାରି ସେମାନେ ସଙ୍ଗେ ସଙ୍ଗେ ବିତୃଷ୍ଣାରେ ମୁହଁ ବୁଲେଇଲେ ।

ସ୍ଥାନୀୟ କର୍ମଚାରୀମାନଙ୍କ ସ୍ତ୍ରୀମାନେ, କହିବାକୁ ଗଲେ ଯେଉଁମାନେ ପ୍ରସ୍ରବଣ ଗୁଡ଼ିକର ମାଲିକ, ବରଂ ଆହୁରି ସଦୟ ବ୍ୟବହାର କଲେ । ସେମାନେ ଲମ୍ବା ହେଣ୍ଡଲବାଲା ଚଷମା ନେଇ ବୁଲନ୍ତି ଏବଂ ସାମରିକ ପୋଷାକ ଉପରେ ମନୋଯୋଗ ଦିଅନ୍ତି କମ୍, କାରଣ କକେଶସ୍‌ରେ ସେମାନେ ଆବିଷ୍କାର କରି ଶିଖିଛନ୍ତି, ବସ୍ତା ବୋତାମ ତଳେ ଉତ୍ତପ୍ତ ହୃଦୟ ଆଉ ଶ୍ୱେତ ଅଫିସରର ଟୋପିତଳେ ଶିକ୍ଷିତ ମନ ଥାଏ ବୋଲି । ଏଇସବୁ ମହିଳାମାନେ ଭାରି ମୋହିନୀ ଆଉ ବହୁଦିନ ଧରି ଏମାନେ ମୋହିନୀ ହୋଇ ରହନ୍ତି । ପ୍ରତିବର୍ଷ ଏମାନେ ଏମାନଙ୍କ ସ୍ତାବକ ଦଳକୁ ବଦଳାନ୍ତି, ଏଇଟା ହୁଏତ ଏମାନଙ୍କର ଅକ୍ଳାନ୍ତ-ଅମାୟିକତାର

Digitized by srujanika@gmail.com

ଗ୍ରୁଚ୍ଛଥିଏ । ଏଲିଜାବେଥ୍ ପ୍ରସ୍ରବଣକୁ ଯିବାର ସରୁବାଟ ଧରି ଉଠିବାବେଳେ ତଳେ ଲୋକଙ୍କୁ ମୁଁ ଅତିକ୍ରମ କରିଗଲି । ସେମାନଙ୍କ ଭିତରେ ସାମରିକ ଓ ବେସାମରିକ ଉଭୟ ଜାତିର ଲୋକ ଅଛନ୍ତି । ପରେ ଜାଣିବାକୁ ପାଇଥିଲି ଯେ ସେମାନେ ଗୋଟାଏ ବିଶେଷ ଶ୍ରେଣୀର ଲୋକ, ଯେଉଁମାନେ ଏଠାକାର ଜଳର କିମ୍ବା ଆପଣା ଉପରେ ପ୍ରୟୋଗ କରିବାକୁ ଚାହାନ୍ତି । ସେମାନେ ପିଅନ୍ତି, କିନ୍ତୁ ପାଣି ନୁହେଁ । ବାହାରକୁ ଆସନ୍ତି ଅଳ୍ପ, ଅସଙ୍କୁଚିତ ଭାବରେ ପ୍ରେମାଭିନୟ କରନ୍ତି । ସେମାନେ ଜୁଆ ଖେଳନ୍ତି ଆଉ ବୈଚିତ୍ର୍ୟହୀନତା ପାଇଁ କରନ୍ତି ଅଭିଯୋଗ । ସେମାନେ ଫୁଲ୍‌ବାବୁ ! ବେତ ଅଳଟରେ ଥିବା କାଚର ପାନଗୁଡ଼ିକୁ ଗନ୍ଧକ ପାଣିରେ ବୁଡ଼ାଇବାବେଳେ ସେମାନଙ୍କ ହାବଭାବ ହୋଇଉଠେ ପଣ୍ଡିତମାନଙ୍କ ପରି । ବେସାମରିକ ଲୋକେ ପିନ୍ଧନ୍ତି ଫିକାଫାଳ ଟାଇ, ଆଉ ସାମରିକ ଦଳର ଲୋକେ କଲର୍ ଉପରକୁ ବାହାର କରି ରଖନ୍ତି କୁଞ୍ଚିତ ଗଳାବନ୍ଧଣୀ ଚୂଡ଼ିକୁ । ଗାଉଁଲି ସମାଜ ପ୍ରତି ସେମାନେ ଅବଜ୍ଞାର ଭାବ ଦେଖାନ୍ତି ଆଉ ଦୀର୍ଘଶ୍ୱାସ ପକାଇ ରାଜଧାନୀର ସମ୍ଭ୍ରାନ୍ତ ପରିବାରମାନଙ୍କ ବୈଠକଖାନାର କଥା ସ୍ମରଣ କରନ୍ତି, ସେଠାକୁ ଅବଶ୍ୟ କେବେହେଲେ ତାଙ୍କୁ ନିମନ୍ତ୍ରଣ ହୁଏନାହିଁ ।

ଅବଶେଷରେ କୂଅଟି ପାଖରେ ପହଞ୍ଚିଲି··· । ପାଖର ଗୋଟାଏ ଜାଗାରେ ଗାଧୁଆଘର ମାଝରେ ଗୋଟିଏ ନାଳଘର ତିଆରି ହୋଇଛି ଏବଂ କିଛି ଦୂରରେ ଭ୍ରମଣକାରୀମାନଙ୍କ ପାଇଁ ବର୍ଷାରୁ ରକ୍ଷାପାଇବା ଲାଗି ତିଆରି ହୋଇଛି ଗୋଟିଏ ବାରଣ୍ଡା ପରି ଜାଗା । କେତେଜଣ ଆହତ-ଅଫିସର ମଳିନ ଆଉ କରୁଣ ଚେହେରାର ଲୋକ—ସେମାନଙ୍କ କ୍ରାଚ୍‌ଗୁଡ଼ିକୁ ସାମ୍ନାରେ ଥୋଇ ଗୋଟିଏ ବେଞ୍ଚରେ ବସିଥିଲେ । କେତେଜଣ ମହିଳା ଦ୍ରୁତ ପଦଚାରଣ କରୁକରୁ ଅପେକ୍ଷା କରୁଥିଲେ ଯେଉଁଥିରେ ଆରମ୍ଭ ହୁଏ ଜଳକ୍ରିୟା । ସେମାନଙ୍କ ଭିତରେ ଥିଲା ଦୁଇଟି କିମ୍ବା ତିନୋଟି ସୁନ୍ଦର ମୁହଁ । ମାନ୍‌ଡ଼ୁକ୍‌ର ତାଲୁ ଅଂଶଟିକୁ ଢାଙ୍କି ରଖିଥିବା ଦ୍ରାକ୍ଷା ବୀଥିକାର ଭିତର ଦେଇ ମହିଳାମାନଙ୍କର ବିଚିତ୍ର ଟୋପିଗୁଡ଼ିକ ମଝିରେ ମଝିରେ ମୁଁ ଦେଖିବାକୁ ପାଉଥିଲି । ନିଶ୍ଚୟ ସେମାନଙ୍କର ଅଧିକାରିଣୀମାନେ ପସନ୍ଦ କରନ୍ତି ନିର୍ଜନତାକୁ । କାରଣ, ଏଇ ଧରଣର ମହଲ

Digitized by srujanika@gmail.com

ଟୋପି ସବୁତ ସବୁବେଳେ ଦେଖାଯାଏ ହୁଏତ କୌଣସି ସାମରିକ ଅଫିସର୍‌ର ଟୋପି କମ୍ବା କଦାକାର ଗୋଲ୍‌ଟୋପି ! ଗୋଟାଏ ପାହାଡ଼ ଉପରୁ, ଯେଉଁଠି ଏଇ ଓଲଆନ୍ ହାର୍ପ୍ ନାମରେ ଅଛି ଗୋଟିଏ ତମ୍ବୁ, ଦର୍ଶକମାନେ ଏଲ୍‌ବୁର୍ଜ୍ ଉପରେ ଦୂରବୀକ୍ଷଣରେ ଅନାଉଥିଲେ । ସେମାନଙ୍କ ଭିତରେ ଥିଲେ ଦୁଇଟି ପିଲା ଓ ସେମାନଙ୍କ ତତ୍ତ୍ୱାବଧାନକାରୀ ଦୁଇଜଣ ଗୃହଶିକ୍ଷକ । ଏଠିକି ସେମାନେ ଆସିଛନ୍ତି ଗଣ୍ଡମାଳା ରୋଗ ଭଲ କରିବା ଆଶାରେ ।

ଧଇଁ ସଇଁ ହୋଇ ମୁଁ ଗୋଟିଏ ଖାତ ପାଖରେ ରହିଯାଇ ଗୋଟାଏ ଘରର କାନ୍ଥକୁ ଆଉଜି ଦେଖୁଥିଲି ଛବି ପରି ଥାମାସ୍ ସୁନ୍ଦର ଦୃଶ୍ୟକୁ, ଏତିକିବେଳେ ଅକସ୍ମାତ୍ ପଛରୁ ଶୁଣିବାକୁ ପାଇଲି ଏକ ପରିଚିତ କଣ୍ଠସ୍ୱର :

"ପେଚୋରିନ୍ ! ବହୁଦିନ ହେଲା ଆସିଛ ?"

ବୁଲି, ଅନାଇ ଦେଖିଲି ଗ୍ରୁଶ୍ନିତ୍‌ସ୍କିକୁ । ପରସ୍ପରକୁ ଆମେ ଆଲିଙ୍ଗନ କଲୁ । ଆମର ଦେଖା ହୋଇଥିଲା ଗୋଟିଏ ସୈନ୍ୟବାହିନୀରେ । ତା' ପାଦରେ ଥିଲା ଚକ୍ରର ଏକ କ୍ଷତ । ମୋ ଅପେକ୍ଷା ସେ ସପ୍ତାହକ ଆଗରୁ ଏଇ ଖଣିଜ-ଜଳର ଉତ୍ସ ସ୍ଥାନକୁ ଆସିଥିଲା ।

ଗ୍ରୁଶ୍ନିତ୍‌ସ୍କି ସାମରିକ ବିଦ୍ୟାଳୟର ଛାତ୍ର । ବର୍ଷେ ମାତ୍ର ସେ ସୈନ୍ୟବାହିନୀର ଅଧୀନରେ ଚାକିରି କରିଥିଲା । ସେ ପିନ୍ଧେ ସୈନିକର ପୁରୁଣା ଗ୍ରେଟ୍‌କୋଟ୍, ଏଇଟା ହେଲା ତା'ର ବିଶେଷ ଧରଣର ଗୋଟାଏ କାରୁଗିରି । ତା'ର ଅଛି ସୈନିକର "ସେଂଟ୍‌ଜର୍ଜ୍ କ୍ରୁଶ" । ସୁନ୍ଦର ତାର ଦେହର ଗଢ଼ଣ, ତାର ଚେହେରା ରୌଦ୍ରଦଗ୍ଧ ଆଉ ବାଳଗୁଡ଼ିକ କଳା । ଦେଖିଲେ ବୟସ ପଚିଶ ବୋଲି ମନେହେବ, ଯଦିଓ ଏକୋଇଶ ବର୍ଷ ବି ପୂର୍ଣ୍ଣ ହୋଇନାହିଁ ! କଥା କହିବାବେଳେ ପଛପଟକୁ ମୁଣ୍ଡ ହଲାଇବାର ଗୋଟିଏ ବିଶିଷ୍ଟ ଭଙ୍ଗୀ ଅଛି ତା'ର । ନିମାଗତହିଁ ବାଁ ହାତରେ ତା'ର କ୍ରଚ୍‌ଟାକୁ ସେ ଆଉଜିଶେ, କାରଣ ଡାହାଣ ହାତଟାକୁ ସ୍ୱାବ୍ ଉପରେ ଭରଦେଇ ରଖିବାକୁ ହୁଏ । ଚପଳ ଓ ସାଳଙ୍କାର ତା'ର ବାଚନଭଙ୍ଗୀ । ସିଏ ସେଇ ଦଳର—ଯେ କୌଣସି ଅବସ୍ଥାର ଉପଯୁକ୍ତ କଥା ଯାହାଙ୍କର

Digitized by srujanika@gmail.com

ଜଭ ଅଗରେ ଅଟକ ଥାଏ, ସାଧାରଣ ସୌନ୍ଦର୍ଯ୍ୟରେ ଯେଉଁମାନେ ଥାନ୍ତ ଅବଚଳତ ଏବଂ ଯେଉଁମାନେ ଅତଆଡ଼ମ୍ବରରେ ଅସାଧାରଣ ଭବାବେଗ, ସ୍ୱର୍ଗୀୟ ପ୍ରେମ ଏବଂ ତୀବ୍ର-ବେଦନାର ମୁଖା ପିନ୍ଧନ୍ତ । ସେମାନେ ନଜକୁ ଜାହର୍ କର ଆନନ୍ଦ ପାଆନ୍ତ, ଆଉ ଗବାକ୍ଷ ମଫସଲ ଅଞ୍ଚଳର ମହଳାମାନେ ସେମାନଙ୍କ ପାଇଁ ଜ୍ଞାନ-ବୁଦ୍ଧି ହରାଇ ପ୍ରାୟ ପାଗଳ ହୋଇ-ଯାନ୍ତ ! ବାର୍ଦ୍ଧକ୍ୟରେ ସେମାନେ ହୁଅନ୍ତ ଶାନ୍ତପ୍ରିୟ ଜମିଦାର ବା ମାତାଲ୍, ବେଳେବେଳେ ଦୁଇପ୍ରକାରର ମଧ୍ୟ । ପ୍ରାୟ ସେମାନଙ୍କ ମନରେ ଥାଏ ନାନା ସନ୍ଦେହ ଭାବ, କନ୍ତୁ ଛନ୍ଦମାତ୍ର କାବ୍ୟ ନଥାଏ । ଗ୍ରୁସ୍ନିତସ୍କି ବକ୍ତୃତା ଦେବାପାଇଁ ଭଲପାଏ, କଥୋପକଥନ ପ୍ରଚଳତ ଧାରଣାର ସୀମା ଅତକ୍ରମ କର ସଙ୍ଗେ ସଙ୍ଗେ ବର୍ଷିତ ହୁଏ ତା'ର କଥାର ସ୍ରୋତ । ତା ସହତ ମୁଁ କେବେହେଲେ ବ ଯୁକ୍ତ କରିପାରନାହିଁ, କେବେହେଲେ ବ ସିଏ ପ୍ରତବାଦୀର ପ୍ରତ୍ୟୁତ୍ତରର ଉତ୍ତର ଦଏନାହିଁ ବା ତା କଥା ଶୁଣେ ନାହିଁ । ତୁମ କଥା ଶେଷ ହେବା ସଙ୍ଗେସଙ୍ଗେ ସେ ଦୀର୍ଘ ଗୋଟାଏ ଭାଷଣ ରଚନା କରିବସେ । ଆପାତଦୃଷ୍ଟିରେ ମନେହୁଏ, ତୁମେ ଯାହା କହୁଛ ତା' ସହତ ତା ଭାଷଣର ସମ୍ବନ୍ଧ ଅଛି, କନ୍ତୁ ବାସ୍ତବପକ୍ଷେ ସେଇଟା ଖାଲ ତା'ର ନଜ ଯୁକ୍ତିର ଧାରାବାହକତା ।

ମୋଟାମୋଟି ସେ ରସିକ ଏବଂ ତା'ର ରସାଳ କଥାଗୁଡ଼କ ପ୍ରାୟ ମଜାଦାର୍; କନ୍ତୁ କେବେହେଲେ ତା' ଭିତରେ ଉଦାହରଣ ବା ବଦ୍ରୂପ ନଥାଏ । ସେ ଚହ୍ନେନାହିଁ ମଣିଷକୁ, ସେମାନଙ୍କ ଦୁର୍ବଳ ତ୍ରୁଟିକୁ ମଧ୍ୟ ନୁହେଁ; କାରଣ ସାରାଜୀବନ କେବଳ ନଜକୁ ନେଇ ସେ ବ୍ୟସ୍ତ ରହିଛି । ତା' ଜୀବନର ଉଦ୍ଦେଶ୍ୟ ହେଲା, ଉପନ୍ୟାସର ନାୟକ ହେବା । କେତେଥର ଅନ୍ୟମାନଙ୍କୁ ସେ ବୁଝାଇବାକୁ ଚାହିଁଛି ଯେ, ସେ ଇହଜଗତର ପ୍ରାଣୀ ନୁହେଁ ଏବଂ ତା' ଫଳରେ ତାକୁ ନାନା ପ୍ରକାରର ଅଜଣା-ଦୁଃଖ ଭୋଗ କରିବାକୁ ହେଉଛି—ଏ ବଷୟରେ ନଜକୁ ସେ ନିଃସନ୍ଦେହ କର ପକାଇଛି । ସେଇ କାରଣରୁହିଁ ସେ ତା'ର ସୈନକମାନଙ୍କର ଓଭରକୋଟ୍‌ଟାକୁ ପିନ୍ଧେ ସଗର୍ବରେ । ତାକୁ ମୁଁ ବୁଝିପାରେ ଆଉ ସେହି କାରଣରୁ ସେ ମୋତେ ଅପସନ୍ଦ କରେ, ଯଦିଓ ବାହ୍ୟତଃ ଆମର ପାରସ୍ପରକ ସମ୍ବନ୍ଧ ଅତ୍ୟନ୍ତ ବନ୍ଧୁତ୍ୱର । ଗ୍ରୁସ୍ନିତସ୍କିର ଅସାଧାରଣ

Digitized by srujanika@gmail.com

ସାହସ ପାଇଁ ସୁନାମ ଅଛି; ଯୁଦ୍ଧରେ ମୁଁ ତାକୁ ଦେଖିଛି : ତରବାରି ଘୁରାଇ ଚିତ୍କାର କରିକରି ଛୁଟିଯାଏ ସିଏ ଆଖିବୁଜି । ଏ ଜାତିସୁ ସାହସରେ କିଛିଟା ଅ-ରୁଷୀୟ ବୈଶିଷ୍ଟ୍ୟ ପ୍ରକାଶ ପାଏ !······

ମୁଁ ମଧ୍ୟ ତାକୁ ପସନ୍ଦ କରେନାହିଁ ଏବଂ ମୋର ଧାରଣା, ଦିନେନାଦିନେ ଆମ ଭିତରେ ଭୀଷଣ ବିବାଦ ଉପୁଜିବ, ଯାହାର ଫଳାଫଳଟା ଆମଭିତରୁ କାହାର ହେଲେ ଜଣକ ପକ୍ଷରେ ହେବ ଅନୁଶୋଚନାର କାରଣ ।

କକେଶସ୍‌କୁ ତା'ର ଆସିବାର କାରଣ ବି ହେଲା, ଭାବାଳୁ-ଉନ୍ମତ୍ତତା । ମୁଁ ନିଶ୍ଚିତ ଯେ, ସେ ତା'ର ନିଜର ଗାଁ ଛାଡ଼ିବା ବେଳେ କୌଣସି ସୁଦର୍ଶନା-ପ୍ରତିବେଶିନୀ ପାଖରେ ବିଷାଦମୟ କଣ୍ଠରେ ଘୋଷଣା କରିଥିଲା : ସେ ଚାଲିଯାଉଛି କେବଳମାତ୍ର ସାମରିକ ବିଭାଗରେ ଚାକିରି କରିବା ପାଇଁ ନୁହେଁ, ସେ ଯାଉଛି ମୃତ୍ୟୁକୁ ବରଣ କରିବାକୁ, କାରଣ··· ଏହିଠାରେହିଁ ସମ୍ଭବତଃ ହାତରେ ତା' ଆଖି ଦୁଇଟାକୁ ବୁଜି ଏଇପରି ସେ କହିଥିଲା, "ନା, କାରଣଟା ଆପଣଙ୍କୁ (ବା ତୁମକୁ) କେବେହେଲେ ଜଣାଇବି ନାହିଁ ! ଆପଣଙ୍କ ନିର୍ମଳ-ହୃଦୟ ତାହେଲେ ସେ କଥାରେ ଶିହରି ଉଠିବ । ଆଉ ଆପଣଙ୍କୁ ଜାଣିବାପାଇଁ ହେବ ବା କାହିଁକି ? ଆପଣଙ୍କ ପାଖରେ ମୁଁ କିଏ ?, ମୋତେ କ'ଣ ଆପଣ ବୁଝିପାରନ୍ତି ?···" ଇତ୍ୟାଦି ଇତ୍ୟାଦି ।

ସିଏ ନିଜେହିଁ ମୋତେ କହିଥିଲା ଯେ, ତା'ର ସୈନ୍ୟବାହିନୀରେ ଯୋଗ ଦେବାର କାରଣ ତା'ର ଏବଂ ତା' ବିଧାତାର ଚିରକାଳ ଅଗୋଚର ରହିବ ।

ଆଉ ତଥାପି, ଗ୍ରୁସ୍ନିତ୍‌ସ୍କି ଯେତେବେଳେ ଏଇ ବିଷାଦମୟ ଖୋଳସ ତ୍ୟାଗକରେ, ସେତେବେଳେ ସେ ବାସ୍ତବିକ ହୋଇପାରେ ମନୋହର ଓ ମଜାଦାର୍ । ତାକୁ ମୁଁ ମହିଳାମାନଙ୍କ ସାନ୍ନିଧ୍ୟରେ ଦେଖିବାକୁ ଭଲପାଏ କାରଣ ସେତେବେଳେହିଁ ମୋ'ର ମନେହୁଏ, ସେ ଚେଷ୍ଟାକରି ଦେଖାଏ, ସିଏ କେତେ ଭଲ !

ପୁରାତନ ବନ୍ଧୁପରି ଆମେ ପରସ୍ପରକୁ ଅଭିବାଦନ କଲୁ । ତାକୁ ମୁଁ କ୍ରମାଗତ ପ୍ରଶ୍ନକରି ଚାଲିଲି ଖଣିଜ-ପ୍ରସ୍ରବଣର ଜୀବନଧାରା ଏବଂ

Digitized by srujanika@gmail.com

ସେଠାରେ କେଉଁ ସବୁ ଚିତ୍ତାକର୍ଷକ ଲୋକମାନଙ୍କ ସହିତ ଆଳାପ କରିହେବ—ସେ ସମ୍ବନ୍ଧରେ ।

ଦୀର୍ଘଶ୍ୱାସ ପକାଇ ସେ କହିଲି, "ଏଠାକାର ଜୀବନ ଗଦ୍ୟମୟ । ସକାଳେ ଯେଉଁମାନେ ଜଳପାନ କରନ୍ତି ସବୁ ରୋଗୀମାନଙ୍କ ପରି ସେମାନେ ଅଳସ ଆଉ ସନ୍ଧ୍ୟାରେ ଯେଉଁମାନେ ମଦ୍ୟପାନ କରନ୍ତି ସବୁ ସୁସ୍ଥ ଲୋକଙ୍କପରି ସେମାନଙ୍କ ସାନ୍ନିଧ ମଧ୍ୟ ଅସହ୍ୟ । ମହିଳାମାନଙ୍କ ସାହଚର୍ଯ ମଧ୍ୟ ଅଛି, କିନ୍ତୁ ସେଥିରୁ ସାମାନ୍ୟମାତ୍ର ସାନ୍ତ୍ୱନା ମିଳେ, ସେମାନେ ତୁଇଷ୍ଟ୍ ଖେଳନ୍ତି, ବାଜେ ଧରଣର ନିଜକୁ ସଜାନ୍ତି ଓ ଜଘନ୍ୟ ଫରାସୀ ଭାଷା କୁହନ୍ତି ୭ ଏ ବର୍ଷ ମସ୍କୋରୁ କେବଳ ଆସିଛନ୍ତି ରାଣୀ ଲିଗୋଭସ୍କାୟା ଆଉ ତାଙ୍କ ଝିଅ । କିନ୍ତୁ ସେମାନଙ୍କ ସହିତ ମୋର ପରିଚୟ ହୋଇନାହିଁ । ମୋର ଗ୍ରେଟ୍‌କୋଟ୍‌ଟା ଯେପରି ନିର୍ବାସନର ସଙ୍କେତ ! ସେଇଟା ଦେଖି ଲୋକଙ୍କ ମନରେ ଯେଉଁ ସମବେଦନା ଜାଗେ, ଦୟା-ଦାକ୍ଷିଣ୍ୟ ପରି ତାହା ଅସହ୍ୟ ।"

ଠିକ୍ ସେତିକବେଳେ ଦୁଇଟି ମହିଳା ଆମ ପାଖଦେଇ କୂଅ ଆଡ଼କୁ ଚାଲିଗଲେ । ଜଣେ ବୟସ୍କା, ଅନ୍ୟ ଜଣକ ତରୁଣୀ । ପତଳା ତା'ର ଦେହର ଗଠନ । ବନେଟ୍ ପାଇଁ ସେମାନଙ୍କ ମୁହଁ ଦେଖିବାକୁ ପାଇଲି ନାହିଁ କିନ୍ତୁ ସେମାନଙ୍କର ସାଜସଜ୍ଜା ନିଖୁଣ ଓ ସୁ-ରୁଚିର ପରିଚାୟକ : ସବୁକିଛି ଠିକ୍ ଯେପରି ହେବା ଦରକାର ସେହିପରି । ତରୁଣୀଟି ପିନ୍ଧିଛି ମୁକ୍ତା-ଧୂସର ରଙ୍ଗର ଉଚବେକବାଲ୍ ଜାମା; ତା'ର ନମନୀୟ ବେକକୁ ଘେରି ରହିଛି ସିଲ୍କର ପତଳା ଖଣ୍ଡେ ରୁମାଲ । ଗାଢ଼ ତାମ୍ରବର୍ଣ୍ଣର ହଲେ ଜୋତା ଏପରି ସୁନ୍ଦର ଭାବରେ ତା'ର ପାଦ ଦୁଇଟିକୁ ଢାଙ୍କି ରଖିଛି ଯେ, ଯୋଉ ଲୋକର କୌଣସି ସୌନ୍ଦର୍ଯବୋଧ ନାହିଁ, ତା'ର ମଧ୍ୟ ବିସ୍ମୟରେ ଶ୍ୱାସରୁଦ୍ଧ ହୋଇ ଆସିବ । ତା'ର ଲଘୁ ଅଥଚ ମର୍ଯାଦାବ୍ୟଞ୍ଜକ ଚାଲିବାର ଭଙ୍ଗୀ ଭିତରେ ରହିଛି ଏପରି ଏକ କୁମାରୀସୁଲଭଭାବ; ଯାହା ଭାଷାରେ ପ୍ରକାଶ କରି ହେବନାହିଁ; କିନ୍ତୁ ଆଖିଆଗରେ ତାହା ସ୍ପଷ୍ଟ । ଆମ ପାଖଦେଇ ଯିବାବେଳେ ତା'ଠାରୁ ଏପରି ଏକ ମୃଦୁ-ସୌରଭ ଆସି ବାଣ୍ଟହୋଇ ପଡ଼ିଲା, ଯାହା ମଝିରେ ମଝିରେ ଆମ ପ୍ରେମିକାମାନଙ୍କ ଚିଠିରୁ ନିସୃତ ହୁଏ ।

Digitized by srujanika@gmail.com

"ୱେ-ଇ ସ୍ତ୍ରୀ ଲଗୋଭ୍‌ସ୍କାୟା ଆଉ ତାଙ୍କ ଝିଅ," କହିଲ ଗ୍ରୁସ୍‌ନିତ୍‌ସ୍କି, "ଝିଅକୁ ଇଂରାଜ୍‌ମାନଙ୍କ ପରି ସେ ଡାକନ୍ତି ମେରି ବୋଲି । ମାତ୍ର ତିନିଦିନ ହେଲା ଏମାନେ ଏଠିକି ଆସିଛନ୍ତି ।"

"ଝିଅଟିର ନାମ ପର୍ଯ୍ୟନ୍ତ ଏଥି ଭିତରେ ଜାଣି ପକାଇଛ ଦେଖୁଛି !"

"ଦୈବକ୍ରମେ ଶୁଣିଛି" ଆରକ୍ତ ହୋଇ ସେ କହିଲା, "ଏମାନଙ୍କ ସହିତ ଆଳାପ କରିବାକୁ ମୋର ଆଦୌ ଇଚ୍ଛା ନାହିଁ । ଏଇ ଧରଣର ଉଚ୍ଚ ଅଭିଜାତ-ସଂପ୍ରଦାୟମାନେ ଆମମାନଙ୍କ ପରି ସାମରିକ ଲୋକଙ୍କୁ ବର୍ବର ବୋଲି ମନେ କରନ୍ତି । ନଂବର୍‌ଦିଆ ଟୋପିତଳେ ଯଦି ମେଧା ଆଉ ପୁରୁ ଗ୍ରେଟ୍‌କୋଟ୍ ତଳେ ହୃଦୟ ବୋଲି କୌଣସି ବସ୍ତୁ ଥାଏ ସେଥିରେ ସେମାନଙ୍କର ଯାଏ ଆସେ କ'ଣ ?"

ହସି କରି କହିଲି, "ବିଚରା ଗ୍ରେଟ୍‌କୋଟ୍ ! ଆଉ ସେଇ ଭଦ୍ରଲୋକଟି କିଏ ଯେମିତି ଚମତ୍କାର ଭାବରେ ସେମାନଙ୍କୁ ଗିଲାସ ବଢ଼ାଇ ଦେଉଛନ୍ତି ?"

"ସିଏ ହେଲା ମସ୍କୋର ସୁଖବାବୁ ରାପ୍ଟେଭିଚ୍ । ସିଏ ଯେ ଜୁଆଡ଼ୀ, ସେ କଥା ତା' ନାଲି ଓ୍ୱେଷ୍ଟ୍‌କୋଟ୍ ଉପରର ଓଜନିଆ ସୁନାର ଚେନ୍‌ଟା ଦେଖିଲେହିଁ ବୁଝିପାରିବ । ଆଉ ତା'ର ମୋଟା ବେତଟା ଦେଖ—ଠିକ୍ ଯେପରି ରବିନ୍‌ସନ୍ କ୍ରୁଶୋଙ୍କର ! କମ୍ପା ଦେଖ, ତା' ଦାଢ଼ୀର ଢଙ୍ଗ ଆଉ ବାଳର a la moujik* ଛାଁଟ୍ !"

"ମନେ ହେଉଛି, ମଣିଷ ଜାତିଟା ଉପରେ ତୁମର ରାଗ !"……

"ତା'ର ଯଥେଷ୍ଟ କାରଣ ଅଛି ।"

"ସତେ ?"

ଏଥିଭିତରେ ମହିଳାମାନେ ଫେରି ପୁଣି ଆମ ପାଖଦେଇ ଗ୍ଲଲିଗଲେ । ଚଞ୍ଚଳ ଗ୍ରୁସ୍‌ନିତ୍‌ସ୍କି ତା'ର ହାତ୍ ନେଇ ଏକ ନାଟକୀୟ ଭଙ୍ଗୀରେ ଠିଆହେଲା ଏବଂ ଚଢ଼ାଗଳାରେ ଫରାସୀ ଭାଷାରେ କହିଲା : "Mon cher, je hais les hommes pour ne pas les mipriser, car autrement la vie serait une farce trop

*ଫରାସୀ ଭାଷାରେ—ଚଷାଙ୍କ ପରି ।

Digitized by srujanika@gmail.com

degoutante."*

ସୁନ୍ଦରୀ ରାଜକୁମାରୀ ବୁଲିପଡ଼ି ବଡ଼୍‌ ଆଡ଼କୁ ବହୁ ସମସ୍ତ ଧରି କୌତୂହଳୀ ଦୃଷ୍ଟିରେ ଅନାଇଲେ । ଦୁର୍ବୋଧ ସେଇ ଦୃଷ୍ଟି, କିନ୍ତୁ ତା' ଭିତରେ ବନ୍ଧୁପ୍ରୀତର ଚିହ୍ନମାତ୍ର ନାହିଁ । ତାହା ଦେଖି ମନେ ମନେ ମୁଁ ଆନ୍ତରିକ ଭାବରେ ମୋର ବନ୍ଧୁଙ୍କୁ ତାରିଫ୍ କଲି ।

ମୁଁ ତାଙ୍କୁ କହିଲି, "ରାଜକୁମାରୀ ମେରି ବାସ୍ତବିକ ସୁନ୍ଦରୀ । ତାଙ୍କର ଆଖି ଦୁଇଟି ମଖମଲ ପରି. ହଁ, ଠିକ୍ ମଖମଲ୍ ପରି । ତାଙ୍କ ଆଖି ସମ୍ପର୍କରେ କହିବାବେଳେ ଏଇ ଉପମାଟାକୁ ବ୍ୟବହାର କରିବାକୁ ତୁମକୁ ପରାମର୍ଶ ଦେବି । ତାଙ୍କ ଆଖିର ପତାଗୁଡ଼ିକ, ଉପର ଆଉ ତଳ ଉଭୟ, ଏତେ ଘନ ଯେ ସୂର୍ଯ୍ୟର ରଶ୍ମି ଆଖିର ତାରକାରେ ପ୍ରତିଫଳିତ ହୁଏନାହିଁ । —ଏପରି ଧରଣର ଆଖିକୁ ମୁଁ ପସନ୍ଦ କରେ—ଆଉ ଏତେ କୋମଳ ଯେ ମନେହୁଏ ଯେପରି ଆଦର କରୁଛି···! ଭଲକଥା, ମୋର ମନେହୁଏ ତାଙ୍କ ମୁହଁ ଭିତରେ କେବଳ ଆଖି ଦୁଇଟିହିଁ ଭଲ···। ତାଙ୍କ ଦାନ୍ତଗୁଡ଼ିକ କଣ ସଫେଦ୍ ? ଏଇଟା ଜାଣିବା ଭାରି ଦରକାର ! ତୁମର ବାଗାଡ଼ମ୍ବରରେ ତାଙ୍କର ନ ହସିବାଟା ଦୁଃଖର କଥା ।"

ବିରକ୍ତ ହୋଇ ଗ୍ରୁସ୍‌ନିତ୍‌ସ୍କି କହିଲା, "ଏକ ସୁନ୍ଦରୀ ମହିଳା ସମ୍ବନ୍ଧରେ ଏପରି ଭାବରେ ତୁମେ କଥା କହୁଛ, ଯେପରି ସେ ଉଚ୍ଚ ଜାତିର ବିଲାତି ଘୋଡ଼ା !"

"Mon cher," ମୁଁ ଉତ୍ତର ଦେଲି, "Je meprise les femmes pour ne pas les aimer, car autrement la vie serait un melodrame trop ridicule."**

ମୁଁ ବୁଲିବାକୁ ଚାଲିଗଲି । ଅଧଘଣ୍ଟାଏ ଧରି ଅଙ୍ଗୁର-ଲତା-ଢଙ୍କା ପଥେ ପଥେ, ଚୂନପଥରର ପାହାଡ଼େ ପାହାଡ଼େ ଆଉ ସେହି ପାହାଡ଼-

*(ଫରାସୀ ଭାଷାରେ) "ବନ୍ଧୁ ! ମୁଁ ଲୋକମାନଙ୍କୁ ଘୃଣା କରେ, ପଛରେ ସେମାନଙ୍କୁ ଅବଜ୍ଞା କରିବାକୁ ହୁଏ, କାରଣ, ତା ନହେଲେ ମୋ ଜୀବନଟା ଏକ ଜଘନ୍ୟ ଧରଣର ପ୍ରହସନ ହୋଇ ଉଠିଥାନ୍ତା ।"

**(ଫରାସୀ ଭାଷାରେ) "ବନ୍ଧୁ ! ମୁଁ ସ୍ତ୍ରୀମାନଙ୍କୁ ଉପେକ୍ଷା କରେ, ପଛରେ ସେମାନଙ୍କୁ ଭଲପାଇବାକୁ ହୁଏ । କାରଣ, ତା ନହେଲେ ମୋ ଜୀବନଟା ହାସ୍ୟକର-ନାଟକ ପରି ହୋଇଉଠନ୍ତା ।"

Digitized by srujanika@gmail.com

ମାନଙ୍କ ହାତରେ ଥିବା ଅରଣ୍ୟରେ ମୁଁ ଦୂରବୁଲିଲି ସେତେବେଳ ଯାଏଁ ଗନ୍ଧମ ହୋଇ ନ ଉଠିଛି । ମୁଁ ଚଞ୍ଚଳ ଚଞ୍ଚଳ ଘରମୁହାଁ ହୋଇ ପାଦ ଚଳାଇଲି । ଗନ୍ଧକ-ପ୍ରସ୍ରବଣର ପାଖଦେଇ ଯିବାବେଳେ ଗୋଟାଏ ଗୁଳ୍ମତଳେ ବିଶ୍ରାମ ନେବାକୁ ବସିଲି ଆଉ ତା' ଫଳରେ ଏକ ଚିତ୍ତାକର୍ଷକ ଦୃଶ୍ୟ ଦେଖିବାକୁ ପାଇଲି । ଗୋଟିଏ ବେଞ୍ଚ୍ ଉପରେ ମସ୍କୋର ପୁରବାବୁ ଜଣକ ଆଉ ତା ପାଖରେ ବସୁଥିବା ରାଣୀ । ମନେହେଲା, ଗମ୍ଭୀର ଆଲୋଚନାରେ ବ୍ୟସ୍ତ ସେମାନେ ! ତରୁଣୀ ରାଜକୁମାରୀ ସମ୍ଭବତଃ ତାଙ୍କର ଶୋଷ ଗିଲାସ ପାଣିକୁ ପିଇ କୂଅ ପାଖରେ ଚିନ୍ତିତ ଭାବରେ ଟହଲ ମାରୁଛନ୍ତି । ଗ୍ରୁସ୍ନିତ୍ସ୍କି ଠିଆ ହୋଇଛନ୍ତି କୂଅ ପାଖରେ । ଆଖପାଖରେ ଆଉ କେହି ନାହାନ୍ତି ।

ଆଉ ଟିକିଏ ଆଗେଇ ଯାଇ ଗୋଟାଏ ଜାଗାରେ ମୁଁ ଲୁଚିଗଲି । ଠିକ୍ ସେତିକିବେଳେ ଗ୍ରୁସ୍ନିତ୍ସ୍କି ହାତରୁ ବାଲି ଉପରେ ପଡ଼ିଗଲା ଗିଲାସଟା ଆଉ ସେଇଟାକୁ ଉଠାଇବା ପାଇଁ ସେ ନଇଁବାକୁ ଚେଷ୍ଟା କଲା । କିନ୍ତୁ ଆହତ-ପାଦ ପାଇଁ କାମଟା କରିବା ତା' ପକ୍ଷରେ ହୋଇ ଉଠିଲା କଷ୍ଟସାଧ୍ୟ । ଆ-ହା, ବିଚରା ! କି ଚେଷ୍ଟା ବା ସିଏ ନ କଲା ହାର୍ ଉପରେ ଭରଦେଇ ! କିନ୍ତୁ ତଥାପି ପାରିଲା ନାହିଁ । ମୁହଁରେ ତା'ର ଫୁଟି ଉଠିଲା ଯନ୍ତ୍ରଣାର ଛାୟା ।

ମୋ ଅପେକ୍ଷା ରାଜକୁମାରୀ ସେଇ ଘଟଣାଟିକୁ ଭଲ ଭାବରେ ଦେଖିବାକୁ ପାଇଲେ ।

ଚଢ଼େଇଠାରୁ ବି ଦ୍ରୁତ ଗତିରେ ତା' ପାଖକୁ ଛୁଟିଆସି, ନଇଁପଡ଼ି ଗିଲାସଟିକୁ ଉଠାଇ ଅବର୍ଣ୍ଣନୀୟ ଅପରୂପ ଭଙ୍ଗୀରେ ତା' ହାତକୁ ବଢ଼ାଇ ଦେଲେ । ତା' ପରେ ଅତିଶୀଘ୍ର ଆରକ୍ତ ହୋଇ ଘରଆଡ଼କୁ ଅନାଇଲେ । କିନ୍ତୁ ତାଙ୍କର ମା ଏସବୁ ଦେଖି ନାହାନ୍ତି ଜାଣି ପୁନର୍ବାର ସଙ୍ଗେ ସଙ୍ଗେ ସେ ଆଶ୍ୱସ୍ତ ହେଲେ । ଗ୍ରୁସ୍ନିତ୍ସ୍କି ଯେତେବେଳେ ଧନ୍ୟବାଦ ଦେବାକୁ ଗଲା, ସେତେବେଳକୁ ସେ ବହୁ ଦୂରକୁ ଚାଲି ଯାଇଛନ୍ତି । ଏକ ମିନିଟ୍ ପରେ ତାଙ୍କର ମା' ପୁରବାବୁଟି ସହିତ ସେ ସ୍ଥାନ ତ୍ୟାଗକଲେ । କିନ୍ତୁ ଗ୍ରୁସ୍ନିତ୍ସ୍କିର ପାଖ ଦେଇ ଯିବାବେଳେ ତାଙ୍କର ହାବଭାବ ହୋଇଉଠିଲା ଦୃଷ୍ଟିଶୂନ୍ୟ ଆଉ ଗର୍ବିତ । ଏପରିକି, ବୁଲି ତ ଅନାଇଲେ ନାହିଁ, ଲକ୍ଷ୍ୟ

Digitized by srujanika@gmail.com

Digitized by srujanika@gmail.com

ମଧ୍ୟ କଲେନାହିଁ, ପାହାଡ଼ର ପାଦଦେଶରେ ବୁଲ୍‌ଭାର୍‌ର ଲାଇମ୍‌ଗଛ ପଛରେ ଯେତେବେଳ ଯାଏଁ ଅଦୃଶ୍ୟ ହୋଇ ନାହାନ୍ତି, ସେତେବେଳ ଯାଏଁ ଗ୍ରୁସ୍‌ନିତ୍‌ସ୍କି ତାଙ୍କୁ ବ୍ୟଗ୍ର ଦୃଷ୍ଟିରେ ଅନୁସରଣ କରୁଥିଲା···। ଝିଅଟି ଯେତେବେଳେ ରାସ୍ତାର ଆର ପାଖରେ ପିଆଟିଗୋର୍ସ୍କର ଉତ୍କୃଷ୍ଟତମ ଘରମାନଙ୍କ ଭିତରୁ ଅନ୍ୟତମ ଗୋଟିଏ ଘରର ଫାଟକରେ ପ୍ରବେଶ କଲା, ଶେଷଥର ପାଇଁ ଗ୍ରୁସ୍‌ନିତ୍‌ସ୍କି ମୁହୂର୍ତ୍ତକ ଲାଗି ଦେଖିବାକୁ ପାଇଲା ତାର ବନେଟ୍‌ । ତା ପଛେ ପଛେ ଯାଉଥିଲେ ବୟସ୍କା ରାଣୀ। ଫାଟକ ପାଖରେ ରୋସ୍ୱେଲ୍ଡର୍‌ ପାଖରୁ ସେ ବିଦାୟ ନେଲେ ।

ବିଚରା ଅଭିଭୂତ ସାମରିକ ବିଦ୍ୟାଳୟର ଛାତ୍ରଟି ମାତ୍ର ସେତେବେଳେ ଯାଇଁ ମୋର ଉପସ୍ଥିତି ସମ୍ବନ୍ଧରେ ସଚେତନ ହେଲା ।

"ତୁମେ ଦେଖିଲ ?" ଦୃଢ଼ମୁଷ୍ଟିରେ ମୋର ହାତକୁ ଚାପିଧରି ସେ ପଚାରିଲା, "ବାସ୍ତବିକ ଝିଅଟି ଯିମିତି ଅପ୍‌ସରା !"

"କାହିଁକି ?" ସୁଚତୁର ଅଜ୍ଞଲୋକ ପରି ଭାବ ଦେଖାଇ ପଚାରିଲି ।

"ତୁମେ ଦେଖିନାହିଁ ?"

"ଦେଖିଲେ କ'ଣ ହେଲା ? କପରି ସେ ତୁମର ଗିଲାସଟାକୁ ଉଠାଇ ଦେଲା ! ଆଖପାଖରେ କୌଣସି ମାଳି ଥିଲେ ସିଏବି ଏ କାମ କରିଥାନ୍ତା— ବକ୍‌ସିସ୍‌ ପାଇବା ଲୋଭରେ ହୁଏତ ଆହୁରି ଶୀଘ୍ର ବି କରିଥାନ୍ତା । ତୁମ ଉପରେ ତା'ର ଯେ ମାୟା ହୋଇଥିଲା, ସେଥିରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ । ତୁମ ଖେଣ୍ଟା ଗୋଡ଼ରେ ଭର ଦେବା ବେଳେ ମୁହଁଟା ତୁମେ ଏପରି ବିକୃତ କରୁଥିଲ·········"

"ସେତେବେଳେ ତୁମ ମନରେ କ'ଣ ଟିକେ ହେଲେ ବି ଚାଞ୍ଚଲ୍ୟ ହୋଇ ନାହିଁ, ଯେତେବେଳେ ତାକୁ ଦେଖିଲ ଯେ ଅନ୍ତରାତ୍ମା ତାଙ୍କର ଆଖି ଭିତରେ ଝଲମଲ କରୁଛି ?"

"ନା,"

ମୁଁ ତାକୁ ଉତ୍ତେଜିତ କରିବା ପାଇଁ ମିଛକଥା କହୁଥିଲି । ମୋର ଜନ୍ମଗତ ଅଭ୍ୟାସ ପ୍ରତିବାଦ କରିବା, ମୋର ସମସ୍ତ ଜୀବନ ହେଲା ହୃଦୟ

Digitized by srujanika@gmail.com

କିମ୍ବା ବୟସବୃଦ୍ଧି ସହରରେ କ୍ରମାଗତ ସ୍ୱଚ୍ଛନ୍ଦ ଭାବରେ ଅନର୍ଥକ ବିରୋଧିତା କରିଯିବା । ଉତ୍ସାହୀ କାହା ଆଗରେ ମୁଁ ଶୀତକାଳର ସବୁଠାରୁ ଥଣ୍ଡା ଦିନପରି ଥଣ୍ଡା, ଆଜ ମୋର ମନେହୁଏ, ଯେକୌଣସି ଅଳସୁଆ ଚିନ୍ତା ଲୋକ ସହିତ କ୍ରମାଗତ ମିଳାମିଶା ଫଳରେ ଦାରୁଣ କଳ୍ପନାବିଳାସୀ ହୋଇ ଉଠିବ ! ମୋତେ ଏକଥା ବି ସ୍ୱୀକାର କରିବାକୁ ହେବ ଯେ, ମୁହୂର୍ତ୍ତକ ପାଇଁ ମୋ ଅନ୍ତରରେ ଅପ୍ରୀତିକର ଅଥଚ ପରିଚିତ ଏକ ଅନୁଭୂତି ଦ୍ରୁତ ଭାବରେ ଉଠି ଆସିଥିଲା; ସେ ଅନୁଭୂତିଟି ହେଲା ବିଦ୍ୱେଷ । ସ୍ପଷ୍ଟରେ କହୁଛି 'ବିଦ୍ୱେଷକ କାରଣ ନିଜ ପାଖରେ ଅକପଟ ହେବାରେ ମୁଁ ଅଭ୍ୟସ୍ତ, ଆଜ ଯେଉଁ ସୁଦର୍ଶୀ ନାରୀକୁ ଦେଖିବା ପରେ କୌଣସି ଯୁବକର ଅଳସ-କୌତୁହଳ ଆକୃଷ୍ଟ ହୋଇଛି, ତାକୁ ନିଜର ପରି ଅପରିଚିତ ଅନ୍ୟ କୌଣସି ଲୋକପ୍ରତି ଅନୁଗ୍ରହ ବିତରଣ କରିବା ଦେଖିଲେ ଯେକୌଣସି ଯୁବକର ମନ ଉପରେହିଁ ଏକ ଅପ୍ରୀତିକର ପ୍ରଭାବ ବିସ୍ତାରିତ ନହେବା ଅସମ୍ଭବ (ଅବଶ୍ୟ ସେ ଯୁବକ ଯଦି ଅଭିଜାତ ସମାଜର ହୁଏ ଏବଂ ନିଜର ଅହଂକାରକୁ ଚରିତାର୍ଥ କରିବାକୁ ଅଭ୍ୟସ୍ତ ଥାଏ)।

ଗ୍ରୁସ୍‌ନିତ୍‌ସ୍କି ଆଜ ମୁଁ ନୀରବରେ ପାହାଡରୁ ଓହ୍ଲାଇ ବୁଲଭାର୍‌ ଦେଇ ଚାଲି ଚାଲି ସେଇ ଘରର ବାତାୟନ ଅତିକ୍ରମ କଲୁ; ଯାହା ଭିତରେ ପ୍ରବେଶ କରିଥିଲେ ସୁଦର୍ଶୀ ତରୁଣୀଟି । ସିଏ ବସିଥିଲେ ବାତାୟନ ପାଖରେ । ମୋ ଆସ୍ତିନ୍‌କୁ ଟାଣିଦେଇ ଗ୍ରୁସ୍‌ନିତ୍‌ସ୍କି ତାଙ୍କ ଆଡ଼କୁ ଏପରି ଅସ୍ପଷ୍ଟ-ଆବେଗରେ ଅନାଇଲା, ଯାହା ଦେଖି ଝିଅମାନଙ୍କ ମନରେ କୌଣସି ପ୍ରକାରର ପ୍ରତିଧ୍ୱନି ବି ଉଠେନାହିଁ ! ମୋର ହାତର-ଚଷମାଟା ଉଠାଇ ତାଙ୍କୁ ଦେଖିଲି : ଗ୍ରୁସ୍‌ନିତ୍‌ସ୍କିର ଚାହିଁବାରେ ମୁହଁରେ ତାଙ୍କର ଫୁଟିଛି ହସ କିନ୍ତୁ ମୋର ଅଭଦ୍ର ହାତର ଚଷମାଟା ତାଙ୍କୁ ଭାରି ରଗାଇ ଦେଇଛି । ବାସ୍ତବିକ, ମସ୍କୋରୁ ଆଗତ କୌଣସି ରାଜକୁମାରୀ ଆଡ଼କୁ କକେଶସ୍‌ର ସୈନିକ ଅଫିସର କୋଉ ସାହସରେ ତା'ର ହାତର ଚଷମାଟାକୁ ଉପରକୁ ଉଠାଇବ ?……

Digitized by srujanika@gmail.com

୧୩, ମଇ

ମୋ ସହିତ ସାକ୍ଷାତ କରିବା ପାଇଁ ଆଜ ସକାଳେ ଡାକ୍ତର ଆସିଥିଲେ । ତାଙ୍କ ନାମ ଭେର୍ନେର୍, କିନ୍ତୁ ସେ ରୁଷୀୟ । ଏଥିରେ ବିସ୍ମିତ ହେବାର କିଛି ନାହିଁ । ଏକଦା ଏକ ଇଭାନୋଭ୍‌କୁ ମୁଁ ଜାଣିଥିଲି, ସିଏ ଥିଲା ଜର୍ମାନ୍ ।

ନାନା ଦିଗରୁ ଆଶ୍ଚର୍ଯ୍ୟ ଲୋକ ଭେର୍ନେର୍ । ଅଧିକାଂଶ ଡାକ୍ତରମାନଙ୍କ ପରି ସେ ସନ୍ଦିଗ୍ଧଚିତ୍ତ ଓ ଜଡ଼ବାଦୀ । କିନ୍ତୁ ସେ କବି ମଧ୍ୟ, ଏବଂ ବାସ୍ତବିକ ଆନ୍ତରିକ ଭାବରେ କବି—ତାଙ୍କର ସବୁ କାର୍ଯ୍ୟରେହିଁ କାବ୍ୟିକ ସ୍ପର୍ଶ ଓ ପ୍ରାୟ କଥାବାର୍ତ୍ତାରେ ବି ତା'ର ପ୍ରମାଣ ମିଳେ—ଯଦିଓ ଜୀବନରେ ଦି'ଧାଡ଼ି ହେଲେ ବି କବିତା ସେ ଲେଖି ନାହାନ୍ତି ! ମଣିଷ-ହୃଦୟର ପ୍ରାଣଧାରକ-ତନ୍ତ୍ରୀ ସମ୍ପର୍କରେ ସେ ଗବେଷଣା କରିଥିଲେ, ଲୋକେ ଯେପରି ଭାବରେ ମୃତଦେହର ପେଶୀତନ୍ତୁ ନେଇ ଅଧ୍ୟୟନ କରନ୍ତି । କିନ୍ତୁ ତାଙ୍କର ଜ୍ଞାନକୁ ସେ କାମରେ ଲଗାଇ ପାରି ନାହାନ୍ତି, ଯେପରି ଅନେକ ସମୟରେ ନିପୁଣ ଶବବ୍ୟବଚ୍ଛେଦବିଦ୍ୟାବିତ୍ ଜ୍ୱର ନିରାମୟ କରିପାରନ୍ତି ନାହିଁ ! ସବୁବେଳେହିଁ ଭେର୍ନେର୍ ତାଙ୍କ ରୋଗୀମାନଙ୍କୁ ନେଇ ନେପଥ୍ୟରେ ଉପହାସ କରନ୍ତି, ଯଦିଓ ଏକଦା ତାଙ୍କୁ ଗୋଟିଏ ମୁମୂର୍ଷୁ ସୈନିକ ପାଇଁ କାନ୍ଦିବାରେ ମୁଁ ଦେଖିଛି···। ସେ ଦରିଦ୍ର ଏବଂ ସ୍ୱପ୍ନ ଦେଖନ୍ତି ଲକ୍ଷପତି ହେବାର । କିନ୍ତୁ ଟଙ୍କାପାଇଁ ସେ ନିଜର ରାସ୍ତା ଛାଡ଼ି କେବେହେଲେ ବି ପାଦେ ଆଗକୁ ଯାଇନାହାନ୍ତି । ଏକଦା ମୋତେ ସେ କହିଥିଲେ ଯେ, ବନ୍ଧୁ ଅପେକ୍ଷା ବରଂ ସେ ନିଜ ଶତ୍ରୁର ଉପକାର କରିବେ, କାରଣ ପ୍ରଥମୋକ୍ତ କ୍ଷେତ୍ରରେ ଦାକ୍ଷିଣ୍ୟ ଦେଖାଇବା ଫଳରେ ଶତ୍ରୁ ମନରେ ସମପରିମାଣରେ ଘୃଣା ବଢ଼ିଉଠେ । ତାଙ୍କର ଭାଷାଥିଲା ବିଦ୍ୱେଷଯୁକ୍ତ ଏବଂ ତା ସହିତ ତାଙ୍କର ରସାଳ କଥାଗୁଡ଼ିକ ଯୁକ୍ତ ହେବାରେ ବହୁତ ଭଲଲୋକଙ୍କୁହିଁ ଲୋକେ ମନେ ପକାନ୍ତି ଇତର ଓ ବୋକା ଭାବରେ । ତାଙ୍କ ପ୍ରତି ବିଦ୍ୱେଷପରାୟଣ ଖଣିଜ ଜଳର ଉତ୍ସ ସ୍ଥାନର ଅନ୍ୟାନ୍ୟ ଡାକ୍ତର-ପ୍ରତିଦ୍ୱନ୍ଦ୍ୱୀମାନେ ଗୁଜବ୍ ରଟନା କରିଥିଲେ ଯେ, ସେ ତାଙ୍କ ରୋଗୀମାନଙ୍କୁ ନେଇ ବ୍ୟଙ୍ଗଚିତ୍ର ଆଙ୍କନ୍ତି ବୋଲି ।

Digitized by srujanika@gmail.com

ରୋଗୀମାନେ ଏଥିରେ ଅତି ସ୍ତବ୍ଧ ହୋଇ ଉଠିଥିଲେ, ଫଳରେ ତାଙ୍କ ବ୍ୟବସାୟ ଅତି ମାନ୍ଦା ପଡ଼ିଯାଇଥିଲା । ତାଙ୍କର ବନ୍ଧୁମାନେ ଅର୍ଥାତ୍ କଟକଣସ୍‌ରେ କର୍ମରତ ସମସ୍ତ ପ୍ରକୃତ ଭଦ୍ରଲୋକମାନେ ବୃଥାରେହିଁ ତାଙ୍କର ହୃତ ପ୍ରତିପତ୍ତି ପୁନରୁଦ୍ଧାର କରିବାକୁ ଚେଷ୍ଟା କରୁଥିଲେ ।

ତାଙ୍କ ଚେହେରାଟି ଏପରି ଯେ, ପ୍ରଥମ ଦର୍ଶନରେ ଅପ୍ରୀତିକର ବୋଲି ମନେହୁଏ, କିନ୍ତୁ ପରେ ତାଙ୍କର ବିଷମ ଅବୟବ ପଛରେ ଆଖି ଯେତେବେଳେ ମହତ୍ ଓ ଅଭଙ୍ଗ-ମନର ରୂପ ଦେଖିବାକୁ ପାଏ, ସେତେବେଳେ ତାଙ୍କ ଚେହେରାଟା ପ୍ରୀତିକର ଲାଗେ । ଏପରି ଲୋକ ସମ୍ଭବତ ସ୍ତ୍ରୀଅମାନେ ପାଗଳଙ୍କ ପରି ପ୍ରେମରେ ପଡ଼ନ୍ତି ବୋଲି ଅନେକ ଘଟଣା ଜଣାପଡ଼ୁଛି, ସେମାନଙ୍କ କୁଶ୍ରୀତାର ବନ୍ନମସ୍ତ୍ୱର ସେମାନେ ସବୁଠାରୁ ତରୁଣତମ ଏବଂ ସବୁଠାରୁ ଗୋଲାପୀ ରଙ୍ଗର କୌଣସି ଏଣ୍ଡୋଇମିୟନ୍‌ର ସୌନ୍ଦର୍ଯ୍ୟ ବି ଗ୍ରହଣ କରିବାକୁ ବ୍ୟଗ୍ରନାହାନ୍ତି । ଆଧ୍ୟାତ୍ମିକ-ସୌନ୍ଦର୍ଯ୍ୟ ଆବିଷ୍କାର କରିବାର ଅନ୍ତର୍ଦୃଷ୍ଟି ଅଛି ବୋଲି ସ୍ତ୍ରୀଅମାନଙ୍କୁ ଶ୍ରଦ୍ଧା କରିବାକୁ ହୁଏ; ହୁଏତ ଏଇ କାରଣରୁହିଁ ଭେର୍ଲେନ୍‌ଙ୍କ ପରି ଲୋକମାନେ ଏତେ ଗଭୀରଭାବରେ ସ୍ତ୍ରୀଅମାନଙ୍କୁ ଭଲ ପାଆନ୍ତି !

ଭେର୍ଲେନ୍ ଖର୍ବାକାର, ଶିଶୁପରି ଶୀର୍ଣ୍ଣ ଏବଂ ଦୁର୍ବଳ । ବାଇରନ୍‌ଙ୍କ ପରି ତାଙ୍କର ଗୋଟିଏ ପାଦ ଅନ୍ୟଟି ଅପେକ୍ଷା ଛୋଟ । ତାଙ୍କ ଦେହ ତୁଳନାରେ ମୁଣ୍ଡଟା ମନେହୁଏ ଖୁବ୍ ବଡ଼ ! ବାଳ କାଟନ୍ତି ସେ ଅତି ଛୋଟ କରି । ଏପରି ବାଳକାଟିବା ଫଳରେ ତାଙ୍କର ଅସମାନ ତାଳୁଟା ସ୍ପଷ୍ଟ ହୋଇଉଠେ । ସେଇଟାର ଅଦ୍ଭୁତ ଜାତିର ପରସ୍ପର-ବିରୋଧୀ ଉଚ୍ଚ-ନୀଚତା ମସ୍ତିଷ୍କବିଦ୍ୟା-ବିଶାରଦଙ୍କୁ ସ୍ତମ୍ଭିତ କରିଦେବ । ତାଙ୍କର ଛୋଟ, ଛୋଟ କଳା, ସଦାଚଞ୍ଚଳ ଆଖି ଦୁଇଟି ଅନ୍ୟର ଚିନ୍ତାଧାରାକୁ ତନ୍ନତନ୍ନ କରି ପରୀକ୍ଷା କରେ । ନିକୃଷ୍ଟ ତାଙ୍କର ବେଶଭୂଷା ଓ ସ୍ୱଚ୍ଛତାର ପରିଚାୟକ । ତାଙ୍କର ଶୀର୍ଣ୍ଣ, କ୍ଷୁଦ୍ର, ଶୁଖିଲା ହାତ ଦୁଇଟି ଫିକା ହଳଦିଆ ଦସ୍ତାନା ଦ୍ୱାରା ପରିଚ୍ଛନ୍ନ ଭାବରେ ଆବୃତ । ତାଙ୍କର କୋଟ୍, ଟାଇ ଓ ଓ୍ୱେଷ୍ଟ-କୋଟ୍ ସବୁବେଳେ କଳାରଙ୍ଗର । ତରୁଣର ଦଳ ତାଙ୍କୁ କହନ୍ତି ମେଫିଷ୍ଟୋଫେଲିସ୍ । ଏଇ ଆଖ୍ୟା ପାଇଁ ଯଦିଓ ସେ ଅସନ୍ତୋଷର ଭାବ ପ୍ରକାଶ କରନ୍ତି, ପ୍ରକୃତରେ କିନ୍ତୁ ତାଙ୍କର ଅହଙ୍କାର ଚରିତାର୍ଥ ହୁଏ ।

Digitized by srujanika@gmail.com

ଅଳ୍ପଦିନ ଭିତରେହିଁ ଆମେ ପରସ୍ପରକୁ ବୁଝିପାରିଲୁ ଏବଂ ସଙ୍ଗ ହୋଇ ଉଠିଲୁ—କାରଣ, ବନ୍ଧୁତ୍ୱ ମୋ ଧାତୁରେ ପୋଷାଏ ନାହିଁ । ଦୁଇବନ୍ଧୁ ଭିତରେ ସବଦାହିଁ ଜଣେ ଅନ୍ୟର କ୍ରୀତଦାସ—ଯଦିଓ ପ୍ରାୟ କେବେହେଲେ ସେ କଥା କେହି ସ୍ୱୀକାର କରିବେ ନାହିଁ । ମୁଁ କ୍ରୀତଦାସ ହୋଇପାରେ ନାହିଁ ଆଉ ଅନ୍ୟ ଉପରେ କ୍ଷମତା ବିସ୍ତାର କରିବା କଷ୍ଟସାଧ୍ୟ କାମ, କାରଣ ସେଥିପାଇଁ ଛଳନାର ମଧ୍ୟ ପ୍ରୟୋଜନ । ତା ଛଡ଼ା, ମୋର ଅର୍ଥ ଏବଂ ଭକ୍ତି ଦୁଇଟି ଯାକ ଅଛି ! ଏଇପରି ଆମର ପରିଚୟ ଘଟିଥିଲା : ସ···ଙ୍କ ଘରେ ତରୁଣମାନଙ୍କର ଏକ ବିରାଟ ସମାବେଶରେ ଭେରନେରଙ୍କ ସହିତ ମୋର ଦେଖା ହୁଏ । ସନ୍ଧ୍ୟାର ଶେଷ ଆଡ଼କୁ ଦାର୍ଶନିକ ଓ ଅଧିବିଦ୍ୟା ସମ୍ପର୍କିତ ବିଷୟବସ୍ତୁ ନେଇ ଆଲୋଚନା ଆରମ୍ଭ ହେଲା । ଆମେ ବିଶ୍ୱାସର କଥା ଆଲୋଚନା କରିବାକୁ ଲାଗିଲୁ, ଆମର ପ୍ରତ୍ୟେକଙ୍କରହିଁ ବିଶେଷ ଧରଣର ବିଶ୍ୱାସ ଅଛି ।

"ମୋ କଥା ଯଦି କହିବେ ତାହେଲେ କହିବି, କେବଳ ଗୋଟିଏ ବିଷୟରେ ମୁଁ ନିଶ୍ଚିତ···" ଡାକ୍ତର କହିଲେ ।

"କ'ଣ ସେଇଟା ?" ମୁଁ ପ୍ରଶ୍ନକଲି । ଏ ପର୍ଯ୍ୟନ୍ତ ଯେଉଁ ବ୍ୟକ୍ତି ନୀରବ ହୋଇ ବସିଥିଲେ ତାଙ୍କ ମତାମତ ଶୁଣିବାକୁ ମୋର ଇଚ୍ଛା ହେଲା ।

"ସେଇଟା ହେଲା ଏଇ—କିଛିଦିନ ଭିତରେ ସୁନ୍ଦର ଗୋଟିଏ ସକାଳେ ମୋର ମୃତ୍ୟୁ ହେବ ।" ସେ ଉତ୍ତର ଦେଲେ ।

ମୁଁ କହିଲି, "ଆପଣଙ୍କ ଅପେକ୍ଷା ମୋ ଅବସ୍ଥା ଭଲ, କାରଣ । ସେଇଟା ବ୍ୟତୀତ ଆଉ ଗୋଟିଏ ବିଷୟରେ ବି ମୁଁ ନିଶ୍ଚିତ । ଗୋଟାଏ ଅତି ଜଘନ୍ୟ ଘରରେ ମୋର ଜନ୍ମ ହେବାର ଦୁର୍ଭାଗ୍ୟ ହୋଇ-ଥିଲା ।"

ସମସ୍ତେ ଭାବୁଥିଲେ ଆମେ ବାଜେକଥା କଥାବାର୍ତ୍ତା ହେଉଛୁ; କିନ୍ତୁ ବାସ୍ତବ ପକ୍ଷରେ ସ୍ୱା ଠାରୁ ବେଶି ବୁଦ୍ଧିମାନ ପରି କଥା କହିବାର କାହାର କିଛି ନଥିଲା । ସେଇ ମୁହୂର୍ତ୍ତରେ ଭିଡ଼ରୁ ଆମେ ଦୁହେଁ ଦୁହିଁଙ୍କୁ ବାଛିନେଲୁ । ପ୍ରାୟ ଆମର ଦେଖା-ସାକ୍ଷାତ ହେବାକୁ ଲାଗିଲା । ଆମେ ଗମ୍ଭୀରଭାବରେ ବସ୍ତୁନିରପେକ୍ଷ ବିଷୟ ନେଇ ଆଲୋଚନା କରୁ,

Digitized by srujanika@gmail.com

ସେତେବେଳଯାଏଁ ଆମେ ଅନୁଭବ ନ କରୁ ଆମେ ପରସ୍ପରକୁ ବନ୍ଧୁରୂପ କରୁଛୁ । ତା ପରେ ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ପରସ୍ପରର ଆଖି ଆଡ଼କୁ ଅନାଇ— ସିସେରୋଙ୍କ ଉକ୍ତି ପରି ପ୍ରାଚୀନ ରୋମ୍‌ର ଗଣକମାନେ ଯେପରି ଅନାଉଥିଲେ—ଆମେ ଉଚ୍ଚସ୍ୱରରେ ହସିଉଠୁ ଏବଂ କଷ୍ଟସମସ୍ୟ ହସାହସି-ପରେ ବିଦାୟ ନେଉ ଆଉ ଏଇକଥା ଭାବି ତୃପ୍ତି ଅନୁଭବ କରୁ ଯେ, ଗୋଟାଏ ସନ୍ଧ୍ୟା ଭଲ ଭାବରେ କଟିଲା ।

ହେର୍‌ଟନେର୍ ଯେତେବେଳେ ଘରକୁ ଆସିଲେ ମୁଁ ସେତେବେଳେ ମୁଣ୍ଡତଳେ ହାତରଖି ଛାତଆଡ଼କୁ ଅନାଇ ଗୋଟିଏ ସୋଫା ଉପରେ ଶୋଇଥିଲି । ସେ ଘର କୋଣରେ ବାଡ଼ଟାକୁ ଡେରିଦେଇ, ଚଉକରେ ବସି, ହାଇମାରି ମନ୍ତବ୍ୟ କଲେ ଯେ, ବାହାରଟା ଭାରି ଗରମ । ଉତ୍ତରରେ ମୁଁ କହିଲି ଯେ, ମାଛିଗୁଡ଼ାକ ଭାରି ବିରକ୍ତ କରୁଛନ୍ତି । ତା’ ପରେ ଦୁହେଁ ନୀରବ ହୋଇଗଲୁ ।

ମୁଁ କହିଲି, “ପ୍ରିୟ ଡାକ୍ତର, ଆପଣ ନିଶ୍ଚୟ ଲକ୍ଷ୍ୟ କରିଛନ୍ତି ନିର୍ବୋଧ ଲୋକମାନେ ନ ଥିଲେ ପୃଥିବୀଟା ଭାରି ବୈଚିତ୍ର୍ୟହୀନ ହୋଇ ଉଠନ୍ତା··· । ଆମେ ଦୁହେଁ ବୁଦ୍ଧିମାନ ଲୋକ ଏଠି ଅଛୁଁ; ଆଗରୁ ଆମେ ଜାଣୁ ଯେ, ଯେକୌଣସି ବିଷୟ ନେଇ ଶେଷହୀନ ଯୁକ୍ତି କରିହୁଏ । ସେଥିପାଇଁ ଆମେ ତର୍କ କରୁନାହୁଁ । ଆମେ ଆମର ପ୍ରାୟ ସମସ୍ତ ଗଭୀରତମ ଚିନ୍ତାର କଥା ଜାଣୁ । ଗୋଟିଏ ମାତ୍ର କଥାରେହିଁ ସମସ୍ତ ବକ୍ତବ୍ୟ ଆମେ ବୁଝିପାରୁ । ଶିକ ପରସ୍ତ ଖୋଳସ ଭିତରୁ ଆମେ ଆମ ମତାମତର ମର୍ମସ୍ଥଳକୁ ଦେଖିପାରୁ । ଦୁଃଖର ବ୍ୟାପାରଗୁଡ଼ିକ ଆମ ପାଖରେ ମଜାଦାର୍ ବୋଲି ବୋଧ ହୁଏ, ମଜାଦାର ବ୍ୟାପାର ଗୁଡ଼ିକ ଦୁଃଖର ବୋଲି ବୋଧ ହୁଏ ! ଆଉ ଆପଣ ଯେବେ ଜାଣିବାକୁ ଗୃହାନ୍ତି ତାହେଲେ କୁହେଁ, ସାଧାରଣ ଭାବରେ ଅମେ ନିଜ ନିଜ ବ୍ୟକ୍ତିତ ଅନ୍ୟାନ୍ୟ ସବୁ ବିଷୟରେ ଉଦାସୀନ । ସେଥିପାଇଁ ଆମ ଭିତରେ ଭାବାବେଗ କିମ୍ବା ଚିନ୍ତାଧାରାର ବିନିମୟ ହୋଇ ପାରେନା । ପରସ୍ପର ସମ୍ବନ୍ଧରେ ଯାହାକିଛି ଜାଣିବାର ତା’ର ସମସ୍ତଟାହିଁ ଆମେ ଜାଣୁ ଆଉ ତା ଅପେକ୍ଷା ବେଶି କିଛି ଜାଣିବାକୁ ଆମର ପ୍ରବୃତ୍ତି ନାହିଁ । ଏଇଥିରୁ ବୁଝାଯାଏ, କଥା କହିବା ପରି ମାତ୍ର

Digitized by srujanika@gmail.com

ଗୋଟିଏ ବିଷୟ ପଢ଼ିରହିଛନ୍ତି : ସବୁଠୁଶେଷ ଖବର । କହିବା ପରି କୌଣସି ସମ୍ବାଦ କ'ଣ ଆପଣ ଜାଣନ୍ତି ନାହିଁ ?"

ଦୀର୍ଘ ଭାଷଣରେ କ୍ଳାନ୍ତ ହୋଇ, ଆଖିବୁଜି ମୁଁ ହାଇମାରିଲି । ମୁହୂର୍ତ୍ତେ ଚିନ୍ତା କରି ସେ କହିଲେ, "ଆପଣଙ୍କର ବାଜେ କଥା ପଛରେ ଗୋଟିଏ ମାତ୍ର ଉଦ୍ଦେଶ୍ୟ ଅଛି ।"

"ଦୁଇଟି !" ମୁଁ କହିଲି ।

"ମୋତେ ଗୋଟିକର କଥା କୁହନ୍ତୁ, ତାହେଲେ ଅନ୍ୟଟି କ'ଣ ମୁଁ କହିବି ।"

"ଭଲ କଥା । ଆପଣ ଆରମ୍ଭ କରନ୍ତୁ," ଛାତ ଆଡ଼କୁ ଚାହିଁରହି ମନେମନେ ହସି ହସି ମୁଁ ଉତ୍ତର ଦେଲି ।

"ଏଇ ଖଣିଜ-ଜଳ ଉତ୍ସକୁ ନଗଦ୍ ଆସିଛନ୍ତି ଏପରି ଜଣଙ୍କର କଥା ଆପଣ ଜଣିବାକୁ ଚାହାଁନ୍ତି । ଯାହା କଥା ଆପଣଙ୍କର ମନେହେଉଛି ସେଇଟାକୁ ବି ମୁଁ ଅନୁମାନ କରିପାରେ ! କାରଣ, ସେଇ ଜଣେ ଏ ଭିତରେ ଆପଣଙ୍କ କଥା ପଚାରୁଥିଲେ ।"

"ଡାକ୍ତର ! ବାସ୍ତବିକ ଆମର କଥାବାର୍ତ୍ତାର କୌଣସି ଆବଶ୍ୟକତା ନାହିଁ; ପରସ୍ପରର ମନ କଥା ଆମେ ପଢ଼ିପାରୁ ।"

"ପୁଣି ଅନ୍ୟଟି ହେଲା……"

"ଦ୍ୱିତୀୟଟି ହେଲା ଏଇ କେତୋଟି କଥା ଆପଣଙ୍କ ଦ୍ୱାରା ବୁଝାଇବାକୁ ମୋର ଇଚ୍ଛାଥିଲା; ପ୍ରଥମତଃ, କଥା କହିବା ଅପେକ୍ଷା ଶୁଣିବା ବହୁତ କମ୍ ପରିଶ୍ରମ; ଦ୍ୱିତୀୟତଃ, ଶୁଣିବାବେଳେ ନିଜ ମନକଥା ଅନ୍ୟକୁ ଜଣାଇବାକୁ ହୁଏନାହିଁ; ତୃତୀୟତଃ, ଆପଣ ହୁଏତ ଅନ୍ୟ ଲୋକର ଗୋପନୀୟ କଥା ଜାଣିପାରିବେ; ଏବଂ ଚତୁର୍ଥତଃ, ଆପଣଙ୍କପରି ବୁଦ୍ଧିମାନ ଲୋକ କଥା କହିବା ଅପେକ୍ଷା ଶ୍ରୋତାକୁ ବେଶି ପସନ୍ଦ କରନ୍ତି । ଅତଏବ ବର୍ତ୍ତମାନ ଅସଲ କଥା ଉପରକୁ ଆସିବା : ରାଣୀ ଲିଗୋଭସ୍କାୟା ମୋ ସମ୍ପର୍କରେ କ'ଣ କହୁଥିଲେ ?"

"ଆପଣ କ'ଣ ନିଃସନ୍ଦେହ ଯେ ରାଣୀ ଲିଗୋଭସ୍କାୟାହିଁ ଆପଣଙ୍କ କଥା କହୁଥିଲେ……ରାଜକୁମାରୀ ନୁହନ୍ତି ?"

Digitized by srujanika@gmail.com

"ସୂରପୁର ନିଃସନ୍ଦେହ ।"

"କାହିଁକି ?"

"କାରଣ, ରାଜକୁମାରୀ ଗ୍ରୁସ୍ନିତ୍ସ୍କିର କଥା ପଚାରୁଥିଲେ ।"

"ଆପଣଙ୍କର ବିଜ୍ଞତା ଅସାଧାରଣ । ରାଜକୁମାରୀ କହୁଥିଲେ ଯେ ସାଧାରଣ ସୈନିକମାନଙ୍କ ପାଇଁ ଗ୍ରେଟ୍‌କୋଟ୍-ପିନ୍ଧା ଯୁବକଟିକୁ ଦ୍ୱନ୍ଦ୍ୱଯୁଦ୍ଧ ପାଇଁ ପଦଚ୍ୟୁତ କରାହୋଇଛି ବୋଲି ସେ ନିଃସନ୍ଦେହ···"

'ଆଶାକରେ ତାଙ୍କ ମନର ଏଇ ପ୍ରୀତିକର ବିଭ୍ରମ ଦୂରୀଭୂତ କରିବାର ଚେଷ୍ଟା ଆପଣ କରିନାହାନ୍ତି······"

"ନା"

ଉତ୍‌ଫୁଲ୍ଲ ହୋଇ ମୁଁ ଚିତ୍କାର କରି ଉଠିଲି, "ଅଭିନୟ ଆରମ୍ଭ ହୋଇ ଯାଉଛି ! ଏଇ ମିଳନାନ୍ତକ ନାଟକର ଶେଷାଙ୍କ-ଅଭିନୟ କରିବାରେ ସାହାଯ୍ୟ କରିବ । ଦେଖାଯାଉଛି ମୋର ଭାଗ୍ୟ ମୋତେ ବୈଚିତ୍ର୍ୟହୀନତା ଭିତରେ ରଖିବାକୁ ଚାହେଁ ନାହିଁ ।"

ଡାକ୍ତର କହିଲେ, "ମୋର ମନେ ହେଉଛି, ବିଚରା ଗ୍ରୁସ୍ନିତ୍ସ୍କି ବଳିର ଛାଗଳ ହୋଇ ଠିଆହେବ······"

"ହଁ, ତା ପରେ କ'ଣ ହେଲା ?"

"ରାଣୀ ଲିଗୋଭସ୍କାୟା କହିଲେ ଯେ, ଆପଣଙ୍କ ମୁହଁ ତାଙ୍କର ପରିଚିତ । ମୁଁ କହିଲି, ହୁଏତ ସିଏ ସେଣ୍ଟ୍ ପିଟର୍ସ୍‌ବର୍ଗ୍‌ର ଅଭିଜାତ-ସମାଜରେ ଆପଣଙ୍କୁ ଦେଖିଥିବେ···ତା ପରେ ଆପଣଙ୍କ ନାଁ କହିଲି··· । ଆପଣଙ୍କ କଥା ସେ ଜାଣନ୍ତି । ମନେହେଲା, ଆପଣଙ୍କ କଥା ସେଠାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା···! ତା ପରେ ରାଣୀ ଆପଣଙ୍କର ଦୁଃସାହସିକତାର ଗଳ୍ପ କରିବାକୁ ଲାଗିଲେ; ସମ୍ଭବତଃ ମିଛକଥା ଉପରେ ସେ ପୁଟ ଚଢ଼ାଉଥିଲେ··· ! ଝିଅ ତାଙ୍କର କୌତୁହଳୀ ହୋଇ ଶୁଣୁଥିଲେ, ଆଧୁନିକ ଉପନ୍ୟାସର ନାୟକ ହିସାବରେ ଆପଣଙ୍କୁ ସେ କଳ୍ପନା କରୁଥିଲେ··· । ରାଣୀଙ୍କୁ ମୁଁ ବାଧା ଦେଇନାହିଁ, ଯଦିଓ ଜାଣିଥିଲି ସେ ଆଜେବାଜେ କଥା ବକୁଛନ୍ତି ।"

"ବନ୍ଧୁପ୍ରବର ବନ୍ଧୁ !" କହି ତାଙ୍କ ଆଡ଼କୁ ହାତ ବଢ଼ାଇଲି । ଆନ୍ତରିକତାର ସହିତ କରମର୍ଦ୍ଦନ କରି କହିଗଲେ ଡାକ୍ତର ;

Digitized by srujanika@gmail.com

''ଆପଣ ଯଦି ଚାହାନ୍ତି ତାହେଲେ ମୁଁ ଆଳାପ କରାଇଦେବି···।"

ହାତ ହଲାଇ ମୁଁ କହିଲି, ''ଶୁଣନ୍ତୁ, ବନ୍ଧୁ ! କେବେହେଲେ ଶୁଣିଛନ୍ତି ନାୟକମାନଙ୍କୁ ସାଧ୍ୟମୁତାବକ ପରିଚୟ କରାଇ ଦେବାକୁ ହୋଇଛି ? ସେମାନଙ୍କର ପ୍ରିୟଜନମାନଙ୍କୁ ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷାକରି ସେମାନେ ପରିଚିତ ହୁଅନ୍ତି .....''

"ବାସ୍ତବିକ କୋଉ ରାଜକୁମାରୀ ପାଖରେ ପ୍ରେମ-ନିବେଦନ କରିବାକୁ ଚାହାନ୍ତି ?······"

"ମୋଟେ ନୁହେଁ, ବରଞ୍ଚ ଓଲଟା ! ···ଡାକ୍ତର, ଶେଷଟା ମୋର ଜିତ୍ ହେଲା, କାରଣ ମୋତେ ଆପଣ ବୁଝିପାରି ନାହାନ୍ତି !···ହେଲେ ବି ଘଟଣାଟା ବିରକ୍ତିକର," ମୁହୂର୍ତ୍ତେ ରହିଯାଇ ମୁଁ କହି ଚାଲିଲି, "ମୋର ନିଜକଥା କାହାକୁ ମୁଁ କୁହେନାହିଁ । ଅନ୍ୟମାନେ ନିଜେ ଯେତେବେଳେ ମୋର ରହସ୍ୟ ଅନୁମାନ କରିପାରନ୍ତି, ମୁଁ ଆନନ୍ଦିତ ହୋଇଉଠେ । କାରଣ, ପ୍ରୟୋଜନ ପଡି ସେଗୁଡ଼ିକ ଅସ୍ୱୀକାର କରିବାର ଫାଙ୍କ ମୋ'ର ପାଖରୁ ଯାଏ । ଆପଣଙ୍କୁ କିନ୍ତୁ ମା, ଆଜି ଝିଅର କଥା କହିବାକୁ ହେବ । କି ଧରଣର ଲୋକ ସେମାନେ ?"

ହେର୍‌ନେର୍ ଉତ୍ତର ଦେଲେ, "ପ୍ରଥମତଃ, ରାଣୀଙ୍କର ବୟସହେଲା ପଇଁତିରିଶି । ତାଙ୍କର ହଜମ କ୍ଷମତା ଚମତ୍କାର, କିନ୍ତୁ ରକ୍ତ ସୁସ୍ଥ ନୁହେଁ । ସେ କଥା ତାଙ୍କ ଗାଲର ନୀଳ ନାଲି ଦାଗରୁ ଜଣାପଡ଼େ । ତାଙ୍କ ଜୀବନର ବେଶିଭାଗ ସେ କଟାଇଛନ୍ତି ମସ୍କୋରେ । ସେଠାକାର ଅଳସ-ଜୀବନପାଇଁ ସେ ମୋଟା ହୋଇଗଲେ । ହାଲୁକା ଖୁସି ଗପରେ ତାଙ୍କର ଅନୁରାଗ ଆଉ ଝିଅ ଘରେ ନଥିଲେ ଅଶ୍ଳୀଳ କଥା ମଧ୍ୟ ସେ କହିଥାନ୍ତି । ମୋତେ ସେ କହିଛନ୍ତି ଯେ, ପାରଙ୍କ ପରି ନିଷ୍ପାପ ତାଙ୍କର ଝିଅ । ଏକଥା ଅବଶ୍ୟ ମୋତେ କହିବାର କାରଣ କ'ଣ ମୁଁ ଜାଣେନା··· । ମୁଁ ତାଙ୍କୁ କହିବାକୁ ଚାହିଁଥିଲି ଯେ ସେ ନିଶ୍ଚିତ ଥାଇ ପାରନ୍ତି କଥାଟା ମୁଁ କାହାକୁ କହିବି ନାହିଁ ! ସାଇଟିକାର ଚିକିତ୍ସା କରାଉଛନ୍ତି ରାଣୀ, ଝିଅ ପୁଣି କି ଚିକିତ୍ସା କରାଉଛନ୍ତି, ତାହା ଭଗବାନ ଜାଣନ୍ତି ! ମୁଁ ତାଙ୍କୁ କହିଛି, ଦୈନିକ ଦୁ'ଗିଲାସ କରି ଗନ୍ଧକ-ଜଳ ପାନ କରିବା ପାଇଁ ଏବଂ ସାତଦିନରେ

Digitized by srujanika@gmail.com

ଦୁଇଥର ସେଇଥିରେ ସ୍ନାନ କରିବାକୁ । ମନେହୁଏ, ରାଣୀ ଲୋକମାନଙ୍କୁ ଆଦେଶ ଦେବାରେ ଅନଭ୍ୟସ୍ତ ! ତାଙ୍କ ଝିଅର ଜ୍ଞାନ-ବୁଦ୍ଧିକୁ ସେ ଶ୍ରଦ୍ଧା କରନ୍ତି । ଝିଅଟି ଇଂରେଜୀରେ ବାଇରନ୍ ପଢ଼ିଛନ୍ତି ଏବଂ ବୀଜଗଣିତ ଜାଣନ୍ତି ମନେହୁଏ । ମେଟ୍ରୋର ତରୁଣୀମାନଙ୍କର ଲେଖାପଢ଼ା ଶିଖିବା ଦିଗରେ ଝୁଙ୍କି ଆସିଛି ! ବାସ୍ତବିକ ସେମାନଙ୍କ ପକ୍ଷରେ ଏଇଟା ଭଲ । ସାଧାରଣତଃ ଆମଦେଶର ପୁରୁଷମାନଙ୍କର ବ୍ୟବହାର ଏତେ ଅଭଦ୍ର ଯେ ବୁଦ୍ଧିମତୀ ଝିଅମାନଙ୍କ ଥଟ୍ଟା-ତାମସା ସେମାନଙ୍କୁ ଅସହ୍ୟ ଲାଗେ । ବୟସ୍କା ରାଣୀ ଯୁବକମାନଙ୍କୁ ଭାରି ପସନ୍ଦ କରନ୍ତି, କିନ୍ତୁ ରାଜକୁମାରୀ ସେମାନଙ୍କୁ ଘୃଣାଚକ୍ଷୁରେ ଦେଖନ୍ତି—ଏଇଟା ମସ୍କୋବାସୀମାନଙ୍କର ଗୋଟାଏ ପୁରୁଣା ଅଭ୍ୟାସ ! ମସ୍କୋରେ ସେମାନେ ଚାଳିଶି ବର୍ଷର ରସିକ ମାନଙ୍କୁହିଁ କେବଳ ପସନ୍ଦ କରନ୍ତି ।"

"ଠାକୁର, ଆପଣ କେବେ ମସ୍କୋରେ ଥିଲେ ?"

"ହଁ, ଥିଲି । କିଛି ଦିନ ତ ସେଠି ଥିଲି ।"

"ଦୟାକରି କହିଚାଲନ୍ତୁ !"

"ମନେହୁଏ, ଯାହାକିଛି କହିବାର ସବୁ କହିଛି··· ! ହଁ, ଭଲକଥା ଆଉ ଗୋଟାଏ ଘଟଣା : ମନେହୁଏ, ରାଜକୁମାରୀ ଭାବାବେଗ, ସୁଗଭୀର ଅନୁଭୂତି ଇତ୍ୟାଦି ଜାତୀୟ ବିଷୟ ନେଇ ଆଲୋଚନା କରିବାକୁ ଭଲ ପାଆନ୍ତି । ପିଟାସ୍‌ବୁର୍‌ଗରେ ଗୋଟାଏ ଶୀତ ସେ କଟାଇଥିଲେ; କିନ୍ତୁ ସେଇ ସହର, ବିଶେଷ କରି ସେଠାକାର ସମାଜ ତାଙ୍କୁ ଆନନ୍ଦ ଦେଇନାହିଁ । ସ୍ପଷ୍ଟହିଁ ମନେହୁଏ, ସେଠାରେ ତାଙ୍କୁ ସେପରି ଅଭ୍ୟର୍ଥନା କରାହୋଇନାହିଁ !"

"ସେମାନଙ୍କ ଘରେ ଆଉ ଆପଣଙ୍କ ସହିତ ଆଉ କାହାର ଦେଖା ହୋଇନାହିଁ ?"

"ହଁ, ଦେଖା ହୋଇଥିଲା । ସେଠି ଥିଲେ ଜଣେ ଆଗ୍ଲୁରଜସ୍ତୁ ସ୍ୱାଉଡ୍‌ଜ୍‌ଟାଣ୍ଡ୍, ରଷୀକାହ୍ନମାର ଜଣେ । ଆଉ ଥିଲେ ଜଣେ ମହିଳା, ନଗଦ୍ ଆସିଛନ୍ତି, ରାଣୀଙ୍କ ସ୍ୱାମୀଙ୍କର କ ଧରଣର ଯେପରି ଆତ୍ମୀୟା, ଭାରି ସୁନ୍ଦରୀ ;କିନ୍ତୁ ମନେହୁଏ ଖୁବ୍ ଅସୁସ୍ଥ······ ! କୁଅପାଖରେ ତାଙ୍କୁ ଦେଖି ନାହାନ୍ତି ଆପଣ ? ଅତି ଢେଙ୍ଗୀ ନୁହନ୍ତି; ସୁନେଲିବାଳ, ନିଖୁଣ ଚେହେରା, ଟେକ୍ସାରେଗୀପର ମୁହଁର ରଙ୍ଗ ଆଉ ଡାହାଣ ଗାଲ ଉପରେ କଳା ଗ୍ଲୋଟ

Digitized by srujanika@gmail.com

ଗୋଟାଏ ଜାଇ । ତାଙ୍କର ଜୀବନ୍ତ-ଉଜ୍ଜ୍ୱଳ ମୂର୍ତ୍ତି ଦେଖି ମୁଁ ମୁଗ୍ଧ ହୋଇ ଯାଇଛୁ ।"

ଅସ୍ପଷ୍ଟ ଭାବରେ ମୁଁ କହିଲି, "ଗୋଟାଏ ଜାଇ ? ତା କି କ'ଣ ସମ୍ଭବ ?"

ମୋ ଆଡ଼କୁ ଚାହିଁ, ମୋ ପ୍ରଶ୍ନ ଉପରେ ହାତରଖି ଗମ୍ଭୀର ଭାବରେ କହିଲେ ଡାକ୍ତର, "ଆପଣ ତାଙ୍କୁ ଚିହ୍ନନ୍ତି···।" ବାସ୍ତବିକ ମୋ'ର ହୃତ୍‌ସ୍ପନ୍ଦନ ସ୍ୱାଭାବିକ ଅପେକ୍ଷା ଦ୍ରୁତତର ହେଉଥିଲା ।

"ଏଥର ଉଲ୍ଲସିତ ହେବାର ପାଳି ଆପଣଙ୍କର ।" ମୁଁ କହିଲି, "ମୁଁ କେବଳ ଆଶାକରେ, ମୋତେ ଆପଣ ଧରାଇ ଦେବେନାହିଁ । ଏବେ ତାଙ୍କୁ ମୁଁ ଦେଖିନାହିଁ; କିନ୍ତୁ ଆପଣଙ୍କ ବର୍ଣ୍ଣନାରୁ ମନେ ହେଉଛି, ଏଇ ଝିଅଟିକୁ ମୁଁ ଚିହ୍ନେ—ବହୁଦିନ ତଳେ ତାକୁ ମୁଁ ଭଲ ପାଉଥିଲି···। ମୋ ସମ୍ବନ୍ଧରେ କୌଣସି କଥା ତାଙ୍କୁ କହିବେ ନାହିଁ ଆଉ ସିଏ ଯେବେ ମୋ ସମ୍ବନ୍ଧରେ ପ୍ରଶ୍ନକରେ, ମୋ ନିନ୍ଦା କରିବେ ତା' ପାଖରେ ।"

କାନ୍ଧ ହଲେଇ ଭେର୍‌ନେର୍ କହିଲେ, "ଆପଣଙ୍କର ଯାହା ଇଚ୍ଛା !"

ସେ ଚାଲିଯିବା ପରେ ଗୋଟାଏ ଉତ୍କଣ୍ଠାରେ ଉଦ୍‌ଭ୍ରାନ୍ତ ହୋଇ ଉଠିଲା ମନ । ଭର୍ଜିନି କ'ଣ ଆମ ଦୁହିଁଙ୍କୁ ନେଇ ଅସିଛି କନେଶସ୍‌କୁ ନା ଏଠି ମୋର ଦେଖାପାଇବ ଜାଣିପାରି ସେ ଅସିଛି ?···ଆମର ସାକ୍ଷାତ କିମିତି ହେବ ?···ତା' ଛଡ଼ା, ସେଇଠି ? ମୋର ପୂର୍ବବୋଧ କେବେ-ହେଲେ ଭୁଲ୍ ହୋଇନାହିଁ । ପୃଥିବୀରେ ମୋ'ପରି ଏମିତିକା ଜଣେ ବି ନାହିଁ, ଅତୀତ ଯାହା ଉପରେ ଏତେ ବେଶି ପ୍ରଭାବ ବିସ୍ତାର କରିଛି । ଅତୀତର ପ୍ରତିଟି ଆନନ୍ଦ-ବେଦନାର ସ୍ମୃତି ମୋତେ ଯନ୍ତ୍ରଣା ଦିଏ ଏବଂ ସମାନ ଭାବରେ ଚିର୍ଚାରେ ଆଘାତ କରେ··· । ବୋକାଙ୍କ ପରି ମୋର ଧାତୁ, କାରଣ, ମୁଁ କିଛି ବି ଭୁଲିନାହିଁ—!

ସଂଧ୍ୟା-ଆହାର ପରେ, ପ୍ରାୟ ଛ'ଟା ବେଳେ ମୁଁ କୁଲ୍‌ହର୍‌କୁ ଯାଇ ଦେଖିଲି ସେଠି ବେଶ୍ ଭିଡ଼ ଜମିଉଠିଛି । ରାଣୀ ଏବଂ ତାଙ୍କ କନ୍ୟା ବସିରହିଛନ୍ତି ଗୋଟିଏ ବେଞ୍ଚ୍‌ରେ । ସେମାନଙ୍କୁ ଘେରି ରହିଛନ୍ତି ଦଳେ ଯୁବକ; ଯେଉଁମାନେ ହମାଗତ ସେମାନଙ୍କ ମନୋରଞ୍ଜନ କରିବାକୁ

Digitized by srujanika@gmail.com

ଜଦଗ୍ରୀବ । କିଛି ଦୂରରେ ଆଉ ଗୋଟିଏ ବେଞ୍ଚ୍ ବାଛିନେଇ ମୁଁ ବସିଲି ଏବଂ ମୋର ପରିଚିତ ଦୁଇଜଣ ଅଫିସରଙ୍କୁ ଡାକି ଗୋଟାଏ ଗପ ଆରମ୍ଭ କଲି । ମନେହେଲା, ଗପଟା ମଜାଦାର୍ ! କାରଣ, ପାଗଳ ପରି ସେମାନେ ହସିବାକୁ ଆରମ୍ଭ କଲେ । ରାଜକୁମାରୀଙ୍କୁ ଘେରି ଯେଉଁସବୁ ଯୁବକମାନେ ଥିଲେ, କୌତୁହଳର ବଶବର୍ତ୍ତୀ ହୋଇ ତାଙ୍କ ଭିତରୁ କେତେଜଣ ମୋ ବେଞ୍ଚ୍ ପାଖକୁ ଆସିଲେ । ତା'ପରେ ଧୀରେ ଧୀରେ ଅନ୍ୟ ସମସ୍ତେ ମଧ୍ୟ ରାଜକୁମାରୀଙ୍କ ପାଖ ଛାଡ଼ି ଆସି ଜୁଟିଲେ । କ୍ରମାଗତ ମୁଁ ବକି ଚାଲିଲି, ଏପରି ସବୁ ଗଳ୍ପ କହିବାକୁ ଆରମ୍ଭ କଲି, ଯେଉଁଗୁଡ଼ିକ ଏପରି ସରସ ଯେ, ପ୍ରାୟ ତା'ର କୌଣସି ଅର୍ଥ ନାହିଁ ଏବଂ ଯେଉଁସବୁ ବିଚରା ଲୋକମାନେ ପାଖଦେଇ ଚାଲିଯାଉଥିଲେ, ସେମାନଙ୍କ ସମ୍ପର୍କରେ ଏପରି ବିଦ୍ରୂପ ଆରମ୍ଭ କଲି ଯେ, ସେଗୁଡ଼ିକ ପ୍ରାୟ ପାଗଳାମି ସହିତ ସମାନ··· ! ଏଇପରି ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ମୋର ଶ୍ରୋତୃମଣ୍ଡଳୀଙ୍କ ମନୋରଞ୍ଜନ କରି ଚାଲିଲି । ନିଜ ମା'ର ହାତକୁ ଧରି ରାଜକୁମାରୀ ଏକାଧିକ ଥର ମୋ ପାଖଦେଇ ଟହଲି ମାରିଗଲେ । ସେମାନଙ୍କ ସହିତ ଥିଲା ଗୋଟାଏ ଟ୍ରେଟା ବୁଢ଼ା । ଏକାଧିକ-ବାର ତା'ର ଦୃଷ୍ଟି ମୋ ଉପରେ ପଡ଼ିଲା, ସେ ଦୃଷ୍ଟିରେ ଥିଲା ବିରକ୍ତିର ଆଭାସ୍, ଯଦିଓ ସେ ଉଦାସଭାବ ଦେଖାଇବାକୁହିଁ ଚାହିଁଥିଲା·····

"ଆପଣମାନଙ୍କୁ ସିଏ କ'ଣ କହୁଥିଲେ ?" ନିଛକ ଭଦ୍ରତାର ଖାତିର୍‌ରେ ସେମାନଙ୍କ ପାଖକୁ ଫେରିଯିବା ଗୋଟିଏ ଯୁବକକୁ ସେ ପ୍ରଶ୍ନ-କଲେ : "ଗଳ୍ପଟା ନିଶ୍ଚୟ ଲୋମହର୍ଷକ—ନିଶ୍ଚୟ ଯୁଦ୍ଧରେ ତାଙ୍କ ନିଜ ବୀରତ୍ୱର କଥା !" ବେଶ୍ ଜୋର୍‌ରେ କଥା ଗୁଡ଼ିକ ସେ କହିଲେ, ଯେଉଁ-ଥିରେ ମୋତେ ସିଏ ଯେ ଅବଜ୍ଞା କରୁଛନ୍ତି, ତାହା ଜଣାପଡ଼େ । ମୁଁ ଭାବିଲି, "ଆରେ, ମୋ'ଉପରେ ଯେ ରାଜକୁମାରୀ ଭୀଷଣ ବିରକ୍ତ ହୋଇ ଉଠିଛନ୍ତି ଦେଖୁଛି ! ଅପେକ୍ଷା କରନ୍ତୁ, ଆହୁରି ବହୁତ କିଛି ଘଟିବ !"

ବନ୍ୟପଶୁପରି ଗ୍ରୁସ୍ନିତ୍‌ସ୍କି ତାଙ୍କୁ ଦୃଷ୍ଟିଦ୍ୱାରା ଅନୁସରଣ କରୁଥିଲା । ମୁଁ ସଠିକ୍ ଭାବରେ କହିପାରେ, କାଲି ସିଏ କାହାକୁହିଁ ଅନୁରୋଧ କରିବ, ତା ସହିତ ରାଣୀ ଲିଗୋଭସ୍କାୟାଙ୍କ ପରିଚୟ କରାଇ ଦେବାକୁ । ରାଣୀ ସ୍ପଷ୍ଟ ତା ସହିତ ଆଳାପ୍ କରି ଖୁସିହେବେ; କାରଣ ତାଙ୍କୁ ଗତାନୁଗତିକତା ଆକ୍ରମଣ କରିଛି ।

Digitized by srujanika@gmail.com

୧୭, ମଇ

ଗତ ଦୁଇଦିନ ଧରି ମୋର ଅନୁକୂଳ ନାନା ଘଟଣା ଦ୍ରୁତବେଗରେ ଘଟି ଯାଉଛି । ରାଜକୁମାରୀ ନିଃସନ୍ଦେହରେ ମୋତେ ଘୃଣା କରିବାକୁ ଆରମ୍ଭ କରିଛନ୍ତି । ଏଥି ଭିତରେ ମୋ ସମ୍ବନ୍ଧରେ ଦୁଇ-ତିନୋଟି ଶ୍ଳେଷ୍ ବିଦ୍ରୂପାତ୍ମକ ଉକ୍ତି ଯେ ମୁଁ ଶୁଣିଛି । ବିଦ୍ରୂପାତ୍ମକ ହେଲେବି ସେଗୁଡ଼ିକ କିନ୍ତୁ ପ୍ରଶଂସାବ୍ୟଞ୍ଜକ । ଏ ଘଟଣାରେ ତାଙ୍କୁ ଅତି ଅଦ୍ଭୁତ ଲାଗୁଛି ଯେ ମୁଁ—ସଂଭ୍ରାନ୍ତ-ସମାଜରେ ମିଶି ମିଶିବାକୁ ଏତେ ଅଭ୍ୟସ୍ତ ଆଉ ଯାହା ସହିତ ତାଙ୍କର ପିଟର୍ସ୍‌ବର୍ଗ୍‌ର ମାଉସୀ-ଶାଶୁ ଆଉ ତାଙ୍କ ପିଲାପିଲିମାନଙ୍କର ଏତେ ସୌହାର୍ଦ୍ଦ୍ୟ ଥିଲା—ସେ କୁଆଡ଼େ ତାଙ୍କ ସହିତ ଆଳାପ କରିବାର କୌଣସି ଚେଷ୍ଟା ବି କରୁନାହିଁ ! କୂଅଟା ପାଖରେ ଆଉ ବୁଲ୍‌ଭାର୍ଡ଼ରେ ପ୍ରତିଦିନହିଁ ଆମର ଦେଖା ହୁଏ । ମୁଁ ଯଥାସାଧ୍ୟ ଚେଷ୍ଟାକରେ ତାଙ୍କର ଅନୁରକ୍ତମାନଙ୍କୁ ଘଉଡ଼ାଇ ଦେବାକୁ—ଡେଲିଆନ୍ ପ୍ରୁଙ୍କ୍ଲାଣ୍ଡ୍, ନିରସ ମସ୍କୋବାସୀ ଇତ୍ୟାଦିମାନଙ୍କୁ ଆଉ ପ୍ରାୟ ସବୁବେଳେ ହିଁ କୃତକାର୍ଯ୍ୟ ହୁଏ ! ଅତିଥିମାନଙ୍କ ମନତୁଷ୍ଟି କରିବାରେ ଚିରକାଳହିଁ ମୋର ବିତୃଷ୍ଣା । ବର୍ତ୍ତମାନ କିନ୍ତୁ ସବୁବେଳେ ମୋ ଘର ଭରପୂର ଥାଏ ଅତିଥିମାନଙ୍କରେ—ସାନ୍ଧ୍ୟଭୋଜ, ନୈଶଭୋଜ ଆଉ ତାସ୍ ଖେଳପାଇଁ ଏବଂ ହାୟ, ମୋର ଶ୍ୟାମ୍ପେନ୍ ତାଙ୍କର ଦୃଷ୍ଟିର ଆକର୍ଷଣକୁ ପରାଜିତ କରେ !

ଗତକାଲି ଡେଲେଖୋଭ୍‌ ଦୋକାନରେ ତା ସହିତ ମୋର ଦେଖା । ଚମତ୍କାର ଏକ ପାରସ୍ୟ ଗାଲିଚା ସେ ମୂଲଉଥିଲା । ରାଜକୁମାରୀ ତାଙ୍କ ମା'ଙ୍କୁ କହୁଥିଲେ ଟଙ୍କାଟା ଦେବାପାଇଁ ସେ ଯେପରି ଅମତ ନ ହୁଅନ୍ତି । କାରଣ, ଗାଲିଚାଟା ତାଙ୍କ ଘରେ ଭାରି ସୁନ୍ଦର ମାନିବ··· । ମୁଁ ଚାଳିଶି ରୁବଲ୍‌ ଅଧିକା ଦେଇ ସେଇଟାକୁ କିଣି ନେଲି । ଫଳରେ ଲାଭ ହେଲା ଅନ୍ତତଃ ଚମତ୍କାର ଏକ ଚାହାଣି; ଯାହା ଭିତରେ ପ୍ରଚଣ୍ଡ ଆକ୍ରୋଶ । ନୈଶଭୋଜନ ବେଳେ ଜାଣିଶୁଣି ମୋ ଚେର୍କେଶୀୟ ଘୋଡ଼ାଟାକୁ ତାଙ୍କ ଝରକା ପାଖଦେଇ ବୁଲାଇବାକୁ ଆଦେଶ ଦେଲି । ଘୋଡ଼ା ପିଠିରେ ଥିଲା ସେଇ ଗାଲିଚାଟି । ଭେର୍‌ନେର୍ ସେତେବେଳେ ତାଙ୍କ ଘରେ ଥିଲେ । ସେ ମୋତେ ଜଣାଇଲେ ଯେ, ଉକ୍ତ ଦୃଶ୍ୟ ପାଇଁ ଗୋଟିଏ ନାଟକୀୟ ଫଳ

Digitized by srujanika@gmail.com

ଫଳଥିଲା । ମୋ ସହିତ ସଂଗ୍ରାମ ପାଇଁ ରାଜକୁମାରୀ ସୈନ୍ୟ ସଂଗ୍ରହ କରିବାକୁ ଚାହାନ୍ତି । ଏଥି ଭିତରେ ଲକ୍ଷ୍ୟ କରିଛି, ସିଏ ଯେତେବେଳେ ଉପସ୍ଥିତ ଥାଏ ଦୁଇଜଣ ପ୍ରାଉଜ୍‌ଟ'ଣ୍ଟ ମୋତେ ସେତେବେଳେ ନୀରସ ସଂକ୍ଷିପ୍ତ ଅଭିବାଦନ ଜଣାନ୍ତି; ଯଦିଓ ମୋ ସହିତ ପ୍ରତିଦ୍ୱନ୍ଦ୍ୱ ଆହ୍ୱାନ କରିବାର ବେକାରୀ ସେମାନଙ୍କର ନାହିଁ ।

ଗ୍ରୁନ୍‌ଭିଲ୍‌ର ହାବଭାବ ବି ହୋଇ ଉଠିଛି ରହସ୍ୟମୟ । ପଛରେ ହାତ ଛନ୍ଦି ଅନ୍ୟର ଉପସ୍ଥିତି ଭୁଲି ସେ ବୁଲୁଥିଲେ । ହଠାତ୍ ତା'ର ଗୋଡ଼ ଭଲ ହୋଇଯାଇଛି, ସେଥିପାଇଁ ସେ ଆଜିକାଲି ଛୋଟେଇ ଛୋଟେଇ ଚାଲେ ନାହିଁ । ଗୋଟାଏ ସୁଯୋଗରେ ସେ ବସ୍ତ୍ରଧାରିଣୀ ସହିତ ଆଳାପ କରିଥିଲା ଏବଂ ରାଜକୁମାରୀଙ୍କୁ ତୋଷାମୋଦ କରିଥିଲା । ମନେ ହେଉଛି, ରାଜକୁମାରୀଙ୍କ ପସନ୍ଦର ବିଶେଷକିଛି ନାହିଁ, କାରଣ ଉକ୍ତ ଘଟଣା ପରଠାରୁ ତା' ଅଭିବାଦନର ଉତ୍ତରରେ ସେ ମଧୁର ହସ ହସି ପ୍ରତ୍ୟୁତ୍ତର ଦେଇ ଆସିଛନ୍ତି ।

କାଲି ସେ ମୋତେ ପଚାରିଥିଲା, "ଠିକ୍ କହୁଛ ଯେ ତାଙ୍କ ସହିତ ତୁମର ଆଳାପ କରିବାର ଇଚ୍ଛା ନାହିଁ ?"

"ପୁରାପୁରି ଠିକ୍ ।"

"ସତେ ! ଏଠା ଭିତରେ ସେମାନଙ୍କ ଘରଟା ହିଁ ସବୁଠାରୁ ଭଲ । ସ୍ଥାନୀୟ ସମାଜର ସବୁ ଭଲ ଭଲ ଲୋକମାନେ......"

"ଶୁଣ ବନ୍ଧୁ, ସବୁ ରକମର ସମାଜରେ ହିଁ ମୋର ଅରୁଚି । ସ୍ଥାନୀୟ ସମାଜ କଥା ବାଦ୍ ଦିଅ ! ସେମାନଙ୍କ ଘରକୁ ତୁମେ ଯାଇଥିଲ ?"

"ବର୍ତ୍ତମାନ ଯାଇନି । ରାଜକୁମାରୀଙ୍କ ସହିତ ଥରେ ଦୁଇଥର ଛଡ଼ା ବେଶି ମୋର ଆଳାପ ହୋଇନାହିଁ । ତୁମେ ତ ଜାଣ, ଉପରେ ପଡ଼ି ନିମନ୍ତ୍ରଣ ନେବାକୁ କେମିତି ଖରାପ ଲାଗେ, ଯଦିଓ ଏଠି ଏ ଧରଣର ଘଟଣା ଘଟିଥାଏ...... । ମୋ କାନ୍ଧରେ ଯେବେ ସାମରିକ ସନ୍ତକ ଥା'ନ୍ତା ତା ହେଲେ ଅବଶ୍ୟ ଅନ୍ୟ କଥା ହୁଅନ୍ତା......"

"ଶୁଣ ବନ୍ଧୁ ! ତୁମେ ଯିମିତି ଅଛ ତାହା ହିଁ ଚିତ୍ତାକର୍ଷକ । ତୁମେ ଜାଣ ନା ତୁମ ଅନୁକୂଳ ଅବସ୍ଥାର ସୁଯୋଗ ନେବାପାଇଁ । ତୁମେ କ'ଣ

Digitized by srujanika@gmail.com

ଜାଣ ନା ଯେ, ଷଢ଼ାଲ୍ସ-ଚତୁର୍ଦ୍ଦଶୀଙ୍କର; ଆଖିରେ ତୁମର ସୈନ୍ୟଙ୍କର ଗ୍ରେଟ୍-କୋଟ୍‌ଟା ତୁମକୁ ଏକ ହଟେଖ ଆଉ ଶମ୍ଭାଦ୍ ସ୍ୱଭାବରେ ଚୋଳ ଧରେ ବୋଲି ?”

ଅମୃତପ୍ତ ର ହସ ହସିଲା ଗ୍ର ସ୍ନେହସ୍ପି ।

“କ ସବୁ ବାଟଳ କଥା ଗୁଡ଼ାକ କହୁଛ !” ସେ କହିଲା ।

“ମୋର କୌଣସି ସନ୍ଦେହ ନାହିଁ, ତୁମ ପ୍ରେମରେ ପଡ଼ିଛୁ ରାଜକୁମାରୀ,” ମୁଁ କହିଗଲିଲି ।

କର୍ଣ୍ଣମୂଳ ପର୍ଯ୍ୟନ୍ତ ଆରକ୍ତ ହୋଇ ଉଠି ସେ ବିରକ୍ତିସୂଚକ ମୁଖଭଙ୍ଗୀ କଲା ।

“ହାସ୍ୟ ଅହଙ୍କାର, ତୁମେହିଁ ହେଉଛ ନେମନ୍ତ ଦଣ୍ଡ, ଯାହାଦ୍ୱାରା ଆର୍କେମିଡ଼ସ୍ ପୃଥିବୀକୁ ଟେକ ଧରିବାକୁ ଇଚ୍ଛା କରିଥିଲେ ।”

କ୍ରୋଧାନ୍ୱିତ ଭାବ ଦେଖାଇ ସେ କହିଲା, “ସବୁବେଳେ ତୁମେ ଥଟ୍ଟା କର ! ପ୍ରଥମତଃ, ପ୍ରାୟ ସେ ମୋତେ ଚିହ୍ନେ ବି ନାହିଁ···”

“ସିଏ ସବୁ ମହିଳାମାନଙ୍କୁ ଜାଣେ ନାହିଁ, ସିଅମାନେ କେବଳ ସେହିମାନଙ୍କୁ ଭଲ ପାଆନ୍ତି ।”

“ତାଙ୍କୁ ପସନ୍ଦ କରିବା ମୋର ବିଶେଷ ଇଚ୍ଛା ନାହିଁ । ଖାଲି ଗୋଟିଏ ଭଲ ପରିବାରରେ ମୁଁ ପରିଚିତ ହେବାକୁ ଚାହେଁ, ଆଉ ବାସ୍ତବିକ ଏପରି ଆଶା କରିବା ଏକେବାରେ ହାସ୍ୟକର ଯେ···। କିନ୍ତୁ ତୁମରି ପିଟାର୍ସବୁର୍ଗ୍‌ର ନାରୀ-ଚିତ୍ତ-ଜୟୀ କଥା ଅବଶ୍ୟ ଭିନ୍ନ ! ତୁମେ ଥରେ ଖାଲି ଚାହିଁଲେହିଁ ସିଅମାନେ ତରଳି ଯାଆନ୍ତି··· । ଭଲ କଥା, ପେଟ୍ରୋରିନ୍, ତୁମେ ଜାଣ, ରାଜକୁମାରୀ ତୁମ କଥା କହୁଥିଲେ ?···”

“ସତେ ? ସ୍ୱୀ ଭିତରେ ତୁମ ପାଖରେ ସେ ମୋ କଥା ଉଠାଇଛନ୍ତି ?”

“ସେଥିରେ ଅବଶ୍ୟ ତୁମର ଆନନ୍ଦିତ ହେବାର କାରଣ ନାହିଁ । ଦିନେ ଥରେ ହଠାତ୍ କୂଅ ପାଖରେ ତାଙ୍କ ସହିତ ମୋର ଆଳାପ ହୋଇଥିଲା । ତାଙ୍କର ତୃତୀୟ ଉକ୍ତି ହେଲା, ‘କିଏ ଏହି ଭଦ୍ରଲୋକ, ଯାହାଙ୍କର ଆଖିର ଚାହାଣିଟା ଅପ୍ରୀତିକର ଓ ଅନ୍ତର୍ଭେଦୀ ? ଆପଣଙ୍କ ସହିତ ସେ ଥିଲେ ସେତେବେଳେ···’ ଆରକ୍ତ ହୋଇ ଉଠି ସେ ଦିନଟିର

Digitized by srujanika@gmail.com

କଥା ଉଲ୍ଲେଖ କରିବାକୁ ଚାହିଁଲେ ନାହିଁ । ତାଙ୍କର ମନେ ପଡ଼ିଗଲା ସେଦିନର ସେଇ ତୁଚ୍ଛ ଅଥଚ ମଧୁର ଘଟଣାଟିର କଥା । ମୁଁ କହିଲି, 'ଦିନଟିକୁ ଉଲ୍ଲେଖ କରିବା ଦରକାର ନାହିଁ, କାରଣ ଚିରକାଳ ତା' କଥା ମୋର ମନେ ରହିବ···' ବନ୍ଧୁ ପେରେଭେରିନ୍ ! ତୁମକୁ ଶୁଭେଚ୍ଛା ଜଣାଇ ପାରିଲି ନାହିଁ, କାରଣ ତୁମକୁ ସେ ଖରାପ ଭାବନ୍ତେ··· । ବାସ୍ତବିକ ଦୁଃଖର କଥା, କାରଣ ମୁଁ ଭାରି ସୁଖୀ !"

ଏଇଟାକୁ ଲକ୍ଷ୍ୟ କରିବା ଦରକାର ଯେ, ଗ୍ରୁସ୍ନିତ୍ସ୍କି ସେଇ ଜାତିର ଲୋକ, ଯେଉଁମାନେ ଯେଉଁସବୁ ଝିଅମାନଙ୍କୁ ଚିହ୍ନନ୍ତି ନାହିଁ ପ୍ରାୟ ଏବଂ ଯେଉଁସବୁ ଝିଅମାନଙ୍କ ସୌଭାଗ୍ୟ ହୋଇଛି ସେମାନଙ୍କ ମନୋଯୋଗ ଆକର୍ଷଣ କରିବାର—ସେମାନଙ୍କ ସମ୍ବନ୍ଧରେ କଥା କହିବା ବେଳେ ସେମାନେ କହିଥାନ୍ତି 'ମୋର ମେରି' ଅଥବା 'ମୋର ସୋଫି' ।

ଗମ୍ଭୀର ଭାବ ଦେଖାଇ ମୁଁ କହିଲି :

"ଠିକ୍ କଥା, ସେ ଦେଖିବାକୁ ମନ୍ଦ ନୁହନ୍ତି ।···ଖାଲି ସାବଧାନ ଗ୍ରୁସ୍ନିତ୍ସ୍କି ! ଅଧିକାଂଶ ରୁଷ୍-ତରୁଣୀମାନେହିଁ ନିଷ୍କାମ-ପ୍ରେମର ପକ୍ଷପାତୀ, ବିବାହ କରିବା ପାଇଁ ସେମାନଙ୍କର ଝୁଙ୍କି ନାହିଁ, ଆଉ ନିଷ୍କାମ-ପ୍ରେମ ଭାରି ବିରକ୍ତିକର । ମୋର ମନେହୁଏ, ରାଜକୁମାରୀ ସେଇଜାତିର ଝିଅ, ଯେଉଁମାନେ ସ୍ଫୂର୍ତ୍ତି ପାଇବାକୁ ଚାହାନ୍ତି । ଦୁଇ ମିନିଟ୍ ପାଇଁ ଯଦି ତୁମର ସାନ୍ନିଧ୍ୟ ଗତାନୁଗତିକ ଲାଗେ, ତାହେଲେ ହୋଇଗଲା ତୁମର ! ତୁମର ନୀରବତାର ପ୍ରୟୋଜନ ତା'ର କୌତୁହଳ ଉଦ୍ରେକ କରାଇବା ପାଇଁ, ତୁମର କଥାବାର୍ତ୍ତା ତାକୁ କେବେ ଯେପରି ସମ୍ପୂର୍ଣ୍ଣ ତୃପ୍ତି ନଦିଏ; ସର୍ବଦାହିଁ ତାକୁ ଦ୍ୱିଧା ଭିତରେ ରଖିବାକୁ ହେବ । ତୁମପାଇଁ ଦଶ ଦଶ ଥର ସେ ଜନମତକୁ ଉପେକ୍ଷା କରିବ ଆଉ କହିବ, ସେଇଟା ତା'ର ଆତ୍ମତ୍ୟାଗର ପରିଚୟ ଏବଂ ତା'ର କ୍ଷତିପୂରଣ ହିସାବରେ ସେ ତୁମକୁ ଉତ୍ପୀଡ଼ନ କରିବାକୁ ଆରମ୍ଭ କରିବ, ଶେଷକୁ କହିବ, ତୁମକୁ ସେ ବରଦାସ୍ତ କରିପାରୁ ନାହିଁ । ଯଦି ତା' ଉପରେ ତୁମର ପ୍ରଭୁତ୍ୱ ବିସ୍ତାର କରିନପାର, ତାହେଲେ ଏପରିକି ତା'ର ପ୍ରଥମ ଚୁମ୍ବନ ପାଇବାର ଅଧିକାର ତୁମର ନ ଥିବ । ପ୍ରାଣଭରି ତୁମ ସହିତ ସେ ପ୍ରେମର ଅଭିନୟ କରିବ ଏବଂ ବର୍ଷେ କିମ୍ବା ଦୁଇବର୍ଷ ପରେ ତା ମା'ର ନିର୍ଦ୍ଦେଶରେ ସେ ବିବାହ

Digitized by srujanika@gmail.com

କରିବ ଗୋଟାଏ କଦାକାର ଜାନୁଆରୀକୁ; ତା ପରେ ସେ ତୁମକୁ ବୁଝାଇବାକୁ ଚାହିଁବ ଯେ, ସିଏ ଅସୁଖୀ, ସିଏ ଭଲ ପାଉଥିଲା କେବଳ ଜଣକୁ—ଅର୍ଥାତ୍ ତୁମକୁ—କିନ୍ତୁ ବିଧାତାର ଇଚ୍ଛା ନୁହେଁ ଯେ, ତୁମ ସହିତ ତା'ର ମିଳନ ହେଉ, କାରଣ ତୁମ ଦେହରେ ସୈନିକମାନଙ୍କର ଗ୍ରେଟ୍‌କୋଟ୍, ଯଦିଓ ସେଇ ପୁରା ଧୂସର ଗ୍ରେଟ୍‌କୋଟ୍ ତଳେ ସ୍ପନ୍ଦିତ ହେଉଛି ଗୋଟିଏ ଏକାଗ୍ର ଆଉ ମହତ୍ତ୍ୱପୂର୍ଣ୍ଣ ହୃଦୟ·····"

ଟେବୁଲ ଉପରେ ଜୋର୍‌ରେ ଗୋଟାଏ ବିଧା ମାରି ଗ୍ରୁସ୍ନିତ୍‌ସ୍କି ଘର ଭିତରେ ଟହଲ ମାରିବାକୁ ଲାଗିଲା ।

ମନେ ମନେ ମୁଁ ହସରେ ଫାଟି ପଡ଼ିଲି, ଏପରିକି ଥରେ-ଦିଥର ମୃଦୁହସ ହସିଲି ମଧ୍ୟ; କିନ୍ତୁ ସୌଭାଗ୍ୟକ୍ରମେ ସେ ଲକ୍ଷ୍ୟ କଲାନାହିଁ । ସ୍ପଷ୍ଟ ଭାବରେ ସେ ପ୍ରେମରେ ପଡ଼ିଛି, କାରଣ ଆଗ ଅପେକ୍ଷା ବେଶି ବିଶ୍ୱାସପ୍ରବଣ ହୋଇଉଠିଛି ସେ; ଏପରିକି ସ୍ଥାନୀୟ କାରୁକାର୍ଯ୍ୟ-ଖଚିତ ରୁପାର ଗୋଟାଏ ମୁଦି ମଧ୍ୟ ସେ ପିନ୍ଧିଛି, ଯୋଉଟା ମୋ ପାଖରେ ସନ୍ଦେହଜନକ ବୋଲି ମନେହେଲା । ଭଲକରି ପରୀକ୍ଷା କରିବା ପରେ କ'ଣ ଦେଖିବାକୁ ପାଇଲି ବୋଲି ଆପଣମାନେ ମନେ କରନ୍ତି ? ଭିତର ଅଂଶରେ ଛୋଟ ଛୋଟ ଅକ୍ଷରରେ ଖୋଦେଇ କରା ହୋଇଛି "ମେରି" ଆଉ ତା ପାଖକୁହିଁ ରହିଛି ତାରିଖ, ଯେଉଁଦିନ ସେ ସେଇ ବିଖ୍ୟାତ ଗିଲାସଟାକୁ ଉଠାଇ ଦେଇଥିଲା । ମୋ ଆବିଷ୍କାର କଥା କିଛି ତ କହିଲି-ନାହିଁ । ତା ପାଖରୁ କୌଣସି ସ୍ୱୀକାରୋକ୍ତି ବାହାର କରିବାକୁ ମୁଁ ଚାହେଁନା; ମୁଁ ଚାହେଁ ସ୍ୱେଚ୍ଛାରେ ମୋତେ ସେ ତା'ର ଗୁପ୍ତକଥା କହୁ—ସେତିକିବେଳେ ମୁଁ ମଜା ପାଇବାକୁ ଆରମ୍ଭ କରିବି······

···

ଆଜି ନିଦ ଭାଙ୍ଗିବାକୁ ମୋର ଡେରି ହୋଇ ଯାଇଥିଲା । ଯେତେ-ବେଳେ କୂଅ ପାଖରେ ପହଞ୍ଚିଲି ସେତେବେଳେ କେହି ନାହାନ୍ତି । ଦିନଟା ତାତିଉଠିଛି । ତୁଷାରମଣ୍ଡିତ ପାହାଡ଼ରୁ ଧଳା ଧଳା ଭଣା ଭୂଲାପରି ମେଘ ଛୁଟିଆସୁଛି ଆକାଶରେ । ଏଇଥିରୁ ଜଣାପଡ଼େ ହେବ ଝଡ଼-ବର୍ଷା । ନିଭିଯାଇଥିବା ମଶାଲ ପରି ମାଶୁକ୍‌ର ଚୂଡ଼ାରୁ ଉଠୁଛି ଧୂଆଁ ।

Digitized by srujanika@gmail.com

ତା' ଘରପାଖରେ ଛିଣ୍ଡା ଛିଣ୍ଡା ଧୂସର ମେଘ ଉଡ଼ିବାକୁ ଯାଇ ବାଧାପାଇ ମନେହୁଏ ଯେପରି ପାହାଡ଼ର କଣ୍ଟା ବୁଦାରେ ଅଟକିଯାଇଛି ! ଧାପପରି ସର୍ପିଳ ଗତିରେ ଘୁଞ୍ଚିବାର ଗତି କରୁଛି ସେ ଗୁଡ଼ାକ । ଆବହାଓ୍ୱାରେ ଚହଳିଶକ୍ତିଭରା, ମୁଁ ଅଙ୍ଗୁରଲତା-ଢଙ୍କା ପଥଦେଇ ଚାଲିଲି ଗୁହା ଆଡ଼କୁ । ବିଷନ୍ନ ବୋଧ କରୁଥିଲି । ଯାହା ଗାଲଉପରେ କଳାଜାଇ ମଦା, ଯେଉଁ ତରୁଣୀ କଥା ଡାକ୍ତର କହୁଥିଲେ, ଭାବୁଥିଲି ତାହାରି କଥା । ଏଠି ସିଏ କ'ଣ କରୁଛି ? ଆଉ ସେ-ଇ ତ ? କାହିଁକି ମନେହେଲା, ଇଏ ସେ-ଇ ତ ? କାହିଁକି ବା ଏ ବିଷୟରେ ମୁଁ ଏତେ ନିଃସନ୍ଦେହ ? ପୃଥିବୀରେ ଗାଲଉପରେ କଳାଜାଇମଦା ଥିବା ଝିଅଙ୍କ ସଂଖ୍ୟା କ'ଣ ଏତେ କମ୍ ? ଏଇ ସବୁ ଭାବୁ ଭାବୁ ମୁଁ ପହଞ୍ଚିଲି ଗୁହାରେ । ଗୁହା ଭିତରେ ଶୀତଳ ଛାୟାତଳେ ଗୋଟିଏ ଝିଅ ଏକ ପଥରର ବେଞ୍ଚ୍ ଉପରେ ବସିଥିଲା । ମୁଣ୍ଡରେ ତା'ର ଛଣର ଟୋପି, କାନ୍ଧ ଉପରେ ଗୋଟାଏ କଳା ଶାଲ୍ । ମଥାଟି ତା'ର ଆନତ, ଫଳରେ ଟୋପିଦ୍ୱାରା ମୁହଁଟି ତା'ର ଘୋଡ଼େଇ ହୋଇ ଯାଇଛି ! ମୁଁ ଫେରିବାକୁ ଉଦ୍ୟତ ହେଲି, ଯେଉଁଥିରେ ତା ତନ୍ଦ୍ରାର ବ୍ୟାଘାତ ନ ଘଟେ । ଏତିକି ବେଳେ ମୋ ଆଡ଼କୁ ସେ ଚାହିଁଲା ।

ମନକୁ ମନ ମୁହଁରୁ ବାହାରିଗଲା, "ହେର !"

ଚମକିପଡ଼ି ସେ ମ୍ଳାନ ହୋଇଗଲା । "ଜାଣିଥିଲି, ତୁମେ ଏଠି ଅଛ" ସେ କହିଲା । ପାଖରେ ବସିପଡ଼ି ତା ହାତଟିକୁ ଉଠାଇ ନେଲି । ସେଇ ମଧୁର ସ୍ୱର ଶୁଣିବା ପରେ ବହୁଦିନ ପୂର୍ବର ବିସ୍ମୃତ ଏକ ଶିହରଣ ମୋର ଶିରରେ ଶିରରେ ବହିଗଲା । ତା'ର ଗଭୀର, ଶାନ୍ତ ଆଖିଦିଓଟି ସିଧା ମୋ ଆଡ଼କୁ ଚାହିଁରହିଲା; ତା' ଭିତରେ ଦେଖିଲି ଅବିଶ୍ୱାସ ଏବଂ ଉତ୍ତେଜନା ପରି କିଛି ଯେପରି ଗୋଟାଏ ରହିଛି !

"ବହୁଦିନ ହେଲା ଆମର ଦେଖା ହୋଇନାହିଁ," ମୁଁ କହିଲି ।

"ହଁ, ଆମେ ଦୁଇଜଣଯାକ ତ ବହୁତ ବଦଳି ଯାଇଛୁ !"

"ତୁମେ କ'ଣ କହିବାକୁ ଚାହଁ, ତୁମେ ମୋତେ ଆଉ ଭଲପାଅନା ?"

"ମୋର ବିବାହ ହୋଇ ଯାଇଛି !"...ସେ କହିଲା ।

"ପୁଣି ? କେତେ ବର୍ଷ ପୂର୍ବେ ଏଇ ଏକାଇ ବାଧା ଥିଲା, କିନ୍ତୁ ତା ସତ୍ତ୍ୱେ ବି..."

Digitized by srujanika@gmail.com

Digitized by srujanika@gmail.com

ହାତଟାକୁ ସେ ସଜୋରେ ଛଡ଼ାଇ ନେଲା, ଲାଲ୍‌ହୋଇ ଉଠିଲା ତା' ଗାଲ ଦୁଇଟା ।

"ହୁଏତ ତୁମର ବିଶ୍ୱସ୍ତ-ସ୍ୱାମୀର ପ୍ରେମରେ ତୁମେ ପଡ଼ିଛ ?"

କୌଣସି ଉତ୍ତର ନଦେଇ ସେ ମୁହଁଟାକୁ ବୁଲାଇ ନେଲା ।

"ଜାମ୍ବା ହୁଏତ ପିଏ ଖୁବ୍ ସନ୍ଦିଗ୍ଧ ଲୋକ ?"

ନିସ୍ତବ୍ଧତା ।

"ନିଶ୍ଚୟ ସେ ଦେଖିବାକୁ ଭାରି ସୁନ୍ଦର । ମନେହୁଏ, ସେ ଖୁବ୍ ଧନୀ, ଆଜି ତୁମର ଭଗ୍ନ ହୃଦ ପଛରେ···" ତା ଆଡ଼କୁ ଚାହିଁ ମୁଁ ଚମକି ଉଠିଲି : ମୁହଁ ଉପରେ ତା'ର ଭୀଷଣ କ୍ଳେଶର ଚିହ୍ନ, ଲୁହରେ ଆଖି ଦୁଇଟା ଚକ୍‌ଚକ୍ ହେବାକୁ ଲାଗିଲା ।

ଅବଶେଷରେ ଫୁସ୍‌ଫୁସ୍ କରି ସେ କହିଲା, "କୁହତ, ମୋତେ କଷ୍ଟ ଦେବାପାଇଁ ତୁମକୁ କାହିଁକି ଏତେ ଭଲ ଲାଗେ ? ମୋର ଉଚିତ, ତୁମକୁ ଘୃଣା କରିବା । ଯେତେବେଠାରୁ ଆମର ପରିଚୟ, ଦୁଃଖ ଛଡ଼ା ଅନ୍ୟ କିଛି ମୋତେ ତୁମେ ଦେଇନ···" କଣ୍ଠ ତା'ର ବାଷ୍ପରୁଦ୍ଧ ହୋଇ ଆସିଲା ଆଉ ମୋ ଗୁଣ୍ଡରେ ମୁଣ୍ଡରଖି ସେ ଲେଟି ପଡ଼ିଲା ।

ମୁଁ ଭାବିଲି, "ହୁଏତ ସେଇଥିପାଇଁ ମୋତେ ତୁମେ ଭଲ ପାଇଥିଲ ! କାରଣ, ଆନନ୍ଦର କଥା ଲୋକେ ଭୁଲିଯାନ୍ତି, ଦୁଃଖର କଥା କେବେହେଲେ ଭୁଲନ୍ତି ନାହିଁ···"

ତାକୁ ମୋ ବୁକୁରେ ଚାପିଧରି ବହୁ ସମୟ ସେଇମିତି ରହିଲି । ଅବଶେଷରେ ମିଳିତ ହେଲା ଆମର ଓଠ ଏକ ଜ୍ୱଳନ୍ତ ଉଲ୍ଲସିତ ଚୁମ୍ବନରେ । ହାତ ଦୁଇଟି ତା'ର ବରଫ ପରି ହିମ, ମୁଣ୍ଡଟା ନିଆଁ ପରି ଉତ୍ତପ୍ତ । ତା'ପରେ ଏମିତି କଥାବାର୍ତ୍ତା ଆରମ୍ଭ ହେଲା, କାଗଜ-କଲମରେ ଯାହାର କୌଣସି ମାନେ ହୁଏନା, ପୁନରୁକ୍ତ କରିହୁଏନାହିଁ ଯେଉଁ କଥାର, ଏପରିକି ଯାହା ମନେ ବି ଥାଏନା, କାରଣ ଧ୍ୱନି କଥାର ସ୍ଥାନ ଗ୍ରହଣ କରି ତାକୁ ଆହୁରି ସୁଷମାମଣ୍ଡିତ କରି ଗଢ଼େ ଇଟାଲୀୟ ଗୀତିନାଟ୍ୟ ପରି ।

ସେ ଦୃଢ଼ପ୍ରତିଜ୍ଞ ଥିଲା ଯେଉଁଥିରେ ତା' ସ୍ୱାମୀ ସହିତ ମୋର ଦେଖା ନହୁଏ । ବୁଲ୍‌ଭାର୍‌ରେ ଅଳ୍ପ ସମୟ ପାଇଁ ଯୋଉ ଛୋଟା

ବୁଢ଼ାଟାକୁ ଦେଖିଥିଲି, ସେଇ ହେଲା ତା'ର ସ୍ୱାମୀ । ନିଜର ପୁଅ ପାଇଁ ହିଁ ସେ ବୁଢ଼ାକୁ ବାହା ହୋଇଥିଲା । ବୁଢ଼ା ଧନୀ, ବାତ ରୋଗରେ ଆକ୍ରାନ୍ତ । ତାକୁ ନେଇ ମୁଁ କୌଣସି ଉପହାସ କରିନାହିଁ, କାରଣ ବାପ ପରି ଭେରା ତାକୁ ଶ୍ରଦ୍ଧା କରେ ଏବଂ ତାକୁ ଯେ ପ୍ରତାରଣା କରିବ ସ୍ୱାମୀ ହିସାବରେ···। ମଣିଷର 'ହୃଦୟ' ବୋଲି ଯେଉଁ ବସ୍ତୁଟି ତାହା ଅଦ୍ଭୁତ, ବିଶେଷ କରି ନାରୀମାନଙ୍କର !

ରାଣୀ ଲିଗୋଭ୍‌ସ୍କାୟାଙ୍କ ଦୂରସମ୍ପର୍କୀୟ ଆତ୍ମୀୟ ହେଲା ଭେରାର ସ୍ୱାମୀ, ସେମିଓନ୍ ଭାସିଲିଏଭିଚ୍ ଗ···ଭ । ସେମାନେ ନିକଟ ପ୍ରତିବେଶୀ । ଭେରା ରାଣୀଙ୍କ ଘରକୁ ପ୍ରାୟ ଯାଏ ! ତାକୁ ଜବାବ୍ ଦେଲି ଯେ, ମୁଁ ଲିଗୋଭସ୍କିଙ୍କ ପରିବାର ସହିତ ଆଳାପ କରିବି ଏବଂ ଯେଉଁଥିରେ ତା' ଉପରେ କୌଣସି ସନ୍ଦେହ ନ ହୁଏ, ସେଥିପାଇଁ ରାଜକୁମାରୀ ମେରି ସହିତ ଲାଗି ଲାଗି ରହିବି । ଏଥିରେ ମୋର ପରିକଳ୍ପନା ବ୍ୟାହତ ହେବ ନାହିଁ । ଫୁର୍ତ୍ତିରେ ରହିବି ମୁଁ···

ଫୁର୍ତ୍ତିରେ !···ହଁ, ମଣିଷ ଏକ୍ ଲା ଯେତେବେଳେ ଆନନ୍ଦ ଖୋଜେ ଏବଂ ହୃଦୟ ଯେତେବେଳେ କାହାକୁ ପ୍ରବଳ ଭାବରେ ଭଲ ପାଇବାକୁ ଚାହେଁ—ମୋ ଜୀବନର ସେଇ ଆଧ୍ୟାତ୍ମିକ-ଅଧ୍ୟାୟ ଏଥି ଭିତରେ ଶେଷ ହୋଇଛି; ବର୍ତ୍ତମାନ ମୁଁ କେବଳ ଚାହେଁ ଅନ୍ୟମାନେ ମୋତେ ଭଲ ପାଆନ୍ତୁ ଏବଂ ସେମାନଙ୍କ ସଂଖ୍ୟା ଯେପରି ବେଶି ନହୁଏ ! ସତ କହିବାକୁ ଗଲେ କାହାରି ଜଣକର ସ୍ଥାୟୀ ପ୍ରେମ ମୋ ପକ୍ଷରେ ହିଁ ଯଥେଷ୍ଟ— ଏଇଟା ମୋ ହୃଦୟର ଗୋଟାଏ ଜଘନ୍ୟ ଅଭ୍ୟାସ···

ମୋ ନିଜ ପାଖରେ ସବୁବେଳେ ଏଇଟା ଅଦ୍ଭୁତ ମନେ ହୋଇଛି, ଯେଉଁ ଝିଅମାନଙ୍କୁ ମୁଁ ଭଲ ପାଇଛି, କେବେହେଲେ ସେମାନଙ୍କର ଗୋଲାମ୍ ହୋଇନାହିଁ । ବରଂ ଓଲଟା; ନିଜଆଡ଼ୁ କୌଣସି ଚେଷ୍ଟା ନକରି ମଧ୍ୟ ସେମାନଙ୍କ ମନ ଏବଂ ହୃଦୟ ଉପରେ ମୁଁ ବିସ୍ତାର କରିଛି ଦୁର୍ଜୟ ଆଧିପତ୍ୟ । କାହିଁକି ଏଇଟା ହୁଏ ? ଏଇଟାର କାରଣ କ'ଣ ଏଇ ଯେ, ମୋ ପାଖରେ କୌଣସିଟିରହିଁ ମୂଲ୍ୟ ନାହିଁ ଆଉ ସେମାନେ ପ୍ରତ୍ୟେକ ମୁହୂର୍ତ୍ତରେ ଭୟ କରନ୍ତି ପଛକେ ସେମାନଙ୍କ ଆୟତ୍ତର ବାହାରକୁ

Digitized by srujanika@gmail.com

ମୁଁ ଭୁଲିଯାଏ ? କିମ୍ବା ତୋଇଟାର କାରଣ ମୋ ଭିତରର ଆକର୍ଷଣୀ ଶକ୍ତି ? କିମ୍ବା ଖାଲି ହୁଏତ ଏଇ ଯେ ଏ ପର୍ଯ୍ୟନ୍ତ କୌଣସି ତରଳବଳ-ସମ୍ପନ୍ନା ସ୍ତ୍ରୀଅ ସହିତ ମୋ'ର ସାକ୍ଷାତ ହୋଇନାହିଁ ?

ମୋତେ ସ୍ୱୀକାର କରିବାକୁ ହେବ, ଯେଉଁ ସ୍ତ୍ରୀଅମାନଙ୍କର ନିଜସ୍ୱ-ମନ ବୋଲି ଗୋଟାଏ ଜିନିଷ ଅଛି, ସେମାନଙ୍କୁ ମୁଁ ପସନ୍ଦ କରେନା— ନିଜସ୍ୱ-ମନ ସ୍ତ୍ରୀଅମାନଙ୍କୁ ଶୋଭା ପାଏନା !···

ଅବଶ୍ୟ ବର୍ତ୍ତମାନ ମୋର ମନେପଡ଼ୁଛି, ଥରେ ଏବଂ ଥରେମାତ୍ର, ଗୋଟିଏ ଦୃଢ଼ଚେତା ସ୍ତ୍ରୀଅର ପ୍ରେମରେ ମୁଁ ପଡ଼ିଥିଲି, ତାକୁ ମୁଁ ଜୟ କରି ପାରିନାହିଁ···। ଆମର ବିଚ୍ଛେଦ ହେବା ପରେ ଆମେ ପରସ୍ପରର ଶତ୍ରୁ ହୋଇପଡ଼ୁ । କିନ୍ତୁ ଯଦି ତା ସହିତ ପାଞ୍ଚବର୍ଷ ପରେ ଦେଖା ହୋଇଥାନ୍ତା, ତାହେଲେ ବିଚ୍ଛେଦଟା ହୁଏତ ହୋଇଥାନ୍ତା ପୂରାପୂରି ଅନ୍ୟ ଭାବରେ···

ବର୍ତ୍ତମାନ ଭେରା ଅସୁସ୍ଥ । ଅତି ଅସୁସ୍ଥ । ଯଦିଓ ସେକଥା ସେ ସ୍ୱୀକାର କରିବ ନାହିଁ; ମୋର ଭୟ ହୁଏ ତାକୁ ଯକ୍ଷ୍ମା ଆକ୍ରମଣ କରିଛି କିମ୍ବା ସେଇ ରୋଗ, ଯାହାକୁ କୁହନ୍ତି Fievre lente *—ମୋଟେ ଦୁଷ୍ପ୍ରା ରୋଗ ନୁହେ, ସେଥିପାଇଁ ଆମ ଭାଷାରେ ତା'ର ନାମ ନାହିଁ ।

ରାତିରେ ଥାଉଥାଉ ଝଡ଼-ବୃଷ୍ଟି-ବଜ୍ରପାତ ଆରମ୍ଭ ହୋଇଗଲା, ଫଳରେ ଆମକୁ ସେଠାରେ ଆଉରି ଅଧଘଣ୍ଟାଏ ରହିବାକୁ ପଡ଼ିଲା । ମୋ ହାତ ସେ ପ୍ରତିଜ୍ଞା କରାଇ ନେଲା ନାହିଁ ଯେ, ତା' ପ୍ରତି ଏକନିଷ୍ଠ ରହିବାକୁହିଁ ହେବ, ଏକଥା ମଧ୍ୟ ସେ ଜାଣିବାକୁ ଚାହିଁଲା ନାହିଁ ଯେ, ଆମ ଦୁହିଙ୍କ ବିଚ୍ଛେଦ ପରେ ଅନ୍ୟ ସ୍ତ୍ରୀଅମାନଙ୍କୁ ମୁଁ ଭଲ ପାଇଛି କି ନାହିଁ··· । ଧୂଂପରି ସେ ପୁଣି ମୋତେ ଆଗମନ୍ତୁ ବିବେଚନା ନ କରି ବିଶ୍ୱାସ କଲା—ତାକୁ ପ୍ରତାରଣା କରିବାକୁ ମୋର ବିବେକ ମୋତେ ବାଧା ଦିଏ । ମୁଁ ଜାଣେ, ଶୀଘ୍ରହିଁ ପୁଣି ଆମର ବିଚ୍ଛେଦ ହେବ, ହୁଏତ ଚିରଦିନ ପାଇଁ ! ଦୁଇଜଣଯାକ ଆମେ ବିଭିନ୍ନ ପଥରେ କବର ପାଖରେ ଯାଇ ହାଜର ହେବୁଁ, କିନ୍ତୁ ସବଦାହିଁ ତା କଥା ମୋ ମନରେ ଥିବ । ଏକଥା ତାକୁ ମୁଁ ବରାବର କହି ଆସିଛି ଆଜି ସେ ପୂର୍ଣ୍ଣ ବିଶ୍ୱାସ କରିଛି, ଯଦିଓ ସେ ବିଶ୍ୱାସ କରେନାହିଁ ବୋଲି କୁହେ ।

*କ୍ଲାନ୍ତିକର ଜ୍ୱର ।

Digitized by srujanika@gmail.com

ଅବଶେଷରେ ଆମେ ଫେରସ୍ତ ନେଲୁ । ପଥର ଆଉ ବୁଦାବୁଦିକିଆ ଜଙ୍ଗଲ ଅନ୍ତରାଳରେ ଯେତେବେଳପର୍ଯ୍ୟନ୍ତ ତା'ର ବନେଇଠା ଅଦୃଶ୍ୟ ନହୋଇଛି, ସେତେବେଳପର୍ଯ୍ୟନ୍ତ ସେଠି ଠିଆହୋଇ ତାକୁ ମୁଁ ଦୃଷ୍ଟିଦ୍ୱାରା ଅନୁସରଣ କଲି । ବେଦନାରେ ମୋର ହୃଦୟ ହାହାକାର କରି ଉଠିଲା, ଠିକ୍ ପ୍ରଥମଥର ଆମ ବିଚ୍ଛେଦ ପରି । ଆଃ ! ଏଇ ଅନୁଭୂତିରେ ମୋର କି ଆନନ୍ଦ ବା ନହେଲା ! ଯୌବନ ପୁଣି କ'ଣ ଆନନ୍ଦର ପ୍ଲାବନ ନେଇ ଦେଖାଦେଲା ନା ଏଇଟା ତା'ର ବିଦାୟର ଗୃହାଣି, ବିଚ୍ଛେଦର ଉପହାର—ଗୋଟାଏ ସ୍ମୃତିଚିହ୍ନ !...ଆଉ ଭାବିଲେ ଅବାକ୍ ଲାଗେ, ବର୍ତ୍ତମାନ ଦେଖିବାକୁ ପିଲାଟିଏ ପରି; ଯଦିଓ ମୁହିଁ ମୋର ମଳିନ, ତଥାପି ବର୍ତ୍ତମାନ ସେଥିରେ କ୍ଲାନ୍ତିର ଛାପ ନାହିଁ, ଅଙ୍ଗପ୍ରତ୍ୟଙ୍ଗ ମୋର ନମନୀୟ ଓ ସାବଲୀଳ, ମୁଣ୍ଡର ବାଳଗୁଡ଼ିକ ଘନ ଆଉ କୁଞ୍ଚିତ, ଉଜ୍ଜ୍ୱଳ ଆଖି ଆଉ ଶିରରେ ଶିରରେ ଦ୍ରୁତ ଛନ୍ଦରେ ରକ୍ତ ଛୁଟି ଚାଲିଛି...

ଫେରି ଆସି ଘୋଡ଼ାରେ ବସି ଘୋଡ଼ାକୁ ଛୁଟାଇଲି ତୃଣଭୂମିକୁ; ଘାସଘାସ ଭିତର ଦେଇ ତେଜୀଆନ୍ ଘୋଡ଼ାରେ ଚଢ଼ି ଛୁଟିବାକୁ ଭାରି ଭଲ ଲାଗେ ମୋତେ । ମୁହଁରେ ଆସି ବାଜେ ମରୁଭୂମିର ପବନ, ସୁଗନ୍ଧୀ-ପବନକୁ ସାଗ୍ରହରେ ପାନ କରେ, ନୀଳାଭ ଦିଗନ୍ତ ଆଡ଼କୁ ଚାହିଁଥାଏ ଆଉ ନାନା ଜନପଦର ଅସ୍ପଷ୍ଟ ପରିଲେଖକୁ ଲକ୍ଷ୍ୟକରେ—ପ୍ରତିମୁହୂର୍ତ୍ତରେ ସେ-ଗୁଡ଼ିକ ହୋଇ ଉଠେ ସ୍ପଷ୍ଟତର । ଦୁଃଖରେ ହୃଦୟ ଭାରାକ୍ରାନ୍ତ ଅଥବା ଦୁଶ୍ଚିନ୍ତାରେ ମନ ପୀଡ଼ିତ ଯାହାଙ୍କଠୁ ହେଇ ଥାଉନା କାହିଁକି, ମୁହୂର୍ତ୍ତକ ଭିତରେ ତାହା ଅଦୃଶ୍ୟ ହୁଏ ଏବଂ ଶାରୀରିକ-କ୍ଲାନ୍ତ ମାନସିକ ଅଶାନ୍ତି ଉପରେ ଅଧିକାର ବିସ୍ତାର କରିବା ସଙ୍ଗେ ସଙ୍ଗେ ଶାନ୍ତି ଓହ୍ଲାଇ ଆସେ ଅନ୍ତରାତ୍ମା ଉପରେ । ଦକ୍ଷିଣାଞ୍ଚଳର ରୌଦ୍ର-ସ୍ନାତ ଅରଣ୍ୟମୟ ପର୍ବତ ଏବଂ ନୀଳ ଆକାଶକୁ ଦେଖିବା ବେଳେ ଅଥବା ଏ ପଥର ଉପରୁ ସେ ପଥର ଉପରକୁ ଲମ୍ଫ ଦେଉଥିବା ଝରଣାର ଗର୍ଜନ ଶୁଣିବା ବେଳେ ଯେକୌଣସି ନାଗର ଆଖି କଥା ମୁଁ ଭୁଲିପାରେ ।

ମୋର ଦୃଢ଼ ବିଶ୍ୱାସ, ପହରା ଦେବାର ଉଚ୍ଚ ବୁରୁଜ ଗୁଡ଼ିକ ଭିତରୁ ଚୁଲାଉଥିବା ଦଣ୍ଡାୟମାନ କସାକ୍-ପ୍ରହରୀମାନେ ଉଦ୍ଦେଶ୍ୟହୀନ ଭାବରେ

Digitized by srujanika@gmail.com

ଘୋଡ଼ାରେ ଚଢ଼ି ମୋତେ ଛୁଟିବା ଦେଖି ନିଶ୍ଚୟନ୍ତି ହତବୁଦ୍ଧି ହୋଇ-
ଯାଇଥିଲେ ! କାରଣ, ମୋର ବେଶଭୂଷା ପାଇଁ ନିଶ୍ଚୟ ସେମାନେ ମୋତେ
ଚେର୍‌କେଶୀୟ ବୋଲି ଭାବି ଭୁଲ୍ କରିଥିଲେ । ଆଉ ବାସ୍ତବିକ ମୁଁ
ଶୁଣିଥିଲି, ଚେର୍‌କେଶୀୟମାନଙ୍କ ପୋଷାକ ପିନ୍ଧି ଘୋଡ଼ା ପିଠିରେ ବସିଲେ
ମୋତେ ବେଶି କାବାର୍ଡୀୟ ବୋଲି ମନେହୁଏ । ପ୍ରକୃତରେ ଏଇ ଚମତ୍କାର
ସାମରିକ ବେଶଭୂଷା କଥା ଧରିଲେ ମୋତେ ଅନେକାଂଶରେ ବାବୁ ବୋଲି
କହିବାକୁ ହେବ : ଟିକେ ହେଲେ ବି ଅଧିକା ଫିତା ନାହିଁ, ଅତି ସାଧାରଣ
କୋଷରେ ଦାମିଦାମି ଅସ୍ତ୍ରଶସ୍ତ୍ର, ମୋ ଟୋପିର ଲୋମ ଖୁବ୍ ବଡ଼ ଲମ୍ବା
ଗ୍ରେଟ ନୁହେଁ, ଲେଗିଂ ଆଉ ନରମ ଚମଡ଼ାର ବୁଟ୍ ଯୋଡ଼ାକ ନିଖୁଣ,
ବେଶ୍‌ମେଟ୍‌ଟା ଧଳା ଆଉ ଚେର୍‌କେଶୀୟ କୋଟ୍‌ଟା ଗାଢ଼ ଖଇରି ରଙ୍ଗର,
ପାହାଡ଼ିଆ ଲୋକେ ଯେପରି ଘୋଡ଼ାରେ ଚଢ଼ନ୍ତି; ବହୁଦିନ ଧରି ସେଇପରି
ବସିବାକୁ ଅଭ୍ୟାସ କରି ନେଇଛି । କକେଶୀୟମାନେ ଯେପରି ଘୋଡ଼ାରେ
ଚଢ଼ନ୍ତି, ମୁଁ ସେହିପରି ଘୋଡ଼ାଚଢ଼ିପାରେ ବୋଲି ପ୍ରଶଂସା କଲେହିଁ ମୋର
ସବୁଠାରୁ ବେଶି ଅହଙ୍କାର ହୁଏ । ଚାରିଟା ଘୋଡ଼ା ମୋ'ର—ଗୋଟାଏ
ନିଜପାଇଁ, ଅନ୍ୟ ତିନିଟା ବନ୍ଧୁ-ବାନ୍ଧବମାନଙ୍କ ପାଇଁ—ଯେଉଁଥିରେ
ପ୍ରାନ୍ତର ଭିତରେ ଏକାଏକା ଘୋଡ଼ାପିଠିରେ ବୈଚିତ୍ର୍ୟହୀନତା
କବଳରୁ ମୁଁ ରକ୍ଷା ପାଏ । କିନ୍ତୁ ମୋ ଘୋଡ଼ାରେ ଚଢ଼ିବାକୁ ଭଲପାଇଲେ
ବି ମୋ ସହିତ କେବେହେଲେ ସେମାନେ ଘୋଡ଼ାରେ ଚଢ଼ି ବୁଲନ୍ତି
ନାହିଁ । ଏଥି ଭିତରେ ହୋଇଯାଇଛି ସନ୍ଧ୍ୟା ଛ'ଟା । ମନେ ପଡ଼ିଲା
ବର୍ତ୍ତମାନ ରାତିଭୋଜନର ବେଳ; ତା ଛଡ଼ା ଘୋଡ଼ାଟା ମୋର କ୍ଲାନ୍ତ
ହୋଇପଡ଼ିଛି । ପିଆଟିଗୋର୍ସ୍କଠାରୁ ଜର୍ମାନ-ଉପନିବେଶ ପର୍ଯ୍ୟନ୍ତ ଯୋଉ
ରାସ୍ତା ଯାଇଛି, ସେଇ ରାସ୍ତାଧରି ମୁଁ ଚାଲିଲି । ଖଣିଜ-ଜଳ ଉତ୍ସ ସମାଜର
ଲୋକେ ପ୍ରାୟ ସେଠାକୁ ଯା'ନ୍ତି ବଣଭୋଜି ପାଇଁ । ଜଙ୍ଗଲିଆ ବାଟଦେଇ
ବୁଲି ବୁଲି ଯାଇଛି ରାସ୍ତାଟା, ଅଗଭୀର ଗର୍ତ୍ତ ଗୁଡ଼ିକରେ ବୁଡ଼ି ବୁଡ଼ି । ଘାର୍ଦ
ଦାସର ଗୁଚ୍ଛା ତଳେ ସେଠି ସଶବ୍ଦରେ ବହି ଚାଲିଛି କ୍ଷୁଦ୍ର କ୍ଷୁଦ୍ର ଜଳସ୍ରୋତ
ଚତୁର୍ଦ୍ଦିଗରେହିଁ ବେଶ୍‌ତୁ, ଜ୍‌ମେଇନାୟା, ଜେଲେଜନାୟା ଆଉ ଲିସାୟାର
ସୁଦୀର୍ଘ ନୀଳ ଉନ୍ମୁକ୍ତ ରଙ୍ଗଭୂମି । ଗୋଟାଏ ଖାଲ ଭିତରେ ଓହ୍ଲାଇ
ଘୋଡ଼ାଟାକୁ ପାଣିପିଆଇବା ପାଇଁ ଯେତେବେଳେ ଠିଆ ହୋଇଛି, ସେତେ-

Digitized by srujanika@gmail.com

ତେବେ ଦେଖିଲି ରାସ୍ତାରେ ହଇଚଇ କରି ଗଡ଼ି ଆସୁଛନ୍ତି ଉଜ୍ଜ୍ୱଳ ପୋଷାକ ପରିହିତ ଦଳେ ଅଶ୍ୱାରୋହୀ । କଳା ଆଉ ଆକାଶପରି ନୀଳ ରଙ୍ଗର ପୋଷାକ ପରିହିତା ଝିଅମାନେ ବି ଅଛନ୍ତି ସେ ଦଳରେ, ପୁରୁଷମାନଙ୍କ ପୋଷାକ ହେଲା ଚେର୍‌କେଶୀୟ ଆଉ ନିଝ୍‌ନି-ନଭୋଗୋରଦ୍‌ବାସୀମାନଙ୍କ ବେଶଭୂଷାର ମିଶ୍ରଣ । ସାମ୍‌ନାରେ ଘୋଡ଼ା ପିଠି ଉପରେ ଅଛି ଗ୍ରୁସ୍‌ନିଟ୍‌ସ୍କି ଆଉ ରାଜକୁମାରୀ ମେରି ।

ଯେଉଁସବୁ ମହିଳାମାନେ ଏଠାକୁ ପାଣି ପିଇବାକୁ ଆସନ୍ତି, ବର୍ତ୍ତମାନ ସେମାନେ ବିଶ୍ୱାସ କରନ୍ତି ପ୍ରକାଶ୍ୟ ଦିବାଲୋକରେ ଚେର୍‌କେଶୀୟମାନଙ୍କର ଆକ୍ରମଣ କରିବା କଥା; ସେଇ କାରଣରୁ ବି ହୁଏତ ଗ୍ରୁସ୍‌ନିଟ୍‌ସ୍କି ତା ସୈନିକମାନଙ୍କ ଗ୍ରେଟ୍‌କୋଟ୍ ଉପରେ କମରବନ୍ଧ ସହିତ ଖଣ୍ଡେ ପିସ୍ତଲ୍ ଆଉ ତରବାରି ଝୁଲାଇଛି । ଏଇ ଧରଣର ବୀରର ପୋଷାକରେ ସେ ଦେଖା ଯାଉଥିଲା ହାସ୍ୟକର । ଗୋଟାଏ ଉଚ ବୁଦା ସେମାନଙ୍କ ପାଖରୁ ମୋତେ ଆଢ଼ୁଆଳ କରି ରଖିଥିଲା, କିନ୍ତୁ ପତ୍ର ଫାଙ୍କ ଦେଇ ମୁଁ ସ୍ପଷ୍ଟ ସବୁ ଦେଖି ପାରୁଥିଲି । ତା ମୁହଁ ଉପରର ଅଭିବ୍ୟକ୍ତି ଦେଖି ବୁଝିପାରିଲି, କଥାବାର୍ତ୍ତାର ଢଙ୍ଗ ଭାବାଳୁ । ଅବଶେଷରେ ରାସ୍ତାଟା ଯେଉଁଠି ମୋଡ଼ିଯାଇଛି ସେଇଠି ସେମାନେ ପହଞ୍ଚିଲେ । ରାଜକୁମାରୀର ଘୋଡ଼ା ଲଗାମ୍‌କୁ ଟିପି ଧରିଲା ଗ୍ରୁସ୍‌ନିଟ୍‌ସ୍କି । ବର୍ତ୍ତମାନ ସେମାନଙ୍କ କଥାବାର୍ତ୍ତାର ଶେଷ ଅଂଶ ଶୁଣିବାକୁ ପାଇଲି :

ରାଜକୁମାରୀ କହିଲା, "ଆପଣ ଆଜୀବନ କକେଶସ୍‌ରେ ରହିବାକୁ ଚାହାନ୍ତି ?"

ତା'ର ସହଚର ଉତ୍ତର ଦେଲା, "ରୁଷିଆ ପ୍ରତି ମୋର ଆକର୍ଷଣ ଆଉ କେଉଁଥି ପାଇଁ ? ସେଇଟା ଏପରି ଦେଶ ଯେ, ମୋ ଠାରୁ ବଡ଼ଲୋକ ବୋଲି ହଜାର ହଜାର ଲୋକ ମୋତେ ଘୃଣା କରିବେ । କିନ୍ତୁ ଏଠି ଆପଣଙ୍କ ସହିତ ପରିଚିତ ହେବାରେ ଏଇ ମୋଟା ଗ୍ରେଟ୍‌କୋଟ୍‌ଟା ବାଧା ସୃଷ୍ଟି କରିନାହିଁ......"

ଆରକ୍ତ ହୋଇ ରାଜକୁମାରୀ କହିଲା, "ବରଂ ତାର ଓଲଟା-ଟା ହିଁ......"

Digitized by srujanika@gmail.com

ଗ୍ରୁସ୍‌ନିତ୍ସ୍କି ମୁହଁରେ ଫୁଟି ଉଠିଲା ଆନନ୍ଦର ଭାବ । ସେ କହି ଉଠିଲା, "ବର୍ବରମାନଙ୍କ ଗୁଳି ତଳେ ଏଠି ମୋର ଦିନ ଅଲକ୍ଷିତ ଭାବରେ ଦ୍ରୁତଚ୍ଛନ୍ଦରେ ବହିଯିବ, ଆଜି ଭଗବାନ ପ୍ରତିବର୍ଷ ଯଦି ଗୋଟିଏ କରି ନାରୀର ଉଜ୍ଜ୍ୱଳ ଦୃଷ୍ଟି ପଠାନ୍ତୁ, ଯେଉଁ ଦୃଷ୍ଟି......"

ସେତେବେଳକୁ ମୋ ପାଖରେ ସେମାନେ ପହଞ୍ଚିଛନ୍ତି । ଘୋଡ଼ା ପିଠିରେ ଚାବୁକ୍ କଷି ବୁଦା ଉହାଡ଼ରୁ ମୁଁ ବାହାରି ଆସିଲି ।

ଭୀତକଣ୍ଠରେ ରାଜକୁମାରୀ ଚିତ୍କାର କରି ଉଠିଲା, "ଭଗବାନ, ଇଏ ଚେର୍କେଶୀୟ !" ତାକୁ ଅଭୟ ଦେବାପାଇଁ ସାମାନ୍ୟ ନତ ହୋଇ ମୁଁ ଉତ୍ତର ଦେଲି, "ଭୟ କରନ୍ତୁ ନାହିଁ ମାଡାମ୍, ଆପଣଙ୍କ ସହକାରୀଟି ଅପେକ୍ଷା ମୁଁ ବେଶି ବିପଜ୍ଜନକ ନୁହେଁ ।"

ସିଏ କମିତ ଯେପରି ଧାବରେଇ ଗଲା—କାହିଁକି ଜାଣେ ନା ! ତା'ର ଭୁଲ୍ ପାଇଁ ନା ମୋର ଉତ୍ତରଟା ଔଦ୍ଧତ୍ୟପୂର୍ଣ୍ଣ ବୋଲି ତା'ର ମନେ ହେଲା ? କାମନା କରେ, ଯେପରି ଶେଷୋକ୍ତ କାରଣଟାହିଁ ହୁଏ ! ଅସନ୍ତୁଷ୍ଟ ହୋଇ ଗ୍ରୁସ୍‌ନିତ୍ସ୍କି ମୋ ଆଡ଼କୁ ଚାହିଁଲା ।

ସେ ଦିନ ବହୁତ ରାତିରେ, ଅର୍ଥାତ୍ ପ୍ରାୟ ଏଗାରଟାବେଳେ ଲାଇମ୍ କୁଞ୍ଜକୁ ମୁଁ ବୁଲିବାକୁ ଗଲି । ଗଭୀର ନିଦ୍ରାରେ ଆଚ୍ଛନ୍ନ ସହର । ମଝିରେ ମଝିରେ ଏଠି ସେଠି କୌଣସି କୌଣସି ଘର ଝରକାରେ ଆଲୁଅ ଦେଖା ଯାଉଛି । ତିନି ଦିଗରେ ମାଶୁକ୍ ପାହାଡ଼ରୁ ଉଦ୍‌ଗତ କାଳାଶୃଙ୍ଗ ଗୁଡ଼ିକ ଦେଖା ଯାଉଛି । ମାଶୁକ୍‌ର ଚୂଡ଼ାରେ ଏକ ଭୟ ବହ ମେଘ ସ୍ଥିରହୋଇ ରହିଛି । ପୂର୍ବ ଦିଗରୁ ଉଠି ଆସୁଛି ଚନ୍ଦ୍ର । ଦୂରରେ ତୁଷାରମଣ୍ଡିତ ଚୂଡ଼ା-ଗୁଡ଼ିକ ରୁପାର ଝାଲର ପରି ଚକଚକ କରୁଛି । ସମସ୍ତ ରାତିଟା ପାଇଁ ପ୍ରହରୀ-ମାନଙ୍କ ଚିତ୍କାର ସହିତ ମିଳିତ ହୋଇଛି ଝରଣାର ଶବ୍ଦ । ମଝିରେ ମଝିରେ ଖୁରର ଶବ୍ଦ ପ୍ରତିଧ୍ୱନିତ ହେଉଛି, ତା ସହିତ ଶୁଣାଯାଉଛି ଶଗଡ଼ ଗୁଡ଼ିକର କେଁ କେଁ ଶବ୍ଦ ଆଉ କରୁଣ ତାତାର୍-ସଙ୍ଗୀତର ଗୋଟିଏ ପାଖୁଡ଼ା । ଗୋଟାଏ ବେଞ୍ଚ୍‌ରେ ବସି ନିଜର ଚିନ୍ତାରେ ମୁଁ ବୁଡ଼ିଗଲି··· । ବନ୍ଧୁ ସହିତ ଆଳାପ କରି ମୋ ଚିନ୍ତାର ବୋଝକୁ ଓହ୍ଲାଇବାର ପ୍ରୟୋଜନ ମୁଁ ବୋଧ କଲି······କିନ୍ତୁ କାହା ସହିତ ଆଳାପ କରିବି ? ······ଭାବିଲି,

Digitized by srujanika@gmail.com

ଭେରା ବର୍ତ୍ତମାନ କ'ଣ କରୁଛି ? ତା' ହାତକୁ ସେତେବେଳେ ନିଜ ହାତ ମୁଠାରେ ପାଇବାପାଇଁ କେଣ ଚଡ଼ାଦର୍ ଦେବାପାଇଁ ମୁଁ ପ୍ରସ୍ତୁତ ଥିଲି ।

ଅକସ୍ମାତ୍ ମୁଁ ଦ୍ରୁତ, ଅସମାନ ପଦଧ୍ୱନି ଶୁଣିବାକୁ ପାଇଲି……। ହୁଏତ ଗ୍ରୁସ୍ନିତ୍‌ସ୍କି…ହଁ, ସେଇ !

କୁଆଡ଼େ ଯାଇଥିଲ ?"

ଗମ୍ଭୀର ହୋଇ ସେ ଉତ୍ତର ଦେଲା, "ରାଣୀ ଲିଗୋଭ୍‌ସ୍କାୟାଙ୍କ ଘରକୁ ! କି ଚମତ୍କାର ଗାଏ ମେରି ! …"

ମୁଁ କହିଲି, "ତୁମେ ଜାଣ ବୋଧହୁଏ, ବାଜିରଖି ମୁଁ କହିପାରେ, ସିଏ ମନେ କରୁଛି ତୁମେ ଏକ ପଦଚ୍ୟୁତ ଅଫିସର୍, ସାଧାରଣ ସାମରିକ ବିଦ୍ୟାଳୟର ଛାତ୍ର ନୁହଁ ।"

"ହୁଏତ ! କିନ୍ତୁ ସେଥିରେ ମୋର କିଛି ଯାଏ-ଆସେ ନା ! …" ଅନ୍ୟମନସ୍କ ଭାବରେ ସେ କହିଲା ।

"ମୁଁ ଖାଲି କଥାଟା ସିମିତି କହୁଥିଲି…"

"ତୁମେ ଜାଣ, ତୁମେ ତାକୁ ଭାରି ବଗାଡ଼ି ଦେଇଛ ? ସେ ମନେ କରେ, ସେଇଟା ତୁମର ନିଛକ ଧୃଷ୍ଟତା । ତାକୁ ବୁଝାଇବାକୁ ମୋତେ ଭୀଷଣ କଷ୍ଟ କରିବାକୁ ହୋଇଛି ଯେ, ତୁମର ଶିକ୍ଷାଦୀକ୍ଷା ଏତେ ଭଲ ଆଉ ଅଭିଜାତ ସମାଜର ଚାଲିଚଳଣି ତୁମେ ଏତେଭଲି ଜାଣ ଯେ, ତାକୁ ଅପମାନ କରିବା ପାଇଁ ତୁମର କୌଣସି ଇଚ୍ଛା ରହି ନ ପାରେ । ସେ କହୁଥିଲା ତୁମର ଚାହାଣିଟା ଉଦ୍ଧତ ଧରଣର ଆଉ ନିଶ୍ଚୟ ତୁମେ ଭାରି ଅହଂକାରୀ ।"

"ସିଏ ଠିକ୍ କହୁଛି……ମନେ ହେଉଛି, ତୁମେ ତା'ର ପକ୍ଷ ସମର୍ଥନ କରୁଛ, ନୁହେଁ ?"

"ବର୍ତ୍ତମାନ ସେପରି ଅଧିକାର ମୋର ନାହିଁ ବୋଲି ମୁଁ ଦୁଃଖିତ !…"

ମୁଁ ଭାବିଲି, "ଓ-ହୋ ! ସ୍ପଷ୍ଟ ମନେ ହେଉଛି, ତା'ର ଆଶା ଅଛି…"

ଗ୍ରୁସ୍ନିତ୍‌ସ୍କି କହି ଚାଲିଲା, "ଏଥିରେ ତୁମର କ୍ଷତିହିଁ ହେବ । ସ୍ୱା ଘରେ ସେମାନଙ୍କ ସହିତ ଆଳାପ କରିବା ତୁମ ପକ୍ଷରେ କଷ୍ଟକର ହୋଇ ଉଠିବ—କି ଦୁଃଖର କଥା ! ମୋର ଜଣାଶୁଣା ସବୁ ଭଲ ଭଦ୍ରମାନଙ୍କ ଭିତରେ ତାଙ୍କ ଘରଟା ଅନ୍ୟତମ…"

Digitized by srujanika@gmail.com

ମନେ ମନେ ମୁଁ ହସିଲି ।

"ବର୍ତ୍ତମାନ ସବୁଠାରୁ ଭଲଘର ହେଉଛି ମୋ ନିଜଟି ।" ହାଇ ମାରିମାରି ଚାଲିଯିବା ପାଇଁ ମୁଁ ଉଠି ପଡ଼ିଲି ।

"ତଥାପି ତୁମକୁ ସ୍ୱୀକାର କରିବାକୁ ହିଁ ହେବ ଯେ, ତୁମେ ଅନୁତାପ କରୁଛ ?"...

"କି ବାଜେ କଥା ! ଇଚ୍ଛାକଲେ କାଲି ରାତିରେ ହିଁ ମୁଁ ରାଣୀ ଘରକୁ ଯାଇପାରେ..."

"ଆଚ୍ଛା, ଦେଖାଯିବ..."

"ତୁମକୁ ସନ୍ତୁଷ୍ଟ କରିବାପାଇଁ ରାଜକୁମାରୀ ପାଖରେ ମୁଁ ପ୍ରେମ-ନିବେଦନ ମଧ୍ୟ କରିପାରେ..."

"ଅର୍ଥାତ୍ ସିଏ ଯେବେ ତୁମ ସହିତ କଥା କହିବାକୁ ରାଜିହୁଏ..."

"ତୁମ କଥାବାର୍ତ୍ତା ଯେତେ ବେଳଯାଏଁ ତାକୁ କ୍ଳାନ୍ତ ନ କରିଛି, ସେତେବେଳଯାଏଁ ମୁଁ ଅପେକ୍ଷା କରିବି... । ଶୁଭରାତ୍ରି ! ..."

"ଆଜି ମୁଁ ଘର ଭିତରେ ବୁଲିବି—କେବେହେଲେ ଅଡ଼ୁଆ ହୋଇ ପାରିବି ନାହିଁ । ...ଶୁଣ, ଚାଲ ଯିବା ରେସ୍ତୋରାଁକୁ, ସେଠି ଜୁଆ ଖେଳିବା...ଆଜି ରାତିରେ ମୋର ତୀବ୍ର ଉତ୍ତେଜନାର ଦରକାର... ।"

"ଆଶାକରେ, ତୁମେ ହାରିବ..."

ମୁଁ ଘରକୁ ଫେରିଗଲି ।

୨୧, ମଇ

ପ୍ରାୟ ସାତଦିନ କଟି ଯାଇଛି । ବର୍ତ୍ତମାନ ପର୍ଯ୍ୟନ୍ତ ଲିଗୋଭସ୍କି-ପରିବାର ସହିତ ମୁଁ ପରିଚିତ ହୋଇନାହିଁ । ଅପେକ୍ଷା କରୁଛି ସୁଯୋଗକୁ । ଛାୟା ପରି ରାଜକୁମାରୀ ସହିତ ଗ୍ରୁସ୍ନିତ୍ସ୍କି ଲାଗି ରହିଛି । ସେମାନେ କ୍ରମାଗତ କଥା କହି ଚାଲନ୍ତି, କିଏ ଜାଣେ କେତେବେଳେ ତାକୁ କ୍ଳାନ୍ତକର ଲାଗିବ ସେଣ ?... ଯାହା ଘଟୁଛି ସେଥିରେ ତା'ର ମା କୌଣସି ମନୋଯୋଗ ଦେଉନାହିଁ, କାରଣ ପାତ୍ର ହିସାବରେ ସେ ଅନୁପଯୁକ୍ତ । ଏଇ ହେଉଛି ମାଆର ଯୁକ୍ତି ! ଦୁଇ-ତିନୋଟି ମଧୁର ଚାହାଣି ମୁଁ ଲକ୍ଷ୍ୟ କରିଛି—ବ୍ୟାପାରଟାକୁ ରୋକିବାକୁ ହେବ ।

Digitized by srujanika@gmail.com

ଗତକାଲି କୁଅଟା ପାଖକୁ ପ୍ରଥମ କରି ଆସିଥିଲା ଭେରା··· । ଗୁହା ଭିତରେ ଆମର ଦେଖା-ସାକ୍ଷାତ ପରଠୁ ସେ ଘରୁ ବାହାରି ନାହିଁ । ଏକା ସମୟରେ ପାଣିରେ ଆମେ ଗିଲାସ ବୁଡ଼ାଇଲୁ ଆଉ ନଇଁପଡ଼ିବା ବେଳେ ସିଏ ଚୁପ୍‌କରି ମୋତେ କହିଲା :

"ଲିଗୋଭସ୍କିଙ୍କ ଘରକୁ ଯିବାକୁ ତୁମେ ଚାହଁନା ! ସେଇଟାହିଁ ହେଉଛି ଏକମାତ୍ର ଜାଗା ଯେଉଁଠି ଆମର ଦେଖା, ସାକ୍ଷାତ ହୋଇ ପାରେ···"

ଭଦ୍ର'ନା···କ ବୈଚିତ୍ର୍ୟହୀନ ! କିନ୍ତୁ ଏଇଟା ମୋର ପାଉଣା ଥିଲା ।···

ଭଲକଥା, ରେସ୍ତୋରାଁର ହଲ୍‌ଘରେ ଚାନ୍ଦା ଉଠାଇ ଗୋଟିଏ ନାଚର ଆୟୋଜନ ହୋଇଛି । ରାଜକୁମାରୀ ସହିତ ମୁଁ ମାଜୁର୍କା ନାଚିବାକୁ ଚାହେଁ ।

୨୨, ମଇ

ନୋବଲ୍‌ମାନଙ୍କ କ୍ଲବ୍‌ର ହଲ୍‌ଘର ପରି ରୂପାନ୍ତରିତ ହୋଇଛି ରେସ୍ତୋରାଁର ହଲ୍‌ଟା । ନ'ଟା ଭିତରେ ସମସ୍ତେ ପହଞ୍ଚିଲେ । ଯେଉଁମାନେ ସବା ଶେଷରେ ପହଞ୍ଚିଲେ, ସେମାନଙ୍କ ଭିତରେ ଥିଲେ ରାଣୀ ଲିଗୋଭ୍‌ସ୍କାୟା ଆଉ ତାଙ୍କ କନ୍ୟା । ଅନେକ ମହିଳା ରାଜକୁମାରୀ ମେରି ଆଡ଼କୁ ଈର୍ଷା ଓ ବିଦ୍ୱେଷମିଶ୍ରିତ ଦୃଷ୍ଟି ନିକ୍ଷେପ କରିବାକୁ ଲାଗିଲେ; କାରଣ ତା'ର ବେଶଭୂଷା ଅତିଶୟ ସୁରୁଚିପୂର୍ଣ୍ଣ । ନିଜକୁ ଯେଉଁମାନେ ସ୍ଥାନୀୟ ଅଭିଜାତ ସମ୍ପ୍ରଦାୟର ବୋଲି ମନେ କରନ୍ତି, ସେମାନେ ଈର୍ଷା ଗୋପନ କରି ତା ସହିତ ଲାଗି ରହିଲେ । ଯା ଛଡ଼ା ଆଉ କ'ଣ ଆଶା କରାଯାଇପାରେ ? ଯେଉଁଠି ମାଇକିନିଆଙ୍କ ଆଡ୍‌ଡା, ସେଇଠାରେହିଁ ସଙ୍ଗେସଙ୍ଗେ ଦୁଇଟି ଭାଗ ହୋଇଯାଏ—ସମ୍ଭ୍ରାନ୍ତ ଏବଂ ସାଧାରଣ । ଝରକା ବାହାରେ ଅନ୍ୟମାନଙ୍କ ସହିତ ଠିଆ ହୋଇଥିଲା ଗ୍ରୁସ୍‌ନିତ୍‌ସ୍କି । ଝରକାର କାଚରେ ମୁହଁଟା ଚାପି ବ୍ୟଗ୍ର ଦୃଷ୍ଟିରେ ସେ ଅନାଇଁଥିଲା ତା'ର ଆରାଧ୍ୟା ଦେବୀ ଆଡ଼କୁ; ତା ପାଖଦେଇ ଯିବା ବେଳେ ରାଜକୁମାରୀ ଏପରି ସାମାନ୍ୟ ମୁଣ୍ଡ ନୁଆଁଇଲା, ଯାହା ପ୍ରାୟ ବୁଝା

Digitized by srujanika@gmail.com

ପଡ଼େନାହିଁ ! ଗ୍ରୁସ୍‌ନାଭ୍‌ସ୍କି ସ୍ୱର୍ଗୀୟଗୀତ ଝଙ୍କମଙ୍କ କରି ଉଠିଲା··· । ପ୍ରଥମ ନାଚ ହେଲା ପୋଲୋନେଜ୍; ତା'ପରେ ଅର୍କେଷ୍ଟ୍ରା ଆରମ୍ଭ କଲା ଓ୍ୱାଲ୍‌ସ୍ । ଜୋଡ଼ାର କଣ୍ଠମାନ ଶବ୍ଦିତ ହୋଇ ଉଠିଲା, ଚକ୍ରାକାରରେ ଘୂରିବାକୁ ଲାଗିଲା ଲମ୍ବା କୋଟ୍‌ର ତଳ ଅଂଶଟା ।

ଗୋଟିଏ ହୃଷ୍ଟପୁଷ୍ଟ ମହିଳା ପଛରେ ଠିଆ ହୋଇଥିଲି ମୁଁ । ମୋର ମନେହେଉଥିଲା ଯେପରି ଗୋଟାଏ ଗୋଲାପୀ ଗିର ତଳେ ମୁଁ ଠିଆ ହୋଇଛି ! ତା'ର ଚଟକଦାର ଗାଉନ୍ ମନେ ପକାଇ ଦିଏ ଅତୀତ ଯୁଗର କଥା; ଯେତେବେଳେ କନ୍ଧମୁକ୍ତ ସାୟା ପିନ୍ଧିବା ପ୍ରଚଳିତ ଥିଲା, ତା'ର ଖସ୍‌ଖସ୍ ଚମଡ଼ା ଉପରେ ଦାଗଗୁଡ଼ିକ କଳା ତଫେଟାର ସୌନ୍ଦର୍ଯ୍ୟ-ତିଳକ ପିନ୍ଧିବାର ଆନନ୍ଦିତ-ଯୁଗର ସ୍ମୃତି ମନରେ ଆଣେ । ତା ବେକର ସବୁଠାରୁ ବଡ଼ ଓଢ଼ଣୀଟା ଗୋଟାଏ ମାଳାହାର ଲୁକ୍‌କାୟିତ । ତା'ର ସଙ୍ଗୀ, ଅଶ୍ୱାରୋହୀ ବାହିନୀର ଜଣେ କ୍ୟାପ୍‌ଟେନ୍‌ଙ୍କୁ ସେ କହୁଥିଲା :

"ରାଜକୁମାରୀ, ରାଣୀ ଲଗୋଭ୍‌ସ୍କାୟା ଉଦ୍ଧତ ଜାତିର ସ୍ତ୍ରୀ । ଭାବନ୍ତୁ ଥରେ, ମୋତେ ଧକ୍‌କା ମାରି କ୍ଷମା ମାଗିବାର କଥାଟା ମନକୁ ଆସିଲା ନାହିଁ, ତା' ଉପରେ ପୁଣି କ'ଣ ନା ବୁଲି ଠିଆହୋଇ ଚଷମାଟା ଦେଇ ମୋତେ ଦେଖିବାକୁ ଲାଗିଲା··· । Cest impayable !* ··· ତା'ର ଗର୍ବ କରିବାରେ ଅଛି ବା କଣ ? ଉଚିତ୍ ଶିକ୍ଷା ପାଇଲେ ତେବେ ଯାଇ ସିଧା ହେବ···"

ବଶମ୍ବଦ କ୍ୟାପ୍‌ଟେନ୍‌ଟି କହିଲା : "ମୋ ହାତରେ ଛାଡ଼ି ଦିଅନ୍ତୁ !" ତା'ପରେ ସେ ଅନ୍ୟ ଘରକୁ ଚାଲିଗଲା ।

ତତ୍‌କ୍ଷଣାତ୍ ମୁଁ ରାଜକୁମାରୀ ପାଖକୁ ଯାଇ ଓ୍ୱାଲ୍‌ସ୍ ନାଚିବା ପାଇଁ ଅନୁରୋଧ କଲି ! ସ୍ଥାନୀୟ ରୀତି ଅନୁସାରେ ଅପରିଚିତା ସହିତ ମୁଁ ନାଚିପାରେ । ମୁଁ ସେ ସୁଯୋଗ ନେଲି ।

ସେ ମୃଦୁହସ ହସି ତା ବିଜୟର ଆନନ୍ଦ ଲୁଚି ପାରିଲା ନାହିଁ । କିନ୍ତୁ ଚଟ୍‌କରି ସେ ସମ୍ପୂର୍ଣ୍ଣ ଉଦାସୀନ, ଏପରିକି କଠୋର-ଭାବ ଦେଖାଇଲା । ତାଚ୍ଛଲ୍ୟ ଭାବରେ ମୋ କାନ୍ଧ ଉପରେ ସେ ହାତ ରଖିଲା,

* (ଫରାସୀ ଭାଷାରେ)—ଏଇଟା ଅସହ୍ୟ ।

Digitized by srujanika@gmail.com

ମୁଣ୍ଡଟାକୁ ଗୋଟାଏ ଆଡ଼କୁ ସାମାନ୍ୟ ଝୁଙ୍କାଇଲ, ଆଉ ଆମେ ନାଚିବା ଆରମ୍ଭ କରିଦେଲୁ । ଏପରି କାମୋଦ୍ରେକକାରୀ ନମନୀୟ-କଟିଦେଶ ସ୍ପର୍ଶ ପୂର୍ବରୁ ମୁଁ କେବେହେଲେ ଦେଖିନାହିଁ । ତା'ର ସୁଗନ୍ଧୀ ନିଃଶ୍ୱାସ ମୋ ମୁହଁରେ ଲାଗିବାକୁ ଲଗିଲ; ମଝିରେ ମଝିରେ ନାଚର ଦ୍ରୁତ ପାଇଁ ତା ବାଳର ଗୋଟିଏ ଗୁଚ୍ଛ ବିଚ୍ଛିନ୍ନ ହୋଇ ମୋ ଉତ୍ତପ୍ତ ଗାଲ ଉପରେ ପଡ଼ିବାକୁ ଲଗିଲ··· । ଘରର ଚତୁର୍ଦ୍ଦିଗରେ ମୁଁ ଝିମିଥର ଧରି ଆସିଲ । (ଅତି ଚମତ୍କାର ସିଏ ଓ୍ୱାଲ୍‌ସ୍ ନାଚ) ସେ ଧଇଁସଇଁ ହୋଇଗଲା, ଆଖିର ଦୃଷ୍ଟି ତା'ର ଝାପ୍‌ସା ହୋଇ ଆସିଲ ଆଉ ତା'ର ଅର୍ଦ୍ଧ-ସ୍ଫୁରିତ-ଅଧରରୁ କୌଣସି ପ୍ରକାରେ ଏଇ ସ୍ୱଗତ କଥା ବାହାରି ଆସିଲ, "Merci, monsieur !"*

କେତେ ମିନିଟ୍ ପରେ ଅତି ବିନୀତଭାବ ଦେଖାଇ ମୁଁ କହିଲି :

"ରାଜକୁମାରୀ, ମୁଁ ଶୁଣିଛି ଯେ ଆପଣଙ୍କର ସମ୍ପୂର୍ଣ୍ଣ ଅପରିଚିତ ହେବା ସତ୍ତ୍ୱେ ମଧ୍ୟ ଆପଣଙ୍କର ବିରକ୍ତିଭାଜନ ହେବାର ଦୁର୍ଭାଗ୍ୟ ମୋର କୁଅଡ଼େ ହୋଇଛି···ଶୁଣିଛି, ମୋ ଭିତରେ ଧୃଷ୍ଟତା ଆପଣ କୁଆଡ଼େ ଲକ୍ଷ୍ୟ କରିଛନ୍ତି··· ! କଥାଟା କ'ଣ ସତ ?"

"ଆଉ ସେଇ ଧାରଣାଟାକୁ ଆପଣ କ'ଣ ବର୍ତ୍ତମାନ ଦୃଢ଼ କରିବାକୁ ଚାହାନ୍ତି ?" ଶ୍ଳେଷାତ୍ମକ ମୁଖଭଙ୍ଗୀ କରି ହସି ସେ ଉତ୍ତର ଦେଲା । ତା'ର ଦ୍ରୁତ ପରିବର୍ତ୍ତନଶୀଳ ମୁଖାବୟବ ସହିତ, ପ୍ରସଙ୍ଗତଃ, ସେଇ ମୁଖଭଙ୍ଗୀଟି ସୁନ୍ଦର ମାନିଲ ।

"କୌଣସି ପ୍ରକାରେ ଆପଣଙ୍କ ବିରାଗଭାଜନ ହେବାର ଧୃଷ୍ଟତା ମୋର ଯେବେ ହୋଇଥାଏ, ତାହେଲେ ମୋର ଏ ଆହୁରି ବେଶି ଧୃଷ୍ଟତା ଆପଣ କ'ଣ କ୍ଷମା କରିବେ, ଯଦି ମୋତେ କ୍ଷମା କରିବାକୁ ମୁଁ ଅନୁରୋଧ କରେ ? ବାସ୍ତବିକ ମୁଁ ପ୍ରଣାମ କରିବାକୁ ଚାହେଁ, ମୋ ସମ୍ବନ୍ଧରେ ଆପଣ ଭୁଲ୍ ଧାରଣା କରି ରଖିଛନ୍ତି···"

"ସେଇଟା କରିବା ହୁଏତ ଆପଣଙ୍କ ପକ୍ଷରେ କଠିନ ହେବ···"

"କାହିଁକି ?···"

*(ଫରାସୀ ଭାଷାରେ)—ଧନ୍ୟବାଦ, ମହାଶୟ !

Digitized by srujanika@gmail.com

“କାରଣ ଆମ ଘରକୁ ଆପଣ ଆସନ୍ତୁ ନାହିଁ ଆଉ ସମ୍ଭବତଃ ଏ ଧରଣର ନାଚ-ଆସରର ଆୟୋଜନ ଘନଘନ ହେବନାହିଁ !”

ଅର୍ଥାତ୍, ମୁଁ ଭାବିଲି, ଚିରଦିନ ପାଇଁ ସେମାନଙ୍କ ଘରର ଦରଜା ମୋ ପାଖରେ ବନ୍ଦ ହୋଇ ଯାଇଛି ।

ଟିକେ ବିରକ୍ତି ପ୍ରକାଶ କରି ମୁଁ କହିଲି, “ଆପଣ କ’ଣ ଜାଣନ୍ତି ରାଜକୁମାରୀ, ଅନୁତପ୍ତ-ଅପରାଧୀକୁ ଘୃଣା ଦେଖାଇ ପ୍ରତ୍ୟାଖ୍ୟାନ କରିବା ଉଚିତ ନୁହେଁ ? କାରଣ, ତାହେଲେ ହୁଏତ ହୀନକ ନୈରାଶ୍ୟ ଯୋଗୁଁ ସେ ଦ୍ୱିଗୁଣ ଅପରାଧ କରିପାରେ···ଆଉ ତା’ ପରେ···”

ଆମ ଚତୁର୍ଦ୍ଦିଗରେ ହସ ଏବଂ ଗୁପ୍‌ଚୁପ୍ କଥା ଶୁଣି କଥାବାର୍ତ୍ତା ଶେଷ ନ କରି ମୁଁ ବୁଲିପଡ଼ି ଅନାଇଲି । କେତେପାଦ ଦୂରରେ ଦଳେ ଲୋକ ଠିଆ ହୋଇଥିଲେ । ସେମାନଙ୍କ ଭିତରେ ଥିଲା ଅଶ୍ୱାରୋହୀ ବାହିନୀର ସେଇ କ୍ୟାପ୍‌ଟେନ୍, ସ୍ପଷ୍ଟ ରାଜକୁମାରୀ ପ୍ରତି ସେ ତା’ର ବିରୂପ-ମନୋଭାବ ପ୍ରକାଶ କରୁଥିଲା । କେଉଁ କାରଣରୁ ଯେପରି ମନେହେଲା, ସିଏ ବେଳାଏ ଖସି ହୋଇଉଠି ହାତ ମଳୁଛି ଆଉ ତା’ ବନ୍ଧୁମାନଙ୍କ ସହିତ ଆଖି ମରାମରି କରୁଛି । ଅକସ୍ମାତ୍ ଲମ୍ବା କୋଟ୍ ପିନ୍ଧା ଧାଡ଼ି ନିଟୟୁକ୍ତ ଆରକ୍ତ-ବଦନ ଜଣେ ଭଦ୍ରଲୋକ ସେମାନଙ୍କ ଭିତରୁ ବାହାରି ସ୍ଖଳିତ-ପଦରେ ଆଗେଇଗଲେ ରାଜକୁମାରୀ ଆଡ଼କୁ । ସ୍ପଷ୍ଟ ବୁଝାଯାଏ, ସିଏ ମାତାଲ୍ ହୋଇ ଯାଇଛି । ବିନମ୍ର ରାଜକୁମାରୀ ସାମ୍ନାରେ ପଛରେ ହାତଦେଇ ଠିଆହୋଇ ତା ନିଜର ଝାପ୍‌ସା ଧୂସର ଆଖି ରାଜକୁମାରୀ ଉପରେ ନିବଦ୍ଧ କରି ଉଚ୍ଚ କଣ୍ଠରେ ସେ କହିଲା :

“Permette * ···ଆଃ ! ଚାଲିକୁ ଯାଉ···ଆପଣଙ୍କୁ ମୁଁ ମାଜୁର୍କା ନାଚ ପାଇଁ ଅନୁରୋଧ କରୁଛି···”

“ଆପଣ କ’ଣ ଚାହାନ୍ତି ?” ମିନତିଭରା ଆଖିରେ ଚାରିଆଡ଼କୁ ଚାହିଁ ସେ କହିଲା ଥରଥର କଣ୍ଠରେ । କିନ୍ତୁ ହାୟ, ତା’ର ମା ଥିଲେ ବହୁତ ଦୂରରେ, ଆଉ ପରିଚିତ-ଯୁବକମାନେ ମଧ୍ୟ କେହି ଆଖପାଖରେ ନଥିଲେ, ଜଣେ ଆଡ୍‌ଜୁଟାଣ୍ଟ୍ ଛଡ଼ା ! ମୋର ବିଶ୍ୱାସ, କ’ଣ ଘଟୁଛି ସେ

*(ଫରାସୀ ଭାଷାରେ) – ଅନୁମତି ଦିଅନ୍ତୁ !

Digitized by srujanika@gmail.com

ଦେଖୁଥିଲି; କିନ୍ତୁ ଅପ୍ରୀତିକର ଘଟଣା ସହିତ ଜଡ଼ିତ ହୋଇ ପଡ଼ିବାକୁ ନ ଚାହିଁ ସେ ଭିଡ଼ ଭିତରେ ଆତ୍ମଗୋପନ କଲି ।

"ବେଶ୍, ବେଶ୍ !" ମଣ୍ଡ-ଭଦ୍ରଲୋକ ଅଶ୍ୱାରୋହୀ-ବାହିନୀର କ୍ୟାପ୍‌ଟେନ୍ ଆଡ଼କୁ ଆଖିମାରି କହି ଚାଲିଲି ଆଉ ସେଇ କ୍ୟାପ୍‌ଟେନ୍ ତାକୁ ଉତ୍ସାହିତ କରିବାକୁ ଲାଗିଲି ଭାବ-ଭଙ୍ଗୀରେ । "ଆପଣଙ୍କର ଇଚ୍ଛା ନାହିଁ, ନା ? ପୁଣି ଆପଣଙ୍କୁ ମୁଁ ଅନୁରୋଧ କରୁଛି pour mazure*··· ତୁଏତ ମନେ କରୁଛନ୍ତି ମୋତେ ନିଶା ଧରିଛି ? ସେଥିରେ କ୍ଷତି ନାହିଁ !··· ଆପଣଙ୍କୁ ଜବାବ୍ ଦେଉଛି, ଏଥିରେ ମୁଁ ଆହୁରି ଭଲ ନାଚି ପାରିବି···"

ମୁଁ ଦେଖିବାକୁ ପାଇଲି, ଆତଙ୍କ ଓ ଅପମାନରେ ରାଜକୁମାରୀର ପ୍ରାୟ ମୂର୍ଚ୍ଛା ଯିବାର ଅବସ୍ଥା !

ନିଶାଗ୍ରସ୍ତ ଲୋକଟି ପାଖକୁ ଆଗେଇ ଯାଇ, ଜୋର୍‌ରେ ତା ହାତକୁ ଧରି, ସିଧା ତା ଆଖିକୁ ଅନାଇଁ ମୁଁ ତାକୁ ଚାଲିଯିବାକୁ କହିଲି, କାରଣ, ମୁଁ ଜାଣିଲି, ରାଜକୁମାରୀ ଏଥି ଭିତରେ ମୋ ସହିତ ମାଜୁର୍କା ନାଚିବ ବୋଲି ଜବାବ୍ ଦେଇଛି ।

"ଓ, ଅଚ୍ଛା ! ···ତାହେଲେ ଅଉ କେବେ, ନୁହେଁ ?" ହସିଉଠି ସେ କହିଲା, ତା'ପରେ ତା'ର ଲଜ୍ଜିତ-ସାଙ୍ଗସାଙ୍ଗମାନଙ୍କ ପାଖକୁ ଫେରିଗଲା । ସେମାନେ ତାକୁ ଅନ୍ୟ ଘରକୁ ନେଇଗଲେ ।

ଉପହାର ସ୍ୱରୂପ ମୁଁ ପାଇଲି ଅର୍ଥପୂର୍ଣ, ମଧୁର ଏକ ଚାହାଣି । ତା' ମା' ପାଖକୁ ଯାଇ ରାଜକୁମାରୀ କହିଲା କ'ଣ କ'ଣ ସବୁ ଘଟିଛି । ଭିଡ଼ ଭିତରୁ ତା'ର ମା ମୋତେ ଖୋଜି ବାହାର କଲେ ଧନ୍ୟବାଦ ଦେବାପାଇଁ । ସେ କହିଲେ, ମୋ ମା'କୁ ସେ ଚିହ୍ନନ୍ତି ଏବଂ ମୋର ଛ'ଜଣ ମାଉସୀ-ପିଉସୀଙ୍କ ସହିତ ତାଙ୍କର ବନ୍ଧୁତ୍ୱ ଅଛି ।

ସେ କହି ଚାଲିଲେ, "କିନ୍ତୁହେଲେ ବି ମୁଁ ବୁଝି ପାରୁନାହିଁ, ଏଥି ପୂର୍ବରୁ ଆମର ପରିଚୟ ହୋଇନାହିଁ କାହିଁକି ? ଆପଣଙ୍କୁ କିନ୍ତୁ ସ୍ୱୀକାର କରିବାକୁ ହେବ, ···ଏଇଟା ଆପଣଙ୍କ ଦୋଷ । ବାସ୍ତବିକ ଆପଣ ଭାରି

*(ଫରାସୀ ଭାଷାରେ)—ମାଜୁର୍କା ନାଚିବା ପାଇଁ ।

Digitized by srujanika@gmail.com

ଏଡ଼ାଇ ଚଳନ୍ତୁ । ଆଶାକରେ, ମୋ ବୈଠକଖାନାର ଆବହାଓ୍ବା ଆପଣଙ୍କ ମାରସଚାକୁ ଦୂର କରିଦେବ ! ନୁହେଁ ?"

ମୁଁ ସେଇସବୁ ଭଦ୍ରତାର କଥା କହିଲି, ଏ ଧରଣର ଅବସ୍ଥା ପାଇଁ ପ୍ରତ୍ୟେକର ଭଣ୍ଡାରରେହିଁ ଯାହା ଗଚ୍ଛିତ ହୋଇ ଥାଏ ।

ଚାନ୍ଦ୍ରସମସ୍ତ ଧରି କୋୟାଡ୍ରିଲ୍ ନାଚ ଗ୍ଲଲା ।

ଅବଶେଷରେ ଆରମ୍ଭହେଲା ମାଜୁର୍କା । ରାଜକୁମାରୀ ପାଖରେ ମୁଁ ବସିଲି ।

ମତ୍ତ-ଭଦ୍ରଲୋକ, କମ୍ବା ମୋର ପୂର୍ବତନ ଆଚରଣ କମ୍ବା ସେତେବେଳେ ଗ୍ରୁସ୍ନିତ୍ସ୍କିର କଥା ମୁଁ ଉଠାଇଲି ନାହିଁ । ଅପ୍ରୀତିକର ଘଟଣାଟା ତା' ମନ ଉପରେ ଯେଉଁ ଛାପ ପକାଇ ଥିଲା, ସେଇଟା କ୍ରମଶଃ ମିଳାଇ ଗଲା, ଉଜ୍ଜ୍ୱଳ ହୋଇ ଉଠିଲା ତା'ର ମୁହଁ ଆଖି ଅଉ ସିଏ ମଧୁର ଭାବରେ ଆଳାପ କରି ଗ୍ଲଲା । କଥାବାର୍ତ୍ତା ତା'ର ସୂକ୍ଷ୍ମ ଅଥଚ ତା' ଭିତରେ ନିଜର ବୁଦ୍ଧି ଜାହିର୍ କରିବାର ଚେଷ୍ଟା ନାହିଁ; ଆଳାପ୍-ଆଲୋଚନା ଅବାଧ ଏବଂ ପ୍ରାଣବନ୍ତ ମଧ୍ୟ । ତା'ର କେତୋଟି ମନ୍ତବ୍ୟ ବାସ୍ତବିକ୍ ବଳ୍କେଷତ··· । ନାନା ଜଟିଳ ଭାବରେ ବୁଲେଇ-ବାଲେଇ ମୁଁ ତାକୁ ବୁଝାଇ ଦେଲି, ବହୁ ଦିନରୁ ମୁଁ ତା ପ୍ରତି ଆକୃଷ୍ଟ ହୋଇଛି । ମୁଣ୍ଡ ତଳକୁ କରି ସେ ମୃଦୁ ଆରକ୍ତ ହୋଇ ଉଠିଲା ।

"ଅଦ୍ଭୁତ ଲୋକ ଆପଣ", ଅବଶେଷରେ ହସିବାକୁ ବାଧ ହୋଇ, ତା'ର ମଖମଲ ପରି ଆଖି ଦୁଇଟିକୁ ମୋ ଆଡ଼କୁ ଉଠାଇ ସେ କହିଲା ।

ମୁଁ କହି ଗ୍ଲଲି, "ଆପଣଙ୍କ ସହିତ ପରିଚିତ ହେବାକୁ ମୁଁ ଗ୍ହୁନାହିଁ, କାରଣ ବିରାଟ ଗୋଟାଏ ସ୍ତାବକଦଳ ଆପଣଙ୍କୁ ଘେରି ରହିଥାନ୍ତି । ଭୟ ହୋଇଥିଲା, ସେମାନେ ହୁଏତ ମୋତେ ଆପଣଙ୍କ ପାଖରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ କରି ରଖିବେ !"

"ଆପଣ ଡରିବାର କିଛି କାରଣ ନାହିଁ । ସେମାନେ ସମସ୍ତେ ବଡ଼ ବୈଚିତ୍ର୍ୟହୀନ···"

"ସେମାନେ ସମସ୍ତେ ? ନିଶ୍ଚୟ ସମସ୍ତେ ନୁହନ୍ତି !"

Digitized by srujanika@gmail.com

ମନୋଯୋଗ ଦେଇ ମୋ ଆଡ଼କୁ ସେ ଅନାଇଁଲା, ଯେପରି କିଛି ମନେ ପକାଇବାକୁ ଚାହେଁ ! ତା ପରେ ପୁଣି ମୃଦୁ ଆରକ୍ତ ହୋଇ ଉଠିଲା ଏବଂ ଶେଷରେ ଦୃଢ଼ ସ୍ୱରରେ କହିଲା, "ସମସ୍ତେ ସେମାନେ !"

"ଏପରିକି ଆପଣଙ୍କ ବନ୍ଧୁ ଗ୍ରୁସ୍ନିଟସ୍କି ମଧ୍ୟ ?"

"ସେ କ'ଣ ଆପଣଙ୍କ ବନ୍ଧୁ ?" ସନ୍ଦିଗ୍ଧ ଭାବରେ ସେ ପ୍ରଶ୍ନ କଲା ।

"ହଁ ।"

"ତାଙ୍କୁ ଅବଶ୍ୟ ବୈଚିତ୍ର୍ୟହୀନ ଧରଣର ଲୋକ ବୋଲି କୁହାଯିବନାହିଁ... ।"

"ହୁଏତ ତାଙ୍କୁ ହତଭାଗ୍ୟ... କୁହାଯିବ, ନା କ'ଣ ?" ହସିହସି ମୁଁ କହିଲି ।

"ନିଶ୍ଚୟ । ଆପଣଙ୍କର ହସିବାର କାରଣ କ'ଣ ? ତାଙ୍କ ଅବସ୍ଥାରେ ଆପଣ ପଡ଼ିଲେ କ'ଣ କରନ୍ତେ ଦେଖିବାକୁ ଇଚ୍ଛାହୁଏ..."

"କାହିଁକି ? ମୁଁ ତ ନିଜେ ବି ଦିନେ ସାମରିକ ବିଦ୍ୟାଳୟର ଛାତ୍ର ଥିଲି, ଆଜି ବିଶ୍ୱାସ କରନ୍ତୁ, ସେଇଟାହିଁ ମୋ ଜୀବନର ସବୁଠାରୁ ଆନନ୍ଦର ସମୟ !"

"ସିଏ କ'ଣ ସାମରିକ-ବିଦ୍ୟାଳୟର ଛାତ୍ର ନା କ'ଣ ?" ସଙ୍ଗେ ସଙ୍ଗେ ସେ ପ୍ରଶ୍ନ କଲା, ତା'ର ମୁହୂର୍ତ୍ତେ ପରେ କହିଲା, "ଆଜି ମୁଁ ଭାବୁଥିଲି..."

"କ'ଣ ଭାବୁଥିଲେ ଆପଣ ? "

"କିଛିନାହିଁ... କିଛି ବି ନୁହେଁ... ଏଇ ମହିଳାଟି କିଏ ?"

ଅନ୍ୟକଥା ଉଠିଲା, ଏ ପ୍ରସଙ୍ଗ ଆଉ ଉତ୍ଥାପିତ ହେଲାନାହିଁ ।

ମାଜୁର୍କା ଶେଷ ହେଲା । ଆମେ ବିଦାୟ ନେଲୁ—ପୁନର୍ବାର ଦେଖା ନହେବା ପର୍ଯ୍ୟନ୍ତ । ମହିଳାମାନେ ଘରକୁ ଫେରିଗଲେ । ରାତ୍ରିର ଶେଷ ଆହାର ପାଇଁ ଯିବାବେଳେ ଭେର୍ନେର୍‌ଙ୍କ ସହିତ ମୋର ଦେଖା ହେଲା ।

ସେ କହିଲେ, "ଆରେ, ଏସ୍ପା ତାହେଲେ ଘଟିଛି ! ଆପଣ କହିଥିଲେ ନିଶ୍ଚିତମୃତ୍ୟୁ ହାତରୁ ତାଙ୍କୁ ଉଦ୍ଧାର କରି ତଥାପି ଆପଣ ରାଜକୁମାରୀ ସହିତ ପରିଚୟ କରିବେ ନି ?"

Digitized by srujanika@gmail.com

ଉତ୍ତରରେ ମୁଁ କହିଲି, "ତା ଠାରୁ ଭଲକାମ କରିଛୁ । ନାଚବେଳେ ମୂର୍ଚ୍ଛା ହାତରୁ ତାକୁ ବଞ୍ଚାଇଛୁ !"

"କ'ଣ ହୋଇଥିଲା ? କୁହନ୍ତୁ ମୋତେ !"

"ନା, ଆପଣଙ୍କୁ ଅନୁମାନ କରିବାକୁ ହେବ । ପୃଥିବୀରେ ଯାହାକିଛି ଘଟୁଛି ସବୁକୁ ତ ଆପଣ ଜାଣିପାରନ୍ତି !"

୨୩, ମଇ

ସନ୍ଧ୍ୟା ସାତଟାବେଳେ କ୍ଲବ୍ ଘରରେ ମୁଁ ବୁଲୁଥିଲି । ଦୂରରୁ ଦେଖି ଗ୍ରୁସ୍ନିଟ୍ସ୍କି ମୋ ପାଖକୁ ଆସିଲା । ଆଖିରେ ତା'ର ହାସ୍ୟକର ଆନନ୍ଦର ଦ୍ୟୁତି । ଦୃଢ଼ମୁଷ୍ଟିରେ ମୋ ହାତକୁ ଚିପିଧରି ସେ ବିଷାଦମୟ କଣ୍ଠରେ କହିଲା, "ପେଚୋରିନ୍ ! ତୁମକୁ ଧନ୍ୟବାଦ··· । ମୋ କଥାଟା ବୁଝିଛ ?"

"ନା, ବୁଝିପାରି ନାହିଁ । ଯା ହେଉ, ମୋତେ ଧନ୍ୟବାଦ ଦେବାର କାରଣ ନାହିଁ," ଉତ୍ତରରେ ମୁଁ କହିଲି । କାରଣ ବାସ୍ତବିକ ମୁଁ ଭଲକାମ କେବେହେଲେ କରିନାହିଁ ।

"କାହିଁକି, କାଲି କ'ଣ ହୋଇଥିଲା ତୁମେ ଭୁଲିଯାଇଛ ?···ମେରି ମୋତେ ସବୁକଥା କହିଛି···"

"ସ୍ତ୍ରୀ ଭିତରେ ପରସ୍ପରକୁ ତମେ ସବୁ ମନର କଥା କହିବାକୁ ଆରମ୍ଭ କରିଛ ନା କ'ଣ ? ଏପରିକି କୃତଜ୍ଞତାର କଥାଟା ମଧ୍ୟ ?"

ଗମ୍ଭୀର ଭାବରେ ଗ୍ରୁସ୍ନିଟ୍ସ୍କି କହିଲାଗିଲା, "ଶୁଣ ! ବନ୍ଧୁ ହୋଇ ରହିବାକୁ ଇଚ୍ଛାଥିଲେ ମୋର ପ୍ରେମ ନେଇ ତାମସା କରନାହିଁ··· । ତୁମେ ତ ଜାଣ, ତାକୁ ମୁଁ ଖୁବ ଭଲପାଏ···ଆଉ ମୋର ବିଶ୍ୱାସ, ମୁଁ ଆଶାକରେ, ସେ ବି ମୋତେ ସେହି ପରିମାଣରେ ଭଲପାଏ··ତୁମ ପାଖରେ ଗୋଟାଏ ଅନୁରୋଧ ଅଛି । ଆଜି ସନ୍ଧ୍ୟାରେ ତାଙ୍କ ଘରକୁ ତୁମେ ଯାଉଛ, ମୋତେ ଜବାବ ଦିଅ, ସବୁକିଛି ତୁମେ ଲକ୍ଷ୍ୟ କରିବ । ମୁଁ ଜାଣେ ଏ ସବୁ ବେପାରରେ ତୁମର ଅଭିଜ୍ଞତା ଅଛି, ଆଉ ସ୍ତ୍ରୀଅମାନଙ୍କୁ ମୋ ଅପେକ୍ଷା ତୁମେ ଭଲକରି ଜାଣ··· । ହାସ୍ୟ ନାସ୍ତି, ନାସ୍ତି ! ବାସ୍ତବିକ କିଏ ସେମାନଙ୍କୁ ଚିହ୍ନିପାରିବ ? ହସ ସହିତ ଚାହାଣିର ମେଳ ନାହିଁ, ସେମାନଙ୍କ କଥା ଆଶା ମଧ୍ୟ ଦିଏ, ଆକର୍ଷଣ ବି କରେ; କିନ୍ତୁ ସେମାନଙ୍କ

Digitized by srujanika@gmail.com

କଣ୍ଠସ୍ୱର ଛଡ଼ାଇଦିଏ ତୁମକୁ । ମଝିରେ ମଝିରେ ସେମାନେ ମୁହୂର୍ତ୍ତକ ଭିତରେ ତୁମର ସବୁଠାରୁ ଗୋପନୀୟ କଥା ଅନୁମାନ କରିପାରନ୍ତି, ମଝିରେ ମଝିରେ ସବୁଠାରୁ ସ୍ପଷ୍ଟ ଇଙ୍ଗିତଟା ମଧ୍ୟ ଧରିପାରନ୍ତି ନାହିଁ··· । ରାଜକୁମାରୀ କଥାଟାକୁ ଏବେ ଧର : ଗତକାଲି ମୋ ଆଡକୁ ଯେତେବେଳେ ସେ ଅନାଇଁଥିଲା, ପ୍ରେମରେ ଜଳଜଳ କରୁଥିଲା ତା'ର ଆଖି ଦୁଇଟା । କିନ୍ତୁ ବର୍ତ୍ତମାନ ସେ ଦୁଇଟା ଜ୍ୟୋତିହୀନ, ଶୀତଳ···"

ଉତ୍ତରରେ କହିଲି, "ଏଇଟାର କାରଣ ହୁଏତ ଏଠାକାର ପାଣିର ପ୍ରତିକ୍ରିୟା" ।

"ସବୁବେଳେ ତୁମେ ଓଲଟାଟା ଦେଖ···ତୁମେ ବସ୍ତୁବାଦୀ ।" ଅବଜ୍ଞାସୂଚକ ସ୍ୱରରେ ସେ କହିଲା, "କିନ୍ତୁ ଅନ୍ୟ ବସ୍ତୁ ନେଇ ଆଲୋଚନା ହେଉ ।" ଏଇ ଶସ୍ତା ଶ୍ଳେଷାଳଂକାରରେ ଆନନ୍ଦିତ ହେବାପାଇଁ ତା'ର ଉତ୍ସାହ ବଢ଼ି ଉଠିଲା ।

ଆଠଟା ପରେ ସାଙ୍ଗହୋଇ ଆମେ ରାଣୀଙ୍କ ଘରକୁ ଗଲୁ ।

ଭେରାର ଝରକା ପାଖଦେଇ ଯିବାବେଳେ ତାକୁ ଦେଖିଲି ଝରକା ବାହାରକୁ ଚାହିଁଥିବାରେ । ଦ୍ରୁତ ଦୃଷ୍ଟି ବିନିମୟ କଲୁ ଆମେ । ଆମେ ଆସିବାର ଅଳ୍ପ ସମୟ ପରେହିଁ ଲିଗୋଭସ୍କିଙ୍କ ବୈଠକଖାନାକୁ ଆସିଲା ସେ । ରାଣୀ ତା ସହିତ ମୋର ପରିଚୟ କରାଇଦେଲେ ଆତ୍ମୀୟା ବୋଲି । ଚା' ଆସିଲା । ବହୁ ଅତିଥି ଆସିଛନ୍ତି । କଥାବାର୍ତ୍ତା ଚାଲିଛି ସାଧାରଣ ବିଷୟ ନେଇ । ରାଣୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଚେଷ୍ଟାକଲି ଯଥାସାଧ୍ୟ, ନାନା ଧରଣର ହସିବା କାହାଣୀ କହିଲି ଏବଂ କେତେଥର ତାଙ୍କୁ ପ୍ରାଣଖୋଲି ହସାଇଲି; ତାଙ୍କ ଝିଅ ମଧ୍ୟ ବହୁବାର ହସିବାକୁ ଯାଉଥିଲା, କିନ୍ତୁ ସେ ଯେଉଁ ଭୂମିକା ନେଇଛି ତାକୁ ପରିତ୍ୟାଗ ନକରିବା ପାଇଁ ସେ ଇଚ୍ଛାକୁ ଦମନ କଲା; କାରଣ, ସେ ମନେକରେ କ୍ଲାନ୍ତିର ଭାବଟା ତାକୁ ଭଲ ମାନେ—ଆଉ ହୁଏତ ସେ ଠିକ୍‌ହିଁ ଭାବୁଛି ! ମନେହୁଏ, ମୋର ହାସ-ପରିହାସ ତାକୁ ସ୍ପର୍ଶ କରିନାହିଁ ଦେଖି ଖୁବ୍ ଖୁସି ହୋଇଥିଲା ଗ୍ରୁସ୍ନିତସ୍କି !

ଚା' ପାନ ପରେ ଆମେ ସମସ୍ତେ ବସିବା ଘରକୁ ଆସିଲୁ ।

"ମୋ ବାଧ୍ୟତାରେ ଖୁସି ହୋଇଛ ତ ଭେରା ?" ତା' ପାଖଦେଇ ଯିବାବେଳେ ମୁଁ ପଚାରିଲି ।

Digitized by srujanika@gmail.com

ମୋ ଆଡକୁ ପ୍ରେମ ଓ କୃତଜ୍ଞତାଭରା ଦୃଷ୍ଟିରେ ସେ ଚାହିଁଲା । ଏ ଧରଣର ଚାହାଣିରେ ଅଭ୍ୟସ୍ତ ମୁଁ । କିନ୍ତୁ ଏପରି ଏକ ସମୟ ଥିଲା, ଯେତେବେଳେ ସେଥିରେ ମୁଁ ଆନ୍ତରିକ ଆନନ୍ଦିତ ହେଉଥିଲି ।

ରାଣୀ ଲିଗୋଭ୍‌ସ୍କାୟା ତାଙ୍କ ଝିଅକୁ ବସେଇଲେ ପିଆନୋ ପାଖରେ ଆଉ ସମସ୍ତେ ତାକୁ ଗୀତ ଗାଇବାକୁ ଅନୁରୋଧ କରିବାରେ ଲାଗିଲେ । ମୁଁ କିଛି ବି କହିଲି ନାହିଁ ଏବଂ ହଟ୍ଟଗୋଳର ସୁଯୋଗ ନେଇ ଭେରା ସହିତ କୋଣଟାଏ ଝରକା ପାଖରେ ବସିଗଲି । ସେ କହିଲା, ଆମ ଦୁହିଁଙ୍କ ସମ୍ପର୍କରେ ଭାରି ଜରୁରି ବକ୍ତବ୍ୟ ତା'ର ଅଛି··· । ଦେଖାଗଲା, କଥାଟା ନିହାତି ବାଜେ··· ।

ମୋ ଉଦାସୀନତା କିନ୍ତୁ ବିରକ୍ତ କଲା ରାଜକୁମାରୀଙ୍କୁ । ତାହା ବୁଝିଲି ଯେତେବେଳେ ଥରେ ସେ କ୍ରୁଦ୍ଧ ଜ୍ୱଳନ୍ତ ଦୃଷ୍ଟି ହାଣିଲା ମୋ ଆଡକୁ । ଏ ଧରଣର କଥୋପକଥନର କାଇଦା ମୋତେ ଖୁବ୍ ଭଲ ମାଲୁମ୍ ଅଛି—ମୂକ ଅଥଚ ମୁଖର, କ୍ଷଣସ୍ଥାୟୀ ଅଥଚ ଧର୍ଷଣ ଶକ୍ତିଶାଳୀ···!

ସିଏ ଗୀତ ଗାଇବାକୁ ଲାଗିଲା । କଣ୍ଠଟି ତା'ର ଭଲ କିନ୍ତୁ ଗାଇବାର ଧରଣଟା ବାଜେ···ପ୍ରକୃତରେ କହିବାକୁ ଗଲେ ମୁଁ ଶୁଣିନାହିଁ । କିନ୍ତୁ ତ୍ରୁସ୍‌ନିତ୍‌ସ୍କି ରାଜକୁମାରୀର ସାମ୍ନାସାମ୍ନି ପିଆନୋ ଉପରେ କହୁଣିକୁ ଭରଦେଇ ଆଖିର ଚାହାଣି ଦ୍ୱାରା ତାକୁ ଗଳାଧଃକରଣ କରୁକରୁ ବାରମ୍ବାର କହିବାକୁ ଲାଗିଲା, "Charmant ! delicieux !" *

ଭେରା କହିଲା, "ଶୁଣ, ମୋ ସ୍ୱାମୀଙ୍କ ସହିତ ତୁମେ ପରିଚିତ ହୁଅ ଏକଥା ମୁଁ ଚାହେଁନା, କିନ୍ତୁ ବୟସ୍କା ରାଣୀର ସୁ-ନଜର୍‌ରେ ତୁମେ ପଡ଼—ଏଇଟା ମୁଁ ଚାହେଁ; ସହଜରେ ଏଇଟା ତୁମେ ପାରିବ, ତୁମର ଯାହାଇଚ୍ଛା ତାହା ତୁମେ କରିପାର । ଏଇଠିହିଁ କେବଳ ଆମର ଦେଖାହେବ···"

"ଅନ୍ୟ କୋଉଠି ନୁହେଁ ?"

ଆରକ୍ତ ହୋଇ ସେ କହିଚାଲିଲା;

"ତୁମେ ଜାଣ, ମୁଁ ତୁମର କ୍ରୀତଦାସୀ, ତୁମର ଅବାଧ୍ୟ କେବେ-ହେଲେ ମୁଁ ହୋଇନାହିଁ··· । ଅବାଧ୍ୟ ହେଲେ, ମୁଁ ଦଣ୍ଡ ପାଇବି ।

*(ଫରାସୀ ଭାଷାରେ)—ଚମତ୍କାର !

Digitized by srujanika@gmail.com

କାରଣ, ତାହେଲେ ତୁମେ ଆଜ ମୋତେ ଭଲପାଇବ ନାହିଁ ! ଅନ୍ତତଃ ମୋର ସୁନାମ ବଜାୟ ରଖିବା ଦରକାର ମୋ ପାଇଁ ନୁହେଁ, ସେକଥା ତ ତୁମେ ଭଲକରି ଜାଣ, କିନ୍ତୁ ଅନୁଗ୍ରହ କରି ପୂର୍ବପରି ମୋତେ ଆଉ ଯନ୍ତ୍ରଣା ବଞ୍ଚନା ମିଥ୍ୟା ଦ୍ୱିଧା ଆଉ ଉଦାସୀନତାର ଅଭିନୟ କର; ତୁଏତ ଚଞ୍ଚଳ ମୁଁ ମରିଯିବି; କାରଣ ଦିନୁଦିନ ମୁଁ ବୁଝିପାରୁଛି ଦୁର୍ବଳ ହୋଇ ପଡ଼ୁଛି କ୍ରମଶଃ···ତା ସତ୍ତ୍ୱେ ମଧ୍ୟ ଭବିଷ୍ୟତରେ ଯାହା ଘଟିବ ସେ କଥା ମୁଁ ଚିନ୍ତା କରିପାରୁନି, ମୁଁ ଭାବୁଛି ଖାଲି ତୁମରି କଥା । ତୁମେ, ପୁରୁଷମାନେ, ବୁଝିପାର ନାହିଁ ଗୋଟିଏ ବୁହାଣି କନ୍ୟା ଥରେ ହାତ ଯୁଗି-ଧରିବା ଭିତରେ କି ଅସାଧାରଣ ଆନନ୍ଦ ମିଳେ···ତୁମ ପାଖରେ ସଣ ପକାଇ କହୁଛି, ତୁମ କଣ୍ଠସ୍ୱର ଶୁଣିଲେ ଏପରି ଗଭୀର ଓ ଆଶ୍ଚର୍ଯ୍ୟ ଆନନ୍ଦରେ ମୁଁ ମୂର ଉଠେ, ଯାହା କୌଣସି ଆବେଗମୟ ଚୁମ୍ବନ କେବେହେଲେ ମୋ'ଠାରେ ଜଗାଇ ପାରେନାହିଁ ।”

ସ୍ୱା ଭିତରେ ରାଜକୁମାରୀ ମେରିର ଗୀତ ଶେଷ ହୋଇଛି । ତା ସ୍ୱରଆଉ ସମବେତ କଣ୍ଠରେ ପ୍ରଶଂସାଧ୍ୱନି ସବୁ ଫାଟିପଡ଼ିଲା । ଶେଷରେ ତା ପାଖକୁ ଯାଇ ତା କଣ୍ଠସ୍ୱର ସମ୍ବନ୍ଧରେ ମୁଁ ଅତି ସାଧାରଣ ମନ୍ତବ୍ୟ କଲି ।

ଓଠ ଫୁଲାଇ ବିଦ୍ରୂପ ସ୍ୱରରେ ନତଜାନୁ ହୋଇ ସେ ଅଭିବାଦନ କଲା :

“ଏଇଟା ପୁରାପୁରି ଖୋସାମୋଦିଆ କଥା ।” ସେ କହିଲା, “କାରଣ ଆପଣ ଥରେ ବି ଶୁଣି ନାହାନ୍ତି । ତୁଏତ ଗୀତ ଆପଣଙ୍କୁ ଭଲ ଲାଗେ ନାହିଁ !”

“ଠିକ୍ ଓଲଟା···ଭଲଲାଗେ, ବିଶେଷକରି ରାତ୍ରିଭୋଜନ ପରେ ।”

“ଗ୍ରୁସ୍ନିଟ୍‌ସ୍କି ଯେତେବେଳେ କହନ୍ତି ଯେ, ଆପଣଙ୍କ ପସନ୍ଦ ପୁରାପୁରି ଗଦ୍ୟମୟ, ସେତେବେଳେ ଠିକ୍ କହନ୍ତି···ଏପରିକି ମୁଁ ବି ଦେଖିଛି ଭୋଜନ-ବିଳାସୀର ଦୃଷ୍ଟିଭଙ୍ଗୀ ନେଇ ସଙ୍ଗୀତ ଆପଣଙ୍କୁ ଭଲ ଲାଗେ···”

“ପୁଣି ଭୁଲ୍ କରୁଛନ୍ତି । ମୁଁ ଭୋଜନ-ବିଳାସୀ ନୁହେଁ, ମୋର ହଜମ୍ ଶକ୍ତି ମଧ୍ୟ ଦୁର୍ବଳ । ତା ସତ୍ତ୍ୱେ ମଧ୍ୟ ରାତ୍ରି ଭୋଜନ ପରେ ସଙ୍ଗୀତ ନିଦ୍ରା

Digitized by srujanika@gmail.com

ଅଣେ ଏବଂ ଗୁରୁଭୋଜନ ପରେ ସାମାନ୍ୟ ନିଦ୍ରା ସ୍ୱାସ୍ଥ୍ୟ ପକ୍ଷରେ ଭଲ । ଅତଏବ ଡାକ୍ତର ମତରେ ସଙ୍ଗୀତକୁ ମୁଁ ଭଲପାଏ । ସଂଧ୍ୟା ଆଡ଼କୁ ଉଲଟା ପ୍ରତିକ୍ରିୟା ହୁଏ—ସଙ୍ଗୀତ ମୋର ସ୍ନାୟୁମଣ୍ଡଳୀକୁ ଅତିଶୟ ଉତ୍ତେଜିତ କରେ, ଫଳରେ ହୁଏ ଅତ୍ୟନ୍ତ ବିଷଣ୍ଣ ଅଥବା ଅତ୍ୟନ୍ତ ଫୂର୍ତ୍ତି ବୋଧକରେ ! ସେ ଘଟଣା ନିଶ୍ଚୟ ବିଭ୍ରାନ୍ତିଜନକ । କାରଣ, ବିଷଣ୍ଣ-ବୋଧ ଅଥବା ଫୂର୍ତ୍ତି କରିବାର କୌଣସି ଯୁକ୍ତିସଙ୍ଗତ କାରଣ ନାହିଁ । ତା ଛଡ଼ା ସମସ୍ତଙ୍କ ମେଳରେ ବିଷଣ୍ଣ ବୋଧ କରିବାଟା ହାସ୍ୟକର ଏବଂ ଅତି ଫୂର୍ତ୍ତିର ଭାବ ଦେଖାଇବା ସୁରୁଚିର ପରିଚୟ ନୁହେଁ……"

ମୋ କଥା ଶେଷ ହେବାକୁ ଅପେକ୍ଷା ନ କରି ସେ ଯାଇ ଶ୍ରୀ ସୁନ ଭଟ୍ଟ ପାଖରେ ବସିଲା । ଭବାନ୍ତୁ ଓ ଆବେଗମୟ କଥାବାର୍ତ୍ତାରେ ରତ ହେଲେ । ତା ଭଙ୍ଗୀ କଥାବାର୍ତ୍ତାରୁ ମନେହେଲା, ରାଜକୁମାରୀ ହଁ-ନା ମାରୁଛି, ଅନ୍ୟମନସ୍କ ଏବଂ କଣ୍ଠଟା ନିରର୍ଥକ ଭାବରେ, ଯଦିଓ ସେ ଛଳନା କରୁଥିଲା ମନଦେଇ ଶୁଣୁଛି ବୋଲି । ଶ୍ରୀ ସୁନଭଟ୍ଟ ମଝିରେ ମଝିରେ ଚାହୁଁଥିଲା ତା ଆଡ଼କୁ ବିସ୍ମିତ ହୋଇ । ରାଜକୁମାରୀର ବଦଳିତ ଆଖିରେ ଅନ୍ତର୍ଦ୍ୱନ୍ଦ୍ୱର ଯେଉଁ ଛାୟା ପ୍ରତିଫଳିତ ହେଉଥିଲା, ତା'ର କାରଣ ଆବିଷ୍କାର କରିବାକୁ ସେ ଚାହେଁ…

କିନ୍ତୁ ମୋହିନୀ ରାଜକୁମାରୀ, ତୁମର ଗୁପ୍ତକଥା ମୁଁ ଜାଣି ସାରିଛି, ଅତଏବ ସାବଧାନ ! ମୋ ଅହଙ୍କାରକୁ ଆଘାତ କରି ଗୋଟିଏ ପ୍ରକାର ମୁଦ୍ରାରେ ତୁମେ ଶୋଧ କରିବାକୁ ଚାହଁ—କିନ୍ତୁ ଏଥିରେ ତୁମେ ସଫଳ ହେବନାହିଁ ! ଆଜି ମୋ ବିରୁଦ୍ଧରେ ଯଦି ତୁମେ ଯୁଦ୍ଧଘୋଷଣା କର, ମୁଁ କିନ୍ତୁ ତାହେଲେ ନିର୍ମମ ହୋଇ ଉଠିବି ।

ସେଇ ସଂଧ୍ୟାରେ କେତେଥର ସେମାନଙ୍କ ଆଳାପ-ଆଲୋଚନାରେ ଭିଡ଼ାକରି ଯୋଗଦେବାର ଚେଷ୍ଟା ମୁଁ କଲି । କିନ୍ତୁ ମୋ ମନ୍ତବ୍ୟ ଗୁଡ଼ିକର ବିରୋଧୀତା ନୀରବରେ ସେ କରିଗଲା । ଅବଶେଷରେ ବିରକ୍ତି ଭାବ ଦେଖାଇ ମୁଁ ଉଠିଗଲି । ରାଜକୁମାରୀର ଭଙ୍ଗୀ ହୋଇଉଠିଲା ବିଜୟିନୀ ପରି । ଶ୍ରୀ ସୁନିଭଟ୍ଟଙ୍କର ମଧ୍ୟ ବିଜୟୀ ପରି । ବନ୍ଧୁଗଣ ! ତୁମେ ଯେତେବେଳ-ଯାଏଁ ପାରୁଛ ବିଜୟୋଲ୍ଲାସ କର…ବେଶିଦିନ କରିପାରିବ ନାହିଁ

Digitized by srujanika@gmail.com

ତୁମେ !···କ'ଣ ଘଟିବ ? ମୋ ମନରେ ଗୋଟାଏ ଭାରି ଆଗ୍ରହ ଆସୁଛି···। ଝିଅମାନଙ୍କ ସହିତ ଆଳାପ ହେବାପରେ ନିର୍ଭୁଲ୍ ଭାବରେ ମୁଁ କହିପାରେ ସେମାନେ ମୋ ପ୍ରେମରେ ପଡ଼ିବେ କି ନାହିଁ······

ବାକିଟା ସମୟ ମୁଁ ଭେରା ସହିତ କଟାଇଲି । ଅଜ୍ଞାତ କଥାଗୁଡ଼ିକ ଆମେ ପ୍ରାଣଭରି କୁହାକହି ହେଲୁ··· । ବାସ୍ତବିକ ମୁଁ ଜାଣେନା କାହିଁକି ସେ ମୋତେ ଏତେ ଭଲପାଏ ! ବିଶେଷକରି ସେଇଦିନ୍ଠୁ ଯେତେବେଳେ ଏକମାତ୍ର ଝିଅ,-ଯିଏ ମୋର ନିକୃଷ୍ଟତମ ଦୋଷ ଆଉ ମନ୍ଦକାମନା କଥା ଅବଗତ ହୋଇ ମୋତେ ସଂପୂର୍ଣ୍ଣ ସହିଛି······। ବାସ୍ତବିକ ମନର କ'ଣ ଏପରି ଆକର୍ଷଣୀ ଶକ୍ତି ଅଛି ?···

ଗ୍ରୁସ୍ନିତ୍ସ୍କି ସହିତ ସେଠୁ ବାହାରିଲି । ବାହାରେ ମୋର ହାତକୁ ଧରି ବହୁ ସମୟ ନୀରବ ରହିବା ପରେ ସେ କହିଲା, "ଭଲ କଥା, କ'ଣ ବୁଝିଛ ?"

କହିବାକୁ ଯାଉଥିଲି, "ତୁମେ ଗୋଟାଏ ଗଧ", କିନ୍ତୁ ମୁଁ ଆତ୍ମ ସମ୍ବରଣ କରି କେବଳ କାନ୍ଧ ହଲାଇଲି ।

୨୯, ମଇ

ଯେତେହେଲେ ବି ମୁଁ ମୋ ପଦ୍ଧତିଭ୍ରଷ୍ଟ ହୋଇନାହିଁ । ମୋ କଥାବାର୍ତ୍ତାରେ ରାଜକୁମାରୀ ଆନନ୍ଦ ପାଇବାକୁ ଆରମ୍ଭ କରିଛି । ମୋ ଜୀବନର କେତୋଟି ବିଚିତ୍ର କାହାଣୀ ତାକୁ ମୁଁ କହିଛି । ମୋତେ ସେ ଅସାଧାରଣ ମଣିଷ ବୋଲି ମନେ କରିବାକୁ ଆରମ୍ଭ କରିଛି । ପୃଥିବୀର ସବୁ ଜିନିଷକୁ ମୁଁ ବିଦ୍ରୂପ କରେ, ବିଶେଷ କରି ଭାବାବେଗକୁ । ଏଥିରେ ସେ ଡରିବାକୁ ଆରମ୍ଭ କରିଛି । ମୋ ଆଗରେ ଗ୍ରୁସ୍ନିତ୍ସ୍କି ସହିତ ଭାବାବେଗ ନେଇ ଆଲୋଚନା କରିବାକୁ ସେ ସାହସ କରେ ନାହିଁ । ଯା ଉତରେ ସେ କେତେଥର ବିଦ୍ରୂପାତ୍ମକ ହସ ହସି ଗ୍ରୁସ୍ନିତ୍ସ୍କି କଥାର ଜବାବ ଦେଇଛି । ତା ସତ୍ତ୍ୱେ ମଧ୍ୟ ଯେତେବେଳେ ଗ୍ରୁସ୍ନିତ୍ସ୍କି ତା ପାଖକୁ ଆସିଛି ମୁଁ ବିନୀତ ଭାବ ଦେଖାଇ ସେମାନଙ୍କ ପାଖରୁ ଦୂରେଇ ଆସିଛି । ପ୍ରଥମଥର ଯେତେବେଳେ ଏପରି କରିଥିଲି ଖୁସି ହୋଇଥିଲା ରାଜକୁମାରୀ କିମ୍ବା ପ୍ରସନ୍ନ ହେବାର ଛଳନା କରିଥିଲା; ଦ୍ୱିତୀୟଥର ମୋ ଉପରେ ବିଗିଡ଼ି ଯାଇଥିଲା । ଆଉ ତୃତୀୟଥରଗ୍ରୁସ୍ନିତ୍ସ୍କି ଉପରେ ମଧ୍ୟ ।

Digitized by srujanika@gmail.com

ଗତକାଲି ମୋତେ ସେ କହିଥିଲା, "ଗନ୍ଧବୋଧ ଜନିଷଟା ଆପଣଙ୍କ ପାଖରେ ଅତି କମ୍ । କାହିଁକି ଆପଣ ମନେକରନ୍ତି ଗ୍ରୁସ୍ନିତ୍‌ସ୍କିର ସାନ୍ନିଧ୍ୟ ମୋତେ ଭଲ ଲାଗେ ?"

ମୁଁ ଉତ୍ତର ଦେଇଥିଲି ଯେ, ବନ୍ଧୁର ଆନନ୍ଦ ପାଇଁ ନିଜର ଆନନ୍ଦକୁ ମୁଁ ହତ୍ୟା କରୁଛି······

"ଆଉ ମୋ ଆନନ୍ଦକୁ ବି !" ସେ ଯୋଗ କରିଥିଲା ।

ତା ଆଡ଼କୁ ଏକାନ୍ତ ଭାବରେ ଚାହିଁରହିଁ ମୁଁ ଗମ୍ଭୀର ଭାବ ଦେଖାଇଲି । ତା' ପରେ କେତେଟା ଦିନ ତାକୁ କଥା କହିଲି ନାହିଁ ।··· ଗତ ସଂଧ୍ୟାରେ ସେ ଶାନ୍ତ୍ୱିନ୍ତ ଦେଖାଯାଇଥିଲା ଆଉ ଆଜି ସକାଳେ କୂଅଟା ପାଖରେ ସେ ଅନାଇଁ ଥିଲା ଆଡ଼ୁର କୃତଜ୍ଞ-ନୟନରେ । ତା ପାଖକୁ ଯେତେବେଳେ ଆସିଲି, ଅନ୍ୟମନସ୍କ ହୋଇ ସେ ଶୁଣୁଥିଲା ଗ୍ରୁସ୍ନିତ୍‌ସ୍କିର କଥା । ମନେ ହେଲା, ପ୍ରାକୃତିକ-ସୌନ୍ଦର୍ଯ୍ୟର କଥା କହୁଥିଲା ଗ୍ରୁସ୍ନିତ୍‌ସ୍କି । କିନ୍ତୁ ମୋତେ ଦେଖିବା ସଙ୍ଗେ ସଙ୍ଗେ ମନଖୋଲି ସେ ହସିବାକୁ ଲାଗିଲା (କିଛିଟା ଅପ୍ରାସଙ୍ଗିକ ଭାବରେ) ଆଉ ଏପରି ଭାବ ଦେଖାଇଲା ମୋତେ, ଯେପରି ସେ ଲକ୍ଷ୍ୟ କରିନାହିଁ ! ଟିକେ ଦୂରକୁ ଘୁଞ୍ଚିଯାଇ ତାକୁ ଲକ୍ଷ୍ୟ କରିବାକୁ ଲାଗିଲି; ତା ସଙ୍ଗୀଠାରୁ ମୁହଁ ବୁଲେଇ ଦୁଇଥର ସେ ହାଇ ମାରିଲା । ଏ ବିଷୟରେ କୌଣସି ସନ୍ଦେହ ନାହିଁ : ଗ୍ରୁସ୍ନିତ୍‌ସ୍କିକୁ ନେଇ ସେ କ୍ଳାନ୍ତ ହୋଇପଡ଼ିଛି । କିନ୍ତୁ ଆଉର ଦୁଇଦିନ ତା ସହିତ ମୁଁ କଥା କହିବି ନାହିଁ ।

୩, ଜୁନ୍

ପ୍ରାୟ ନିଜକୁ ପଚାରିଥାଏ, କାହିଁକି କ୍ରମାଗତ ତରୁଣୀ ଝିଅର ହୃଦୟ ଜୟ କରିବାକୁ ଚେଷ୍ଟାକରେ, ଯାହାକୁ ପ୍ରଲୁବ୍ଧ କରିବାକୁ ମୁଁ ଚାହେଁନା ଆଉ ଯାହାକୁ ମୁଁ କୌଣସି ଦିନ ବିବାହ ମଧ୍ୟ କରିବି ନାହିଁ ? କାହିଁକି ଏଇ ମାଇଚିଆମି-ଛଳନା ? ଭେରା ମୋତେ ଯେପରି ଭଲପାଏ; ରାଜକୁମାରୀ ମେରି କେବେହେଲେ ସେପରି ଭଲ ପାଇବ ନାହିଁ । ସେ ଯଦି ଅଜେୟ-ସୁନ୍ଦରୀ ହୁଅନ୍ତା, ତାହେଲେ ହୁଏତ କାମଟାର ଦୁରୂହତା ପ୍ରଲୁବ୍ଧ କରି ପାରନ୍ତା···

Digitized by srujanika@gmail.com

କିନ୍ତୁ ମୋଟେ ସେପରି ନୁହେ ! ଅତଏବ ଯେଉଁ ଅଶାନ୍ତ-ପ୍ରେମର ନିଶା ଆମକୁ ପ୍ରଥମ ଯୌବନରେ ପୀଡ଼ିତ କରି ଗୋଟିଏ ଝିଅ ପାଖରୁ ଅନ୍ୟ ଏକ ଝିଅ ପାଖକୁ ନେଇଯାଏ, ଯେତେବେଳ ପର୍ଯ୍ୟନ୍ତ ଏପରି ଜଣକର ଦେଖା ନ ମିଳନ୍ତି, ଯିଏ ଆମକୁ ବରଦାସ୍ତ କରିପାରେନା—ଏଇଟା ସେପରି ନୁହେ । ଏଇ ହେଲା ଆମ ଏକନିଷ୍ଠତାର ଆରମ୍ଭ—ପ୍ରକୃତ ଶେଷହୀନପ୍ରେମ, ଯାହାକୁ ଅଙ୍କଶାସ୍ତ୍ର ମତରେ ଅଙ୍କନ କରିହୁଏ ଗୋଟିଏ ବିନ୍ଦୁରୁ ମହାଶୂନ୍ୟ ପର୍ଯ୍ୟନ୍ତ ଏକ ସରଳରେଖା ଟାଣି, ଏଇ ଅସୀମତାର ଗୁପ୍ତତଥ୍ୟ ନିହିତ ଅଛି କେବଳ ତା' ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ସମ୍ଭାବ୍ୟ ଭିତରେ, ଅର୍ଥାତ୍ ପୂରାପୂରି ସମାପ୍ତିରେ ।

କିଏ ମୋତେ ଅତେଇ ନେଇ ଚାଲିଛି ? ଗ୍ରୁସ୍ନିତ୍ସ୍କି ଉପରେ ଈର୍ଷା ? ବିନବ ! ଏଇଟା ତା'ର ପ୍ରାପ୍ୟ ନୁହେ କିମ୍ବା ଏଇଟା କ'ଣ ସେଇ ବିଦ୍ୱେଷପରିପୂର୍ଣ୍ଣ ଅଥଚ ଅଦମ୍ୟତାଡ଼ନାର ଫଳ, ଯେଉଁଟା ଚାହେ କୌଣସି ଲୋକର ଆନନ୍ଦିତ-ବିଭ୍ରମକୁ ନଷ୍ଟ କରିବାକୁ, ଯେତେବେଳେ ସେ ଜିଦ୍‌ଖୋର ହୋଇ ଆମକୁ ପଚାରେ କୋଉ ଆଦର୍ଶରେ ତା'ର ଆସ୍ଥା ରଖିବା ଦରକାର, ସେତେବେଳେ ତାକୁ ଏଇ ନିମ୍ନୋକ୍ତ କଥା କହି ତୁଚ୍ଛ-ତୃପ୍ତି ମିଳେ :

"ବନ୍ଧୁ ! ମୋ ବେଳକୁ ବି ଠିକ୍ ଏହିପରି ଘଟିଥିଲା । ଅଥଚ ତୁମେ ତ ଦେଖିବାକୁ ପାଉଛ, ମୋର ଆହାର ନିଦ୍ରା ଭଲ ବି ହେଉଛି ଆଉ ମୁଁ ଆଶାକରେ ହଇତଇ ଏବଂ ଅଶ୍ରୁ-ବିସର୍ଜନ ନ କରି ମରି ପାରିବି ମଧ୍ୟ !"

କିନ୍ତୁ ତଥାପି ଯେଉଁ ତରୁଣ-ଜୀବନ ଏଇ ମାତ୍ର ମୁକୁଳିତ ହେବାକୁ ଆରମ୍ଭ କରିଛି, ତାକୁ ଉପଭୋଗ କରିବାରେ ଆନନ୍ଦର ସୀମା ନାହିଁ । ଏଇଟା ଯିମିତି ସେଇ ଫୁଲ ପରି—ଯାହାର ମଧୁରତମସୌରଭ ସୂର୍ଯ୍ୟର ପ୍ରଥମ ରଶ୍ମି ଆଡ଼କୁ ଉଡ଼ିଯାଏ; ଦରକାର ସେଇ ମୁହୂର୍ତ୍ତରେହିଁ ତାକୁ ତୋଳି ପ୍ରାଣଭରି ତା'ର ସୌରଭ ହୃଦୟ ଭିତରକୁ ଟାଣିନେବା ପରେ ଫିଙ୍ଗି ଦେବା ଏଇ ଭରସାରେ ଯେ, ଅନ୍ୟ କେହି ହୁଏତ ତାକୁ ଗୋଟାଇ ନେବ ! ମୋ ଭିତରେ ସେଇ ଅତୃପ୍ତ-ଲାଳସାର କଥା ମୁଁ ବୁଝିପାରେ, ଯେଉଁଟା ରାସ୍ତାରେ ଯାହା କିଛି ପଡ଼େ ସବୁକିଛିକୁହିଁ ବ୍ୟଗ୍ରଭାବରେ ଗଳାଧଃକରଣ କରେ ।

Digitized by srujanika@gmail.com

ଅନ୍ୟମାନଙ୍କ ଆନନ୍ଦ-ବେଦନାକୁ ମୁଁ କେବଳ ଦେଖେଁ ମୋ ଆଧ୍ୟାତ୍ମିକ-ଶକ୍ତିର ଖାଦ୍ୟ ସ୍ୱଭାବରେ । ମୁଁ ବର୍ତ୍ତମାନ ଆଉ ପାଗଳଙ୍କ ପରି ଭାବାବେଗ ହୁଏନା, ମୋର ସବୁ ଉଚ୍ଚାଶା ଘଟଣାଚକ୍ରରେ ଧୂଳିସାତ୍ ହୋଇଛି । କାରଣ, ଉଚ୍ଚାଶା ଶକ୍ତିର ଲୋଭ ବ୍ୟତୀତ ଅନ୍ୟ କିଛି ନୁହେ । ମୁଁ ସବୁଠାରୁ ଆନନ୍ଦ ପାଏ ଚୌପାଖର ସବୁକିଛିକୁ ମୋ ଇଚ୍ଛାର ବଶୀଭୂତ କରି ପାରିଲେ । ଅନ୍ୟମାନଙ୍କ ମନରେ ପ୍ରେମ, ଭକ୍ତି ଏବଂ ଭୟର ଅନୁଭୂତି ଜଗାଇବାଟା କ'ଣ ଏକାଧାରରେ କ୍ଷମତାର ଆଉ ତା' ବିଜୟର ଚରମ ନିଦର୍ଶନ ନୁହେ ? ଆମ ଅହଂକାରର ଏଇଟାହିଁ କ'ଣ ମଧୁରତମ ମୂଲ୍ୟ ନୁହେ . ଯାହା ମନରେ ଆନନ୍ଦ ବା ବେଦନା ଜଗାଇବା, ଯେତେବେଳେ ତାହା ଜଗାଇବାର ବହୁମାନ ଅଧିକାର ଆମମାନଙ୍କର ନାହିଁ ? ଆଉ ଆନନ୍ଦ ବା କ'ଣ ? ଅହଙ୍କାର ପରିତୃପ୍ତ ହେବା । ପୃଥିବୀରେ ସବୁଠାରୁ ମୁଁ ବେଶି ଭଲ ଆଉ ଶକ୍ତିମାନ୍ ବୋଲି ମନେ କରିପାରିଲେହିଁ ମୁଁ ଆନନ୍ଦିତ । ସମସ୍ତେ ମୋତେ ଭଲପାଇଲେ ନିଜ ଭିତରେ ଭଲପାଇବାର ଆନନ୍ଦ-ଉତ୍ସ ମୁଁ ଖୋଜି ପାଇବି । ମନ୍ଦର ଜନ୍ମ ମନ୍ଦ ଭିତରୁ; ପ୍ରଥମ ବେଦନାର ଅନୁଭୂତିରୁହିଁ ହୃଦୟଙ୍ଗମ କରାଯାଏ, ଅନ୍ୟକୁ ଯନ୍ତ୍ରଣା ଦେବା କି ଆନନ୍ଦଦାୟକ ! ମନ୍ଦର ପରିକଳ୍ପନା ମଣିଷ ମନରେ ଚେର ମେଲେଇ ପାରେନାହିଁ ଯଦି ସିଏ ସେଇଟାକୁ କାମରେ ଲଗାଇବାକୁ ନ ଚାହେଁ । କିଏ ଯେପରି କହିଥିଲେ : ଭାବନାଗୁଡ଼ିକର ଜୈବ-ସତ୍ତା ଅଛି । ସେମାନଙ୍କ ଜନ୍ମ ସେଗୁଡ଼ିକୁ ରୂପାନ୍ତରିତ କରେ, ଆଉ ଏହାରି ରୂପ ହେଲା କର୍ମ । ଯାହା ମନରେ ବହୁତ ଭାବନାର ଜନ୍ମ, ଅନ୍ୟମାନଙ୍କଠାରୁ ସେ ବେଶି ପ୍ରାଣବନ୍ତ, ଆଉ ଏହି କାରଣରୁହିଁ ପ୍ରତିଭାବାନ୍ ପୁରୁଷମାନଙ୍କୁ ଅଫିସ ଚଉକାରେ ବନ୍ଦୀକରି ରଖିଲେ ହୁଏତ ସେମାନଙ୍କର ମୃତ୍ୟୁହେବ ନଚେତ୍ ସେମାନେ ହୋଇଯିବେ ଉନ୍ମାଦ—ଯେପରି ଶକ୍ତିଶାଳୀ ଲୋକର ମୃତ୍ୟୁହୁଏ ସନ୍ନ୍ୟାସ ରୋଗରେ, ଯଦି ସେ ଅଳସ ଓ ପଙ୍ଗୁ ଜୀବନଯାପନ କରେ ।

ଭାବନା ମାନଙ୍କର ବିକାଶର ପ୍ରଥମସ୍ତର ବ୍ୟକ୍ତି ଆବେଗଗୁଡ଼ିକ ବେଶିକିଛି ନୁହେଁ । ସେମାନଙ୍କର ସ୍ଥାନ ତରୁଣ ହୃଦୟରେ । ଯୋଉ ଲୋକ ମନେକରେ ଯେ, ଆବେଗଗୁଡ଼ିକ ଆଜୀବନ ତାକୁ ହିଲ୍ଲୋଳ ଦେବ; ସିଏ ନିର୍ବୋଧ । ଅନେକ ପ୍ରଶାନ୍ତ-ନଦୀର ଜନ୍ମ ବିକ୍ଷୁବ୍ଧ ଝରଣାରୁ; କିନ୍ତୁ ଗୋଟିଏ

Digitized by srujanika@gmail.com

ନଦୀ ବି ଫେନାୟିତ ହୋଇ ଢେଉଁଢେଉଁ ସମୁଦ୍ରରେ ପଡ଼ନ୍ତି ନାହିଁ । ଅଧିକାଂଶ କ୍ଷେତ୍ରରେ ଏଇ ପ୍ରଶାନ୍ତ ହେଲା ଭୟଙ୍କର ଅଥଚ ସୁପ୍ତ-ଶକ୍ତିର ଲକ୍ଷଣ । ଚିନ୍ତା ଏବଂ ଆବେଗର ପୂର୍ଣ୍ଣତା ଓ ଗଭୀରତା ଭିତରେ ପ୍ରଚଣ୍ଡ ତାଡ଼ନାର ସ୍ଥାନ ନାହିଁ, କାରଣ, ଆନନ୍ଦ-ବେଦନା ଭିତରେ କ'ଣ ଘଟୁଛି ଆତ୍ମା ସେ ବିଷୟରେ ସମ୍ପୂର୍ଣ୍ଣ ସଚେତନ ଏବଂ ଜାଣେ, ଏପରି ନିଶ୍ଚୟ ଘଟିବ । ସେ ଜାଣେ, ତୋଫାନ୍ ନଥିଲେ ସୂର୍ଯ୍ୟର ସମାଗତ ଉତ୍ତାପ ତାକୁ ଶୁଖାଇ ଦେବ । ନିଜର ଜୀବନଧାରାରୁହିଁ ସେ ଅନୁପ୍ରାଣିତ ହୁଏ, ମା ନିଜର ପ୍ରିୟ ସନ୍ତାନକୁ ଯେପରି ମଣିଷ କରେ ଆଉ ଶାସନ କରେ, ସେହିପରି ଭାବରେହିଁ ନିଜକୁ ସେ ଗଢ଼ିତୋଳେ । ଏଇ ଧରଣର ଚରମ-ଆତ୍ମଜ୍ଞାନର ଅବସ୍ଥାରେହିଁ କେବଳ ଐଶ୍ୱରିକ ସ୍ୱରର କଥା ମଣିଷ ବୁଝିପାରେ ।

ଏଇ ପୃଷ୍ଠାଟି ପଢ଼ି ପୁଣି ଦେଖିଲି, ମୋର ବିଷୟବସ୍ତୁଠାରୁ ବହୁଦୂରକୁ ଚାଲିଯାଇ ଅପ୍ରାସଙ୍ଗିକ ଆଲୋଚନା କରିଛି··· । କିନ୍ତୁ ସେଥିରେ କ'ଣ ଯାଏ-ଆସେ ?···କାରଣ, ଏଇ ଦିନଲିପି ଲେଖୁଛି ମୋ'ର ପାଇଁ, ଅତଏବ ଯାହାକିଛିହିଁ ଲେଖେ ନା କାହିଁକି, ଭବିଷ୍ୟତରେ ଦିନେ ମୋ ପାଖରେ ସେଗୁଡ଼ିକ ମୂଲ୍ୟବାନ୍ ସ୍ମୃତି ହୋଇ ଉଠିବ ।

* * * *

ଗ୍ରୁସ୍‌ନିତ୍‌ସ୍କି ଆସି ମୋ ଗଳାକୁ ଜଡ଼ାଇ ଧରିଲା—ସିଏ କମିଶନ୍ ପାଇଛି । ଆମେ କିଛି ଶାମ୍ପେନ୍ ପିଇଲୁ । ଟିକେ ପରେ ହାଜର୍ ହେଲେ ଡାଃ. ଭେର୍‌ନେର୍ ।

ସେ ଗ୍ରୁସ୍‌ନିତ୍‌ସ୍କିକୁ କହିଲେ, "ଆପଣଙ୍କୁ ମୁଁ ଅଭିନନ୍ଦନ ଜଣାଉ ନାହିଁ ।"

"କାହିଁକି ?"

"କାରଣ ସୈନିକର ଗ୍ରେଟ୍‌କୋଟ୍‌ରେହିଁ ଆପଣ ସୁନ୍ଦର ଦେଖାଯାନ୍ତି । ଆପଣଙ୍କୁ ସ୍ୱୀକାର କରିବାକୁହିଁ ହେବ, ପଦାତିକ-ବାହିନୀର ଅଫିସର ପୋଷାକ ସ୍ଥାନୀୟ ଗ୍ରୀଷ୍ମରେ ଆପଣଙ୍କ ଚେହେରାକୁ ବେଶି ଆକର୍ଷଣୀ କରି ଠିଆ କରିବ ନାହିଁ··· । ଜାଣନ୍ତି ତ, ଏତେଦିନ ବୈଶିଷ୍ଟ୍ୟ ଥିଲା, ଏବେଠୁ ଆପଣ ପୁରାପୁରି ସାଧାରଣ ହୋଇ ଉଠିବେ ।"

Digitized by srujanika@gmail.com

"ଡାକ୍ତର ! ଆପଣ ଯାହା କୁହନ୍ତୁ ନା କାହିଁକି, ମୋ ଫୂର୍ତ୍ତିରେ ଆପଣ ବାଧା ଦେଇ ପାରିବେ ନାହିଁ ।" ଗ୍ରୁସ୍‌ନିଟ୍‌ସ୍କି ମୋ କାନରେ ଫୁସ୍‌ଫୁସ୍ କରି କହିଲା, "ସେ ଜାଣନ୍ତି ନାହିଁ, ଏଇସବୁ ସାମରିକଚିହ୍ନଗୁଡ଼ିକ ମୋ ଭିତରେ କି ଆଶା ସଂଚାର ନ କରିଛନ୍ତି ସତେ··· ! ଆରେ ମୋର ଚିହ୍ନମାନେ, ତମମାନଙ୍କର ତାରକାଗୁଡ଼ିକ ପଥ-ପ୍ରଦର୍ଶକ ଛୋଟଛୋଟ ତାରା···। ନା, ନା ! ମୁଁ ବର୍ତ୍ତମାନ ସଂପୂର୍ଣ୍ଣ ସୁଖୀ ।"

"ପାହାଡ଼ ଗହ୍ୱର ଭିତରର ହ୍ରଦ ପାଖରେ ବୁଲିବାକୁ ମୋ ସହିତ ଯିବ ନାହିଁ ?' ମୁଁ ତାକୁ ପ୍ରଶ୍ନ କଲି ।

"ନା, ନା ! ଯେତେବେଳଯାଏଁ ମୋର ନୂଆ ପୋଷାକ ତିଆରି ହୋଇନାହିଁ ସେତେବେଳଯାଏଁ କେବେହେଲେ ରାଜକୁମାରୀ ଆଡ଼କୁ ମୁଁ ବାହାରିବି ନାହିଁ ।"

"ତମ ସୌଭାଗ୍ୟର କଥା ତାକୁ କ'ଣ କହିବ ?"

"ଦୟାକରି କହିବ ନାହିଁ······ । ତାକୁ ମୁଁ ଅବାକ୍ କରି ଦେବାକୁ ଚାହେଁ···"

"ଯାହାହେଉ, କୁହ, ତା ସହିତ କିପରି ଆଗେଇଛ ?"

ଅସ୍ୱସ୍ତି ବୋଧ କରି ସେ ଟିକେ ଚିନ୍ତା କଲା । ଘଟଣାଟା ନେଇ ବଢ଼ାଇ ମିଛକଥା କହିବାକୁ ସେ ଚାହିଁଥିଲା । କିନ୍ତୁ ବାଧା ଦେଲା ତା'ର ଅନ୍ତଃକରଣ । ସତକଥାଟା ସ୍ୱୀକାର କରିବାକୁ ମଧ୍ୟ ତା'ର ଲଜ୍ଜା ହେଲା ।

"ତୁମେ କ'ଣ ମନେକର ଯେ, ସିଏ ତୁମ ପ୍ରେମରେ ପଡ଼ିଛି ?···"

"ମୋ ପ୍ରେମରେ ପଡ଼ିଛି ? ଶୁଣ ଅଛୁ ପେଚୋରିନ୍, ତୁମ ମୁଣ୍ଡରେ କି ସବୁ କଥା ବୁଲୁଛି ! ଏତେ ଶୀଘ୍ର କିପରି ତାହା ଆଶା କରାଯାଏ ?··· ଆଉ ଯଦି ବା ପଡ଼ିଥାଏ, କୌଣସି ଭଦ୍ରମହିଳା ସେ କଥା କହିବନାହିଁ···"

"ଭଲ, ଭଲ ! ହୁଏତ ତୁମେ ମନେକର ଯେ, ଭଦ୍ରଲୋକ ମାନଙ୍କର ମଧ୍ୟ ଉଚିତ, ଆବେଗକୁ ଗୋପନ ରଖିବା !···"

"ଶୁଣ ବନ୍ଧୁ ! ସବୁ କାର୍ଯ୍ୟହିଁ ସୁଷ୍ଠୁ ଭାବରେ କରିବାକୁ ହୁଏ । ବହୁତ କଥା ବି ମୁହଁରେ କୁହାହୁଏ ନାହିଁ···ଅନୁମାନ କରିବାକୁ ହୁଏ···"

"ଠିକ୍‌କଥା···କେବଳ ଆଖିରେ ଯେ ଭଲ ପାଇବାର କଥା ଜାଣି-ହୁଏ କିଛି ବି ପ୍ରମାଣ ହୁଏନା ସେଥିରୁ, କିନ୍ତୁ କଥା···। ସାବଧାନ ଗ୍ରୁସ୍‌ନିଟ୍‌ସ୍କି, ସେ ତୁମକୁ ଠକୁଛି···"

Digitized by srujanika@gmail.com

"କିଏ ?" ଆକାଶକୁ ଆଖି ଉଠାଇ ଆତ୍ମତୃପ୍ତିର ହସ ହସି ସେ କହିଲା, "ତୁମକୁ ଦେଖି ମାୟା ହୁଏ ପେଗ୍ରେଭିନ୍ !"

ଚାଲିଗଲା ସେ ।

ପଥ୍ୟାରେ ବେଶ୍ ବଡ଼ ଗୋଟାଏ ଦଳ ଚାଲିଲେ ପାର୍ବତ୍ୟ-ଗହ୍ୱରର ଭିତର ହ୍ରଦ ଆଡ଼କୁ ।

ସ୍ଥାନୀୟ ପଣ୍ଡିତମାନଙ୍କ ମତରେ ଏ ପାହାଡ଼ର ଗହ୍ୱରଟା ଗୋଟିଏ ନିଭି ଯାଇଥିବା ଆଗ୍ନେୟଗିରିର ମୁଖ ବ୍ୟତୀତ ଅନ୍ୟ କିଛି ନୁହେଁ । ସହରରୁ ଏକ ଘଣ୍ଟାର ଦୂରରେ ମାଣ୍ଟୁକ୍‌ର ଡାଲ୍ ଅଂଶରେ ସେଇଟା ଅଛି । ଜଙ୍ଗଲ ଆଉ ଉଚ୍ଚ ପଥର ମାନଙ୍କ ଭିତରଦେଇ ଗୋଟିଏ ସରୁ ସର୍ପିଳ ରାସ୍ତାଧରି ସେଠାରେ ପହଞ୍ଚିବାକୁ ହୁଏ । ପାହାଡ଼ ଉପରକୁ ଉଠିବାବେଳେ ରାଜକୁମାରୀ ଆଡ଼କୁ ମୁଁ ହାତ ବଢ଼ାଇଦେଲି ଆଉ ସାରାରାସ୍ତାଟା ସେ ହାତ ଛାଡ଼ିଲା ନାହିଁ ମୋର ।

ମରଚେଲୀ ଦ୍ୱାରା ଆମର ଆଳାପ ଆରମ୍ଭ ହେଲା । ଉପସ୍ଥିତ ଏବଂ ଅନୁପସ୍ଥିତ ଆମମାନଙ୍କ ପରିଚିତମାନଙ୍କୁ ନେଇ ମୁଁ କହିବାକୁ ଆରମ୍ଭ କଲି । ପ୍ରଥମେ କହିଲି ସେମାନଙ୍କ ଚରିତ୍ରର ହାସ୍ୟକର ଦିଗଟାର କଥା, ପରେ ସେମାନଙ୍କ ବଦ୍‌ଗୁଣଗୁଡ଼ିକ । ମୋ ଭିତରେ ବିଦ୍ୱେଷ ଜାଗି ଉଠିଲା । ଇତ୍ୟାଦିର ସହିତ କହିବାକୁ ଆରମ୍ଭ କରି ଶେଷକଲି ଅସଲ ବିଦ୍ୱେଷର ସହିତ । ପ୍ରଥମେ ସେ ମଜା ପାଉଥିଲା, ଶେଷଟାରେ ଡରିଗଲା ।

"ସାଙ୍ଘାତିକ ଲୋକ ଆପଣ ।" ସେ କହିଲା, "ଆପଣଙ୍କ ବାକ୍ୟବାଣ ଅପେକ୍ଷା ଅରଣ୍ୟ ଭିତରେ ମୁଁ ବରଂ ଖୁନୀର ଛୁରୀଟାକୁହିଁ ବେଶି ପସନ୍ଦ କରିବି··· । ଆପଣଙ୍କ ପାଖରେ ମୋର ଆନ୍ତରିକ ଅନୁରୋଧ—ଯଦି କେବେ ମୋ ସମ୍ବନ୍ଧରେ ଆପଣ ଖରାପ କିଛି କହିବାକୁ ଚାହାନ୍ତି, ତା ପରିବର୍ତ୍ତେ ବରଂ ଗୋଟାଏ ଛୁରୀ ଦ୍ୱାରା ମୋତେ ଶେଷ କରିଦେବେ । ମୋର ବିଶ୍ୱାସ, କାମଟା କରିବା ଆପଣଙ୍କ ପକ୍ଷରେ ବେଶି କଷ୍ଟକର ହେବ ନାହିଁ ।"

"ମୋତେ ଦେଖି କ'ଣ ଖୁନୀ ବୋଲି ମନେହୁଏ ?···"

"ତା' ଠୁଁ ବି ଆପଣ ଖରାପ···"

Digitized by srujanika@gmail.com

ମୁହୂର୍ତ୍ତିକ ପାଇଁ ଗଭୀର ଗମ୍ଭୀର ଭାବରେ ଆହତ ହେବାର ଭାବ-ଦେଖାଇ ମୁଁ କହି ଚାଲିଲି :

"ହଁ, ପିଲାଦିନଠାରୁ ମୋ କପାଳରେ ଏଇଟା ହିଁ ଜୁଟିଛି । ମୋ ଚେତନା ଭିତରେ ଯେଉଁ ମହତ୍ତ୍ୱ ନାହିଁ, ସେହି ମହତ୍ତ୍ୱର ଲକ୍ଷଣ ଗୁଡ଼ିକହିଁ ସମସ୍ତେ ଦେଖିଛନ୍ତି । କିନ୍ତୁ ଯେହେତୁ ସେଗୁଡ଼ିକୁ ସମସ୍ତେ ଦେଖିବାକୁ ଆଶା କରିଥିଲେ, ସେତେହେତୁ ସେଗୁଡ଼ିକ ବାସ୍ତବିକହିଁ ଆତ୍ମପ୍ରକାଶ କଲା । ମୋର ପ୍ରକୃତି ବିଶାଳ ବୋଲି ଲୋକେ କହନ୍ତି ମୁଁ ଧୂର୍ତ୍ତ, ଫଳରେ ମୁଁ ହିବଗଲି । ଭଲ ଏବଂ ମନ୍ଦ ସମ୍ବନ୍ଧରେ ମୁଁ ଅତି ସଚେତନ ଥିଲି; କିନ୍ତୁ ଆଦର ପରିବର୍ତ୍ତେ ମୋତେ ଅପମାନ ସହିବାକୁ ହେଲା । ସେଥିପାଇଁ ମୁଁ ହୋଇ ଉଠିଲି ବିଦ୍ୱେଷପରାୟଣ । ମୁଁ ମୁହଁ ଫୁଲାଇ ରହିଥାଏ ଅନ୍ୟ-ମାନେ ଯେତେବେଳେ ଫୁର୍ତ୍ତି ଆଉ ଗଳ୍ପ କରନ୍ତି । ମନେମନେ ସେମାନଙ୍କ ଅପେକ୍ଷା ନିଜକୁ ଭଲ ବୋଲି ଜାଣିବା ସତ୍ତ୍ୱେ ମଧ୍ୟ ସମସ୍ତେ ଭାବନ୍ତି ସେମାନଙ୍କ ଅପେକ୍ଷା ମୁଁ ଖରାପ । ଫଳରେ ହିଂସୁକ ହୋଇ ଉଠିଲି ମୁଁ । ପୃଥିବୀର ସବୁକୁ ମୁଁ ଭଲପାଇବା ପାଇଁ ପ୍ରସ୍ତୁତ ଥିଲି, କିନ୍ତୁ କେହି ବି ମୋତେ ବୁଝିଲେ ନାହିଁ । ସେଥିପାଇଁ ମୁଁ ଶିଖିଲି ଘୃଣାକରି । ମୋର ନିରାନନ୍ଦ-ଯୌବନ ନିଜର ଏବଂ ସମାଜ ସହିତ ସଂଘର୍ଷରେ ବିତିଛି । ଥଟ୍ଟା ଶୁଣିବା ଭୟରେ ମୋର ଭଲ ଗୁଣଗୁଡ଼ିକୁ ହୃଦୟର ଗଭୀରତମ ଜାଗାରେ ଲୁଚାଇ ଦେଇଥିଲି, ସେଇଠାରେହିଁ ସେଗୁଡ଼ିକର ମୃତ୍ୟୁ ଘଟିଛି । ମୁଁ ସତ କହୁଥିଲି; କିନ୍ତୁ କେହି ମୋତେ ବିଶ୍ୱାସ କରନ୍ତି ନାହିଁ । ସେଥିପାଇଁ ମୁଁ କପଟତାର ଆଶ୍ରୟ ନେଲି । ସମାଜ ଏବଂ ତା'ର କଳକବ୍ଜାକୁ ଜାଣିବାପରେ ମୁଁ ଶିଖିଲି କିପରି ବଞ୍ଚିବାକୁ ହୁଏ ଆଉ ଦେଖିଲି ଅନ୍ୟ-ମାନେ ସେପରି କୌଣସି ଦକ୍ଷତା ନଥିଲେ ବି କିପରି ସୁଖରେ ଅଛନ୍ତି, ଯେଉଁ ଅନୁଗ୍ରହ ପାଇବାପାଇଁ ମୁଁ ଏପରି କଷ୍ଟ ବରଣ କରିଥିଲି, ବିନା-ମୂଲ୍ୟରେ ସେଗୁଡ଼ିକ ସେମାନେ କିପରି ଭୋଗ କରୁଛନ୍ତି ! ସେତେବେଳେ ମୋ ବୁକୁରେ ହତାଶା ଦେଖା ଦେଲା—ସେ ଏପରି ହତାଶା ନୁହେଁ, ଯାହାକୁ ପିସ୍ତଲ୍ ଦ୍ୱାରା ମାରିଦେଇ ହେବ, ଅମାୟିକ ହସ ଏବଂ ଶିଷ୍ଟ ଚେହେରା-ତଳେ ଏକ ଶୀତଳ ଏବଂ ଦୁର୍ବଳ-ନୈରାଶ୍ୟ ଲୁଚି ରହିଲା । ମୁଁ ଏକ ନୈତିକ-ପଙ୍ଗୁ ବ୍ୟକ୍ତି ହୋଇ ଉଠିଲି, ମୋ ଆତ୍ମାର ଅର୍ଦ୍ଧେକ ମୁଁ ହରାଇ

Digitized by srujanika@gmail.com

ବସିଲି, କାରଣ ସେଇଟା ଶୁଣି ମନ ଯାଇଥିଲା, ଆଉ ସେଇଟାକୁ କାଟି ମୁଁ ଫୋପାଡ଼ ଦେଇଥିଲି । ଏ ଆଡ଼େ ଆଉ ଅର୍ଦ୍ଧେକଟା ସ୍ପଂଦିତ ହୋଇ ଉଠିଲା, ବଞ୍ଚିରହିଲା, ଯେ କେହି ଆସିଲେ ତା'ର ସେବା କରି ଶିଖିଲା । କେହି ଲକ୍ଷ୍ୟ କଲେ ନାହିଁ ଏଇଟାକୁ, କାରଣ କେହିବି ସନ୍ଦେହ କରି ନାହାନ୍ତି ଯେ ଆଉ ଅଧେ ମୃତ ଭାବରେ ଅଛି ବୋଲି ! ଆପଣ କିନ୍ତୁ ସେଇଟାର ସେଇଁ ସ୍ମୃତି ମୋ ମନରେ ଜଗାଇଛନ୍ତି ଆଉ ବର୍ତ୍ତମାନ ସେଇଁକଥା ଗୁଡ଼ିକ କହିଲି, ସେଗୁଡ଼ିକ ହେଲା ତାଇ କବର ଉପରର ଲେଖାଗୁଡ଼ିକ ଆପଣଙ୍କୁ ପଢ଼ି ଶୁଣାଇବା । ଅନେକ ମନେକରନ୍ତି କବର ଉପରର ଲେଖାଗୁଡ଼ିକ ହାସ୍ୟକର; କିନ୍ତୁ ମୁଁ ତାହା ମନେ କରେନା, ବିଶେଷ କରି ଯେତେ-ବେଳେ ମନେହୁଏ, ସେଗୁଡ଼ିକର ତଳେ କ'ଣ ନଗାଟିଏ ରହିଛି ! ଅବଶ୍ୟ ମୋ ସହିତ ଏକମତ ହେବାକୁ ଆପଣଙ୍କୁ କହୁନାହିଁ । ଯାହା କହିଲି, ତାହା ମଜାଦାର ବୋଲି ମନେହେଲେ ଉପଭୋଗ କରନ୍ତୁ ! ଆପଣଙ୍କୁ କିନ୍ତୁ ସାବ-ଧାନ କରି ଦେଉଛି, ମୁଁ ସେଥିରେ ତିଳମାତ୍ର ବି ବିରକ୍ତ ହେବିନାହିଁ ।"

ସେହି ମୁହୂର୍ତ୍ତରେ ଆମର ଦୃଷ୍ଟି-ବିନିମୟ ହେଲା ଆଉ ମୁଁ ଦେଖିଲି, ଲୁହରେ ତା' ଆଖି ଛଳଛଳ । ମୋ ହାତ ଭିତରେ ତା ହାତଟା କମ୍ପି ଉଠିଲା, ଗାଲ ଦୁଇଟି ତା'ର ଲାଲ୍‌ଟକଟକ ହୋଇ ଉଠିଛି । ମୋ ପ୍ରାଣ ଦୁଃଖ ହୋଇଛି ତା'ର ! ସମବେଦନା—ସେଇ ଆବେଗ, ଯାହା ପାଖରେ ସହଜରେହିଁ ଝିଅମାନେ ଅଭିଭୂତ ହୋଇ ପଡନ୍ତି—ତା' ଅନଭିଜ୍ଞ-ହୃଦୟରେ ନଖ ବୁଡ଼ାଇଛି । ସାରାଟା ରାସ୍ତା ସେ ଅନ୍ୟମନସ୍କ ହୋଇ ରହିଲା, କାହା ସହିତ କଥା କହିଲା ନାହିଁ—ଆଜି ବାସ୍ତବିକ ସେଇଟା ଗୋଟାଏ ଶୁଭ ଲକ୍ଷଣ !

ପାର୍ବତ୍ୟଗହ୍ୱରର ହ୍ରଦ ପାଖରେ ପହଞ୍ଚିଲୁ ଆମେ । ଅନ୍ୟାନ୍ୟ ମହିଳାମାନେ ସେମାନଙ୍କ ସଙ୍ଗୀମାନଙ୍କୁ ଛାଡ଼ି ଦେଇଛନ୍ତି, ସେ କିନ୍ତୁ ମୋ ହାତକୁ ଛାଡ଼ିଲା ନାହିଁ । ସ୍ଥାନୀୟ ସୌଖୀନ୍ ଟୋକାମାନଙ୍କ ହସ-ଅଭିନୟରେ ସେ ସ୍ଫୁର୍ତ୍ତି ପାଇଲା ନାହିଁ । ସେହିଠାରୁ ଗମ୍ଭୀର ଖାଲ ଆରମ୍ଭ ହୋଇଛି, ତା'ରି ଏକେବାରେ ଧାରରେ ସେ ଠିଆ ହୋଇଥିଲା କିନ୍ତୁ ସେଥିରେ ସେ ଡରିଲା ନାହିଁ, ଯଦିଓ ଅନ୍ୟାନ୍ୟ ମହିଳାମାନେ ଆର୍ତ୍ତନାଦ କରି ଆଖି ବୁଜି ପକାଇଲେ ।

Digitized by srujanika@gmail.com

ଫେରିବା ପଥରେ ସେଇ ବିଷନ୍ନ-କଥୋପକଥନ ମୁଁ ଆଉ ଆରମ୍ଭ କଲିନାହିଁ । ମୋର ସାଧାରଣ ପ୍ରଶ୍ନ ଆଜି ରସିକତାର ସଂକ୍ଷିପ୍ତ ଓ ଅନ୍ୟମନସ୍କ ଉତ୍ତର ସେ ଦେବାକୁ ଲାଗିଲା ।

ଅବଶେଷରେ ତାକୁ ମୁଁ ପ୍ରଶ୍ନ କଲି, "ଆପଣ କେବେ ପ୍ରେମରେ ପଡ଼ିଛନ୍ତି ?"

ତୀକ୍ଷ୍ଣଦୃଷ୍ଟିରେ ସେ ମୋ ଆଡ଼କୁ ଅନାଇଁଲା, ବଙ୍କେଇଲା ତା'ର ମୁଣ୍ଡ, ତା ପରେ ପୁଣି ଗଭୀର ଚିନ୍ତାରେ ହେଲା ନିମଗ୍ନ । ସ୍ପଷ୍ଟ ଜଣାଗଲା, କିଛି ଗୋଟାଏ ସେ କହିବାକୁ ଚାହେଁ, କିନ୍ତୁ ଜାଣେନା, କେଉଁଠୁ ଆରମ୍ଭ କରିବାକୁ ହେବ । ଗୁଣ୍ଠ ତାର ଜୋର୍‌ରେ ଉଠିଲା-ପଡ଼ିଲା··· । ଆଜି ମାହ୍‌ଲିନ୍‌ର ଆସ୍ତିନ୍ ସାମାନ୍ୟଟି ପ୍ରତିବନ୍ଧକ । ମୋ ହାତରୁ ତା ହାତ-ପର୍ଯ୍ୟନ୍ତ ଏକ ବୈଦ୍ୟୁତିକ-କମ୍ପନ ସଞ୍ଚରିତ ହେଲା—ଅଧିକାଂଶ ଭାବାବେଗର ସୂତ୍ରପାତ ଏହିପରିଟି ହୋଇଥାଏ । ପ୍ରାୟ ନିଜକୁ ଆମେ ପ୍ରତାରଣା କରୁ, ଯେତେବେଳେ ଭାବୁ, କୌଣସି ଝିଅ ଭଲପାଉଛି ଆମକୁ ଶାରୀରିକ ବା ନୈତିକ ଗୁଣ ପାଇଁ । ଅବଶ୍ୟ ସତ, ସେମାନେ ଭୂମି ନିର୍ମାଣ କରନ୍ତି, ପ୍ରସ୍ତୁତ କରନ୍ତି ହୃଦୟକୁ ପବିତ୍ର-ଅଗ୍ନି ଗ୍ରହଣ କରିବା ପାଇଁ; କିନ୍ତୁ ତା ସତ୍ତ୍ୱେ ବି ପ୍ରଥମ-ସ୍ପର୍ଶଟି ସମାଧାନ କରେ ସମସ୍ତ ପ୍ରଶ୍ନର ।

"ଆଜି ମୁଁ ଖୁବ୍ ଅମାୟିକ ବ୍ୟବହାର କରିଛି, ନୁହେଁ ?" ବାହାରି ଫେରିବା ପରେ ଅସ୍ୱାଭାବିକ ହସ ହସି କହିଲା ରାଜକୁମାରୀ ।

ଆମେ ବିଦାୟ ନେଲୁ ।

ନିଜ ଉପରେ ନିଜେଇଁ ସେ ଅସନ୍ତୁଷ୍ଟ ହୋଇ ଉଠିଛି । ନିଜକୁ ସେ ଦୋଷ ଦେଉଛି ଉଦାସୀନତା ପାଇଁ··· । ଏଇତ ପ୍ରଥମ ଏବଂ ସବୁଠାରୁ ପ୍ରୟୋଜନୀୟ ବିଜୟଚିହ୍ନ ! କାଲି ସେ ମୋତେ ପୁରସ୍କାର ଦେବାକୁ ବାଧ୍ୟ । ଏ ସବୁଟି ମୁଖସ୍ଥ ମୋର—ଆଜି ସେଇଥିପାଇଁ ଏତେ ବୈଚିତ୍ର୍ୟ-ହୀନ ।

Digitized by srujanika@gmail.com

୪ ଜୁନ୍

ଆଜି ଭେସ୍ର ସନ୍ଧ୍ୟାରେ ମୋର ଦେଖାହୋଇଛି । ଈର୍ଷାରେ ଜଳଜଳ ହୋଇ ପ୍ରାୟ ସେ ମୋତେ ମାରି ପକାଇଛି । ମନେହୁଏ, ରାଜକୁମାରୀ ତା' ମନର କଥା ଭେସ୍ରକୁ କହିବାପାଇଁ ସ୍ଥିର କରିଥିଲା । ବାସ୍ତବିକ୍ ଠିକ୍ ଲୋକ ନିର୍ବାଚନ କରିଥିଲା ସେ !

"ଏ ସବୁର ଫଳ କ'ଣ ହେବ ମୁଁ ଜାଣେ ।" କହିଲା ମୋତେ ଭେସ୍ର । "ମୋତେ ଯେବେ ଅବଜ୍ଞା ପରିଷ୍କାର କରି କୁହ ଯେ ତାକୁ ତୁମେ ଭଲପାଅ ବୋଲି ତା ହେଲେ ଭଲହେବ ।"

"କିନ୍ତୁ ଧର, ଯଦି ତାକୁ ଭଲ ନ ପାଏ ?"

"ତାହେଲେ ତା' ପିଛା ଧରିଛ କାହିଁକି ? କାହିଁକି ତା' ମନର ଶାନ୍ତି ଦୂର କରୁଛ ? କାହିଁକି ତା'ର କଳ୍ପନାକୁ ଉତ୍ତେଜିତ କରୁଛ ?…ତୁମକୁ ମୁଁ ଭଲକରି ଚିହ୍ନେ । ଯଦି ସତ, ତୁମ କଥାକୁ ମୁଁ ବିଶ୍ୱାସ କରେ, ତାହେଲେ ଆଜିଠାରୁ ସାତଦିନ ପରେ କିସ୍ଲୋଭୋଡ୍ସ୍କକୁ ଯାଅ । ବରଂତ ସେଇଠିକି ଆମେ ଯିବା । ରାଣୀ ଲିଗୋଭ୍ସ୍କାୟା ଏଠି ଆଉ କିଛିଦିନ ରହିବେ । ସେଠି ଆମଘରର ପାଖର ଘରଟାକୁ ଭଡ଼ାନିଅ । ଝରଣା ପାଖ ବଡ଼ ଘରଟାର ମେଜାନାଇନ୍ * ମହଲରେ ରହିବା । ତଳ ମହଲରେ ରହିବେ ରାଣୀ ଲିଗୋଭ୍ସ୍କାୟା । ପାଖରେ ସେଇ ଏକା ମାଲିକର ଆଉ ଗୋଟିଏ ଘର ଅଛି, ଏପର୍ଯ୍ୟନ୍ତ ସେଇଟା ଭଡ଼ା ଲାଗିନାହିଁ… । ତୁମେ ଯିବ ?…"

ମୁଁ ଜବାବ ଦେଲି ଆଜି ସେଇଦିନହିଁ ଜଣେ ଲୋକକୁ ପଠାଇଲି ଘରଭଡ଼ା ନେବା ପାଇଁ ।

ସଂଧ୍ୟା ଛ'ଟାରେ ଆସିଲା ଗ୍ରୁସ୍ନିତ୍ସ୍କି । ସେ କହିଲା, ତା ପୋଷାକ ପରଦିନ ତିଆରି ହୋଇଯିବ—ନାଚ ଆସରର ଠିକ୍ ପୂର୍ବରୁ ।

"ଅବଶେଷରେ ତା ସହିତ ସମସ୍ତ ସଂଧ୍ୟାଟା ମୁଁ ନାଚିବାକୁ ପାଇବି…। ଆଜି ପ୍ରାଣଭରି ଗଳ୍ପ କରିବି…" ସେ କହିଲା ।

"ନାଚର ଆସର କେବେ ହେବ ?"

* ଏକ ମହଲା ଓ ଦୁଇ ମହଲାର ମଝିଆମଝି ଅଧମହଲା ।

Digitized by srujanika@gmail.com

"କାଲି । ତୁମେ ଜାଣିନାହଁ ? ଖୁବ୍ ଜାକଜମକପୂର୍ଣ୍ଣ । ସ୍ଥାନୀୟ କର୍ତ୍ତୃପକ୍ଷମାନେ ଏହାର ଆୟୋଜନ କରୁଛନ୍ତି……"

"ଚାଲ, କ୍ଲବ୍‌ଘରକୁ ଯିବା ।…"

"ନା, ନା, ଏ କଦାକାର ଗ୍ରେଟ୍‌କୋଟ୍‌ଟା ପିନ୍ଧି ନୁହେଁ…"

"କ'ଣ କହୁଛ ? ତୁମେ କ'ଣ ଏଇଟାକୁ ଆଉ ପସନ୍ଦ କରୁନାହଁ ?"

ଏକୁଟିଆଣି ବାହାରିଲି । ରାଜକୁମାରୀଙ୍କ ମେରି ସହିତ ଦେଖା ହେବା ପରେ ମୋ ସହିତ ତାକୁ ମାଜୁର୍କା ନାଚିବା ପାଇଁ ଅନୁରୋଧ କଲି । ସେ ବିସ୍ମିତ ଏବଂ ଆନନ୍ଦିତ ହେଲା ।

"ଭାବିଥିଲି, ଯେତେବେଳେ ଦରକାର ସେତେବେଳେ ବୋଧେ ନାଚନ୍ତି ଆପଣ, ଶେଷଥର ପାଇଁ !" ମଧୁର ହସହସି ସେ କହିଲା ।

ଗ୍ରୁସ୍‌ନିତ୍‌ସ୍କିର ଅନୁପସ୍ଥିତି ସେ ଲକ୍ଷ୍ୟ କରିଛି ବୋଲି ମୋତେ ମନେହେଲା ନାହିଁ ।

ତାକୁ କହିଲି, "କାଲି ଆପଣ ଏକ ଅପ୍ରତ୍ୟାଶିତ ଘଟଣା ଦେଖି ଖୁସି ହେବେ……"

"କ'ଣ ସେଇଟା ?"

"ସେଇଟା ଗୋପନୀୟ କଥା… । ଆପଣ ନିଜେହିଁ ନାଚ ଆସରରେ ଦେଖିବାକୁ ପାଇବେ ।"

ରାଣୀ ଲିଗୋଭ୍‌ସ୍କାୟାଙ୍କ ଘରେ କଟାଇଲି ସଂଧ୍ୟାଟି । ଭେରା ଆଉ ଘର ମଜାଦାର୍ ଜଣେ ବୃଦ୍ଧ ବ୍ୟକ୍ତି ଆଉ କୌଣସି ଅତିଥି ନ ଥିଲେ । ମୋର ମିଜାଜ୍ ଖୁବ୍ ଭଲ ଥିଲା, କହିଲି ନାନା କାଳ୍ପନିକ ଗଳ୍ପ । ମୋ ବିପରୀତ ଦିଗରେ ବସିଥିଲା ରାଜକୁମାରୀ ମେରି । ମୋର ବାଜେ ଗଳ୍ପଗୁଡ଼ିକୁ ସେ ଏତେ ଚେଷ୍ଟାର ଓ ଏକାଗ୍ରତାର ଏପରିକି ସହାନୁଭୂତିର ସହିତ ଶୁଣୁଥିଲା ଯେ, କ୍ଷଣିକ ମର୍ମପୀଡ଼ା ଅନୁଭବ କଲି । ତା'ର ସ୍ଫୂର୍ତ୍ତି, ତା'ର ଖାମ୍‌ଖିଆଲିଭାବ, ତା'ର ଚେହେରାର ଔଦ୍ଧତ୍ୟ, ତା ବିଦ୍ରୂପର ହସ ଆଉ ତା'ର ଅମନୋଯୋଗୀ-ଦୃଷ୍ଟି କୁଆଡ଼େ ଗଲା ?……

ସବୁ କିଛି ଲକ୍ଷ୍ୟ କଲା ଭେରା । ତା ପାଣ୍ଡୁର ମୁହଁ ଉପରେ ଗଭୀର ବିଷାଦର ଛାୟା ପ୍ରତିଫଳିତ ହେଲା । ଝରକା ଧାରରେ ଆଲୁଅ ଆଡ଼ୁ-

Digitized by srujanika@gmail.com

ଆଳରେ ଗୋଟିଏ ଆରାମଚେୟାରରେ ସେ ବସିଥିଲା··· । ତା' ପାଇଁ ଦୁଃଖ-ଲାଗିଲା ମୋତେ······

ତା ପରେ ଆମର ବନ୍ଧୁତ୍ୱ, ପ୍ରେମର ନାଟକୀୟ-କାହାଣୀର ସବୁଟାକୁ କହିଲି, ସ୍ୱଭାବତଃ ହିଁ କାଳ୍ପନିକ ନାମ ବ୍ୟବହାର କରିବାକୁ ହେଲା ।

ଏତେ ହୃଦୟଗ୍ରାହୀ ଭାବରେ ଆମର କୋମଳ-ଅନୁଭୂତି, ଆଶଂକା ଏବଂ ଗମ୍ଭୀର ଆନନ୍ଦର କଥା ମୁଁ କହିଲି ଓ ତା'ର ଆଚରଣ ଆଉ ଚରିତ୍ରର ଏପରି ଅନୁକୂଳ ଚିତ୍ର ଆଙ୍କିଲି ଯେ, ରାଜକୁମାରୀ ମେରୀ ସହିତ ମୋ ପ୍ରେମର ଅଭିନୟକୁ ସେ କ୍ଷମା ନ କରି ପାରିଲା ନାହିଁ ।

ଉଠିପଡ଼ି ଆମ ପାଖକୁ ଆସି ବସି ପୁଣି ସେ ଆନନ୍ଦିତ ହୋଇ-ଉଠିଲା···ଏବଂ ରାତି ଦୁଇଟା ପରେହିଁ କେବଳ ଆମର ମନେପଡ଼ିଲା, ଡାକ୍ତରଙ୍କ ଆଦେଶ—ଏଗାରଟା ଭିତରେ ଶୋଇପଡ଼ିବା ।

୮, ଜୁନ୍

ନାଚ-ଆସରର ଅଧଘଣ୍ଟାଏ ପୂର୍ବରୁ ପଦାତିକ-ବାହିନୀର ଅଫିସର୍ ପୋଷାକରେ, ପରିପୂର୍ଣ୍ଣ-ଫୁର୍ତ୍ତିରେ ମୋ ଘରକୁ ଆସିଲା ଗ୍ରୁସ୍ନିଟ୍‌ସ୍କି । ତା ଜାମାର ତୃତୀୟ ବୋତାମ ସହିତ ଡବଲ ହାତ ଚଷମା ଝୁଲ-ହୋଇଥିବା ବ୍ରୋଞ୍ଜ୍‌ର ଗୋଟିଏ ଚେନ୍ । ଏତେ ବଡ଼ବଡ଼ ସାମରିକ ଚିହ୍ନ-ଗୁଡ଼ିକ ସେ ପିନ୍ଧିଛି ଯେ, ସେଗୁଡ଼ିକ ବାହାର ପଟରୁ ମୋଡ଼ିହୋଇ ଯାଇଛି କଉପିଡ୍‌ର ଡେଣାପରି । ତା ବୁଟ୍‌ରେ ମସ୍‌ମସ୍ ଶବ୍ଦ ହେଉଛି । ତା ବାଁ ହାତରେ ବାଦାମୀ ରଙ୍ଗର ଯୋଡ଼ାଏ ଚମଡ଼ାର ଦସ୍ତାନା ଆଉ ଟୋପି, ଡାହାଣ ହାତରେ ତା'ର କୁଞ୍ଚୁକୁଞ୍ଚିଆ ବାଳକୁ କ୍ଷୁଦ୍ରକ୍ଷୁଦ୍ର ଗୁଚ୍ଛରେ ସେ କ୍ରମାଗତ ପରିଣତ କରିଚାଲିଛି । ଟିକେ ସଂକୋଚ ଭାବ ସହିତ ଆତ୍ମତୃପ୍ତିର ଭାବ ତା' ମୁହଁ ଉପରେ ଫୁଟି ଉଠୁଛି । ତା ଉତ୍ସବର ବେଶଭୂଷା ଆଉ ଦାମ୍ଭିକ ହାବଭାବ ଦେଖି ମୁଁ ହସି ଦେଇଥାନ୍ତି—ଯଦି'ମୋ ମତଲବ ତାହା ସହିତ ଖାପ ଖାଇଥାନ୍ତା ।

ଟୋପି ଆଉ ଦସ୍ତାନାଗୁଡ଼ିକୁ ଟେବୁଲ ଉପରେ ଫୋପାଡ଼ି ଦେଇ ଅଇନା ଆଗରେ ଠିଆହୋଇ ତା କୋଟ୍‌ର ପଛପଟଟା ଟାଣିଟାଣି ସେ

Digitized by srujanika@gmail.com

ନିଜକୁ ସଜାଇବାରେ ଲାଗିଲା । ତା'ର ଟାଇ ପାଇଁ ବଦଳରେ ଗୋଟାଏ ମୋଡ଼ା କଳା ରୁମାଲ୍, ସେଥିରେ ଚ୍ଛେଟଚ୍ଛେଟ ଲେମ ଲାଗିଛି । ତା' ଉପରେ ଭଗ୍ନଦେଇ ରହିଛି ତା'ର ଓଠ । ତା' କଲରରୁ ଅଧଇଞ୍ଚ ଉଚ୍ଚ ହୋଇଛି ରୁମାଲଟା । ତାର ମନେ ହେଉଥିଲା ଏଇ ଉଚ୍ଚତା ଖୁବ୍ କମ୍ । ଟାଣିଟାଣି କାନପାଏଁ ସେଇଟାକୁ ଉଠାଇଲା ସେ । ଏ ପରିଶ୍ରମରେ ଆରକ୍ତ ହୋଇ ଉଠିଲା ତା'ର ମୁହଁ । କାରଣ ସାମରିକ-ପୋଷାକର କଲର୍‌ଟା ଘର ଟାଇଟ୍ ଆଉ ଅସ୍ୱସ୍ତିକର ।

"ଲୋକେ କହୁଛନ୍ତି ଆଜକାଲି କୁଆଡ଼େ ତୁମେ ମୋ ରାଜକୁମାରୀ ପଛରେ ସବୁବେଳେ ଘୁରୁଛ !" ମୋ ଆଡ଼କୁ ନ ଚାହିଁ ଟିକେ ଉଦାସ ଭାବରେ ସେ କହିଲା ।

"ଆମପରି ଲୋକର ଗ୍ୟ ପିଇବା କଥା ନୁହଁ !" ମୁଁ କହିଲି । କଥାଟା ଅଷ୍ଟାଦଶ ଗୋଟିଏ ଅଡ୍‌ଭୂତ ଲମ୍ବଟର ପ୍ରିୟ ଉକ୍ତି । ଏକଦା ପୁଷ୍କିନ୍ ତା କଥା ଲେଖିଥିଲେ ।

"କହିଲ, ପୋଷାକଟା କ'ଣ ଠିକ୍ ହେଉଛି ? ନରକକୁ ଯାଉ ଇଡ଼ୁଫାଟା ! କାଖ ତଳଟା ଟାଇଟ୍... । ତୁମ ପାଖରେ ଏସେନ୍ସ୍ ଅଛି ?"

"ଭଗବାନଙ୍କ ଦୋହାଇ, ଆଉ ଅଧିକ ତୁମେ କ'ଣ ଚାହଁ ? ସ୍ୱା ଭିତରେ ତୁମ ଦେହରୁ ଗୋଲାପ-ପୋମେଡ୍‌ର ଗନ୍ଧ ବାହାରୁଛି... ।"

"ସେଥିରେ ଯାଏ-ଆସେନା । ଆଉ ଟିକେ ଦିଅ..."

ଅଧ ଶିଶିଏ ପିଏ ତା ଟାଇ, ରୁମାଲ୍ ଆଉ ଆସ୍ତିନ୍‌ରେ ଢାଳିଲା :

"ନାଚିବାକୁ ଯାଉଛ ?" ସେ ପଚାରିଲା ।

"ଭାବୁଛି, ନା ।"

"ମନେହେଉଛି, ରାଜକୁମାରୀ ଆଉ ମୋତେ ମାଜୁର୍‌କା ଆରମ୍ଭ କରିବାକୁ ହେବ । କହିବାକୁ ଗଲେ, ନାଚର ଗୋଟିଏ ଭଙ୍ଗୀ ବି ମୁଁ ଜାଣିନାହିଁ..."

"ମାଜୁର୍‌କା ନାଚିବା ପାଇଁ ତାକୁ ଅନୁରୋଧ କରିଥିଲ ?"

"ନା, ଏବେ କରିନାହିଁ ।"

"ସାବଧାନ ! ତୁମ ପୂର୍ବରୁ କେହି ଯେପରି କରି ନ ବସେ... ।"

Digitized by srujanika@gmail.com

"ଠିକ୍ କହୁଛ !" ସେ କହିଲ, "ବରାଦ୍‌..., ଦୁଆରମୁହଁରେ ତା ପାଇଁ ମୁଁ ଅପେକ୍ଷା କରିବି ।"

ଟୋପିଟା ନେଇ ସେ ଦୌଡ଼ି ବାହାରିଗଲା ।

ଅଧଘଣ୍ଟାଏ ପରେ ମୁଁ ବି ବାହାରିଲି । ରାସ୍ତାଗୁଡ଼ିକ ଅନ୍ଧକାର ଓ ଜନଶୂନ୍ୟ । କ୍ଲବ୍ କମ୍ବା ସରାଇଖାନା - ଯାହାଙ୍କୁ କହୁଥାଆନ୍ତି—ସବୁଠି ଭିଡ଼ ଜମି ଉଠିଛି । ଝରକାଗୁଡ଼ିକ ଆଲୋକିତ ହୋଇ ରହିଛି । ସାଂଧ୍ୟ-ପବନରେ ସାମରିକ ବାଦ୍ୟର ବାଜଣା ଭାସି ଆସିଲା । ବନ୍ଦରକୂଳରେ ଆନ୍ମନା ହୋଇ ଧୀରେ ଧୀରେ ଚାଲିଲି । ଭାବିଲି, ବାସ୍ତବିକ କ'ଣ ପୃଥିବୀରେ ମୋର ଏକମାତ୍ର କାମ ହେଲା ଅନ୍ୟର ଆଶାକୁ ଚୂର୍ମାର କରିବା ? ଯେଉଁଦିନଠାରୁ ମୁଁ ବଞ୍ଚିବାକୁ ଆଉ କାମ କରିବାକୁ ଆରମ୍ଭ କରିଛି, ଯେପରି ଭାବରେ ହେଉ, ଭାଗ୍ୟ ମୋତେ ଜଡ଼ିତ କରି ପକାଇଛି ଅନ୍ୟାନ୍ୟ ଲୋକର ବିୟୋଗାନ୍ତକ ନାଟକର ଶେଷ ଅଙ୍କରେ, ମୁଁ ନଥିଲେ କେହି ଯେପରି ମରି ବା ନିରାଶ ହୋଇ ପାରନ୍ତି ନାହିଁ ! ସବୁବେଳେ ହିଁ ମୁଁ ପଞ୍ଚମଅଙ୍କର ଚରିତ୍ର, ଅନିଚ୍ଛା ସତ୍ତ୍ୱେ ବି ଜଲ୍ଲାଦ ବା ବିଶ୍ୱାସଘାତକର ଘୃଣାଜନକ ଭୂମିକାରେ ଅବତୀର୍ଣ୍ଣ କରିବାକୁ ହୁଏ । ଏ ସବୁର ଭିତରେ ଭାଗ୍ୟର ଉଦ୍ଦେଶ୍ୟ କ'ଣ...? ମୋର ଭାଗ୍ୟ କ'ଣ ପୂର୍ବରୁ ନିର୍ଦ୍ଦିଷ୍ଟ ହୋଇ ରହିଛି ମଧ୍ୟବିତ୍ତ ବିୟୋଗାନ୍ତକ ନାଟକର ଅଥବା ପାରିବାରିକ ଉପନ୍ୟାସର ଲେଖକ ହେବାକୁ—କିମ୍ବା ଚିନ୍ତା ଧାରବରିଡ଼ ଯୋଗେଇବାକୁ, ଧରାଯାଉ, 'ରିଡ଼ର୍ସ ଲାଇବ୍ରେରି' * ପାଇଁ...? କିଏ ଜାଣେ...! ଏ ଧରଣର କେତେ ଲୋକ କ'ଣ ନାହାନ୍ତି, ଯେଉଁମାନେ ଜୀବନ ଆରମ୍ଭ କରନ୍ତି ଆଲେକ୍‌ଜାଣ୍ଡାର ଦି ଗ୍ରେଟ୍ କିମ୍ବା ଲର୍ଡ୍ ବାଇରନ୍‌ଙ୍କ ପରି ଜୀବନ ନେଇ ଚଳିବେ ବୋଲି, ଅଥଚ ଅଜୀବନ ସେମାନେ ଚୁକ୍ତିବଦ୍ଧ ହୋଇ ରହିଥାନ୍ତି......!?

ହଲ୍‌ରେ ପଶି ଯନ୍ତ୍ରୀମାନଙ୍କ ଭିତରେ ମିଶିଗଲି ମୁଁ ଲକ୍ଷ୍ୟକରି ରହିଲି । ସୁସ୍ମିତା ଦେବୀଙ୍କ ପାଖରେ ଠିଆହୋଇ ସେ ଆଗ୍ରହରେ କଥା କହୁଛନ୍ତି । ଦେବୀଙ୍କ ମୁହଁ ଉଦ୍ଭାସିତ ଅନନ୍ୟ ଭଙ୍ଗୀରେ । ହାତ-ଘୋଡ଼ା ତୁଚ୍ଛ କରିବାର କ୍ଷିପ୍ରତା ବିଶ୍ୱାସୀଙ୍କୁ ସେ ଦେଖୁଛି ।

* ଲେଖ ଓ ବାର୍ତ୍ତା ଦୁଇଙ୍କୁ ଉପ ନିଜ ଲେଖିବା ଲେଖକଙ୍କୁ ମନେ ପଡ଼ିବା ।

ତା' ଚେହେରାରେ ଅଧୈର୍ଯ୍ୟର ଭାବ ପ୍ରକାଶ ପାଉଛି ଆଉ ତା ଆଖି କାହାକୁ ଯେପରି ଖୋଜୁଛି ! ନିଃଶବ୍ଦରେ ସେମାନଙ୍କ ପଛରେ ଆସି ଠିଆହେଲି, ଯେଉଁଥିରେ ସେମାନଙ୍କ କଥାବାର୍ତ୍ତା ଶୁଣିବାକୁ ପାଇବି ।

ଗ୍ରୁପକାପ୍ଟେନ୍ କହିଲା, "ମୋତେ ଆପଣ ଗମ୍ଭୀର ଯନ୍ତ୍ରଣା ଦେଉଛନ୍ତି ରାଜକୁମାରୀ ! ଶେଷଥର ଆପଣଙ୍କ ସହିତ ଦେଖାହେବା ପରଠାରୁ ଆପଣ ଭାରି ବଦଳି ଯାଇଛନ୍ତି......।"

"ଆପଣ ବି ବଦଳି ଯାଇଛନ୍ତି ।" ତା ଉପରେ ଥରେ ଦ୍ରୁତଭାବରେ ଆଖି ବୁଲେଇ ନେଇ ସେ କହିଲା । ଗ୍ରୁପକାପ୍ଟେନ୍ ଧରି ପାରିଲା ନାହିଁ ପ୍ରଚ୍ଛନ୍ନ-ବିଦ୍ରୂପକୁ ।

"ମୁଁ ? ମୁଁ ବଦଳି ଯାଇଛି... ? କେଭେଁ ନୁହେଁ ! ଆପଣ ତ ଜାଣନ୍ତି, ତାହା ଅସମ୍ଭବ ! ଯେ କେହି ଥରେ ଆପଣଙ୍କୁ ଦେଖିଛି, ଆପଣଙ୍କର ଦେବୀମୂର୍ତ୍ତି ଆ-ମରଣ ତା'ର ମନେଥିବ......"

"ହଉ, ରହନ୍ତୁ !"

"ସଂପ୍ରତି ଯେଉଁ କଥାଗୁଡ଼ିକ ଏତେଥର ଆପଣ ଶୁଣିବାକୁ ଭଲ ପାଉଥିଲେ ବର୍ତ୍ତମାନ କାହିଁକି ତାହା ଶୁଣିବାକୁ ଚାହାନ୍ତି ନାହିଁ ? ......"

ହସିହସି ସେ ଉତ୍ତର ଦେଲା, "କାରଣ, ପୁନରୁକ୍ତି ମୋତେ ଭଲ ଲାଗେ ନା ।"

"ମୋର ଭାରି ଭୁଲ୍ ହୋଇଛି ! ...ବୋକା ବୋଲି ମୁଁ ଭାବିଥିଲି ଯେ ଅନ୍ତତଃ ଏଇ ସାମରିକ ଚିହ୍ନଗୁଡ଼ିକ ମୋତେ ଆଶା କରିବାର ଅଧିକାର ଦେବ... । ବାସ୍ତବିକ, ଅବଶିଷ୍ଟ ଜୀବନଟା ସୈନିକମାନଙ୍କର ସେଇ ଜଘନ୍ୟ ଗ୍ରେଟ୍‌କୋଟ୍‌ଟା ପିନ୍ଧି କଟାଇ ଦେଇ ପାରନ୍ତେକି ଭଲ ହୁଅନ୍ତା, ଯେଉଁଟାପାଇଁ ହୁଏତ ଆପଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲି...।"

"ବାସ୍ତବିକ ଗ୍ରେଟ୍‌କୋଟଟାହିଁ ଆପଣଙ୍କୁ ଭଲ ମାନେ......"

ସେଇ ମୁହୂର୍ତ୍ତରେ ମୁଁ ଆଗେଇ ଆସି ନତ ହୋଇ ଅଭିବାଦନ କଲି ରାଜକୁମାରୀଙ୍କୁ । ସାମାନ୍ୟ ଆରକ୍ତ ହୋଇ ସେ ଦ୍ରୁତଭାବରେ କହି ଚାଲିଲା :

"ପେଚୋରିନ୍, ଆପଣ କ'ଣ ମନେ କରନ୍ତି ନାହିଁ, ଧୂସର ଗ୍ରେଟ୍-କୋଟ୍‌ଟାହିଁ ସ୍ୱାଂକୁ ଭଲ ମାନେ ?..."

Digitized by srujanika@gmail.com

ଉତ୍ତରରେ ମୁଁ କହିଲି. "ଆପଣଙ୍କ ସହିତ ଏକମତ ହୋଇପାରୁନାହିଁ । ଏ ପୋଷାକରେ ଇଏ ଆହୁରି ପିଲାଙ୍କ ପରି ଦେଖାଯାଉଛି ।"

କଥାଟା ବରଦାସ୍ତ ହେଲାନାହିଁ ଗ୍ରୁସ୍‌ନିତ୍‌ସ୍କିର, କାରଣ, ସବୁ ବାଳକଙ୍କ ପରିହିଁ ନିଜର ବୟସ ବେଶି ବୋଲି ସେ ଦେଖାଇବାକୁ ଚାହେଁ । ସେ ମନେକରେ, ତା' ମୁହଁ ଉପରର ଖିଚାବେଗର ଗମ୍ଭୀର-ରେଖାଗୁଡ଼ିକ ବୟସକୁ ତା'ର ବଢ଼ାଇ ଦେଉଛି । ଅତ୍ୟନ୍ତ କ୍ରୋଧାନ୍ୱିତ ଦୃଷ୍ଟିରେ ମୋ ଆଡ଼କୁ ଅନାଇ, ତଳେ ଗୋଡ଼ ବାଡ଼େଇ, ଦୀର୍ଘ ପଦକ୍ଷେପରେ ସେ ଚାଲିଗଲା ।

ରାଜକୁମାରୀକୁ ମୁଁ କହିଲି, "ଆପଣଙ୍କୁ ସ୍ୱୀକାର କରିବାକୁ ହେବ, କ୍ଷମାଗତନ୍ନ ସେ ହାସ୍ୟକର ଧରଣର—ତଥାପି କିଛିଦିନ ପୂର୍ବରୁ ମଧ୍ୟ ତାକୁ ଆପଣଙ୍କର ଚିତ୍ତାକର୍ଷକ ବୋଲି ମନେହୋଇଥିଲା···ତା'ର ଧୂସର ଗ୍ରେଟ୍‌କୋଟ୍‌ଟାରେ·····?"

ସେ ଆଖି ତଳକୁ କଲା, କିଛି କହିଲାନାହିଁ ।

ସମଗ୍ର ସନ୍ଧ୍ୟାଟା ଗ୍ରୁସ୍‌ନିତ୍‌ସ୍କି ରାଜକୁମାରୀର ପଛେପଛେ ବୁଲିଲା, କେତେବେଳେ ନାଚିଲା ତା' ସହିତ, କେତେବେଳେ ବା ତା'ର vis-a-vis* ! ଆଖିରେ ସେ ଯେପରି ତାକୁ ପିଇବାକୁ ଲାଗିଲା, ପକାଇବାକୁ ଲାଗିଲା ଦୀର୍ଘଶ୍ୱାସ ଏବଂ ଅନୁନୟ, ଆବେଦନ ଓ ଭର୍ତ୍ସନା ଦ୍ୱାରା ତାକୁ କରିପକାଇଲା କ୍ଲାନ୍ତ । ତୃତୀୟ କୋୟାଡ୍ରିଲ୍ ଶେଷ ହେବା ପରେ ରାଜକୁମାରୀ ତାକୁ ଘୃଣା କରିବାକୁ ଆରମ୍ଭ କଲା ।

"ତୁମ ପାଖରୁ ଏଇଟା ମୁଁ ଆଶା କରିନାହିଁ ।" ପାଖକୁ ଆସି ମୋ ହାତଧରି ଗ୍ରୁସ୍‌ନିତ୍‌ସ୍କି କହିଲା ।

"କୋଉକଥା କହୁଛ ?"

"ତା' ସଙ୍ଗରେ ତୁମେ ମାଜୁର୍କା ନାଚିବ କି ?" ଗମ୍ଭୀର ସ୍ୱରରେ ସେ ମୋତେ ପ୍ରଶ୍ନକଲା, "ମୋତେ ସେ ଏ କଥାଟା କହିଛି···"

"ସେଥିରେ କ'ଣ ଅଛି ? ଏଇଟା କ'ଣ ଗୁପ୍ତକଥା ?"

"ନିଶ୍ଚୟ ନୁହେଁ···ସେଇ ଅଳଜୁକା ମାଇକିନିଆ···ସେଇ ଛିଣ୍ଡାଳଟା ଠାରୁ ଏଇଟାହିଁ ଆଶା କରିବା ଉଚିତଥିଲା···ଯିବାକୁ ଦିଅ, ମୁଁ ବି ପ୍ରତିଶୋଧ ନେବି ।"

* [ଫରାସୀଭାଷାରେ]—ସାମ୍ନା ସାମ୍ନି ।

"ତୁମର ଗ୍ରେଟ୍‌କୋଟ୍ ବା ତୁମର ସାମରିକ ଚିହ୍ନଗୁଡ଼ିକ ଉପରେ ତୁମେ ଦୋଷ ଲଦୁଛ, କିନ୍ତୁ ତାକୁ ଦୋଷଦେଇ ଲାଭ କ'ଣ ? ତୁମେ ଯେ ଆଜ ତାକୁ ଭଲଲାଗୁନାହିଁ, ଏଇଟା କ'ଣ ପୋଷାକର ଦୋଷ ?..."

"କାହିଁକି ମୋତେ ସେ ହାବଭାବ ଦେଖାଇ ଆଶା ଦେଇଥିଲା ?"

"କାହିଁକି ତୁମେ ଆଶାକରିଥିଲ ? କିଛି ମାଗିବା ଆଉ ତାହା ପାଇବାକୁ ଚେଷ୍ଟା କରିବା ମୁଁ ବୁଝିପାରେ । କିନ୍ତୁ ଆଶାକରି କିଏ ବସିଥାଏ ?"

ଶ୍ଳେଷର ହସ ହସିଂସେ କହିଲା, "ବାଜିଟା ତୁମେ ଜିତିଛ, କିନ୍ତୁ ସପୂର୍ଣ ନୁହେ ।"

ମାଜୁର୍କା ଆରମ୍ଭ ହେଲା । ରାଜକୁମାରୀ ବ୍ୟତୀତ ଗ୍ରୁସ୍ନିତ୍ସ୍କି ଆଉ କାହାକୁ ଆମନ୍ତ୍ରଣ ଜଣାଇଲା ନାହିଁ, ଅନ୍ୟାନ୍ୟ ପୁରୁଷମାନେ ବି ପ୍ରତି-ମୁହୂର୍ତ୍ତରେ ତାକୁହିଁ ବାଛିନେବାକୁ ଲାଗିଲେ; ମୋ ବିରୁଦ୍ଧରେ ଏଇଟା ସ୍ପଷ୍ଟତଃ ଷଡ଼ଯନ୍ତ୍ର—କିନ୍ତୁ ସେଥିରେ ଭଲହିଁ ହେଲା । ମୋ ସହିତ କଥା କହିବାକୁ ଚାହିଁଥିଲା ରାଜକୁମାରୀ । ତାକୁ ବାଧା ଦିଆହୋଇଛି—ଭଲ ! ବର୍ତ୍ତମାନ ସେ ଦ୍ୱିଗୁଣ ଭାବରେ ଚାହିଁବ ।

ଥରେ-ଦି'ଥର ତା' ହାତରେ ଚାପଦେଲି; ଦ୍ୱିତୀୟ ଥର କୌଣସି କଥା ନ କହି ସେ ହାତଟାକୁ ଟାଣିନେଲା ।

ମାଜୁର୍କା ଶେଷ ହେବାପରେ ସେ କହିଲା, "ଆଜି ରାତିରେ ମୋର ଭଲ ନିଦ ହେବନାହିଁ ।"

"ଏଥିପାଇଁ ଦାୟୀ ଗ୍ରୁସ୍ନିତ୍ସ୍କି ।"

"ନା, ନା !" ତା ମୁହଁ ଏତେ ଚିନ୍ତାଯୁକ୍ତ, ଏତେ ବିଷନ୍ନ ହୋଇ ଉଠିଲା ଯେ, ମୁଁ ପ୍ରତିଜ୍ଞା କଲି ସେଇ ରାତିରେହିଁ ତା ହାତକୁ ଚୁମ୍ବନ କରିବି ।

ସମସ୍ତେ ଯିବାକୁ ଆରମ୍ଭ କଲେ । ରାଜକୁମାରୀକୁ ଗାଡ଼ିକୁ ଉଠାଇ-ବାରେ ସାହାଯ୍ୟ କରିବା ବେଳେ ହଠାତ୍ ତା'ର ଛୋଟ ହାତଟାକୁ ମୋ' ଓଠରେ ଚାପି ଧରିଲି । ଚାରିଆଡ଼ ଅନ୍ଧକାର । କେହି ଦେଖିନାହାନ୍ତି ।

ନିଜ ଉପରେ ଭାରି ଖୁସିହୋଇ ଫେରିଲି ହଲ୍‌କୁ ।

Digitized by srujanika@gmail.com

ବଗିଚାର ଗୋଟାଏ ଟେବୁଲ୍‌ର ଚାରିଦିଗରେ ବସି ତରୁଣର ଦଳ ରାତିର ଶେଷ ଭୋଜନ କରୁଥିଲେ। ସେମାନଙ୍କ ଭିତରେ ଥିଲା ଗ୍ରୁସ୍‌ନିତ୍‌ସ୍କି। ମୁଁ ପହଞ୍ଚିବା ସଙ୍ଗେ ସଙ୍ଗେ ସେମାନେ ନୀରବ ହେଲେ। ନିଶ୍ଚୟ ସେମାନେ ମୋ' ସଂପର୍କରେ କଥାବାର୍ତ୍ତା ହେଉଥିଲେ! ପୂର୍ବ ନୃତ୍ୟ-ଆସର ପରଠାରୁ ସେମାନଙ୍କ ଭିତରୁ ଅନେକ, ବିଶେଷକରି ଅଶ୍ୱାରୋହୀ-ବାହିନୀର ସେହି କ୍ୟାପ୍‌ଟେନ୍ ମୋ ସହିତ ଝଗଡ଼ା କରିବାକୁ ବସିଥିଲା। ବର୍ତ୍ତମାନ ମନେହେଲା, ଗ୍ରୁସ୍‌ନିତ୍‌ସ୍କିର ଅଧିନାୟକତ୍ୱରେ ମୋ ବିରୁଦ୍ଧରେ ଗୋଟିଏ ଦଳ ଗଢ଼ାହେବାକୁ ଯାଉଛି। ସେମାନଙ୍କ ଭିତରେ ଭୀଷଣ ଦାମ୍ଭିକତା ଆଉ ଚେଷ୍ଟାକୃତ ବେପରୁଆଭାବ······

ମୁଁ ଏଥିରେ ଖୁବ୍ ଆନନ୍ଦିତ, କାରଣ ଶତ୍ରୁ ମୁଁ ଭଲପାଏ—ଯଦିଓ ଖ୍ରୀଷ୍ଟିଆନ୍‌ମାନଙ୍କ ଭଳି ନୁହେଁ। ସେମାନେ ମୋତେ ସ୍ଫୂର୍ତ୍ତି ଦିଅନ୍ତି, ଦ୍ରୁତତର କରନ୍ତି ମୋର ବକ୍ଷସ୍ପନ୍ଦନ। ସବୁବେଳେ ସତର୍କ ରହିବା, ପ୍ରତିଟି ଚାହାଣି ଏବଂ କଥାର ତାତ୍ପର୍ଯ୍ୟ ଧରିବା, ଅଭିପ୍ରାୟ ଅନୁମାନ କରିବା, ଷଡ଼ଯନ୍ତ୍ର ବ୍ୟର୍ଥ କରିବା, ପ୍ରତାରିତ ହେବାର ଭାବ ଦେଖାଇବା ଆଉ ତା' ପରେ ଗୋଟିଏ ଆଘାତରେ ଏତେ କଷ୍ଟରେ ସୃଷ୍ଟ ସମସ୍ତ ବ୍ୟୂହ ଓ ପରିକଳ୍ପନାକୁ ଧୂଳିସାତ୍ କରିଦେବା—ଏହାକୁହିଁ ମୁଁ କୁହେ ଜୀବନ।

ସମସ୍ତ ଭୋଜନ ସମୟଟା ଗ୍ରୁସ୍‌ନିତ୍‌ସ୍କି ଅଶ୍ୱାରୋହୀ-ବାହିନୀର କ୍ୟାପ୍‌ଟେନ୍ ସହିତ ଫୁସୁରୁ-ଫାସର୍ ହେଲା ଏବଂ ବାରମ୍ବାର କଲା କଟାକ୍ଷ।

୭, ଜୁନ୍

ଆଜି ସକାଳେ ଭେରା ତା ସ୍ୱାମୀ ସହିତ ଚାଲିଗଲା କିସ୍‌ଲୋଭୋଦ୍‌ସ୍କକୁ। ମୁଁ ଯେତେବେଳେ ରାଣୀ ଲିଗୋଭସ୍କାୟାଙ୍କ ଘରଆଡ଼କୁ ଯାଉଥିଲି, ସେମାନଙ୍କ ଗାଡ଼ି ମୋ ପାଖଦେଇ ଚାଲିଗଲା। ମୋତେ ଉଦ୍ଦେଶ୍ୟ କରି ସେ ମୁଣ୍ଡ ହଲାଇଲା: ଆଖିରେ ତା'ର ଭର୍ତ୍ସନାର ଚାହାଣି।

ଶେଷପର୍ଯ୍ୟନ୍ତ କାହାକୁ ଦୋଷଦେଇ ହୁଏ ? କାହିଁକି ଏକୁଟିଆ ତା ସହିତ ଦେଖା କରିବାର ସୁଯୋଗ ସେ ମୋତେ ଦିଏନାହିଁ ? ଇଙ୍ଗନ

Digitized by srujanika@gmail.com

ନଥିଲେ ଝିଅଁ ପରି ପ୍ରେମ ମଧ୍ୟ ମିଳିଯାଏ । ହୁଏତ ମୋର ଅନୁନୟ ଯେଉଁଠି ବ୍ୟର୍ଥ, ସେଠି ସଫଳ ହେବ ଇର୍ଷା !

ପୁରା ଘଣ୍ଟାଟିଏ ଥିଲି ରାଣୀଙ୍କ ଘରେ । ମେରି ଉପରୁ ଓହ୍ଲାଇ ନାହିଁ—ସେ ଅସୁସ୍ଥ । ସନ୍ଧ୍ୟାବେଳେ ବୁଲ୍‌ଭାର୍ଡରେ ବି ତାକୁ ଦେଖିଲି ନାହିଁ । ନବଗଠିତ ଦଳ ଅସ୍ତ୍ର-ଶସ୍ତ୍ରରେ ସଜ୍ଜିତ । ବାସ୍ତବିକ ସେମାନେ ଭୟଙ୍କର ଦେଖାଯାଉଛନ୍ତି ! ରାଜକୁମାରୀ ଯେ ଅସୁସ୍ଥ, ଏଥିରେ ମୁଁ ଖୁସି । କାରଣ, କୌଣସି ନା କୌଣସି ଖଳଲୋକ ତାକୁ ପ୍ରକାଶ୍ୟରେ ଅପମାନ କରିଥାନ୍ତା । ଗ୍ରୁସ୍‌ନିତ୍‌ସ୍କିର ବାଳ ଷପର୍ଯ୍ୟନ୍ତ, ବେପରୁଆ ଦେଖାଯାଉଛି ସେ । ପ୍ରକୃତିରେ ମନେହେଉଛି, ମନ ତା'ର ତିକ୍ତ ହୋଇ ଉଠିଛି ବିଶେଷକରି ତା'ର ଅହମିକା ହୋଇଛି ଆହତ । କିନ୍ତୁ କେତେଗୁଡ଼ିଏ ଲୋକଙ୍କୁ ଦେଖିଲେ ବାସ୍ତବିକ ମଜାଲାଗେ, ଏପରିକି ଯେତେବେଳେ ସେମାନେ ହତାଶ ହୋଇ ଉଠନ୍ତି— ସେତିକିବେଳେ ।

ଘରକୁ ଫେରି ଗୋଟାଏ ଅସ୍ପଷ୍ଟ-ଔତ୍ସୁକ୍ୟ ଅନୁଭବ କଲି । ତା'ର ଦେଖା ପାଇନି । ସେ ଅସୁସ୍ଥ । ବାସ୍ତବିକ ପ୍ରେମରେ ପଡ଼ିଲି ନା କ'ଣ ?··· ଛି ସବୁ ବାଜେ କଥା !

୭, ଜୁନ୍

ସକାଳ ଏଗାରଟାରେ—ଏତିକିବେଳେ ରାଣୀ ଲିଗୋଭସ୍କାୟା ଯେତେବେଳେ ଇଅର୍‌ମୋଲଭ୍‌ର ସ୍ନାନ ଟବଲକୁ ଝାଳ ନିର୍ଗତ କରିବାକୁ ଗଲେ, ମୁଁ ତାଙ୍କ ଘରର ପାଖଦେଇ ଗଲି । ଚିନ୍ତାମଗ୍ନ ହୋଇ ରାଜକୁମାରୀ ମେରି ଝରକା ଉପରେ ବସିଥିଲା । ମୋତେ ଦେଖି ସେ ଓହ୍ଲେଇ ପଡ଼ି ଠିଆହେଲା ।

ଅଳିନ୍ଦରେ ପଶିଲି । ଆଖପାଖରେ କେହି ନାହିଁ । ସ୍ଥାନସ୍ଥ ରୀତିର ସ୍ୱାଧୀନତାର ସୁଯୋଗ ଗ୍ରହଣକରି, ନିଜର ନାମ ଘୋଷିତ ନ କରି ବୈଠକଖାନାରେ ପ୍ରବେଶ କଲି ମୁଁ ।

ରାଜକୁମାରୀର ସୁନ୍ଦର ମୁହଁରେ ପାଣ୍ଡୁରାଭା ଛେଇ ହୋଇ ପଡ଼ିଛି । ଚଉକି ପଛରେ ଆଉଜି ପିଆନୋ ପାଖରେ ସେ

Digitized by srujanika@gmail.com

ଠିଆହୋଇ ରହିଛୁ । ମୃଦୁକମ୍ପନ ତା ହାତରେ । ନିଃଶବ୍ଦରେ ତା ପାଖକୁ ଯାଇ ବସିଲି :

"ମୋ ଉପରେ ରାଗିଛନ୍ତି ?"

ଗମ୍ଭୀର, କୋମଳ-କ୍ଲାନ୍ତ-ଦୃଷ୍ଟି ଭରା ଆଖିଯୋଡ଼ିକି ମୋ ଆଡ଼କୁ ଉଠାଇ ସେ ମୁଣ୍ଡ ହଲାଇଲା । ଓଠ ତା'ର ଥରିଲା କିଛି କହିବାକୁ, କିନ୍ତୁ ପାରିଲା ନାହିଁ । ଆଖି ଦୁଇଟି ତା'ର ପୂରି ଉଠିଲା ଲୁହରେ । ଗୋଟାଏ ଚଉକିରେ ବସିପଡ଼ି ହାତଦେଇ ସେ ମୁହଁକୁ ଢାଙ୍କିଲା ।

ତା'ର ହାତଟିକୁ ନିଜ ହାତକୁ ଉଠାଇନେଇ କହିଲି, "କ'ଣ ହୋଇଚି ?"

"ମୋତେ ଆପଣ ସମ୍ମାନ କରନ୍ତୁ ନାହିଁ !···ମୋତେ ଏକୁଟିଆ ରହିବାକୁ ଦିଅନ୍ତୁ !!···"

କେତେପାଦ ପଛେଇଗଲି । ···ଚଉକି ଉପରେ ସେ ଅବଶ ହୋଇଉଠିଲା, ଜଳିବାକୁ ଲାଗିଲା ତା ଆଖି ଦୁଇଟି···

ରହିଯାଇ ଦରଜାରେ ହାତରଖି ମୁଁ କହିଲି :

"ରାଜକୁମାରୀ ! କ୍ଷମାକରନ୍ତୁ ମୋତେ ! ନ ଭାବି ନ ଚାହିଁ ମୁଁ କାମ କରିଛି···ଏ ଘଟଣା ଆଉ ଘଟିବନାହିଁ···ମୁଁ ବିଶେଷ ଲକ୍ଷ୍ୟ ରଖିବି··· । ମୋ ମନରେ ମୁହୂର୍ତ୍ତକ ପୂର୍ବରୁ କ'ଣ ହେଉଥିଲା ସେ କଥା ଜାଣିବା ଦରକାର କ'ଣ ଆପଣଙ୍କର ? ସେକଥା କୌଣସିଦିନ ଆପଣ ଜାଣିବେ ନାହିଁ, ସେଇଟା ଆପଣଙ୍କ ପକ୍ଷରେ ଭଲ ପଥ । ବିଦାୟ !"

ବାହାରି ଆସିବାବେଳେ ମନେହେଲା ଯେପରି କଇଁକଇଁ କାନ୍ଦଣାର ଶବ୍ଦ ଶୁଣିବାକୁ ପାଉଛି !

ସଂଧ୍ୟାପର୍ଯ୍ୟନ୍ତ ମାଣ୍ଡୁକ୍‌ର ବିଭିନ୍ନ ଅଞ୍ଚଳରେ ବୁଲାବୁଲି କରି, ନିଜକୁ ପୂରାପୂରି ପରିଶ୍ରାନ୍ତ କରି, ଘରକୁଫେରି ବିଛଣାରେ ଦେହକୁ ଲେଟାଇଦେଲି କ୍ଲାନ୍ତହୋଇ ।

ଦେଖା କରିବାକୁ ଆସିଲେ ଭେର୍‌ନେର୍ ।

ସେ ପଚାରିଲେ, "କଥାଟା କ'ଣ ସତ, ରାଜକୁମାରୀ ମେରିଙ୍କୁ ଆପଣ ବାହା ହେବାକୁ ଚାହାନ୍ତି ?"

"କାହିଁକି ଏକଥା ପଚାରୁଛନ୍ତି ?"

Digitized by srujanika@gmail.com

"ସମଗ୍ର ସହର ଏ କଥାଟାକୁ ଆଲୋଚନା କରୁଛନ୍ତି । ମୋର ସବୁ ରୋଗୀମାନେ ଏଇ ଗୁରୁତର ବିଷୟ ବ୍ୟତୀତ ଅନ୍ୟ କିଛି ବି ଭାବି ପାରୁ ନାହାନ୍ତି । ଏଠାକାର ଜନତା ସବୁକିଛିହିଁ ଜାଣେ !"

ମୁଁ ଭାବିଲି, "ଏଇଟା ଗ୍ରୁସ୍‌ନେନ୍‌ଡ୍‌ସ୍କିର ରସିକତା !"

"କଥାଟା ଯେ କେତେ ପରିମାଣରେ ଭିତ୍ତିହୀନ, ସେଇଟା ଆପଣଙ୍କ ପାଖରେ ପ୍ରମାଣ କରିବାପାଇଁ ଗୌରବରେ ଆପଣଙ୍କୁ ଜଣାଇବି; କା'ଲି ମୁଁ ଯାଉଛି କସ୍‌ଲ୍‌ ଭ୍ରେଦ୍‌ସ୍କିଙ୍କୁ....."

"ଆଉ ରାଜକୁମାରୀ ବି ଯାଉଛନ୍ତି ?"

"ନା, ଏଠି ଆହୁରି ସପ୍ତାହେ ସେ ରହିବେ"...

"ତାହେଲେ ଆପଣ ବାହା ହେବାକୁ ଚାହାନ୍ତି ନାହିଁ ?..."

"ଡାକ୍ତର ! ଡାକ୍ତର !! ମୋ ଆଡ଼କୁ ଚାହିଁ ଦେଖନ୍ତୁ, ମୋତେ କ'ଣ ବର ବା ସେଇ ଜାତୀୟ କିଛି ବୋଲି ମନେ ହେଉଛି ?"

"ମୁଁ କହୁନାହିଁ ଆପଣ ସେ ପ୍ରକାର କିଛି ଦେଖାଯାଉଛନ୍ତି ବୋଲି... । କିନ୍ତୁ ଜାଣନ୍ତି ତ ମଝିରେ ମଝିରେ ଏ ପ୍ରକାର ଘଟଣା ଘଟିଥାଏ", ଧୂର୍ତ୍ତ ହସ ହସି ସେ କହି ଚାଲିଲେ, "ଭଦ୍ରଲୋକମାନଙ୍କୁ ମଝିରେ ମଝିରେ ବାଧ୍ୟହୋଇ ବାହା ହେବାକୁ ପଡ଼େ । ଏପରି ଅନେକ ସ୍ନେହଶୀଳା ମା ମାନଙ୍କର ଦଳ ଅଛନ୍ତି, ଯେଉଁମାନେ ଏ ପ୍ରକାର ପରିଣାମ ଘଟାନ୍ତି, ବାଧା ଦିଅନ୍ତି ନାହିଁ... । ଏତଏବ ବନ୍ଧୁ ହିସାବରେ ଆପଣଙ୍କୁ ଆହୁରି ସାବଧାନ ହେବାକୁ ମୁଁ ଉପଦେଶ ଦେବି । ଏଠାକାର ଝରଣା ଆଖପାଖର ଆବହାଓ୍ୱା ଅତ୍ୟନ୍ତ ବିପଜ୍ଜନକ ହୋଇଉଠିଛି । ଅନେକ ଚମତ୍କାର ଯୁବକଙ୍କୁ, ଯେଉଁମାନଙ୍କ ଭାଗ୍ୟ ଆହୁରି ତେଜ୍ ହେବାର କଥା, ଦେଖିଛି ସେମାନଙ୍କୁ ବାଧ୍ୟ ହୋଇ ବିବାହ କରିବାରେ । ବିଶ୍ୱାସ କରନ୍ତୁ ବା ନ କରନ୍ତୁ—ଏମାନେ ମୋତେ ବାହା କରିଦେବାକୁ ମଧ୍ୟ ଚାହୁଁଥିଲେ । ମଫସଲ ଅଞ୍ଚଳର ଗୋଟିଏ ମା'ର ଚକ୍ରାନ୍ତ ଥିଲା ସେଇଟା । ତା'ର ଥିଲା ଅତ୍ୟନ୍ତ ମଳିନବର୍ଣ୍ଣର ଗୋଟିଏ ଝିଅ । ମୋର ଦୁର୍ଭାଗ୍ୟ, ତାଙ୍କୁ କହିଥିଲି ଯେ, ଦେହରେ ବାହା-ପାଣି ପଡ଼ିଲେ ଝିଅଟିର ସ୍ୱାସ୍ଥ୍ୟ ଭଲ ହେବ । ଫଳରେ କୃତଜ୍ଞତାରେ ତାଙ୍କ ଆଖିରେ ଲୁହ ଜକେଇ ଆସିଲା । ସେ ତାଙ୍କର ଝିଅକୁ ମୋ ସହିତ ବାହା କରିବାକୁ ଚାହିଁଲେ, ତା ସହିତ

Digitized by srujanika@gmail.com

ଦେବାକୁ ଚାହିଁଲେ ତାଙ୍କର ସମସ୍ତ ସମ୍ପତ୍ତି—ଯେତେଦୂର ମନେପଡ଼ୁଛି, ତା'ର ପରିମାଣ ପଚିଶ ଜଣ ଭୂମିଦାସ । ଯାହାହେଉ, ମୁଁ ତାଙ୍କୁ ଜଣାଇ-ଥିଲି, ମୁଁ ସଂପୂର୍ଣ୍ଣ ଅନୁପଯୁକ୍ତ ବିବାହ ଲାଗି···"

ଟିକ୍‌ବେଳେ ମୋତେ ସାବଧାନ କରି ଦେଇଛନ୍ତି—ଏହି ଦୃଢ଼-ବିଶ୍ୱାସନେଇ ବିଦାୟ ନେଲେ ଭେର୍‌ନେର୍‌ ।

ସେ ଯାହା କହିଲେ, ସେଥିରୁ ବୁଝିଲି, ରାଜକୁମାରୀ ଏବଂ ମୋ ସମ୍ବନ୍ଧରେ ସହରରେ ନାନା ବିଦ୍ୱେଷ-ପରିପୂର୍ଣ୍ଣ ଗୁଜବ୍ ରଟନା ହେଉଛି; ଏଥିପାଇଁ ଗ୍ରୁସ୍‌ନିତ୍‌ସ୍କିକୁ ଭେଟିବା ପାଇଁ ହେବ ।

୧୦, ଜୁନ

ତିନିଦିନ ହେଲା ମୁଁ କିସ୍‌ଲୋଭୋଡ୍‌ସ୍କରେ ଆସି ପହଞ୍ଚିଛି । କୂଅ ପାଖରେ ନଚ୍ଚୁବା ବୁଲାବା ଜାଗାରେ ଭେରା ସହିତ ମୋର ପ୍ରତ୍ୟହ ଦେଖାହୁଏ । ସକାଳେ ଉଠି ଝରକା ପାଖରେ ବସି ତା'ର ବାରଂଦାଟାକୁ ଦେଖିନିଏ । ବହୁତ ଆଗରୁ ସାଜସଜ୍ଜା ହୋଇ ମୋ ସଂକେତ ପାଇଁ ସିଏ ଅପେକ୍ଷା କରେ । ଆମମାନଙ୍କ ଘରଠାରୁ ଯୋଉ ଉଦ୍ୟାନଟି ଡାଲୁ ହୋଇ ଗଡ଼ିଯାଇଛି କୂଅଟି ଅଡ଼କୁ, ସେଠି ଆମର ସାକ୍ଷାତ ହୁଏ ଯେପରି ଆକସ୍ମିକ ଭାବରେ ! ସ୍ୱାସ୍ଥ୍ୟକର ପାର୍ବତ୍ୟ-ପବନ ତା' ମୁହଁ ଉପରକୁ ଫେରାଇ ଆଣିଛି ଆରକ୍ତ-ଆଭା, ଶକ୍ତି ମଧ୍ୟ ସଞ୍ଚରିତ କରିଛି ଦେହରେ । ଦାନବମର ଶକ୍ତିଦାୟୀ ଝରଣା ନାର୍‌ଜାନ୍‌କୁ ମିଛରେ ଲୋକେ କୁହନ୍ତି ନାହିଁ । ସ୍ଥାନୀୟ ଅଧିବାସୀମାନେ କହିଥାନ୍ତି, କିସ୍‌ଲୋଭୋଡ୍‌ସ୍କର ହାୱା ପ୍ରଣୟର ଅନୁକୂଳ ଏବଂ ଯେଉଁସବୁ ପ୍ରେମର ଘଟଣା ମାଶୁକର ପାଦତଳରେ ସୂଚିତ ହୋଇଛି, ସର୍ବଦା ହିଁ ସେମାନଙ୍କର ଶେଷାଂକ ଅଭିନୀତ ହୋଇଛି ଏଠାରେ । ବାସ୍ତବିକ ଏଠାକାର ସବୁକିଛି ହିଁ ଶାନ୍ତ; ରହସ୍ୟମୟ । ଜଳସ୍ରୋତ ଉପରେ ଦୋଦୁଲ୍ୟମାନ ଲାଇମ୍-ବୀଥିକାର ଘନଛାୟା, ଏ ପଥରରୁ ସେ ପଥର ଉପରକୁ ସଶବ୍ଦରେ ଫେନାୟିତ ହୋଇ ଛୁଟିଚାଲିଛି ସେଇ ସ୍ରୋତ । ସବୁଜ ପର୍ବତ ଆଉ ସ୍ତବ୍ଧ ଅନ୍ଧାରୁଆ ଗିରିସଂକଟକୁ ଜୀର୍ଣ୍ଣ କରି ସେ ସ୍ରୋତ ପଥ ସୃଷ୍ଟି କରି ନେଇଛି । ଏଇଠାରୁ ସେମାନଙ୍କର ଶାଖାପ୍ରଶାଖା ଚତୁର୍ଦ୍ଦିଗରେ ବିଛେଇ ହୋଇ ପଡ଼ିଛି ।

Digitized by srujanika@gmail.com

ଦକ୍ଷିଣାଂଚଳର ଜର୍ଜତୃଣ ଏବଂ ଧବଳ ମ୍ୟାକ୍‌ଗିଆର ସୌରଭରେ ଭରା ଚାଳାପବନ ସହିତ ଶୀତଳ ଝରଣାର ସ୍ୱାଗତ ନାଦ୍ରାନ୍ତ ମଧୁର ସଙ୍ଗୀତ ମିଶ୍ରିତ ହୋଇଛି ଉପତ୍ୟକାର ଶେଷରେ । ତା ପରେ ସେଇ ଝରଣାର ସ୍ରୋତ ଚାଲିଛି ପଦ୍‌କୁମକୁ କରବୃଦ୍ଧ ହୋଇ ପଡ଼ିବାପାଇଁ । ଖାଲର ଏ ଅଂଶଟା ବହୁତ ଓସାରିଆ । ତାହା ଓହ୍ଲାଇ ଯାଇଛି ସବୁଜ ନିମ୍ନଭୂମିକୁ । ତା ଭିତରଦେଇ ସର୍ପିଳଗତିରେ ଚାଲିଯାଇଛି ଧୂଳିଭରା ଏକ ରାସ୍ତା । ଯେତେଥର ସେ ଆଡ଼କୁ ଅନାଏଁ, ମନେହୁଏ, ଯେପରି ଦେଖିବାକୁ ପାଏ, ଗୋଟାଏ ଗାଡ଼ି ଆଗେଇ ଆସୁଛି, ତା' ଝରକା ଭିତରଦେଇ ଯେପରି ଗୋଟିଏ ଆରକ୍ତ-ଗାଲ୍‌ଆଉ ସୁନ୍ଦର ମୁହଁ ଝୁଲିରହିଛି । ଏଥି ଭିତରେ ସେଇରାସ୍ତା ଦେଇ ବହୁତ ଗାଡ଼ି ଚାଲିଯାଇଛି—କିନ୍ତୁ ସେଇ ବିଶେଷ ଗାଡ଼ିଟାର ଏପର୍ଯ୍ୟନ୍ତ ଦେଖାନାହିଁ । ଦୁର୍ଗ ଆରପଟେ ଉପନିବେଶ । ବର୍ତ୍ତମାନ ସେଠି ବହୁଲୋକ ଥାନ୍ତି । ମୋ ଘରଠାରୁ କିଛିଦୂରରେ ଗୋଟିଏ ପାହାଡ଼ ଉପରେ ଯେଉଁ ରେସ୍ତୋରାଁଟି, ସେଇଠାରୁ ଦୁଇଧାଡ଼ି ପପ୍‌ଲାର ଗଛ ଭିତରଦେଇ ସନ୍ଧ୍ୟାର ଆଲୋକ ଝଲମଲ କରେ ଏବଂ ବହୁତ ରାତି ପର୍ଯ୍ୟନ୍ତ କଳରବ ଆଉ ଗିଲାସ ଠୁଆଁ ଠୁଇଁର ଆବାଜ୍ ଶୁଣାଯାଏ ।

ଏଠି ଯେପରି ଏତେ ପରିମାଣରେ ଖଣିଜ ଜଳ ଏବଂ କାଖେଟ୍ଟିୟ ମଦ ଲୋକେ ପିଅନ୍ତି, ଅନ୍ୟ କୌଣସିଠାରେ ସେପରି ପିଅନ୍ତି ନାହିଁ ।

ଏ ଧରଣର ବିଭିନ୍ନ କାଖେଟ୍ଟିୟ ପୂର୍ତ୍ତିରେ
ବହୁଲୋକ ମଜା ପାଆନ୍ତି, ମୁଁ ପାଏନା ।*

ପ୍ରତ୍ୟହ ପାନଶାଳାରେ ଗ୍ରୁସ୍‌ନିତ୍‌ସ୍କି ଆଉ ତା'ର ଦଳବଳ ମଦ ପିଅନ୍ତି । ମୋତେ ବର୍ତ୍ତମାନ ପ୍ରାୟ ଆଉ ସେ ଅଭିବାଦନ ମଧ୍ୟ କରେନାହିଁ ।

ମାତ୍ର ଗତକାଲି ସେ ପଦପାଇଛି, କିନ୍ତୁ ପୁଣି ଭିତରେ ତିନୋଜଣ ବୃଦ୍ଧାଙ୍କ ସହିତ ବଚସା ହୋଇଛି ତା'ର —ଯେଉଁମାନେ ତା ପୂର୍ବରୁ ଗାଧୋଇବାକୁ ଯାଇଥିଲେ । ମନ୍ଦଭାଗ୍ୟ ସ୍ପଷ୍ଟତଃ ତାକୁ ବିବାଦପ୍ରିୟ କରି ତିଆରି କରିଛି ।

*ଗ୍ରିବୋଏଦଭଙ୍କ ମିଳନାତ୍ମକ ନାଟକ “ବୁଦ୍ଧି ଦୁଃଖ” ଏଥିରୁ ଉଦ୍ଧୃତ

Digitized by srujanika@gmail.com

୧୧ ଜୁନ୍

ଶେଷରେ ପହଞ୍ଚିଲେ ସେମାନେ । ଝରକା ପାଖରେ ବସିଥିବା ବେଳେ ସେମାନଙ୍କ ଗାଡ଼ିର ଶବ୍ଦ ଶୁଣିବାକୁ ପାଇଲି । ହୃଦୟ ମୋର୍ ଯେପରି ନାଚି ଉଠିଲା··· । ଏହାର ଅର୍ଥ କ'ଣ ?···ମୁଁ କ'ଣ ପ୍ରେମରେ ପଡ଼ୁଛି ?··· ମୁଁ ଏବେ ନିର୍ବୋଧ ଭାବରେ ସ୍ପଷ୍ଟ ଯେ ବାସ୍ତବିକ ମୋ ପକ୍ଷରେ ତା ସମ୍ଭବ ।

ସେମାନଙ୍କ ସହିତ ମୁଁ ନୈଶଭୋଜନରେ ଯୋଗଦେଲି । ରାଣୀ ଲିଗୋଭସ୍କାୟା ଅତି କୋମଳ ଭାବରେ ଅନାଉଁଥିଲେ ମୋତେ । ଝିଅର ପାଟଛଡ଼ା ସେ ହେଲେ ନାହିଁ···ଦୁର୍ଲକ୍ଷଣ ଏଇଟା ! ଭେରା କିନ୍ତୁ ରାଜ-କୁମାରୀ ମେରିକୁ ଈର୍ଷାକରେ । ଏ ଧରଣର ସୁଖ ଅବସ୍ଥା ସୃଷ୍ଟି କରିବାରେ କ୍ଷେତ୍ରପର୍ଯ୍ୟନ୍ତ ସଫଳ ହୋଇଛି ମୁଁ ! ପ୍ରତିଦ୍ୱନ୍ଦ୍ୱୀକୁ ଆଘାତ କରିବାପାଇଁ କ'ଣ ନକରି ପାରନ୍ତି ସ୍ତ୍ରୀଲୋକମାନେ ! ମନେ ପଡ଼ୁଛି, ଗୋଟିଏ ଝିଅ ମୋ ପ୍ରେମରେ ପଡିଥିଲା କେବଳ ଏଇ କାରଣରୁ ଯେ, ଅନ୍ୟ ଗୋଟିଏ ଝିଅକୁ ମୁଁ ଭଲପାଉଥିଲି ବୋଲି । ଝିଅମାନଙ୍କ ମନ ଭଳି ଏତେ ପରସ୍ପର-ବିରୋଧୀ ବସ୍ତୁ ଆଉ ନାହିଁ । କିନ୍ତୁ ବି ସେମାନଙ୍କୁ ବୁଝାଇ ହୁଏ-ନାହିଁ । ସେମାନଙ୍କୁ ଏପରି ଅବସ୍ଥାକୁ ଆଣିବା ଦରକାର, ଯେଉଁଥିରେ ନିଜଠାରୁ ସେମାନେ ବୁଝିପାରିବେ । ଦୃଷ୍ଟାନ୍ତ ସାହାଯ୍ୟରେ ପ୍ରମାଣ କରିବାର ପଦ୍ଧତି, ଯାହାଦ୍ୱାରା ସେମାନେ ନିଜ କୁସଂସ୍କାରକୁ ନିଶ୍ଚିହ୍ନ କରିପାରନ୍ତି, ଅତିଶୟ ମୌଳିକ । ସେମାନଙ୍କ ଦ୍ୱନ୍ଦ୍ୱତତ୍ତ୍ୱର କଥା ଜାଣିବାକୁ ହେଲେ ପାଠ୍ୟପୁସ୍ତକରେ ବର୍ଣ୍ଣିତ ତର୍କଶାସ୍ତ୍ରର ଆଇନ-କାନୁନ ଗୁଡ଼ିକୁ ମନରୁ ପୋଛି ପକାଇବା ଦରକାର । ଦୃଷ୍ଟାନ୍ତ ସ୍ୱରୂପ ସାଧାରଣ ପଦ୍ଧତି ହେଲା ଏଇପରି :

ଏଇ ଲୋକ ମୋତେ ଭଲପାଏ, କିନ୍ତୁ ମୁଁ ବିବାହିତ, ଅତଏବ ତାକୁ ଭଲପାଇବା ଉଚିତନୁହେ ।

ନାରୀସୁଲଭ ପଦ୍ଧତି ହେଲା ଏଇପରି :

ତାକୁ ଭଲପାଇବା ଉଚିତନୁହେଁ, କାରଣ ମୁଁ ବିବାହିତ, କିନ୍ତୁ ସେ ମୋତେ ଭଲପାଏ, ସେଥିପାଇଁ······

Digitized by srujanika@gmail.com

ଏଠି ଏକ ଅର୍ଥପୂର୍ଣ୍ଣ ଘଟଣ, କାରଣ ବସ୍ତୁରବୁଦ୍ଧି ବର୍ତ୍ତମାନ ମୂକ ହୋଇଯାଇଛି ଏବଂ ସବୁ କଥୋପକଥନ ଘଟେ ପ୍ରଧାନତଃ ଜିହ୍ୱା, ଆଖି ଏବଂ ଶେଷରେ ହୃଦୟ ଦ୍ୱାରା, ଯଦି ହୃଦୟ ବୋଲି କିଛି କୋଉଠି ଥାଏ ।

କୌଣସି ଦିନ ଏ ଲେଖାଗୁଡ଼ିକ କୌଣସି ଝିଅ ହାତରେ ପଡ଼ିଲେ କ'ଣ ହେବ ? କ୍ରୁଦ୍ଧ ହୋଇ ସେ ଚିତ୍କାର କରି ଉଠିବ : "ନିଚ୍ଛକ କୁତ୍ସା ।"

ଯେଉଁଦିନଠାରୁ କବିମାନେ ଲେଖିବାକୁ ଆରମ୍ଭ କରିଛନ୍ତି ଏବଂ ଝିଅମାନେ ଆରମ୍ଭ କରିଛନ୍ତି ସେଗୁଡ଼ିକୁ ପଢ଼ିବା ପାଇଁ [ସେଥିପାଇଁ ସେମାନଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇବା ଦରକାର] ଏତେ ବୁଦ୍ଧିବାର ଶେଷୋକ୍ତମାନଙ୍କୁ ସ୍ୱର୍ଗୀୟ ଜୀବ ବୋଲି ଉଲ୍ଲେଖ କରାହୋଇଛି ଯେ, ନିଜ ସରଳ ମନ ଯୋଗୁଁ ଏହି ସ୍ତୁତିବାକ୍ୟକୁ ସେମାନେ ବାସ୍ତବିକ ବିଶ୍ୱାସ କରି ଯାଇଛନ୍ତି । ସେମାନେ ଭୁଲିଯାଇଛନ୍ତି ଯେ, ଅର୍ଥଲାଗି ନିଗ୍ରୋକୁ ମଧ୍ୟ ସେଇ ଏକା ପ୍ରକାର କବିମାନେ ପ୍ରଶଂସା କରିଛନ୍ତି ସ୍ୱାସ୍ଥ୍ୟ ଦେବତା ବୋଲି ଉଲ୍ଲେଖ କରି······

ସେମାନଙ୍କ ପ୍ରତି ଏ ଧରଣର ବିଦ୍ୱେଷଜନକ କଥା କହିବା ମୋର ଉଚିତ ନୁହେ—କାରଣ, ପୃଥିବୀରେ ସେମାନଙ୍କ ବ୍ୟତୀତ ଆଉ କାହାକୁ ମୁଁ ଭଲପାଇନି. ସେମାନଙ୍କ ପାଇଁ ମୁଁ ସର୍ବଦା ମାନସିକ-ଶାନ୍ତି, ଉଚ୍ଚାଶା ଏବଂ ଜୀବନପାତ କରିବାକୁ ପ୍ରସ୍ତୁତ ଥିଲି··· । ତଥାପି ରାଗର ବଶବର୍ତ୍ତୀ ହୋଇ ବା ମୋର ଅହମିକା ଆହତ ହୋଇଛି ବୋଲି ସେଇ ଯାଦୁମୟ ଆବରଣକୁ ଟେ'ଇ ପକାଇବାକୁ ଚେଷ୍ଟା କରୁନାହିଁ, ଯାହାକୁ ଅନ୍ତର୍ଦୃଷ୍ଟି କେବଳ ଭେଦ କରିପାରେ । ନା, ସେମାନଙ୍କ ସଂପର୍କରେ ଯାହାକିଛି କହୁଛି ତା'ର କାରଣ ହେଲ୍ :

ହୃଦୟର ତିକ୍ତ ଅନ୍ତର୍ଦୃଷ୍ଟିକୁ,
ବର୍ତ୍ତୁର କରି ଦେଖୁଛି ମନ
ଆବେଗଶୂନ୍ୟ ହୋଇ । *

ମୁଁ ସେମାନଙ୍କୁ ଯେପରି ଭଲଭାବରେ ଚିହ୍ନେ, ସମସ୍ତେ ସେମାନଙ୍କୁ ସେଇପରି ଚିହ୍ନନ୍ତୁ - ଝିଅମାନଙ୍କର ଏଇ କାମନା ହେବା ଉଚିତ । କାରଣ

* ପୁଷ୍କିନ୍‌ଙ୍କ "ଇଏଭଗେନ ଆନେଗିନ୍" ରୁ ଉଦ୍ଧୃତ ।

Digitized by srujanika@gmail.com

ସେମାନଙ୍କ ସଂବଂଧରେ ଭୟ ଜୟ କରିବାର ଏବଂ ସେମାନଙ୍କର ସାମାନ୍ୟ ଦୋଷ-ତ୍ରୁଟି ଗୁଡ଼ିକ ଆବିଷ୍କାର କରିବା ପରେ ସେମାନଙ୍କୁ ଶହେଗୁଣ ମୁଁ ଭଲପାଇଛି ।

ସେଦିନ ଭେର୍ନେର୍ ଝିଅମାନଙ୍କ ତୁଳନା କରୁଥିଲେ "ମୁକ୍ତ ଜେରୁ-ଜେଲମ୍" ରେ ଟାସୋ-ବର୍ଣ୍ଣିତ ଯାଦୁମୟ ଅରଣ୍ୟ ସହିତ ।

ସେ କହୁଥିଲେ, "ତା'ଭିତରେ ଆପଣ ଯଦି ଅଗ୍ରସର ହେବାକୁ ଆରମ୍ଭ କରିବେ, ତାହେଲେ ଚାରିଆଡ଼ୁ ଆସି ଆକ୍ରମଣ କରିବ କଦର୍ଯ୍ୟ ଆତଙ୍କ : କର୍ତ୍ତବ୍ୟ, ଅହଙ୍କାର, ମାନ-ସଂଭ୍ରମ, ଜନମତ, ବିଦ୍ରୂପ, ଘୃଣା··· । ସେଗୁଡ଼ିକ ଭ୍ରୂକ୍ଷେପ ଦେବାର ଦରକାର ନାହିଁ, କେବଳ ଆଗେଇ ଯିବାକୁ ହେବ । କ୍ରମେ କ୍ରମେ ଅଦୃଶ୍ୟ ହେବେ ଦୈତ୍ୟ-ଦାନବ ଆଉ ଆପଣଙ୍କ ଆଗରେ ବିସ୍ତାରିତ ହେବ ଶାନ୍ତ, ରୌଦ୍ରୋଜ୍ଜ୍ୱଳ-ପ୍ରାନ୍ତର, ସେଠି ତାର ସବୁଜ ଗଛ ଫୁଲରେ ଭରିହୋଇ ରହିଛି । କିନ୍ତୁ ପ୍ରଥମ ପଦକ୍ଷେପ ପରେ ଭୟରେ ଯେବେ ଘୁଞ୍ଚି ଅଟକିଠେ ଆଉ ପଛକୁ ମୁଣ୍ଡ ବୁଲେ ତାହେଲେ କପାଳରେ ଦୁଃଖ ଅଛି ଆପଣଙ୍କର !"

୧୨, ଜୁନ୍

ଆଜିର ସଂଧ୍ୟାଟା ଘଟଣାବହୁଳ । କାସ୍‌ଲଗ୍ରେଡ୍‌ସ୍କିରୁ ତିନିଭର୍ଷ୍ଟ୍ ଦୂରରେ ଯେଉଁ ଗହ୍ୱର ଦେଇ ବହିଯାଇଛି ପଡ୍‌କୁମକ୍, ସେଠି ଗୋଟାଏ ପାହାଡ଼ ଅଛି । ତା'ର ନାମ ଆଙ୍ଗୁଠି । ଏଇ ସ୍ୱାଭାବିକ ପ୍ରବେଶ ପଥଟି ଗୋଟିଏ ଉଚ୍ଚ ପାହାଡ଼କୁ ଲଙ୍ଘନ କରିଯାଇଛି । ତା'ର ଭିତରଦେଇ ଅସ୍ତଗାମୀ ସୂର୍ଯ୍ୟ ପୃଥିବୀ ଉପରେ ନିକ୍ଷେପ କରେ ଶେଷ ଜ୍ୱଳନ୍ତ ଦୃଷ୍ଟି । ଏଇ ପଥୁରିଆ-ଝରକା ଭିତରଦେଇ ସୂର୍ଯ୍ୟାସ୍ତ ଦେଖିବା ପାଇଁ ବେଶ୍ ବଡ଼ ଗୋଟାଏ ଅଶ୍ୱାରୋହୀ ଦଳ ବାହାରିପଡ଼ିଲେ । ସତ କହିବାକୁ ଗଲେ ଯେଉଁମାନେ ଆସିଛନ୍ତି ସେମାନଙ୍କ ଭିତରୁ କେହି ବି ସୂର୍ଯ୍ୟାସ୍ତ ଦେଖିବା କଥା ଭାବୁନାହାନ୍ତି । ରାଜକୁମାରୀ ମେରି ପାଖାପାଖି ମୁଁ ଘୋଡ଼ାରେ ଚଢ଼ି ଯାଉଥିଲି । ଫେରିବ ପଥରେ ଆମକୁ ପଡ୍‌କୁମକ୍ ପାରିହେବାକୁ ହେଲା । ଏପରିକି କ୍ଷୁଦ୍ରତମ ପାହାଡ଼ିଆ ସ୍ରୋତ ଗୁଡ଼ିକ ମଧ୍ୟ ବିପଜ୍ଜନକ, କାରଣ ସ୍ରୋତଫଳରେ ସେମାନଙ୍କ ନିମ୍ନଦେଶ ନାନା ଭାବରେ ପ୍ରତିଦିନ ବଦଳେ,

Digitized by srujanika@gmail.com

ଖାଲ-ଢିପ ହୋଇଥାଏ । କାଲି ଯୋଉଠି ଗୋଟାଏ ପଥର ଥିଲା, ଆଜି ହୁଏତ ସେଠି ଗୋଟାଏ ଗାତ ! ରାଜକୁମାରୀର ଘୋଡ଼ା ନାଗାମ୍‌କୁ ଧର ପାଣିକୁ ପଶିଲା । ସେଠାକାର ପାଣି ଆଣ୍ଠୁଏରୁ ବେଶି ନୁହେଁ । ସତର୍କ୍ ଭାବରେ ସ୍ରୋତଟାକୁ ଧୀରେ ଧୀରେ ପାର ହେବାପାଇଁ ଆରମ୍ଭ କଲୁ ଆମେ । ଏକଥା ସମସ୍ତେ ଜାଣନ୍ତି ଯେ, ଖର-ସ୍ରୋତକୁ ପାର ହେବା ବେଳେ ପାଣିକୁ ଅନାନ୍ତି ନାହିଁ, କାରଣ ସେଥିରେ ମୁଣ୍ଡ ଘୂରିଯାଏ । ରାଜକୁମାରୀ ମୋତେ ଏ ବିଷୟରେ ସାବଧାନ କରିଦେବାକୁ ଭୁଲି-ଯାଇଥିଲେ ।

ସ୍ରୋତ ଭିତରେ ଆମେ ସେତେବେଳେ ମଝିରେ ପହଞ୍ଚିଛୁ—ସ୍ରୋତର ବେଗ ସେଇଁଠି ସବୁଠାରୁ ବେଶି । ଅକସ୍ମାତ୍ ସିଏ ଘୋଡ଼ା ଉପରେ ବସି ଟଳମଳ ହେବାକୁ ଲାଗିଲା । ଧଇଁ ସଇଁ ହୋଇ ସେ କହିଲା, "ମୁଣ୍ଡ ବୁଲାଉଛି ।" ଦ୍ରୁତ ବେଗରେ ତା ଆଡ଼କୁ ଝୁଙ୍କିପଡ଼ି ତା'ର ନମନୀୟ କଟିଦେଶକୁ ମୁଁ ଜଡ଼ାଇ ଧରିଲି । ଚୁପ୍‌କରି ତାକୁ କହିଲି, "ଉପର ଆଡ଼କୁ ଅନାନ୍ତୁ ! ଡରନ୍ତୁ ନାହିଁ । ସବୁ ଠିକ୍ ହୋଇଯିବ । ମୁଁ ଅଛି ଆପଣଙ୍କ ପାଖରେ ।"

ଠିକେ ସୁସ୍ଥ ବୋଧକରି ସେ ଚାହିଁଲା ମୋ ଆଲିଙ୍ଗନ-ମୁକ୍ତ ହେବା-ପାଇଁ । ମୁଁ କିନ୍ତୁ ତା'ର କ୍ଷୀଣ କୋମଳ କଟିଦେଶରେ ମୋ ଆଲିଙ୍ଗନକୁ ଅଧିକ ଦୃଢ଼ କଲି । ତା ଗାଲକୁ ପ୍ରାୟ ସ୍ପର୍ଶ କରୁଥିଲା ମୋ ଗାଲ ! ତା'ର ଉତ୍ତପ୍ତ ଆଘ୍ର ମୁଁ ଅନୁଭବ କରିବାକୁ ଲାଗିଲି ।

"ହେ ଭଗବାନ,...କ'ଣ କରୁଛନ୍ତି ଆପଣ !..."

ତା'ର ଶିହରଣ ଓ ବିହ୍ୱଳତାକୁ ମୁଁ ଲକ୍ଷ୍ୟ କଲିନାହିଁ । ତା'ର କୋମଳ ଗଣ୍ଡରେ ମୋ'ର ଓଠ ସ୍ପର୍ଶକଲା । ଚମକି ଉଠିଲା ସେ, କିନ୍ତୁ କିଛି କହିଲା ନାହିଁ । ଅନ୍ୟମାନଙ୍କ ପଛେ ପଛେ ଆମେ ଯାଉଥିଲୁ । କେହିହେଲେ ତ ଆମକୁ ଦେଖିବାକୁ ପାଇଲେ ନାହିଁ । କୂଳକୁ ଉଠି ସମସ୍ତେ ଘୋଡ଼ା ଛୁଟାଇଲେ । ରାଜକୁମାରୀ କିନ୍ତୁ ଲଗାମ୍ ଟାଣି ଧୀରେ ଧୀରେ ଚଲାଇବାକୁ ଲାଗିଲା ତା'ର ଘୋଡ଼ାକୁ । ମୁଁ ତା' ସହିତ ରହିଲି । ମୋତେ କ୍ରୁତ୍ତର ଦେଖି ସିଏ ଯେ ଦୁର୍ଭାବନାରେ ପଡ଼ିଛି ସେକଥା ସ୍ପଷ୍ଟ ବୁଝାପଡ଼ିଲା । କିଛିକ କୌତୂହଳ ଖାତିର୍‌ରେ ମୁଁ କିନ୍ତୁ ପ୍ରତିଜ୍ଞା କଲି ଯେ, ଯଦିହେଲେ ବି କଥା-

Digitized by srujanika@gmail.com

କହିବ ନାହିଁ । ମୁଁ ଦେଖିବାକୁ ଚାହିଁଲି ଏଇ ବିବ୍ରତଭାବକୁ କି ଉପାୟରେ ସେ ଦୂର କରିବ ।

ଅବଶେଷରେ ସେ କଥା କହିଲା । କାନ୍ଦଣାରେ କମ୍ପି ଉଠିଲା ତା'ର ସ୍ୱର : "ହୁଏତ ଆପଣ ମୋତେ ଘୃଣା କରନ୍ତି, ନଚେତ୍ ଖୁବ୍ ଭଲ ପାଆନ୍ତି ! ହୁଏତ ମୋତେ ବ୍ୟଙ୍ଗ କରିବାକୁ ଚାହାନ୍ତି ଆପଣ, ଚାହାନ୍ତି ମୋର ସୁଖ-ଦୁଃଖ ନେଇ ଖେଳିବାକୁ, ଆଉ ତା' ପରେ ମୋତେ ଛାଡ଼ି ଚାଲିଯିବାକୁ··· । ସେଇଟା ଏତେ ଜଘନ୍ୟ, ଏତେ ନୀଚ ହେବ ଯେ, ତା' କଥା ଭାବିଲେହିଁ··· । ନା,ନା !" କୋମଳ-ନିଶ୍ୱାସର ସ୍ୱରରେ ସେ କହିଚାଲିଲା, "ମୋ ଭିତରେ ଏପରି କିଛି ନାହିଁ ଯାହା ଅଜ୍ଞାନର, ଅଛି କ'ଣ ? ଆପଣଙ୍କ ପ୍ରଗଲ୍‌ଭ ବ୍ୟବହାର···ଆପଣଙ୍କୁ କ୍ଷମା କରିବାକୁହିଁ ହେବ, କାରଣ ସେଇଟା କରିବାକୁ ମୁଁ କୌଣସି ବାଧା ଦେଇନି··· । ମୋ କଥାର ଉତ୍ତର ଦିଅନ୍ତୁ, କଥା କୁହନ୍ତୁ ମୋ ସହିତ, ଆପଣଙ୍କ ସ୍ୱର ମୁଁ ଶୁଣିବାକୁ ଚାହେଁ !···"

ତା'ର ଶେଷ କଥାଗୁଡ଼ିକ ଭିତରେ ନାରୀସୁଲଭ ଏପରି ଅସହାୟତା ଥିଲା ଯେ, ମୁଁ ହସ ଚାପି ପାରିଲି ନାହିଁ । ସୌଭାଗ୍ୟକ୍ରମେ ଅନ୍ଧକାର ଘନୀଭୂତ ଉଠୁଥିଲା··· । ମୁଁ କିଛି କହିଲି ନାହିଁ ।

ସେ କହି ଚାଲିଲା, "ଆପଣଙ୍କର କିଛି କି କହିବାର ନାହିଁ ? ହୁଏତ ମୋ ମୁହଁରୁ ପ୍ରଥମେ ଆପଣ ଶୁଣିବାକୁ ଚାହାନ୍ତି ଯେ, ଆପଣଙ୍କୁ ମୁଁ ଭଲପାଏ ?"

ମୁଁ ନିରୁତ୍ତର ।

"ଆପଣ ଚାହାନ୍ତି ମୁଁ ସେୟା କରେ ?" କହି ହଠାତ୍ ସେ ମୋ ଆଡ଼କୁ ମୁହଁ ବୁଲାଇଲା··· । ତା'ର ସ୍ୱର ଏବଂ ଆଖିଭିତରେ ଏପରି ଦୃଢ଼ତା ଥିଲା, ଯାହା ଲକ୍ଷ୍ୟ କଲେ ଭୟ ହେବ ।

"କାହିଁକି ମୁଁ ତା ଚାହିଁବ ?" କହି ମୁଁ କାନ୍ଧ ହଲାଇଲି ।

ତା' ଘୋଡ଼ାକୁ କଶାଘାତ କରି ସେଇ ସଙ୍କୀର୍ଣ୍ଣ ବଣଜଙ୍ଗଲର ପଥରେ ସେ ପୂର୍ଣ୍ଣବେଗରେ ଛୁଟିଲା । ସମସ୍ତ ଘଟଣାଟା ଏପରି ଅକସ୍ମାତ୍ ଘଟିଲା, ସହଜରେ ତା'ର ସୂତ୍ର ପାଇଲି ନାହିଁ । ତା' ପାଖରେ ଯେତେବେଳେ ପହଞ୍ଚିଲି, ସ୍ୱା ଭିତରେ ସେ ସେତେବେଳକୁ ଦଳର ଅନ୍ୟମାନଙ୍କ ସହିତ

Digitized by srujanika@gmail.com

ଯୋଗ ଦେଉଛନ୍ତି । ଘରେ ପହଞ୍ଚିବା ପର୍ଯ୍ୟନ୍ତ ସମସ୍ତ ରାସ୍ତାଯାକ ସେ ଅନର୍ଗଳ ବକି ଚାଲିଲା ଆଉ ହସିବାକୁ ଲାଗିଲା । ତା ହାବଭାବ ଭିତରେ ଗୋଟାଏ ଅଦ୍ଭୁତ କ୍ଷିପ୍ରତା । ଥରେ ହେଲେ ବି ମୋ ଆଡ଼କୁ ସେ ବୁଲି ଅନାଇଲା ନାହିଁ । ତା'ର ଏଇ ଅସ୍ୱାଭାବିକ ଫୁର୍ତ୍ତିର ଭାବ ସମସ୍ତେ ଲକ୍ଷ୍ୟକଲେ । ଝିଅକୁ ଲକ୍ଷ୍ୟକରି ରାଣୀ ଲେଗୋଭ୍‌ସ୍କାୟା ମନେମନେ ଖୁସି ହୋଇ ଉଠିଲେ । ତାଙ୍କ ଝିଅ କନ୍ୟା ସ୍ୱାମୀ-ଚାହାଁନା ହୋଇଛି । ସେ କାହିଁ କାହିଁ କଟାଇବ ଆନନ୍ଦ-ରଜନୀ । ଏ କଥାର କଳ୍ପନାରେହିଁ ମୋର ଅସୀମ ଆନନ୍ଦ ! ମନ୍ଦିରର ମନ୍ଦିରେ ଏମିତି ମୁହୂର୍ତ୍ତ ଆସେ, ଯେତେବେଳେ ମୁଁ ପିଶାଚକୁ ବୁଝିବାକୁ ଆରମ୍ଭ କରେ··· । ତେବେ ଭଲଲୋକ ବୋଲି ମୋର ସୁନାମ ଅଛି ଆଜି ସେଇ ସୁନାମରେ ଉପଯୁକ୍ତ ଭାବରେ ମୁଁ ବଞ୍ଚିବାକୁ ଚାହେଁ !

ଘୋଡ଼ାରୁ ଓହ୍ଲାଇ ଝିଅମାନେ ଗଲେ ରାଣୀ ଲେଗୋଭ୍‌ସ୍କାୟାଙ୍କ ଘରକୁ । ମୁଁ ଉତ୍ତେଜିତ ହୋଇଉଠିଲି, ସେଥିପାଇଁ ମନ ଭିତରେ ଯେଉଁ-ସବୁ ଭାବନା ଭିଡ଼ ଜମାଇଁ ଆସୁଥିଲା ସେଗୁଡ଼ାକୁ ଦୂର କରିବା ପାଇଁ ମୁଁ ଏ ପାହାଡ଼ରୁ ସେ ପାହାଡ଼ ଘୋଡ଼ା ଝପଟାଇ ବୁଲିଲି । ଶିଶିରସ୍ନାତ ସନ୍ଧ୍ୟାର ପବନ ମଧୁର ଆଉ ଶୀତଳ । ଅନ୍ଧାରୁଆ କଳା ପାହାଡ଼ର ଶୃଙ୍ଗମାନଙ୍କ ପଛରୁ ଉଠି ଆସୁଛି ଚନ୍ଦ୍ର । ମୋ ଘୋଡ଼ାଟିର ନାଲଲଗା ପ୍ରତିଟି ପଦଶବ୍ଦ ଗହ୍ୱରର ସ୍ତବ୍ଧତାରେ ଅସ୍ପଷ୍ଟ ପ୍ରତିଧ୍ୱନି ସୃଷ୍ଟି କରୁଛି । ଗୋଟିଏ ଝରଣାରେ ମୋ ଘୋଡ଼ାଟାକୁ ପାଣି ପିଆଇଲି । ଏଇ ଦକ୍ଷିଣ ଦେଶର ରାତିର ସ୍ୱାସ୍ଥ୍ୟକର ପବନ ଆଗ୍ରହରେ ଥରେ-ଦୁଇଥର ହୃଦୟଭରି ପାନ କଲି, ଫେରିଚାଲିଲି ତା' ପରେ । ଗାଁ ଭିତର ଦେଇ-ଚାଲିଲି ମୁଁ । ଝରକାମାନଙ୍କରେ ବତିଗୁଡ଼ିକ ନିଭିବାକୁ ଆରମ୍ଭ କରିଛି । ଦୁର୍ଗ ପ୍ରାକାରର ଉପରେ ଥିବା ପ୍ରହରୀମାନେ ଏବଂ ପାଣ୍ଡିର କସାକ୍ ଚୌକିଦାରମାନେ ସମାଗତ ଚୋରଙ୍କ ଉଦ୍ଦେଶ୍ୟରେ ଡାକ ଛାଡ଼ୁଛନ୍ତି···

ଗାଁ ଭିତରେ ଗୋଟାଏ ଘରର ଏକେବାରେ ପାଖାପାଖି ଧାରେ ଅସ୍ୱାଭାବିକ-ଉଜ୍ଜ୍ୱଳ ଭାବରେ ଆଲୁଅ ଜଳୁଥିବା ଲକ୍ଷ୍ୟ କଲି । ବନ୍ଧ ରହି ନାନା କଣ୍ଠସ୍ୱର ଓ ଚିତ୍କାର ମୁଁ ଶୁଣିବାକୁ ପାଇଲି । ବୁଝିଲି 'ଅଫିସରମାନେ ମଦ ପିଉଛନ୍ତି । ଘୋଡ଼ାରୁ ଓହ୍ଲାଇ ଝାରକରେ ଗଲି

Digitized by srujanika@gmail.com

ଝରକା ପାଖକୁ । ଗୋଟାଏ ଝରକାର ଅଧାମେଲା କବାଟ ଫାଙ୍କଦେଇ ପାନୋନ୍ମତ୍ତମାନେ କ'ଣ କରୁଛନ୍ତି ଆଉ କହୁଛନ୍ତି ଦେଖିବାକୁ ଓ ଶୁଣିବାକୁ ପାଇଲି । ମୋ ସମ୍ପର୍କରେ ସେମାନେ ଆଲୋଚନା କରୁଥିଲେ ।

ଅଶ୍ୱାରୋହି-ବାହିନୀର କ୍ୟାପ୍ଟେନ୍ ମଦରେ ଉତ୍ତେଜିତ ହୋଇ ଦୃଷ୍ଟି ଆକର୍ଷଣ କରିବା ପାଇଁ ଟେବୁଲ୍‌ରେ ବିଧା ମାରୁଥିଲା ।

ସେ କହିଲା, "ଭଦ୍ର ମହୋଦୟଗଣ ! ଏମିତି ଚାଲିପାରିବ ନାହିଁ । ପେଚୋରିନ୍‌କୁ ଶିକ୍ଷା ଦେବାକୁ ହେବ । ପିଟର୍ସବର୍ଗ୍‌ରେ ଏ ଧରଣର ଭୂଇଁଫୋଡ଼ମାନେ ଚଟକଣା ନଖାଇବା ପର୍ଯ୍ୟନ୍ତ ବହୁତ ଆଗେଇ ଯା'ନ୍ତି । ସବୁବେଳେ ହିଁ ପରିଷ୍କାର ଦସ୍ତାନା ଆଉ ଚକ୍‌ଚକିଆ ଜୋତା ପିନ୍ଧେବୋଲି ସେ ଭାବୁଛି ଏଠି ସେଇ ବୋଧେ ଏକମାତ୍ର ଭଦ୍ରଲୋକ !"

"ଆଉ ତା ମୁହଁର ସେଇ ଅହଙ୍କାର ହସଟା ! କିନ୍ତୁ ମୋର ଦୃଢ଼-ବିଶ୍ୱାସ, ସିଏ କାପୁରୁଷ—ହଁ, କାପୁରୁଷ !"

ଗ୍ରୁସ୍‌ନିତ୍‌ସ୍କି କହିଲା, "ମୋର ବି ସେୟା ମନେହୁଏ । ସବୁକଥା ନେଇ ସେ ଥଟ୍ଟା କରିବାକୁ ପସନ୍ଦ କରେ । ଥରେ ତାକୁ ଏପରି କଥା ଶୁଣାଇଥିଲି ଯେ, ଅନ୍ୟ କେହି ହେଲେ ସଙ୍ଗେ ସଙ୍ଗେ ମୋତେ ଦିଖଣ୍ଡ କରି କାଟି ଦେଇଥାନ୍ତା । ପେଚୋରିନ୍ କିନ୍ତୁ ହସି ଉଡ଼ାଇ ଦେଲା । ମୁଁ ଅବଶ୍ୟ ତାକୁ ପ୍ରତିଦ୍ୱନ୍ଦ୍ୱୀତାକୁ ଆହ୍ୱାନ କରିନାହିଁ, କାରଣ ସେଇଟା ତା'ର କରିବା କଥା । ତା ଛଡ଼ା ମୁଣ୍ଡ ଘୂରେଇବାକୁ ବି ମୋର ଇଚ୍ଛା ହୋଇନାହିଁ ଯେ..."

"ଗ୍ରୁସ୍‌ନିତ୍‌ସ୍କି ଖେପିଯାଇଛି, କାରଣ ତାକୁ ଟପି ରାଜକୁମାରୀକୁ ନେଇ କ୍ରମାଗତ ସିଏ ବୁଲିବାକୁ ଆରମ୍ଭ କରିଛି", କିଏ ଜଣେ କହିଲା ।

"କି ସବୁ ବାଜେ କଥା ! କଥାଟା ସତ ଯେ ରାଜକୁମାରୀ ପଛେ-ପଛେ ମୁଁ ବି ଦୌଡ଼ିଥିଲି ଠିକେ । କିନ୍ତୁ ଅଳ୍ପଦିନ ଭିତରେ ଦୌଡ଼ିବା ବନ୍ଦ କରିଦେଲି, କାରଣ ବାହାହେବାର ଇଚ୍ଛା ମୋର ନାହିଁ ଆଉ କୌଣସି ଝିଅ ନାମରେ କୁତ୍ସା ରଟନା ହେଉ ଏ କଥା ମୁଁ ଚାହେଁନା !"

"ହଁ, ହଁ, - ଜୋର୍ ଦେଇ ମୁଁ କହୁଥାଏ ସିଏ ଘୋର କାପୁରୁଷ, ମାନେ ପେଚୋରିନ୍—ଗ୍ରୁସ୍‌ନିତ୍‌ସ୍କି ନୁହେ । ଗ୍ରୁସ୍‌ନିତ୍‌ସ୍କି ଭଲଲୋକ,

Digitized by srujanika@gmail.com

ତା ଛଡ଼ା ସିଏ ମୋର ଘନିଷ୍ଠ ବନ୍ଧୁ ଥିଲା !" ଅଶ୍ୱାରୋହୀ-ବାହିନୀର କ୍ୟାପ୍ଟେନ୍ ପୁଣି କହିଲା, 'ଭଦ୍ର ମହୋଦୟଗଣ, ଏଠି କେହି କ'ଣ ତା'ର ପକ୍ଷ ନେବାକୁ ପ୍ରସ୍ତୁତ ଅଛନ୍ତି ? କେହି ନାହିଁ ? ବେଶ୍, ଭଲ କଥା ! ତା'ର ସାହସ ପରୀକ୍ଷା କରି ଦେଖିବାକୁ ଚାହାନ୍ତି ? ମଜାଦାର୍ ଘଟଣା ହେବ ସେଇଟା…"

"ଆମେ ତ ସେୟା ଚାହୁଁ । କିନ୍ତୁ କିପରି ?"

"ମୋ କଥା ଶୁଣନ୍ତୁ : ଯେହେତୁ ଗ୍ରୁସ୍ନିତସ୍କିଙ୍କ ଅଭିଯୋଗଟା ହିଁ ସବୁଠାରୁ ବଡ଼ ସେହେତୁ ସେ ଏଥିରେ ବଡ଼ ଅଂଶ ଗ୍ରହଣ କରିବେ । କୌଣସି ଛୋଟ ଝଗଡ଼ାଟା ଆରମ୍ଭ କରି ପେଚୋରିନ୍‌କୁ ସିଏ ଡୁଏଲ୍‌କୁ ଆହ୍ୱାନ କରିବ… । ରହନ୍ତୁ, ଏଇଠାରୁ ହିଁ ତାମସାର ଆରମ୍ଭ… । ସିଏ, ପେଚୋରିନ୍‌କୁ ଡୁଏଲ୍‌କୁ ଆହ୍ୱାନ କରିବେ—ଏ ଯାଏଁ ଖୁବ୍ ଭଲ ! ସବୁ କିଛି—ଅର୍ଥାତ୍ ଡୁଏଲ୍‌କୁ ଆହ୍ୱାନ କରିବା, ତା'ର ସର୍ତ୍ତ ଠିକ୍ କରିବା—ଯଥାସମ୍ଭବ ଗାମ୍ଭୀର୍ଯ୍ୟ ଆଉ ଭୟାବହ ଭାବରେ କରାହେବ । ସେ ଦାୟିତ୍ୱ ମୋର; ବନ୍ଧୁ, ମୁଁ ହେବି ଆପଣଙ୍କ ସହକାରୀ ! ବେଶ୍, ଠିକ୍ ତ ! ବର୍ତ୍ତମାନ ଶୁଣନ୍ତୁ, ମଜାଟା ହେଲା ଏଇ : ପିସ୍ତଲ୍ ଗୁଡ଼ିକରେ ଗୁଳି ପୁରାଇବା ନାହିଁ । ମୁଁ ଜବାବ ଦେଉଛି, ପେଚୋରିନ୍ ତା'ର କାପୁରୁଷତା ଲୁଚାଇ ରଖି ପାରିବ ନାହିଁ—ସେ ଦୁଇଜଣଙ୍କୁ ଛ'ପାଦ ଦୂରରେ ଠିଆ କରାଇବା । ଭଦ୍ର ମହୋଦୟଗଣ, ଆପଣମାନେ ରାଜି ?"

"ଭାରି ଭଲ ଉଦ୍ଦେଶ୍ୟ । ଆମେ ରାଜି । କି ମଜା ନହେବ ସତେ !" ଚତୁର୍ଦ୍ଦିଗରୁ ଭାସି ଆସିଲା କଳରବ ।

"ଆଉ ଆପଣ ଗ୍ରୁସ୍ନିତସ୍କି ?"

କମ୍ପିତ-ବକ୍ଷରେ ମୁଁ ଗ୍ରୁସ୍ନିତସ୍କିର ଉତ୍ତର ଅପେକ୍ଷାରେ ରହିଲି । ଦୈବକ୍ରମେ ଏଇ ଇତର ମାନଙ୍କର ଷଡ଼ଯନ୍ତ୍ରରେ ଉପହାସର ପାତ୍ର ହେଉହେଉ ଯେ ମୁଁ ବଞ୍ଚିଯାଇଛି ତାହା କଳ୍ପନାରେ ଶୀତଳ-କ୍ରୋଧରେ ମୋ ଦେହ ଜଳିଉଠିଲା । ଗ୍ରୁସ୍ନିତସ୍କି ରାଜି ନ ହେଲେ ତା ଉପରକୁ ମୁଁ କୁଦି ପଡ଼ିଥାନ୍ତି । ଯାହାହେଉ, ଅଳ୍ପସମୟ ନୀରବ ରହି ଚଉକିରୁ ଉଠି କ୍ୟାପ୍ଟେନ୍‌ଙ୍କ ଆଡ଼କୁ ହାତ ବଢ଼ାଇ ଦେଇ ଆଡ଼ମ୍ବର ସହକାରେ ସେ କହିଲା, "ବେଶ୍, ମୁଁ ରାଜି !"

Digitized by srujanika@gmail.com

ଏଇ ମାନସିସ୍ଥ ଦଳର ସମସ୍ତଙ୍କ ଉଲ୍ଲାସ ବର୍ଣ୍ଣନା କରାଯାଏନା ।

ଦୁଇ ବନ୍ଧୁତ୍ୱ-ଆବେଗରେ ବଶୀଭୂତ ହୋଇ ଫେରିଲି ଘରକୁ । ସେଥିରୁ ଗୋଟିଏ ହେଲା ବିଷଣ୍ଣତା । କାହିଁକି ଏମାନେ ସମସ୍ତେ ମୋତେ ଘୃଣା କରନ୍ତି ? କାହାକୁ କ'ଣ ମୁଁ ଠକାଇଛି ? ନା । ଯା କ'ଣ ସମ୍ଭବ, ମୁଁ ସେଇ ଜାତିର, ଯାହାକୁ ଦେଖିବା ମାତ୍ରେ ମଣିଷ ମନରେ ମନ୍ଦଭାବ ଜାଗିଉଠେ ? କ୍ରମେ ମୁଁ ସାଙ୍ଘାତିକ ଭାବରେ ରାଗିଗଲି, ଘର ଭିତରେ ଟହଲ ମାରୁମାରୁ ମନକୁମନ କହି ଉଠିଲି, "ସାବଧାନ, ମିଷ୍ଟର ରୁସ୍ନିଙ୍ଗ୍ସ୍କି ! ମୋତେ ନେଇ ଏ ଧରଣର ଉପହାସ କରିପାରିବ ନାହିଁ ତୁମେ । ତୁମ ନିର୍ବୋଧ-ବନ୍ଧୁମାନଙ୍କ ସମର୍ଥନ ପାଇଁ ତୁମକୁ ହୁଏତ ସାଙ୍ଘାତିକ ଦାମ୍ ଦେବାକୁ ହେବ । ମୁଁ ତୁମ ହାତର ପୁତ୍ତଳିକା ନୁହେଁ !"

ସମସ୍ତ ରାତି ନିଦ ଆସିଲା ନାହିଁ । ସେକାଳେ ଲେମ୍ବୁ ପରି ହଳଦିଆ ଦେଖାଗଲା ମୋର ରଙ୍ଗ ।

କୁଞ୍ଜ ପାର୍କରେ ସକାଳେ ରାଜକୁମାରୀ ମେରି ସହିତ ଦେଖା ହେଲା ।

ଗଭୀର ମନୋଯୋଗର ସହିତ ମୋତେ ଦେଖି ସେ ପ୍ରଶ୍ନ କଲା, "ଆପଣଙ୍କର କ'ଣ ଦେହ ଖରାପ ?"

"ସାରାରାତି ଶୋଇନାହିଁ ।"

"ମୁଁ ବି ନୁହେଁ·····ଆପଣଙ୍କୁ ଦୋଷ ଦେଉଥିଲି·····ସମ୍ଭବତଃ ଅନ୍ୟାୟ ଭାବରେ ? କିନ୍ତୁ ଆପଣ ଯେବେ ବୁଝାଇଦେବେ, ତାହେଲେହିଁ ମୁଁ ଆପଣଙ୍କର ସବୁକଥା କ୍ଷମା କରିପାରିବି·····"

"ସବୁକଥା···?"

"ହଁ, ସବୁକଥା·····ଆପଣଙ୍କୁ କେବଳ ସତକଥାଟା କହିବାକୁ ହେବ·····ଶୀଘ୍ର ଶୀଘ୍ର କହନ୍ତୁ··· । ଶୁଣନ୍ତୁ, ବାରବାର ମୁଁ ସେଇଟାକୁ ନେଇ ଭାବୁଛି, ଏପରି ଅର୍ଥ ଖୋଜୁଛି, ଯେଉଁଥିରେ ଆପଣଙ୍କ ବ୍ୟବହାରକୁ ସମର୍ଥନ କରିହେବ । ହୁଏତ ମୋର ଆତ୍ମୀୟମାନଙ୍କ ତରଫରୁ ଆପଣ ପ୍ରତିକୂଳତା ଆଶଙ୍କା କରୁଛନ୍ତି ?····· ସେ ଦିଗରୁ ଦୁର୍ଭାବନା କରିବାର କିଛି ନାହିଁ । କଥାଟା ଯେତେବେଳେ ସେମାନେ ଶୁଣିବେ··(ସ୍ୱର ତା'ର କମ୍ପି ଉଠିଲା) ମୁଁ ସେମାନଙ୍କୁ ରାଜି କରାଇବି କିମ୍ବା ହୁଏତ ଆପଣଙ୍କର ନିଜର ଅବସ୍ଥା କଥା ଭାବୁଛନ୍ତି···କିନ୍ତୁ ଜାଣିରଖିବେ ଯାହାକୁ ମୁଁ ଭଲ-

Digitized by srujanika@gmail.com

ଯାଏ ତା ପାଇଁ ସବୁକିଛି ଜଳାଞ୍ଜଳି ଦେଇପାରେ···। ଶୀଘ୍ର ଉତ୍ତର ଦିଅନ୍ତୁ—ମୋତେ ଦୟା କରନ୍ତୁ···କହନ୍ତୁ, ମୋତେ ଆପଣ ଘୃଣା କରନ୍ତି ନାହିଁ, କରନ୍ତି ?"

ସେ ମୋ ହାତକୁ ଚିପି ଧରିଲା ।

ଭେରର ସ୍ୱାମୀ ସହିତ ରାଣୀ ଲିଗୋଭ୍‌ସ୍କାୟା, ଆଗେ ଆଗେ ଯାଉଥିଲେ, ସେ କିଛି ଦେଖିବାକୁ ପାଇଲେ ନାହିଁ । କିନ୍ତୁ ଯେଉଁସବୁ ରୋଗୀମାନେ ଟହଲ ମାରୁଛନ୍ତି, ସେମାନେ ଆମକୁ ଲକ୍ଷ୍ୟ କରିଥାଇପାରନ୍ତି । ଆଜି ସେମାନେ କୌତୁହଳୀ ଗୁଜବ୍‌ରଟନାକାରୀ ମାନଙ୍କ ଅପେକ୍ଷା ବେଶି କୌତୁହଳୀ । ସେଥିପାଇଁ ମୁଁ ତା'ର ଆବେଗଭରା ହାତମୁଠାରୁ ଶୀଘ୍ର ନିଜର ହାତକୁ ମୁକ୍ତ କଲି ।

ମୁଁ ରାଜକୁମାରୀକୁ ଉତ୍ତର ଦେଲି, "ଆପଣଙ୍କୁ ମୁଁ ସତକଥାଟାହିଁ କହିବି ନିଜର ପକ୍ଷ ନ ନେଇ, ଆଜି ଯାହା କରିଛି ତା ସମ୍ବନ୍ଧରେ ସଫେଇ ଦେବାର ଚେଷ୍ଟା ନକରି । ଆପଣଙ୍କୁ ମୁଁ ଭଲପାଏନା ।"

ତା'ର ଓଠ ଦୁଇଟି ସାମାନ୍ୟ ମଳିନ ହୋଇଗଲା ।···

ଅସ୍ପଷ୍ଟ ମୃଦୁସ୍ୱରରେ ସେ କହିଲା, "ମୋ ପାଖରୁ ଚାଲିଯା'ନ୍ତୁ !"

ମୁଁ ବିପରୀତ ଦିଗକୁ ଚାଲିଗଲି ।

୧୪, ଜୁନ୍

ବହିରେ ମହିରେ ନିଜକୁ ମୁଁ ଘୃଣାକରେ···ଏଇ କାରଣରୁକି ଅନ୍ୟମାନଙ୍କୁ ଘୃଣା କରେ ମୁଁ···ମହତ୍-ଅନୁଭୂତି ବୋଧକରିବାପରି ଆଜି ମୋର କ୍ଷମତା ନାହିଁ; ଭୟ ହୁଏ, ନିଜ ପାଖରେ ନିଜେହିଁ ହାସ୍ୟକର ହୋଇଉଠିବି । ମୋ ଜାଗାରେ ଅନ୍ୟକେହି ହୋଇଥିଲେ ରାଜକୁମାରୀକୁ ଜଣାନ୍ତା Son coeur et sa fortune,* କିନ୍ତୁ ବିବାହ ଶବ୍ଦଟା ମୋତେ ଅଦ୍ଭୁତ ଯାଦୁମନ୍ତ୍ର ଭାବରେ ଶାସନ କରେ ।

କୌଣସି ନା କୌଣସି ଝିଅକୁ ମୁଁ ଯେତେ ଭଲପାଏ ଆବେଗର ତୀବ୍ରତା, ଯଦି ଏ ଯଦି ତା ସହିତ ମୋର ବିବାହର ପ୍ରସ୍ତାବ କରେ, ତାହେଲେ—ବିଦାୟ ପ୍ରେମ ! ମୋର ହୃଦୟ ପ୍ରସ୍ତରୀଭୂତ ହୋଇଯାଏ, କିଛି ବି ଆଉ

* (ଫରାସୀଭାଷାରେ)—ତା'ର ହୃଦୟ ଓ ସଂପତ୍ତି ।

Digitized by srujanika@gmail.com

ତାକୁ ଉତ୍ତପ୍ତ କରି ପାରେନାହିଁ । ସ୍ତ୍ରୀ ବ୍ୟକ୍ତିତ ଯେ କୌଣସି ତ୍ୟାଗ ମୁଁ କରିପାରେ, ଏପରିକି ସୁନାମ, ସମ୍ପତ୍ତି···କିନ୍ତୁ କେତେବେଳେହେଲେ ମୋର ସ୍ୱାଧୀନତାକୁ ଜଳାଞ୍ଜଳି ଦେଇପାରିବି ନାହିଁ । କାହିଁକି ଏତେ ବେଶି ମୂଲ୍ୟ ସେଇଟାକୁ ଦିଏ ? ତା ଭିତରୁ କ'ଣ ପାଏ ମୁଁ ? ମୋର ଉଦ୍ଦେଶ୍ୟ କଣ ? ଭବିଷ୍ୟତ ପାଖରୁ ବା କ'ଣ ମୁଁ ଆଶା କରେ ?······ କିଛି ନୁହେଁ, ମୋଟେ କିଛି ନୁହେଁ । ଗୋଟାଏ ସହଜାତ-ପ୍ରୀତି, ଗୋଟାଏ ଅପ୍ରକାଶ୍ୟ ଭାବୀ ପୂର୍ବ-ସୂଚନା··· । ତଥାପି ଅନେକଙ୍କର ଅନେକ-ଦୁଃଖ-ଭୟ ଅଛି ମାଙ୍କଡ଼ଙ୍କ ଅପରପା ଆଉ ମୂଷାଙ୍କ ଉପରେ । ସ୍ୱୀକାର କରିବି ? ସେତେବେଳେ ମୁଁ ପିଲା, ଗୋଟାଏ ବୁଢ଼ୀ ମା'ର ହାତ ଦେଖି କହିଥିଲା ଯେ ମୋର ମୃତ୍ୟୁ ଘଟାଇବ ଦୁଷ୍ଟ ଗୋଟାଏ ସ୍ତ୍ରୀ । ସେତେବେଳେ କଥାଟା ମୋ ମନରେ ଗଭୀର ରେଖାପାତ କରିଥିଲା । ବିବାହ ସମ୍ବନ୍ଧରେ ଅନେକସ୍ତୁ ଏକ ବିତୃଷ୍ଣା ମନ ଭିତରେ ଜନ୍ମ ନେଇଛି··· ଆଉ ତଥାପି ମନେହୁଏ, ତା'ର ଭବିଷ୍ୟତବାଣୀ ସତ ହେବ; କିନ୍ତୁ ସେଇଟାକୁ ଯେତେଦୂର ସମ୍ଭବ ଅଟକାଇ ରଖିବାକୁ ଚେଷ୍ଟା କରିବି ।

୧୬, ଜୁନ

ଏଠି ଗତକାଲି ଆସି ପହଞ୍ଚିଛନ୍ତି ଯାଦୁକର ଆପ୍‌ଫେଲ୍‌ବାଉମ୍ । ରେସ୍ତୋରାଁର ଦରଜା ଉପରେ ଏବଂ ଗୋଟାଏ ପ୍ରାଚୀରପତ୍ରରେ ମାନମାସ୍ତ ଜନସାଧାରଣଙ୍କୁ ଜଣାଇ ଦିଆହୋଇଛି ଯେ, ଉକ୍ତ ବିସ୍ମୟକର ଯାଦୁକର, ବାଜିକର, ଭିସପୂଜକ ଏବଂ ଦୃଷ୍ଟି ବିଶାରଦଙ୍କର ଆଜି ସଂଧ୍ୟା ଆଠଟାରେ ନୋବ୍‌ଲ୍‌କ୍ଲବ୍ ହଲ୍‌ରେ (ଅନ୍ୟଥା ରେସ୍ତୋରାଁରେ) ଆଶ୍ଚର୍ଯ୍ୟ ସବୁ ଅଭିନୟ ଦେଖାଇବାର ସୌଭାଗ୍ୟ ହେବ । ପ୍ରବେଶ ମୂଲ୍ୟ : ଅଢ଼େଇ ରୁବ୍‌ଲ୍ ।

ସମସ୍ତେ ଏଇ ଆଶ୍ଚର୍ଯ୍ୟ ଯାଦୁକରଙ୍କୁ ଦେଖିବାକୁ ବ୍ୟଗ୍ର, ଏପରିକି ନିଜପାଇଁ ମଧ୍ୟ ରାଣୀ ଲିଗୋଭ୍‌ସ୍କାୟା ଗୋଟାଏ ଟିକଟ କଲେ, ଯଦିଓ କନ୍ୟା ତାଙ୍କର ଅସୁସ୍ଥ ।

ନୈଶ-ଭୋଜନ ପରେ ଭେରା ଘରର ଝରକା ପାଖଦେଇ ମୁଁ ଗଲି । ପିଣ୍ଡାରେ ସେ ଏକୁଟିଆ ବସିଥିଲା । ମୋ ଗୋଡ଼ ପାଖରେ ଖଣ୍ଡେ ଚିଠି ପଡ଼ିଲା ।

Digitized by srujanika@gmail.com

"ସଦର ସିଡ଼ି ଦେଇ ଆଜ ରାତି ଦଶଟାରେ ଆସ । ମୋ ସ୍ୱାମୀ ଯାଇଛନ୍ତି ପିଅଡଗୋଷ୍ଟ୍‌କୁ । କାଲି ସକାଳ ପୂର୍ବରୁ ଫେରିବେ ନାହିଁ । ମୋ ଚାକର-ଚାକରାଣୀ ମାନେ ବି କେହି ନଥିବେ । ସେମାନଙ୍କୁ ଏବଂ ରାଣୀର ଚାକରମାନଙ୍କୁ ପ୍ରଦର୍ଶନୀର ଟିକଟ୍ କରିଦେଇଛି । ତୁମପାଇଁ ଅପେକ୍ଷା କରିଥିବ : ନିଶ୍ଚୟ ଆସିବ ।"

ମୁଁ ଭାବିଲି, "ଯାଃ ! ଶେଷପର୍ଯ୍ୟନ୍ତ ଯେପରି ଭାବୁଥିଲି ସେହିପରି ଘଟିଛି ।"

ଆଠଟା ବେଳେ ଗଲି ଯାଦୁକରକୁ ଦେଖିବାକୁ । ପ୍ରାୟ ନ'ଟା ବେଳେ ଦର୍ଶକମାନେ ସମବେତ ହେବା ପରେ ଅଭିନୟ ଆରମ୍ଭ ହେଲା । ପଛ ଧାଡ଼ିରେ ଲକ୍ଷ୍ୟକଲି ଭେରା ଆଉ ରାଣୀର ଚାକରାଣୀମାନେ ଅଛନ୍ତି, ସେମାନଙ୍କ ହିସାବ ମିଳିଲା । ପ୍ରଥମ ଧାଡ଼ିରେ ବସିଛି ଗ୍ରୁସ୍‌ନିତ୍‌ସ୍କି, ହାତରେ ତା'ର ବାଇନାକୁଲର୍ । ପ୍ରତ୍ୟେକଥର ରୁମାଲ୍, ଘଡ଼ି, ମୁଦି ବା ଏଇ ଜାତୀୟ କିଛି ଦରକାର ହେଲେହିଁ ଯାଦୁକର ଗ୍ରୁସ୍‌ନିତ୍‌ସ୍କିର ସରଣାପନ୍ନ ହେଉଥିଲା ।

କିଛିଦିନ ହେଲା ଗ୍ରୁସ୍‌ନିତ୍‌ସ୍କି ମୋତେ ଅଭିବାଦନ କରେନାହିଁ; ଆଜ ଥରେ-ଦ'ଥର ସେ ମୋ ଆଡ଼କୁ ଉଦ୍ଧତ ଭାବରେ ଅନାଇଲା । ଦେଏଣା-ପାଉଣା ବୁଝାଇବା ବେଳେ ଏଥିପାଇଁ ତାକୁ ଅନୁତାପ କରିବାକୁ ହେବ ।

ପ୍ରାୟ ଦଶଟାବେଳେ ଉଠିପଡ଼ି ମୁଁ ବାହାରକୁ ଆସିଲି ।

ବାହାରେ ଘନ ଅନ୍ଧକାର, ଘରଆଡ଼ର ପାହାଡ଼ଚୂଡ଼ାରେ ଘନ, ଶୀତଳ ମେଘ ଜମିରହିଛି । କ୍ୱଚିତ୍ ରେସ୍ତୋରାଁ ଚତୁପାର୍ଶ୍ୱର ପପ୍‌ଲର୍ ଗଛ ଉପରେ ପବନ ସିର୍‌ସିର୍ ହେଉଛି । ଝରକାମାନଙ୍କ ପାଖରେ ଲୋକମାନେ ଭିଡ଼ କରି ରହିଛନ୍ତି । ପାହାଡ଼ରୁ ଓହ୍ଲାଇ ଫାଟକ ପାରହେବା ପରେ ମୁଁ ମୋର ଗତିକୁ ବଢ଼ାଇ ଦେଲି, ଅକସ୍ମାତ୍ ଅନୁଭବ କଲି କେହିଜଣେ ମୋ ପିଛା ଧରିଛି ! ଠିଆହୋଇ ଘରଆଡ଼କୁ ଅନାଇଲି, ଏତେ ଅନ୍ଧାର ଯେ କିଛି ବି ଦେଖା ଯାଉନାହିଁ । ସାବଧାନତା ପାଇଁ ,ଘରର ଚାରିକଡ଼ରେ ଧୀର ପଦକ୍ଷେପରେ ବୁଲିବାରେ ଲାଗିଲି, ଯେପରି ଟହଲ ମାରିବାକୁ ବାହାରିଛି ! ରାଜକୁମାରୀ ମେରିର ଝରକା ପାଖଦେଇ ଯିବା-

Digitized by srujanika@gmail.com

ବେଳେ ପୁଣି ମୁଁ ମୋ ପଛରେ ପଦଶବ୍ଦ ଶୁଣିବାକୁ ପାଇଲି, ଗ୍ରେଟ୍-କୋଟ୍‌ରେ ଆବୃତ ଗୋଟାଏ ଲୋକ ମୋ ପାଖଦେଇ ଦୌଡ଼ି ଚାଲିଗଲା । ଏଥିରେ ମୋର ଦୁର୍ଭାବନା ହେଲା, ତା ସତ୍ତ୍ୱେ ମଧ୍ୟ ସଦର ଦରଜା ପର୍ଯ୍ୟନ୍ତ ନିଃଶବ୍ଦରେ ଯାଇ ଅନ୍ଧକାର ସିଡ଼ିଦେଇ ଦୌଡ଼ି ଉପରକୁ ଉଠିଲି । ଦରଜାଟା ଖୋଲିଗଲା; ଗ୍ରେଟ ଗୋଟିଏ ହାତ ମୋ ହାତଟାକୁ ଚାପି ଧରିଲା···

ମୋ ଦେହପାଖକୁ ଲଗି ଆସି ଭେରା ଫୁସ୍‌ଫୁସ୍ କରି କହିଲା, "କେହି ତୁମକୁ ଦେଖି ନାହିଁ ତ ?"

"ନା !"

"ବର୍ତ୍ତମାନ ବିଶ୍ୱାସ କର ତ ତୁମକୁ ମୁଁ ଭଲପାଏ ବୋଲି ? ବହୁଦିନ ମୁଁ ଦ୍ୱିଧା କରିଛି, କେତେଦିନ ଧରି ଯନ୍ତ୍ରଣା ଦେଇଛି ନିଜକୁ··· କିନ୍ତୁ ତୁମ ହାତରେ ମୁଁ କାଦୁଅ ପରି ।"

ଜୋର୍‌ରେ ଧଡ଼ ଧଡ଼ ହେଉଛି ତା'ର ଛାତିଟା, ତା ହାତ ଦୁଇଟା ବରଫପରି ଥଣ୍ଡା, ତା ପରେ ଆରମ୍ଭ ହେଲା ଭର୍ତ୍ସନା, ଆଉ ଈର୍ଷାନ୍ୱିତ ଅଭିଯୋଗ । ମୋ ପାଖରୁ ସମ୍ପୂର୍ଣ୍ଣ ସ୍ୱୀକାରୋକ୍ତି ଶୁଣିବାର ଦାବୀ ସେ ଜଣାଇଲା । ଜବାବ ଦେଲା ଯେ, ମୋର ପ୍ରତାରଣାକୁ ସେ ନୀରବରେ ସହିନେବ, କାରଣ ତା'ର ଏକମାତ୍ର କାମନା ମୋତେ ସୁଖୀ ରହିବାରେ ଦେଖିବା । ତାହା ସଂପୂର୍ଣ୍ଣ ମୁଁ ବିଶ୍ୱାସ କଲିନାହିଁ, ତା ସତ୍ତ୍ୱେ ମଧ୍ୟ ତାକୁ ସାନ୍ତ୍ୱନା ଦେବାକୁ ଲାଗିଲି, ଅଙ୍ଗୀକାର, ପ୍ରତିଜ୍ଞା ଇତ୍ୟାଦି କରି ।

"ତାହେଲେ ମେରିକୁ ତୁମେ ବାହା ହେଉନାହିଁ ? ତାକୁ ତାହେଲେ ଭଲପାଅନା ?···ଆଉ ସେ ବା କ'ଣ ନହେବ···ତୁମେ ଜାଣ, ପାଗଳ ହୋଇ ସେ ତୁମକୁ ଭଲପାଏ, ବିଚାରୀ !···"

··· ··· ··· ··· ···

··· ··· ··· ··· ··· ···

ରାତି ପ୍ରାୟ ଦୁଇଟାବେଳେ ଝରକା ଖୋଲି, ଦୁଇଟା ଶାଲକୁ ଗଣ୍ଠି ପକାଇ ତା'ର ସାହାଯ୍ୟରେ ଉପର ବାରଣ୍ଡାରୁ ତଳ ବାରଣ୍ଡାକୁ ଓହ୍ଲାଇଲି । ଓହ୍ଲାଇବାବେଳେ ଗୋଟାଏ ଖୁଣ୍ଟକୁ ଧରିଥିଲି । ରାଜକୁମାରୀ ମେରି ଘରେ ଗୋଟାଏ ବତି ଜଳୁଥିଲା । ସେଇ ଘରର ଝରକା ଆଡ଼କୁ କିଏ ଯେପରି ମୋତେ ଠେଲିନେଲା । ପରଦାଗୁଡ଼ିକ ଭଲକରି ଟଣା

Digitized by srujanika@gmail.com

ହୋଇନାହିଁ । ଫଳରେ ଘଟ ଘଟଣା କୌତୂହଳୀ ଦୃଷ୍ଟିରେ ଦେଖିବା ମୋ ପକ୍ଷରେ ସମ୍ଭବ ହେଲା । ଚଉତରାରେ ବସିଛି ମେରି, ହାତ ଦୁଇଟି ଆଣ୍ଠୁ ଉପରେ ଥୁଆ । ତା' ଘନ-କେଶରାଶି ଲେସଯୁକ୍ତ ସତ୍ତର ଟୋପି ତଳେ ବନ୍ଧା ହୋଇଛି । ତା'ର ଧଳା କାନ୍ଧ ଦୁଇଟିକୁ ଢାଙ୍କିରଖିଛି ବଡ ଲାଲ୍ ଗୋଟାଏ ଚାଦର । ତା'ର ନଗ୍ନ ପାଦ ଦୁଇଟିରେ ବଟସ ଢଙ୍ଗର ଯୋଡ଼ାଏ ପାଶ୍ଚାତ୍ୟ ଦେଶର ଚପଲ୍ । ସ୍ଥିର ହୋଇ ସେ ବସି ରହିଛି, ଛାତି ଉପରେ ଝୁଙ୍କି ପଡ଼ିଛି ତା'ର ମୁଣ୍ଡଟା । ତା ଆଗର ଛୋଟ ଟେବୁଲ୍‌ରେ ଖୋଲା ଗୋଟାଏ ବହି, କିନ୍ତୁ ତା'ର ସ୍ଥିର ଆଉ ଅକର୍ଣ୍ଣମାସୁ ବିଷନ୍ନଦୃଷ୍ଟି ମନେହେଲା ଗୋଟିଏ ପୃଷ୍ଠାକୁ ଯେପରି ଶହେଥର କରି ପଢ଼ୁଛି, ଏ ଆଡ଼େ ମନ ତା'ର ଚାଲିଯାଇଛି ବହୁଦୂରକୁ···

ଠିକ୍ ସେତିକିବେଳେ ଗୋଟାଏ ବୁଦା ପଛରୁ କିଏ ଯେପରି ବାହାରିଗଲା ! ବାରଦାରୁ ଘାସପୂର୍ଣ୍ଣ ମାଟି ଉପରକୁ ମୁଁ ଡେଇଁ ଓହ୍ଲେଇଲି । ଅଦୃଶ୍ୟ ଗୋଟାଏ ହାତ ଚାପି ଧରିଲା ମୋ କାନ୍ଧକୁ । ଗୋଟାଏ କର୍କଶ ସ୍ୱର କହିଉଠିଲା, "ଆରେ, ଏଥର ଧରିଛୁ !··· ରାତିରେ ରାଜକୁମାରୀଙ୍କ ଘରକୁ ଲୁଚିକରି ପଶିବା ଶିକ୍ଷା ତତେ ଦେବୁ···!"

ପଛରୁ ଆଉଜଣେ ଡେଇଁପଡ଼ି ଚିତ୍କାର କରି ଉଠିଲା, "ଜୋର୍‌ରେ ଧର !"

ସେମାନେ ହେଲେ ଗ୍ରୁସ୍‌ନିତ୍‌ସ୍କି ଆଉ ଅଶ୍ୱାରୋହୀ ବାହିନୀର କ୍ୟାପ୍‌ଟେନ୍ ।

ଶେଷୋକ୍ତ ଲୋକଟିର ମୁଣ୍ଡରେ ଘୁଷିମାରି ତାକୁ ଛୁଟାଡ଼ି ଫୋପାଡ଼ି-ଦେଲି, ତା' ପରେ ଦୌଡ଼ିଲି ବୁଦା ଆଡ଼କୁ । ଆମ ଘରଗୁଡ଼ିକର ଢପଘାତ ଢଙ୍ଗରେ ଢାଲୁଭୂମିର ଉପରି ବଗିଚାର ସବୁ ରାସ୍ତାହିଁ ମୋତେ ଜଣା ।

ସେମାନେ ଚିତ୍କାର କରି ଉଠିଲେ, "ଚୋର, ଚୋର, ଦୌଡ଼-ଆସ !···" କିଏ ଜଣେ ଗୁଳିକଲା । ଜ୍ୱଳନ୍ତ ଗୁଳିଟା ପ୍ରାୟ ଆସି ପଡ଼ିଲା ମୋ-ପାଦରେ !

ମିନିଟିଏ ପରେ ନିଜ ଘରେ ପହଞ୍ଚି, ଲୁଗା-ପଟା ବଦଳି ମୁଁ ଶୋଇପଡ଼ିଲି । ମୋ ଚାକରର ଦରଜା ବନ୍ଦ କରିବାର ପ୍ରାୟ ସଙ୍ଗେ ସଙ୍ଗେ

ଗ୍ରୁସ୍‌ନିତ୍‌ସ୍କି ଆଉ କ୍ୟାପ୍‌ଟେନ୍ ଦରଜାରେ ଜୋର୍ ଧକ୍କା ମାରିବାକୁ ଲାଗିଲେ ।

"ପେଚୋରିନ୍ ! ଶୋଇପଡ଼ିଛନ୍ତି ? ଘରେ ଅଛନ୍ତି ନା କ'ଣ ?..." ଚିତ୍କାର କରିବାକୁ ଲାଗିଲା କ୍ୟାପ୍‌ଟେନ୍ ।

କ୍ରୋଧାନ୍ୱିତ ସ୍ୱରରେ କହିଲି, "ମୁଁ ବିଛଣାରେ ।"

"ଉଠନ୍ତୁ... ! ଚୋର ଧରାପଡ଼ିଛି । ଚେର୍‌କେଶୀୟମାନେ !..."

ଉତ୍ତରରେ କହିଲି, "ମୋତେ ଥଣ୍ଡା ଧରିଛି । ବାହାରକୁ ବାହାରିବି ନାହିଁ, ବେଶି ଥଣ୍ଡା ଧରିବ ।"

ସେମାନେ ଚାଲିଗଲେ । ମୋର ଉତ୍ତର ଦେବା ଉଚିତ ହୋଇନାହିଁ । ତାହେଲେ ବଗିଚାରେ ଆଉରି ଘଣ୍ଟାଏ ସେମାନେ ଖୋଜିଥାନ୍ତେ ମୋତେ । ସ୍ପା ଭିତରେ ଭାରି ହଇଚଇ ପଡ଼ିଯାଇଛି । ଦୁର୍ଗରୁ ଜଣେ କସାକ୍ ଘୋଡ଼ା ଛୁଟାଇ ଗଲା । ସମସ୍ତେ ଜାଗି ଉଠିଛନ୍ତି, ପ୍ରତିଟି ଗଛ ଉହାଡ଼, ବୁଦାମାନଙ୍କରେ ଚେର୍‌କେଶୀୟମାନଙ୍କୁ ତଲାସ୍ କରି ଚାଲିଲା, ଅବଶ୍ୟନ୍ତିଁ କେହି ମିଳିଲେ ନାହିଁ । ଅନେକଙ୍କର ଅବଶ୍ୟ ଦୃଢ଼ ଧାରଣା ହେଲା ଯେ, ସୈନ୍ୟଦଳ ଯେବେ ବେଶି ସାହସ ଦେଖାଇଥାନ୍ତେ ଓ ତତ୍ପର ହୋଇଥାନ୍ତେ, ତାହେଲେ ଅନ୍ତତଃ ଦୁଇଡ଼ଜନ ଉଜ୍‌ବୁକଙ୍କର ମୃତଦେହ ପଡ଼ିଥାନ୍ତା ।

୧୭, ଜୁନ୍

ଆଜି ସକାଳେ କୂଅ ପାଖରେ ଚେର୍‌କେଶୀୟମାନଙ୍କ ନୈଶ-ଆକ୍ରମଣ କଥାଟାହିଁ ପ୍ରଧାନ ଆଲୋଚ୍ୟ ବିଷୟ ଥିଲା । ନାର୍‌ଜାନ୍‌ର ପାଣି ନିର୍ଦ୍ଧାରିତ ସଂଖ୍ୟକ ଗିଲାସ ପାନକରି ଏବଂ ଦଶ-ବାରଟା ଦୀର୍ଘ ଲଣ୍ଡେନ୍ ବୀଥିକା ଧରି ବୁଲାଚଲା କରିବା ପରେ ଭେରାର ସ୍ୱାମୀ ସହିତ ଦେଖା-ହେଲା । ଠିକ୍ ସେତିକିବେଳେ ସେ ପିଆଟିଗୋର୍ସ୍କରୁ ଫେରୁଥିଲେ । ସେ ମୋର ହାତ ଧରିଲେ ଏବଂ ଆମେ ଜଳଖିଆ ଖାଇବାପାଇଁ ଗଲୁ ରେସ୍ତୋରାଁକୁ । ତାଙ୍କ ସ୍ତ୍ରୀ ସମ୍ପର୍କରେ ସେ ଅତିଶୟ ଚିନ୍ତିତ । ସେ କହିଲେ, "କାଲି ରାତିରେ ଭାରି ଡରି ଯାଇଥିଲା ସେ । ଯେତେବେଳେ ମୁଁ ନାହିଁ, ପୁଣି ଠିକ୍ ସେତିକିବେଳେ ଏପରି ଘଟଣା ଘଟିଲା !" କୋଣ-

Digitized by srujanika@gmail.com

ଘରକୁ ଯିବା ଦୁଆରମୁହଁ ପାଖରେ ଆମେ ବସିଲୁ ଜଳଖିଆ ଖାଇବା ପାଇଁ । କୋଣଘରେ ଦଶଜଣ ଖଣ୍ଡେ ଯୁବକ ବସିଥିଲେ, ଗ୍ରୁସ୍‌ନିତ୍‌ସ୍କି ମଧ୍ୟ ଥିଲା ସେମାନଙ୍କ ମେଳରେ । ହିକ୍ଷପୃଥର ଭାଗ୍ୟ ମୋତେ ଏପରି କଥାବାର୍ତ୍ତା ଅଲକ୍ଷ୍ୟରେ ରହି ଶୁଣିବାକୁ ସୁଯୋଗ ଦେଲା, ଯାହା ଫଳରେ ଗ୍ରୁସ୍‌ନିତ୍‌ସ୍କିର ନିୟୁକ୍ତି ହୋଇଗଲା ସ୍ଥିର । ମୋତେ ସେ ଦେଖିପାରି ନାହିଁ, ସେଥିପାଇଁ ମନେ ହେଲାନାହିଁ ମୋ ଉପକାର ପାଇଁ ଜାଣିଶୁଣି ସେ କଥାଗୁଡ଼ିକ କହୁଛି । ସେଥିରେ କିନ୍ତୁ ମୋ ଆଗରେ ତା'ର ଅପରାଧ ବଢ଼ାଇ ଦେଲା ।

କଏ ଜଣେ କହିଲା, "ଲୋକଗୁଡ଼ାକ କ'ଣ ବାସ୍ତବିକ ଚେର୍‌କେଶୀୟ ? କେହି ସେମାନଙ୍କୁ ଦେଖିଛି ?"

ଗ୍ରୁସ୍‌ନିତ୍‌ସ୍କି ଉତ୍ତର ଦେଲା, "ଆପଣମାନଙ୍କୁ ମୁଁ ପ୍ରକୃତ କଥାଟା ପୃଗ କହିବ । ଅପଣମାନଙ୍କ ପାଖରେ କେବଳ ଅନୁରୋଧ, ମୋ ନାଁ କୋଉଠି କହିବେ ନାହିଁ । ଘଟଣାଟା ଏଇଆ ଘଟିଥିଲା : କାଲି ଜଣେ ଲୋକ, ତା ନାଁ ମୁଁ କହିବି ନାହିଁ, ମୋ ପାଖକୁ ଆସି ଜଣାଇଥିଲା ଯେ, ରାଣୀ ଲିଗୋଭ୍‌ସ୍କାୟାଙ୍କ ଘରେ ରାତି ପ୍ରାୟ ଦଶଟାବେଳେ ଗୋଟାଏ ଲୋକକୁ ସେ ଭୁକି ମାରିବାରେ ଦେଖିଛି । ମନେ ରଖିବେ, ରାଣୀ ଲିଗୋଭ୍‌ସ୍କାୟା ସେତେବେଳେ ଏଠି ଆଉ ରାଜକୁମାରୀ ମେରି ଘରେ । ସେଥିପାଇଁ ତା' ସାଙ୍ଗରେ ଯାଇ ରାଜକୁମାରୀ ମେରିଙ୍କ ଝରକା ତଳେ ଭାଗ୍ୟବାନ ଲୋକଟି ପାଇଁ ଅପେକ୍ଷା କରି ରହିଲି ।"

ଯଦିଓ ମୋର ସଙ୍ଗୀ ଜଳଖିଆ ଖାଇବାରେ ବ୍ୟସ୍ତ, ତଥାପି ସ୍ୱୀକାର କରୁଛି, ମୁଁ ମନରେ ଆତଙ୍କିତ ହୋଇ ଉଠିଲି ! ପ୍ରକୃତ କଥାଟାକୁ ଗ୍ରୁସ୍‌ନିତ୍‌ସ୍କି ଅନୁମାନ କରିଥିଲେ, ସେ ଅପ୍ରୀତିକର କିଛି ଶୁଣି ପକାଇବେ କାଳେ ! ଈର୍ଷାରେ ଅନ୍ଧ ହୋଇଥିଲା ବୋଲି କ'ଣ ଘଟିଥିଲା ସେଇଟି ଗ୍ରୁସ୍‌ନିତ୍‌ସ୍କି ଏପରିକି ସନ୍ଦେହ ବି କରିନାହିଁ !

କହିଚାଲିଲା ଗ୍ରୁସ୍‌ନିତ୍‌ସ୍କି, "ଶୁଣନ୍ତୁ ! ସେଥିପାଇଁ ଆମେ ଟୋଟା-ଭର୍ତ୍ତି-ଫାଙ୍କା ବନ୍ଧୁକ ନେଇ ବାହାରିପଡ଼ିଲୁ ଲୋକଟାକୁ ଭୟ ଦେଖାଇବା ପାଇଁ । ଦୁଇଟା ପର୍ଯ୍ୟନ୍ତ ଆମେ ବଗିଚାରେ ଅପେକ୍ଷା କଲୁ । ଶେଷରେ ସେ ବାହାରିଲା, କୋଉଠୁ, ଭଗବାନ ଜାଣନ୍ତି ! ଝରକା ଭିତରଦେଇ ସେ

Digitized by srujanika@gmail.com

ବାହାର ନାହିଁ ତାହା ସୁନିଶ୍ଚିତ, କାରଣ ଝରକାଟା ଖୋଲାନାହିଁ—ସମ୍ଭବତଃ ଖଣ୍ଡ ପଛପଟର କାଚ ଦରଜା ଦେଇ ସେ ଆସିଥିଲା ! ଶେଷରେ ଶୁଣନ୍ତୁ, ଆମେ ଜଣଙ୍କୁ ବାରଣ୍ଡାରୁ ଓହ୍ଲେଇବାରେ ଦେଖିଲୁ··· । ରାଜକୁମାରୀ ସମ୍ବନ୍ଧରେ ବର୍ତ୍ତମାନ ଆପଣମାନେ କ'ଣ କୁହନ୍ତି, ବୃଣେ ? ମୋତେ ସ୍ୱୀକାର କରିବାକୁହିଁ ହେବ, ଏଇସବୁ ମଙ୍କୋ-ଝିମାନଙ୍କୁ ମୁଁ ବୁଝିପାରେ ନାହିଁ । ଯା' ପରେ ଆଉ କୌଣସି କଥା ବିଶ୍ୱାସ କରଯାଏ ? ତାକୁ ଆମେ ଧରିବାକୁ ଚେଷ୍ଟା କରିଥିଲୁ , ସେ କିନ୍ତୁ ଆମ ହାତରୁ ଖସି ଠେକୁଆ ପରି ବୁଦା ଆଡ଼କୁ ଦୌଡ଼ିଲା । ସେତିକବେଳେ ତାକୁ ଗୁଳି କରିଥିଲି ।"

ଅବିଶ୍ୱାସର ମର୍ମର ଉଠିଲା ଗ୍ରୁସ୍ନିଟ୍ସ୍କି ଗୃରପ ଖରୁ ।

ସେ କହିଚାଲିଲା, "ମୋ କଥା ବିଶ୍ୱାସ କରିବେ ନାହିଁ ? ମୁଁ ଶପଥ କରି କହୁଛି, କଥାଟା ଖାଣ୍ଟି ସତ ଆଉ ତାକୁ ପ୍ରମାଣ କରିବା ପାଇଁ ଯେଉଁ ଭଦ୍ରଲୋକଙ୍କ ସମ୍ବନ୍ଧରେ ଆଲୋଚନା କରୁଛି ତାଙ୍କ ନାଁ ମଧ୍ୟ ଉଲ୍ଲେଖ କରିପାରେ ।"

ଚତୁର୍ଦ୍ଦିଗରୁ ପ୍ରଶ୍ନ ଅସିଲା, "କୁହ, କୁହ, କିଏ ସେ ?"

ଗ୍ରୁସ୍ନିଟ୍ସ୍କି ଉତ୍ତର ଦେଲା, "ପେଚୋରିନ୍" ।

ସେଇ ମୁହୂର୍ତ୍ତରେ ସେ ଆଖି ଉଠାଇ ଦେଖିଲା ଦରଜାରେ ତା'ର ସାମ୍ନାସାମ୍ନି ମୋତେ ଠିଆ ହୋଇଥିବାର । ମୁହଁ ତା'ର ଅତି ଆରକ୍ତ ହୋଇ ଉଠିଲା । ତା ପାଖକୁ ଆଗେଇ ଯାଇ ଅତି ଧୀରେଧୀରେ ଏବଂ ଅତି ସ୍ପଷ୍ଟ ଭାବରେ ମୁଁ କହିଲି :

"ମୁଁ ଅତି ଦୁଃଖିତ, ସବୁଠାରୁ ଘୃଣାଜନକ ଅପବାଦକୁ ସତ ବୋଲି ତମେ ଶପଥକରି କହିବା ପରେ ମୁଁ ଭିତରକୁ ପଶିଛି । ମୁଁ ଉପସ୍ଥିତ ଥିଲେ ଏ ଧରଣର ମିଛଚାର କବଳରୁ ତୁମେ ହୁଏତ ରକ୍ଷା ପାଇଥାନ୍ତ !"

କୁଦିପଡ଼ି ଠିଆହୋଇ ରାଗରେ ଫାଟି ପଡ଼ିବାକୁ ଉଦ୍ୟତ ହେଲା ଗ୍ରୁସ୍ନିଟ୍ସ୍କି ।

ସେଇ ଏକପ୍ରକାରର ସ୍ୱରରେ ମୁଁ କହିଲି, "ମୋର ଅନୁରୋଧ, ତମେ ଯାହା କହିଛ, ଏଇ ମୁହୂର୍ତ୍ତରେ ସେକଥାକୁ ପ୍ରତ୍ୟାହାର କର ! ତମେ

Digitized by srujanika@gmail.com

ଭଲକରି ଜାଣ, କଥାଟା ମିଛ । ମୋର ମନେହୁଏନା କୌଣସି ମହିଳା ତମର ଆଖିଝଲସା ଗୁଣାବଳୀକୁ ଉପେକ୍ଷା କରିଛି ବୋଲି ଏ ଧରଣର କଠୋର ପ୍ରତିଶୋଧ ପାଇବାର ସେ ଉପଯୁକ୍ତ ପାତ୍ରୀ ! ଭଲକରି ଭାବି ଦେଖ, ଯଦି ମତ ପରିବର୍ତ୍ତନ ନ କର, ତାହେଲେ ସମ୍ମାନିତ ବ୍ୟକ୍ତିର ଖ୍ୟାତି ତମେ ଘୋଳାଇବ ଆଉ ନିଜର ଜୀବନକୁ ମଧ୍ୟ ବିପନ୍ନ କରିବ ।"

ଅତ୍ୟନ୍ତ ବିଚଳିତ ଭାବରେ ଆଖି ତଳକୁ କରି ମୋ ସାମ୍ନାରେ ଠିଆ ହୋଇ ରହିଲା ଗ୍ରୁସ୍ନିତ୍ସ୍କି । କିନ୍ତୁ ଅହଙ୍କାର ଏବଂ ହୃଦୟ ଭିତରର ବିବାଦ ଦୀର୍ଘସ୍ଥାୟୀ ହେଲା ନାହିଁ । ଅଶ୍ୱାରୋହୀ-ବାହିନୀର କ୍ୟାପ୍ଟେନ୍, ଯିଏ ତା' ପାଖରେ ବସିଥିଲା, କହୁଣୀ ଦ୍ୱାରା ତାକୁ ଇସାରା ଦେଲା । ଚମକି ଉଠି ମୋ ଆଡ଼କୁ ନ ଅନାଇ ସେ ଦ୍ରୁତ ଉତ୍ତର ଦେଲା :

"ମହାଶୟ ! ମୁଁ ଯୋଉକଥା କୁହେ ଭାବିଚିନ୍ତି କୁହେ, ସେକଥା ପୁନର୍ବାର କହିବାକୁ ମୁଁ ପ୍ରସ୍ତୁତ ·· । ତମ ଡରାଣରେ ମୁଁ ଡରେନା, କିନ୍ତୁ ବି ମୋତେ ଦ୍ୱିଧାଗ୍ରସ୍ତ କରି ପାରିବ ନାହିଁ ।"

"ଶେଷର କଥାଟାକୁ ଏଥିଭିତରେ ଆପଣ ପ୍ରମାଣ କରିଛନ୍ତି" ଶାନ୍ତସ୍ୱରରେ ଉତ୍ତର ଦେଇ ଅଶ୍ୱାରୋହୀ ବାହିନୀର-କ୍ୟାପ୍ଟେନ୍‌ଙ୍କ ହାତଧରି ମୁଁ ଘରର ବାହାରକୁ ନେଇ ଆସିଲି ।

କ୍ୟାପଟେନ୍ ପ୍ରଶ୍ନକଲେ, "ମୋ ସାଙ୍ଗରେ ଆପଣଙ୍କର କ'ଣ ଦରକାର ?"

"ଆପଣ ଗ୍ରୁସ୍ନିତ୍ସ୍କିର ବନ୍ଧୁ, ସମ୍ଭବତଃ ଆପଣ ତା'ର ସହକାରୀ ହେବେ !"

ଅତି ଔଦ୍ଧତ୍ୟରେ କ୍ୟାପ୍ଟେନ୍ ନଇଁପଡ଼ି ଅଭିବାଦନ କଲେ ।

ଉତ୍ତରରେ ସେ କହିଲେ, "ଆପଣଙ୍କ ଅନୁମାନ ଠିକ୍ । ତା'ଛଡ଼ା ଆପଣ ତାକୁ ଯୋଉ ଅପମାନ କରିଛନ୍ତି ତା' ସହିତ ମୁଁ ମଧ୍ୟ ଜଡ଼ିତ, ସେଥିପାଇଁ ମୋତେ ତା'ର ସହକାରୀ ହେବାକୁହିଁ ହେବ···କାଲି ରାତିରେ ତା' ସହିତ ମୁଁ ବି ଥିଲି ।" ତାଙ୍କ କୁଜାପିଠିଟାକୁ ସିଧାକରି ସେ କହିଲେ ।

"ଆରେ, ଆପଣଙ୍କ ମୁଣ୍ଡରେ ତାହେଲେ ମୁଁ ଏପରି କୁତ୍ସିତ ଘୁଷିଟା ମାରିଥିଲି ?"

Digitized by srujanika@gmail.com

ପ୍ରଥମେ ତାଙ୍କ ମୁହଁ ହଳଦିଆ ହୋଇଗଲା, ତା'ପରେ ନାଲି । ମୁହଁ ଉପରେ ତାଙ୍କର ଦେଖାଗଲା ଘୃଣା-ଆଚ୍ଛାଦ ।

"ଅଳ୍ପ ସମୟ ମଧ୍ୟରେ ମୋର ସହକାରୀଙ୍କୁ ଆପଣଙ୍କ ପାଖକୁ ପଠାଇବାର ସୌଭାଗ୍ୟ ମୋର ହେବ," ଅତି ଭଦ୍ରଭାବରେ ନତହୋଇ ଅଭିବାଦନ କରି, ତାଙ୍କର ରାଗକୁ ଲକ୍ଷ୍ୟ କରିନାହିଁ ଏପରି ଭାବ ଦେଖାଇ, ମୁଁ କହିଲି ।

ରେସ୍ତୋଁରାର ସିଡ଼ିରେ ଭେରାର ସ୍ୱାମୀ ସହିତ ଦେଖାହେଲା । ମନେହେଲା, ମୋ ପାଇଁ ସେ ଅପେକ୍ଷା କରିଥିଲେ !

ଆନନ୍ଦରେ ପ୍ରାୟ ଫାଟିପଡ଼ି ସେ ମୋ ହାତକୁ ଚାପିଧରିଲେ ।

"ମହାନୁଭବ ଯୁବକ !" ସଜଳ ଆଖିରେ ସେ କହିଲେ, "ସବୁକଥା ମୁଁ ଶୁଣିଛି । କି ବଦମାସ୍ ! କି ଅକୃତଜ୍ଞ ଲୋକ !···ସ୍ତ୍ରୀ ଘରେ ଭାବନ୍ତୁ, ଭଦ୍ରଲୋକମାନେ ନିଜ ଘରେ ସେମାନଙ୍କୁ ପଶିବାକୁ ଦେଉଛନ୍ତି ! ଭଗବାନଙ୍କୁ ଧନ୍ୟବାଦ, ମୋର ଝିଅ ନାହିଁ ! ଯାହାପାଇଁ ଆପଣ ଜୀବନ ବିପନ୍ନ କରୁଛନ୍ତି, ସେ ଝିଅ ଆପଣଙ୍କୁ ପୁରସ୍କାର ଦେବ । ମୋ ବିଶ୍ୱର-ବୁଦ୍ଧି ଉପରେ ସାମୟିକ ଭାବରେ ଆପଣ ନିର୍ଭର କରି ପାରନ୍ତି" ସେ କହି-ଚାଲିଲେ, "ଯେତେବେଳେ ମୁଁ ବି ଯୁବକ ଥିଲି, ସୈନ୍ୟବାହିନୀରେ ଚାକିରି କରିଛି । ମୁଁ ଜାଣେ, ଏ ଧରଣର ବ୍ୟାପାରରେ ହସ୍ତକ୍ଷେପ କରିବା ଉଚିତ ନୁହେଁ । ବିଦାୟ !"

ବିଚାରୀ ! ଝିଅ ନାହିଁ ବୋଲି ଖୁସି···

ସିଧା ଭେର୍ନେରଙ୍କ ସନ୍ଧାନରେ ବାହାରିଲି । ସେ ଘରେ ଥିଲେ । ସବୁକଥା ତାଙ୍କୁ କହିଲି—ଭେରା ଆଉ ରାଜକୁମାରୀ ସହିତ ମୋର ସମ୍ପର୍କର କଥା ଏବଂ ଯେଉଁ କଥାବାର୍ତ୍ତା ଅଲକ୍ଷ୍ୟରେ ଶୁଣିଥିଲି ତାକୁ, ଯେଉଁଥିରୁ ଜାଣିପାରିଥିଲି ଫାଙ୍କା ଟୋଟା ହାତ ପିସ୍ତଲକୁ ଗୁଳି କରିବାକୁ ଦେଇ ଏଇ ଭଦ୍ରଲୋକମାନେ ମୋତେ ବୋକା ବନାଇବେ ବୋଲି ସଂକଳ୍ପ କରିଛନ୍ତି । ବର୍ତ୍ତମାନ କିନ୍ତୁ ଘଟଣାଟା ଥଟ୍ଟାର ସୀମା ଅତିକ୍ରମ କରିଯାଇଛି । ସମ୍ଭବତଃ ତା'ର ଏଇ ପରିଣାମ ସେମାନେ ଆଶା କରି ନଥିଲେ !

ମୋର ସହକାରୀ ହେବାକୁ ରାଜି ହେଲେ ଡାକ୍ତର । ଡୁଏଲ୍‌ର ସର୍ତ୍ତ-ଗୁଡ଼ିକ ସମ୍ପର୍କରେ ତାଙ୍କୁ କେତୋଟି ନିର୍ଦ୍ଦେଶ ଦେଲି । ତାଙ୍କର ଜୋର୍-

Digitized by srujanika@gmail.com

ତେଇ କହିବା ଦରକାର ଯେ, ଅତ୍ୟନ୍ତ ଗୋପନୀୟ ଭାବରେ ଏଇ ଡୁଏଲ ଲଢ଼ା ହେବ । କାରଣ, ଯଦିଓ ସର୍ବଦା ନିଜ ଜୀବନ ବିପନ୍ନ କରିବାକୁ ମୁଁ ପ୍ରସ୍ତୁତ, ଚିରଦିନ ପାଇଁ ଏହି ପୃଥିବୀରେ ମୋର ଭବିଷ୍ୟତକୁ ନଷ୍ଟକରିବାକୁ ମୁଁ ଚାହେଁନା ।

ତା' ପରେ ଘରକୁ ଫେରିଲି । ଘଣ୍ଟାଏ ପରେ ଡାକ୍ତର ତାଙ୍କ ଅଭିଯାନରୁ ଫେରିଲେ ।

ସେ କହିଲେ, "ବାସ୍ତବିକ ଆପଣଙ୍କ ବିରୁଦ୍ଧରେ ଗୋଟାଏ ଷଡ଼ଯନ୍ତ୍ର ଚାଲିଛି । ଗ୍ରୁସ୍ନିଟସ୍କିର ଘରେ ଅଶ୍ୱାରୋହୀ-ବାହିନୀର କ୍ୟାପ୍‌ଟେନ୍ ଏବଂ ଅନ୍ୟ ଜଣକୁ ଦେଖିଲି, ତା' ନାଁଟା ମନେନାହିଁ । ହଲ୍‌କୁ ପଶିବା ବେଳେ ମୁହୂର୍ତ୍ତକ ପାଇଁ ଦୁଆରମୁହଁରେ ମୁଁ ଠିଆ ହୋଇଥିଲି । ଭିତରେ ଖୁବ୍ ହଇଚଇ ଓ ତର୍କ-ବିତର୍କ ଚାଲିଥିଲା । ଗ୍ରୁସ୍ନିଟସ୍କି କହୁଥିଲା, 'କୌଣସିରେ ବି ମୁଁ ରାଜି ହେବିନାହିଁ ! ପ୍ରକାଶ୍ୟରେ ସେ ମୋତେ ଅପମାନ କରିଛି । ସେତେବେଳେ ଥରକ ପାଇଁ କଥାଥିଲା···' ଉତ୍ତରରେ କ୍ୟାପ୍‌ଟେନ୍ କହିଲା, 'ଏଇଟା ତମର କାହିଁକି ହବ ? ସବୁକିଛି ମୁଁ ନିଜ ଉପରକୁ ନେବି । ପାଞ୍ଚଥର ମୁଁ ଡୁଏଲ୍‌ରେ ସହକାରୀ ହୋଇଛି । ଏ ସବୁ ଘଟଣାକୁ କିପରି ସଜାଇବାକୁ ହୁଏ ତାହା ମୁଁ ଜାଣେ । ସବୁକଥା ଫିନ୍‌ଭିନ୍ କରି ଭାବି ସ୍ଥିର କରିଛି । ଖାଲି ଦୟାକରି ମୋତେ ବାଧା ଦିଅନାହିଁ । ତାକୁ ଭୟ ଦେଖାଇ ପାରିଲେହିଁ କାମ ହେବ । ଆଉ ଏଡ଼ାଇ ପାରିଲେ ଜୀବନ ବିପନ୍ନ କରିବାକୁ ଯିବ କାହିଁକି ?' ସେତିକିବେଳେ ମୁଁ ଭିତରକୁ ଗଲି । ସଙ୍ଗେ ସଙ୍ଗେ ସେମାନେ ଚୁପ୍ କରିଗଲେ । ବହୁ ସମୟ ଧରି ଆମର ଆଳାପ-ଆଲୋଚନା ଚାଲିଲା, ଶେଷରେ ଏଇଆ ନିଷ୍ପତ୍ତି ହେଲା ! ଏଠୁ ପ୍ରାୟ ପାଞ୍ଚ ଭର୍ଷ୍ଟ୍ ଦୂରରେ ଗୋଟାଏ ନିର୍ଜନ ନିମ୍ନଭୂମି ଅଛି । କାଲି ଭୋର୍ ଚାରିଟାବେଳେ ସେମାନେ ସେଠାକୁ ଯିବେ । ଆମକୁ ଯିବାପାଇଁ ହେବ ଅଧଘଣ୍ଟାଏ ପରେ । ଛ'ପାଦ ଦୂରରୁ ଗୁଳି ଚଳାଇବେ ଆପଣ— ଗ୍ରୁସ୍ନିଟସ୍କି ନିଜେ ଜୋର୍ ଦେଇଛି ଏଇ ଦୂରତ୍ୱ ଉପରେ । କୁହାଯିବ, ମୃତ ବ୍ୟକ୍ତିକୁ ମାରିଛି ଚେରକେଶୀୟ । ବର୍ତ୍ତମାନ କହିବି ମୋର ସନ୍ଦେହର କଥାଟା : ସେମାନେ, ଅର୍ଥାତ୍ ସହକାରୀମାନେ ପୂର୍ବ ପରିକଳ୍ପନାକୁ ଟିକେ ବଦଳାଇଛନ୍ତି, ସେମାନେ ଠିକ୍ କରିଛନ୍ତି କେବଳ ଗ୍ରୁସ୍ନିଟସ୍କିର

Digitized by srujanika@gmail.com

ପିସ୍ତଲ୍‌ରେ ହିଁ ଗୁଳି ରଖିବେ ! ଏଇଟା ତ ଦେଖାଯାଉଛି ହତ୍ୟାକାଣ୍ଡ ପରି ! କିନ୍ତୁ ଯୁଦ୍ଧ ସମୟରେ ଗୁପ୍ତଚର ଚଳି ପାରେ, ବିଶେଷ କରି ଏସିଆର ଲଢ଼ାଇରେ ! ମୋର କିନ୍ତୁ ମନେହୁଏ, ଗ୍ରୁସ୍ନିତ୍ସ୍କି ତା' ବନ୍ଧୁମାନଙ୍କ ଅପେକ୍ଷା କିଛିଟା ଭଲ । ଆପଣ କ'ଣ ମନେ କରନ୍ତି ? ସେମାନଙ୍କୁ କ'ଣ ଜାଣିବାକୁ ଦେବ ଯେ, ସେମାନଙ୍କ ମତଲବଟା ଜାଣିପାରିଛୁ ଆମେ ?''

''ନା, ଡାକ୍ତର ! ମୋଟେ ନୁହେଁ ! ଆପଣ ନିଶ୍ଚିନ୍ତ ରହନ୍ତୁ । ସେମାନଙ୍କ ପାଖରେ ମୁଁ ହାରିବି ନାହିଁ ।"

"ଆପଣ କ'ଣ କରିବାକୁ ଚାହାନ୍ତି ?"

''ସେଇଟା ମୋର ଗୁପ୍ତକଥା ।"

''ସାବଧାନ ! ଯେପରି ଫାନ୍ଦରେ ନପଡ଼ନ୍ତି·····ମନେ ରଖିବେ ବ୍ୟବଧାନ ମାତ୍ର ଛ'ପାଦ ।"

''ଡାକ୍ତର ! କାଲି ଭୋ'ର ଚାରିଟାରେ ଆପଣଙ୍କୁ ଆଶା କରିବି । ଘୋଡ଼ା ଦେହରେ ଜିନ୍ ଚଢ଼ା ହୋଇଥିବ···। ବିଦାୟ !''

ସନ୍ଧ୍ୟା ପର୍ଯ୍ୟନ୍ତ ମୁଁ ଘରେ ରହିଲି କବାଟ କିଳି । ରାଣୀ ଲିଗୋଭ୍‌-ସ୍କାୟାଙ୍କ ପାଖରୁ ମୋତେ ନିମନ୍ତ୍ରଣ କରିବାପାଇଁ ଗୋଟିଏ ଚାକର ଆସିଥିଲା । ତାକୁ କହିଦେବାକୁ କହିଲି ଯେ, ମୁଁ ଅସୁସ୍ଥ ।

... ...

ରାତି ଦୁଇଟା···

କିନ୍ତୁ ମୁଁ ଶୋଇ ପାରୁନାହିଁ··· । ଜାଣେ, ବିଶ୍ରାମ କରିବା ଉଚିତ, ତାହେଲେ କାଲି ମୋ ହାତ ସ୍ଥିର ରହିବ । ଯଦିଓ ଛ' ପାଦର ବ୍ୟବ-ଧାନରେ ଫାଙ୍କା ଆବାଜ୍ କଠିନ । ଆଃ ! ଗ୍ରୁସ୍ନିତ୍ସ୍କି ! ତୋ'ର ଧପ୍‌ପା ସଫଳ ହେବନାହିଁ,···ଆମେ ଭୂମିକା ବିନିମୟ କରିବା, ଏଥର ମୋ'ର ପାଳି ତୋ ପାଣ୍ଡୁର ମୁହଁରେ ଗୁପ୍ତ-ଆତଙ୍କର ଚିହ୍ନ ଦେଖିବାର । କାହିଁକି ତୁମ ଏଇ ମାରାତ୍ମକ ଛ'ପାଦ ଦୂରତ୍ୱ ଉପରେ ଜୋର୍ ଦେଇଛ ? ତୁମ ମନେକରୁ, ମୋର କପାଳକୁ ତୋର୍ ଲକ୍ଷ୍ୟସ୍ଥାନ ହିସାବରେ ବିନା ପ୍ରତିବା-ଦରେ ମୁଁ ବଢ଼ାଇ ଦେବି···କିନ୍ତୁ ଆମେତ ଲଟାରି କରିବା !···ଆଉ ତା'ପରେ···ତା'ପରେ···କିନ୍ତୁ ଭାଗ୍ୟଯଦି ତା ଉପରେ ପ୍ରସନ୍ନ ହୁଏ, ତା-ହେଲେ ? ଶେଷ ପର୍ଯ୍ୟନ୍ତ ଭାଗ୍ୟ ଯଦି ମୋ ପ୍ରତି ବିମୁଖ ହୁଏ, ତାହେଲେ ??···

Digitized by srujanika@gmail.com

ଆଜ ଯଦି ବା ବିମୁଖ ହୁଏ ସେଥିରେ ଆଶ୍ଚର୍ଯ୍ୟ ହେବାର କାରଣ ନାହିଁ । ଏତେଦିନ ପର୍ଯ୍ୟନ୍ତ ମୋର ସମସ୍ତ ଖାମ୍‌ଖିଆଲି ପ୍ରତି ସ ୟ ଥିଲା ସେ ।

ଭଲକଥା ! ଯଦି ମରିବାକୁ ହୁଏ, ତାହେଲେ ମରିବି ! ସାମାନ୍ୟକ୍ଷତି ହେବ ପୃଥିବୀର । ମୁଁ ମଧ୍ୟ ସବୁକିଛି ନେଇ କ୍ଳାନ୍ତ ହୋଇ ପଡ଼ିଛି । ମୋର ଅବସ୍ଥା ସେଇ ଲୋକପରି, ଯିଏ ନାଚ-ଆସରରେ ହାଇମାରେ ଆଜି ଶୋଇବା ପାଇଁ ଘରକୁ ଫେରିପାରେନାହିଁ, କାରଣ ତା'ର ଗାଡ଼ିଟା ଆସି ପହଞ୍ଚିନାହିଁ । କିନ୍ତୁ ଗାଡ଼ି ଆସିଯାଇଛି···ବିଦାୟ !···

ମୋର ଅତୀତ-ଜୀବନର କଥା ଭାବେ ଆଜି ଅନିଚ୍ଛାସତ୍ତ୍ୱେ ମଧ୍ୟ ନିଜକୁ ପ୍ରଶ୍ନକରେ : କାହିଁକି ବଞ୍ଚିଥିଲି ? କି ଉଦ୍ଦେଶ୍ୟରେ ମୋର ଜନ୍ମ ?··· ମନେହୁଏ ଗୋଟାଏ ଉଦ୍ଦେଶ୍ୟଥିଲା, ମନେହୁଏ ମୋ ପାଇଁ ମହତ୍ କିଛି ନିହିତ ଥିଲା ନିୟତିର ଭଣ୍ଡାରରେ ! କାରଣ ମୋର ସୀମାହୀନ କ୍ଷମତା ସମ୍ବନ୍ଧରେ ମୁଁ ସଚେତନ··· । କିନ୍ତୁ ମୋର ଅଦୃଷ୍ଟର କଥା ମୁଁ ଅନୁମାନ କରିପାରିନାହିଁ । ମିଛ ଏବଂ ନିଷ୍ଫଳ-ଆବେଗର ସ୍ରୋତରେ ମୁଁ ନିଜକୁ ଭସାଇ ଦେଇଛି । ସେମାନଙ୍କ ଗ୍ରାସ ଭିତରୁ ଲୁହାପରି ଥଣ୍ଡା ଆଉ କଠିନ ହୋଇ ମୁଁ ବାହାରି ଆସିଲି, ଚିରଦିନପାଇଁ ମହତ୍ ଉଚ୍ଚାକାଂକ୍ଷାର ଉଦ୍ଦୀପନା ବିଦାୟ ନେଲା—ଜୀବନର ମଧୁରତମ ସ୍ୱପ୍ନ । ତା' ପରଠାରୁ କେତେଥର ନିୟତି ହାତରେ ମୁଁ କୁର୍‌ହାଡ଼-ଭୂମିକାର ଅଭିନୟ କରିଛି ! ଅପରାଧୀମାନଙ୍କ ମୁଣ୍ଡରେ ଦଣ୍ଡଦାୟୀ ଯନ୍ତ୍ରପରି ପଡ଼ିଛି ମୁଁ, ଅନେକ ସମୟରେ ବିଦ୍ୱେଷଭାବ ନଥିଲା, କେବେହେଲେ ନଥିଲା ଅନୁତାପ··· । ମୋର ପ୍ରେମ କେବେହେଲେ କାହାକୁ ସୁଖୀ କରିନାହିଁ, କାରଣ ଯେଉଁ-ମାନଙ୍କୁ ଭଲପାଇଛି କେବେହେଲେ ବି ସେମାନଙ୍କ ଲାଗି କୌଣସି କ୍ଷତି ସ୍ୱୀକାର କରିନାହିଁ । ଭଲପାଇଛି କେବଳ ନିଜପାଇଁ, ନିଜ ଆନନ୍ଦ ପାଇଁ । ହୃଦୟର ଏକ ବିଚିତ୍ର ଆକାଂକ୍ଷାକୁ କେବଳ ତୃପ୍ତି ଦେଇଛି, ପେଟୁକ ପରି କେବଳ ଆତ୍ମସାତ୍ କରିଛି ସେମାନଙ୍କ ଆବେଗ, ସେମାନଙ୍କ କୋମଳତା, ସେମାନଙ୍କ ଆନନ୍ଦ ଓ ବେଦନାକୁ—କିନ୍ତୁ କେବେହେଲେ ତୃପ୍ତି ପାଇନାହିଁ । ମୋର ଅବସ୍ଥା ସେଇ କ୍ଷୁଧିତ ଲୋକପରି, ଯିଏ ନିଦ୍ରାକ୍ଳାନ୍ତରେ ହତଚେତନ ହୋଇ ଦାମିକା ଖାଦ୍ୟ ଆଉ ସଫେନ୍ ସୁରାର ସ୍ୱପ୍ନ ଦେଖି-ଥିଲେ । ତା କଳ୍ପନାର ଏଇ କ୍ଷଣସ୍ଥାୟୀ ଦାନଗୁଡ଼ିକ ସେ ଆନନ୍ଦରେ

Digitized by srujanika@gmail.com

ଗୋ-ଗ୍ରାସରେ ଗଳାଧଃକରଣ କରିଗଲେ ଆଜି ମନେକରେ ଭଲ ବୋଧ କରୁଛି । କିନ୍ତୁ ଜାଗିଉଠିବା ସଙ୍ଗେ ସଙ୍ଗେ ମିଳେଇଯାଏ ସ୍ୱପ୍ନ··· ପଡ଼ିଥାଏ ଦୁଇଗୁଣ କ୍ଷୁଧା ଆଉ ହତାଶା !

ହୁଏତ କାଲି ମୋର ମୃତ୍ୟୁ ହେବ !···ପୃଥିବୀରେ କେହି ଗୋଟିଏ ପ୍ରାଣୀ ମଧ୍ୟ ଥିବେନାହିଁ, ଯିଏ ମୋତେ ସମ୍ପୂର୍ଣ୍ଣ ଭାବରେ ବୁଝିଥିଲେ ! ମୁଁ ବାସ୍ତବିକ ଯେଉଁଭଳି, କେହି ମୋତେ ତା ଅପେକ୍ଷା ଭଲ ବୋଲି ଭାବେ, କେହି ଭାବେ ଖରାପ···। କେହି କହିବ : ସେ ଲୋକଟି ଭଲ ଥିଲା; ଅନ୍ୟମାନେ କହିବେ : ସିଏ ଥିଲା ବଦ୍‌ମାସ୍ । ଏ ଦୁଇ ମତାମତହିଁ ଭୁଲ୍ ହେବ । ମୃତ୍ୟୁ ପରେ ବଞ୍ଚିରହିବାର କଷ୍ଟଭୋଗର ଅର୍ଥ ଅଛି ? ତଥାପି ବଞ୍ଚିରହିଛି—କୌତୁହଳର ବଶବର୍ତ୍ତୀ ହୋଇ, ନୂତନ କିଛିର ଆଶାରେ··· କି ହାସ୍ୟକର, କି ବିରକ୍ତିକର !!

ଏନ୍···ଦୁର୍ଗରେ ପହଞ୍ଚିବା ପରେ ଦେଢ଼ମାସ କଟିଯାଇଛି । ମାକ୍‌ସିମ୍-ମାକ୍‌ସିମୀଚ୍ ବାହାରିଛନ୍ତି ଶୀକାରକୁ···। ମୁଁ ପୁରାପୁରି ଏକା । ଝରକା ପାଖରେ ବସିରହିଛି । ବାହାରେ ଧୂସର ମେଘ ପାହାଡ଼ର ପାଦଦେଶ ପର୍ଯ୍ୟନ୍ତ ଘୋଡ଼ାଇ ପକାଇଛି । କୁହୁଡ଼ି ଭିତରୁ ସୂର୍ଯ୍ୟ ଦେଖାଯାଉଛି ଯେପରି ଗୋଟାଏ ପୀତ-ଗୋଲକ ! ବର୍ତ୍ତମାନ ଥଣ୍ଡା; ଆର୍ତ୍ତନାଦ କରୁଛି ପବନ, ଝରକାର କବାଟ ଗୁଡ଼ିକ ଶବ୍ଦ କରୁଛି···। ଏ ସବୁ କି ବୈଚିତ୍ର୍ୟ-ହୀନ···! ପୁଣି ମୋର ଡାଇରି ଲେଖି ଚାଲିବି । ନାନା ଅଦ୍ଭୁତ ଘଟଣା ଘଟିବାରୁ ଲେଖିବାଟା ବାଧାପ୍ରାପ୍ତ ହୋଇଥିଲା ।

ଶେଷପୃଷ୍ଠାଟି ପୁନର୍ବାର ପଢ଼ି ହାସ୍ୟୋଦ୍ଦୀପକ ମନେହେଲା । ଭାବିଥିଲି ମରିଯିବି, କିନ୍ତୁ ତାହା ଥିଲା ଅସମ୍ଭବ, କାରଣ ଦୁଃଖ-ପିଆଲାର ଶେଷ ବିନ୍ଦୁଟି ପର୍ଯ୍ୟନ୍ତ ମୁଁ ସେତେବେଳକୁ ପାନ କରିନାହିଁ । ବର୍ତ୍ତମାନ ମନେହୁଏ ବହୁକାଳ ଧରି ବଞ୍ଚିରହିବାକୁ ହେବ ।

ଯାହାସବୁ ଘଟିଛି କି ପରିଷ୍କାର ଓ ତୀକ୍ଷ୍ଣ ଭାବରେ ମୋର ସ୍ମୃତିରେ ସେଗୁଡ଼ିକ ଅଙ୍କିତ ହୋଇ ଯାଇଛି ! ସମୟ ତା'ର ଗୋଟିଏ ରେଖାକୁ ବି ପୋଛିଦେଇ ପାରିନାହିଁ !!

ମନେ ପଡ଼ୁଛି, ଡୁଏଲର ପୂର୍ବ ରାତିରେ ମୋର ପଲକ ପଡ଼ୁନାହିଁ । ବହୁତ ସମୟ ଧରି ଲେଖିପାରିନାହିଁ, କାରଣ ଏକ ରହସ୍ୟମୟ ଅସ୍ୱସ୍ତି

Digitized by srujanika@gmail.com



Digitized by srujanika@gmail.com

ମୋତେ ତୃପ୍ତି ଦେଉଥିଲା । ପ୍ରାୟ ସନ୍ଧ୍ୟାଏକାଳ ଘର ଭିତରେ ଟହଲି ଯାଉଥିଲି । ତା ପରେ ଟେବୁଲ୍ ପାଖରେ ବସି ୱାଲ୍ଟର୍ ସ୍କଟ୍ଙ୍କର ଗୋଟିଏ ଉପନ୍ୟାସ ଖୋଲିଲି । ତା'ର ନାଁ "ଓଲ୍ଡ୍ ମର୍ଟାଲିଟି ।" ପ୍ରଥମେ କଷ୍ଟକରି ପଢ଼ିବାକୁ ହେଉଥିଲା, ତା'ପରେ କଳ୍ପନାର ଯାଦୁରେ ଆଚ୍ଛନ୍ନ ହୋଇ ଦେଖୁ ଦେଖୁ ସବୁକିଛି ଭୁଲିଗଲି ।

ଶେଷରେ ଭୋ'ର୍ ହେଲା । ମୁଁ ପୂର୍ବଭଳି ମୋର ଶାନ୍ତ ହୋଇଯାଇଛି । ଆଇନାରେ ନିଜର ମୁହଁ ପରୀକ୍ଷା କଲି । ମୁହଁ ଉପରେ ଦିଶୁହୋଇ ପଡ଼ୁଛି ମ୍ଳାନ ପାଣ୍ଡୁର ରଙ୍ଗ, ସେତେବେଳେ ମୁହଁରେ ଅଛି ବିଶେଷ ଉତ୍କଣ୍ଠିତ ଭାବର ଆଭାସ୍ । କିନ୍ତୁ ମୋ' ଆଖି ଦୁଇଟିକୁ ଘେରି ବାଦାମୀ ଗୋଲ୍ ଦାଗ ପଡ଼ିବା ସତ୍ତ୍ୱେ ମଧ୍ୟ ସେ ଦୁଇଟି ନିଷ୍ଠୁର ଓ ଦାମ୍ଭିକ ଭାବରେ ଜଳୁଛି । ନିଜ ଉପରେ ସନ୍ତୁଷ୍ଟ ହୋଇଉଠିଲି ।

ଘୋଡ଼ାମାନଙ୍କ ଠାରେ ଜିନ୍ ଲଗାଇବାକୁ ଆଦେଶ ଦେଇ, ଚାଲିଲି ଗାଧୋଇବାକୁ । ଥଣ୍ଡା ନାର୍ଜାନ୍ ପାଣିରେ ବୁଡ଼ିବାବେଳେ ଅନୁଭବ କଲି ମୋର ଶାରୀରିକ ଓ ମାନସିକ ବଳ ଫେରି ଆସିଛି । ଏପରି ଅବସାଦଶୂନ୍ୟ ଓ ସତେଜ ହୋଇ ଗାଧୁଆଘରୁ ବାହାରିଲି ଯେ, ମନେ-ହେବାକୁ ଲାଗିଲା ବୋଧେ ଯାଉଛି ନାଚର ଆସରକୁ ! ଏହା ପରେ ବି କହିବେ ଯେ ଦେହ ସହିତ ଆତ୍ମାର କୌଣସି ସମ୍ପର୍କ ନାହିଁ !···

ଘରକୁ ଫେରି ଦେଖେଁ, ଡାକ୍ତର ଆସି ପହଞ୍ଚିଛନ୍ତି । ପିନ୍ଧିଛନ୍ତି ଘୋଡ଼ା ଚଢ଼ିବାର ଧୂସର ଡ୍ରେସ, ଅର୍ଖାଲୁକ୍ ✻ ଅଙ୍ଗ ମୁଣ୍ଡରେ ଗୋଟାଏ ଚେର୍କେଶୀୟ ଟୋପି । ଏଇ ବିରାଟ ଫେନଶ ଟୋପିତଳେ ତାଙ୍କର ଶୀର୍ଣ୍ଣ, କ୍ଷୁଦ୍ର ଦେହଟାକୁ ଦେଖି ମୁଁ ହସରେ ଫାଟି ପଡ଼ିଲି । ତାଙ୍କ ମୁହଁର ଭାବଟା ମୋତେ ଉଣ୍ଡପ୍ରିୟ ନୁହଁ; ସାଧାରଣତଃ ତାଙ୍କର ମୁହଁଟା ଯେପରି ଲମ୍ବା ଦେଖାଯାଏ ତା ଅପେକ୍ଷା ବର୍ତ୍ତମାନ ବେଶି ଲମ୍ବା ଦେଖା-ଯାଉଛି ।

ତାଙ୍କୁ କହିଲି, "ଏତେ ବିଷଣ୍ଣ କାହିଁକି ଡାକ୍ତର ? ସମ୍ପୂର୍ଣ୍ଣ ସ୍ୱାଭାବିକ [illegible], ଶହେଥର ଖଣ୍ଡେ କ'ଣ ଆପଣ ଲୋକମାନଙ୍କୁ ଅନ୍ୟ ଜଗତରେ ବିଦାୟ ଜଣାଇ ନାହାନ୍ତି ? କଳ୍ପନା କରନ୍ତୁ, ମୋତେ ପିତ୍ତଘଟିତ ଜ୍ୱର

✻ ଏସିଆବାସୀ ପୁରୁଷମାନଙ୍କର କ୍ଷୁଦ୍ର ପୋଷାକ ।

Digitized by srujanika@gmail.com

ହୋଇଛି ଆଜ ବଞ୍ଚିବାର କିମ୍ବା ମରିବାର ସମ୍ଭାବନାଟା ସମାନ । ଦୁଇଟି ଘଟଣାହିଁ ସ୍ୱାଭାବିକ । ମୋତେ ଏପରି ଗୋଟିଏ ରୋଗୀ ବୋଲି କଳ୍ପନା କରିବାକୁ ଚେଷ୍ଟା କରନ୍ତୁ, ଯାହାର ରୋଗଟା ଆପଣ ଧରିପାରୁ ନାହାନ୍ତି - ସେଥିରେ ଆପଣଙ୍କର କୌତୁହଳ ସମ୍ପୂର୍ଣ ଭାବରେ ଜାଗି ଉଠିବ । ଆପଣ ବର୍ତ୍ତମାନ ନାନା ଗୁରୁତ୍ୱପୂର୍ଣ୍ଣ ଶରୀରବିଦ୍ୟା ସମ୍ପର୍କିତ ପର୍ଯ୍ୟବେକ୍ଷଣ ମୋତେ ନେଇ କରିପାରନ୍ତି··· । ଅପଘାତ-ମୃତ୍ୟୁକୁ ଆଶା କରିବାଟା କ'ଣ ଗୋଟାଏ ଅସଲ ରୋଗ ନୁହେଁ ?"

ଏ କଥାଟା ମନକୁ ପାଇଲା ଡାକ୍ତରଙ୍କର, ସେ ପ୍ରଫୁଲ୍ଲ ହୋଇ ଉଠିଲେ ।

ଆମେ ଘୋଡ଼ାରେ ଚଢ଼ିଲୁ । ହେର୍‌ନେର୍ ଦୁଇ ହାତ ହାବୁ ଚାପି ଧରିଲେ ଲଗାମ୍ । ଯାତ୍ରା ଆରମ୍ଭ ହେଲା । ଆଖି ପିଛୁଳାକେ ଗାଁ ଭିତର ଦେଇ ଘୋଡ଼ା ଛୁଟାଇ ଦୁର୍ଗର ମାଝଦେଇ ଗିରିସଂକଟରେ ପ୍ରବେଶ କଲୁ । ତା' ଭିତର ଦେଇ ସର୍ପିଳ ଭାବରେ ଚାଲିଯାଇଛି ଗୋଟିଏ ପଥ । ଅର୍ଦ୍ଧେକ ତା'ର ଘାସ ଗ୍ରାସାଚ୍ଛାଦିତ । ଅଳ୍ପ ଗୁଣ୍ଡ ଛୁଡ଼ି ତା' ଭିତର ଦେଇ କୋଳାହଳ କରିକରି ଚାଲିଯାଉଛି ଛୋଟ ଛୋଟ ସ୍ରୋତ । ଆମକୁ ପାର-ହେବାକୁ ହେଲା ସେଗୁଡ଼ିକୁ । ଅତି ଅସ୍ୱସ୍ତି ଅନୁଭବ କଲେ ଡାକ୍ତର, କାରଣ ତାଙ୍କ ଘୋଡ଼ାଟା ପ୍ରତିଥର ପାଣି ଭିତରେ ଠିଆହୋଇ ପଡ଼ୁଥିଲା ।

ଯା ଠାରୁ ଭଲ ଆଉ ତାଜା-ସକାଳ କେବେ ଦେଖିଛି ବୋଲି ମନେହେଉ ନାହିଁ । ସବୁଜ ପାହାଡ଼ର ଶୃଙ୍ଗ ଗୁଡ଼ିକ ଉପରେ ସୂର୍ଯ୍ୟ ସେଇକ୍ଷଣି ଉଙ୍କି ମାରୁଛି । ତା ରଶ୍ମିର ପ୍ରଥମ ଉତ୍ତାପ ମିଶ୍ରିତ ରାତିର ବିଲୀନ ହୋଇ ଆସୁଥିବା ଶୀତଳତା ସମସ୍ତ ଚେତନା ଉପରେ ଗୋଟାଏ ମଧୁର ଅବସାଦ ବିଞ୍ଚିଦିଏ । ସେତେବେଳକୁ ଗିରିସଂକଟରେ ତରୁଣ-ତପନର ପ୍ରଫୁଲ୍ଲ ରଶ୍ମି ପ୍ରବେଶ କରିନାହିଁ । ଆମ ଦୁଇ ବଗଲରେ ଯେଉଁସବୁ ପାହାଡ଼ ଠିଆ ହୋଇଛି କେବଳ ତା'ର ଚୂଡ଼ାଗୁଡ଼ିକ ସୁନେଲି ରଙ୍ଗ ଧରୁଛି । ପାହାଡ଼ର ଗମ୍ଭୀର ଫାଟର ଅଭ୍ୟନ୍ତରରେ ଗଛପତ୍ର ଗୁଡ଼ିକ ସାମାନ୍ୟ ପବନ ବହିଲେହିଁ ଆମ ଉପରେ ରୁପେଲି-ବୃଷ୍ଟି ପାତ କରୁଥିଲା । ମନେପଡ଼ୁଛି, ସେଇ ମୁହୂର୍ତ୍ତରେ ପ୍ରକୃତିକୁ ଯେପରି ଭଲପାଇଥିଲି, ଆଗରୁ

Digitized by srujanika@gmail.com

କେବେହେଲେ ସେପରି ପାଇନାହିଁ । କି କୌତୂହଳ ନେଇ ଚଉଡ଼ା ଅଙ୍ଗୁରପତ୍ର ଉପରର ପ୍ରତିଟି ଶିଶିର ବିନ୍ଦୁର କମ୍ପନ ମୁଁ ଲକ୍ଷ୍ୟ କରିଥିଲି ସତେ, ଯାହା ଭିତରଦେଇ ଲକ୍ଷ ଲକ୍ଷ ଇନ୍ଦ୍ରଧନୁ ରଙ୍ଗର ରଶ୍ମି ବିଚ୍ଛୁରିତ ହେଉଥିଲା ! କି ଆଗ୍ରହ ନେଇ ସତେ ଅସ୍ପଷ୍ଟ ଦିଗନ୍ତକୁ ଭେଦ କରିଯିବାକୁ ଚାହୁଁଥିଲା ମୋର ଦୃଷ୍ଟି ! ପଥ ସେଠେ କ୍ଷୀଣରୁ କ୍ଷୀଣତର ହୋଇ ଉଠିଛି, ପାହାଡ଼ ଗୁଡ଼ିକ ହୋଇ ଉଠିଛି ଆହୁରି ନୀଳ, ଆହୁରି ଭୟଙ୍କର—ମନେ ହୁଏ, ଶେଷରେ ଏକ ଦୁର୍ଭେଦ୍ୟ ପ୍ରାଚୀରରେ ଯାଇ ମିଳିତ ହୋଇଛି ! ନିର୍ବାକ ହୋଇ ଆମେ ଘୋଡ଼ା ଛୁଟାଇଲୁ ।

ହଠାତ୍ ଭେର୍ନେଣ୍ଟ୍ ପଚାରିଲେ, "ଆପଣ ଉଇଲ୍ କରିଛନ୍ତି ?"

"ନା,"

"ଆପଣ ଯଦି ମରିଯାନ୍ତି ତାହେଲେ କ'ଣ ହେବ ?"

"ଉତ୍ତରାଧିକାରୀମାନେ ବଳେ ବଳେ ହାଜର୍ ହେବେ ।"

"ଆପଣଙ୍କର ଏପରି କୌଣସି ବନ୍ଧୁ ନାହାନ୍ତି ଯାହାଙ୍କ ପାଖକୁ ଆପଣ ଆପଣଙ୍କର ଶେଷ-ବିଦାୟର ସମ୍ବାଦ ପଠାଇବାକୁ ଚାହାନ୍ତି ?"

ମୁଁ ମୁଣ୍ଡ ହଲାଇଲି ।

"ପୃଥିବୀରେ ଏପରି କୌଣସି ମହିଳା ନାହିଁ ଯାହା ପାଖରେ ଆପଣ କୌଣସି ସ୍ମାରକ-ଚିହ୍ନ ରଖିଯିବାକୁ ଚାହାନ୍ତି ?"

ଉତ୍ତରରେ କହିଲି, "ଡାକ୍ତର ! ଆପଣ କ'ଣ ଚାହାନ୍ତି ଆପଣଙ୍କ ପାଖରେ ମୋର ହୃଦୟକୁ ମୁଁ ଉନ୍ମୁକ୍ତ କରେଁ ?···ଆପଣ ତ ଜାଣନ୍ତି ମୋର ସେ ବୟସ ନାହିଁ, ଲୋକମାନେ ଯେତେବେଳେ ପ୍ରେମିକ ମାନଙ୍କ ନାଁ କହୁ କହୁ ଗୋଟିଏ ଲେଖାଏଁ ସୁଗନ୍ଧୀ, କିମ୍ବା ଗନ୍ଧହୀନ ମୁଣ୍ଡର ବାଳ ବନ୍ଧୁଙ୍କୁ ଉଇଲ୍ କରିଦେଇ ମରିଯାନ୍ତି । ଯେତେବେଳେ ମୁଁ ଆସନ୍ନ ଏବଂ ସମ୍ଭାବ୍ୟ ମୃତ୍ୟୁକଥା ଭାବେ, ସେତେବେଳେ କେବଳ ନିଜର କଥାହିଁ ସ୍ମରଣ କରେ, କେହି କେହି ତାହା ମଧ୍ୟ କରନ୍ତି ନାହିଁ । ଯେଉଁ ସବୁ ବନ୍ଧୁମାନେ କାଲି ମୋତେ ଭୁଲିଯିବେ କିମ୍ବା ଯୋଉଁଠା ଆହୁରି ଖରାପ, ଯେଉଁମାନେ ମୋ ନାମରେ ଉଠିବାନହିଁ ଜାଣନ୍ତି, ଯେଉଁସବୁ ଅଜବ୍ କୁହା ଉଠାଇବେ ଆଉ ସ୍ତ୍ରୀମାନେ ଅନ୍ୟ ପୁରୁଷମାନଙ୍କର କଣ୍ଠଲଗ୍ନ ହୋଇ ଚୁମାରେ ଉଦ୍‌ହାସ କରିବେ ଯେଉଁଥିରେ ସେମାନେ ମୃତ-ବ୍ୟକ୍ତି ଉପରେ

Digitized by srujanika@gmail.com

ଈର୍ଷାନ୍ୱିତ ହୋଇ ନ ଉଠନ୍ତୁ—ସେମାନଙ୍କୁ ନେଇ ମୋର ମୁଣ୍ଡବ୍ୟଥା କାହିଁକି ? ଜୀବନର ଆଲୋଡ଼ନଠାରୁ କେତୋଟି ଧାରଣା ମୁଁ ସୃଷ୍ଟି କରିଛି, କିନ୍ତୁ କୌଣସି ଅନୁଭୂତି ନୁହେଁ । ବସ୍ତୁବାଦରୁ ବଞ୍ଚିଛି ବୁଦ୍ଧି ଦ୍ୱାରା, ହୃଦୟ ଦ୍ୱାରା ନୁହେଁ । ମୋର ନିଜର ଆବେଗ ଆଉ କାମକୁ ମୁଁ ଓଜନ କରେ, ବିଶ୍ଳେଷଣ କରେ କଠୋର-କୌତୁହଳ ଦ୍ୱାରା, କିନ୍ତୁ କୌଣସି ସହାନୁଭୂତି ତା ଭିତରେ ନଥାଏ । ମୋ ଭିତରେ ଦୁଇଟି ମଣିଷ ଅଛି : ଜଣେ ପୁରାପୁରି ବଞ୍ଚେ, ଅନ୍ୟଜଣକ ଯୁକ୍ତିତର୍କ କରେ ଆଉ ପ୍ରଥମ ଜଣକ ଉପରେ ରାୟ ଦିଏ । ପ୍ରଥମ ଜଣକ ସମ୍ଭବତଃ ଏଇଠାରୁ ଘଣ୍ଟାକ ପରେ ଆପଣଙ୍କ ପାଖରୁ ଆଉ ପୃଥିବୀ ପାଖରୁ ବିଦାୟ ନେବ, ଆଉ ଦ୍ୱିତୀୟ ଜଣକ···ଦ୍ୱିତୀୟ ଜଣକ ?···ଚାହିଁ ଦେଖନ୍ତୁ ଡାକ୍ତର ! ଦକ୍ଷିଣ ଦିଗର ପାହାଡ଼ ଉପରେ କଳା କଳା ମୂର୍ତ୍ତି ତିନୋଟି । ଦେଖି ପାରୁଛନ୍ତି ? ମନେ ହେଉଛି ସେମାନେ ପ୍ରତିଦ୍ୱନ୍ଦ୍ୱୀ ?···"

ଆମ ଘୋଡ଼ାମାନେ ଛୁଟି ଚାଲିଲେ ।

ପାହାଡ଼ର ତଳ ବୁଦାରେ ବନ୍ଧା ହୋଇଥିଲେ ତିନୋଟି ଘୋଡ଼ା । ଆମ ଘୋଡ଼ାମାନଙ୍କୁ ମଧ୍ୟ ସେଇଠି ବାନ୍ଧି ସରୁ ରାସ୍ତାଧରି ପାହାଡ଼ର ଏକ ସମତଳ କିନାରକୁ ଚାଲିଲୁ । ସେଠି ଅପେକ୍ଷା କରୁଥିଲେ ଗ୍ରୁସ୍ନିତ୍ସ୍କି, ଅଶ୍ୱାରୋହୀ-ବାହିନୀର କ୍ୟାପ୍ଟେନ୍ ଏବଂ ଇଭାନ-ଇଗନାତିଏଭିଚ ନାମକ ଆଉ ଜଣେ ସହକାରୀ ସହିତ । ତା'ର ପଦବୀଟା କେବେହେଲେ ଶୁଣି-ନାହିଁ ।

ଶ୍ଳେଷର ହସ ହସି ଅଶ୍ୱାରୋହୀ-ବାହିନୀର କ୍ୟାପ୍ଟେନ୍ କହିଲା, "ଅନେକ ସମୟରୁ ଆପଣମାନଙ୍କ ପାଇଁ ଅପେକ୍ଷା କରିଛୁ ।"

ମୋ ଘଡ଼ିଟା ବାହାର କରି ତାକୁ ଦେଖାଇଲି ।

ସେ କ୍ଷମା ମାଗିଲା । କହିଲା, ତା' ଘଡ଼ିଟା ଆଗେଇ ଚାଲିଛି ।

ତା' ପରେ କେତେ ମିନିଟ୍ ଧରି ଅସ୍ୱସ୍ତିକର ସ୍ତବ୍ଧତା । ଶେଷରେ ଗ୍ରୁସ୍ନିତ୍ସ୍କି ଆଡ଼କୁ ବୁଲି ସ୍ତବ୍ଧତା ଭଙ୍ଗ କଲେ ଡାକ୍ତର ।

ସେ କହିଲେ, "ମୋର ମନେହୁଏ, ଆପଣ ଦୁହେଁ ଲଢ଼ାଇର ଆଗ୍ରହ ଦେଖାଇ ସମ୍ମାନ ପାଖରେ ଋଣ-ମୁକ୍ତ ହୋଇଛନ୍ତି । ବର୍ତ୍ତମାନ

Digitized by srujanika@gmail.com

ଆପଣମାନେ କୌଣସି ଗୋଟାଏ ସର୍ତ୍ତରେ ରାଜି ହୋଇ ଘଟଣାଟାର ଆପୋଷ ନିଷ୍ପତ୍ତି କରିପାରନ୍ତି ।”

କହିଲି, “ମୁଁ ରାଜି ।”

କ୍ୟାପ୍‌ଟେନ୍ ଗ୍ରୁମ୍‌ନିରୁଫି ଆଡ଼କୁ ଆଖି ମାରିଲି । ସେ ଭାବିଲା, ମୁଁ ଡରିଯାଇଛି । ସେଥିପାଇଁ ତା’ର ହାବ-ଭାବ ହୋଇଉଠିଲା ଉଦ୍ଧତ, ଯଦିଓ ସେଇ ମୁହୂର୍ତ୍ତ ପର୍ଯ୍ୟନ୍ତ ତା ମୁହଁରେ ଥିଲା ମ୍ଲାନ ଧୂସରଆଭା । ଆମେ ପହଞ୍ଚିବାପରେ ଏଇ ପ୍ରଥମଥର ପାଇଁ ମୋ ଆଡ଼କୁ ସେ ମୁହଁଉଠେଇ ଅନାଇଲା ଆଉ ଦୃଷ୍ଟିରେ ଅତୃପ୍ତି, ଅନ୍ତର୍ଦ୍ୱନ୍ଦ୍ୱ ଧରାପଡ଼ିଲା ।

ମେ କହିଲି, “ଆପଣଙ୍କର ସର୍ତ୍ତ କ’ଣ କୁହନ୍ତୁ ଏବଂ ନିଶ୍ଚିତ ହୋଇ ପାରନ୍ତୁ ଯେ ମୁଁ ଆପଣଙ୍କ ପାଇଁ ଯଥାସାଧ୍ୟ ଚେଷ୍ଟା କରିବ···”

“ମୋର ସର୍ତ୍ତଗୁଡ଼ିକ ଏଇ : ବର୍ତ୍ତମାନ ତମେ ସମସ୍ତଙ୍କ ସାମ୍ନାରେ ତମର ରଟାଇଥିବା ଅପବାଦଗୁଡ଼ିକୁ ମିଥ୍ୟା ବୋଲି ସ୍ୱୀକାର କରିବ ଏବଂ ମୋ ପାଖରେ କ୍ଷମାପ୍ରାର୍ଥନା କରିବ···”

“ମହାଶୟ ! ଏ ଧରଣର ପ୍ରସ୍ତାବ କରିବାର ସାହସ ତମଠାରେ ଦେଖି ମୁଁ ଅବାକ୍ ହୋଇଯାଉଛି··”

“ଯା ଛଡ଼ା ଆଉ କି ପ୍ରସ୍ତାବ ମୁଁ କରିପାରେ ?”···

‘ପିସ୍ତଲଚଳାଇ ଯା’ର ନିଷ୍ପତ୍ତି ଆମେ କରିବୁ ।”

ମୁଁ କନ୍ଧ ହଲାଇଲି ।

“ସେୟା ହେଉ; ଖାଲି ମନେ ରଖିବେ, ଆମ ଦୁଇଜଣଙ୍କ ଭିତରୁ ଜଣକୁ ମରିବାକୁ ହେବ ।”

“ଆଶାକରେ, ସେ ବ୍ୟକ୍ତି ହେବ ତମେ !”

“ମୁଁ କିନ୍ତୁ ନିଃସନ୍ଦେହ ଯେ, ଠିକ୍ ତା’ର ବିପରୀତଟା ହେବ···”

ଲଜ୍ଜିତ ହୋଇ ସେ ଆରକ୍ତ ହୋଇଉଠିଲା, ତା’ପରେ ହସିଲା ଅସ୍ୱାଭାବିକ ଭାବରେ ।

କ୍ୟାପ୍‌ଟେନ ତା ହାତକୁ ଧରି ଗୋଟାଏ ପାଖକୁ ନେଇଗଲା । [illegible] ଧରି ସେମାନେ ଫୁସୁର୍‌ଫାସର୍ ହେଲେ । ଏଠି ଯେତେବେଳେ ପହଞ୍ଚିଲି ସେତେବେଳେ ବେଶ୍ ଶାନ୍ତ ଥିଲି, ବର୍ତ୍ତମାନ ଏସବୁ ଘଟଣାରେ କ୍ରୁଦ୍ଧ ହୋଇ ଉଠିବାକୁ ଲାଗିଲି ।

Digitized by srujanika@gmail.com

ମୋ ପାଖକୁ ଆସିଲେ ଡାକ୍ତର ।

ପ୍ରଷ୍ଟ ଦୃଷ୍ଟିରେ ଦେଖାଇ ସେ କହିଲେ, "ଶୁଣନ୍ତୁ ! ସେମାନଙ୍କ ଷଡ଼ଯନ୍ତ୍ର କଥାଟା ଭୁଲିଯାଇଛନ୍ତି ?···ପିସ୍ତଲ୍‌ରେ କପଟ ଗୁଳି ଭର୍ତ୍ତି କରିବାକୁ ତୁମେ ଛାଡ଼ା ମୁଁ ଜାଣେନା, କିନ୍ତୁ ସେଥିପାଇଁ ଯଦ୍ଧ ତୁମେ··· । ଆପଣ ଅଦ୍‌ଭୁତ ଲୋକ ! ଜଣାଇ ଦିଅନ୍ତୁ, ସେମାନଙ୍କ ମତଲବଟା ଆପଣ ଜାଣନ୍ତି ବୋଲି । ତାହେଲେ ସେମାନେ ସାହସ କରିବେ ନାହିଁ ।···ଯୁଦ୍ଧ ପନ୍ଥରେ କ ଯୁକ୍ତି ଅଛି ? ସେମାନେ ଆପଣଙ୍କୁ କୁକୁର ପରି ଗୁଳିକରି ମାରିବେ "

"ଦୟାକରି ଶାନ୍ତ ହୁଅନ୍ତୁ ଡାକ୍ତର ! ଭୟ କରନ୍ତୁ ନାହିଁ, ଟିକେ ଅପେକ୍ଷା କରନ୍ତୁ··· । ବର୍ତ୍ତମାନ ଅବସ୍ଥା ଏପରି, ଯେଉଁଥିରେ ସେମାନେ ସୁବିଧା ପାଇବେ ନାହିଁ । ସେମାନଙ୍କୁ ପୁଣି ଫାୟର-ହେବାକୁ ଦିଅନ୍ତୁ···!"

"ମହାଶୟ ଗଣ ! ଘଟଣାଟା କ୍ଲାନ୍ତିକର ହୋଇ ଉଠୁଛି !!" ଉଚ୍ଚ-ସ୍ୱରରେ ସେମାନଙ୍କୁ କହିଲି, "ଯଦ୍ଧ ଲଢ଼ିବାକୁ ହେବ ତାହେଲେ ଆସନ୍ତୁ ଲଢେଇ ହେଉ । ଗତକାଲି ଘଟଣାଟା ନେଇ ଆଲୋଚନା କରିବାର ଅବସର ଥିଲା । ଆପଣମାନଙ୍କର···"

କ୍ୟାପ୍‌ଟେନ୍ ଉତ୍ତର ଦେଲା, "ଆମେ ତିଆର, ନିଜନିଜ ଜାଗାରେ ଠିଆ ହୁଅନ୍ତୁ !···ଡାକ୍ତର, ଅନୁଗ୍ରହ କରି ଛ'ପାଦ ମାପି ଦେବେ···"

"ନିଜ ନିଜ ଜାଗାରେ ଠିଆ ହୁଅନ୍ତୁ !" ଇଭାନ୍ ଇଗ୍‌ନାତଏଭିଚ୍ ଚିଁ ଚିଁ କରି କଥାଟାର ପୁନରାବୃତ୍ତି କଲା ।

ମୁଁ କହିଲି, "କ୍ଷମା କରିବେ, ଆଉ ଗୋଟିଏ ସର୍ତ୍ତ ଅଛି । ଯେହେତୁ ମୃତ୍ୟୁ ନହେବା ପର୍ଯ୍ୟନ୍ତ ଲଢ଼ିବାକୁ ଆମେ ପ୍ରସ୍ତୁତ, ଆମକୁ ସବୁ ପ୍ରକାରର ସାବଧାନ ହେବାକୁ ହେବ, ଯେଉଁଥିରେ ଏଇ ବିବାଦର କଥା ଗୋପନୀୟ ରହେ ଆଉ ଆମ ସହକାରୀ ମାନଙ୍କ ଉପରେ କୌଣସି ଦୃଷ୍ଟି ନପଡ଼େ । ଆପଣମାନେ ରାଜି !"

"ଆମେ ସଂପୂର୍ଣ୍ଣ ରାଜି ?"

"ଅଚ୍ଛା, ଏ କଥାଗୁଡ଼ିକ ମୋର ମନେହେଉଛି । ଦକ୍ଷିଣ ଦିଗରେ ସେଇ ପାହାଡ଼ର ଗୋଟିଏ ସମତଳ କନାର ଦେଖୁଛନ୍ତି ? ସେଠୁ ତଳ ପର୍ଯ୍ୟନ୍ତ ତିରିଶି ସାଜେନ୍ ହେବ, ବେଶି ବି ହୋଇପାରେ ! ତଳର ପଥର ଗୁଡ଼ାକ ଅ-ମସୃଣ । ଆମେ ପ୍ରତ୍ୟେକେ ଏକେବାରେ ଧାରରେ ଠିଆ-

Digitized by srujanika@gmail.com

ହେବା, ଫଳରେ ସାମାନ୍ୟ ଆଘାତ ମଧ୍ୟ ମାରାତ୍ମକ ହୋଇ ଉଠିବ । ସ୍ୱାଭାବତ ଆପଣମାନଙ୍କ ଇଚ୍ଛା ମିଳିଥିବାର କଥା, କାରଣ ଆପଣ ନିଜେ ଛ'ପାଦ ଦୂରତ୍ୱର ପ୍ରସ୍ତାବ କରିଛନ୍ତି । ଆମ ଭିତରୁ ଜଣେ ଯଦି ଆହତ ହୁଏ, ନିଃସନ୍ଦେହରେ ତଳେ ପଡ଼ି ସେ ଚୂର୍ଣ୍ଣ-ବିଚୂର୍ଣ୍ଣ ହୋଇଯିବ । ଡାକ୍ତର ଗୁଳି ସାରିଦେବେ ଆଉ ଏଇ ଆକସ୍ମିକ ମୃତ୍ୟୁକୁ ସହଜରେ ଦୁର୍ଘଟଣା ବୋଲି ଚଳାଇ ଦିଆଯିବ । ଆମେ ଲଟାରି କରି ଦେଖିବା ପ୍ରଥମେ କାହାର ଗୁଳି ଚଳାଇବାର ଦାନ । ମୋର ଶେଷକଥା ହେଲା, ଅନ୍ୟ କୌଣସି ପ୍ରସ୍ତାବରେ ମୁଁ ଲଢ଼ାଇ କରିବାକୁ ରାଜି ନୁହେଁ ।"

ଅର୍ଥପୂର୍ଣ୍ଣ ଭାବରେ ଗ୍ରୁସ୍ନିଟ୍ସ୍କି ଆଡ଼କୁ ଅନାଇ କ୍ୟାପ୍ଟେନ୍ କହିଲା, "ସେଇଆ ହେବ ।" ଗ୍ରୁସ୍ନିଟ୍ସ୍କି ମୁଣ୍ଡ ହଲାଇ ସମ୍ମତି ଜଣାଇଲା । ପ୍ରତି-ମୁହୂର୍ତ୍ତରେ ତା'ର ମୁହଁର ଚେହେରା ବଦଳୁଛି । ତାକୁ ପକାଇଛି ଗୋଟାଏ କଠିନ ଅବସ୍ଥାରେ । ସାଧାରଣ ଅବସ୍ଥାରେ ମୋ ଗୋଡ଼କୁ ଲକ୍ଷ୍ୟକରି ଗୁଳି ଚଳାଇ ମୋତେ ସେ ଆହତ କରି ପାରନ୍ତା । ଫଳରେ ତା'ର ପ୍ରତିଶୋଧ ନେବା ହୁଅନ୍ତା ପୁଣି ବିବେକ ଉପରେ ବି ବିଶେଷ ଭାର ପଡ଼ନ୍ତା ନାହିଁ । ବର୍ତ୍ତମାନ କିନ୍ତୁ ତାକୁ ହୁଏତ ଆକାଶକୁ ଗୁଳି ଚଳାଇବାକୁ ହେବ, ନଚେତ୍ ହେବାକୁ ହେବ ଖୁନୀ, କିମ୍ବା ଶେଷପର୍ଯ୍ୟନ୍ତ ତା'ର ମତ-ମତଲବକୁ ତ୍ୟାଗକରି ମୋ ପରିହିଁ ସମାନ ଝୁଙ୍କି ନେବାକୁ ହେବ । ସେ ମୁହୂର୍ତ୍ତରେ ତା' ଅବସ୍ଥାରେ ପଡ଼ିବାକୁ ମୁଁ ଚାହାନ୍ତି ନାହିଁ । କ୍ୟାପ୍ଟେନ୍‌କୁ ଗୋଟାଏ ପାଖକୁ ନେଇଯାଇ ସେ ଅତି ଉତ୍ତେଜିତ ହୋଇ କଥା କହିବାକୁ ଲାଗିଲା । ମୁଁ ଲକ୍ଷ୍ୟକଲି କିପରି ତା'ର ଓଠ ଦୁଇଟା ବର୍ତ୍ତମାନ ନୀଳ ହୋଇଉଠି କମ୍ପୁଛି । କ୍ୟାପ୍ଟେନ୍ କିନ୍ତୁ ତା ଆଡ଼ୁ ମୁହଁ ବୁଲେଇ ଘୃଣାର ହସ ହସିଲା । ବେଶ୍ ଜୋର୍‌ରେ ହିଁ ସେ ଗ୍ରୁସ୍ନିଟ୍ସ୍କିକୁ କହିଲା, "ବୁଦ୍ଧୁ କୋଉଠିକାର ! ତୁମେ କିଛି ବୁଝ ନାହିଁ । ଚାଲନ୍ତୁ ଯିବା !"

ବୁଦାବୁଦିକିଆ ଜଙ୍ଗଲ ଭିତର ଦେଇ ଗୋଟା ସର୍ପିଳ ରାସ୍ତା ସେଇ ସମତଳ ଜାଗାର ଆଡ଼କୁ ଚାଲିଯାଇଛି । ଏହି ଅପ୍ରଶସ୍ତ ଉପତ୍ୟକାର ପାହାଚଗୁଡ଼ିକ ପଥରର ଭଙ୍ଗା ଟୁକୁରାରେ ସୃଷ୍ଟି । ପାଖର ଗଛମାନଙ୍କୁ ଧରିଧରି ଆମେ ଉଠିଲୁ । ଆଗରେ ଚାଲିଲା ଗ୍ରୁସ୍ନିଟ୍ସ୍କି, ପଛରେ ତା'ର ଦୁଇ ସହକାରୀ, ଡାକ୍ତର ଆଉ ମୁଁ ଚାଲିଲୁ ସବା ପଛରେ ।

Digitized by srujanika@gmail.com

ଆନ୍ତରିକ ଭାବରେ ମୋ ହାତକୁ ଗୁପିଧରି ଡାକ୍ତର କହିଲେ, “ଆପଣ ମୋତେ ଅବାକ୍ କରିଛନ୍ତି । ଦେଖିବା ଆପଣଙ୍କ ନାଡ଼ୀଟା । ଓ-ହୋ, ଭଲ ଡେଉଁଛି : କିନ୍ତୁ ଆପଣଙ୍କ ମୁହଁ ଦେଖି କିଛି ବୁଝି ହେଉ-ନାହିଁ । ଖାଲି ଆଜି ନାଡ଼ୀଟା ଆପଣଙ୍କ ସ୍ୱାଭାବିକ ଅବସ୍ଥା ଅପେକ୍ଷା ବେଶି ଉଜ୍ଜ୍ୱଳ ।”

ହଠାତ୍ ଛୋଟଛୋଟ ପଥର ଖଣ୍ଡମାନ ଆମ ପାଦ ପାଖରେ ସଶବ୍ଦରେ ଗଡ଼ି ପଡ଼ିବାକୁ ଲାଗିଲା । କ’ଣ ହୋଇଛି ? ଗ୍ରୁନ୍‌ହିଲ୍ଡି ଝଟକା ଖାଇଛନ୍ତି; ଯୋଉ ଡାଳଟାକୁ ସେ ଧରିଥିଲେ, ସେଇଟା ଭାଙ୍ଗିଯାଇଛି ଆଉ ତା’ ସହକାରୀ ମାନେ ତାଙ୍କୁ ନ ଧରିଥିଲେ ସେ ପଛପଟେ ପଡ଼ିଥାନ୍ତା ।

ମୁଁ ଚିତ୍କାର କରି କହିଲି, “ସାବଧାନ ! ଠିକ୍ ବେଳ ଆଗରୁ ପଡ଼ିବେ ନାହିଁ । ଏଇଟା ଅଶୁଭ ଲକ୍ଷଣ । ‘ଜୁଲିୟସ୍ ସିଜର୍’ କଥା ଭାବି ଦେଖନ୍ତୁ !”

ଶେଷରେ ଆମେ ସେଇ ନିମ୍ନଭୂମି ଉପରକୁ ବାହାରିଥିବା ପର୍ବତ ଶିଖରରେ ପହଞ୍ଚିଲୁ । ସ୍ଥାନଟା ସବୁଦିଗରେ ଖୋଲା ହୋଇଯାଇଛି, ସତେ ଯେମିତି ଡୁଏଲ୍ ପାଇଁ କେବଳ ବିଶେଷକରି ତିଆରି ହୋଇଛି ! ଚତୁର୍ଦ୍ଦିଗରେ ସକାଳର ସୁନେଲି ପାହାଡ଼ଗୁଡ଼ିକ କୁହୁଡ଼ି-ମଣ୍ଡିତ ହୋଇ ପାହାଡ଼ର ଚୂଡ଼ାଗୁଡ଼ିକ ଯେପରି ଅସଂଖ୍ୟ ପଶୁପଲଙ୍କ ପରି ଏକାଠି ହୋଇଛନ୍ତି । ଦକ୍ଷିଣରେ ଜଠିତ୍ରି କ୍ଷୀଣ ଏକ ବୃକ୍ଷ — ତୁଷାର-ମଣ୍ଡିତ-ଧାଡ଼ିଧାଡ଼ି ପାହାଡ଼ର ଚୂଡ଼ାନ୍ତେରେ । ତା’ର ଭିତରେ ପୂର୍ବେଇ ପବନରେ ଉଡ଼ିଆସି ପରଦେରି ଘୂରି ବୁଲୁଛି ମେଘ । ପାହାଡ଼ର ଏକ ସମତଳ କିନାରର ଧାରକୁ ଆସି ଅନାଇଲି ତଳକୁ । ମୁଣ୍ଡଟା ପ୍ରାୟ ବୁଲିଗଲା । କବର ସ୍ଥାନ ପରି ଥଣ୍ଡା ଆଉ ଅନ୍ଧକାର ତଳଟା ।

ଯେଉଁ ସ୍ଥାନରେ ଆମର ଲଢ଼ାଇ ହେବାକଥା, ସେ ସ୍ଥାନଟା ପ୍ରାୟ ନିଖୁଣ ଗୋଟିଏ ତ୍ରିଭୁଜ ଆକାରରେ, ବାହାରିଥିବା କୋଣରୁ ମଝାମଝି ଛ’ ପାଦ । ସ୍ଥିର ହେଲା ଯେ ଦରେ ଗୁଳିର ସମ୍ମୁଖୀନ ଯୋଦ୍ଧାକୁ ପ୍ରଥମେ ହେବାପାଇଁ ହେବ, ତାକୁ ଠିଆ ହେବାକୁ ହେବ ଏକେବାରେ ଧାରରେ,

Digitized by srujanika@gmail.com

ଜନ୍ମଭୂମି ଆଡ଼କୁ ଫେରନ୍ତି, ଯଦି ସିଏ ନ ମରେ ତାହେଲେ ପ୍ରତିଦ୍ୱନ୍ଦ୍ୱୀମାନେ ପରିବର୍ତ୍ତନ କରିବେ ସ୍ଥାନ ।

ଗ୍ରୁସ୍‌ନିଭ୍‌ସ୍କିକୁ ସବୁ ପ୍ରକାରର ସୁବିଧା ଦେବାପାଇଁ ମୁଁ ସ୍ଥିର କଲି, କାରଣ ତାକୁ ମୁଁ ଦୋଷୀ କରିବାକୁ ଚାହେଁ ନାହିଁ । ତା' ହୃଦୟରେ ଏ ଯାଏଁର କୌଣସି ପ୍ରକାର ଦ୍ୱିଧା ଜାଗିଥିବ ନାହିଁ! ତାହେଲେ ସବୁ କିଛି ଭଲ ହେବ । କିନ୍ତୁ ଅହଙ୍କାର ଆଉ ଶାରୀରିକ ଦୁର୍ବଳତାର ପରାଜୟ ହେବାକୁ ହେବନି··· । ଯଦି ନିୟତି ମୋତେ ବଞ୍ଚାଏ, ତାହେଲେ ତାକୁ ଯେ ଦୟାକରେ ନାହିଁ ତା ପାଇଁ ନିଜକୁ ସମ୍ପୂର୍ଣ୍ଣ ସମର୍ଥନ କରିବାକୁ ଚାହିଁଲି । ନିଜ ବିବେକ ସହିତ ଏଭଳି ଲଜ୍ଜାଦାୟକ ଚୁକ୍ତି କିଏ ନ କରେ ?

କ୍ୟାପ୍‌ଟେନ୍ କହିଲି, "ଡାକ୍ତର ! ଭାଗ୍ୟ ନିର୍ଣ୍ଣୟ କରିବାକୁ ଆରମ୍ଭ କରନ୍ତୁ !"

ଡାକ୍ତର ପକେଟ୍‌ରୁ ଗୋଟିଏ ରୁପାର ମୁଦ୍ରା ବାହାର କରି ତାକୁ ହାତରେ ଉପରକୁ ଟେକି ଧରିଲେ ।

"ଟେଲ୍," ହଠାତ୍ ଯେପରି ବନ୍ଧୁ ପାଖରୁ ଇଙ୍ଗିତପାଇ ଜାଗି ଉଠି ଚିତ୍କାର କରିଉଠିଲା ଗ୍ରୁସ୍‌ନିଭ୍‌ସ୍କି !

"ହେଡ୍," ମୁଁ କହିଲି ।

ପବନରେ ମୁଦ୍ରା ଟି ଉତ୍‌କ୍ଷିପ୍ତ ହୋଇ ଠଂ କରି ତଳେ ପଡ଼ିଲା । ତାକୁ ଦେଖିବା ପାଇଁ ସମସ୍ତେ ଆମେ ଛୁଟିଲୁ ।

ମୁଁ ଗ୍ରୁସ୍‌ନିଭ୍‌ସ୍କିକୁ କହିଲି, "ଆପଣଙ୍କର କପାଳ ଭଲ । ଆପଣଙ୍କୁ ହିଁ ପ୍ରଥମେ ଗୁଳି ଚଳାଇବାକୁ ହେବ । କିନ୍ତୁ ମନେ ରଖିବେ, ମୋତେ ନିହତ ନ କରିବା ପର୍ଯ୍ୟନ୍ତ ମୁଁ କିଛି ବୁଝିବି ନାହିଁ—ଏକଥା ଶପଥ କରି କହୁଛି ।"

ଆରକ୍ତ ହୋଇ ଉଠିଲା ସେ । ନିରସ୍ତ୍ର ଲୋକକୁ ହତ୍ୟାକରିବାର କଳ୍ପନାରେ ସେ ଲଜ୍ଜିତ ହୋଇ ଉଠିଲା । ଚୋରଦୃଷ୍ଟିରେ ତା ଆଡ଼କୁ ଅନାଇଲି ଆଉ ମୁହୂର୍ତ୍ତକ ପାଇଁ ମନେହେଲା ସେ ବୋଧହୁଏ ମୋ ଗୋଡ଼ତଳେ ପଡ଼ି କ୍ଷମା ମାଗିବ ! କିନ୍ତୁ ଏ ଧରଣର ଜଘନ୍ୟ ଷଡ଼ଯନ୍ତ୍ର କଥା କିପରି ସେ ସ୍ୱୀକାର କରି ପାରିବ ?···ତା ପାଖରେ କେବଳ

Digitized by srujanika@gmail.com

ଗୋଟିଏ ମାତ୍ର ରାସ୍ତା ଖୋଲା ରହିଛି : ଆକାଶକୁ ଗୁଳି ଚଳାଇବା । ମୁଁ ନିଃସନ୍ଦେହଥିଲି ଯେ, ସିଏ ଆକାଶକୁ ଗୁଳି ଚଳାଇବ ବୋଲି ! ଗୋଟିଏ ମାତ୍ର କାରଣ ତାକୁ ସେ କାମରେ ବାଧା ଦେଇପାରେ : ସେ ହୁଏତ ଭାବିପାରେ ମୁଁ ବିଜ୍ଞାନପୃଥିବୀର ଉପରେ ଲଢ଼ିବାପାଇଁ ଦାବୀ କରିଛି !

ମୋ ଜାମାର ଅସ୍ତିନ୍ ଧରି ଟାଣି ଡାକ୍ତର କହିଲେ "ସମସ୍ତ ହୋଇ ଯାଇଛି । ବର୍ତ୍ତମାନ ପନ୍ଦର କୁହନ୍ତୁ ଏମାନଙ୍କ ମତଲବ୍ ଆପଣ ଜାଣନ୍ତି ବୋଲି, ତାହେଲେ ମୃତ୍ୟୁ ନିଶ୍ଚିତ । ଦେଖନ୍ତୁ, ସ୍ନାଉତରେ ସିଏ ଗୁଳି କରିବାକୁ ଆରମ୍ଭ କରିଛି । ଆପଣ ନ କହିଲେ ମୁଁ କହିବି···"

"ନା,ନା ଡାକ୍ତର !" ତାଙ୍କ ହାତକୁ ଧରି ମୁଁ କହିଲି, "ସବୁ ଆପଣ ଭଣ୍ଡୁର୍ କରିଦେବେ । ଆପଣ ଜବ ବ ଦେଇଚନ୍ତି ବାଧାଦେବେ-ନାହିଁ ବୋଲି··· । ଏଥିରେ ଅନେକଙ୍କର ମୃତ୍ୟୁବ୍ୟଥାର କାରଣ ବା କ'ଣ ? ହୁଏତ ମୁଁ ମରିବାକୁହିଁ ଗୁହଁ "

ମୋ ଆଡ଼କୁ ବିସ୍ମିତ ହୋଇ ଅନାଇଲେ ଡାକ୍ତର ।

"ସେ କଥା ଅଲଗା ! କେବଳ ପରେପାନ୍ତୁ ଯାଇ ମୋତେ ଦୋଷ ଦେବେ ନାହିଁ···"

ଏଥିଭିତରେ କ୍ୟାପ୍ଟେନ ତା ପିସ୍ତଲ ଗୁଳିରେ ଗୁଳି ଭର୍ତ୍ତି କରିଦେଇଛନ୍ତି । ସେଥିରୁ ସେ ଗୋଟାଏ ଗ୍ରାହମ୍‌ଡ୍ରିଙ୍କୁ ଦେଲା ହସିହସି କ୍ୟାପ୍ଟେନ କ'ଣ କହି, ଆଉ ଗୋଟାଏ ମୋତେ ।

ପାହାଡ଼ର ଗୋଟିଏ ସମତଳ କନାରର ସବୁଠାରୁ ଦୂର କୋଣରେ ଠିଆହେଲି, ବାଁ ଗୋଡ଼ରେ ପଥରଟାଏ ରେକିକରି ଧରି, ଆଗକୁ ସାମାନ୍ୟ ଝୁଙ୍କି ହେଇଥିରେ ସାମାନ୍ୟ ଆହତ ହେଲେ ତଳପଟକୁ ନପଡ଼େ ।

ମୁହଁମୁହିଁ ଠିଆହେଲା ଗ୍ରାହମ୍‌ଡ୍ରିଙ୍କ ଏବଂ ସଙ୍କେତ ଦେବାପରେ ଉଠାଇଲା ତା'ର ପିସ୍ତଲଟାକୁ, ଅଣୁ ତା'ର ଥରିବାକୁ ଲାଗିଲା, ସିଏ ଧା ଲକ୍ଷ୍ୟକଲା ମୋର କପାଳକୁ······

ପାଶବିକ-କ୍ରୋଧ ଜାଗି ଉଠିଲା ମୋ ହୃଦୟ ଭିତରେ ।

ଅକସ୍ମାତ ପିସ୍ତଲ୍ ନଳିଟାକୁ ବାହାର କରି କାଗଜପରି ଧଳା ହୋଇଯାଇ ତା'ର ସହକାରୀ ଆଡ଼କୁ ସେ ବୁଲିଲା ।

ଭଗ୍ନସ୍ୱରରେ କହିଲା, "ମୁଁ ପାରିବ ନାହିଁ ।"

Digitized by srujanika@gmail.com

କ୍ୟାପ୍‌ଟେନ୍ ଉତ୍ତର ଦେଲା, "କାପୁରୁଷ !"

ଶୁଣାଗଲା ଗୁଳିର ଆବାଜ୍ । ଗୁଳିଟା ମୋର ଆଣ୍ଠୁ ଘଷିଦେଇ ଯାଇଛି । ମନକୁମନ କେତେପାଦ ଆଗେଇ ଆସିଲି—କନାରତ୍ତ ଯଥାଶୀଘ୍ର ଧୁଣ୍ଡିପିବା ଲାଗି ।

କ୍ୟାପ୍‌ଟେନ୍ କହିଲା, "ଭାଇ ଗ୍ରୁସ୍‌ନିତ୍‌ସ୍କି ! ଦୁଃଖର କଥା, ତୁମେ ଫସିଯାଇଛ ! ଏଥର ତୁମ ପାଳି । ସେଠିଯାଇ ଠିଆହୁଅ ! ଯିବା ପୂର୍ବରୁ ମୋତେ ଆଲିଙ୍ଗନ କର, କାରଣ, ଆଉ ଆମର ଦେଖାହେବ ନାହିଁ !" ସେମାନେ ଆଲିଙ୍ଗନ କଲେ । କ୍ୟାପ୍‌ଟେନ୍ ଅତି କଷ୍ଟରେ ହସ ଚପାଇଲା । "ଭୟ କରନାହିଁ," ଧୂର୍ତ୍ତଭାବରେ ଗ୍ରୁସ୍‌ନିତ୍‌ସ୍କି ଆଡ଼କୁ ଚାହିଁ ସେ କହିଲା, "ପୃଥିବୀର ସବୁକିଛି ଏକେବାରେ ବାଜେ ! ପ୍ରକୃତି, ନିୟତି ଏପରିକି ଜୀବନର ବି ମୂଲ୍ୟ ନାହିଁ ।"

ସମୁଚିତ ଗାମ୍ଭୀର୍ଯ୍ୟ ଭିତରେ ଏଇ ବିଷାଦମୟ ଉକ୍ତି କରିବା ପରେ ନିଜ ସ୍ଥାନକୁ ଫେରିଗଲା କ୍ୟାପ୍‌ଟେନ୍ । ଇଭାନ୍-ଇଗ୍‌ନାତିଏଭିଚ୍ ମଧ୍ୟ ସଜଳ ଆଖିରେ ଆଲିଙ୍ଗନ କଲା ଗ୍ରୁସ୍‌ନିତ୍‌ସ୍କିକୁ । ବର୍ତ୍ତମାନ ଗ୍ରୁସ୍‌ନିତ୍‌ସ୍କି ଏକୁଟିଆ ଠିଆହେଲା ମୋର ସାମ୍ନାସାମ୍ନି । ଯେଉଁ ଆବେଗ ମୋ ହୃଦୟ ଭିତରେ ଆନ୍ଦୋଳନ କରୁଥିଲା ସେତେବେଳେ, ଆଜିପର୍ଯ୍ୟନ୍ତ ତାକୁ ବିଶ୍ଲେଷଣ କରିବାକୁ ଚେଷ୍ଟା କରିଛି : ଆହତ-ଅହମିକାର ବିରକ୍ତି, ଘୃଣା ଏବଂ କ୍ରୋଧ ମିଶ୍ରିତ ଥିଲା ସେଇ ଆବେଗରେ; କାରଣ ଏକଥା ଉପଲବ୍ଧି କରିଥିଲି ଯେ ଏଇ ଲୋକଟା, ଯିଏ ବର୍ତ୍ତମାନ ଏପରି ଶାନ୍ତ-ଦୃଷ୍ଟି ଏବଂ ଶାନ୍ତ-ଔଦ୍ଧତ୍ୟର ସହିତ ମୋ ଆଡ଼କୁ ଚାହିଁ ରହିଛି, ଦୁଇ ମିନିଟ୍ ପୂର୍ବରୁ ସେ କୁକୁର ପରି ମୋତେ ଗୁଳି କରିବାକୁ ଯାଇଥିଲା ନିଜକୁ ବିନ୍ଦୁମାତ୍ର ବିପଦଗ୍ରସ୍ତ ନକରି—କାରଣ ଆହୁରି ସାମାନ୍ୟ ବେଶି ପାଦ ଦୂରରେ ଅାହତ ହେଲେ ନିଃସନ୍ଦେହରେ ମୁଁ ପାହାଡ଼ରୁ ତଳକୁ ନିକ୍ଷିପ୍ତ ହୋଇଥାନ୍ତି ।

କେତେ ମିନିଟ୍ ଧରି ସିଧାସଳଖ ତା ମୁହଁକୁ ଅନାଇ ରହିଲି, ଚେଷ୍ଟାକଲି ସେ ମୁହଁରେ ସାମାନ୍ୟ ଅନୁଶୋଚନାର ଚିହ୍ନ ଆବିଷ୍କାର କରିବାକୁ । ତା' ପରିବର୍ତ୍ତେ ମନେହେଲା ଯେପରି ଦେଖିଲି ସିଏ ହସ ଲୁଚିବାକୁ ଚେଷ୍ଟା କରୁଛି !

Digitized by srujanika@gmail.com

ତାଙ୍କୁ ସେତେବେଳେ କହିଲି, "ମରିବା ପୂର୍ବରୁ ଭଗବାନଙ୍କୁ ସ୍ମରଣ କରିବାକୁ ଉପଦେଶ ଦେଉଛୁ ।"

"ନିଜ ଅପେକ୍ଷା ମୋର ଆତ୍ମା ସମ୍ବନ୍ଧରେ ତୁମକୁ ବେଶି ଦୁର୍ଭାବନା କରିବାକୁ ହେବନାହିଁ । ତମ ପାଖରେ ଅନୁରୋଧ, ଆଉ କାଳ-ବିଳମ୍ବ ନକରି ଗୁଳି ଚଳାଅ !"

"ତମେ ଚାହେଁଲେ ତମ ଅପବାଦକୁ ପ୍ରତ୍ୟାହାର କରିବ ନାହିଁ ? କିମ୍ବା କ୍ଷମା ମାଗିବ ନାହିଁ ମୋ ପାଖରେ ? ଭଲକରି ଭାବି ଦେଖ, ତମର ବିବେକ କ'ଣ କହୁ ନି ତୁମକୁ କହୁନାହିଁ ?"

ଅଶ୍ୱାରୋହୀ-ବାହିନୀର କ୍ୟାପ୍‌ଟେନ୍ ଚିତ୍କାର କରିଉଠିଲା, "ମି. ଫେରେରନ୍ ! କହିବାକୁ ବାଧ ହେଉଛୁ ଯେ, ଉପଦେଶ ଦେବାପାଇଁ ଏଠିକି ଆପଣ ଆସି ନାହାନ୍ତି··· । ଘଟଣାକୁ ଯଥାଶୀଘ୍ର ସାରିଦିଅନ୍ତୁ । ଗିରି-ସଙ୍କଟଦେଇ ଘୋଡାରେ ଯିବାବେଳେ କେହି ହୁଏତ ଆମକୁ ଦେଖି-ପକାଇ ପାରେ !"

"ଭଲକଥା । ଡାକ୍ତର, ମୋ ପାଖକୁ ଆସିବେ ?"

ପାଖକୁ ଆସିଲେ ଡାକ୍ତର । ବିଚରା ଡାକ୍ତର ! ଦଶମିନିଟ୍ ଆଗରୁ ଗ୍ରାହାମ୍‌ହର୍ଷ୍ଟି ଯେମିତି ମଳିନ ହୋଇ ଯାଇଥିଲା ତାଠାରୁ ମଧ୍ୟ ସେ ଆହୁରି ମଳିନ ହୋଇଗଲେ ।

ଉଚ୍ଚ କଣ୍ଠରେ, ସ୍ପଷ୍ଟ ଭାବରେ ଧୀରେ ଧୀରେ ପ୍ରାଣଦଣ୍ଡାଦେଶ ଯେପରି ଭାବରେ ଘୋଷିତ ହୁଏ, ନିମ୍ନୋକ୍ତ କଥାଗୁଡ଼ିକ ସେହିପରି ମୁଁ କହିଲି :

"ଡାକ୍ତର ! ଏଇ ଭଦ୍ରଲୋକମାନେ—ନିଃସନ୍ଦେହରେ କାର୍ଯ୍ୟ-ବ୍ୟସ୍ତତାଜନିତ—ମୋ ପିସ୍ତଲ୍‌ରେ ଗୁଳି ଭର୍ତ୍ତିକରିବାକୁ ଭୁଲି ଯାଇଛନ୍ତି । ଆପଣଙ୍କୁ ଅନୁରୋଧ, ପୁଣି ଆପଣ ଭର୍ତ୍ତିକରି ଦିଅନ୍ତୁ—ଭଲକରି ଭର୍ତ୍ତି କରିବେ !"

ଚିତ୍କାର କରିଉଠିଲା କ୍ୟାପ୍‌ଟେନ୍ : "ହୋଇପାରେନା, ହୋଇ-ପାରେନା ! ଦୁଇ ପିସ୍ତଲ୍‌ରେହିଁ ମୁଁ ଭର୍ତ୍ତି କରିଛି । ଆପଣଙ୍କଠାରୁ ବଡ଼ ହୁଏତ ଗଳି ଛଡ଼ିଛି··· ! ସେଇଟା ମୋର ଦୋଷ ନୁହେ । ପୁଣି ଭର୍ତ୍ତି-କରିବାର ଅଧିକାର ଆପଣଙ୍କର ନାହିଁ··· ମୋଟେ ନାହିଁ···ଏଇଟା ପୂର୍ବ-

Digitized by srujanika@gmail.com

ସ୍ୱର ନିୟମର ବନ୍ଧନରେ, ଯା ହେବାକୁ କେବେହେଲେ ମୁଁ ଦେବ ନାହିଁ।...”

“ଭଲକଥା।” କ୍ୟାପ୍‌ଟେନ୍‌କୁ ମୁଁ କହିଲି, “ସେଯା ଯଦି ହୁଏ, ଗୋଟିଏ ସର୍ତ୍ତରେ ଏ ଘଟଣାର ନିଷ୍ପତ୍ତି କରାହେବ ଆପଣଙ୍କ ମୋ ଭିତରେ ଗୁଳି ଚଳାଇ...”

କ’ଣ କହିବ ସେ ସ୍ଥିର କରି ପାରିଲାନାହିଁ।

ତଳକୁ ମୁହଁ କରି ହତବୁଦ୍ଧି ହୋଇ ବିଷଣ୍ଣ-ମୁହଁରେ ଠିଆ ହୋଇ ରହିଲା ଗ୍ରୁସ୍‌ନିଟ୍‌ସ୍କି।

ଡାକ୍ତରଙ୍କ ହାତରୁ ପିସ୍ତଲ୍‌ଟାକୁ କ୍ୟାପ୍‌ଟେନ୍ ଛଡ଼ାଇ ନେବାପାଇଁ ଚେଷ୍ଟା କରୁଥିଲା। ଗ୍ରୁସ୍‌ନିଟ୍‌ସ୍କି ତାକୁ କହିଲା, “ସେମାନଙ୍କର ଯାହା ଇଚ୍ଛା କରିବାକୁ ଦିଅନ୍ତୁ! ଆପଣ ତ ନିଜେ ଜାଣନ୍ତି, ଏମାନେ ସତକଥାଟା କହୁଛନ୍ତି।”

କ୍ୟାପ୍‌ଟେନ୍ ଅନର୍ଥକ ତାକୁ ଇସାରା ଦେବାକୁ ଲାଗିଲା, କିନ୍ତୁ ଗ୍ରୁସ୍‌ନିଟ୍‌ସ୍କି ମୁହଁ ଉଠାଇ ଅନାଇଲା ବି ନାହିଁ।

ଯା ଭିତରେ ଡାକ୍ତର ପିସ୍ତଲ୍‌ରେ ଗୁଳି ଭର୍ତ୍ତିକରି ମୋତେ ବଢ଼ାଇ ଦେଲେ।

ଯା ଦେଖି କ୍ୟାପ୍‌ଟେନ୍ ଛେପ ପକେଇ ମାଟିରେ ଗୋଡ଼ କଚାଡ଼ିଲା, ସେ କହିଲା, “ବନ୍ଧୁ, ତୁମେ ନିର୍ବୋଧ, ଅତି ନିର୍ବୋଧ!...ମୋତେ ଯେତେବେଳେ ବିଶ୍ୱାସ କରିଥିଲ, ମୋର ସବୁକଥାହିଁ ଶୁଣିବା ତୁମର ଉଚିତ ଥିଲା...। ତୁମର ଯାହା ପାଇବା ଉଚିତ ତାହା ପାଇବାକୁ ବସିଛ! ଯାଅ! ମାଛିପରି ମର...” ସେ ବୁଲିପଡ଼ି ଠିଆହୋଇ ଯାଉ ଯାଉ ଗରଗର ହେଲା, “ଏଇଟା କିନ୍ତୁ ପୁରାପୁରି ନିୟମ-ବିରୋଧୀ।”

ମୁଁ କହିଲି, “ଗ୍ରୁସ୍‌ନିଟ୍‌ସ୍କି! ବର୍ତ୍ତମାନ ମଧ୍ୟ ବେଳ ଅଛି। ତୁମ ଦ୍ୱାରା ରଟିତ ମିଥ୍ୟା-ଅପବାଦଗୁଡ଼ିକୁ ପ୍ରତ୍ୟାହାର କର। ତାହେଲେ ସବୁକିଛି ମୁଁ କ୍ଷମା କରିବି। ମୋତେ ତୁମେ ବୋକା ବନାଇ ପାରିନାହଁ, ଏଥିରେହିଁ ମୋର ଅହମିକା ତୃପ୍ତ। ଭାବି ଦେଖ, ଦିନେ ଆମେ ବନ୍ଧୁ ଥିଲେ...।”

ମୁହଁ ତା’ର ଆରକ୍ତ ହୋଇଉଠିଲା, ଆଖିରୁ ଯେପରି ନିଆଁ ବର୍ଷିବାକୁ ଲାଗିଲା।

Digitized by srujanika@gmail.com

ସେ କହିଲେ, "ଗୁଳି କର ! ନିଜ ଉପରେ ଘୃଣା ଆସିଯାଉଛି, ଆଜି ତୁମକୁ ମୁଁ ଘୃଣା କରେ । ମୋତେ ତୁମେ ହତ୍ୟା ନ କଲେ କୌଣସି ନା କୌଣସି ଏକ ଘାତରେ ମୁଁ ତୁମକୁ ଛୁରିଘାତ କରିବି । ଏକା ପୃଥିବୀରେ ଆମେ ଦୁଇଜଣ ବଞ୍ଚିପାରିବୁ ନାହିଁ…"

ମୁଁ ଗୁଳି ଚଳାଇଲି…

ଧୂଆଁ ଯେତେବେଳେ ପରିଷ୍କାର ହୋଇଗଲା ସେତେବେଳକୁ କନାରଭରେ ଆଉ ଗ୍ରୁସ୍‌ନିଟ୍‌ସ୍କି ନାହିଁ ! ଉଚ୍ଚ ଜାଗାଟାରେ କେବଳ ସାମାନ୍ୟ ଧୂଳି ଉଡ଼ୁଛି ।

ଏକ ସଙ୍ଗରେ ସମସ୍ତେ ଚିତ୍କାର କରି ଉଠିଲେ ।

ଡାକ୍ତରଙ୍କ କହିଲେ, "ଶେଷହେଲା ମିଳନାନ୍ତ ନାଟକର !"

ସେ ଉତ୍ତର ଦେଲେନାହିଁ, ଆତଙ୍କରେ ମୁହଁ ବୁଲାଇଲେ ।

ମୁଁ ନତହୋଇ ଗ୍ରୁସ୍‌ନିଟ୍‌ସ୍କିର ସହକାରୀମାନଙ୍କୁ ଅଭିବାଦନ କଲି ।

ରାସ୍ତାଧରି ତଳକୁ ଓହ୍ଲାଇବାବେଳେ ଗ୍ରୁସ୍‌ନିଟ୍‌ସ୍କିର ରକ୍ତାକ୍ତ ମୃତ-ଦେହଟାକୁ ପଥରଗୁଡ଼ାକ ସନ୍ଧିରେ ଦେଖିବାକୁ ପାଇଲି । ସ୍ୱତଃ ସ୍ୱତଃ ଆଖି ବୁଜି ହୋଇଗଲା ।…

ଘୋଡ଼ାଟାକୁ ଖୋଲି ଧୀରେ ଧୀରେ ଘରମୁହାଁ ହେଲି । ହୃଦୟ ଭାରାକ୍ରାନ୍ତ ହୋଇଉଠିଛି । ମନେହେଲା, ସୂର୍ଯ୍ୟ ତା'ର ଔଜ୍ଜ୍ୱଲ୍ୟ ହରାଇଛି, ତା'ର ଆଲୋକ ମୋତେ ଉତ୍ତପ୍ତ କରିପାରୁନି ନାହିଁ ।

ଉପନିବେଶରେ ପହଞ୍ଚିବା ପୂର୍ବରୁ ଦକ୍ଷିଣରେ ଏକ ଗିରିସଙ୍କଟ ଭିତରେ ପଶିଲି । ଠିକ୍ ସେହି ସମୟରେ କାହାର ସାନ୍ନିଧ୍ୟ ମୁଁ ସହ୍ୟ କରିନଥାନ୍ତି । ତେଣୁ ଏକୁଟିଆ ରହିବାକୁ ଗ୍ଭହିଲି । ଜିନ ମସ୍ତକ ଅଲଗା କରି ଝୁଲାଇ, ଘୁଞ୍ଚି ଉପରେ ମୁଣ୍ଡଟାକୁ ଝୁଙ୍କାଇ ବହୁ ସମୟ ହେଲାପରେ ଘରରେ ଫେରିଲି । ଘୋଡ଼ାଟାକୁ ପଛକୁ ଫେରାଇ ସଦର ରାସ୍ତାଟା ଖୋଜିବାରେ ଲାଗିଲି । ସୂର୍ଯ୍ୟ ଭିତରେ ସୂର୍ଯ୍ୟାସ୍ତ ହୋଇଯାଇଛି । ଯେତେବେଳେ କିସ୍‌ଲୋଭୋଡ୍‌ସ୍କରେ ପହଞ୍ଚିଲି, ସେତେବେଳେ କ୍ଳାନ୍ତ-ଘୋଡ଼ାଟା ପିଠିରେ ମୁଁ କ୍ଳାନ୍ତ ଏକ ମଣିଷ ।

ମୋର ଗ୍ଭକର କହିଲା ଯେ ଭେର୍‌ନେର୍ ଆସିଥିଲେ । ଦୁଇଟା ଚିଠି ସେ ମୋତେ ଦେଲା : ଗୋଟିଏ ଭେର୍‌ନେର୍‌ଙ୍କର, ଅନ୍ୟଟି ଭେରାର ।

Digitized by srujanika@gmail.com

Digitized by srujanika@gmail.com

ପ୍ରଥମଟି ଖୋଲିଲି; ସେଥିରେ ନିମ୍ନୋକ୍ତ କଥା ଲେଖାଥିଲା .

“ସବୁକିଛି ଯଥାସମ୍ଭବ ଠିକ୍ ଭାବରେ ସମାପନ ହୋଇଛି; ବିକୃତ ଦେହଟାକୁ ଆଣି ଛାତିରୁ ଗୁଳିଟାକୁ ବାହାର କରାହୋଇଛି । ସମସ୍ତଙ୍କର ବିଶ୍ୱାସ, ତା'ର ମୃତ୍ୟୁ ଦୁର୍ଘଟଣାଜନିତ । କମାଣ୍ଡାଣ୍ଟ୍ କେବଳ ମୁଣ୍ଡ ହଲଉଥିଲେ, ସମ୍ଭବତଃ ଆପଣମାନଙ୍କ ବିବାଦର କଥା ସେ ଶୁଣିଥିଲେ ! କିନ୍ତୁ କୌଣସି ମତାମତ ସେ ପ୍ରକାଶ କରିନାହାନ୍ତି । କୌଣସି ପ୍ରମାଣ ନାହିଁ ଆପଣଙ୍କ ବିରୁଦ୍ଧରେ । ନିଶ୍ଚିନ୍ତ ଭାବରେ ଶୋଇ ପାରନ୍ତି···ଯାଇ ପାରନ୍ତି··· । ବିଦାୟ···”

ଦ୍ୱିତୀୟ ଚିଠିଟିକୁ ଖୋଲିବା ପୂର୍ବରୁ ଇତସ୍ତତଃ ହେଲି ବହୁ ସମୟ··· ମୋତେ ଭେରା କ'ଣ ଲେଖିପାରେ ?···ଭାବୀ-ଅମଙ୍ଗଳର ପୂର୍ବବୋଧରେ ଛାତିଟା ଥରି ଉଠିଲା ।

ଏଇ ସେହି ଚିଠି, ଯାହାର ପ୍ରତିଟି କଥା ମନଭିତରେ ଅନପନେୟଭାବରେ ଗ୍ରଥିତ ହୋଇଯାଇଛି :

“ଏ ବିଷୟରେ ସମ୍ପୂର୍ଣ୍ଣ ନିଃସନ୍ଦେହ ହୋଇ ତୁମକୁ ଲେଖୁଛି, ଆମ ଦୁହିଁଙ୍କର ଆଉ ଦେଖାହେବ ନାହିଁ । କେତେବର୍ଷ ପୂର୍ବେ ଆମେ ଯେତେବେଳେ ବିଦାୟ ନେଇଥିଲେ, ଏଇ କଥାହିଁ ଭାବିଥିଲେ । କିନ୍ତୁ ଭଗବାନଙ୍କର ଇଚ୍ଛାହେଲା ମୋତେ ଦ୍ୱିତୀୟ ଥର ପାଇଁ ପରୀକ୍ଷା କରିବେ । ପରୀକ୍ଷାରେ ମୁଁ ଉତ୍ତୀର୍ଣ୍ଣ ହୋଇ ପାରିନାହିଁ, ସେଇ ପରିଚିତ ସ୍ୱରରେ ମୋର ଦୁର୍ବଳହୃଦୟ ପୁଣି ବିଚଳିତ ହେଲା···କିନ୍ତୁ ସେଥିପାଇଁ ତୁମେ ମୋତେ ଘୃଣା କରିବ ନାହିଁ, କରିବ କି ? ଏ ଚିଠି ଏକାଧାରରେ ବିଦାୟପତ୍ର ଏବଂ ଆତ୍ମସ୍ୱୀକୃତିର : ଯେଉଁଦିନଠୁଁ ତୁମକୁ ଭଲପାଇଛି, ସେହି ଦିନଠାରୁ ଏ ପର୍ଯ୍ୟନ୍ତ ମୋ ହୃଦୟରେ ଯାହାକିଛି ଜମାଟ୍ ବାନ୍ଧିଛି ତା'ର ସମସ୍ତଟା ତୁମକୁ କହିବାକୁ ହେବ । ତୁମକୁ ଦୋଷ ଦେଉନାହିଁ—ଅନ୍ୟ ଯେ କୌଣସି ଲୋକପରି ମୋ ସହିତ ତୁମେ ବ୍ୟବହାର କରିଛ । ନିଜସ୍ୱ ସମ୍ପତ୍ତି ପରି ମୋତେ ତୁମେ ଭଲ ପାଇଥିଲ ମାଢ଼ପ୍ରବୃତ୍ତିକ ଆନନ୍ଦ, ଭୟ ଏବଂ ଦୁଃଖର ଉତ୍ସ ହିସାବରେ—ଯାହା ନଥିଲେ ଜୀବନ କ୍ଲାନ୍ତିକର ଓ ବୈଚିତ୍ର୍ୟହୀନ ହୋଇଉଠେ । ସେକଥା ମୁଁ ପ୍ରଥମରୁ ବୁଝିଥିଲି··· । ତୁମେ କିନ୍ତୁ ହୋଇଥିଲ ଅସୁଖୀ, ଆଉ ମୁଁ ନିଜକୁ ବଳି ଦେଇଥିଲି ଏଇ ଆଶାରେ :

Digitized by srujanika@gmail.com

ହେଲେ ନା ହେଲେ ତୁମେ ମୋର ଆତ୍ମତ୍ୟାଗକୁ ଉପଲବ୍ଧି କରିବ, ହେଲେ ହୁଏତ ମୋର ଅସୀମ-ପ୍ରୀତିର କାହାଣୀ ବୁଝିପାରିବ, କୌଣସି ଅବସ୍ଥା ଯାହାକୁ ବଦଳାଇ ପାରିନାହିଁ । ତା' ପରେ ବହୁ ସମୟ ଅତିବାହିତ ହୋଇ ଯାଇଛି, ତୁମ ହୃଦୟର ଗୁପ୍ତକଥା ଜାଣିପାରିଛି ମୁଁ···ଆଜି ଦେଖିଛି ମୋ ଆଶାଟା ମିଥ୍ୟା । ଭାବିଲେ କି ଭୀଷଣ କଷ୍ଟ ନହୁଏ ! କିନ୍ତୁ ମୋର ପ୍ରେମ ଆଜି ହୃଦୟ ତଳେ ଏକାକାର ହୋଇଯାଇଛି : ଶିଖା ପୂର୍ବାପେକ୍ଷା ନିଷ୍ପ୍ରଭ, କିନ୍ତୁ ବର୍ତ୍ତମାନ ସେଇଟା ନିଭିନାହିଁ ।

"ଚିରଦିନ ପାଇଁ ବିଦାୟ ନେଉଛୁ ଆମେ । ତଥାପି ନିଶ୍ଚିତ ଥାଅ, ଅନ୍ୟ କାହାରିକୁ ମୁଁ ଭଲପାଇନି ନାହିଁ । ମୋ ହୃଦୟ ତୁମ ଉପରେ ତା'ର ସମସ୍ତ ଐଶ୍ୱର୍ଯ୍ୟ, ଅଶ୍ରୁ ଓ ଆଶା ଢାଳି ଦେଇଛି । ତୁମକୁ ଯିଏ ଥରେ ଭଲପାଇଥିଲା ଅନ୍ୟ ପୁରୁଷମାନଙ୍କୁ ସିଏ ଘୃଣାଦୃଷ୍ଟି ବ୍ୟତୀତ ଦେଖି-ପାରେନା । ତା'ର କାରଣ ଏୟା ନୁହେଁ ଯେ ସେମାନଙ୍କ ଅପେକ୍ଷା ତୁମେ ଭଲ—ନା, ନା ! ତା'ର କାରଣ ଏଇ ଯେ, ତୁମ ଚରିତ୍ର ଭିତରେ ଅସାଧାରଣ କିଛି ଗୋଟାଏ ଅଛି, ଏପରି କିଛି ବୈଶିଷ୍ଟ୍ୟ ଯାହାଅଛି କେବଳ ତୁମରି ଭିତରେ, ଏପରି କିଛି ଯାହା ଅଦ୍ଭୁତ, ଯାହା ରହସ୍ୟମୟ । ତୁମେ ଯାହାକିଛି କୁହନା କାହିଁକି, ତୁମ କଣ୍ଠସ୍ୱରରେ ଥାଏ ଗୋଟାଏ ଅଜେୟ କ୍ଷମତା । ତୁମଠାରେ ପ୍ରେମର ଆକାଂକ୍ଷା ସର୍ବଦା ଏପରିକି ବର୍ତ୍ତମାନ, ଯାହା ଅନ୍ୟ କାହାଠାରେ ନାହିଁ ; ଅନ୍ୟ କାହାର ମନ୍ଦଗୁଣର ଉପର ଆକର୍ଷଣୀ-ଶକ୍ତି ନାହିଁ । କାହାର ଆଖିର ଚାହାଣିରେ ଏପରି ପୂର୍ଣ୍ଣ ପରିତୃପ୍ତିର ଆଶ୍ୱାସ ମୁଁ ପାଇନାହିଁ । ତୁମ ଅପେକ୍ଷା କେହି ବି ଭଲଭାବରେ ଜାଣନ୍ତି ନାହିଁ, କିପରି ତା'ର ଶ୍ରେଷ୍ଠତ୍ୱକୁ କାମରେ ଲଗାଇବାକୁ ହୁଏ, ଆଜି ତୁମ-ଠାରେ କେହି ଏପରି ଆନ୍ତରିକ ଅସୁଖୀ ହୋଇ ପାରେନ, କାରଣ ତୁମପରି ତା'ର ବିପରୀତଟା ନିଜକୁ ବୁଝାଇବାକୁ କେହି ବି ଚେଷ୍ଟା କରନ୍ତି ନାହିଁ ।

"ମୋର ଏଇ ଅକସ୍ମାତ ଚାଲିଯିବାର କାରଣ ଏଥର କହିବି । ତୁମର ମନେହେବ ବ୍ୟାପରଟା ସାମାନ୍ୟ, କାରଣ ତା ସହିତ ମୁଁ କେବଳ ଏକୁଟିଆ ସମ୍ପୃକ୍ତ ।

"ଆଜି ସକାଳେ ମୋର ସ୍ୱାମୀ ଆସି ଗ୍ରୁସ୍ନିତ୍ରସ୍ଟ ସହିତ ତୁମ ଝଗଡ଼ାର କଥା କହିଲେ । ମୋର ମୁହଁ ଦେଖି ନିଶ୍ଚୟ କିଛି ଜଣାପଡ଼ୁଥିଲା

Digitized by srujanika@gmail.com

କାରଣ, ବହୁସମୟ ଭୀଷଣ ଭାବରେ ମୋ ଆଖିକୁ ଚେଇଁ ଅନାଇଥିଲେ । ଏଇ ଚିନ୍ତାରେ ମୋର ମୂର୍ଚ୍ଛାର ଉପକ୍ରମ ହେଲା ଏଇଥିପାଇଁ ଯେ ତୁମକୁ ଏକ ଡୁଏଲ୍ ଲଢ଼ିବାକୁ ହେବ, ଆଉ ତା'ର କାରଣଟା ମୁଁ । ମନେହେଲା, ବୋଧେ ମୋର ମୁଣ୍ଡ ଖରାପ ହୋଇଯିବ । ବର୍ତ୍ତମାନ ଯେତେବେଳେ ଚେଷ୍ଟାର କରି ଦାବମାରୁଛି ସେତେବେଳେ ମୁଁ ନିଶ୍ଚିତ ଯେ, ତୁମେ ବଞ୍ଚିରହିବ । ମୋତେ ଗୁଳି ମାରିବା ତୁମର ସମ୍ଭବ ନୁହେଁ, ମୋଟେ ସମ୍ଭବ ନୁହେଁ ! ଘର ଭିତରେ ମୋ ସ୍ୱାମୀ ବହୁ ସମୟ ଧରି ଟହଲି ମାରିଲେ । ସେ ମୋତେ କ'ଣ କହୁଥିଲେ ମନେନାହିଁ, ମନେନାହିଁ ମୁଁ ବା କ'ଣ ଉତ୍ତର ଦେଇଥିଲି ତାଙ୍କୁ ! ସମ୍ଭବତଃ ତାଙ୍କୁ କହିଥିଲି ତୁମକୁ ମୁଁ ଭଲପାଏ··· । ଖାଲି ଏଇଟା ମନେଅଛି ଯେ, ଆମ କଥାବାର୍ତ୍ତା ଶେଷରେ ସାଙ୍ଘାତିକ ଗୋଟାଏ କଥାକହି ମୋତେ ଅପମାନ କରି ସେ ବାହାରିଗଲେ ଘରୁ । ଶୁଣିଲି, ଗାଡ଼ି ପ୍ରସ୍ତୁତ କରିବାକୁ ସେ ଆଦେଶ ଦେବାରେ··· । ତିନିଘଣ୍ଟା ହେଲା ଝରକା ପାଖରେ ବସି ଆଶାକରୁଛି ତୁମର ପ୍ରତ୍ୟାଗମନ··· । ତୁମେ ବଞ୍ଚିରହିବ ନିଶ୍ଚୟ ··ମରିପାରନାହିଁ ତୁମେ !··· ଗାଡ଼ି ପ୍ରାୟ ପ୍ରସ୍ତୁତ··· । ବିଦାୟ, ବିଦାୟ···ମୋର ଉଦ୍ଧାର ନାହିଁ—କିନ୍ତୁ ସେଥିରେ ଯାଏ-ଆସେ କ'ଣ ?···ଖାଲି ଯଦି ନିଶ୍ଚିତ ହୋଇ ପାରନ୍ତି ସବୁବେଳେ ମୁଁ ତୁମର ମନେଥିବ—ମୋତେ ଭଲପାଇବାର କୌଣସି କଥା ମୁଁ କହୁନାହିଁ, ନା—ଖାଲି ମନେରଖ··· । ବିଦାୟ !···ସେମାନେ ଆସୁଛନ୍ତି···ଚିଠିଟାକୁ ଲୁଚାଇ ଦେବାକୁ ହେବ···

"ମେରିକୁ ତୁମେ ଭଲପାଅନାହିଁ, ପାଅ କି ? ତାକୁ ତ ତୁମେ ବାହାହେବ ନାହିଁ ? ମୋ ପାଇଁ ତୁମକୁ ଏଇ ତ୍ୟାଗ ସ୍ୱୀକାର କରିବାକୁହିଁ ହେବ । ତୁମପାଇଁ ପୃଥିବୀର ସବୁକିଛିକୁ ମୁଁ ତ୍ୟାଗ କରିଛି·····"

ଉନ୍ମାଦ ପରି ଦୌଡ଼ି ବାହାରକୁ ବାହାରି ଆସି ମୋ ଘୋଡ଼ାର ଜିନ୍ ଉପରେ କୁଦାମାରି ବସିଲି । ପିଆଟିଗୋର୍ସ୍କ ପଥରେ ପୂର୍ଣ୍ଣଗତିରେ ତାକୁ ଛୁଟାଇଲି । କ୍ଳାନ୍ତ-ଘୋଡ଼ାଟାକୁ ନିର୍ମମଭାବରେ ଜୋତାର କଣ୍ଟାଦ୍ୱାରା ଆଘାତ କରି ଚାଲିଲି । ପଥୁରିଆରାସ୍ତା ଦେଇ ଧକେଇ ଧକେଇ ଓ ଭୀଷଣ ଭାବରେ ଘର୍ମାକ୍ତ ହୋଇ ମୋତେ ନେଇ ଘୋଡ଼ାଟା ଛୁଟିଲା ।

Digitized by srujanika@gmail.com

ପଶ୍ଚିମର ପାହାଡ଼ଗୁଡ଼ିକ ଉପରେ ବିଶ୍ରାମରତ ଗୋଟାଏ କଳାମେଘ ଭିତରେ ଅଦୃଶ୍ୟ ହେଲା ସୂର୍ଯ୍ୟ । ଅନ୍ଧକାର ଆଉ ସନ୍‌ସନ୍ଥିଆ ହୋଇ ଆସିଲା ଗିରିସଙ୍କଟ । ପଥର ଭିତର ଦେଇ ମଦ୍‌କୁମକ୍‌ ନିସ୍ତବ୍ଧ ଗତାନୁଗତିକ ଗର୍ଜନରେ ବଢ଼ିଚାଲିଛି । ଅଧୈର୍ଯ୍ୟ ହୋଇ ମୁଁ ଛୁଟିଚାଲିଛି । ହୁଏତ ପିଅଲଗୋଷ୍ଠରେ ତା'ର ଦେଖା ପାଇବନାହିଁ, ଏଇ ଚିନ୍ତା ହୃଦୟରେ ହାତୁଡ଼ିର ଆଘାତ କଲା । ହାୟ, କେବଳ ମୁହୂର୍ତ୍ତକ ପାଇଁ ଯଦି ତା'ର ଦେଖା ପାଏ, ଖାଲି ଆଉ ମୁହୂର୍ତ୍ତକ ପାଇଁ ବିଦାୟ ଜଣାଇବାକୁ, ତା ହାତଟାକୁ ଥରକ ପାଇଁ ହାତରେ ଚାପି ଧରିବାକୁ······ । ମୁଁ ପ୍ରାର୍ଥନା କଲି, ଅଭିଶାପ ଦେଲି, କାନ୍ଦିଲି, ହସିଲି····· ନା, କୌଣସି କଥାହିଁ ମୋର ଉଦ୍‌ବେଗ, ମୋର ହତାଶାକୁ ପ୍ରକାଶ କରିପାରିବ ନାହିଁ ।··· ବର୍ତ୍ତମାନ ଯେତେବେଳେ ବୁଝିଲି, ତାକୁ ଚିରଦିନ ପାଇଁ ହରାଇବାକୁ ବସିଛି, ପୃଥିବୀ ଭିତରେ ହେବ ସେତେବେଳେ ମୋ ପାଖରେ ସବୁଠାରୁ ମୂଲ୍ୟବାନ ବସ୍ତୁ ହୋଇ ଉଠିଲା—ଜୀବନ, ସମ୍ମାନ, ଆନନ୍ଦଠାରୁ ମଧ୍ୟ ! ଏକା ଭଗବାନହିଁ ଜାଣନ୍ତି, କ'ଣ ସବୁ ଅଦ୍‌ଭୁତ ! ଉନ୍ମାଦ ପରି ଭିନ୍ନ-ଭିନ୍ନ ମୋ ମୁଣ୍ଡ ଭିତରକୁ ଚିନ୍ତାର ସବୁ ସ୍ରୋତ ଛୁଟିଲା ଆଉ ମୁଁ କ୍ରମାଗତହିଁ ଛୁଟି ଚାଲିଛି ଜୋତାର କଣ୍ଟାଦ୍ୱାରା ନିର୍ଦ୍ଦୟ ଭାବରେ ଘୋଡ଼ାଟାକୁ ଆଘାତ କରିକରି । ଶେଷରେ ଲକ୍ଷ୍ୟକଲି, ଘୋଡ଼ାଟା ଅତ୍ୟନ୍ତ କଷ୍ଟକରି ନିଃଶ୍ୱାସ ଗ୍ରହଣ କରୁଛି, ଥରେ-ଦୁ'ଥର ସମତଳ ଜାଗାରେ ସେ କଚଡ଼ା ଖାଇଲା···। ଏସେନ୍‌ଟୁକି ନାମରେ କସାକମାନଙ୍କର ଗୋଟିଏ ଗାଁ, ସେଠି ଆଉ ଗୋଟାଏ ଘୋଡ଼ା ପାଇପାରେ, ସେତେବେଳକୁ ପାଞ୍ଚଭର୍ଷ୍ଟ ଦୂରରେ ସେ ଗାଁ ।

ଅଧୁରି ଦଶମିନିଟ୍ ଧରି ମୋତେ ବହନେଇ ଯିବାର ଶକ୍ତି ଘୋଡ଼ାଟିର ଥିଲେ ସବୁଦିନ ଠିକ୍ ଥା'ନ୍ତା । କିନ୍ତୁ ଅକସ୍ମାତ୍ ପାହାଡ଼ରୁ ବାହାରି ଆସିବାବେଳେ ସଂକୀର୍ଣ୍ଣ ଏକ ଗିରିସଙ୍କଟର ଗୋଟାଏ ମୋଡ଼ରେ ସେ ମୁହଁମାଡ଼ି ପଡ଼ିଲା । ଶୀଘ୍ର ଡେଇଁମାରି ମୁଁ ଓହ୍ଲାଇଲି ଜିନ୍‌ରୁ । ଯେତେ ତାକୁ ଉଠାଇବାର ଚେଷ୍ଟା, ଯେତେ ତା'ର ଲଗାମ୍ ଧରି ଟଣା-ଓଟରା ସବୁ ବ୍ୟର୍ଥ ହେଲା । ତା'ର ଜାକିପଡ଼ିଯାଇଥିବା ଦାନ୍ତ ଭିତରେ ଦେଇ ବାହାରି ଆସିଲା ଅସ୍ପଷ୍ଟ ଏକ ଘଡ଼ଘଡ଼ ଶବ୍ଦ ଏବଂ କେତେ ମିନିଟ୍

Digitized by srujanika@gmail.com

ପରେ ସେ ମରିଗଲା । ତୃଣଭୂମିରେ ମୁଁ ଏକା, ଶେଷ-ଆଶାଟା ମଧ୍ୟ ଯାଇଛି । ପାଦରେ ଉଠି ଚାଲି ଯିବାର ଚେଷ୍ଟାକଲି, କିନ୍ତୁ ମୋର ଅଣ୍ଟୁ ବଙ୍କା ହୋଇଯିବାକୁ ଆରମ୍ଭ କଲା । ବିନିଦ୍ର-ରାତ୍ରି ଆଉ ଦିବସର ଉତ୍କଣ୍ଠାରେ ପୁରାପୁରି କ୍ଳାନ୍ତହୋଇ ଓଦାଘାସ ଉପରେ ପଡ଼ି ଶିଶୁପରି କାନ୍ଦିବାକୁ ଆରମ୍ଭ କଲି ମୁଁ ।

ବହୁତ ସମୟ ଧରି ସେଠି ନିସ୍ପନ୍ଦ ହୋଇ ଶୋଇ ଅଶ୍ରୁ ଆଉ ରୁଦ୍ଧ କ୍ରନ୍ଦନର ବେଗକୁ ରୁନ୍ଧିବାକୁ ଚେଷ୍ଟା ନ କରି ଆକୁଳ ହୋଇ କାନ୍ଦିଲି । ମନେହେଲା ଛାତିଟା ବୋଧେ ଟୁକୁରା ଟୁକୁରା ହୋଇଯିବ ! ଧୂଆଁ ପରି ମିଳେଇଗଲା ମୋର ସମସ୍ତ ସଂକଳ୍ପ ଆଉ ସ୍ବପ୍ନ । ମୋର ମାନସିକ ଶକ୍ତି ଯେତେବେଳେ ପଙ୍ଗୁ, ବିଚାରଶକ୍ତି ଅକର୍ମଣ୍ୟ, ସେତେବେଳେ କେହି ମୋତେ ଦେଖିଥିଲେ ଘୃଣାରେ ମୁହଁ ବୁଲେଇଥାନ୍ତା !

ନୈଶ-ଶିଶିର ଆଉ ପାର୍ବତ୍ୟ-ପବନ ମୋର ମୁଣ୍ଡକୁ ଥଣ୍ଡା ଓ ସୁସମ୍ବଦ୍ଧ କରିବା ପରେ ହୃଦୟଙ୍ଗମ କଲି ଯେ, ଯେଉଁ ଆନନ୍ଦର ମୃତ୍ୟୁ ଘଟିଛି ତା'ର ପଶ୍ଚାଦ୍ଧାବନ ନିରର୍ଥକ ଆଉ ମୂଢ଼ତା । ସେଠାରୁ ଆଉ ମୁଁ ଅଧିକ କ'ଣ ଚାହେଁ ? ତାକୁ ଦେଖିବାକୁ ଚାହେଁ ? କାହିଁକି ? ସବୁକିଛି ଶେଷ ହୋଇ ଯାଇନାହିଁ ? ବିଦାୟର ଶକ୍ତ ଗୋଟିଏ ଚୁମ୍ବନ ମଧୁରତର କରି ତୋଳିବ ନାହିଁ ମୋର ସ୍ମୃତିକୁ—ତା ଛଡ଼ା ସେଥିରେ ବିଦାୟ ନେବା ଆହୁରି କଠିନ ହୋଇ ଉଠିବ ।

ଯା ହେଉ, ମୋ ପକ୍ଷରେ ଏଇଟା ଭଲ ଲାଗିବାର କଥା, ମୁଁ କାନ୍ଦି ବ ପାରେ ! ଯଦିଓ ପ୍ରକୃତ କାରଣ, ସମ୍ଭବତଃ, କ୍ଳାନ୍ତସ୍ନାୟୁ, ବିନିଦ୍ର ରଜନୀ, ଯେଉଁ ଦୁଇମିନିଟ୍ ପିସ୍ତଲ୍ ନଳ ଆଡ଼କୁ ଚାହିଁଥିଲି ସେଇଟା, ଆଉ ଶୂନ୍ୟ ପାକସ୍ଥଳୀ ।

ଭଗବାନ ଯାହା କରନ୍ତି ତାହା ମଙ୍ଗଳ ପାଇଁ ! ଯଦି ଏଇ ନୂତନ ଦୁଃଖର ଅନୁଭୂତି କଥା ଧରାଯାଏ ତାହେଲେ କହିବି—ସାମରିକ ଭାଷାରେ ଯାହାକୁ କହନ୍ତି—ଆକ୍ରମଣ କେନ୍ଦ୍ରରୁ ଶତ୍ରୁର ମନକୁ ଆକର୍ଷଣ କରିବା । କାନ୍ଦିଲେ ଭଲ । ଯଦି ଘୋଡ଼ାଟାକୁ ନ ଦୌଡ଼ାଇଥାନ୍ତି ଆଉ ତା ଉପରେ ହିନ୍ଦର ଭଷ୍ଟ୍ରେ ଯାଇ ଫେରିବାକୁ ବାଧ୍ୟ ହୋଇ ନ ଥାନ୍ତି, ତାହେଲେ

Digitized by srujanika@gmail.com

ସମ୍ଭବତଃ ସେଇ ରାତିରେ ଦୁଇ ଆଖିର ପଲକ ଏକାଠି ହୋଇ ନଥାନ୍ତା !

ଭୋର୍ ପାଞ୍ଚଟାରେ ଫେରିଲି କାର୍ଲଭେଦସ୍କକୁ । ତା'ପରେ ବିଛଣାରେ ପଡ଼ି ଓ୍ୱାଟରଲୁ ଯୁଦ୍ଧଜୟ ପରେ ନେପୋଲିଅନ୍ ଯେପରି ଶୋଇଥିଲେ ସେହିପରି ଶୋଇପଡ଼ିଲି ।

ନିଦ ଯେତେବେଳେ ଭାଙ୍ଗିଲା, ବାହାରଟା ସେତେବେଳେ ଅନ୍ଧକାର । ଆର୍ଚ୍ଚ ଲୁକ୍ ଖୋଲି ଖୋଲା ଏକୁଟିଆ ଝରକା ପାଖରେ ବସିଲି — ପାହାଡ଼ରୁ ବହି ଆସୁଥିବା ପବନ ହୃଦୟକୁ ମୋର ଶୀତଳ କରିଦେଲା, କ୍ଲାନ୍ତିର ଗମ୍ଭୀରତା ମଧ୍ୟ ଯାହାକୁ ସେତେବେଳ ପର୍ଯ୍ୟନ୍ତ ଶାନ୍ତ କରିପାରି-ନଥିଲା । ଫାର୍ ଓ ଘନ ଲାର୍ଚେନ୍ ଗଛ ଗୁଡ଼ିକ ଛାୟା ନିକ୍ଷେପ କରିଥିଲା ନଦୀ ଉପରେ । ସେମାନଙ୍କ ଚୂଡ଼ା ଭିତରଦେଇ ଦୁର୍ଗ ଆଉ ଗ୍ରାମର ବତିଗୁଡ଼ିକ ମିଟିମିଟି ହେଉଛି । ଅଗଣାଟା ପୂରାପୂରି ସ୍ତବ୍ଧ, ରାଣୀଙ୍କ ଘରଟା ଅନ୍ଧକାରରେ ବୁଡ଼ିଯାଇଛି ।

ଡାକ୍ତର ପହଞ୍ଚିଲେ । କପାଳ ତାଙ୍କର ରେଖାଙ୍କିତ । ଅଭ୍ୟାସ ପରି ସେ ହାତ ପ୍ରସାରିତ କଲେନାହିଁ ।

"ଡାକ୍ତର ! କୋଉଠୁ ଆସୁଛନ୍ତି ?"

"ରାଣୀ କାରୋଲିନ୍ ସ୍କାସ୍କାଙ୍କ ଘରୁ । ଝିଅ ତାଙ୍କର ଅସୁସ୍ଥ — ସ୍ନାୟବିକ ଉତ୍ତେଜନା··· । କିନ୍ତୁ ସେଥିପାଇଁ ଆସିନାହିଁ । ମୂଳକଥା, କର୍ତ୍ତୃପକ୍ଷ ସନ୍ଦେହ କରିବାକୁ ଆରମ୍ଭ କରିଛନ୍ତି । ଯଦିଓ ନିଶ୍ଚିତ ଭାବରେ କିଛି ବି ପ୍ରମାଣ କରିଦେବ ନାହିଁ, ତଥାପି ଆପଣଙ୍କୁ ଆହୁରି ସାବଧାନ ହେବାକୁ ଉପଦେଶ ଦେଉଛି । ଏଇମାତ୍ର ରାଣୀ କହିଲେ ଯେ, ସେ ଜାଣନ୍ତି ତାଙ୍କର ଝିଅପାଇଁ ଆପଣ ଡୁଏଲ୍ ଲଢ଼ିଛନ୍ତି । ସେଇ ବୃଦ୍ଧ ଭଦ୍ରଲୋକ, ନାଁ-ଟା କ'ଣ ?— ତାଙ୍କୁ କହିଛନ୍ତି । ରେଷ୍ଟୋରାଁରେ ଗ୍ରୁସ୍ନିତସ୍କି ସହିତ ଆପଣଙ୍କ ଯୁକ୍ତିତର୍କ ସେ ଶୁଣିଥିଲେ । ଆସିଥିଲି ଆପଣଙ୍କୁ ସାବଧାନ କରିଦେବାକୁ । ବିଦାୟ — ସମ୍ଭବତଃ ଆମର ଆଉ ଦେଖା ହେବନାହିଁ — ଖୁବ୍ ସମ୍ଭବ ଆପଣଙ୍କୁ ବଦଳି କରିଦେବ !"

ମୁହୂର୍ତ୍ତକ ପାଇଁ ଦୁଆରମୁହଁରେ ଠିଆହେଲେ ସେ; ମୋର କରମର୍ଦ୍ଦନ କରିବାକୁ ସେ ଚାହିଁଥିଲେ··· ତାଙ୍କୁ ସାମାନ୍ୟତମ ଇଚ୍ଛା ଦେଖାଇଥିଲେ

Digitized by srujanika@gmail.com

ମୋର ଗଳାକୁ ସେ ଜ…ଇ ଧରିଥାନ୍ତେ । କିନ୍ତୁ ପଥର ପରି ସ୍ଥାଣୁ ହୋଇ ମୁଁ ଠିଆହୋଇ ରହିଲି । ସେ ଚାଲିଗଲେ ।

ମନୁଷ୍ୟ-ଚରିତ୍ରର ନିର୍ଭୁଲ୍ ଦୃଷ୍ଟାନ୍ତ ଏଇଟା ! ସମସ୍ତେ ସେମାନେ ସମାନ । ଯଦିଓ ପୂର୍ବରୁ ସେମାନେ ଏଇ ଘଟଣାର ମନ୍ଦଦିଗଟାକୁ ଜାଣିଥାନ୍ତେ, ତଥାପି ସେମାନେ ଏତେ ସାହାଯ୍ୟ କରିଛନ୍ତି, ଉପଦେଶ ଦେଇଛନ୍ତି, ଆଉ ଉପାୟ ନଦେଖି ଏମିତିକି ସେମାନଙ୍କ ସମର୍ଥନ ପଧି ଜଣାଇଛନ୍ତି—ଆଜି ତା’ ପରେ ସେମାନେ କ’ଣ ନା ଏ ଘଟଣାକୁ ନିଜଠାରୁ ପୋଛି ଦେବାକୁ ଚାହାନ୍ତି ଏବଂ ଅନନୁମୋଦନର ଭଙ୍ଗୀରେ ସେଇ ଲୋକପାଖରୁ ମୁହଁ ଫେରାନ୍ତି, ଯିଏ ସମସ୍ତ ଦାୟିତ୍ୱକୁ ନେଇଥିଲା ନିଜ ଉପରକୁ । ସମସ୍ତେ ସମାନ, ସବୁଠାରୁ ଏପରିକି ଦସ୍ତାନୁଙ୍କଠାରୁ ଶଙ୍କ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ !

ପରଦିନ ସକାଳେ କର୍ତ୍ତୃପକ୍ଷଙ୍କ ପାଖରୁ ଏନ୍‌…ଦୁର୍ଗକୁ ଯିବାର ଆଦେଶ ପାଇବା ପରେ ଧଣୀଙ୍କ ଘରକୁ ଗଲି ବିଦାୟ ପାଇଁ ।

ଜଣେର କିଛି କହିବାର ଅଛି କି ନାହିଁ ପ୍ରଶ୍ନର ଉତ୍ତରରେ ରାଣୀ ଲିଗୋଭ୍‌ସ୍କାୟାଙ୍କୁ ସେତେବେଳେ ଜଣାଇଲି ଯେ, ମୁଁ କେବଳ ବିଦାୟ ନେବାକୁ ଆସିଛି, ସେ ଉତ୍ତେଜିତଃ ହୋଇ ଉଠିଲେ ।

“ଆପଣଙ୍କ ସହିତ କିନ୍ତୁ ମୋର ଅତି ଦରକାରୀ କଥା ଅଛି ।”

କୌଣସି କଥା ନକହି ମୁଁ ବସିଲି ।

ସ୍ପଷ୍ଟ ଜଣାପଡ଼ୁଥିଲା କୋଉଠୁ ସେ ଆରମ୍ଭ କରିବେ ବୁଝିପାରୁ-ନାହାନ୍ତି । ମୁହଁ ତାଙ୍କର ଆରକ୍ତ ହୋଇ ଉଠିଲା । ମୋଟାମୋଟି ସେ ଟେବୁଲ୍‌ଟାକୁ ବଜାଇବାକୁ ଲାଗିଲେ ।

‘‘ପେଚୋରିନ୍, ମନେହୁଏ ଆପଣ ମାନୀ ଲୋକ !”

ମୁଁ ନଇଁପଡ଼ି ଅଭିବାଦନ କଲି ।

ସେ କହି ଚାଲିଲେ, “ଏ ବିଷୟରେ ମୁଁ ନିଃସନ୍ଦେହ, ଯଦିଓ ଆପଣଙ୍କର ଆଚାର-ବ୍ୟବହାର ଟିକେ ସନ୍ଦେହଜନକ । ସମ୍ଭବତଃ ଆପଣଙ୍କ ନିଜଆଡ଼ୁ ତା’ର ଯୁକ୍ତି ଅଛି, ଯୋଉଟା ମୁଁ ଜାଣେନା । ତାହା-ଯଦି ଥାଏ, ବର୍ତ୍ତମାନ ସେ କଥା ମୋତେ କହିବା ଦରକାର । ଅପମାନ ହାତରୁ ମୋ ଝିଅକୁ ରକ୍ଷା କରିଛନ୍ତି ଆପଣ, ସେଥିପାଇଁ ଡୁଏଲ୍ ଲଢ଼ି

Digitized by srujanika@gmail.com

ଆଜ ନିଜର ଜୀବନକୁ ବିପନ୍ନ କରି······ । ଉତ୍ତର ଦେବେ ନାହିଁ, କାରଣ ଜାଣେ, ସେକଥା ସ୍ୱୀକାର କରିବେ ନାହିଁ ଯେହେତୁ ଗ୍ରନ୍ଥିଗ୍ରସ୍ତ ମଣିଷ (ସେ ନିଜ ଉପରେ ପ୍ରଶ୍ନଚିହ୍ନ ଆଙ୍କିଲେ) । ଭଗବାନ ତାଙ୍କୁ କ୍ଷମା କରନ୍ତୁ, ଆଶାକରେ ଆପଣଙ୍କୁ ମଧ୍ୟ ସେ କ୍ଷମା କରିବେ ! ଏଥିପାଇଁ ମୋର ମୁଣ୍ଡ ଘୁରାଇବାର କଥା ନୁହେଁ··· । ଆପଣଙ୍କୁ ତିରସ୍କାର କରିବାର ଅଧିକାର ମୋର ନାହିଁ, କାରଣ ସ୍ୱା'ର ମୂଳ ହେଲା ମୋ ଝିଅ, ଯଦିଓ ତା'ର କୌଣସି ଦୋଷ ନାହିଁ । ସବୁକଥାହିଁ ସେ ମୋତେ କହିଛି··· ସବୁକଥା, ସେଥିରେ ମୋର କୌଣସି ସନ୍ଦେହ ନାହିଁ । ଆପଣ କହିଥିଲେ ତାକୁ ଆପଣ ଭଲପାଆନ୍ତି···ସେ ବି ସ୍ୱୀକାର କରିଛି ଆପଣଙ୍କୁ ଭଲପାଏ ବୋଲି (ଏଇଠି ଦୀର୍ଘଶ୍ୱାସ ପକାଇଲେ ରାଣୀ) । ସେ ଅସୁସ୍ଥ ଆଜି ମୋର ଦୃଢ଼ବିଶ୍ୱାସ, ସେଇଟା ସାଧାରଣ ରୋଗ ନୁହେଁ ! କୌଣସି ଗୋପନ-ଦୁଃଖ ତାକୁ ମାରିଦେଉଛି । ସିଏ ସ୍ୱୀକାର କରେନା, କିନ୍ତୁ ମୁଁ ନିଃସନ୍ଦେହ ଯେ ଆପଣହିଁ ତା'ର କାରଣ··· । ମୋ କଥା ଶୁଣନ୍ତୁ : ହୁଏତ ଆପଣଙ୍କର ଧାରଣା, ମୁଁ ବହୁତ ଧନଦୌଲତ, ବଡ଼ ଘରକୁ ପସନ୍ଦ କରେ —ସେପରି ଯଦି ହୁଏ, ଭୁଲ କରୁଛନ୍ତି ଆପଣ । ମୁଁ କେବଳ ଚାହେଁ ଝିଅ ମୋର ସୁଖୀ ହେଉ । ଆପଣଙ୍କର ବର୍ତ୍ତମାନର ଅବସ୍ଥା ଖୁବ ଭଲ ନୁହେଁ । କିନ୍ତୁ ତାହା ବଦଳି ଯାଇପାରେ ! ଆପଣ ଧନୀ, ମୋ ଝିଅ ଆପଣଙ୍କୁ ଭଲପାଏ । ତାକୁ ଏପରି ଭାବରେ ମଣିଷ କରାହୋଇଛି ଯେ, ସିଏ ତା'ର ସ୍ୱାମୀକୁ ସୁଖୀ କରିପାରିବ । ମୁଁ ଧନୀ, ଆଉ ସିଏ ମୋର ଏକମାତ୍ର ଝିଅ । ବର୍ତ୍ତମାନ କୁହନ୍ତୁ, କେଉଁଥିରେ ବାଧା ଆପଣଙ୍କର ? ···ଏସବୁ କଥା ଆପଣଙ୍କୁ କହିବା ଉଚିତ ହୋଇନାହିଁ, କିନ୍ତୁ ଆପଣଙ୍କର ସମ୍ମାନ ଆଉ ହୃଦୟକୁ ମୁଁ ବିଶ୍ୱାସ କରେ—ମନେରଖିବେ, ମୋର କେବଳ ଗୋଟିଏ ଝିଅହିଁ ଅଛି···ମାତ୍ର ଗୋଟିଏ···"

ସେ କଇଁକଇଁ ହୋଇ ଉଠିଲେ ।

ମୁଁ କହିଲି, "ରାଣୀ, ଆପଣଙ୍କ କଥାର ଉତ୍ତର ମୁଁ ଦେଇପାରିବି ନାହିଁ । ଆପଣଙ୍କ ଝିଅ ସହିତ ଏକାନ୍ତରେ ମୋତେ କଥାବାର୍ତ୍ତା ହେବାକୁ ଦିଅନ୍ତୁ······"

"ତା ହୋଇପାରେ ନା !" ଅତି ଉତ୍ତେଜିତ ହୋଇ ଚିତ୍କାର କରି ସେ ଚଉକି ଛାଡ଼ି ଉଠିଲେ ।

Digitized by srujanika@gmail.com

ବିଦାୟ ନେବାକୁ ଉଦ୍ୟତ ହୋଇ କହିଲି, "ଆପଣଙ୍କର ଯାହା ଅଭିରୁଚି ।"

ସେ ଟିକେ ଭାବି, ମୋତେ ଅପେକ୍ଷା କରିବାକୁ ଇଙ୍ଗିତ ଦେଇ ଘରୁ ଚାଲିଗଲେ ।

ପ୍ରାୟ ପାଞ୍ଚମିନଟ୍ କଟିଗଲା । ହୃଦୟ ଭିତରେ ଚାଲିଛି ଆନ୍ଦୋଳନ, କିନ୍ତୁ ମୋର ଶରୀରଟା ସୁସଂବଦ୍ଧ, ମୁଣ୍ଡଟା ବି ଶୀତଳ । ମନୋରମା ମୋର ପ୍ରତି ପ୍ରେମର କ୍ଷୁଦ୍ରତମ ସ୍ଫୁଲିଙ୍ଗକୁ ହୃଦୟ ଭିତରେ ଆବିଷ୍କାର କରିବାପାଇଁ ପ୍ରାଣପଣେ ଚେଷ୍ଟାକଲି । କିନ୍ତୁ ସମସ୍ତ ପ୍ରଚେଷ୍ଟାହିଁ ବ୍ୟର୍ଥ ହେଲା ।

କବାଟ ଖୋଲିଲା । ମେଘ ପ୍ରବେଶ କଲା । ହାୟ ଭଗବାନ ! ତାକୁ ଶେଷଥର ଦେଖିବା ପରେ କପରି ବଦଳି ଯାଇଛି ସେ—ମାତ୍ର ଅଳ୍ପ କେତେଦିନ ଆଗରୁ ତ ତାକୁ ଦେଖିଥିଲି !

ଘର ମଝିକୁ ଆସି ସେ ଦୋହଲି ଉଠିଲା । ତେଣିଁପଡ଼ି ପହଞ୍ଚିଲି ତା' ପାଖରେ, ମୋ ହାତଟାକୁ ଦେଲି ତାକୁ ଧରିବା ପାଇଁ, ତା'ପରେ ଗୋଟିଏ ଆରାମ୍ ଚେୟାର୍‌ରେ ନେଇ ବସାଇଲି ତାକୁ ।

ଠିଆହେଲି ତା'ର ସାମ୍ନାସାମ୍ନି । ବହୁ ସମୟ ଧରି କେହି କାହାକୁ କିଛି ବି କହିଲୁ ନାହିଁ । ଅବର୍ଣ୍ଣନୀୟ-ବେଦନାରେ ଭରା ତା'ର ବଡ଼ ବଡ଼ ଆଖି ଦୁଇଟି ମନେହେଲା ଯେପରି କାଣ୍ଡଚ ଆଶାନେଇ ମୋ ଆଖିକୁ ଅନାଇ ରହିଛି ! ତା'ର ମ୍ଳାନ ଓଠ ଦି'ଟା ହସିବାର ବ୍ୟର୍ଥଚେଷ୍ଟା କଲା । ଆଣ୍ଠୁ ଉପରେ ଭଙ୍ଗାହୋଇ ରହିଥିବା ତା'ର କୋମଳ ହାତ ଦୁଇଟି ଏତେ ଭଙ୍ଗୁର ଆଉ ସ୍ୱଚ୍ଛ ଯେ, ତା' ପାଇଁ ମୋର ଦୁଃଖ ହେଲା ।

ମୁଁ କହିଲି, "ରାଜକୁମାରୀ ! ଆପଣ ଜାଣନ୍ତି ଆପଣଙ୍କୁ ମୁଁ ଘୃଣା କରୁଛି, ଜାଣନ୍ତି ତ ?... ମୋତେ ନିଶ୍ଚୟ ଆପଣ ଅବଜ୍ଞା କରିବେ ।"

ତା'ର ଗାଲ ଦୁଇଟା ଅସୁସ୍ଥ ଲୋକଙ୍କପରି ଲାଲ୍ ଟକଟକ ହୋଇ ଉଠିଲା ।

"ଅତଏବ ଆପଣ ମୋତେ ଭଲପାଇ ପାରନ୍ତି ନାହିଁ ।" ମୁଁ କହି ଚାଲିଲି ।

Digitized by srujanika@gmail.com

ସେ ମୁହଁ ବୁଲେଇ ଟେବୁଲ ଉପରେ କହୁଣି ରଖି ହାତଦେଇ ମୁହଁ ଢାଙ୍କିଲା। ଆଜ ମୋର ମନେହେଲା, ଯେପରି ତା' ଆଖିରେ ଲୁହ ଛକ୍‌ଛକ୍ କରୁଛି ।

"ହେ ଭଗବାନ !" ଏତେ ମୃଦୁସ୍ୱରରେ ସେ କହିଲା, ଯାହା ପ୍ରାୟ ଶୁଣା ବି ଯାଏନାହିଁ ।

ଅସହ୍ୟ ହୋଇ ଉଠିଲା ଅବସ୍ଥାଟା । ଏଭଳି ଆଉ ମୁହୂର୍ତ୍ତେ କଟିଥିଲେ ତା'ପାଦ ଉପରେ ନିଶ୍ଚୟ ମୁଁ ଲୋଟି ଯାଇଥାନ୍ତି ।

"ଅତଏବ ନିଜେହିଁ ବୁଝିପାରୁଛନ୍ତି", ଅସ୍ୱାଭାବିକ ଭାବରେ ହସି ଯଥାସମ୍ଭବ ଦୃଢ଼ଭାବରେ ମୁଁ କହିବୁଲିଲି, "ନିଜେହିଁ ବୁଝିପାରୁଛନ୍ତି ଯେ, ଆପଣଙ୍କୁ ମୁଁ ବିବାହ କରିପାରେନା । ଯଦିବା ଆପଣ ବିବାହ କରିବାକୁ ଚାହାନ୍ତି ଅଳ୍ପଦିନ ଭିତରେ ସେଥିପାଇଁ ଅନୁତାପ କରିବେ ଆପଣ । ଆପଣଙ୍କ ମା'ଙ୍କ ସହିତ ଯେଉଁ କଥାବାର୍ତ୍ତା ହୋଇଛି, ସେଇଥିପାଇଁ ଏପରି ଖୋଲାଖୋଲି ଆଉ ନିର୍ଦ୍ଦୟ ଭାବରେ କଥା କହିବାକୁ ମୁଁ ବାଧ୍ୟ ହୋଇଛି । ମୋର ମନେହୁଏ, ସେ ଭୁଲ୍ ବୁଝିଛନ୍ତି ! ଆପଣ କିନ୍ତୁ ସହଜରେହିଁ ତାଙ୍କର ଭୁଲ୍ ଭାଙ୍ଗିପାରିବେ । ଆପଣ ତ ଦେଖିବାକୁହିଁ ପାଉଛନ୍ତି ଆପଣଙ୍କ ଦୃଷ୍ଟିରେ ମୁଁ ଗୋଟାଏ ମାନ ଆଉ ଜଘନ୍ୟ ଭୂମିକାରେ ଅଭିନୟ କରୁଛି । ସେ କଥା ମଧ୍ୟ ମୁଁ ସ୍ୱୀକାର କରୁଛି । ଆପଣଙ୍କ ପାଇଁ ସ୍ନେହରୁ ବେଶି ଆଉ କିଛି କରିପାରିବ ନାହିଁ । ମୋ ସମ୍ପର୍କରେ ଆପଣଙ୍କ ମତାମତ ଯେତେ ଖରାପ ହେଉନା କାହିଁକି, ମୁଁ ତାହା ମାନିନେବି··· । ଆପଣ ତ ଦେଖିବାକୁହିଁ ପାଉଛନ୍ତି, ଆପଣଙ୍କ ଆଗରେ ମୁଁ ନିଜକୁ ହେୟ କରୁଛି···। ମୋତେ ଯଦିବା ଭଲ ବି ପାଇଥାନ୍ତି, ଏଇ ମୁହୂର୍ତ୍ତରୁ ଆପଣ ମୋତେ ଅବଜ୍ଞା କରିବେ— ବର୍ତ୍ତମାନଠାରୁ, ନୁହେଁ ?"

ମାର୍ବଲ୍‌ପରି ଶେତା ମୁହଁ ମୋ ଆଡ଼କୁ ସେ ବୁଲାଇଲା, କିନ୍ତୁ ତା'ର ଆଖି ଦିଟା ଅଦ୍‌ଭୁତ ଭାବରେ ଦୀପ୍ତିମନ୍ତ ।

"ଆପଣଙ୍କୁ ମୁଁ ଘୃଣାକରେ ।" ସେ କହିଲା ।

ତାଙ୍କୁ ଧନ୍ୟବାଦ ଦେଇ ସସମ୍ଭ୍ରମରେ ନତ ହୋଇ ଅଭିବାଦନ କରି ମୁଁ ବାହାରିଲେ ।

Digitized by srujanika@gmail.com

ଘଣ୍ଟାକ ପରେ ଡାକକ୍ୟାବ୍ ଗୋଟାଏ ବସ୍ତୁକାରେ ଦ୍ରୁତବେଗରେ ମୁଁ କସ୍‌ଲଟେଖ୍ରଦ୍‌ଷ୍ଟ ଗ୍ରୁଡ଼ ଚଳିଲି । ଏଟେସନ୍‌ଷ୍ଟୁକଠାରୁ କେତେ ଫର୍ଲଙ୍ଗ୍ ଦୂରରେ ରାସ୍ତାକଡ଼ରେ ମୋର ଘୋଡ଼ାଟାର ମୃତଦେହ ଆଖିରେ ପଡ଼ିଲା । ଜନ୍ତୁଟା ଧାଇଁ—ସମ୍ଭବତଃ ଏ ରାସ୍ତାଦେଇ ଯିବାବେଳେ କୌଣସି କସାଇ ହୁଏତ ସେଇଟାକୁ ନେଇଯାଇଛନ୍ତି ! ଘୋଡ଼ା ପିଠିରେ ବସିଛନ୍ତି ଦୁ'ଟା ଡାମରା କାଉ । ଦୀର୍ଘଶ୍ୱାସ ପକାଇ ମୁଁ ମୁହଁ ବୁଲାଇଲି···

ଆଜି ବର୍ତ୍ତମାନ ଏଇ ଶଷନ-ଦୁର୍ଗରେ ବସି ଅତୀତର କଥା ଭାବୁ ଭାବୁ ପ୍ରାୟ ନିଜକୁ ପ୍ରଶ୍ନ କରୁଛି : ଭାଗ୍ୟ ଯେଉଁପଥ ମୋ ଆଗରେ ଖୋଲିଥିଲା, ଯାହା ଭିତରେ ଥିଲା ପ୍ରଶାନ୍ତ-ଆନନ୍ଦ ଆଉ . ମାନସିକ-ଶାନ୍ତିର ଆଭାସ—କାହିଁକି ସେ ପଥରେ ଯାଇନାହିଁ ? ···ମୋପରି ଅବସ୍ଥା ସତ୍ତ୍ୱେ କୌଣସି ମଣେ ନିଜକୁ ଖାପ୍ ଖୁଆଇ ପାରିନଥାନ୍ତା ! ମୁଁ ମେଇ ନାବିକ ପରି, ଯିଏ ଜନ୍ମିଛି ଆଉ ସାବାଳକ ହୋଇ ଉଠିଛି ଗୋଟିଏ ଜଳଦସ୍ୟୁର ଜାହାଜରେ । ଝଞ୍ଜା ଆଉ ସଂଘାତରେ ସିଏ ଏତେ ଅଭ୍ୟସ୍ତ ଯେ, ତାକୁ ଯଦି କୂଳରେ ରଖାହୁଏ—ସେଠାକାର କୁଞ୍ଜବନର ଛାୟା ଯେତେ ଆକର୍ଷଣୀୟ ଏବଂ ସୂର୍ଯ୍ୟ ଯେତେ କୋମଳ ହେଉନାକାହିଁକି—ସିଏ ନିସ୍ତେଜ ଓ ବିମର୍ଷ ହୋଇ ପଡ଼ିବ । ଊର୍ମିମାଳାର ଗତାନୁଗତିକ ଗର୍ଜନ ଶୁଣୁଶୁଣୁ ଆଉ ଅସ୍ପଷ୍ଟ ଦିଗନ୍ତ ଆଡ଼କୁ ଅନାଇଁ ଅନାଇଁ ସିଏ ବେଳାଭୂମି ଉପରେ ସମସ୍ତ ଦିନଧରି ଟହଲ ମାରେ । ଦିଗନ୍ତର ଯେଉଁ ଅସ୍ପଷ୍ଟରେଖା ନୀଳ ସମୁଦ୍ର ଓ ଧୂସର-ମେଘକୁ ପୃଥକ୍ କରିଛି, ସେଠି ସେ ଦେଖିବାକୁ ଚାହେଁ ଦୀର୍ଘକାଳ ଧରି ଅପେକ୍ଷା କରିଥିବା ଜାହାଜ ପାଲର ପ୍ରଥମ ଝଲକକୁ । ପ୍ରଥମେ ତା ସାମୁଦ୍ରିକ-ପକ୍ଷୀର ଡେଣାପରି ଦେଖାଯାଏ ଆଉ ତା'ପରେ ତା'ର ନିର୍ଜନ ନଙ୍ଗର୍-ସ୍ଥାନ ଆଡ଼କୁ ଆଗେଇ ଆସିବାବେଳେ ପାଣିର ଧଳା ଫେଣ ଭିତରେ ସେ ସୁସ୍ପଷ୍ଟ ଭାବରେ ପ୍ରସ୍ଫୁଟମାନ ହୁଏ । ······

Digitized by srujanika@gmail.com

୩

ଅଦୃଷ୍ଟବାଦୀ

ସେନାବାହିନୀ ବିଁ ଡାକ୍ତର ଗୋଟିଏ କସାକ୍ ଗାଁରେ ଏକଦା ମୋତେ ଦୁଇସପ୍ତାହ କଟାଇବାକୁ ହୋଇଥିଲା । ସେଠାରେ ମୁତୟନ ଥିଲା ଗୋଟିଏ ପଦାତିକ ବାହିନୀ । ପାଳି କରି ଅଫିସରମାନେ ଜଣଜଣଙ୍କ ଘରେ ଏକାଠି ହୁଅନ୍ତି । ସଞ୍ଜବେଳେ ସେଠି ତାସ୍‌ଖେଳର ଆସର ଜମେ ।

ଥରେ ମେଜର୍ ସ·· ଙ୍କ ଘରେ ବଷ୍ଟୋନ ଖେଳରେ କ୍ଲାନ୍ତହୋଇ ତାସ ଗୁଡ଼ିକୁ ଫୋପାଡ଼ିଦେଇ ବହୁତ ରାତି ପର୍ଯ୍ୟନ୍ତ ଗପ-ସପ କରିଥିଲୁ । ସେଥରର କଥାବାର୍ତ୍ତା ଥିଲା ଚିତ୍ତାକର୍ଷକ । ମୁସଲ୍‌ମାନଙ୍କ ବିଶ୍ୱାସ ଯେ, ମଣିଷର ଭାଗ୍ୟ ପୂର୍ବରୁ ସ୍ୱର୍ଗରେ ନିର୍ଦ୍ଧାରିତ ହୋଇ ଥାଏ—ସେ ବିଷୟରେ ଆମେ ଆଲୋଚନା କରୁଥିଲୁ । ଆମ ଭିତରୁ ଅନେକଙ୍କର ଥିଲା ସେହି ବିଶ୍ୱାସ । ତା pro ବା contra* ଆମ ସମସ୍ତଙ୍କର କହିବାର ଥିଲା ନାନା ଅସାଧାରଣ କଥା ।

ବୃଦ୍ଧ ମେଜର୍ କହିଲେ, "ଆପଣମାନେ ଯେଉଁସବୁ କଥା କହୁଛନ୍ତି ସେଥିରୁ କିଛି ବି ପ୍ରମାଣ ହେଉନାହିଁ । ଆପଣମାନଙ୍କ ମତାମତକୁ ପ୍ରମାଣ କରିବାପାଇଁ ଯେଉଁସବୁ ଅଦ୍ଭୁତ ଘଟଣାର ଉଲ୍ଲେଖ କରୁଛନ୍ତି ସେ ଗୁଡ଼ିକୁ ତ ଆପଣମାନେ କେହି ବି ଦେଖି ନାହାନ୍ତି, ଏୟା ନା ?"

କେତେଜଣ କହିଲେ, "ନିଶ୍ଚୟ ନୁହେଁ । କିନ୍ତୁ ବିଶ୍ୱାସଯୋଗ୍ୟ ଲୋକଠାରୁ ଶୁଣିଛୁ……"

---

*(ଫରାସୀ ଭାଷାରେ)—ସପକ୍ଷରେ ବା ବିପକ୍ଷରେ ।

Digitized by srujanika@gmail.com

ଜଣେ କହିଲ, "ବାଜେକଥା ! ସେଇ ବିଶ୍ବାସଯୋଗ୍ୟ ଟେଲିକଟି କିଏ, ଯିଏ ସେଇ କାଗଜଟାକୁ ଦେଖିଛି, ଯା ଦେହରେ ଆମ ମୃତ୍ୟୁର ଦିନ-କାଳ ଲେଖା ଅଛି ?...ଆଉ ସତ୍ୟ ବୋଲି ଯଦି କହୁଛ ଥାଏ, ତାହେଲେ କାହିଁକି ଆମମାନଙ୍କୁ ମାନସିକ ଶକ୍ତି ଏବଂ ବିଚାର-ବୁଦ୍ଧି ଦିଆ ହୋଇଛି ? କାହିଁକି ଆମମାନଙ୍କୁ ଆମ କାର୍ଯ୍ୟପାଇଁ କୈଫିୟତ୍ ଦେବାକୁ ପଡ଼େ ?"

ଏହା ଉତ୍ତରେ ଜଣେ ଅଫିସର୍, ଯିଏ ଘରର ଗୋଟିଏ କୋଣରେ ବସିଥିଲ, ଉଠି ଧୀରେ ଧୀରେ ଟେବୁଲ ପାଖକୁ ଆଗେଇ ଆସି ଆମ ସମସ୍ତଙ୍କ ଆଡ଼କୁ ଶାନ୍ତ ଗମ୍ଭୀର ଦୃଷ୍ଟିରେ ଅନାଇଲ । ସେ ସାର୍ବୀୟ, ତା'ର ନାମରୁ ସେକଥା ଜଣାଯାଏ ।

ଲେଫଟେନାଣ୍ଟ୍ ଭୁଲିଚ୍‌ର ଚେହେରା ସହିତ ଚରିତ୍ରର ସାଦୃଶ୍ୟ ଅଛି । ତା'ର ଦୀର୍ଘ ଦେହ, ରୌଦ୍ରଦଗ୍ଧ ଦେହର ରଙ୍ଗ, କଳା ବାଳ, ତୀକ୍ଷ୍ଣ କୃଷ୍ଣଆଖି, ତା ଜାତିର ବୈଶିଷ୍ଟ୍ୟପୂର୍ଣ୍ଣ ଦୀର୍ଘ ଅଥଚ ସୁଗଠିତ ନାକ, ଓଠରେ ସବୁବେଳେ ବର୍ତ୍ତମାନ ଶୀତଳ ବିଷଣ୍ଣ-ହସ—ଏ ସବୁକିଛି ଯେପରି ତା'ର ଚେହେରାକୁ ଅସାଧାରଣ କରି ଠିଆକରୁଛି ! ଅଦୃଷ୍ଟକ୍ରମେ ଯେଉଁସବୁ ଲୋକ ତା'ର ସହକାରୀ ହୋଇଛନ୍ତି, ସେମାନଙ୍କ ପାଖରେ ନିଜର ଭାବନା ଓ ଆବେଗର କାହାଣୀ କହିବାକୁ ସେ ଚାହେନାହିଁ ।

ସିଏ ସାହସୀ, କଥାକୁହେ କମ୍, କିନ୍ତୁ ତୀବ୍ରଭାଷୀ । କାହାପାଖରେ ବି ସିଏ ତା'ର ନିଜର ବା ନିଜ ପରିବାରର ଗୋପନ କଥା କୁହେନାହିଁ । ସେ ମଦ ପିଏ କ୍ବଚିତ୍, ତରୁଣୀ କସାକ୍‌ଝିଅ ମାନଙ୍କ ପାଖରେ କେବେହେଲେ ପ୍ରେମ-ନିବେଦନ କରେ ନାହିଁ । ଏହି ତରୁଣୀ ମାନଙ୍କୁ ନ ଦେଖିଲେ ଜାଣି-ହେବନାହିଁ, କି ଅପରୂପା ସୁନ୍ଦରୀ ସେମାନେ ! ଲୋକେ କିନ୍ତୁ କହନ୍ତି ଯେ ତା'ର ଉଜ୍ଜ୍ବଳ ଆଖି ଦେଖି କର୍ନେଲ୍‌ଙ୍କ ସ୍ତ୍ରୀ ତା'ର ପ୍ରେମରେ ପଡ଼ିଛି; କିନ୍ତୁ ଏଇ କଥା ନେଇ କେହି କୌଣସି ଇଙ୍ଗିତ କଲେ ସବୁବେଳେ ସେ କ୍ରୋଧାନ୍ବିତ ହୋଇଉଠେ ।

ତା'ର ଗୋଟିଏ ମାତ୍ର ନିଶାକୁ ସେ କେବେହେଲେ ଲୁଚାଇନି—ଜୁଆ ଖେଳିବାର ନିଶା । ସବୁଜଆ ଟେବୁଲ୍‌କ୍ଲଥ୍ ଢଙ୍କା ଟେବୁଲ୍ ସାମ୍ନାରେ ବସିଲେ ବିଶ୍ବ-ବ୍ରହ୍ମାଣ୍ଡକୁ ସେ ଭୁଲିଯାଏ । ସାଧାରଣତଃ ଖେଳରେ ସେ ହାରେ, କ୍ରମାଗତ କିନ୍ତୁ ଦୁର୍ଭାଗ୍ୟ ତା'ର ଏକ୍‌ଜିଦିଆ ପ୍ରବୃତ୍ତିକୁ ବଢ଼ାଏ ।

Digitized by srujanika@gmail.com

କଥା' ଅଛି, ଏକ ଅଭିଯାନର ଗଣ୍ଡରେ ଟଙ୍କଆ ଉପରେ ସେ ଜୁଆ ଖେଳର ସରଞ୍ଜାମ ରଖିଥିଲା, ସମସ୍ତ ତା'ର ଅତି ଭଲଭାବରେ କରୁଥିଲେ । ଏଭଳି ବେଳେ ହଠାତ୍ ଶୁଣାଯାଏ ଗୁଳିର ଆବାଜ୍, ବିପଦର ସଙ୍କେତ ବାଜି ଉଠେ ଏବଂ ସମସ୍ତେ ଜାଗି ଉଠି ଛୁଟନ୍ତି ନିଜନିଜର ବନ୍ଧୁକ ନେଇ । ଭୁଲିଚ୍ ଅବିଚଳ । ଜଣେ ଅତି ଆଗ୍ରହୀ ଜୁଆଡ଼ୀ ଉଦ୍ଦେଶ୍ୟରେ ଚିତ୍କାର କରି ସେ କହିଥିଲା "ଗଚ୍ଛିତଥିବା ସବୁଟଙ୍କା ବାଜିରଖ !" ସେ ଦୌଡ଼ି ଯିବା ବେଳେ କହିଥିଲା, "ସତାଣ୍ଠା !" ଗୁଳିଗୋଳାର ହଇଚଇ ଭିତରେ ମଧ୍ୟ ଶେଷପର୍ଯ୍ୟନ୍ତ ଭୁଲିଚ୍ ତାସ୍ ପକେଇ ଚାଲିଥିଲା, ଦେଖାଗଲା ସେଇ ଲୋକଟି ଜିତିଛି ।

ଯେତେବେଳେ ଯୁଦ୍ଧ-କ୍ଷେତ୍ରରେ ସେ ପହଞ୍ଚିଲା, ସେତେବେଳକୁ ଖାଉଣ ଗୁଳିଗୁଳା ଚାଲିଛି । ଗୁଳି କମ୍ପା ଚେଚେଣସ୍ତ ମାନଙ୍କ ଚଳିବାଟକୁ ଭ୍ରୂକ୍ଷେପ କଲାନାହିଁ ଭୁଲିଚ୍ । ବିଜେତା ଭାଗ୍ୟବାନ ଜୁଆଡ଼ୀଟିର ସନ୍ଧାନ ସେ କରୁଥିଲା ।

ବିଜେତା-ଜୁଆଡ଼ିଟି ସେତେବେଳକୁ ଲଢ଼ୁଥିଲା ଅନ୍ୟ ମାନଙ୍କ ସହିତ । ସେତେବେଳକୁ ସେମାନେ ଶତ୍ରୁମାନଙ୍କୁ ଅରଣ୍ୟରୁ ତଡ଼ିବାକୁ ଆରମ୍ଭ କରିଛନ୍ତି । ଶେଷରେ ତାକୁ ଦେଖି ଭୁଲିଚ୍ ଚିତ୍କାର କରି ଉଠିଲା, "ସତା ଉଠିଛି !'' ତା ପରେ ତା ପାଖକୁ ଯାଇ, ଟଙ୍କାର ଥଳି ବାହାର କରି ତାକୁ ଦେଇଦେଲା—ଏ ଅସମୟରେ ହିସାବ-ନିକାଶ କରିବାକୁ ତା'ର ଆପତ୍ତି ଥିବା ସତ୍ତ୍ୱେ ମଧ୍ୟ । ଏହି ଅପ୍ରିୟ-କର୍ତ୍ତବ୍ୟ ପାଳନ କରିବା ପରେ ଭୁଲିଚ୍ ଛୁଟିଲା ସୈନ୍ୟମାନଙ୍କ ପୁରୋଭାଗକୁ ଏବଂ ଯେତେବେଳ ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ ନ ହୋଇଛି, ସେତେବେଳ ପର୍ଯ୍ୟନ୍ତ ଅତି ପ୍ରକୃତିସ୍ଥ ଅବସ୍ଥାରେ ଚେଚେଣସ୍ତ ମାନଙ୍କ ସହିତ ଗୁଳି ବିନିମୟ କରି ଚାଲିଲା ।

ଲେଫ୍‌ଟେନାଂଟ୍ ଭୁଲିଚ୍ ଯେତେବେଳେ ଟେବୁଲ୍ ପାଖକୁ ଆଗେଇ ଆସିଲା ସମସ୍ତେ ଚୁପ୍ ହୋଇଗଲେ—ସବୁବେଳର ସେ ଯେଉଁପରି ମୌଳିକ-ମନ୍ତବ୍ୟ କରିଥାଏ ସେଇ ରକମର କିଛି ଶୁଣିବାର ଆଶାରେ ।

"ଭଦ୍ର ମହୋଦୟଗଣ !" ସେ କହିଲା (ତା'ର ସ୍ୱର ଶାନ୍ତ, ଯଦିଓ ସାଧାରଣତଃ ସିଏ ଯେଉଁଭଳି ଭାବରେ କଥାକୁହେ ତା ଠାରୁ ନିମ୍ନ ସ୍ୱରରେ), "ଭଦ୍ର ମହୋଦୟ ଗଣ, କାହିଁକି ଅନର୍ଥକ ଏ ବାଦାନୁବାଦ ? ଆପଣ-ମାନେ ପ୍ରମାଣ ଚାହାନ୍ତି : ମୁଁ ପ୍ରସ୍ତାବ କରୁଛି ନିଜନିଜ ଉପରେ ପରୀକ୍ଷା-

Digitized by srujanika@gmail.com

କରି ଦେଖାଯାଉ, ମଣିଷ ନିଜର ଜୀବନ ନିଜେ ନେଇପାରେ କି ନାହିଁ ଏବଂ ଆମ ସମସ୍ତଙ୍କ ଜୀବନର ସେଇ ଚୂଡ଼ାନ୍ତ-ମୁହୂର୍ତ୍ତ ପୂର୍ବନିର୍ଦ୍ଧାରିତ ହୋଇ ଥାଏ କି ନାହିଁ···। କିଏ ପରୀକ୍ଷା କରି ଦେଖିବାକୁ ଚାହାନ୍ତି ?"

ଚାରିଦିଗରୁ ଉତ୍ତର ଆସିଲା, "ମୁଁ ନୁହେ ! ମୁଁ ନୁହେ ! କି ଅଦ୍ଭୁତ ଲୋକ ! ଏପରି ଅଜବ୍ କଥା କେହି କେବେ ଭାବିଛି !·· "

ଅନ୍ଧାରେ ମୁଁ କହିଲି, "ମୁଁ ପ୍ରସ୍ତାବ କରୁଛି, ଏଥିପାଇଁ ଗୋଟାଏ ବାଜି ରଖାଯାଉ ।"

"କି ପ୍ରକାରର ବାଜି ?"

"ମୁଁ କହୁଛି ଭାଗ୍ୟ ବୋଲି ଗୋଟାଏ କିଛି ନାହିଁ," କହି ମୋ ପକେଟ୍‌ରୁ ବାହାରି କରି କୋଡ଼ିଏଟି ସ୍ୱର୍ଣ୍ଣମୁଦ୍ରା ଟେବୁଲ୍‌ରେ ଥୋଇଲି— ମୋ ପାଖରେ ଏହା ବ୍ୟତୀତ ଆଉ କିଛି ନଥିଲା ।

"ରାଜି," ଦଂଅଡ଼ା ସ୍ୱରରେ ଭୁଲିଚ୍ ଉତ୍ତର ଦେଲା, "ମେଜର୍, ଆପଣ ବିଚାରକ ହେବେ ? ଏଠି ପନ୍ଦରଟି ସ୍ୱର୍ଣ୍ଣମୁଦ୍ରା ରହିଲା । ଆପଣଙ୍କ ପାଖରୁ ପାଞ୍ଚଟି ପାଇବି, ଅତଏବ ବାକିଟା ଆପଣ ଦୟାକରି ପୂରଣ କରିଦେବେ କି ?"

ମେଜର୍ କହିଲେ, "ବେଶ୍, ଯଦିଓ କ'ଣ ହେଉଛି ସେ ସମ୍ବନ୍ଧରେ ମୋର କୌଣସି ଧାରଣା ବି ନାହିଁ···। କିମିତି ବା ଆପଣମାନେ ଏହାର ସମାଧାନ କରିବାକୁ ଚାହାନ୍ତି ?···"

କିଛି ନକହି ଭୁଲିଚ୍ ମେଜର୍‌ଙ୍କ ଶୋଇବା ଘରକୁ ଗଲା । ଆମେ ଗଲୁ ପଛେପଛେ । ଯେଉଁ କାନ୍ଥରେ ଅସ୍ତ୍ରଶସ୍ତ୍ର ଝୁଲିହୋଇଛି, ତା ପାଖକୁ ଯାଇ ଉଦ୍ଦେଶ୍ୟହୀନ ଭାବରେ ସେ ଗୋଟାଏ ପିସ୍ତଲ ନେଇନେଲା—ସେଠି ନାନା ପ୍ରକାର ନଳର ପିସ୍ତଲ୍ ଥିଲା । ପ୍ରଥମେ ଆମେ ବୁଝି ପାରିଲୁ ନାହିଁ ସିଏ କ'ଣ କରିବାକୁ ଚାହେଁ ! କିନ୍ତୁ ଗୁଳି ଚଳାଇବା ପାଇଁ ପିସ୍ତଲ୍‌ଟାକୁ ପ୍ରସ୍ତୁତ କରି ସେ ଯେତେବେଳେ ପିସ୍ତଲ୍‌ର ଘୋଡ଼ା ଚାବିଟାକୁ ଘୁଞ୍ଚାଇ ଦେଲା, ଆମ ଭିତରୁ କେତେଜଣ ସ୍ୱତଃସ୍ଫୂର୍ତ୍ତ ଭାବରେ ଚିତ୍କାର କରି ଉଠି ତା' ହାତଟାକୁ ଧରିପକାଇଲେ ।

"କ'ଣ କରିବାକୁ ଚାହଁ ? ତୁମେ କ'ଣ ପାଗଳ ହେଲ ?" ତାକୁ ଉଦ୍ଦେଶ୍ୟ କରି ପାଟି କରିଉଠିଲେ ସେମାନେ ।

Digitized by srujanika@gmail.com

"ଭଦ୍ର ମହୋଦୟଗଣ !" ହାତକୁ ମୁକ୍ତ କରି କରୁ ସ୍ଥିର ଭାବରେ ସେ କହିଚାଲିଲା, "ଆପଣଙ୍କ ଭିତରୁ କିଏ ମୋ'ର ହୋଇ କୋଡ଼ିଏଟି ସ୍ୱର୍ଣ୍ଣମୁଦ୍ରା ଦେବାପାଇଁ ପ୍ରସ୍ତୁତ ?"

ସମସ୍ତେ ଚୁପ୍‌ହୋଇ ରହିଗଲେ ।

ତାଶ ଘରକୁ ଭୁଲକଟ୍ ଆସି ବସିଲା ଟେବୁଲ ପାଖରେ । ଆମେ ସମସ୍ତେ ତା'ର ଅନୁସରଣ କଲୁ । ଟେବୁଲ୍ ଚାରିପାଖରେ ବସିପଡ଼ିବା ପାଇଁ ସେ ଇସାରା ଦେଲା । ଆମେ ନୀରବରେ ତା'ର ଆଦେଶକୁ ମାନିନେଲୁ, କାରଣ ସେଇ ମୁହୂର୍ତ୍ତରେ ଆମମାନଙ୍କ ଉପରେ ତା'ର ଏକ ରହସ୍ୟମୟ ପ୍ରଭାବ ବିସ୍ତାରିତ ହୋଇଥିଲା । ତୀବ୍ରଦୃଷ୍ଟିରେ ତା ଆଖିକୁ ଅନାଇଲି, କିନ୍ତୁ ମୋର ସନ୍ଧାନୀଦୃଷ୍ଟି ଆଡ଼କୁ ସେ ଶାନ୍ତ ଓ ଅବିଚଳିତ ଭାବରେ ଅନାଇଲା । ତା'ର ମଳିନ ଓଠରେ ଫୁଟିଉଠିଲା ହସ । କିନ୍ତୁ ପ୍ରଶାନ୍ତ ସତ୍ତ୍ୱେ ମଧ ତା'ର ପାଣ୍ଡୁର ମୁହଁ ଉପରେ ମୃତ୍ୟୁର ଛାପ ମୁଁ ଦେଖିବାକୁ ପାଇଲି । ମୁଁ ଲକ୍ଷ୍ୟ କରିଛି, ଏବଂ ବହୁ ଅଭିଜ୍ଞ ସୈନିକ ସେକଥାକୁ ଅନୁମାନ କରିଛନ୍ତି ଯେ, କେତେ ଘଣ୍ଟା ଭିତରେ ଯେଉଁ ଲୋକର ମୃତ୍ୟୁ ଘଟିବ, ତା ମୁହଁ ଉପରେ ତା'ର ଅନିବାର୍ଯ୍ୟନିୟତି ସମ୍ପର୍କରେ ଏପରି କେତେଗୁଡ଼ିଏ ଅଦ୍ଭୁତ ଚିହ୍ନ ଫୁଟିଉଠେ, ଯାହାକୁ ଅଭିଜ୍ଞଆଖି ସର୍ବଦା ଧରିପାରେ ।

ତାକୁ ମୁଁ କହିଲି, "ଆପଣ ଆଜି ମରିଯିବେ ।" ଚମକି ପଡ଼ି ମୋ ଆଡ଼କୁ ବୁଲାପଡ଼ିଲା ସିଏ, କିନ୍ତୁ ସ୍ଥିର-ଶାନ୍ତ ସ୍ୱରରେ ଉତ୍ତର ଦେଲା :

"ହୁଏତ ମରିପାରେ, ପୁଣି ନ ମରି ବି ପାରେ···"

ତା'ପରେ ମେଜର୍‌ଙ୍କ ଆଡ଼କୁ ବୁଲି ସେ ପ୍ରଶ୍ନକଲା ପିସ୍ତଲଟାରେ ଗୁଳି ଭର୍ତ୍ତି ଅଛି ନା ନାହିଁ । ନିଜର ବିହ୍ୱଳଭାବ ଲାଗି ମେଜର୍ ସେଇଟାକୁ ଠିକ୍ ସ୍ମରଣ କରି ପାରିଲେ ନାହିଁ ।

ଜଣେ ଚିତ୍କାର କରି ଉଠିଲା, "ଭୁଲକଟ୍, ଯଥେଷ୍ଟ ହୋଇଛି ! ନିଶ୍ଚୟ ପିସ୍ତଲଟା ଗୁଳିରେ ଭରପୂର୍ । କାରଣ ଠିକଆ ସିଧା ସେଇଟା ଥିଲା । କି ଜାତିର ରସିକତା ଏଇଟା ?"

ଆଉ ଜଣେ କହି ଉଠିଲା, "ବୋକାଙ୍କ ପରି ରସିକତା !",

"ତାଙ୍କ ଉପରେ ପଚାଶ ବାଜି ମୁଁ ପକାଇବି—ପିସ୍ତଲଟାରେ ଗୁଳି ଭରି ନୁହେଁ ବୋଲି !" ତୃତୀୟ ଜଣକ ଚିତ୍କାର କରି ଉଠିଲା ।

Digitized by srujanika@gmail.com



Digitized by srujanika@gmail.com

ପୁଣି ନୂଆ କରି ବାଜି ପକାଇବା ଆରମ୍ଭ ହେଲା ।

ଏଇ ଶେଷହୀନ ଅନୁଷ୍ଠାନରେ ବିରକ୍ତ ଆସିଗଲା । ମୁଁ କହିଲି, "ଶୁଣନ୍ତୁ, ହୁଏତ ଆପଣଙ୍କ ମୁଣ୍ଡକୁ ଗୁଳି କରନ୍ତୁ ନଚେତ୍ ପିସ୍ତଲଟାକୁ କାନ୍ଥରେ ତା ଜାଗାରେ ଝୁଲାଇ ଦେଇ ଶୋଇବାକୁ ଯିବା ହେଉ ।"

ଅଧିକାଂଶ ଚିତ୍କାର କରିଉଠିଲେ, "ଶୋଇବାକୁ ଯିବା ହେଉ ।"

"ଭଦ୍ରମହୋଦୟଗଣ ! ଆପଣଙ୍କ ପାଖରେ ଅନୁରୋଧ, ଉଠିବେ ନାହିଁ !" କହି ଭୁଲିଚ୍ ପିସ୍ତଲର ନଳଟାକୁ ନିଜ କପାଳରେ ଚାପି ଧରିଲା ।

ସମସ୍ତେ ଆତଙ୍କରେ ପଥର ପାଲଟିଗଲେ ।

"ମିଃ. ପେଚୋରିନ୍ !" ସେ କହିଚାଲିଲା, "ପଟେ ତାସ୍ ଉପରକୁ ଫୋପାଡ଼ନ୍ତୁ !"

ଟେବୁଲ୍ ଉପରୁ, ବର୍ତ୍ତମାନ ମନେପଡ଼ୁଛି, ତାସ୍‌ର ପଟେ ଟିକା ଉଠେଇ ଉପରକୁ ଫୋପାଡ଼ିଲି । ରୁଦ୍ଧନିଃଶ୍ୱାସରେ, ଆତଙ୍କରେ, ବିସ୍ଫାରିତ ଆଖିରେ ଏବଂ ଅସ୍ପଷ୍ଟ କୌତୁହଳର ବଶବର୍ତ୍ତୀ ହୋଇ ଆମେ ଥରେ ପିସ୍ତଲଟାକୁ, ଥରେ ସେହି ମାରାତ୍ମକ ଟିକା ପଟକୁ ଦେଖିଚାଲିଲୁ । ଟିକାଟା ସେତେବେଳକୁ ଧୀରେ ଧୀରେ ଥରଥର ତଳକୁ ପଡ଼ିବାର ଉପକ୍ରମ କରୁଛି । ଯେଉଁ ମୁହୂର୍ତ୍ତରେ ସେଇଟା ଟେବୁଲ୍‌କୁ ସ୍ପର୍ଶକଲା, ପିସ୍ତଲର ଘୋଡ଼ାଟାକୁ ଟାଣିଲା ଭୁଲିଚ୍...କିନ୍ତୁ ପିସ୍ତଲରୁ ବାହାରିଲା ନାହିଁ ଗୁଳି !

ଅନେକ ଚିତ୍କାର କରିଉଠିଲେ, "ଭଗବାନଙ୍କୁ ଧନ୍ୟବାଦ ! ପିସ୍ତଲଟାରେ ଗୁଳି ନଥିଲା......"

ଭୁଲିଚ୍ କହିଲା, "ସେଇଟା ଆମେ ପରୀକ୍ଷା କରି ଦେଖିବା ।" ପୁଣି ସେ ପିସ୍ତଲ୍‌ଟାର ଘୋଡ଼ାର ଚାବି ଘୁଞ୍ଚାଇ ଦେଇ ଝରକା ଉପରେ ଝୁଲୁଥିବା ଏକ ଅଫିସରଙ୍କ ଟୋପି ଉପରକୁ ଲକ୍ଷ୍ୟ କଲା; ଗୁଳିର ଆବାଜ୍ ହେଲା ଆଉ ଧୂଆଁରେ ଭରିଗଲା ଘର । ଧୂଆଁ ପରିଷ୍କାର ହୋଇଯିବା ପରେ ଟୋପିଟାକୁ ଅଣାହେଲା—ଠିକ୍ ତା'ର ମଝିଟା କଣା ହୋଇ ଯାଇଛି ଆଉ କାନ୍ଥରେ ଗଭୀର ଭାବରେ ଯାଇ ଆଶ୍ରୟ ନେଇଛି ଗୁଳିଟା ।

ପୁରା ତିନିମିନିଟ୍ ଧରି କେହି କିଛି କହିପାରିଲେ ନାହିଁ । ଶାନ୍ତ ଭାବରେ ମୋର ଟଙ୍କା ଗୁଡ଼ିକ ନିଜ ଥଳିରେ ଭର୍ତ୍ତିକଲା ଭୁଲିଚ୍ ।

Digitized by srujanika@gmail.com

ଆଲୋଚନା ହେବାକୁ ଲାଗିଲା, ପ୍ରଥମଥର ପିସ୍ତଲରୁ ଗୁଳି ଚାଲିଲା ନାହିଁ କାହିଁକି ? କିଏ କହିଲା ପିସ୍ତଲ୍‌ର ରଞ୍ଜକ ଘରର ଛିଦ୍ରଟା ନିଶ୍ଚୟ ବନ୍ଦ ହୋଇ ଯାଇଥିଲା । ଅନ୍ୟମାନେ ରୂପ୍‌କରି କହିଲେ, ପ୍ରଥମେ ବାରୁଦଟା ଉଡ଼ାଥିଲା, ପରେ ଭୁଲିଚ୍ ତା ଉପରେ କିଛି ତାଜା ବାରୁଦ ଦେଇ ଦେଇଥିଲା । ମୁଁ କିନ୍ତୁ ସେମାନଙ୍କୁ ଜୋର୍‌ଦେଇ କହିଲି ଯେ, ଶେଷୋକ୍ତ ଅନୁମାନଟା ଠିକ୍ ନୁହେଁ, କାରଣ, ପିସ୍ତଲ୍ ଉପରୁ ମୁହୂର୍ତ୍ତକ ପାଇଁ ମଧ୍ୟ ମୁଁ ଦୃଷ୍ଟି ଫେରାଇନାହିଁ ।

ଭୁଲିଚ୍‌କୁ କହିଲି, "ଜୁଆଖେଳରେ ଆପଣଙ୍କ ଭାଗ୍ୟ ଭଲ !"

ଆତ୍ମତୃପ୍ତିର ହସ ହସି ସେ କହିଲା, "ଜୀବନରେ ଏଇ ପ୍ରଥମ । ଫାରୋ କିମ୍ବା ଷ୍ଟୋସ୍ ଅପେକ୍ଷା ଭଲ ଏଇଟା ।"

"କିନ୍ତୁ ଟିକେ ବେଶି ବିପଜ୍ଜନକ ।"

"ତାହେଲେ ଆପଣ ଭାଗ୍ୟରେ ବିଶ୍ୱାସ କରିବାକୁ ଆରମ୍ଭ କରିଛନ୍ତି ?"

"ମୁଁ ସେଥିରେ ବିଶ୍ୱାସ କରେ । ଖାଲି ବୁଝିପାରୁନାହିଁ, କାହିଁକି ମୋର ମନେ ହୋଇଥିଲା, ଆଜି ରାତିରେ ଆପଣଙ୍କର ମୃତ୍ୟୁ ହେବ ବୋଲି···"

"ସେଇ ଏକା ବ୍ୟକ୍ତି, ମାତ୍ର କେତୋଟି ମୁହୂର୍ତ୍ତ ପୂର୍ବରୁ ପିସ୍ତଲ୍‌ର ନଳଟାକୁ ନିଜ କପାଳ ଉପରେ ଚାପି ଧରିଥିଲା, ବର୍ତ୍ତମାନ ଅକସ୍ମାତ୍ ରାଗରେ ବିଚଳିତ ହୋଇଉଠିଲା ।

ଉଠି ଠିଆହୋଇ ସେ କହିଲା, "ଯଥେଷ୍ଟ ହୋଇଛି ! ଆପଣମାନଙ୍କର ବାଜି ସରିଯାଇଛି । ମୋର ମନେହୁଏ, ଆପଣଙ୍କ କଥା ଆପଣ ଅସମୟରେ କହୁଛନ୍ତି···" ନିଜର ଟୋପିଟାକୁ ଉଠାଇ ନେଇ ସେ ବାହାରି ଗଲା । ବ୍ୟବହାରଟା ତା'ର ମନେହେଲା ଅଦ୍ଭୁତ—ଠିକ୍ ହିଁ ମନେହୋଇଥିଲା !

ଅଳ୍ପ ସମୟ ଭିତରେ ବାହାରିପଡ଼ିଲୁ ସମସ୍ତେ । ଘରକୁ ଫେରିବା ବାଟରେ ସମସ୍ତେ ଭୁଲିଚ୍‌ର ପାଗଳପଣିଆର କାରଣ ସମ୍ପର୍କରେ ନିଜ ନିଜର ମତ ବ୍ୟକ୍ତକଲେ, ଆଉ ସମ୍ଭବତଃ, ମୁଁ ସ୍ୱାର୍ଥପର ବୋଲି ସମସ୍ତେ ଏକମତ ହେଲେ—କାରଣ ଯୋଉଲୋକ ନିଜ ଉପରେ ଗୁଳି ଚଳାଇବାକୁ

Digitized by srujanika@gmail.com

ସ୍ଥିତ, ତା ସତ୍ତ୍ୱେ ସେଗୁଡ଼ାକୁ ନେଇ ବାଜି ଲଗାଇଥିଲି ବୋଲି, ଯେପରି ମୋ ସାହାଯ୍ୟ ବିନା ତା'ର ଆଜି କୌଣସି ସୁଯୋଗ ନଥିଲା !···

ଗ୍ରାମର ଜନହୀନ ଗଳିରାସ୍ତା ଦେଇ ମୁଁ ଘରକୁ ଫେରିଲି । ପ୍ରକାଣ୍ଡ ଅଗ୍ନିଦାହର ଆଭା ପରି ପୂର୍ଣ୍ଣଚନ୍ଦ୍ର ଗଇମଥାନ ମାନଙ୍କ ଉପରର ମାଚ୍ଛାଣ୍ଡିଆ ବଗିଚାରୁ ମାତ୍ର ଉଠି ଆସୁଛନ୍ତି । କାଳିଗ୍ର-ନୀଳ ଆକାଶରେ ଶାନ୍ତ ଭାବରେ ଜଳୁଛନ୍ତି ତାରକା ଗୁଡ଼ିକ, ଆଜି ଏଇ କଥା ଭାବି ମୋତେ ମଜା ଲାଗିଲା, ଏକଦା ଏତେ ଜ୍ଞାନୀ ଲୋକମାନେ ଥିଲେ, ଯେଉଁମାନେ ବିଶ୍ୱାସ କରୁଥିଲେ ଯେ, ସାମାନ୍ୟ ଏକ୍ଟିଆ କିମ୍ବା ଅନ୍ୟାନ୍ୟ କାଳ୍ପନିକ ଅଧିକାର ନେଇ ଆମର ତୁଚ୍ଛ ବାଦ-ବିସମ୍ବାଦ ଉପରେ ନକ୍ଷତ୍ରମାନଙ୍କର ପ୍ରଭାବ ଅଛି । ତଥାପି ଏଇ ତାରକାର ବତିଗୁଡ଼ିକ, ଯେଉଁଗୁଡ଼ିକୁ କି ସେମାନେ ମନେ କରୁଥିଲେ ପ୍ରଜ୍ୱଳିତ କରାହୋଇଛି ସେମାନଙ୍କ ଯୁଦ୍ଧ ଓ ଯୁଦ୍ଧଜୟ ପାଇଁ, ବର୍ତ୍ତମାନ ଜଳୁଛି ଅମ୍ଳାନ ଦୀପ୍ତିରେ; ଯଦିଓ ସେମାନଙ୍କ ଆବେଗ ଆଉ ଆଶାଗୁଡ଼ିକ ନିଭିଯାଇଛି ସେମାନଙ୍କ ସହିତ ବହୁକାଳ ପୂର୍ବରୁ ଅମନୋଯୋଗୀ ପଥିକ-ଫିଙ୍ଗିଦେଇଥିବା ବନପ୍ରାନ୍ତରର ଶିବବର୍ତ୍ତି ପରି । କିନ୍ତୁ ଏଇ ଜିନିଷଟିରୁ ସେମାନେ କି ମାନସିକ ଶକ୍ତି ପାଉ ନଥିଲେ ଯେ, ସ୍ୱର୍ଗ ଏବଂ ସେଠାକାର ସଂଖ୍ୟାହୀନ ଅଧିବାସୀମାନେ ସେମାନଙ୍କୁ ସଦା ଲକ୍ଷ୍ୟ କରନ୍ତି ନିଃଶବ୍ଦ ସହାନୁଭୂତିର ଦୃଷ୍ଟିରେ ! ··ଏଆଡ଼େ ଆମେ, ସେମାନଙ୍କ ତୁଚ୍ଛ ବଂଶଧର-ମାନେ ପୃଥିବୀର ଧୂଳିବାଲି କୌଣସି ପ୍ରକାରର ବିଶ୍ୱାସ ଏବଂ ଗର୍ବ ନ ନେଇ, କୌଣସି ଆନନ୍ଦ କିମ୍ବା ଆତଙ୍କ ନ ନେଇ, ଆମମାନଙ୍କର ଏକମାତ୍ର ଭୟହେଲା, ଅନିବାର୍ଯ୍ୟ-ମୃତ୍ୟୁର, ଯେଉଁ ମୃତ୍ୟୁର ନାମହୀନ-ଆତଙ୍କରେ ହୃଦୟ ସଙ୍କୁଚିତ ହୋଇଯାଏ । ମଣିଷ ଜାତିର ମଙ୍ଗଳ ପାଇଁ ଏପରିକି ବ୍ୟକ୍ତିଗତ ଆନନ୍ଦ ପାଇଁ ମଧ୍ୟ ମହତ୍ ତ୍ୟାଗ ଆମେ ସ୍ୱୀକାର କରିପାରୁନା, କାରଣ, ଆମେ ଜାଣୁ ଆନନ୍ଦିତ ହେବାଟା ଅସମ୍ଭବ । ଉଦାସୀନ ହୋଇ ଆମେ ଗୋଟିଏ ସଂଶୟରୁ ଅନ୍ୟ ଏକ ସଂଶୟରେ ଉପନୀତ ହେଉ, ଠିକ୍ ଯେପରି ଆମ ପୂର୍ବପୁରୁଷମାନେ ଗୋଟିଏ ଭ୍ରାନ୍ତିରୁ ଅନ୍ୟ ଏକ ଭ୍ରାନ୍ତି ଉପରେ କବଳିତ ହୋଇ ପଡ଼ୁଥିଲେ ନିରାଶ ହୋଇ ଏବଂ ମଣିଷ କିମ୍ବା ନିୟତି ସହିତ ଯୁଦ୍ଧ କରିବା ଫଳରେ ଆତ୍ମା ଯେଉଁ ଅସ୍ପଷ୍ଟ ଅଥଚ ଗଭୀର-ଆନନ୍ଦର ଆଭାସ ପାଇଥାଏ ସେଇଟାକୁ ମଧ୍ୟ ବାଦ୍ ଦେଇ······

ଏଇ ଧରଣର ନାନା ଚିନ୍ତା ମୋ ମନ ଉପରଦେଇ ବହିଯିବାକୁ ଲାଗିଲା । ତାକୁ ବାଧା ଦେଲିନାହିଁ, କାରଣ ବସ୍ତୁ ନିରପେକ୍ଷ ଭାବନା ନେଇ ମୁଣ୍ଡ ଘୂରେଇବାପାଇଁ ମୋତେ ଭଲ ଲାଗେନାହିଁ—କେଉଁଠି ସେ ଚିନ୍ତାର ସ୍ରୋତ ଅଟକିପାରେ ?...ପ୍ରଥମ ଯୌବନରେ ମୁଁ କଳ୍ପନା-ପ୍ରବଣ ଥିଲି । ମୋର ଅଶାନ୍ତ ଉତ୍ସୁକ-ମନ ଯେଉଁ ସବୁ ପ୍ରତିମୂର୍ତ୍ତି ଆଙ୍କୁଥିଲା—କେବେ ବିଷଣ୍ଣ, କେବେ ଉଜ୍ଜ୍ୱଳ—ସେ ସବୁକୁ ଏପାଖ-ସେପାଖ କରିବାକୁ ଭଲପାଉଥିଲି । କିନ୍ତୁ ସେଗୁଡ଼ିକଠାରୁ ମୁଁ ପାଇଛି କ'ଣ ? କେବଳ କ୍ଲାନ୍ତି, ରାତିରେ ଭୂତ ସହିତ ଲଢ଼ାଇ କରିବା ପରେ କମ୍ପା ଅନୁଶୋଚନା-ରେ ଭରି ଅସ୍ପଷ୍ଟ ସ୍ମୃତି ଯେଉଁପରି ଅବସାଦ ଆଣେ, ଠିକ୍ ସେହିପରି । ଏଇ ଅନର୍ଥକ ସଂଗ୍ରାମରେ ହୃଦୟର ଉତ୍ତାପ ଏବଂ ମାନସିକ ଶକ୍ତିର ଏକାଗ୍ରତା ମୁଁ ହରାଇଛି - କର୍ମଠ ଜୀବନ ପାଇଁ ସେଗୁଡ଼ିକ ଅତ୍ୟାବଶ୍ୟକ । ଯେତେବେଳେ ଜୀବନ ଆରମ୍ଭ କଲି, ତା ପୂର୍ବରୁ କଳ୍ପନାର ସେ ଜୀବନ ଅତିକ୍ରମ କରିଛି । ସେଥିପାଇଁ ତା'ଉପରେ ମୋର କ୍ଲାନ୍ତି ଆଜି ବିତୃଷ୍ଣା ଆସିଯାଇଛି—ଅତି ପରିଚିତ ପୁସ୍ତକର ଜଘନ୍ୟ ଅନୁକରଣ ପରି ।

ସନ୍ଧ୍ୟାର ଘଟଣା ମୋ ମନରେ ଗଭୀର ରେଖାପାତ କରିଛି, ଉତ୍ତେଜିତ କରିଛି ମୋର ସ୍ନାୟୁ ଗୁଡ଼ିକୁ । ମୁଁ ନିଶ୍ଚିତ ଭାବରେ କହିପାରିବି-ନାହିଁ ବର୍ତ୍ତମାନ ମୁଁ ନିୟତିରେ ବିଶ୍ୱାସ କରେ କି ନାହିଁ ! ସେଇ ରାତିରେ କିନ୍ତୁ ନିୟତି ଉପରେ ମୋର ଦୃଢ଼ ବିଶ୍ୱାସ ହୋଇଥିଲା । ପ୍ରଥମଟି ବିସ୍ମୟ-କର ! ଯଦିଓ ଆମ ପୂର୍ବପୁରୁଷମାନଙ୍କର ଏବଂ ସେମାନଙ୍କର ସବ୍‌ଜାନ୍ତା ଜ୍ୟୋତିଷ ଶାସ୍ତ୍ରକୁ ବ୍ୟଙ୍ଗ କରିଥିଲି, ତଥାପି ଆବିଷ୍କାର କଲି, ସେମାନେ ଯେପରି ଭାବରେ ଚିନ୍ତା କରୁଥିଲେ ମୁଁ ମଧ୍ୟ ସେଇପରି ଭାବରେ ଚିନ୍ତା କରିବାକୁ ଲାଗିଛି ! କିନ୍ତୁ ଏଇ ବିପଜ୍ଜନକ ପଥରେ ଅଗ୍ରସର ହେବା ପୂର୍ବରୁ ସମୟ ମୁତାବକ ମୁଁ ନିଜକୁ ସମ୍ଭାଳି ନେଲି—କୌଣସି କିଛିକୁ ସୁନିଶ୍ଚିତ ଭାବରେ ଅସ୍ୱୀକାର କରିବି ନାହିଁ ବା ଅନ୍ଧଭାବରେ ମାନି ନେବି ନାହିଁ—ମନେ ମନେ ଏଇ ପ୍ରତିଜ୍ଞା କରି ତନ୍ତ୍ରବିଦ୍ୟା ପରିତ୍ୟାଗ କରି ହାଦଚଲର ରାସ୍ତାକୁ ଲକ୍ଷ୍ୟ କରିବାକୁ ଆରମ୍ଭ କଲି । ଏଇ ସାବଧାନତା ସମସ୍ତ ଉପଯୋଗୀ ହୋଇଥିଲା କାରଣ ଗୋଟାଏ ଧୂଁର ଏବଂ ନରମ କିନ୍ତୁ ସ୍ପଷ୍ଟତଃ ନିର୍ଜୀବ ଜିନିଷ ଉପରେ କଚଡ଼ା ଖାଇଲି । ମୁଁ ନଇଁପଡ଼ିଲି—ଜ୍ୟୋତ୍ସ୍ନାରେ ରାସ୍ତାଟା

Digitized by srujanika@gmail.com

ବର୍ତ୍ତମାନ ଦେଖାଯାଉଛି—ଦେଖିଲି, ତରବାରୀ ଦ୍ୱାରା ଦୁଇଖଣ୍ଡ କରାହୋଇ-ଥିବା ଗୋଟାଏ ପୁଷୁରୁ ମୋ ସାମ୍ନାରେ ପଡ଼ି ରହିଛି··· । ସେଇଟାକୁ ଭଲ-କରି ଲକ୍ଷ୍ୟ କରିବା ପରେ ଶୁଣିବାକୁ ମିଳିଲା ପଦଧ୍ୱନି : ପାଖ ଗଳିରୁ ଦୁଇଜଣ କସାକ୍ ଦୌଡ଼ି ଦୌଡ଼ି ଆସୁଛନ୍ତି । ସେମାନଙ୍କ ଭିତରୁ ଜଣେ ଆସି ମୋତେ ପଚାରିଲା, ମାତାଲ୍ ଗୋଟିଏ କସାକକୁ ତରବାରୀ ନେଇ ଏକ ଘୁଷୁରିକୁ ଗୋଡ଼ାଇବାରେ ମୁଁ ଦେଖିଛି କି ନାହିଁ । ମୁଁ ସେମାନଙ୍କୁ କହିଲି, ସେ କସାକ୍ ସହିତ ମୋର ଦେଖା ହୋଇନାହିଁ, କିନ୍ତୁ ତା'ର ବୀରତ୍ୱ-ପୌରୁଷର ଭାଗ୍ୟହୀନ-ବଳିଟାକୁ ଦେଖିଛି ।

ବିକ୍ଷିପ୍ତ କସାକ୍‌ଟି କହିଲା "କି ଭୟଙ୍କର ଖୁଣୀଲୋକ ! ଆକଣ୍ଠ ଚିଖିର୍* ପାନ କରିବା ପରେ ସେ ବାହାରି ପଡ଼େ ସବୁ କିଛିକୁ ଟୁକୁରା ଟୁକୁରା କରିବାକୁ । ଇଏରେମେଇଚ୍, ଚାଲ ତାକୁ ସନ୍ଧାନ କରିବା । ତାକୁ ବାନ୍ଧିରଖିବା ଦରକାର, ନହେଲେ···"

ସେମାନେ ଚାଲିଗଲେ । ପୂର୍ବାପେକ୍ଷା ଅଧିକ ସାବଧାନରେ ଚାଲିବାକୁ ଲାଗିଲି । ଶେଷରେ ନିରାପଦରେ ଘରେ ପହଞ୍ଚିଲି ।

ମୁଁ ଜଣେ ବୃଦ୍ଧ ସର୍ଜେଣ୍ଟଙ୍କ ଘରେ ରହୁଥିଲି । ତାଙ୍କୁ ପସନ୍ଦ କରୁଥିଲି ତାଙ୍କର ଭଦ୍ରସ୍ୱଭାବ ଏବଂ ବିଶେଷ କରି ତାଙ୍କର ସୁନ୍ଦରୀ ଝିଅ ନାସ୍ତିଆ ପାଇଁ ।

ଫାର୍‌କୋଟ୍ ଜଡ଼ାଇ ଫାଟକ ପାଖରେ ଝିଅଟି ମୋ ପାଇଁ ଯଥାରୀତି ଅପେକ୍ଷା କରୁଥିଲା । ରାତିର ଶୀତରେ ନୀଳ ହୋଇ ଯାଇଥିବା ତା'ର ସୁନ୍ଦର ଓଠ ଦୁଇଟି ଉପରେ ଚକ୍ ଚକ୍ କରୁଥିଲା ଜ୍ୟୋସ୍ନା । ମୋତେ ଦେଖି ସେ ହସିଲା । କିନ୍ତୁ ମୋ ମନରେ ସେତେବେଳେ ଅନ୍ୟ ଚିନ୍ତାର ଆନ୍ଦୋଳନ ।

"ଶୁଭରାତି ନାସ୍ତିଆ !" ତା ପାଖଦେଇ ଗିବାବେଳେ କହିଲି । ଉତ୍ତରରେ କ'ଣ ସେପରି କହିବାକୁ ଯାଇ ସେ ଦୀର୍ଘଶ୍ୱାସ ପକାଇଲା ।

* ଅପରିଷ୍କୃତ ମଦ୍ୟ ବିଶେଷ ।

କୋଠରୀ ଭିତରୁ କବାଟ ଦେଇ ଗୋଟାଏ ମହମବତି ଜଳାଇ ବିଛଣାରେ ଲେଟିପଡ଼ିଲି । ସାଧାରଣତଃ ଯେପରି ବିଲମ୍ବରେ ନିଦ ଆସେ, ଆଜି କିନ୍ତୁ ତା ଅପେକ୍ଷା ଆହୁରି ବିଳମ୍ବରେ ବି ନିଦ ଆସିଲା ନାହିଁ । ଯେତେବେଳେ ନିଦ ଆସିଲା, ସେତେବେଳେ ପୂର୍ବ ଘଟଣା ଫର୍ଦ୍ଦା ଦେବାକୁ ଆରମ୍ଭ କରିଛି । ସ୍ପଷ୍ଟ କିନ୍ତୁ ଭଗବାନଙ୍କ ଇଚ୍ଛା ନଥିଲା, ସେଇ ରାତିରେ ମୁଁ ଶୁଏଁ ବୋଲି । ଭୋର୍ ସ୍ୱଣଟା ବେଳେ ମୋ ଝରକାରେ ଦୁଇଟା ମୁଥ ବସିଲା । ଧାଇଁକରି ଉଠି ବସିଲି । ଘଟଣା କ'ଣ ?···ଅନେକ କଣ୍ଠସ୍ୱର କହି ଉଠିଲେ, "ଉଠିପଡ଼, ପୋଷାକପତ୍ର ପିନ୍ଧି ପକାଅ !" ଚଞ୍ଚଳ ପୋଷାକ ପିନ୍ଧି ବାହାରକୁ ଆସିଲି ।

"କ'ଣ ହୋଇଛି ଜାଣ ?" ଯେଉଁ ତିନିଜଣ ଅଫିସର ମୋତେ ଡାକିବାକୁ ଆସିଥିଲେ, ସମସ୍ୱରରେ ସେମାନେ କହିଲେ ମୂର୍ଚ୍ଛାରଙ୍କ ପରି ସେମାନେ ମ୍ଳାନ ହୋଇ ଯାଇଛନ୍ତି ।

"କଥା କ'ଣ ?"

"ଭୁଲଚ୍ ନିହତ ହୋ'ଇଛି ।"

ବିସ୍ମୟରେ ହତବାକ୍ ହୋଇଗଲି ।

ସେମାନେ କହିଚାଲିଲେ, "ହଁ, ନିହତ ହୋଇଛି । ଚାଲ, ଚଞ୍ଚଳ ଯିବା !"

"କୋଉଠି ?"

"ଚାଲ, ବାଟରେ କହିବି ।"

ଆମେ ଯିବାକୁ ଲାଗିଲୁ । ଯାହା ଘଟିଥିଲା ତାହା ସବୁ ସେମାନେ କହିଲେ । ତା ସହିତ ଯୋଗ କଲେ, ମୃତ୍ୟୁର ଅଧଘଣ୍ଟାଏ ଆଗରୁ ନିଶ୍ଚିତ-ମୃତ୍ୟୁରୁ କବ ରୁ ନିଯୁକ୍ତ ତାକୁ ଯେପରି ଭାବରେ ବଞ୍ଚାଇଥିଲା ସେ ସମ୍ବନ୍ଧରେ ନାନା ରକମର ମତାମତ ପ୍ରକାଶ କରି ।

ଅନ୍ଧକାର ରାସ୍ତାରେ ଭୁଲଚ୍ ଚାଲୁଥିଲା ଏକୁଟିଆ, ଏତିକିବେଳେ ସେଇ ମାତାଲ୍ କସାକ୍ ସେଇକ୍ଷଣି ଧୂର୍ତ୍ତଟାକୁ ଦୁଇ ଟୁକୁରା କରି ପେଲୁଥିଲା, ତା'ର ସହିତ ଧକ୍କା ହେଲା ଭୁଲଚ୍‌ର । ସେ ହୁଏତ ଭୁଲଚ୍‌କୁ ଲକ୍ଷ୍ୟ ନକରି ଚାଲିଯାଇଥାନ୍ତା—ଯଦି ଭୁଲଚ୍ ଅକସ୍ମାତ୍ ରହିଯାଇ ତାକୁ ପଚାରି ନଥାନ୍ତା : "କାହାକୁ ଖୋଜୁଛ ଭାଇ ?"

Digitized by srujanika@gmail.com

"ଇତେ" ଉତ୍ତରରେ ତୀରବାଣ ହାଣ ତାକୁ ଆଘାତ କରି କହିଲା କସାଇ । ଭୁଲଚନ୍ଦ୍ରର କାନ୍ଧପାଖରୁ ହୃତ୍‌ପିଣ୍ଡ ଚ୍ଛେଦ ହେଲା ବର୍ଷଣ···ଯେଉଁ ଦୁଇଜଣ କସାଇଙ୍କୁ ଆଗରୁ ଦେଖିଥିଲି, ଖୁଣୀ ବ୍ୟକ୍ତିକୁ ଯେଉଁମାନେ ଅନୁସରଣ କରୁଥିଲେ, ଘଟଣାସ୍ଥଳରେ ପହଞ୍ଚୁଛନ୍ତି ସେମାନେ, ଆହତକୁ ସେମାନେହିଁ ଉଠାଇ ନେଇଥିଲେ । ଯା ଭିତରେ କିନ୍ତୁ ଭୁଲଚନ୍ଦ୍ରର ଶ୍ୱାସ-ଯନ୍ତ୍ରଣା ଆରମ୍ଭ ହୋଇଥିଲା । ଏଇମାତ୍ର ତ ନାଟି କଥା ସେ କହିଥିଲା, "ତା କଥା ହିଁ ଠିକ୍ !"

ମୁଁ କେବଳ କଥାର ଅଶୁଭ-ଇଙ୍ଗିତଟି ବୁଝିପାରିଲି; ମୋତେ ଉଲ୍ଲେଖ କରିହିଁ ସେ ସେକଥା କହିଥିଲା । କିନ୍ତୁ ନଷ୍ଟବ ହତଯର ନିଃଶ୍ୱସିରେ କଥା କହିଥିଲି । ସହଜାତ-ଅନୁମାନ କ୍ଷମତା ଭୁଲ୍ କରିନାହିଁ । ବାସ୍ତବିକ ତା'ର ବିକୃତ ଅବୟବ ଉପରେ ଆସନ୍ନ-ମୃତ୍ୟୁର ଲକ୍ଷଣ ମୁଁ ଆବିଷ୍କାର କରିଥିଲି ।

ଗ୍ରାମର ଶେଷ ପ୍ରାନ୍ତରେ ଗୋଟିଏ କୁଟୀରରେ ହତ୍ୟାକାରୀ ନିଜକୁ ବନ୍ଦୀକରି ରଖିଥିଲା । ଆମେ ସେଠାକୁ ଗଲୁ । ବହୁତ ଝିଅ କାନ୍ଦି କାନ୍ଦି ସେ ଆଡ଼କୁ ଛୁଟୁଥିଲେ । ପ୍ରାୟ ଜଣେ-ଜଣେ କସାଇ ବିଳମ୍ବ ନକରି କୁଡ଼ିଆରୁ ବାହାରି କମରବନ୍ଧରେ ତରବାରି ଝୁଲାଇ ଆମ ପାଖଦେଇ ଚାଲିଯାଉଥିଲେ କ୍ଷିପ୍ର ଭାବରେ । ଚାରିଆଡ଼େ ଖୋଷଣ ହୋଇଗଲା ।

ଶେଷରେ ଘଟଣାସ୍ଥଳରେ ପହଞ୍ଚିଲୁ । ଦେଖିଲୁ କୁଟୀରର ଦ୍ୱାର-ପାଖରେ ଜମି ଉଠିଛି ଭିଡ଼ । ଭିତରୁ କବାଟ ବନ୍ଦ ହୋଇଛି । ଅଫିସର୍ ଆଉ କସାଇମାନେ ଉତ୍ତେଜିତ ହୋଇ ତର୍କକରି ଚାଲିଛନ୍ତି । ଝିଅମାନେ ଆର୍ତ୍ତନାଦ ଆଉ ବିଳାପ କରୁଛନ୍ତି । ସେମାନଙ୍କ ଭିତରେ ଗୋଟିଏ ବୁଢ଼ୀକୁ ଲକ୍ଷ୍ୟକଲି । ମୁହଁରେ ତା'ର ଦାରୁଣ ହତାଶାର ଛାପ । ଗୋଟାଏ ମୋଟା କାଠ ଉପରେ ସେ ବସିଥିଲା, ଜଙ୍ଘଣି ଦ'ଟା ଆଣ୍ଠୁ ଉପରେ, ହାତରେ ଧରିଥିଲା ମୁଣ୍ଡଟାକୁ । ମଝିରେ ମଝିରେ ଓଠ ଦୁଇଟା ତା'ର ହଲୁଛି···। ପ୍ରାର୍ଥନା କରୁଛି ନା ଅଭିଶାପ ଦେଉଛି ?

ଯା ଭିତରେ କିନ୍ତୁ ଏକ ସିଦ୍ଧାନ୍ତରେ ଉପନୀତ ହେବା ଯେ ଅପରାଧୀକୁ ଧରିବା ପ୍ରୟୋଜନ ହୋଇ ଉଠିଲା । ପ୍ରଥମେ କିନ୍ତୁ ଦିବାପାଇଁ କାହାର ସାହସ ହେଲା ନାହିଁ ।

Digitized by srujanika@gmail.com

ଝରକା ପାଖକୁ ଯାଇ ରେଲିଂ ଫାଙ୍କ ଦେଇ ମୁଁ ଭିତରକୁ ଅନାଇଲି । ଡାହାଣ ହାତରେ ଗୋଟାଏ ପିସ୍ତଲ୍ ଧରି ଲୋକଟା ଘର-ମଝିରେ ପଡ଼ିରହିଛି । ପାଖରେ ରକ୍ତାକ୍ତ ଗୋଟାଏ ତରବାରି । ମୁହଁଟା ତା'ର ମଳିନ, ଅର୍ଥବୋଧକ ଆଖି ଦୁଇଟା ଅସ୍ୱାଭାବିକ ଭାବରେ ଘୂରୁଛି । ମଝିରେ ମଝିରେ ଶିହରି ଉଠି ମୁଁଣ୍ଡଟାକୁ ସେ ଚାପି ଧରୁଛି, ଯେପରି ମନେ ପଡ଼ିଯାଉଛି ପୂର୍ବଜୀବନର ସ୍ମୃତି ! ତା'ର ଅଶାନ୍ତ ଦୃଷ୍ଟିରେ-ବିଶେଷ କୌଣସି ଦୃଢ଼ତା ନାହିଁ । ମେଜରଙ୍କୁ କହିଲି, କୁଟୀରର ଦରଜା ଭାଙ୍ଗି କସାକ୍-ମାନଙ୍କୁ ଭିତରେ ପ୍ରବେଶ କରିବାକୁ ଆଦେଶ ଦେବାରେ କୌଣସି ବାଧାନାହିଁ, କାରଣ—ଲୋକଟାର ଜ୍ଞାନ ସମ୍ପୂର୍ଣ୍ଣ ଫେରି ଆସିବା ଆଗରୁ—ବର୍ତ୍ତମାନ ପଶିପିବାଟା ଭଲ ।

ଠିକ୍ ସେତିକିବେଳେ କସାକ୍ ମାନଙ୍କର ଗୋଟିଏ ବୃଦ୍ଧ କ୍ୟାପ୍ଟେନ୍ ଦରଜା ପାଖକୁ ଯାଇ ଭିତର ଲୋକଟାର ନାଁ ଧରି ଡାକିଲା । ଶେଷୋକ୍ତ ବ୍ୟକ୍ତି ଉତ୍ତର ଦେଲା ।

କସାକ୍ ମାନଙ୍କ କ୍ୟାପ୍ଟେନ୍ କହିଲା, "ଭାଇ ଇଏଫିମୀଚ୍, ତୁମେ ପାପ କରିଛ ! ଆତ୍ମସମର୍ପଣ କର । ବର୍ତ୍ତମାନ ଆଉ କିଛି କରିବାର ନାହିଁ !"

କସାକ ଉତ୍ତର ଦେଲା, "କେବେ ନୁହେ ।"

"ଭଗବାନଙ୍କ କ୍ରୋଧ କଥା ମନେ ପକାଅ ! ତୁମେତ ନାସ୍ତିକ ଚେଚେନ୍ସ ନୁହ, ତୁମେ ସରଳ ଖ୍ରୀଷ୍ଟିଆନ୍ । ତୁମେ ବିପଥରେ ଯାଇଥିଲ, ବର୍ତ୍ତମାନ ଆଉ କିଛି କରିବାର ନାହିଁ । ତୁମେ ତୁମ ଭାଗ୍ୟକୁ ଫାଙ୍କି ଦେଇ ପାରିବ ନାହିଁ !"

ଏକ ଭୟଙ୍କର ସ୍ୱରରେ କସାକ୍ ଉତ୍ତରଦେଲା, "କେବେହେଲେ ଧରା ଦେବିନାହିଁ ।" ଗୁଳି ଚଳାଇବାକୁ ଉଦ୍ୟତ ହୋଇ ପିସ୍ତଲ୍‌ଟାକୁ ସେ ଠିକ୍ କରିନେଲା, ଆମେ ଶୁଣିଲୁ ।

ବୁଢ଼ୀକୁ ଉଦ୍ଦେଶ୍ୟ କରି କସାକ୍ ମାନଙ୍କ କ୍ୟାପ୍ଟେନ୍ କହିଲା, "ଶୁଣ ମାଁ ! ତୁମ ପୁଅଁ ସହିତ କଥା କୁହ, ହୁଏତ ସିଏ ତୁମକଥା ଶୁଣିବ···! ଏ ଧରଣର ବ୍ୟବହାର ଦେଖି ଭଗବାନ ଅସନ୍ତୁଷ୍ଟ ହୋଇ ପାରନ୍ତି !

Digitized by srujanika@gmail.com

ରୁହିଁ ଦେଖି, ଭଦ୍ରଲୋକମାନେ ଢ଼'ଘଣ୍ଟା ହେଲା ଅପେକ୍ଷା କରି ରହିଛନ୍ତି ।”

ତୀକ୍ଷ୍ଣ ଦୃଷ୍ଟିରେ ତା ଆଡ଼କୁ ଚାହିଁ ବୁଢ଼ୀ ମୁଣ୍ଡ ହଲାଇଲା ।

ମେଜର୍ ପାଖକୁ ଯାଇ କସାକ୍‌ମାନଙ୍କ କ୍ୟାପ୍‌ଟେନ୍ କହିଲା, “ଗମିଲ ମେଟ୍ରୋଭିଚ୍, ସିଏ ଧରା ଦେବନାହିଁ । ତାକୁ ମୁଁ ଜାଣେ । କବାଟ ଭାଙ୍ଗି ପଶିଲେ ଆମଭିତରୁ ଅନେକଙ୍କୁ ସେ ଖୁନ୍ କରିବ । ଗୁଳିକରି ତାକୁ ମାରିଦେବାର ଆଦେଶ ଯଦି ଆପଣ ଦିଅନ୍ତି, ତାହେଲେ କ'ଣ ଭଲ ହେବ ନାହିଁ ? ଝରକା ପାଖରେ ଗୋଟାଏ ବଡ଼ ଧରଣର ଫାଟ ଅଛି ।”

ସେହି ମୁହୂର୍ତ୍ତରେ ଏକ ଅଦ୍ଭୁତ କଳ୍ପନା ମୋ ମୁଣ୍ଡରେ ଢୁକିଲା । ଭୂଲଚ୍‌ପରନ୍ତିଁ ପରୀକ୍ଷା କରିବାକୁ ଚାହିଁଲି ନିୟତିକୁ ।

ମେଜର୍‌ଙ୍କୁ କହିଲି, “ରହନ୍ତୁ, ତାକୁ ମୁଁ ଜୀବନ୍ତ ଭାବରେ ଧରିବ ।”

ତାକୁ ବାକ୍ୟାଳାପରେ ପ୍ରସ୍ତୁତ ରଖିବାକୁ କସାକ୍‌ମାନଙ୍କ କ୍ୟାପ୍‌ଟେନ୍‌କୁ କହି ଏବଂ ସଙ୍କେତ ପାଇବା ପରେ କବାଟ ଭାଙ୍ଗି ମୋତେ ସାହାଯ୍ୟ କରିବାକୁ ଦୌଡ଼ି ଆସିବାର ନିର୍ଦ୍ଦେଶ ଜଣାଇ ତିନିଜଣ କସାକ୍‌ଙ୍କୁ ପ୍ରବେଶପଥ ପାଖରେ ଠିଆ କରାଇଲି । ତା'ପରେ କୁଡ଼ିଆ ପଛକୁ ଯାଇ ସେଇ ଭୟଙ୍କର ଝରକାଟା ଆଡ଼କୁ ଅଗ୍ରସର ହେଲି । ହୃଦୟ ଭିତରେ ମାରାତ୍ମକ ଆନ୍ଦୋଳନ ଆରମ୍ଭ ହେଲା ।

କସାକ୍‌ମାନଙ୍କ କ୍ୟାପ୍‌ଟେନ୍ ଚିତ୍କାର କରି ଉଠିଲା, “ଆରେ-ହତଭାଗା ! ଆମ ହାଙ୍କରେ ନବରଙ୍ଗ ଲଗାଇଛୁ ? ଭାବୁଛୁ ତତେ ଧରି ପାରିବୁ ନାହିଁ ?”

ଦେହର ସମସ୍ତ ଶକ୍ତି ପ୍ରୟୋଗ କରି କବାଟରେ ଧକ୍‌କା ମାରିବାକୁ ସେ ଆରମ୍ଭ କଲା, ଏ ଆଡ଼େ ମୁଁ ଫାଟ ଭିତରଦେଇ ହତ୍ୟାକାରୀ କସାକ୍‌ର କାର୍ଯ୍ୟକଳାପ ଲକ୍ଷ୍ୟକରି ଚାଲିଲି । ଏ ଦିଗରୁ ଆକ୍ରମଣର ଆଶଙ୍କା ସେ କରିନାହିଁ ।

ଅକସ୍ମାତ ରେଲିଂ ଭାଙ୍ଗି ପଶିଲି ଘରେ, ମୁଣ୍ଡଟା ରହିଲା ମାଟିକୁ । କାନ ପାଖଦେଇ ତା ପିସ୍ତଲ୍‌ରୁ ଛୁଟିଲା ଗୁଳି ଆଉ ସେ ଗୁଳି ମୋ କାନ୍ଧ ଉପରର ଗୋଟିଏ ସାମରିକ ଚିହ୍ନକୁ ଉଡ଼ାଇ ନେଇ ଚାଲିଗଲା । ପିସ୍ତଲର ଧୂଆଁରେ ଘରଟା ଭରି ଯାଇଥିଲା, ସେଥିପାଇଁ ଆମର ପ୍ରତିଦ୍ୱନ୍ଦ୍ୱୀ ତା

Digitized by srujanika@gmail.com

ତରବାରୀଟାକୁ ଖୋଜି ପାଇଲା ନାହିଁ । ତା’ ହାତ ଦ’ଟାକୁ ଭୁଟି ଧରିଲା । ଅନ୍ୟାନ୍ୟ କମାଣ୍ଡମାନେ କବାଟ ଭାଙ୍ଗି ପଶିଆସିଲେ । ତିନି ମିନିଟ୍ ଭିତରେ ଅପରାଧୀକୁ ହାତଗୋଡ଼ ବାନ୍ଧି ପ୍ରହରୀବେଷ୍ଟିତ ଅବସ୍ଥାରେ ନିଆହେଲା ।

ଭିଡ଼ ଭାଙ୍ଗିଗଲା, ଅଫିସର୍‌ମାନେ ମୋତେ ଅଭିନନ୍ଦନ ଜଣାଇଲେ—ବାସ୍ତବିକ ସେମାନଙ୍କର ମୋତେ ଅଭିନନ୍ଦନ ଜଣାଇବାର କାରଣ ଥିଲା ।

ଏହା ପରେ କେହି କି ଅଦୃଷ୍ଟବାଦୀ ନହୋଇ ରହିପାରିବ କପରି ? କିନ୍ତୁ ନିଶ୍ଚିତ ଭାବରେ କିଏ କହିପାରେ, କୌଣସିଥିରେ ସେ ବିଶ୍ୱାସ କରେ ଅଥବା କରେନାହିଁ ···? ଆମେ ତ ହମେଶା ଇନ୍ଦ୍ରିୟର ଭ୍ରାନ୍ତି ଅଥବା ବୁଦ୍ଧିବୃତ୍ତିର ଭ୍ରମକୁ ବିଶ୍ୱାସ ବୋଲି ମନେକରୁ ! ସବୁ କିଛିକୁ ସନ୍ଦେହ କରିବାପାଇଁ ଆମର ଇଚ୍ଛା ହୁଏ । ଏହି ମନୋଭାବ ଆମର ଚରିତ୍ରର ଦୃଢ଼ତାକୁ ପ୍ରତିରୋଧ କରେନାହିଁ । ମୋ କଥା କହିବାକୁ ଗଲେ କହିବି ଯେ, ଭାଗ୍ୟରେ କ’ଣ ଘଟିବ ଜାଣିନଥିବାରୁ ନିର୍ଭୀକତର ହୋଇ ମୁଁ ଆଗେଇ ଯାଏ । ଯା ହଉ, ମୃତ୍ୟୁ ଅପେକ୍ଷା ବେଶି ତ ଆଉ କିଛି ଘଟିପାରେନା—ଆଉ ମୃତ୍ୟୁକୁ ତ କେହି ଏଡ଼ାଇଦେଇ ଯାଇପାରିବ ନାହିଁ !

ଦୁର୍ଗକୁ ଫେରି ଯାହାକିଛି ଦେଖିଛି ଆଉ ଯାହାକିଛି ମୋତେ କେନ୍ଦ୍ରକରି ଘଟିଛି, ସେ ସବୁକଥା ମାକ୍‌ସିମ୍ ମାକ୍‌ସିମୀଚ୍‌ଙ୍କୁ କହିଲି ଆଉ ଜାଣିବାକୁ ଚାହିଁଲି ନିୟତି ସମ୍ପର୍କରେ ତାଙ୍କର ମତାମତ । ପ୍ରଥମେ କଥାଟାର ଅର୍ଥ ସେ ବୁଝିପାରିଲେ ନାହିଁ । ଯଥାସାଧ୍ୟ କଥାଟାର ଅର୍ଥ ତାଙ୍କୁ ବୁଝାଇବାକୁ ଚେଷ୍ଟାକଲି । ସେଥିରେ ମୁଣ୍ଡ ହଲେଇ ଅର୍ଥପୂର୍ଣ୍ଣ ଭାବରେ ସେ କହିଲେ :

“ଶୁଣନ୍ତୁ ପେଟ୍ରୋରିନ୍ ! ବାସ୍ତବିକ, ଘଟଣାଟା ଅଦ୍ଭୁତ । ଭଲକଥା—ଏଇ ସବୁ ଏସିଆ ଦେଶର ପିସ୍ତଲ୍‌ଗୁଡ଼ିକୁ ଭଲକରି ତେଲଦେଇ ପରିଷ୍କାର ନକଲେ କିମ୍ବା ଆଙ୍ଗୁଠି ହାରି ଜୋର୍‌ରେ ଭୁଟି ଘୋଡ଼ା ନ ଟିପିଲେ ଗୁଳି ପ୍ରାୟ ଛୁଟେନାହିଁ ! ସ୍ୱୀକାର କରିବାକୁହିଁ ହେବ, ଚେର୍‌କେଶୀୟ ବନ୍ଧୁକ ଗୁଡ଼ିକ ମଧ୍ୟ ମୋତେ ଭଲ ଲାଗେନାହିଁ । ଆମପରି ଲୋକମାନଙ୍କ ପକ୍ଷରେ ସେ ଗୁଡ଼ାକ ଅସୁବିଧାଜନକ । ହେଣ୍ଡେଲ୍ ଗୁଡ଼ିକ ଏତେ ଛୋଟ ଯେ, ଖିଆଲ୍

Digitized by srujanika@gmail.com

ନରଖିଲେ ଆପଣଙ୍କ ନାକଟାବି ଝଲସି ଯାଇପାରେ···! ସେମାନଙ୍କ ଚିରବାସ୍ତ ଗୁଡ଼ିକର କଥା ଅବଶ୍ୟ ସ୍ୱତନ୍ତ୍ର—ଶ୍ରଦ୍ଧାରେ ସେମାନଙ୍କ ଉଦ୍ଦେଶ୍ୟରେ ମୁଁ ମୁଣ୍ଡ ନୁଆଁଏ ।”

ତା ପରେ ଅଳ୍ପ ଚିନ୍ତା କରି ସେ କହିଲେ :

“ବିଚରାଟି ପାଇଁ ପ୍ରକୃତରେ ଦୁଃଖିତ ମୁଁ··· । ଶେଷରେ କାହିଁକି ସିଏ ଗୋଟାଏ ମାତାଲ୍‌ ସହିତ କଥା କହିବାକୁ ଯାଇଥିଲା ?···ଅବଶ୍ୟ, ସେହିଟାହିଁ ହୁଏତ ଥିଲା ତା’ର ଭବିତବ୍ୟ !······

ତାଙ୍କ ପାଖରୁ ଆଜି କୌଣସି କଥା ବାହାର କରି ପାରିଲ ନାହିଁ । ସାଧାରଣତଃ ତତ୍ତ୍ୱବଦ୍ଧାଁର ଆଳାପ-ଆଲୋଚନା ସେ ପସନ୍ଦ କରନ୍ତି ନାହିଁ ।

ରଚନା : ୧୮୬୮—୧୮୬୯

ପୂର୍ଣାଙ୍ଗ ଓଡ଼ିଆ ଅନୁବାଦ : ୧୯୭୪

ଟି ପ୍ ପ ଣୀ

୧୮୪୦ ସାଲର ମଝାମଝିରେ ପିଟର୍ସ୍‌ବୁର୍ଗର ବହିଦୋକାନ ମାନଙ୍କରେ "ନାୟକ ଆମ ସମୟର" ନାମରେ ଆତ୍ମପ୍ରକାଶ କଲା ଖଣ୍ଡେ ବହି । ତା'ର ଲେଖକ ଥିଲେ ମିଖାଇଲ ଲେର୍ମଣ୍ଟଭ୍ ନାମରେ ଜଣେ ପଚିଶବର୍ଷ ବୟସର କବି, ଯାହାଙ୍କର ଅଦ୍ଭୁତ କବିତା ଗୁଡ଼ିକ ଏଥି ଭିତରେ ସୁ-ଖ୍ୟାତି ଅର୍ଜନ କରି ପ୍ରସିଦ୍ଧ କରିଥିଲା ତାଙ୍କୁ ।

ନୂଆ ବହିଟି ବିକ୍ରି ହେଉଥିଲା ଅସାଧାରଣ କ୍ଷିପ୍ରତାର ସହିତ । ସମସ୍ତେ ହିଁ ଚରିତ୍ରଟି ଉପରେ କୌତୂହଳୀ ଥିଲେ, ଲେଖକଙ୍କ ମତରେ ଯେଉଁ ଚରିତ୍ରଟି ତତ୍‌କାଳୀନ ସମୟର ନାୟକ ଅର୍ଥାତ୍ ଯାହାକୁ ନାୟକର ଆଦର୍ଶ ବୋଲି ଅନୁକରଣ କରାହୁଏ···। ଉପନ୍ୟାସର ନାମଟା ହିଁ ଦାରୁଣ କୌତୂହଳ ସୃଷ୍ଟି କରିଥିଲା ।

ଉପନ୍ୟାସଟିର ବିନ୍ୟାସ ଥିଲା ଅଦ୍ଭୁତ ଧରଣର : ସେଇଟି ଥିଲା ପାଞ୍ଚଟି ଗଳ୍ପର ସମଷ୍ଟି । ସେଥିଭିତରୁ ତିନୋଟି ଏଥିପୂର୍ବରୁ "ଅଟେଚେସ୍ତ୍‌ଭେନ୍ନିଏ ଆପିସ୍କି" ନାମକ ପ୍ରଗତିଶୀଳ ପତ୍ରିକାରେ ପ୍ରକାଶିତ ହୋଇଥିଲା । କିନ୍ତୁ ସେଗୁଡ଼ିକ ପୃଥକ୍ କରି ପଢ଼ିବାବେଳେ କେହି ଅନୁମାନ କରି ପାରିନାହାନ୍ତି ଯେ, ସେଗୁଡ଼ିକ ଥିଲା ଗୋଟିଏ ସମଗ୍ର ଉପନ୍ୟାସର ଅଂଶ । ସବୁ ଗଳ୍ପ-ଗୁଡ଼ିକରେ ହିଁ ଥିଲା ଗୋଟିଏ ପ୍ରଧାନ ଚରିତ୍ର : 'ପେଚୋରିନ୍' ନାମରେ ଜଣେ ଅଫିସର, ଯିଏକି କକେଶସ୍‌ର ସୈନ୍ୟବାହିନୀକୁ ହୋଇଥିଲା ନିର୍ବାସିତ ।

"ବେଲା", "ମାକ୍‌ସିମ୍ ମାକ୍‌ସିମୀଚ୍", "ତାମାନ", "ରାଜକୁମାରୀ ମେରି", "ଅଦୃଷ୍ଟବାଦୀ" ନାମରେ ଉପନ୍ୟାସଟିର ପରିଚ୍ଛେଦ ଗୁଡ଼ିକ ଧାରା-ବାହିକ ଭାବରେ ସଜ୍ଜିତ ନୁହେଁ । ଦ୍ୱିତୀୟ ଖଣ୍ଡରେ ଲେରମଣ୍ଟଭ ଯେଉଁ ଘଟଣାବଳୀ ବିବୃତ କରିଛନ୍ତି ସେଗୁଡ଼ିକ ପ୍ରଥମ ଖଣ୍ଡର ପୂର୍ବରୁ ଘଟିଛି । ଧାରାବାହିକ ଭାବରେ ସଜାଇଲେ ସେମାନେ ନିମ୍ନୋକ୍ତ ରୂପ ଦେବେ :

Digitized by srujanika@gmail.com

॥୧॥ ତା'ର ଗନ୍ତବ୍ୟ ସ୍ଥାନ କକେଶସ୍‌କୁ ଯିବା ପଥରେ ପେଚୋରିନ୍ ଅଟକେ ତାମାନରେ ('ତାମାନ') ।

॥୨॥ ଏକ ସାମରିକ ଅଭିଯାନରେ ଅଂଶଗ୍ରହଣ କରିବା ପରେ ଗୋଟିଏ ସ୍ୱାସ୍ଥ୍ୟକର ସ୍ଥାନକୁ ଯାଏ ପେଚୋରିନ୍; ପିଆଟିଗୋର୍ସ୍କ ଓ କିସ୍‌ଲୋଭୋଦ୍‌ସ୍କରେ ରୁହେ ଏବଂ ଦ୍ୱନ୍ଦ୍ୱଯୁଦ୍ଧରେ ଗ୍ରୁସ୍‌ନିତ୍‌ସ୍କିକୁ ହତ୍ୟାକରେ ('ରାଜକୁମାରୀ ମେରି') ।

॥୩॥ ଉକ୍ତ ଦ୍ୱନ୍ଦ୍ୱଯୁଦ୍ଧର ଦଣ୍ଡ ହିସାବରେ ପେଚୋରିନ୍‌କୁ ବଦଳି କରାହୁଏ 'କକେଶସ୍ ସୀମାନ୍ତ' ବାହିନୀର ବାମପାର୍ଶ୍ୱର ଗୋଟିଏ ଦୁର୍ଗକୁ, ଯେଉଁ ଦୁର୍ଗଟି ଥିଲା ମାକ୍‌ସିମ୍ ମାକ୍‌ସିମୀଚଙ୍କ ପ୍ରଭୁତ୍ୱରେ ('ବେଲା') ।

॥୪॥ ଦୁର୍ଗରୁ ପନ୍ଦରଦିନ ପାଇଁ ଗୋଟିଏ କସାକ୍ ଗ୍ରାମକୁ ଯାଏ ପେଚୋରିନ୍ ଏବଂ ଭୁଲିଚ୍ ସହିତ ବାଜି ପକାଏ ('ଅଦୃଷ୍ଟବାଦୀ') ।

॥୫॥ ବର୍ଷକ ପରେ ପାରସ୍ୟଯାତ୍ରା ପଥରେ ଭ୍ଲାଦିକାଭ୍‌କାଜ୍‌ରେ ଏଥିଭିତରେ ଅବସରପ୍ରାପ୍ତ ପେଚୋରିନ୍ ସହିତ ସାକ୍ଷାତ ହୁଏ ମାକ୍‌ସିମ୍ ମାକ୍‌ସିମୀଚଙ୍କର ('ମାକ୍‌ସିମ୍ ମାକ୍‌ସିମୀଚ୍') ।

॥୬॥ ପାରସ୍ୟରୁ ଫେରିବା ପଥରେ ପେଚୋରିନ୍‌ର ମୃତ୍ୟୁହୁଏ ('ପେଚୋରିନ୍-ଡାଇରି'ର ଭୂମିକା) ।

ଗଳ୍ପଗୁଡ଼ିକର ଧାରାବାହିକତା ତ୍ୟାଗକରି ଲେର୍‌ମଣ୍ଟଭ ପେଚୋରିନ୍‌କୁ ପ୍ରଥମେ ଉପସ୍ଥିତ କରନ୍ତି ଗୋଟିଏ ଭିନ୍ନ ସାମାଜିକ-ସ୍ତରର ମଣିଷ ହିସାବରେ—ଏକ ବୟସ୍କ କ୍ୟାପ୍‌ଟେନ୍ ତାକୁ ଯେପରି ଦେଖିଥିଲେ; ପର ଗଳ୍ପରେ ଭ୍ରମଣ-କାହାଣୀର ଲେଖକ ସ୍ୱୟଂ ପେଚୋରିନ୍ ସହିତ ତାଙ୍କ ସାକ୍ଷାତର ବର୍ଣ୍ଣନା କରନ୍ତି । ତା'ପରେ ପାଠକ ମାନଙ୍କୁ କୁହାହୁଏ ପେଚୋରିନ୍‌ର ମୃତ୍ୟୁ କାହାଣୀ ଏବଂ ସେମାନେ ଜାଣିପାରନ୍ତି ତା ଡାଇରିର ବିଷୟବସ୍ତୁ । ଏହିଭାବରେ ନାୟକର ବହୁମୁଖୀ ଏବଂ ପରସ୍ପର-ବିରୋଧୀ ଚରିତ୍ର ପ୍ରକାଶିତ ହୁଏ ।

ପେଚୋରିନ୍ ବୁଦ୍ଧିମାନ୍, ଉଚ୍ଚଶିକ୍ଷିତ ପର୍ଯ୍ୟବେକ୍ଷଣଶୀଳ ମଣିଷ । ସେ ତରୁଣ, ସୁଦର୍ଶନ ଏବଂ ଧନୀ କିନ୍ତୁ ଜୀବନଯାତ୍ରା ତା'ର ଉଦ୍ଦେଶ୍ୟହୀନ, ପୃଥିବୀର ସବୁକିଛି ସମ୍ବନ୍ଧରେହିଁ ସେ ଉଦାସୀନ । ପ୍ରେମ କିମ୍ବା ବନ୍ଧୁତ୍ୱ—କିଛି ବି ତାକୁ ଆନନ୍ଦ ଦିଏନାହିଁ । ତା' ଜୀବନର ସର୍ବାପେକ୍ଷା ଭଲ ଦିନ ଗୁଡ଼ିକ ସେ ଅତିବାହିତ କରିଛି ନିଷ୍କ୍ରିୟତାରେ । ତା'ର ଅନ୍ତର୍ନିହିତ ବିରାଟ କ୍ଷମତା ଗୁଡ଼ିକର ମୃତ୍ୟୁଘଟିଛି କାମରେ ନ ଲାଗି । ତା'ର ମହତ୍‌କାର୍ଯ୍ୟର ସ୍ୱପ୍ନଗୁଡ଼ିକ ନିଷ୍ଫଳ । ସେ ନିଃସଙ୍ଗ ଏବଂ ଅସୁଖୀ । ଭାଗ୍ୟବଶତଃ ଯେଉଁ ସବୁ

ମଣିଷମାନଙ୍କ ସହିତ ତା'ର ପରିଚୟ ହୋଇଛି ସେମାନଙ୍କ ଜୀବନରେ ସେ ସୃଷ୍ଟି କରିଛି ଦୁଃଖ-କଷ୍ଟ ବା ଆଣି ଦେଇଛି ସର୍ବନାଶ ।

କେଉଁ ବେଗ ଏପରି ଅସମୟରେ ପେଟ୍ରୈଶେନ୍‌ର ବାର୍ଦ୍ଧକ୍ୟ ଆଣିଥିଲା ? କାହିଁକି ସିଏ ସେସବୁ ମହତ୍‌କାର୍ଯ୍ୟର ସ୍ୱପ୍ନ ଦେଖେ ଯାହାକୁ ସେ ସମ୍ପନ୍ନ କରିପାରେ ନାହିଁ ? କାହିଁକି ତା'ର ବିରାଟ କ୍ଷମତା ଗୁଡ଼ିକର ମୃତ୍ୟୁଘଟେ କାମରେ ନ ଲଗି ? କାହିଁକି ସିଏ ଚେଷ୍ଟା ନକରି ଆଳସ୍ୟ ଭିତରେ ତା'ର ଜୀବନକୁ ତିଳ ତିଳ କରି କ୍ଷୟ କରିଥିଲା ଏବଂ କାହିଁକି ତା'ର ଜୀବନ କଟିଥିଲା ବିନା ସଂଗ୍ରାମରେ ?

କାରଣ ହେଲା ଏହି : ତତ୍‌କାଳୀନ ପ୍ରଥମ ନିକୋଲାଇଙ୍କ ରାଜତ୍ୱରେ ତୀବ୍ର ପ୍ରତିକ୍ରିୟାଶୀଳ ସମୟ ଭିତରେ ସେ କୌଣସି ଉଦ୍ଦେଶ୍ୟ କିମ୍ବା ସେଇ ସଂଗ୍ରାମର କୌଣସି ସମ୍ଭାବନାକୁ ଦେଖିବାକୁ ପାଇନାହିଁ । ବିଖ୍ୟାତ ରୁଷ୍ ବୈପ୍ଳବିକ ଅଲେକ୍‌ଜାଣ୍ଡାର୍ ଗେର୍‌ତ୍‌ସେନ୍‌ଙ୍କ ଚବୋପମ-ଉକ୍ତି ଅନୁସାରେ ତା'ର ସାବାଲକତ୍ୱ ପ୍ରାପ୍ତି ସେଇ ଗୋଟିଏ ଘଣ୍ଟାଧ୍ୱନି ଘୋଷିତ କରିଥିଲା, ଯେଉଁ ଘଣ୍ଟାଧ୍ୱନି ରୁଷିଆରେ ଘୋଷଣା କରିଥିଲା ଡିସେମ୍ବ୍ରିଷ୍ଟ ଦଳର ପିଷ୍ଟେଲ୍ ଏବଂ ତାଙ୍କ ବନ୍ଧୁମାନଙ୍କ ଫାଶୀ ଓ ପ୍ରଥମ ନିକୋଲାଇଙ୍କ ରାଜ୍ୟାଭିଷେକର କାହାଣୀ । ୧୮୨୫ ସାଲର ଡିସେମ୍ବର ମାସରେ ଗୋଟିଏ ଦିନରେ ପିଟର୍ସ-ବୁର୍ଗ୍‌ର ସେନାତ୍‌ସ୍କାୟା ସ୍କୋୟାର୍‌ରେ ଦମନ କରିହୁଏ ଏକ ସାମରିକ-ବିଦ୍ରୋହକୁ । ସମ୍ଭ୍ରାନ୍ତ ସଂପ୍ରଦାୟର ବିପ୍ଳବୀ କେତେଜଣ ସତ୍-ରୁଷ୍ ସ୍ୱଦେଶ ପ୍ରେମିକଙ୍କ ଦ୍ୱାରା ଏଇ ବିଦ୍ରୋହ ପରିଚାଳିତ ହୋଇଥିଲା । ସେଇଦିନ ସ୍ୱାଧୀନତାକାମୀ ତତ୍‌କାଳୀନ ଯୁଗର ଯୁବକମାନଙ୍କ ଆଶାକୁ ଧୂଳିସାତ କରାହୋଇଥିଲା, ଯେଉଁମାନେ ଥିଲେ ପେଟ୍ରୈଶେନ୍‌ର ବୟସୀ ଉକ୍ତ ଷଡ଼ଯନ୍ତ୍ରରେ ଯୋଗଦେବା ପକ୍ଷରେ ସେମାନଙ୍କ ବୟସ ଥିଲା ନିତାନ୍ତ କମ୍ । ପରବର୍ତ୍ତୀ ଦଶବର୍ଷରେ ସେମାନଙ୍କ 'ବୟସ ବଢ଼ି ପାରିନାହିଁ, କିନ୍ତୁ ସେମାନଙ୍କ ଜୀବନୀ-ଶକ୍ତି ହୋଇଥିଲା ଲୁପ୍ତ; ଉଦାସୀନ, କାପୁରୁଷ, ଦାସତ୍ୱାପନ୍ନ ସମାଜ ଭିତରେ ସେମାନେ ଭଗ୍ନୋତ୍ସାହ ହୋଇ ପଡ଼ିଥିଲେ', ଲେଖିଥିଲେ ଗେର୍‌ତ୍‌ସେନ୍ ।

ଏକଦା ଲକ୍ଷ ଲକ୍ଷ ମଣିଷର ଲକ୍ଷାଧିକର ଦାସତ୍ୱର ଚିନ୍ତାରେ ଦୁଃଖ ପାଏ ପେଟ୍ରୈଶେନ୍ । କିନ୍ତୁ ସମୟର ସଙ୍ଗେସଙ୍ଗେ ସିଏ ହୃଦୟର ନିଭୃତରେ ତା'ର ସର୍ବୋତ୍‌କୃଷ୍ଟ ଆବେଗ ଗୁଡ଼ିକୁ ଦେଇଥିଲା କବର ଏବଂ ଅନ୍ୟମାନଙ୍କ ଦୁଃଖ-କଷ୍ଟରେ ଅବିଚଳ ରହିବାକୁ ଶିଖିଥିଲା । କ୍ରମେ କୌଣସି କିଛିକୁ ପରିବର୍ତ୍ତନ କରିବାକୁ ନିଜ କ୍ଷମତା ପାଇଁ ସେ ହତାଶ ହୋଇଥିଲା,

Digitized by srujanika@gmail.com

ତା'ପରେ ଧୀରେ ଧୀରେ ନିଜକୁ ସେ ଶିଖାଇଥିଲା କୌଣସି ଜିନିଷ ଉପରେ ଆସ୍ଥା ନ ରଖିବାକୁ, କିଛି ମଧ୍ୟ ଆଶା ନ କରିବାକୁ । ଏହିପରି ଭାବରେ ତା ନିଜ କଥାରେ, ସେ ହୋଇ ଉଠିଥିଲା ଆଧ୍ୟାତ୍ମିକ ପଙ୍ଗୁ ବ୍ୟକ୍ତି । ଏବଂ ଏହି ଆଧ୍ୟାତ୍ମିକ ପଙ୍ଗୁ ବ୍ୟକ୍ତିକୁ ଲେର୍‌ମେଣ୍ଟଭ ବିବେଚନା କରିଥିଲେ ତାଙ୍କ ସମୟର ନାୟକ ବୋଲି ।

"କିନ୍ତୁ ବାସ୍ତବିକ କିଏ ସେ ନାୟକ ?" ବିସ୍ମିତ ହୋଇଥିଲେ ପାଠକମାନେ । "ଏଇଟା ହେଲା ଉକ୍ତ-ବିଦ୍ରୂପ !"

ଉପନ୍ୟାସର ମୁଖବନ୍ଧରେ ଲେର୍‌ମେଣ୍ଟଭ ଉତ୍ତର ଦେଇଛନ୍ତି : " 'ନାୟକ ଆମ ସମୟର' ଗୋଟିଏ ଚିତ୍ର, କିନ୍ତୁ ଗୋଟିଏ ମଣିଷର ନୁହେଁ; ଆମମାନଙ୍କ ଯୁଗର ପାପର ପୂର୍ଣ୍ଣ ପ୍ରକାଶକୁ ନେଇ ସୃଷ୍ଟି ହୋଇଛି ଏ ଚିତ୍ର ।"

ତାହାହିଁ ବୁଝିଲେ ପାଠକମାନେ : ପେଚୋରିନ୍ ହେଲା ସେଇ ଯୁଗର ନାୟକ, ନିକୋଲାଇଙ୍କ ରାଜତ୍ୱ କାଳରେ ଯିଏ ସାବାଳକତ୍ୱ ପ୍ରାପ୍ତ ହୋଇଥିଲା, ତା'ର ପ୍ରକୃତି ପାଇଁ ତା ଉପରେ ଦୋଷାରୋପ କରାଯାଏନା । ମନ୍ଦଟା ତା ନିଜ ଭିତରେ କିମ୍ବା ତା' ପ୍ରକୃତି ଭିତରେ ନଥିଲା; ଥିଲା ଜାର୍ ଅମଳର ଏକନାୟକତ୍ୱ ଭିତରେ, ଭୂମିଦାସତ୍ୱ ପ୍ରଥା ପାଇଁ ଯେଉଁ ଅବସ୍ଥାର ଉଦ୍‌ଭବ ହୋଇଥିଲା ତା'ରି ଭିତରେ । ଉକ୍ତ ଯୁଗର ପ୍ରପଞ୍ଚ ହିସାବରେ ପେଚୋରିନ୍‌ର "ଆତ୍ମକାହାଣୀ"କୁ ଉପସ୍ଥିତ କରାଇଥିଲେ ଲେର୍‌ମେଣ୍ଟଭ । "ନାୟକ ଆମ ସମୟର" ହେଲା ଏକାଧାରରେ ମନସ୍ତତ୍ତ୍ୱମୂଳକ ସାମାଜିକ ଉପନ୍ୟାସ ।

ଲେର୍‌ମେଣ୍ଟଭଙ୍କ ଉପରେ ପୁଣି ଯେତେବେଳେ କୁ-ନଜର ପଡ଼ିଥିଲା, ଠିକ୍ ସେହି ସମୟରେହିଁ "ନାୟକ ଆମ ସମୟର" ପ୍ରକାଶିତ ହୁଏ । ଦ୍ୱିତୀୟଥର ତାଙ୍କୁ ନିର୍ବାସିତ କରାହୁଏ କକେଶସ୍‌କୁ, ଯେତେବେଳେ ସେଠାରେ ଏକ ବନ୍ଧୁର ଓ ନରଘାତୀ କ୍ଲାନ୍ତିକର ଯୁଦ୍ଧ ଚାଲିଥିଲା (ପ୍ରଥମେ ୧୮୩୭ ସାଲରେ ସେ ନିର୍ବାସିତ ହୋଇଥିଲେ "କବିଙ୍କ ମୃତ୍ୟୁରେ" ନାମକ ପୁଷ୍କିନ୍‌ଙ୍କୁ ଉତ୍ସର୍ଗୀକୃତ କବିତା ପାଇଁ) । ଲେର୍‌ମେଣ୍ଟଭଙ୍କ ସ୍ୱାଧୀନ ଆଚରଣ, ଅଭିଜାତ ସଂପ୍ରଦାୟ ପ୍ରତି ତାଙ୍କର ଘୃଣାପୂର୍ଣ୍ଣ ମନୋଭାବ ଏବଂ ତାଙ୍କ ରଚନାର ମୂଳ ତାତ୍ପର୍ଯ୍ୟ ପାଇଁ—ଯେଉଁ ରଚନା ତତ୍କାଳୀନ ସମାଜର ନାନା ପାପକୁ ନିର୍ଭୀକ ଏବଂ ଗଭୀର କ୍ରୋଧର ସହିତ ନିନ୍ଦା କରିଥିଲା, ଯେଉଁ ରଚନାରେ ଥିଲା ସ୍ୱାଧୀନତା ଓ ସଂଗ୍ରାମର ଉତ୍ସାହ, ୧ମ ନିକୋଲାଇ ଏବଂ ତାଙ୍କ ସଭାସଦମାନଙ୍କ ମନରେ ଉଦ୍ରେକ ହୋଇଥିଲା ଘୃଣାର । ୧୮୪୦ ସାଲର ପ୍ରାରମ୍ଭରେ ଲେର୍‌ମେଣ୍ଟଭଙ୍କ ଶତ୍ରୁମାନେ ତାଙ୍କୁ ଏକ ଡୁଏଲ୍ ଭିତରେ ଜଡ଼ାଇ

Digitized by srujanika@gmail.com

କରି ପକାଇଥିଲେ । ସେହି କାରଣରୁ ତାଙ୍କୁ ହାଜର କରାହୁଏ ଅଦାଲତରେ । ନିର୍ବାସନରୁ ଫେରିଆସି ନାହାନ୍ତି ଲେର୍‌ମଣ୍ଟଭ : ୧୮୪୧ ସାଲର ଜୁଲାଇ ୨୭ ତାରିଖରେ ପ୍ରାୟ ୨୭ ବର୍ଷ ବୟସରେ ସେ ନିହତ ହୁଅନ୍ତି ଗୋଟିଏ ଡୁଏଲ୍‌ରେ ।

ଲେରମଣ୍ଟଭ ଏବଂ ତାଙ୍କ ଉପନ୍ୟାସକୁ ଅପବାଦ ଦେବାର ଚେଷ୍ଟାର ପ୍ରତ୍ୟୁତ୍ତରରେ ବିଖ୍ୟାତ ଗଣତନ୍ତ୍ରୀ ସମାଲୋଚକ ଭିସାରିଅନ୍ ବେଲିନ୍‌ସ୍କି ପେଚୋରିନ୍ ସମ୍ବନ୍ଧରେ ଲେଖିଥିଲେ : "କୌଣସି କୌଣସି କଡ଼ା ନୀତିବାଗୀଶ ହୁଏତ ସମବେତ କଣ୍ଠରେ ଚିତ୍କାର କରି ଉଠୁଛନ୍ତି, 'ନୀତିହୀନ, ସ୍ୱାର୍ଥପର, ଦୁରାତ୍ମା, ଏକ ଦାନବ ବିଶେଷ !....', ହଁ, ଆପଣମାନେ ପୁରାପୁରି ଖାଣ୍ଟି-କଥାହିଁ କହୁଛନ୍ତି ! କିନ୍ତୁ ଏହିକାରଣରୁ କ'ଣ ଆପଣମାନେ ଏ ଧରଣର ହର ଉତ୍ତୋଳନ କରୁଛନ୍ତି ? ଏହି କାରଣରୁ କ'ଣ ବାସ୍ତବିକ ଆପଣମାନେ କ୍ରୁଦ୍ଧ ହୋଇଛନ୍ତି ? ତା'ର ପାପ-ପାଇଁ ତାକୁ ଆପଣମାନେ ଅଭିଶାପ ଦେଉନାହାନ୍ତି—କାରଣ ତା ଅପେକ୍ଷା ବି ଆପଣମାନେ ନିଜେ ବେଶି ପାପୀ ଆଉ ଆପଣମାନଙ୍କର ଧାଧ ହେଲା ଆହୁରି ବେଶି ମାରାତ୍ମକ ଏବଂ ଆହୁରି ବେଶି ଜଘନ୍ୟ—ଅଭିଶାପ ଦେଉଛନ୍ତି ଯେ ଦୁଃସାହସୀ ସ୍ୱାତନ୍ତ୍ର୍ୟ ଓ ଉକ୍ତି ସ୍ପଷ୍ଟବାଦୀତାର ସହିତ ସିଏ ସେମାନଙ୍କ ସମ୍ବନ୍ଧରେ କହୁଛି ବୋଲି...."

ରୁଷ୍ ବୈପ୍ଲବିକ ଗଣତନ୍ତ୍ରୀ-ସମାଲୋଚକ ସାମାଜିକ ଉପନ୍ୟାସଟିକୁ ମନେକରିଥିଲେ ସ୍ୱାଧୀନ ଚିନ୍ତାର ଏକ ଅସାଧାରଣ ଅଭିବ୍ୟକ୍ତି ବୋଲି ଏବଂ ପେଚୋରିନ୍‌ର ଚରିତ୍ରକୁ ମନେ କରିଥିଲେ ସୁଦୂରବ୍ୟାପୀ ସାମାଜିକ-ପ୍ରପଞ୍ଚର ଏକ ପ୍ରତିଚ୍ଛବି; ସମଗ୍ର ଯୁଗର ଆଧ୍ୟାତ୍ମିକ-ଅସୁସ୍ଥତାର ପ୍ରତିମୂର୍ତ୍ତି ବୋଲି ।

ପେଚୋରିନ୍ ଥିଲା ଏକ ମଧ୍ୟବର୍ତ୍ତୀ ଯୁଗର ନାୟକ; ଡିସେମ୍ବ୍ରିଷ୍ଟ ମାନଙ୍କ ବିଦ୍ରୋହ ପରେ ସେ ପ୍ରାପ୍ତ ହୁଏ ସାବାଳକତ୍ୱ ଏବଂ ପରବର୍ତ୍ତୀ ବିପ୍ଳବୀ-ଯୁଗ ପରେହିଁ ତା'ର ମୃତ୍ୟୁହୁଏ—ଯେତେବେଳେ ରୁଷିଆର ସାମାଜିକ-ଜୀବନରେ ବିପ୍ଳବୀ-ଗଣତନ୍ତ୍ରୀମାନେ ଉପସ୍ଥିତ ହୁଅନ୍ତି । ଠିକ୍ ଏହିକଥାହିଁ ବେଲିନ୍‌ସ୍କି କହିବାକୁ ଚାହୁଁଥିଲେ ଯେତେବେଳେ ସେ କହିଥିଲେ ପେଚୋରିନ୍‌ର ଆଧ୍ୟାତ୍ମିକ ସତ୍ତ୍ୱର କ୍ଷଣସ୍ଥାୟୀ ବୈଶିଷ୍ଟ୍ୟର କଥା, "ଯେତେବେଳେ ପୁରାତନ ଆଦର୍ଶର ହୋଇଛି ଧ୍ୱଂସ ଏବଂ ନୂତନ ଆଦର୍ଶ ଯେତେବେଳ ପର୍ଯ୍ୟନ୍ତ ଆକାର ଗ୍ରହଣ କରିନାହିଁ, ଯାହାଫଳରେ ଭବିଷ୍ୟତରେ ମଣିଷର ବାସ୍ତବ ଧରଣରେ କିଛି ଗୋଟାଏ ହୋଇ ଉଠିବାର ସମ୍ଭାବନା ଥାଏ ଏବଂ ବର୍ତ୍ତମାନ ସିଏ ଥାଏ ପୁରାପୁରି ଛାୟାପରି ।"

Digitized by srujanika@gmail.com

ପେଚୋରିନ୍ ନିଜର ବ୍ୟକ୍ତିଗତ ସ୍ୱାଧୀନତା ପାଇବାକୁ ଚାହୁଁଥିଲା ଏବଂ ସେଇଟାକୁ ସେ ପାଇବ ଭାବିଥିଲା ସେଇ ଘୃଣ୍ୟ ଅଭିଜାତ-ସମାଜ ସହିତ ସମ୍ବନ୍ଧ ଛିନ୍ନକରି, ସେହି ଲୋକମାନଙ୍କ ସହିତ ବିଚ୍ଛେଦ ଭିତରେ, ଯେଉଁମାନେ ତା'ଠାରୁ ବହୁତ ନିକୃଷ୍ଟ । ନିଜର ନିର୍ମୋକ ଭିତରେ ନିଜକୁ ସେ ବନ୍ଦୀକରି ରଖିଥିଲା ଏବଂ ତା'ର ମୃତ୍ୟୁ ହୋଇଥିଲା ବିଷାଦମୟ ନିଃସଂଗତାରେ । ବିରୂପ ପାରିପାର୍ଶ୍ୱ ସହିତ ଯୁଦ୍ଧ କରିବାକୁ ତା'ର କୌଣସି ହତିଆର୍ ନାହିଁ ।

ସେ ଧରଣର ହତିଆର୍ କିନ୍ତୁ ଥିଲା ଲେର୍‌ମଣ୍ଟଭଙ୍କର : ସେଇଟି ହେଲା ତାଙ୍କର କାବ୍ୟ । ତତ୍‌କାଳୀନ ସମାଜପଦ୍ଧତିର ପାପକୁ ପ୍ରକାଶ କରି ସେ ସାଧାରଣଙ୍କ ଚେତନାର ଅଗ୍ରଗତିକୁ କରିଥିଲେ ସାହାଯ୍ୟ ଏବଂ ଏଇଆହିଁ ହେଲା "ନାୟକ ଆମ ସମୟର୍"ର ପ୍ରଧାନ ଐତିହାସିକ ତାତ୍ପର୍ଯ୍ୟ ।

ଇ. ଆନ୍ଦ୍ରୋନିକଭ